# ଓଡ଼ିଶାର
# ଜନଜାତି ବରପୁତ୍ର



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

# ଓଡ଼ିଶାର
# ଜନଜାତି ବରପୁତ୍ର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

# ଓଡ଼ିଶାର ଜନଜାତି ବରପୁତ୍ର

| | | |
|---|---|---|
| ସଙ୍କଳକ | : | ଶ୍ରୀ ସମରେନ୍ଦ୍ର ଭୂଟିଆ |
| ପ୍ରକାଶକ | : | ଶ୍ରୀଯୁକ୍ତ ଇନ୍ଦ୍ରମଣି ତ୍ରିପାଠୀ<br>ସଦସ୍ୟ ସଚିବ,<br>ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ<br>ଆଦିବାସୀ ପ୍ରଦର୍ଶନୀ ପଡିଆ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯<br>ଫୋନ୍ -୦୬୭୪-୨୫୯୭୮୨୧<br>ଇମେଲ୍ : atlcbbsr_08@yahoo.com |
| ପ୍ରକାଶ ବର୍ଷ | : | ୨୦୨୪ |
| ଆଇ.ଏସ୍.ବି.ଏନ୍ | : | ୯୭୮-୮୧-୯୭୭୭୫୮-୨-୬ |
| ମୂଲ୍ୟ | : | |
| ମୁଦ୍ରଣ | : | କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଏଣ୍ଡ୍ କନ୍‌ସଲଟାନ୍‌ସି, ଭୁବନେଶ୍ୱର |

**Odishara Janjati Baraputra**

| | | |
|---|---|---|
| Compilation | : | Shri Samarendra Bhutia |
| Publisher | : | Shri Indramani Tripathy, IAS,<br>Member Secretary<br>Academy of Tribal Languages & Culture ,<br>Unit-1, Bhubaneswar-751009<br>Phone: 0674-22597821<br>e-mail: atlcbbsr_08@yahoo.com |
| Year | : | 2024 |
| ISBN | : | 978-81-977758-2-6 |
| Price | : | Rs. |
| Printed at | : | Capital Business Service & Consultancy, Bhubaneswar |


* ଏହି ପୁସ୍ତକର ପ୍ରଥମ ଛଅଟି ଅଧ୍ୟାୟରେ ସ୍ଥାନୀତ ଛବିଗୁଡ଼ିକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ସମରେନ୍ଦ୍ର ଭୂଟିଆଙ୍କ ରଚିତ 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଜନଜାତି' ପୁସ୍ତକରୁ ଉଦ୍ଧୃତ ହୋଇଛି ।

# ମୁଖବନ୍ଧ

ଆମ ରାଜ୍ୟ ଓଡ଼ିଶା ଏକ ଜନଜାତି ବହୁଳ ରାଜ୍ୟ। ଜନଜାତିମାନଙ୍କ ସ୍ୱତନ୍ତ୍ର ଜୀବନଧାରା ତଥା ଅନନ୍ୟ ଭାଷା, ସଂସ୍କୃତି, ବେଶଭୂଷା, ସାମାଜିକ ଚଳଣି ଏବଂ ବ୍ୟବସ୍ଥା ଆମ ରାଜ୍ୟର ସାଂସ୍କୃତିକ ବିବିଧତାକୁ ବହୁଗୁଣିତ କରେ। ତେବେ ସମୟକ୍ରମେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର, ଯୋଗାଯୋଗ ଓ ପରିବହନର ବ୍ୟାପକତା ଯୋଗୁଁ ସମସ୍ତ କ୍ଷେତ୍ରରେ ପରିବର୍ତ୍ତନର ସ୍ୱର ଶୁଭୁଛି । ଜଗତୀକରଣ ପ୍ରଭାବରେ ସମଗ୍ର ବିଶ୍ୱ ଆଜି ଗୋଟିଏ ପରିବାର ଭଳି ପ୍ରତୀୟମାନ ହେଉଛି। ଜନଜାତିବର୍ଗ ସମାଜର ମୁଖ୍ୟଧାରାରେ ସାମିଲ୍ ହୋଇ ଅନେକ ସାମାଜିକ ତଥା ସାଂସ୍କୃତିକ ରୂପାନ୍ତରଣକୁ ଗ୍ରହଣ କରି ନେଉଛନ୍ତି।

ଅତୀତରେ ଜନଜାତି ସମାଜର ସ୍ୱାଭିମାନ ରକ୍ଷା ତଥା ସେମାନଙ୍କ ଉତ୍‌ଥାନ ଓ ସମୁଦ୍ଧାର ନିମନ୍ତେ ଅନେକ ବୀର ତଥା ବିଜ୍ଞ ପୁରୁଷ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି । ସେମାନଙ୍କ ଉଦ୍ୟମ ଓ ସଂଘର୍ଷ ଇତିହାସ ପୃଷ୍ଠାରେ ସୁସ୍ପଷ୍ଟ ଲିପିବଦ୍ଧ ହୋଇନଥିଲେ ମଧ୍ୟ ସେମାନଙ୍କ ଧୈର୍ଯ୍ୟ, ସାହସ ଓ ପରାକ୍ରମ ଜନଜାତି ବର୍ଗଙ୍କ ଗୌରବ ଓ ବିକାଶକୁ ସୁନିଶ୍ଚିତ କରିବାରେ ସଫଳ ହୋଇଛି । ସେହି ମହାନ୍ ଜନଜାତି ଯୁଗପୁରୁଷମାନଙ୍କୁ ସର୍ବସାଧାରଣରେ ପରିଚିତ କରାଇବା ଉଦ୍ଦେଶ୍ୟରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ବିଭିନ୍ନ ସମୟରେ ତାଙ୍କ ଜୀବନୀ ଓ କାର୍ଯ୍ୟକଳାପର ସୂଚନା ସମ୍ବଳିତ ପୁସ୍ତିକାମାନ ପ୍ରକାଶ କରିଛନ୍ତି । ପୁସ୍ତିକାଗୁଡ଼ିକ ଛାତ୍ର ତଥା ଗବେଷକ ମହଲରେ ବିଶେଷ ଆଦୃତ ମଧ୍ୟ ହୋଇଥିଲା। ସେହି ପୁସ୍ତିକାଗୁଡିକ ମଧ୍ୟରୁ କେତେକ ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧ ହେଉ ନଥିବାରୁ ଏହାର ପୁନଃ ସଂସ୍କରଣର ଆବଶ୍ୟକତା ଅନୁଭବ କରାଗଲା।

ଏଣୁ ସେହି ମହାନ୍ ଜନଜାତି ସନ୍ତାନମାନଙ୍କ ପ୍ରକାଶିତ ଜୀବନୀଗୁଡ଼ିକୁ ଏକତ୍ର କରି ସଂକଳନ ଆକାରରେ ପ୍ରକାଶ କରାଯାଉଛି। ସଂକଳନରେ ମାତୃଭୂମିର ସ୍ୱତନ୍ତ୍ରତା ତଥା ଜନଜାତି ସମାଜର ସ୍ୱାଧୀନତା ନିମନ୍ତେ ଅତୁଳନୀୟ ସାହସ ପ୍ରଦର୍ଶନ କରି ଆତ୍ମବଳି ଦେଇଥିବା ମହାନ୍ ଶହୀଦ୍ ରନ୍ନା ନାୟକ, ବିପ୍ଳବୀ ତାମାଦୋରା, ବିପ୍ଳବୀ ମାଦ୍‌ରୀ କାଲୋ, ସର୍ଦ୍ଦାର ରିନ୍ଦୋ ମାଝି, ବିପ୍ଳବୀ ଧରଣୀଧର ଭୂୟାଁ, ବିପ୍ଳବୀ ନିର୍ମଳ ମୁଣ୍ଡା ତଥା ଅଲିଚିକି ଲିପିର ସ୍ରଷ୍ଟା, ସମାଜ ସଂସ୍କାରକ ପଣ୍ଡିତ ରଘୁନାଥ ମୁର୍ମୁ ଓ ସୋରାଙ୍ଗ ସୋମ୍‌ପେଙ୍ଗ ଲିପିର ଉଦ୍‌ଭାବକ ଗୁରୁ ମଙ୍ଗେଇ ଗମାଙ୍ଗଙ୍କ ଜୀବନୀ ସନ୍ନିବେଶିତ ହୋଇଛି । ସେମାନଙ୍କ ଜୀବନଯାତ୍ରା ମଧ୍ୟରେ ତତ୍କାଳୀନ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାର ଚିତ୍ର ଏବଂ ପ୍ରତିକୂଳ ପରିସ୍ଥିତିରେ ଅସ୍ତିତ୍ୱ ପାଇଁ ସାଧାରଣ ଜନତାଙ୍କ ସଂଘର୍ଷର କାହାଣୀ ବେଶ୍ ସୁସ୍ପଷ୍ଟ । ଲେଖାଗୁଡ଼ିକ ସରଳ ଓ ବୋଧଗମ୍ୟ ଭାଷାରେ ରଚିତ ହୋଇଛି। ଏହା ଛାତ୍ରୀଛାତ୍ର, ଜନସାଧାରଣ, ଗବେଷକ ତଥା ଗୁଣଗ୍ରାହୀ ପାଠକ ମହଲରେ ଆଦୃତ ହେବ ବୋଲି ଆଶା ଓ ବିଶ୍ୱାସ ।

**ଇନ୍ଦ୍ରମଣି ତ୍ରିପାଠୀ**
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

# ସୂଚୀପତ୍ର


| କ୍ରମାଙ୍କ | ଶୀର୍ଷକ | ଲେଖକ | ପୃଷ୍ଠା |
|---|---|---|---|
| ୧. | **ସହିଦ ରତ୍ନା ନାୟକ** | ପରମାନନ୍ଦ ପଟେଲ | **୦୧** |
| ୨. | **ବିପ୍ଲବୀ ତାମାଦୋରା** | ବିଜୟ ଉପାଧ୍ୟାୟ | **୧୯** |
| ୩. | **ବିପ୍ଲବୀ ମାଦ୍ରୀ କାଲୋ** | ଗଜାଧର ମାଝୀ | **୪୩** |
| ୪. | **ସର୍ଦ୍ଦାର ରେଣ୍ଡୋ ମାଝୀ** | ଅନନ୍ତ ଚରଣ ସାହୁ | **୬୧** |
| ୫. | **ବିପ୍ଲବୀ ଧରଣୀଧର** | ଜଗନ୍ନାଥ ପଟ୍ଟନାୟକ | **୭୯** |
| ୬. | **ବିପ୍ଲବୀ ନିର୍ମଳ ମୁଣ୍ଡା** | ନିହାର ରଞ୍ଜନ ପଟ୍ଟନାୟକ | **୯୧** |
| ୭. | **ପଣ୍ଡିତ ରଘୁନାଥ ମୁର୍ମୁ** | ଦମୟନ୍ତୀ ବେଶ୍ରା | **୧୨୭** |
| ୮. | **ଗୁରୁ ମଙ୍ଗେଇ ଗମାଙ୍ଗ** | ଅଶୋକ କୁମାର ଦାସବାବୁ | **୧୩୯** |
| ୯. | **ପରିଶିଷ୍ଟ** | | **୧୫୪** |
| | (କ) ଭାରତର ପ୍ରମୁଖ ଜନଜାତି ବିଦ୍ରୋହ (୧୭୭୮-୧୯୪୭) | | |
| | (ଖ) ଲେଖକ ପରିଚୟ | | |

# ସହିଦ ରତ୍ନା ନାୟକ



ଲେଖକ
ପରମାନନ୍ଦ ପଟେଲ



**ସେ କାଳର କେନ୍ଦୁଝର ରାଜ୍ୟ :**

ଆଲୋଚ୍ୟ କାଳ, ଓଡିଶାରେ ଇଂରେଜ ଶାସନର କାଳ । ସେ ସମୟରେ କେନ୍ଦୁଝର ରାଜ୍ୟର ଉତ୍ତରରେ ସିଂହଭୂମ ଜିଲ୍ଲା, ପୂର୍ବରେ ମୟୂରଭଞ୍ଜ ରାଜ୍ୟ ଓ ବାଲେଶ୍ୱର ଜିଲ୍ଲା, ଦକ୍ଷିଣରେ କଟକ ଜିଲ୍ଲା ଓ ଢେଙ୍କାନାଳ ରାଜ୍ୟ ଏବଂ ପଶ୍ଚିମରେ ଢେଙ୍କାନାଳ, ପାଲ୍‌ଲହଡା ଓ ବଣେଇ ରାଜ୍ୟ । ଏହାର ଆୟତନ ଥିଲା ୩୦୬୯ ବର୍ଗମାଇଲ । ଗଡଜାତ ରାଜ୍ୟଗୁଡିକ ମଧ୍ୟରେ ଏହାର ସ୍ଥାନ ଥିଲା ତୃତୀୟ । କେନ୍ଦୁଝର, ରାଜ୍ୟଟିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । ପ୍ରଥମଟି ଥିଲା ଉପର କେନ୍ଦୁଝର୍‌,  ଯାହା ପାହାଡ ପର୍ବତ ଅଞ୍ଚଳକୁ ନେଇ ଗଠିତ । ଏହି ଅଞ୍ଚଳରେ ରହିଛି ରାଜ୍ୟର ସର୍ବୋଚ୍ଚ ପର୍ବତ ଗନ୍ଧମାର୍ଦ୍ଦନ ଯାହାକି କେନ୍ଦୁଝର ଗଡଠାରୁ ୬ ମାଇଲ ଦୂରରେ ଅବସ୍ଥିତ । ଏହାର ଉଚ୍ଚତା ହେଉଛି ୩୪୬୭ ଫୁଟ । ଦ୍ୱିତୀୟ ଅଞ୍ଚଳକୁ ଆଠଗଡ ବୋଲି କୁହାଯାଉଥିଲା, ଏହା ବର୍ତ୍ତମାନର ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଭୁକ୍ତ ।

ଜନଶ୍ରୁତି କହେ, ଏହି ଗଡଜାତର ରାଜା ଜଟି ସିଂହ ଏକ କେନ୍ଦୁବୃକ୍ଷ ପାର୍ଶ୍ୱରେ ବହିଯାଉଥିବା ଝର ବା ଝରଣା  ତଟରେ  ନିଜର ରାଜଧାନୀ  ଓ ଦୁର୍ଗ  ପ୍ରତିଷ୍ଠା କରିଥିବାରୁ ଅଞ୍ଚଳଟି କେନ୍ଦୁଝର ନାମରେ ନାମିତ ହେଲା ।

**ସଂକ୍ଷିପ୍ତ ଇତିହାସ :**

କେନ୍ଦୁଝରର ଧାରାବାହିକ  ଇତିହାସ ଏବେ ମଧ୍ୟ ରହସ୍ୟାବୃତ୍ତ । ତଥାପି ଏଠାରେ ପ୍ରଚଳିତ କିମ୍ବଦନ୍ତୀ ଓ କେତେକ ଐତିହାସିକ ତଥ୍ୟକୁ ଆଧାର କରି କେନ୍ଦୁଝର ରାଜ୍ୟର ସୃଷ୍ଟିଠାରୁ ୧୮୬୭ ମସିହାରେ ସଂଘଟିତ ହୋଇଥିବା ଭୂୟାଁ ଅସନ୍ତୋଷ ପର୍ଯ୍ୟନ୍ତ ରାଜନୈତିକ ଇତିହାସ ଉପରେ ଯଥାସମ୍ଭବ ଆଲୋକପାତ କରାଯାଇପାରେ ।

ଅଷ୍ଟମ ଶତାବ୍ଦୀରେ ଭୌମକରମାନଙ୍କ ରାଜତ୍ୱ କାଳରେ ଓଡିଶାରେ ଗଡଜାତ ରାଜ୍ୟର ସୃଷ୍ଟି ହୋଇଥିଲା । ତନ୍ମଧ୍ୟରୁ କେନ୍ଦୁଝର ଅନ୍ୟତମ ଥିଲା । ମାତ୍ର ସେତେବେଳେ ଏହା ଏକ ସ୍ୱତନ୍ତ୍ର ରାଜ୍ୟ ନଥିଲା । ସପ୍ତଦଶ ଶତାବ୍ଦୀରେ ଏହା ସ୍ୱତନ୍ତ୍ର ରାଜ୍ୟର ରୂପ ନେଇଥିଲା । ରାଜ୍ୟଗଠନର  ପୃଷ୍ଠଭୂମିରେ ଘଟଣାଟି ନିମ୍ନ ପ୍ରକାରର ଥିଲା ।

୧୦୯୮ ମସିହାର କଥା । ସେହି ବର୍ଷ ରାଜପୁତାନା ଅନ୍ତର୍ଗତ ଜୟପୁର ରାଜ୍ୟର ସୂର୍ଯ୍ୟବଂଶୀୟ ରାଜା ମାନସିଂହଙ୍କର ଜୟସିଂହ ନାମକ ଜନୈକ ପୁତ୍ର ପୁରୀକୁ ତୀର୍ଥଯାତ୍ରା କରିବାକୁ ଆସିଥିଲେ । ତାଙ୍କର ରହଣି କାଳରେ ସେ ପୁରୀ ରାଜାଙ୍କର କନ୍ୟାଙ୍କୁ ବିବାହ କରି ହରିହରପୁର ନାମକ  ଏକ ବିଶାଳ ଭୂଖଣ୍ଡ ଯୌତୁକ ସୂତ୍ରରେ ପାଇଥିଲେ । ପରବର୍ତ୍ତୀ ସମୟରେ ଉପର କେନ୍ଦୁଝର ଓ ମୟୂରଭଞ୍ଜ ଉକ୍ତ ଭୂଖଣ୍ଡର ଅନ୍ତର୍ଭୁକ୍ତ ହୋଇଥିଲା । ଜୟସିଂହଙ୍କର ଦୁଇଟି ପୁତ୍ର ଥିଲେ । ଜ୍ୟେଷ୍ଠପୁତ୍ରଙ୍କର ନାମ ଥିଲା ଆଦି ସିଂହ ଓ କନିଷ୍ଠ ପୁତ୍ରଙ୍କର ନାମ ଥିଲା ଜଟି ସିଂହ । ଆଦି ସିଂହ ଯୌବନାବସ୍ଥାରେ ପଦାର୍ପଣ କରିବା ପରେ ଦିନେ

ନିଜ ବାହୁବଳରେ ମୟୂରଧ୍ୱଜ ନାମକ ଜଣେ ଦୁର୍ଦ୍ଧର୍ଷ ଓ ଅତ୍ୟାଚାରୀ ରାଜାଙ୍କୁ ଦମନ କରି ପୁରୀ ରାଜାଙ୍କ ଠାରୁ ଭଞ୍ଜ (ଭଞ୍ଜନ ବା ଭାଙ୍ଗିବା) ଉପାଧି ଲାଭ କରିଥିଲେ । ପରବର୍ତ୍ତୀ କାଳରେ ଏହି ଉପାଧି କେନ୍ଦୁଝର ଓ ମୟୂରଭଞ୍ଜ୍ ରାଜାଙ୍କର ଉପାଧିରେ ପରିଣତ ହୋଇଥିଲା ।

ସମୟ କ୍ରମେ ଆଦି ସିଂହ ଓ ଜଟି ସିଂହଙ୍କର ପିତା ଜୟ ସିଂହ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହେଲେ। ମୃତ୍ୟୁ ପୂର୍ବରୁ ସେ ପୁରୀ ରାଜାଙ୍କ ଠାରୁ ପାଇଥିବା ଭୂଖଣ୍ଡଟିକୁ ନିଜର ଉଭୟ ପୁତ୍ରଙ୍କ ମଧ୍ୟରେ ଭାଗକରି ବାଣ୍ଟି ଦେଲେ । ଜ୍ୟେଷ୍ଠପୁତ୍ର ଆଦି ସିଂହ ପାଇଥିଲେ ମୟୂରଭଞ୍ଜ ଓ ଜଟି ସିଂହ ପାଇଥିଲେ କେନ୍ଦୁଝର ଅଞ୍ଚଳ। ଉଭୟ ନିଜ ନିଜ ଅଞ୍ଚଳରେ ପ୍ରଥମ କରି ଦୁର୍ଗ ମଧ୍ୟ ନିର୍ମାଣ କଲେ। ଆଦି ସିଂହ ମୟୂରଭଞ୍ଜ ଅନ୍ତର୍ଗତ ହରିହରପୁରଠାରେ ଓ ଜଟି ସିଂହ କେନ୍ଦୁଝରଠାରେ ନିଜର ଦୁର୍ଗ ନିର୍ମାଣ କରିଥିଲେ। ଏହା ଥିଲା ସମ୍ଭବତଃ ୧୧୨୮ ମସିହାର ଘଟଣା। ଏହି ଦୃଷ୍ଟିକୋଣରୁ କେନ୍ଦୁଝର ରାଜ୍ୟର ସୃଷ୍ଟି ସେହି ସମୟରୁ ବୋଲି କୁହାଯାଇପାରେ ଓ ଏହାର ସ୍ରଷ୍ଟା ହେଉଛନ୍ତି ଉପରୋକ୍ତ ରାଜା ଜଟି ସିଂହ। ମାତ୍ର ସେତେବେଳେ ମୟୂରଭଞ୍ଜର ପ୍ରଥମ ରାଜା ଆଦି ସିଂହଙ୍କ ଅଧୀନସ୍ଥ ମୟୂରଭଞ୍ଜ ରାଜ୍ୟର ଏକ ଅଂଶବିଶେଷ ଥିଲା କେନ୍ଦୁଝର।

ଦିନ ଗଡି ଚାଲିଥିଲା । ସେତେବେଳେ ରାସ୍ତାଘାଟ ନଥିଲା କି, ଯାନବାହନର କୌଣସି ବ୍ୟବସ୍ଥା ମଧ୍ୟ ନଥିଲା । କେନ୍ଦୁଝର ଦୁର୍ଗମ ପାହାଡ, ପର୍ବତ ଏବଂ ଦିଗନ୍ତ ବିସ୍ତାରୀ ଅରଣ୍ୟାନୀରେ ପରିପୂର୍ଣ୍ଣ ଥିଲା। କେନ୍ଦୁଝର ରାଜ୍ୟର ଅଧିବାସୀମାନେ ମୟୂରଭଞ୍ଜକୁ ଯାଇ ରାଜାଙ୍କ ନିକଟରେ ନିଜ ନିଜର ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହା ଥିଲା ୧୬୦୦ ଖ୍ରୀଷ୍ଟାବ୍ଦର କଥା । ସେହି ବର୍ଷ ବହୁସଂଖ୍ୟକ ଆଦିବାସୀ ବିଶେଷତଃ ଭୂୟାଁମାନେ କେନ୍ଦୁଝରକୁ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ସ୍ୱୀକୃତି ଦେବା ପାଇଁ ମୟୂରଭଞ୍ଜ ରାଜାଙ୍କ ନିକଟରେ ଆପତ୍ତି ଜଣାଇଲେ। ରାଜା ସେଥିରେ ସମ୍ମତି ପ୍ରଦାନ କରି ନିଜର ସାନ ଭାଇକୁ କେନ୍ଦୁଝରର ରାଜା ହେବା ପାଇଁ ପଠାଇଲେ। ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ଭୂୟାଁମାନେ ମୟୂରଭଞ୍ଜ ରାଜପରିବାରର ଜଣେ ଛୋଟ ପିଲାକୁ ଚୋରାଇ ଆଣି କେନ୍ଦୁଝର ରାଜଗାଦିରେ ବସାଇଥିଲେ ଏବଂ ସେବେଠାରୁ କେନ୍ଦୁଝର ଶାସନ ଆଉ ମୟୂରଭଞ୍ଜ ଅଧୀନରେ ରହିଲା ନାହିଁ।

ଖ୍ରୀ ୧୬୦୦ ଠାରୁ ୧୮୦୩ ମସିହାରେ ଇଂରେଜମାନେ ଓଡିଶା ଅଧିକାର କରିବା ପର୍ଯ୍ୟନ୍ତ କେନ୍ଦୁଝର ରାଜଗାଦିରେ ବହୁ ରାଜା ଅଭିଷିକ୍ତ ହୋଇ ଶାସନ କାର୍ଯ୍ୟ ଚଳାଇଥିଲେ। ବଂଶାନୁକ୍ରମିକ ଶାସନରେ ସବୁ ସମୟରେ ଯୋଗ୍ୟ ବ୍ୟକ୍ତି ସିଂହାସନ ଆରୋହଣ କରିନଥାଆନ୍ତି। ଏମିତି ଅନେକ ଦୃଷ୍ଟାନ୍ତରେ ଇତିହାସର ପୃଷ୍ଠା ମୁଖରିତ। କେନ୍ଦୁଝର ରାଜ୍ୟର ଭାଗ୍ୟରେ ମଧ୍ୟ ଏହାର ବ୍ୟତିକ୍ରମ ଘଟିନାହିଁ। ସେହି ସମୟରେ ଶାସନ କରିଥିବା ରାଜାଙ୍କ ମଧ୍ୟରୁ ଗୋବିନ୍ଦ ଭଞ୍ଜ ଥିଲେ ଅନ୍ୟତମ। ସେ ଜଣେ ଉତ୍ତମ ଯୋଦ୍ଧା ଭାବେ ପରିଚିତ ଥିଲେ। ପିତାଙ୍କ ସହିତ କଳି କରି ସେ କେନ୍ଦୁଝର ଛାଡି ପୁରୀ ରାଜାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ସେହି ସମୟରେ ତାଙ୍କର ବୀରତ୍ୱ ଓ କର୍ମନିଷ୍ଠାରେ ପ୍ରୀତ ହୋଇ ରାଜା ତାଙ୍କୁ ଆଠଗଡ ବା

ଆନନ୍ଦପୁର ରାଜ୍ୟର ରାଜା ଘୋଷଣା କରିଥିଲେ । ପରେ ପରେ କେନ୍ଦୁଝର ରାଜଗାଦିରେ ଅଭିଷିକ୍ତ ହୋଇଥିବା ରାଜାମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ଭଞ୍ଜ, ନରସିଂହ ନାରାୟଣ ଭଞ୍ଜ, ପ୍ରତାପ ବଳଭଦ୍ର ଭଞ୍ଜ ଓ ଜନାର୍ଦ୍ଦନ ଭଞ୍ଜଙ୍କ ଭଳି ବହୁ ନିଷ୍ଠାପର ରାଜାଙ୍କର  ଶାସନ କଥା ଜନଶ୍ରୁତିରେ ପ୍ରଚଳିତ ।

ଅଧୁନା କେନ୍ଦୁଝର ସହରରେ ଅକ୍ଷୁର୍ଣ୍ଣ ଅବସ୍ଥାରେ ବିରାଜମାନ ଥିବା ବଳଭଦ୍ରଙ୍କର ମନ୍ଦିରକୁ ରାଜା ଲକ୍ଷ୍ମୀନାରାୟଣ ଭଞ୍ଜ (୧୬୫୪-୧୬୮୮) ନିର୍ମାଣ କରାଇଥିଲେ । ସେହିପରି ରାଜା ନୃସିଂହ ନାରାୟଣ ଭଞ୍ଜ  (୧୭୨୭-୧୭୩୬) ତାଙ୍କ ରାଜତ୍ୱ କାଳରେ ବିଦ୍ରୋହୀ ପ୍ରଜାମାନଙ୍କୁ ଦମନ କରି ନିଜ ରାଜ୍ୟରେ ଶାସନଗତ  ଶୃଙ୍ଖଳା ପ୍ରତିଷ୍ଠା  କରିବା ପୂର୍ବକ ସଂସ୍କାର ଆଣିଥିଲେ । ରାଜା ପ୍ରତାପ ବଳଭଦ୍ର ନାରାୟଣ ଭଞ୍ଜ (୧୭୬୪-୧୭୯୪) ତତ୍କାଳୀନ ମୋଗଲ ଶାସକଙ୍କ ନିକଟରୁ କିଛି ତାଲୁକ ଆଣି  କେନ୍ଦୁଝର ରାଜ୍ୟର ସୀମା ବୃଦ୍ଧି  କରାଇଥିଲେ ।  ଉକ୍ତ  ତାଲୁକ ହେଉଛି ରାଜପୁର ଓ ଯୁଝପଡା । ୧୭୯୪ ଖ୍ରୀଷ୍ଟାବ୍ଦରେ ପ୍ରତାପ ବଳଭଦ୍ର ନାରାୟଣ ଭଞ୍ଜଙ୍କର ମୃତ୍ୟୁ ହେଲା। ତାଙ୍କ ପରେ ଯଦୁନାଥ ଭଞ୍ଜ (୧୭୯୪-୧୮୩୧) କେନ୍ଦୁଝରର ରାଜା ହେଲେ। ସେ  ପାଲଲହଡାର ରାଜକନ୍ୟା  କୃଷ୍ଣପ୍ରିୟାଙ୍କୁ  ବିବାହ କରି ଉକ୍ତ ରାଜ୍ୟର କିଛିକାଂଶ ଯୌତୁକ ରୂପେ ପ୍ରାପ୍ତ  କରିଥିଲେ ।

ରାଜା  ଯଦୁନାଥ ଭଞ୍ଜଙ୍କ ରାଜତ୍ୱ କାଳରେ ଇଂରେଜମାନେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଅଧିକାର କରିଥିଲେ । ଓଡିଶା ଅଧିକାର କରିବା ପରେ ଇଂରେଜମାନେ ଓଡିଶାର ଗଡଜାତ ରାଜାମାନଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତିପତ୍ର ଅନୁଯାୟୀ, ଗଡଜାତ ରାଜାମାନଙ୍କୁ  ଏକ ପ୍ରକାର ସ୍ୱାଧୀନତା ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ରାଜ୍ୟର ନିରାପତ୍ତା ରକ୍ଷା କରିବା ପାଇଁ  ଇଂରେଜମାନେ  ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ପ୍ରଥମ କିସ୍ତିରେ ୧୮୦୩ ମସିହା ନଭେମ୍ବର ମାସ ୨୩ ତାରିଖ ଦିନ ୧୭ଟି ରାଜ୍ୟ ସହିତ ଏକ ଚୁକ୍ତିପତ୍ର  ସ୍ୱାକ୍ଷରିତ ହୋଇଥିଲା । ମାତ୍ର ସେଥିରେ କେନ୍ଦୁଝର ରାଜ୍ୟ ଅନ୍ତର୍ଭୁକ୍ତ  ହୋଇନଥିଲା। ୧୮୦୪ ମସିହା ଡିସେମ୍ବର ୧୬ ତାରିଖ ଦିନ କେନ୍ଦୁଝର ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏପରି ବିଳମ୍ବ ହେବାର କାରଣ ମୂଳରେ ଥିଲେ ପରାକ୍ରମୀ ରାଜା ଯଦୁନାଥ ଭଞ୍ଜ । ସେ ଥିଲେ ସ୍ୱାଭିମାନର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ।

ଚୁକ୍ତିପତ୍ର ସ୍ୱାକ୍ଷର କରିବା ପାଇଁ ସେ କେବଳ ଅନୁପସ୍ଥିତ ରହିଥିଲେ, ତା' ନୁହେଁ, ସେହି ନଭେମ୍ବର ମାସରେ ସେ ଇଂରେଜ କମିଶନରଙ୍କୁ ଏକ ଦରଖାସ୍ତ ଦେଇ ଜଣାଇଥିଲେ ଯେ, ତାଙ୍କ ରାଜ୍ୟ ଅନ୍ୟ ରାଜ୍ୟଗୁଡିକଠାରୁ ଭିନ୍ନ ଅଟେ । ତାଙ୍କର କେତୋଟି ଜମିଦାରୀ ଇଂରେଜ ଶାସନାଧୀନ ମୋଗଲବନ୍ଦୀ ଅଞ୍ଚଳରେ ରହିଅଛି । ତେଣୁ ସେ ଜଣେ ସ୍ୱତନ୍ତ୍ର ଶ୍ରେଣୀର ରାଜା । ଅନ୍ୟମାନଙ୍କ ପ୍ରତି ପ୍ରୟୋଗ  କରାଯାଇଥିବା ସର୍ତ୍ତ ଗୁଡିକ ତାଙ୍କ ପ୍ରତି ପ୍ରୟୋଗ କରିବା ସମୀଚୀନ ହେବନାହିଁ । କମିଶନର ତାଙ୍କ ଦରଖାସ୍ତକୁ ସହାନୁଭୂତି ସହିତ ବିଚାର କରି କେତେକ ରିହାତି ମଞ୍ଜୁର  କରିଥିଲେ । ଏହି ମଞ୍ଜୁରୀ ପତ୍ରକୁ  ଇଂରେଜମାନେ ରାଜାଙ୍କର ଓକିଲ ପ୍ରସାଦ ଦାସଙ୍କ ଦ୍ୱାରା ଯଦୁନାଥ ଭଞ୍ଜଙ୍କୁ ଜଣାଇବା ପରେ ୧୮୦୪ ମସିହା ଡିସେମ୍ବର

୧୬ ତାରିଖ ଦିନ ଉଭୟ କମିଶନର ଓ ରାଜାଙ୍କ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ସେଥିରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ କେନ୍ଦୁଝର ରାଜା ଇଂରେଜମାନଙ୍କୁ ଅଳ୍ପ କର ଦେବାର ବ୍ୟବସ୍ଥା ରହିଥିଲା । ପୁନଶ୍ଚ, ଇଂରେଜ କର୍ମଚାରୀ ବା ସୈନ୍ୟମାନେ ଅନ୍ୟ ରାଜ୍ୟକୁ ଗସ୍ତରେ ଗଲେ ତାଙ୍କର ଖାଦ୍ୟପେୟ ବା ରସଦ ବନ୍ଦୋବସ୍ତ କରିବାର ଦାୟିତ୍ୱ ଯେ ସଂପୃକ୍ତ ରାଜ୍ୟର, ଏପରି ସର୍ତ୍ତ ରହିଥିଲେ ମଧ୍ୟ କେନ୍ଦୁଝର ରାଜ୍ୟ ତା'ର ବ୍ୟତିକ୍ରମ ଥିଲା । କେବଳ ସେତିକି ନୁହେଁ, କେନ୍ଦୁଝର ରାଜା ମୋଗଲ ବନ୍ଦୀ ଅଞ୍ଚଳରେ ଥିବା ଜମିଦାରୀଗୁଡିକ ଉପରେ ପୂର୍ବପରି କର୍ତ୍ତୃତ୍ୱ ଜାରି କରିପାରିବେ ବୋଲି ଚୁକ୍ତିପତ୍ରରେ ଉଲ୍ଲେଖଥିଲା ।

ରାଜା ଯଦୁନାଥ ଭଞ୍ଜଙ୍କ ମୃତ୍ୟୁପରେ ବିଶେଶ୍ୱର ଭଞ୍ଜ (୧୮୩୧-୧୮୩୮) ଓ ତାଙ୍କ ପରେ ଗଦାଧର ନାରାୟଣ ଭଞ୍ଜ (୧୮୩୮-୧୮୬୧) କେନ୍ଦୁଝର ରାଜ୍ୟର ସିଂହାସନ ଆରୋହଣ କରିଥିଲେ । ରାଜା ଗଦାଧର ନାରାୟଣ ଭଞ୍ଜ ଭୀରୁ ଓ ଅପାରଗ ଥିଲେ । ମାତ୍ର ସ୍ୱାର୍ଥ ସାଧନ ଦିଗରେ ସେ ସିଦ୍ଧହସ୍ତ ଥିଲେ । ରାଜା ଗଦାଧର ନାରାୟଣ ଭଞ୍ଜ ୧୮୫୭ ମସିହାରେ ମହାନ୍ ଭାରତୀୟ ବିପ୍ଳବ 'ସିପାହୀ ବିଦ୍ରୋହ' ସମୟରେ ଇଂରେଜମାନଙ୍କୁ ସହାୟତା କରିଥିଲେ । ଏହି ସମୟରେ ଇଂରେଜ ପ୍ରଶାସନ କେନ୍ଦୁଝର ରାଜ୍ୟରେ ଇଂରେଜ ବିରୋଧୀ କାର୍ଯ୍ୟକଳାପ ଘଟିବାର ଆଶଙ୍କା ପ୍ରକାଶ କରିଥିଲେ । ଏହଭଳି ପରିସ୍ଥିତିରେ ରାଜା ଗଦାଧର ନାରାୟଣ ଭଞ୍ଜଙ୍କର ସହାୟତା ନେବା ପାଇଁ କମିଶନର କକବର୍ଣ୍ଣ ପ୍ରଲୋଭନର ଆଶ୍ରୟ ନେଇଥିଲେ । କମିଶନର କକବର୍ଣ୍ଣ କେତେଜଣ ସର୍ଦ୍ଦାରଙ୍କ ଅଧୀନରେ ୫୦୦ ଜଣ ସୁଦକ୍ଷ ପାଇକସେନାଙ୍କୁ ଚାଇଁବସା ପଠାଇଥିଲେ ସେଠାରେ ଅବସ୍ଥାପିତ ଇଂରେଜ ଲେପ୍ଟନାଣ୍ଟ ବିରତ୍‌ଙ୍କୁ ସାହାଯ୍ୟ କରିବା ପାଇଁ । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରସ୍ତୁତ ହେଉଥିବା କୋହ୍ଲମାନଙ୍କର ଗତିବିଧି ବିଷୟରେ ସମସ୍ତ ଗୋପନୀୟ ତଥ୍ୟ କେନ୍ଦୁଝର ରାଜା କମିଶନର କକବର୍ଣ୍ଣଙ୍କ ନିକଟରେ ପ୍ରକାଶ କରିଥିଲେ । ପୁନଶ୍ଚ, ରାଜା ନିଜର ଆନୁଗତ୍ୟର ସଙ୍କେତ ସ୍ୱରୂପ ଇଂରେଜମାନଙ୍କୁ ଏକ ହସ୍ତୀ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ । ୧୮୫୮ ମସିହାରେ ବିଦ୍ରୋହ ପ୍ରଶମିତ ହେଲା । ଇଂରେଜମାନେ ନିଜର ବିଜୟ ଧ୍ୱଜ ଉଡାଇଲେ । ତା'ପରେ ଇଂରେଜମାନେ ଅନୁଗତ ରାଜା ଗଦାଧର ନାରାୟଣ ଭଞ୍ଜଙ୍କୁ ମହାରାଜା ଉପାଧିରେ ଭୂଷିତ କରାଇବା ସଙ୍ଗେ ସଙ୍ଗେ ୧୦୦୦ ଟଙ୍କା କର ଛାଡ କରିଦେଇଥିଲେ । ଏଥି ସହିତ ତାଙ୍କର ବେବର୍ତ୍ତା ଚନ୍ଦ୍ରଶେଖର ଧଳ ମହାପାତ୍ରଙ୍କୁ ରାୟ ବାହାଦୂର ଉପାଧି ପ୍ରଦାନ କରିବା ସଙ୍ଗେସଙ୍ଗେ ଯାବଜ୍ଜୀବ ବାର୍ଷିକ ୨୦୦ ଟଙ୍କା ଲେଖାଏଁ ଭତ୍ତା ମଧ୍ୟ ମଞ୍ଜୁର କରିଥିଲେ । ଉଭୟ ରାଜା ଓ ବେବର୍ତ୍ତା ଏତିକିରେ ନିଜକୁ ଧନ୍ୟ ମନେ କରିଥିଲେ ।

## ଅଧିବାସୀ

ସେ ସମୟରେ ଭୂୟାଁ, ଜୁଆଙ୍ଗ, ମୁଣ୍ଡା, ହୋ, କୋହ୍ଲ, ବାଥୁଡି, ସାନ୍ତାଳ, ଗଣ୍ଡ ଇତ୍ୟାଦି ବହୁ ଜନଜାତିର ଲୋକ ସେଠାରେ ବାସ କରୁଥିଲେ । ମାତ୍ର ସବୁ ଦୃଷ୍ଟିରୁ ବିଚାର କଲେ ଭୂୟାଁମାନେ ହିଁ ସମାଜରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଏହି ଭୂୟାଁ ଶବ୍ଦଟିର ମୂଳ 'ଭୂମି' ବା 'ଭୂଇଁ' ରୁ ଜାତ । ତେଣୁ ସେମାନେ ଭୂମିର ସନ୍ତାନ ବୋଲି ଦାବି କରିଥାଆନ୍ତି । ଭୂୟାଁମାନଙ୍କ ମଧ୍ୟରୁ ଅନ୍ୟ ଗୋଟିଏ ଗୋଷ୍ଠୀଙ୍କ

କହିବା ଅନୁଯାୟୀ, ସେମାନଙ୍କର ପୂର୍ବପୁରୁଷ ଅଲୌକିକ ଭାବେ ଭୂମାତା ଦେହରୁ ବାହାରିଥିଲେ, ତେଣୁ ସେମାନେ ଭୂୟାଁ ବୋଲି କଥିତ ହୋଇଥାଆନ୍ତି । ତେବେ ଭୂୟାଁମାନଙ୍କୁ ସେମାନଙ୍କର ବୃତ୍ତି ଓ ପରିଚିତି ବିଚାରରେ ୧୪ଟି ବିଭାଗରେ ବିଭକ୍ତ କରାଯାଇଥାଏ । ଏମାନେ ମୟୂରଭଞ୍ଜ, ବଣାଇ, ବାମଣ୍ଡା, ପାଲଲହଡା, ଢେଙ୍କାନାଳ ଏବଂ ସିଂହଭୂମର ଏକ ବିସ୍ତୀର୍ଣ୍ଣ ଇଲାକାରେ ବସବାସ କରୁଅଛନ୍ତି ।

ନିଜର କାର୍ଯ୍ୟ ଓ ଦାୟିତ୍ୱ ଅନୁସାରେ ଭୂୟାଁମାନଙ୍କୁ ଦୁଇଟି ପ୍ରମୁଖ ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ସମତଳ ଭୂୟାଁ ଓ ପାହାଡି ଭୂୟାଁ । ସମତଳ ଭୂୟାଁମାନେ ରାଜାଙ୍କର ପାଇକ ସୈନ୍ୟ ଭାବେ କାର୍ଯ୍ୟ କରୁଥିବା ବେଳେ, ପାହାଡି ଭୂୟାଁମାନେ ରାଜାଙ୍କର ଅନୁଚର ହୋଇ ତାଙ୍କ ସହିତ ବିଭିନ୍ନ ଅଞ୍ଚଳକୁ ଯାଉଥିଲେ ।

ଏପରିକି ଭୂୟାଁମାନେ ରାଜାଙ୍କର ଅଭିଷେକ ଉତ୍ସବରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାର ଜଣାଯାଏ । କେନ୍ଦୁଝର ବ୍ୟତୀତ ପାଲ୍‌ଲହଡା ଓ ବଣାଇ ରାଜ୍ୟରେ ମଧ୍ୟ ରାଜାମାନଙ୍କ ଅଭିଷେକ ଉତ୍ସବ ପାଳିତ ହେବା ପରେ ପାହାଡି ଭୂୟାଁମାନେ ଗୋଟିଏ ଦିନ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜାଙ୍କୁ ଅଭିଷିକ୍ତ କରାଇଥାଆନ୍ତି । ତାହା ପାଳନ ନହେଲେ ରାଜାଙ୍କର ଅଭିଷେକ ପୂର୍ଣ୍ଣାଙ୍ଗ ହୋଇନଥାଏ । କର୍ଣ୍ଣେଲ ଡାଲଟନ କେନ୍ଦୁଝରର ଜନୈକ ରାଜାଙ୍କର ଭୂୟାଁମାନଙ୍କ ଦ୍ୱାରା ଅଭିଷେକ ଉତ୍ସବର ଏକ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ତାଙ୍କର Descriptive Ethnology of Bengal ନାମକ ପୁସ୍ତକରେ ଉଲ୍ଲେଖ କରିଅଛନ୍ତି । ତାହାର ମର୍ମ ନିମ୍ନରେ ଉଦ୍ଧୃତ କରାଗଲା ।

"ରାଜାଙ୍କର ଅଭିଷେକ ପାଇଁ ଗୋଟିଏ ଦିନ ସ୍ଥିର ହୋଇଥିଲା । ସେଦିନ ପାହାଡି ଭୂୟାଁମାନେ ତାଙ୍କର ନେତା ବା ମହାନାୟକଙ୍କ ସହିତ ନିଜର ବାଦ୍ୟଯନ୍ତ୍ରମାନ ଧରି ରାଜାଙ୍କ ପ୍ରାସାଦରେ ଉପସ୍ଥିତ ହେଲେ । ମହାନାୟକ ନିଜ ଗୋଷ୍ଠୀର ଆନୁଗତ୍ୟ ପ୍ରକାଶ କରିବା ପାଇଁ ରାଜାଙ୍କୁ ଗୋଟିଏ ଲାଉ ଉପହାର ସ୍ୱରୂପ ପ୍ରଦାନ କଲେ । ତା' ପରେ ମହାନାୟକ ନିଜର ଦୁଇ ଆଣ୍ଠୁ ଓ ଦୁଇ ହାତରେ ଭରା ଦେଇ ଘୋଡା ପରି ଆଣ୍ଠେଇ ପଡିଲେ । ତାଙ୍କ ପିଠି ଉପରେ ରାଜା ବସିବା ପରେ ସେ ରାଜାଙ୍କୁ ରାଜଗାଦି ଥିବା କୋଠରୀ ଭିତରକୁ ନେଲେ । ଏହି ସମୟରେ ଅନ୍ୟ ଜଣେ ଭୂୟାଁ ନେତା ଦେବୀ ରୂପରେ ପୂଜିତ ହୋଇଥିବା ଗୋଟିଏ ନୂଆ ମାଟି କଳସ ଉପରେ ଫୁଲ ଚଢାଇଲେ । ସେମାନେ ଶିଆଳି ଲତାରେ ତିଆରି ହୋଇଥିବା ଗୋଟିଏ ମୁକୁଟ ରାଜାଙ୍କ ମଥାରେ ରଖିବା ସଙ୍ଗେ ସଙ୍ଗେ ଶିମ୍ବଲତାରେ ତିଆରି ପଇତାଟିଏ ତାଙ୍କ କାନ୍ଧରେ ରଖିଦେଲେ । ତା'ପରେ ରାଜାଙ୍କ କପାଳରେ ସେ ଚନ୍ଦନଟୋପା ଲଗାଇଲେ । ତା'ର ଠିକ୍ ପରେ ଗାଁର ମୁଖିଆ ନିଜକୁ ରଣା ବୋଲି ସମ୍ବୋଧନ କରି ରାଜାଙ୍କ ହାତକୁ ଗୋଟିଏ ଖଣ୍ଡା ବଢାଇ ଦେଇ କହିଲେ, ଲୋକଙ୍କର ମୁଣ୍ଡ କାଟିବା ପାଇଁ ଆଜି ତୁମକୁ ଅଭିଷିକ୍ତ କଲି । ତୁମ ଇଚ୍ଛାନୁସାରେ ଯାହା ଚାହିଁବ, କରିପାରିବ । ତା' ପରେ ସେଠାରେ ଉପସ୍ଥିତ ସମସ୍ତ ଭୂୟାଁ ସର୍ଦ୍ଦାର ଚାଉଳ, ମୁଗ, ଘିଅ ରଖାଯାଇଥିବା ପାତ୍ର, କ୍ଷୀର, ମହୁ ଓ ଅନ୍ୟାନ୍ୟ ଜିନିଷ ଜଣକ ପରେ ଜଣେ ଛୁଇଁ ରାଜାଙ୍କୁ ଉପହାର ଦେଲେ । ଏହି ଉତ୍ସବରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଣେ ବ୍ରାହ୍ମଣ ପୁରୋହିତ ସାମ ବେଦ ମନ୍ତ୍ର ଉଚ୍ଚାରଣ କରୁଥିଲେ ।"

ଉପରୋକ୍ତ ବର୍ଣ୍ଣନାରୁ ଭୂୟାଁମାନଙ୍କର ସାମାଜିକ ପ୍ରତିଷ୍ଠା ସ୍ୱାତନ୍ତ୍ର୍ୟର ପରିଚୟ ଜଣାଯାଏ ।

**ଭୂୟାଁପିଢ :**

ଅରଣ୍ୟ ନିବାସୀ ବିଭିନ୍ନ ଜନଜାତିର ଲୋକମାନେ ନିଜ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ, ଜାତିଗତ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ପାଇଁ, ସାମାଜିକ ସ୍ଥିତାବସ୍ଥାର ସୁରକ୍ଷା ପାଇଁ, ଜାତିଭିତ୍ତିରେ ଐକ୍ୟବଦ୍ଧ ହୋଇ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରିଥାଆନ୍ତି । ଭୂୟାଁ ଓ ଜୁଆଙ୍ଗମାନଙ୍କର ଏହି ବସତିକୁ ପିଢ କୁହାଯାଏ ।

ଗଡଜାତ ଶାସନ ସମୟରେ ୪୫୬ ବର୍ଗମାଇଲ ପରିମିତ ଜୁଆଙ୍ଗ ପିଢ ଓ ଭୂୟାଁ ପିଢକୁ ଆଭ୍ୟନ୍ତରୀଣ ଶାସନଗତ ସୁବିଧା ପାଇଁ ପ୍ରଚଳିତ ସାମାଜିକ ଚଳଣିକୁ ଆଧାର କରି ୧୨ ଗୋଟି ପିଢରେ ବିଭକ୍ତ କରାଯାଇଥିଲା । ସେଥି ମଧ୍ୟରୁ ୯୦ଗୋଟି ଗ୍ରାମରେ ଐକ୍ୟବଦ୍ଧ ଭାବରେ ବସବାସ କରୁଥିବା ଭୂୟାଁମାନଙ୍କୁ ୬ଗୋଟି ପିଢରେ ବିଭକ୍ତ କରାଯାଇଥିଲା ।

ମୋଟ ୯୦ ଗୋଟି ଗ୍ରାମରେ ଭୂୟାଁ ସମାଜ ପ୍ରତିଷ୍ଠିତ ହୋଇଥିଲା । ଉକ୍ତ ସମାଜର ରୀତିନୀତି ଅତି ସରଳ ତଥା ନିରାଡମ୍ବର ଥିଲା । ରାଜନୈତିକ ଓ ସାମାଜିକ ପ୍ରତିଷ୍ଠାକୁ ବିଚାର କଲେ ଭୂୟାଁମାନେ ଅପେକ୍ଷାକୃତ ଅଧିକ ପ୍ରତିଷ୍ଠିତ ହୋଇଥିବା ହେତୁ ଏହି ଭୂୟାଁ ପିଢ ସହିତ ଛଅଗୋଟି ଜୁଆଙ୍ଗ ପିଢ ମଧ୍ୟ ସାମିଲ୍ ହୋଇଥିଲେ । ୫୬ଟି ଜୁଆଙ୍ଗ ପିଢ, ଭୂୟାଁ ପିଢ ସହିତ ସାମିଲ୍ ହୋଇ ଗୋଟିଏ ରୀତିନୀତିରେ ଚଳାଚଳ କରୁଥିଲେ । ପ୍ରତ୍ୟେକ ପିଢ଼ ଅଧୀନରେ କେତୋଟି ଗ୍ରାମ ଥିଲା । ପ୍ରତ୍ୟେକ ପିଢ ପାଇଁ ଜଣେ ଜଣେ ସର୍ଦ୍ଦାର ଓ ଏକ ବା ଏକାଧିକ ଗ୍ରାମ ପାଇଁ ଜଣେ ଜଣେ ପ୍ରଧାନ ନିଯୁକ୍ତ ହୋଇଥିଲେ । ଉଭୟ ପିଢର ଗ୍ରାମ ସଂଖ୍ୟା ଥିଲା ୧୪୬ । ସମସ୍ତ ଗ୍ରାମଗୁଡିକ ଜଙ୍ଗଲ ପରିବେଷ୍ଟିତ ଗ୍ରାମ ଥିଲା । ଅଳ୍ପ ସଂଖ୍ୟକ ଭୂୟାଁମାନଙ୍କୁ ଏହି ଗ୍ରାମଗୁଡିକରେ ଦେଖିବାକୁ ମିଳୁଥିଲା ।

**ଭୂୟାଁ ଜାତି :**

ଭଞ୍ଜ ରାଜ୍ୟ ଗଠନ ଏବଂ ଭଞ୍ଜ ରାଜ୍ୟ ପ୍ରତିଷ୍ଠା ନିମନ୍ତେ ଭୂୟାଁମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସେମାନେ ରାଜନୈତିକ ଓ ସାମାଜିକ ଦୃଷ୍ଟି କୋଣରୁ ଅଗ୍ରଗଣ୍ୟ ଜାତି ଭାବରେ ପରିଚିତ ଥିଲେ । ରାଜାଙ୍କୁ ସିଂହାସନରେ ବସାଇ ଅଭିଷେକ କରାଇବା ଥିଲା ସେମାନଙ୍କର ଜାତିଗତ ଅଧିକାର । ସାମାନ୍ୟ ଜାତିଗତ ସ୍ୱାଭିମାନ, ସମ୍ମାନ ବ୍ୟତୀତ ସେମାନେ ରାଜଦରବାରରୁ ଅନ୍ୟ କୌଣସି ସୁବିଧା ସୁଯୋଗ ଗ୍ରହଣ କରୁନଥିଲେ ବା ମାଗୁନଥିଲେ । ଅଭିଷେକ ବେଳେ ଭୂୟାଁ ସର୍ଦ୍ଦାରମାନଙ୍କୁ ରାଜାଙ୍କ ତରଫରୁ ଡାକରା ପଡିବା ବା ଭୂୟାଁ ପୀଢରେ ଭୂୟାଁ ନିଯୁକ୍ତ କରିବା ଭଳି କାର୍ଯ୍ୟ ଏକ ପରମ୍ପରାରେ ପରିଣତ ହୋଇସାରିଥିଲା । ଏହି ପ୍ରଥା ଔପଚାରିକ ଥିଲା । ଏଭଳି ରାଜନୈତିକ ପ୍ରତିଷ୍ଠାବୋଧର ଦୁରୁପଯୋଗ କରି କୌଣସି ଭୂୟାଁ ସର୍ଦ୍ଦାର କିଛି ଅନୈତିକ ସୁବିଧା କିମ୍ବା କିଛି ଅଯଥା ରାଜାନୁଗ୍ରହ ଗ୍ରହଣ କରିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ ।

ମାତ୍ର ବିଭିନ୍ନ ପ୍ରକାର ତୋଷାମଦକାରୀ ଅଣ-ଜନଜାତି ସମ୍ପ୍ରଦାୟର ସ୍ୱାର୍ଥାନ୍ୱେଷୀମାନେ ରାଜ ଦରବାରରୁ ବିଭିନ୍ନ ରାଜାନୁଗ୍ରହ ହାସଲ କରି ନେଇଥିବାର ଅନେକ ଦୃଷ୍ଟାନ୍ତ ରହିଛି।

ଭୂୟାଁମାନେ କାହାରି ଅଧୀନତା ସ୍ୱୀକାର କରନ୍ତି ନାହିଁ । ସେମାନେ ସ୍ୱାଧୀନତା ପ୍ରିୟ । ସେମାନଙ୍କ ପାଖରେ ହୀନମନ୍ୟତା ନଥାଏ । ସେମାନେ ରାଜାଙ୍କୁ ଧର୍ମାବତାର ମନେ କରୁଥିଲେ । ରାଜାଙ୍କର ତାଳପତ୍ର ଲିଖିତ ଆଦେଶ ଥିଲା ମୁଠା ଆଜ୍ଞା । ଭୂୟାଁମାନଙ୍କ ଦ୍ୱାରା ଅରଣ୍ୟଜାତ ପଦାର୍ଥରେ ରାଜାମାନେ ଅଭିଷିକ୍ତ ହୁଅନ୍ତି। ଅଭିଷେକ ପୂର୍ବରୁ ଭାବି ରାଜାଙ୍କୁ ପିଠିରେ ଲାଉ କରି ବୋହି ଆଣିବା, ଚକାସନରେ ବସି ତାଙ୍କୁ କୋଳରେ ବସାଇବା, ଶିଆଳି ପତ୍ରର ଛତ୍ର ଧାରଣ କରିବା, ଶିଆଳି ଲଟିର ପାଟ ଶାଢୀ ବାନ୍ଧିବା, ରାଜାଙ୍କ ସମ୍ମୁଖରେ ନତମସ୍ତକ ହେବା, ଭୂୟାଁ ଏବଂ ରାଜା ସାତଥର ଛୁରୀ ସ୍ପର୍ଶ କରିବା ଅର୍ଥାତ ପ୍ରାଣଦଣ୍ଡ ଦେବାର ଅଧିକାର ଗ୍ରହଣ କରିବା ଏବଂ ସବିଶେଷରେ ହାମୁଡେଇ ପିଠିରେ ରାଜାଙ୍କୁ ବସାଇ ରାଜବସତି ପରିକ୍ରମା କରିବା ଥିଲା ରାଜା ଏବଂ ଭୂୟାଁମାନଙ୍କ ମଧ୍ୟରେ ଏକ ଅଲିଖିତ ସ୍ୱୀକୃତିନାମା । ଏହାହିଁ ଥିଲା ଭଞ୍ଜ ଦରବାରର ଚିରାଚରିତ ପ୍ରଥା।

୧୧୨୮ ମସିହାରୁ ୧୬୫୪ ମସିହାଯାଏ କେନ୍ଦୁଝରର ରାଜା ଏବଂ ପ୍ରଜାମାନଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ, ମନାନ୍ତର ବା ଅସନ୍ତୋଷ ପ୍ରକାଶ ପାଇ ନଥିଲା । ରାଜାମାନେ ଦରବାରର ଚିରାଚରିତ ପ୍ରଥା ଓ ପରମ୍ପରାଗୁଡିକୁ ଅନୁସରଣ କରି ଚାଲିଥିଲେ । ରାଜା ଅତ୍ୟାଚାରୀ ନଥିଲେ । କେତେକ ଭୋଗବିଳାସରେ ରହିବା ବା କେତେଜଣ ଶାସନ ପ୍ରତି ଉଦାସ ରହିବା ବ୍ୟତୀତ ପ୍ରଶାସନରେ କୌଣସି ବ୍ୟତିକ୍ରମ ଦୃଷ୍ଟିଗୋଚର ହେଉ ନଥିଲା । ତେଣୁ ଜନଅସନ୍ତୋଷ ନଥିଲା । ପ୍ରଶାସନ ପ୍ରଜାପୀଡକ ନଥିଲେ । ମୁଖ୍ୟତଃ ରାଜସ୍ୱ ଆଦାୟ ଏବଂ ପ୍ରଜାମାନଙ୍କର ଆବଶ୍ୟକୀୟ ଲୋକହିତକର କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ ହେଉଥିଲା ।

ଏ ରାଜ୍ୟରେ ରାଜା ଓ ଭୂୟାଁମାନେ ନିଜ ନିଜର କର୍ତ୍ତବ୍ୟ, ଦାୟିତ୍ୱବୋଧ, ଉତ୍ସର୍ଗ ଏବଂ ବୁଝାମଣା କ୍ଷେତ୍ରରେ କେହି କାହାର ସୀମାଲଂଘନ କରିବାପାଇଁ ଇଚ୍ଛାପ୍ରକାଶ କରୁ ନଥିବାରୁ ସବୁ ଠିକ୍ ଠାକ୍ ଚାଲିଥିଲା। ମାତ୍ର ଅତି ସାମାନ୍ୟ କେତେକ କାରଣରୁ ଏହି ଭୂୟାଁମାନଙ୍କ ପ୍ରତି ତଥା ପିଢର ସର୍ଦ୍ଦାରମାନଙ୍କ ପ୍ରତି ରାଜାଙ୍କର ଦୃଷ୍ଟି ଏବଂ ବିଶ୍ୱାସରେ ପରିବର୍ତ୍ତନ ଦେଖାଦେଲା । ଯାହାକି ପରବର୍ତ୍ତୀ କାଳରେ ସ୍ୱାଭିମାନୀ ଭୂୟାଁମାନଙ୍କର ଧୈର୍ଯ୍ୟ ଏବଂ ସହନଶୀଳତାର ସୀମାକୁ ଅତିକ୍ରମ କରିଥିଲା । ଫଳସ୍ୱରୂପ, ଭୁଲ ବୁଝାମଣା, ଈର୍ଷା, ପ୍ରତିଶୋଧ ପରାୟଣ ଇତ୍ୟାଦିର ଶିକାର ହୋଇ ଭୂୟାଁ ଓ ରାଜାଙ୍କ ମଧ୍ୟରେ ସମ୍ପର୍କ କ୍ରମଶଃ ତିକ୍ତ ହୋଇ ଉଠିଲା।

ସେଥିମଧ୍ୟରୁ ପ୍ରଥମ ହେଲା ଭୂୟାଁ ପିଢରେ ପାଇକାଳୀ ବ୍ୟବସ୍ଥାର ପ୍ରଚଳନ । ରାଜା ପ୍ରତାପ ବଳଭଦ୍ର ନାରାୟଣ ଭଞ୍ଜ ୧୭୬୪ ମସିହାରୁ ୧୭୯୪ ମସିହା ଯାଏ କେନ୍ଦୁଝରର ଶାସନ ଦାୟିତ୍ୱରେ ଥିଲାବେଳେ ସାମାନ୍ୟ ଏକ ବୈବାହିକ ସମ୍ବନ୍ଧକୁ ନେଇ ସେ ବାମଣ୍ଡା ରାଜ୍ୟ ସହ ଯୁଦ୍ଧରେ ବ୍ୟାପୃତ ହେଲେ । ପୁଣି ମରହଟ୍ଟାମାନେ ଢେଙ୍କାନାଳ ଆକ୍ରମଣ କରିବା ସମୟରେ କେନ୍ଦୁଝର ରାଜା ପ୍ରତାପ ବଳଭଦ୍ର ନାରାୟଣ ମରହଟ୍ଟାମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ମରହଟ୍ଟାମାନେ ଚାଲିଯିବା ପରେ ଢେଙ୍କାନାଳ ଓ କେନ୍ଦୁଝର

ମଧ୍ୟରେ ପୁଣି ଯୁଦ୍ଧ ସଂଘଟିତ ହେଲା । ଫଳରେ ଭୂୟାଁପିଢ଼ମାନଙ୍କ ସହିତ ରାଜାଙ୍କର ପୂର୍ବଭଳି ସୌହାର୍ଦ୍ଦ୍ୟ ଓ ଆସ୍ଥାପୂର୍ଣ୍ଣ ସମ୍ପର୍କ ଅତୁଟ ରହିଲା ନାହିଁ । ତେଣୁ ଭୂୟାଁପିଢ଼ରେ ପାଇକାଳୀ ବ୍ୟବସ୍ଥାର ପ୍ରଚଳନ ହେଲା ।

ଦ୍ୱିତୀୟ ଘଟଣା ରାଜା ଯଦୁନାଥ ଭଞ୍ଜଙ୍କ ରାଜତ୍ୱ କାଳରେ ଘଟିଥିଲା । ରାଜା ଯଦୁନାଥ ଭଞ୍ଜ ୧୭୯୪ ମସିହାରୁ ୧୮୩୧ ମସିହା ଯାଏ କେନ୍ଦୁଝରର ଶାସନ କାର୍ଯ୍ୟ ନିର୍ବାହ କରିଥିଲେ । ସେତେବେଳକୁ କେନ୍ଦୁଝରରେ ହେଙ୍ଗା ଜମିଦାରୀ ଆଦି ମିଶିକରିଥିଲା । ତେଣୁ ରାଜା ଯଦୁନାଥ ଭଞ୍ଜ ଉପର କେନ୍ଦୁଝର ଓ ଆଠଗଡ କେନ୍ଦୁଝରକୁ ମିଶାଇ ଜ୍ୟୋତିପୁର ଠାରୁ ଯୁଝପଡା ଯାଏ ସମୁଦାୟ କେନ୍ଦୁଝରକୁ ୪୪ଗୋଟି ବିଭିନ୍ନ ଦଣ୍ଡପାଟରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ଦଣ୍ଡପାଟର ଦାୟିତ୍ୱରେ ଜଣେ ଜଣେ ସର୍ଦ୍ଦାର ବା ଗଡନାୟକଙ୍କୁ ରଖାଯାଇଥିଲା । ପ୍ରତ୍ୟେକ ଗ୍ରାମର ମୁଖିଆମାନେ ହେଲେ ପ୍ରଧାନ । ତାଙ୍କ ଅଧୀନରେ ଡାକୁଆ, ପ୍ରହରୀ, ଦ୍ୱାରପାଳ, ପାଇକ, ପିଆଦା, ନାଏକ ଆଦି ପଦବୀଧାରୀମାନେ କାର୍ଯ୍ୟ କରୁଥିଲେ । ଏହା ଦ୍ୱାରା ଭୂୟାଁପିଢର ଗୁରୁତ୍ୱ କମିବାରେ ଲାଗିଲା ଏବଂ ପିଢର ସର୍ଦ୍ଦାରମାନେ ପାରମ୍ପରିକ ଅଧିକାରରୁ ବଞ୍ଚିତ ହେଲେ । କେବଳ ସେତିକି ନୁହେଁ, ଭୂରାଜସ୍ୱ ସଂଗ୍ରହ, ମାଗଣ ଓ ରସଦ ଆଦାୟ କରିବା ସାଙ୍ଗକୁ ପ୍ରଜାମାନଙ୍କୁ ବେଠିରେ ନିୟୋଜିତ କରିବା ଆଦି ପ୍ରଜାପୀଡନ କାର୍ଯ୍ୟକୁ ରାଜା ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ନିଜେ ସେଭଳି କାର୍ଯ୍ୟରେ ଅଂଶୀଦାର ହୋଇଗଲେ । ଫଳରେ ଭୂୟାଁମାନଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପିବାରେ ଲାଗିଲା ।

ତୃତୀୟ କାରଣ ହେଲା ଭୂ-ବନ୍ଦୋବସ୍ତ । ଏହି ସମୟରେ ପ୍ରାୟ ୧୮୦୪ ମସିହା ବେଳକୁ ଓଡିଶାରେ ଇଂରେଜ ଶାସନ କାଳରେ ସର୍ବ ପ୍ରଥମେ ଭୂ-ବନ୍ଦୋବସ୍ତ ସମ୍ପାଦିତ ହେଲା । ୧୮୦୪ ମସିହା ସୁନିଆ ଦିନ ଠାରୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡିଶାରେ ଭୂରାଜସ୍ୱ ଆଦାୟର ବ୍ୟବସ୍ଥା ଧାର୍ଯ୍ୟ କଲେ । ମାତ୍ର ଭୂୟାଁ ପିଢରେ ଏପ୍ରକାର ଭୂ-ବନ୍ଦୋବସ୍ତ ହେଲାନାହିଁ । ପ୍ରତି ବଦଳରେ ପୂର୍ବ ପ୍ରଚଳିତ ଶାସନ ପଦ୍ଧତିରେ ପ୍ରଚଳିତ ବେଠି ଓ ଭେଟି ପରିମାଣ ବୃଦ୍ଧି କରାଯିବା ସହିତ ନୂତନ କରି ହଳ ଟିକସ ଓ ଗୃହଟିକସ ଧାର୍ଯ୍ୟ କରାଗଲା ।

୧୮୧୯ ମସିହା ବେଳକୁ ରାଜ୍ୟର ବେବର୍ତ୍ତାମାନେ ଭୂୟାଁମାନଙ୍କ ଉପରେ ଅନ୍ୟାୟରେ ଭିନ୍ନଭିନ୍ନ ପ୍ରକାର କର ବସାଇଲେ । ଭଞ୍ଜବଂଶର ଶାସନ ଅନ୍ତରାଳରେ,ରାଜାଙ୍କ ଜ୍ଞାତସାରରେ ହେଉ ଅବା ଅଜ୍ଞାତସାରରେ ଭୂୟାଁମାନଙ୍କ ସହିତ ଅନ୍ୟାନ୍ୟ ଜାତିର ପ୍ରଜାମାନଙ୍କୁ କଠିନ ପରିଶ୍ରମ କରାଇବା, ଶାରୀରିକ ପୀଡା ଦେବା, ଅଯଥା ଦଣ୍ଡଦେବା ଏବଂ ବିଭିନ୍ନ ପ୍ରକାରରେ ଶୋଷଣ କରିବା ଏକ ସ୍ୱାଭାବିକ ଶାସନଧାରା ଭାବରେ ପରିଣତ ହୋଇପଡିଲା ।

ଏହି ଶାସନଧାରାରେ ବେବର୍ତ୍ତାମାନେ ଅତ୍ୟଧିକ ଚତୁର ଏବଂ ସୁବିଧାବାଦୀ ହୋଇଉଠିଲେ । ଭୂୟାଁ ପିଢର ସର୍ଦ୍ଦାରମାନଙ୍କର ଅଧିକାର କ୍ଷୁର୍ଣ୍ଣ କରିବା ଓ ପ୍ରଭାବ ହ୍ରାସ କରିବାରେ ସେମାନଙ୍କର ଭୂମିକା ବେଶ୍ ଗରୁତ୍ୱପୂର୍ଣ୍ଣ ଥିଲା । ୧୮୧୯ ମସିହା ବେଳକୁ ଯେଉଁ ଜନ ଅସନ୍ତୋଷ ଭୂୟାଁମାନଙ୍କର ନେତୃତ୍ୱରେ ମୁଣ୍ଡ ଟେକୁଥିଲା, ବେବର୍ତ୍ତାମାନଙ୍କର ପ୍ରତାରଣା ଯୋଗୁଁ ତାହା ସାମୟିକ ଭାବେ ସ୍ଥଗିତ ହୋଇଗଲା । କିନ୍ତୁ

୧୮୨୫ ମସିହା ବେଳକୁ ଅତ୍ୟାଚାର ଅଭିବୃଦ୍ଧି ହେତୁ ପ୍ରଜା ଅସନ୍ତୋଷ ବୃଦ୍ଧିପାଇଲା ଏବଂ ବ୍ରିଟିଶ ରାଜ୍ୟ କମିଶନର ଅମଲାମାନଙ୍କ ପ୍ରତି ପ୍ରତିକୂଳ ମନ୍ତବ୍ୟ ଯୋଗୁଁ ଭୂୟାଁ ଏବଂ ଅନ୍ୟାନ୍ୟ ଆଦିମ ଅଧିବାସୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହେଲା । ପୁଣି ୧୮୬୧ ମସିହାରେ ରାଜା ଗଦାଧର ନାରାୟଣ ଭଞ୍ଜଙ୍କ ମୃତ୍ୟୁ ପରେ ଜଣେ ଭୂୟାଁ ଏଜେଣ୍ଟ ପରିବର୍ତ୍ତେ ଦୁଇଜଣ ସାଧାରଣ ଏଜେଣ୍ଟ ନିଯୁକ୍ତ ହେଲେ । ପୂର୍ବ ପ୍ରଚଳିତ ଶସ୍ୟ ଆକାରରେ ରାଜସ୍ୱ ସଂଗ୍ରହ ପରିବର୍ତ୍ତେ ଟଙ୍କା ଆକାରରେ ରାଜସ୍ୱ ସଂଗ୍ରହ କରାଗଲା । ଏହିଭଳି ପ୍ରଜା ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ପ୍ରଜାମାନେ ରାଜଶାସନ ବିରୋଧୀ ହେଲେ ଏବଂ ୧୮୬୮ ମସିହା ଏପ୍ରିଲ ୨୧ ତାରିଖରେ ରାଜଛତ୍ର ବିରୁଦ୍ଧରେ ଖୋଲାଖୋଲି ବିଦ୍ରୋହ ଘୋଷଣା କଲେ । ଏହାର ନେତୃତ୍ୱ ନେଲେ ମହାନ୍ ଭୂୟାଁ ବୀର ରତ୍ନା ନାୟକ ।

**ସର୍ଦ୍ଦାର ରତ୍ନା ନାୟକ :**

ଜନଶ୍ରୁତି ହିସାବରେ ୧୮୨୦ ମସିହାରେ କେନ୍ଦୁଝରଗଡ ଅନ୍ତର୍ଗତ ଭୂୟାଁ ପିଢର ପ୍ରାଣକେନ୍ଦ୍ର ବାଂଶପାଳଠାରେ ରତ୍ନା ନାୟକ ଜନ୍ମଗ୍ରହଣ କରିଥିଲେ । ଘରକୁ ଉଜ୍ଜ୍ୱଳ କରି ରତ୍ନଟିଏ ଆସିଲା ବୋଲି ଶ୍ରଦ୍ଧାରେ ତାଙ୍କର ଏପରି ନାମକରଣ କରାଯାଇଥିଲା । ତତ୍କାଳୀନ ବାଂଶପାଳ ଦୁର୍ଗମ ବନ୍ୟ ପ୍ରଦେଶ, ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଥିଲା । ସେହି ଭରପୁର ପ୍ରକୃତି କୋଳରେ ରତ୍ନା ନାୟକଙ୍କ ବାଲ୍ୟଜୀବନ ଅତିବାହିତ ହୋଇଥିଲା । ପ୍ରକୃତି ସହିତ ସଂଗ୍ରାମ କରି ବଞ୍ଚିବାର ରାହା ଖୋଜୁଥିବା ମଣିଷ ସଂଗ୍ରାମୀ ନହେବ ବା କିପରି ? ଦୈବୀ ଦୁର୍ବିପାକ, ମହାମାରୀ ରୋଗ ବଇରାଗକୁ ଖାତିର ନକରି ଖରାବର୍ଷାର ଦାଉରୁ ନିଜକୁ ସମ୍ଭାଳି ପାରୁଥିଲେ ଯାଇ ସେଠାକାର ମଣିଷ ତିଷ୍ଠୁ ଥିଲେ । ରତ୍ନା ନାୟକ ସେଇ ବହୁବିଧ ପ୍ରାକୃତିକ ବିପତ୍ତି ମଧ୍ୟରେ ନିଜକୁ ସୁଦୃଢ କରି ଗଢି ତୋଳିଥିଲେ । ପରମ୍ପରାନୁସାରେ ଭୂୟାଁ ପିଢର ସର୍ଦ୍ଦାର ଭାବରେ ରତ୍ନା ନାୟକଙ୍କ ପରିବାରର ଖ୍ୟାତି ଥିଲା । ଏହି ଖ୍ୟାତି ଓ ଖାତିରି ରତ୍ନା ନାୟକଙ୍କୁ ଭିନ୍ନ ଏକ ମଣିଷ ହିସାବରେ ଗଠନ କରିଥିଲେ ।

ରତ୍ନା ନାୟକଙ୍କ ସର୍ଦ୍ଦାରପଣିଆ ତାଙ୍କ ବ୍ୟକ୍ତିତ୍ୱକୁ ବହୁଗୁଣିତ କରିଥିଲା । ଭୂୟାଁ ପାରମ୍ପରିକ ରାଜନୈତିକ ସଙ୍ଗଠନ ସହିତ ରତ୍ନା ନାୟକଙ୍କ ସମ୍ପର୍କ, ତାଙ୍କର ପ୍ରଚଣ୍ଡ ଧୀଶକ୍ତି, ସ୍ୱାଭିମାନ ଏବଂ ପ୍ରଭାଦୀପ୍ତ ବ୍ୟକ୍ତିସତ୍ତା । ତାଙ୍କ ଭିତରେ ଥିବା ନେତୃତ୍ୱର ପ୍ରବୃତ୍ତିକୁ ଅଧିକ ଶାଣିତ ଓ ଦକ୍ଷ କରାଇପାରିଥିଲା ।

ପାରମ୍ପରିକ ଯୁଦ୍ଧକୌଶଳ ସୁଦକ୍ଷ ହେବା ସହ ନିଜ ପାରିବାପଣିଆର ପରିଚୟ ସୃଷ୍ଟି କରି ରତ୍ନା ନାୟକ ନିଜକୁ ଜଣେ ଦକ୍ଷ ପ୍ରଶାସକ ଓ ଚିନ୍ତାନାୟକ ହିସାବରେ ପ୍ରସ୍ତୁତ କରୁଥିଲେ । ପ୍ରଜା –ରାଜାର ସମ୍ପର୍କକୁ ସେ ସମ୍ମାନ ଦେବା ସହିତ ପ୍ରଜାମାନଙ୍କର ଉନ୍ନତି କଳ୍ପେ ଧ୍ୟାନ ଦେଉଥିଲେ । ରାଜା ନଥାଇ ପ୍ରଜା ନାହିଁ । ଏଇ ସୂତ୍ରରେ କେନ୍ଦୁଝର ରାଜ୍ୟର ପ୍ରଜା ରାଜାନୁଗତ ତଥା ରାଜାଙ୍କ ଆଜ୍ଞାକାରୀ । ପୁନଶ୍ଚ ଭୂୟାଁ କୁଳର ସ୍ୱାଧିକାର ଓ ରାଜନୈତିକ ଧର୍ମ ହେଲା ରାଜାଙ୍କୁ ଗାଦିସୀନ କରାଇବା । ତେଣୁ ରାଜାଙ୍କ ସୁରକ୍ଷାରେ ରାଜ୍ୟର ସୁରକ୍ଷା, ତା' ସହ ପ୍ରଜା ମଧ୍ୟ ସୁରକ୍ଷିତ । ଏହାହିଁ ଥିଲା ଭୂୟାଁ ସର୍ଦ୍ଦାରଙ୍କର ଚିନ୍ତା । ଏହା ଥିଲା ରତ୍ନା

ନାୟକଙ୍କ ଚିନ୍ତନ । ଏହା ସତ୍ତ୍ୱେ ଯେତେବେଳେ ରାଜା ନିଜ ଦାୟିତ୍ୱ ଓ କର୍ତ୍ତବ୍ୟରୁ ଓହରି ଯାଇ ବିଚାରଶୂନ୍ୟ ହୁଅନ୍ତି, ସେତେବେଳେ ପ୍ରଜା ଅଶାନ୍ତି ଦେଖାଦେବା ସ୍ୱାଭାବିକ । ବିବେକବାନ ସର୍ଦ୍ଦାରମାନେ ପ୍ରଜାମାନଙ୍କ ସହାୟତାରେ ମେଳି ବାନ୍ଧନ୍ତି । ସଙ୍ଗଠିତ ପ୍ରଜା ମେଳି ସାହାଯ୍ୟରେ ରାଜା ଓ ରାଜ୍ୟଶାସନ ବିରୁଦ୍ଧରେ ସଂଗ୍ରାମ କରନ୍ତି । ରତ୍ନା ନାୟକଙ୍କର ଏଇ ଦକ୍ଷତା ସହିତ ସମସ୍ତେ ଭଣା ଅଧିକ ପରିଚିତ ଥିଲେ । ଏପରିକି ରାଜପ୍ରାସାଦର ପାରିଷଦବର୍ଗଙ୍କଠାରୁ ଆରମ୍ଭ କରି ରାଜାଙ୍କ ପର୍ଯ୍ୟନ୍ତ ସମସ୍ତେ ରତ୍ନା ନାୟକଙ୍କର ବ୍ୟକ୍ତିତ୍ୱ ସହିତ ଉତ୍ତମ ରୂପେ ପରିଚିତ ଥିଲେ । ଶ୍ରଦ୍ଧା, ସମ୍ମାନ, ଭକ୍ତି ଓ ଭୟର ଏକତ୍ର ଫେଣ୍ଟାଫେଣ୍ଟି ଭାବ ରତ୍ନା ନାୟକଙ୍କ ବ୍ୟକ୍ତିତ୍ୱର ପ୍ରଚଣ୍ଡ ପ୍ରକାଶ ଥିଲା ।

ରତ୍ନା ନାୟକଙ୍କର ଏକମାତ୍ର ଉଦ୍ଦେଶ୍ୟ ପ୍ରଜାକୁଳର ହିତସାଧନ । କେନ୍ଦୁଝରର ମାଟିରେ ଫସଲ ଉପୁଜାଇ ପାରିଲେ ସିନା ରାଜାଙ୍କୁ ଖଜଣା ଦେବେ । ସର୍ଦ୍ଦାର ହିସାବରେ ରତ୍ନା ନାୟକ ତାହାହିଁ ଚିନ୍ତା କରୁଥିଲେ । ତେଣୁ ସେ ପ୍ରଜାକୁଳକୁ ତଥା ଚାଷୀକୁଳକୁ ଚାଷରେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେବା ସହିତ ନିଜକୁ ମଧ୍ୟ ଜଣେ ସଫଳ କୃଷକ ହିସାବରେ ପ୍ରତିଷ୍ଠିତ କରାଇ ପାରିଥିଲେ । କୃଷି ହିଁ ଜୀବନ । କୃଷି ବ୍ୟତିରେକ କୃଷକ ମୂଲ୍ୟହୀନ । ତେଣୁ ଆଳସ୍ୟ ମଧ୍ୟରେ ଜୀବନ ନିର୍ବାହ କରୁଥିବା ଭୂୟାଁମାନଙ୍କୁ ସଫଳ କୃଷକ ହେବାର ଦୀକ୍ଷା ଦେଉଥିଲେ ରତ୍ନା ନାୟକ ।

୧୮୧୯ ମସିହାର ଖଜଣା ବୃଦ୍ଧି ଏବଂ ପ୍ରଜାମାନଙ୍କ ଉପରେ ହେଉଥିବା ଅନ୍ୟାନ୍ୟ ତାଡନାରେ ଅତିଷ୍ଠ ପ୍ରଜାକୁଳ ରତ୍ନା ନାୟକଙ୍କ ନିକଟରେ ଫେରାଦ ହେଲେ । ରତ୍ନା ନାୟକ ମଧ୍ୟ ଗାଁକୁଗାଁ ତଥା ପରିବାରକୁ ପରିବାର ବୁଲି ସାଧାରଣ ଜନତାଙ୍କର ଦୁଃଖ ବୁଝୁଥିଲେ ଓ ପ୍ରତିକାର କଥା ଚିନ୍ତା କରୁଥିଲେ । ଏହି ଅତ୍ୟାଚାର ବିରୁଦ୍ଧରେ ସୃଷ୍ଟି ହେଉଥିବା ଜନ ଅସନ୍ତୋଷର ପ୍ରତିକାର ତଥା ପ୍ରଜାମାନଙ୍କୁ ସେମାନଙ୍କର ନ୍ୟାୟୋଚିତ ଅଧିକାର ଫେରାଇ ଦେବା ଉଦ୍ଦେଶ୍ୟରେ ରତ୍ନା ନାୟକ ସମସ୍ତ ଆଦିମ ଆଦିବାସୀ ତଥା ଭୂୟାଁ ସମାଜକୁ ସଚେତନ କରି ଏକଜୁଟ କଲେ । ଅନ୍ୟାନ୍ୟ ଆଦିବାସୀମାନଙ୍କୁ ମଧ୍ୟ ସେମାନଙ୍କର ଦାବି ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇ ବୁଝାଇଲେ । ସମସ୍ତ ଗ୍ରାମରେ ଜଣେ ଲେଖାଏଁ ବଳଶାଳୀ ତଥା ବୁଦ୍ଧିମାନ ଆଦିବାସୀ ନେତାଙ୍କୁ ଗ୍ରାମର ଦାୟିତ୍ୱ ଦେଇଥିଲେ । ସେମାନେ ଲୋକମାନଙ୍କୁ ତାଙ୍କର ବିପ୍ଳବ ସମ୍ବନ୍ଧରେ ସମ୍ପୂର୍ଣ୍ଣ ରୂପେ ବୁଝାଇ ସୁଝାଇ ଆନ୍ଦୋଳନରେ ସାମିଲ୍ କରାଇଲେ । ରତ୍ନା ନାୟକ ଏଭଳି ଜଣେ ନେତା ଥିଲେ, ଯାହାଙ୍କର ଡାକରାରେ ଚାରିଦିଗରୁ ଆଦିବାସୀମାନେ ଏକତ୍ର ହେଉଥିଲେ ଏବଂ ତାଙ୍କୁ ଜଣେ ନିର୍ବିବାଦୀୟ ନେତା ଭାବରେ ଗ୍ରହଣ କରିନେଉଥିଲେ । ରତ୍ନା ନାୟକଙ୍କର ନିଷ୍ଠାପରତା, ସ୍ୱାର୍ଥହୀନତା, ପ୍ରଜାପୋଷଣ ଭାବ, ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ସଚେତନତାରେ ଉଦ୍‌ବୁଦ୍ଧ ସାଧାରଣ ଜନତା ତାଙ୍କର ନେତୃତ୍ୱକୁ ଅକୁଣ୍ଠିତ ଭାବରେ ସ୍ୱୀକାର କରିଥିଲେ ଏବଂ ଅସନ୍ତୋଷ ପ୍ରକାଶ ପାଇଁ ତାଙ୍କ ପଛରେ ସଂଘବଦ୍ଧ ଭାବରେ ଛିଡା ହେଲା । ସେଇଠୁ ଆରମ୍ଭ ହେଲା ଦାବି ଓ ଅଧିକାର ପାଇବାର ବିପ୍ଳବ ।

ଅସନ୍ତୋଷ କ୍ରମଶଃ ବଢିବାରେ ଲାଗିଲା । ରତ୍ନା ନାୟକଙ୍କ ନେତୃତ୍ୱକୁ ନେଇ ରାଜଦରବାରରେ ଅସନ୍ତୋଷ ଦେଖାଦେଲା । ଫଳରେ କେନ୍ଦୁଝରର ରାଜଗାଦି ନିମନ୍ତେ ବିବାଦ ଉପୁଜିଲା । ସୁବିଧାବାଦୀ ଦରବାର ପାଟରାଣୀ ବିଷ୍ଣୁପ୍ରିୟା ଦେବୀ ପ୍ରଥମେ ବୃନ୍ଦାବନ ଭଞ୍ଜଙ୍କୁ ରାଜା ବୋଲି ଘୋଷଣା କରିବାକୁ

ଭୂୟାଁମାନଙ୍କୁ ପ୍ରବର୍ତ୍ତାଇଲେ । ଚନ୍ଦ୍ରଶେଖର ଧଳ ମଧ୍ୟ ଅନୁରୂପ ଭାବେ ବାରମ୍ବାର ନିଜର ମତ ପରିବର୍ତ୍ତନ କଲେ । ଆଦିବାସୀମାନଙ୍କୁ ମତାଇ ବିଦ୍ରୋହ କରାଇଲେ । ରାଜଗାଦି ବିବାଦ ସନ୍ ୧୮୬୮ ମେ ମାସରେ ସମାଧାନ ହେଲା ଏବଂ ଧନୁର୍ଜୟ ନାରାୟଣ ଭଞ୍ଜଦେଓ ଶାସକ ଭାବରେ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ହେଲେ ଏବଂ ବୃନ୍ଦାବନ ଭଞ୍ଜ ନଜରବନ୍ଦୀ ହେଲେ । କେନ୍ଦୁଝର ରାଜା, ପାଟରାଣୀ, ବେବର୍ତ୍ତା ପ୍ରଭୃତିଙ୍କ ବିଶ୍ୱାସଘାତକତା ଜଣାପଡିବା ପରେ ମଧ୍ୟ ପୂର୍ବୋକ୍ତ ପ୍ରଶାସନିକ ଅତ୍ୟାଚାର ଜନିତ କାରଣରୁ ବିଦ୍ରୋହ ପ୍ରଶମିତ ହେଲାନାହିଁ, ବରଂ ଆଦିମ ଅଧିବାସୀମାନେ ମିଳିତ ଭାବେ ରାଜଦରବାର ଓ ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗ୍ରାମ ଚଳାଇଲେ ।

## ବିପ୍ଳବର କାରଣ:

### ପ୍ରାଶାସନିକ ଅବ୍ୟବସ୍ଥା :

ଭଞ୍ଜ ବଂଶର (ଷ୍ଟେଟ୍) ଚିରାଚରିତ ପ୍ରଥା (ମୌଳିକ ପ୍ରଥା) ଅନୁଯାୟୀ ଭୂୟାଁମାନେ ନୂତନ ରାଜାଙ୍କୁ ଅଭିଷେକ କରାଇ ରାଜଗାଦିରେ ବସାଇବା କଥା । ମାତ୍ର ଧନୁର୍ଜୟ ନାରାୟଣ ଭଞ୍ଜଦେଓ ରାଜଗାଦିରେ ବସିବା ସମୟରେ ଉକ୍ତ ପରମ୍ପରାକୁ ବନ୍ଦ କରିଦିଆଗଲା । ଫଳତଃ ଭୂୟାଁମାନେ ଉତ୍ତ୍ୟକ୍ତ ହୋଇ ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ । ପ୍ରଜାମାନଙ୍କ ଇଚ୍ଛା ବିରୁଦ୍ଧରେ ଓଡିଶାର ଗଡଜାତ ମାହାଲ କମିଶନର ରେଭେନ୍ସା ସାହେବ ୧୮୬୭ ମସିହାରେ ଧନୁର୍ଜୟ ନାରାୟଣ ଭଞ୍ଜଦେଓଙ୍କୁ ରାଜଗାଦିରେ ବସାଇବାରୁ ପ୍ରଜା ଅସନ୍ତୋଷ ବୃଦ୍ଧି ପାଇଥିଲା । ବିଶ୍ୱାସଘାତକ ଚନ୍ଦ୍ରଶେଖର ଧଳ ଦେଶଦ୍ରୋହୀ ସାଜି ସିପାହି ବିଦ୍ରୋହ ସମୟରେ ବ୍ରିଟିଶ ସରକାରଙ୍କୁ ସମର୍ଥନ କରି ରାୟ ବାହାଦୂର ଉପାଧି ସହ ମାସିକ ଅଧିକ ୨୦୦ ଟଙ୍କା ଲେଖାଏଁ ଭତ୍ତା ପାଇଲେ । ଏତଦବ୍ୟତୀତ ମନଇଛା ୧୮୫୮ ମସିହାରେ ଜମି ବନ୍ଦୋବସ୍ତ କରାଇ ପଣ୍ଡୁଆ ଦଣ୍ଡପାଟର ନିଷ୍କର ଜମି ଆଉ ମହାପାତ୍ର ପଦବୀ ମଧ୍ୟ ନେଲେ । ଏହି ଜମି ବନ୍ଦୋବସ୍ତ ପ୍ରଜାମାନଙ୍କ ପାଇଁ ହିତକର ନଥିଲା । ଯାହାକି ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିର କାରଣ ହୋଇଥିଲା ।

ଭୂୟାଁ ପିଢରେ ଅଣଭୂୟାଁ ସର୍ଦ୍ଦାରମାନଙ୍କର ନିଯୁକ୍ତି ଏବଂ ରାଜସ୍ୱ ସଂଗ୍ରହ ନିମନ୍ତେ ଅଣଭୂୟାଁମାନଙ୍କୁ ଏଜେଣ୍ଟରୂପେ ନିଯୁକ୍ତି ପ୍ରଦାନ କରାଯିବା ଫଳରେ ଭୂୟାଁମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ତୀବ୍ର ଅସନ୍ତୋଷ ଏକ ଆନ୍ଦୋଳନର ରୂପ ନେଇଥିଲା । ଭୂୟାଁମାନଙ୍କ ପ୍ରତି ଯେଉଁ ଆଶା ଓ ଆକାଂକ୍ଷା ପୂର୍ବରୁ ରାଜମହଲରେ ପରିଦୃଷ୍ଟ ହେଉଥିଲା କାଳକ୍ରମେ ତାହା ଲୁପ୍ତ ହେଲା । ଭୂୟାଁ ଜାତିର ଲୋକମାନଙ୍କ ପ୍ରତି ରାଜ ଅନୁଗ୍ରହ ଆଉ ରହିଲା ନାହିଁ । ଭୂୟାଁମାନେ ରାଜଦରବାରରେ ଯେଉଁ କାମଧନ୍ଦା କରୁଥିଲେ ସେସବୁ ଧିରେଧିରେ ସେମାନଙ୍କ ହାତରୁ ଛଡାଇ ନେବା ସହିତ କ୍ଷମତା କାଢି ନିଆଗଲା । ଭୂୟାଁମାନଙ୍କ ବଦଳରେ ଅଣ ଆଦିବାସୀମାନେ ନୂଆ ନିଯୁକ୍ତି ପାଇଲେ ।

ଏହି ସବୁ କାରଣରୁ ଭୂୟାଁ ବିପ୍ଳବ କ୍ରମେ ଗମ୍ଭୀର ରୂପ ଦେଲା । ରାଜ ପରିବାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଭୂୟାଁମାନେ ଆଉ କୁଣ୍ଠାବୋଧ କଲେ ନାହିଁ । ରାଜାଙ୍କ ଶକ୍ତିକୁ ପ୍ରତିହତ କରିବା ପାଇଁ ଭୂୟାଁମାନେ ମଧ୍ୟ ମେଳି ବାନ୍ଧିଲେ । ଗାଁ ରୁ ଗାଁ ଓ ପିଢରୁ ପିଢ ଏହି ମେଳି ଦାନା ବାନ୍ଧିଲା । ଏହାର ପୁରୋଧା

ସାଜି ରତ୍ନା ନାୟକ ଆନ୍ଦୋଳନର ମାର୍ଗ ଦର୍ଶନ କଲେ । ରାସ୍ତାଘାଟରେ ରାଜା ତଥା ରାଜଦରବାରରେ କାର୍ଯ୍ୟରତ ଲୋକମାନଙ୍କୁ ଅପମାନ ଦେବାରେ ପଛେଇଲେ ନାହିଁ । ରାଜକର୍ମଚାରୀଙ୍କ କାର୍ଯ୍ୟକଳାପକୁ ଦମନ କରିବାପାଇଁ ରତ୍ନା ନାୟକ ଚାରିଆଡେ ଡାକରା ଦେଲେ । କେନ୍ଦୁଝରେ ରାଜ୍ୟର ବିଭିନ୍ନ ଗ୍ରାମରେ ରାଜାଙ୍କୁ ବିରୋଧ କରି ସମାଲୋଚନା କରାଗଲା । ରାଜାଙ୍କ ହୁକୁମକୁ ଆସ୍ତେ ଆସ୍ତେ ଅବମାନନା କରାଗଲା । ରାଜା ଅପମାନିତ ହେଲେ । ଅନ୍ୟାନ୍ୟ ଆଦିବାସୀମାନେ ମଧ୍ୟ ଏକତାବଦ୍ଧ ହୋଇ ବିଭିନ୍ନ ପ୍ରକାର ବିଚାର ଗ୍ରାମରେ ବସାଇଲେ । ଆଦିବାସୀମାନେ ନିଜ ନିଜର ଧର୍ମ, ଜାତିର ସୁରକ୍ଷା ପାଇଁ ଆଗେଇ ଆସିଲେ । ସମସ୍ତ ଜାତିର ଧର୍ମ, ବିଚାର ଅଲଗା ଅଲଗା । ଏହାକୁ ସାକାର କରିବା ପାଇଁ ଗ୍ରାମ ଗ୍ରାମ ମଧ୍ୟରେ ଥିବା ଜାହିରାମାନଙ୍କରେ ସଭାମାନ କରାଗଲା । ଜାହିରାମାନଙ୍କରେ ଢୋଲ, ମାଦଳ, ଘଣ୍ଟି ବଜାଇ, ନାଚଗୀତରେ ଆଦିବାସୀମାନେ ଏକଜୁଟ ହୋଇ ଆଗାମୀ ଦିନରେ ରାଜାଙ୍କ ବିରୁଦ୍ଧରେ ଏକଜୁଟ ହେବା ପାଇଁ ଶପଥ ନେଲେ ।

**ଆର୍ଥନୀତିକ ଶୋଷଣ :**

ବେଠି, ଭେଟି, ରସଦ, ମାଗଣ, ଘର ଟିକସ, ହଳ ଟିକସ ଇତ୍ୟାଦି ଲାଗୁ କରାଯାଇ ଶସ୍ୟ ବଦଳରେ ଅର୍ଥ ଆକାରରେ ଟିକସ ଆଦାୟ କରାଯିବା ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇଲା । ପାଇକାଳୀ ବ୍ୟବସ୍ଥାର ପ୍ରଚଳନ ଦରିଦ୍ର ପ୍ରଜାମାନଙ୍କ ପାଇଁ ବେଢି ଉପରେ କୋରଡା ମାଡ ସଦୃଶ ହେଲା । ଅମଲାତନ୍ତ୍ରର ପ୍ରତାରଣା, ଶସ୍ୟ ପରିବର୍ତ୍ତେ ଟଙ୍କା ଆକାରରେ ରାଜସ୍ୱ ସଂଗ୍ରହ ପ୍ରଜାମାନଙ୍କର ମେରୁଦଣ୍ଡକୁ ଦୋହଲାଇ ଦେଲା । ବେବର୍ତ୍ତା ଗଣି ପଟ୍ଟନାଏକ ଅନ୍ୟାୟ ଭାବରେ ଟିକସ ବସାଇବା ଫଳରେ ପ୍ରଜାମାନେ ଅସନ୍ତୁଷ୍ଟ ହେଲେ ।

ଏଭଳି ଆଞ୍ଚଳିକ ଅସନ୍ତୋଷ ବିପ୍ଳବ ରୂପେ ଆତ୍ମପ୍ରକାଶ କରିବାର ଏକମାତ୍ର କାରଣ ନଥିଲା । ଅନ୍ୟାନ୍ୟ ଆନୁଷଙ୍ଗିକ କାରଣର ସମନ୍ୱିତ ରୂପ ପ୍ରଜାମେଳିକୁ ପ୍ରୋତ୍ସାହିତ କରିଥିଲା ।

ବ୍ରିଟିଶ ସରକାରଙ୍କର କୂଟ ଉପନିବେଶବାଦ ନୀତି, ରାଜଦରବାର ଏବଂ ଅମଲାତନ୍ତ୍ରର ବୀଭତ୍ସ ପ୍ରଜାପୀଡନ, ଅମାନବୀୟ ଶାରୀରିକ ପୀଡା ଆଦି ଦ୍ୱାରା ବ୍ୟକ୍ତିଗତ ଜୀବନରେ ପ୍ରଜାମାନେ ଅତିଷ୍ଠ ହୋଇପଡିଥିଲେ । ଏଥି ସହିତ ସ୍ୱାର୍ଥାନ୍ଧ ବ୍ୟକ୍ତିବିଶେଷ ନିଜର ସ୍ୱାର୍ଥ ସାଧନ ପାଇଁ ଏବଂ ପଦପଦବୀ ଲାଭ ଲାଳସାକୁ ଚରିତାର୍ଥ କରିବା ପାଇଁ ରାଜ୍ୟ ବା ସମୂହ ସ୍ୱାର୍ଥ ପ୍ରତି ବିଶ୍ୱାସଘାତକତା କରିବା ଯୋଗୁଁ ମଧ୍ୟ ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ୧୮୫୭ ମସିହାର ଭାରତୀୟ ସିପାହୀ ଅସନ୍ତୋଷ ସମୟରେ ରାଜା ଗଦାଧର ନାରାୟଣ ଭଞ୍ଜ ଇଂରେଜମାନଙ୍କର ପ୍ରରୋଚନା ଓ ପ୍ରଲୋଭନରେ ଆସି ନିଜ ମାମୁଁ ପେଡାହାଟର ରାଜା ଅର୍ଜୁନ ସିଂହଙ୍କୁ ବିଶ୍ୱାସଘାତକତା ମାଧ୍ୟମରେ ଇଂରେଜମାନଙ୍କୁ ଧରାଇ ଦେଇଥିଲେ । ପ୍ରତିବଦଳରେ ବ୍ରିଟିଶ ଦରବାରରୁ ମହାରାଜା ପଦବୀ ପ୍ରାପ୍ତ ହୋଇଥିଲେ ଯାହାକି ଆଦିବାସୀ ଜନତାଙ୍କର ଅସନ୍ତୋଷର ମାତ୍ରାକୁ ବହୁଗୁଣିତ କରିଥିଲା ।

ପ୍ରିଭି କାଉନ୍‌ସିଲର୍ ନିଷ୍ପତ୍ତି ଅନୁସାରେ ୧୮୬୭ ମସିହା ଡିସେମ୍ବର ମାସରେ ଧନୁର୍ଜୟ ନାରାୟଣ ରାଜା ହେବା ପରେ ପାଟରାଣୀ ରାଜଉଆସ ଛାଡି ଚାଲିଗଲେ ଏବଂ ଭୂୟାଁମାନଙ୍କୁ ବିଦ୍ରୋହ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଏହି ଘଟଣା ଭୂୟାଁମାନଙ୍କର ରାଜଦରବାର ପ୍ରତି ଥିବା ଅଙ୍ଗୀକାରବଦ୍ଧତାର ସୂଚନା ଦିଏ । କାରଣ, ବିଷ୍ଣୁପ୍ରିୟା ଦେବୀ ଥିଲେ ପାଟରାଣୀ । ମାତ୍ର ଯେଉଁମାନେ ଏହି ବିଦ୍ରୋହକୁ ସମର୍ଥନ କରୁଥିଲେ ସେମାନଙ୍କ ମଧ୍ୟରୁ କେତେଜଣ ନିଜର ମତ ପରିବର୍ତ୍ତନ କରି ବ୍ରିଟିଶ ଶାସନର ନିଷ୍ପତ୍ତି ପ୍ରତି ସମର୍ଥନ ବ୍ୟକ୍ତ କରିବା ଦ୍ୱାରା ଭୂୟାଁମାନଙ୍କ ପ୍ରତି ଖାଲି ବିଶ୍ୱାସଘାତକତା ପ୍ରକାଶିତ ହେଲାନାହିଁ, ଗୋଟିଏ ଜାତି ପ୍ରତି ଚରମ ଅବହେଳା ପ୍ରଦର୍ଶନ ହୋଇଥିଲା । ବ୍ରିଟିଶ ଶାସନ (ଇଷ୍ଟଇଣ୍ଡିଆ କମ୍ପାନୀ)ର କୂଟନୀତି ପଶାପାଲିରେ ଗୋଟିଏ ସ୍ୱାଧୀନ ଚେତା ଜାତିର ମେରୁଦଣ୍ଡ ଏମାନେ ଭାଙ୍ଗି ଦେଲେ । ନିରକ୍ଷର, ସ୍ୱଳ୍ପ ଶିକ୍ଷିତ ଆଦିବାସୀମାନଙ୍କର ଅନୁରକ୍ତି, ଧର୍ମଧାରଣା, ରାଜ ଦରବାରର ପରମ୍ପରା ପ୍ରତି ଥିବା ଆନୁଗତ୍ୟର ପ୍ରତି ବଦଳରେ ଅହେତୁକ ଆଶଙ୍କା ପ୍ରକାଶ ପାଇଲା । ୧୮୬୮ ମସିହା ମେ ମାସରେ ଧନୁର୍ଜୟ ନାରାୟଣଙ୍କୁ ରେଭେନ୍ସା ସାହେବ ବଡଲାଟଙ୍କ ସ୍ୱୀକୃତି ଅନୁଯାୟୀ ରାଜା ବୋଲି ଘୋଷଣା କଲେ । ଏହି ଘଟଣା ପରେ ଭଞ୍ଜବଂଶର ପରମ୍ପରା ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଭୂୟାଁମାନଙ୍କୁ ଡକାଇ ସେମାନଙ୍କ ଉପସ୍ଥିତିରେ ଅଭିଷେକ କରାଇଥିଲେ ବା ପାଟରାଣୀ ଶାଢି ବାନ୍ଧିଥିଲେ ବିଦ୍ରୋହ ଦେଖାଯାଇ ନଥାନ୍ତା । ସରଳ ତଥା ନିରକ୍ଷର ଆଦିବାସୀ ମାନଙ୍କର ପାରମ୍ପରିକ ଧାରଣା, ବିଶ୍ୱାସ ଏବଂ ସଂସ୍କୃତି ପ୍ରତି ଦୃଷ୍ଟି ନଦେଇ ତଥାକଥିତ କୁଟିଳ ସମାଜ ଏହି ଭୂୟାଁମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିବା ମାଧ୍ୟମରେ ଗୋଟିଏ ଜାତିର ଅବଚେତନ ସ୍ତରରେ ଅବହେଳାର ସଙ୍କେତ ପ୍ରଦାନ କଲେ ।

**ପ୍ରମୁଖ ରାଜନୀତିକ କାରଣ :**

ରାଜା ଗଦାଧର ନାରାୟଣ ଭଞ୍ଜ ରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଇଙ୍କ ସହିତ ତୀର୍ଥାଟନରେ କଲିକତା ନିକଟସ୍ଥ ତ୍ରିବେଣୀକୁ ଯାଇଥିଲେ । ସେହିଠାରେ ୧୮୬୨ ମସିହା ମାର୍ଚ୍ଚ ମାସ ୨୨ ତାରିଖ ଦିନ ରାଜା ମୃତ୍ୟୁବରଣ କରିଥିଲେ । ରାଜା ଅପୁତ୍ରିକ ଥିଲେ । ନିଜ ରାଣୀଙ୍କ ଗର୍ଭରୁ କୌଣସି ସନ୍ତାନ ପାଇପାରିନଥିଲେ ମଧ୍ୟ ରାଜାଙ୍କର ଦୁଇଟି ଅବୈଧ ସନ୍ତାନ ଥିଲେ । ସେମାନେ ରାଜାଙ୍କର ଦାସୀପୁତ୍ର ଥିଲେ । ଉଭୟଙ୍କର ନାମ ଥିଲା ଧନୁର୍ଜୟ ଓ ଚନ୍ଦ୍ରଶେଖର । ମାତ୍ର କେତେଜଣ ଅମଲା ଧନୁର୍ଜୟଙ୍କୁ ରାଜାଙ୍କର ଫୁଲବିବାହିତା ରାଣୀଙ୍କର ସନ୍ତାନ ବୋଲି କହି କେନ୍ଦୁଝର ରାଜ୍ୟର ଉତ୍ତରାଧିକାରୀ ବୋଲି ଦାବି କରିଥିଲେ । ରାଜାମାନେ ନିଜର ବିବାହ ସମୟରେ ଅନ୍ୟଜଣେ ଯୁବତୀଙ୍କ ଗଳାରେ ଫୁଲମାଳ ଦେଇ ନିଜ ଅନ୍ତଃପୁରକୁ ନେଉଥିଲେ । ପାଟମହାଦେଇଙ୍କ ଗର୍ଭରୁ ଜନ୍ମିତ ପୁତ୍ର ରାଜାଙ୍କ ଅନ୍ତେ ରାଜା ହେବାର ପ୍ରଥା ରହିଥିଲା । ମାତ୍ର ରାଜାଙ୍କ ଔରସରୁ ପାଟରାଣୀଙ୍କର କୌଣସି ସନ୍ତାନ ନଥିବାରୁ କେନ୍ଦୁଝର ରାଜ୍ୟର ଦେବାନ, ଦରବାରର କେତେ ଜଣ ଅମଲାଙ୍କର ସହାୟତାରେ ୧୮୬୨ ମସିହା ଏପ୍ରିଲ୍ ୩ ତାରିଖ ଦିନ ନାବାଳକ ଧନୁର୍ଜୟଙ୍କୁ ସିଂହାସନରେ ଅଭିଷିକ୍ତ କରାଇଥିଲେ । ସେତେବେଳକୁ ସେ ନାବାଳକ ଥିଲେ ।

ଧନୁର୍ଜୟ ଭଞ୍ଜଙ୍କର ସିଂହାସନ ଆରୋହଣ ପଛରେ ରାଣୀ ବିଷ୍ଣୁପ୍ରିୟା ପାଟମହାଦେଇଙ୍କର ସମର୍ଥନ ନଥିଲା । କାରଣ ଧନୁର୍ଜୟ ଭଞ୍ଜ ତାଙ୍କର ପୁତ୍ର ନଥିଲେ । ତାଙ୍କ ଉପରେ ରାଣୀ କର୍ତ୍ତୃତ୍ୱ ଜାହିର କରି ନପାରିବାର ଆଶଙ୍କା କରି ଅନ୍ୟ କାହାକୁ ସିଂହାସନରେ ବସାଇବା ପାଇଁ ଆଳଟିଏ ଖୋଜି ବୁଲୁଥିଲେ । ଆଳଟିଏ ବି ମିଳିଗଲା । ରାଜା ଗଦାଧର ନାରାୟଣ ଭଞ୍ଜ ତାଙ୍କ ଜୀବିତାବସ୍ଥାରେ ମୟୂରଭଞ୍ଜ ରାଜାଙ୍କର ନାତି ବୃନ୍ଦାବନକୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଛନ୍ତି ବୋଲି ଏକଦା ପ୍ରକାଶ କରିଥିଲେ । ଉକ୍ତ ଲେଖା, ରାଣୀ ଏକ ଆବେଦନ ପତ୍ର ସହିତ ନେଇ ଓଡିଶାର ତତ୍କାଳୀନ କମିଶନର ଥୋମାସ ଏଡୱାର୍ଡ ରେଭେନ୍ସାଙ୍କ ନିକଟରେ ପହଞ୍ଚିଥିଲେ । ଧନୁର୍ଜୟ ଭଞ୍ଜଙ୍କ ସ୍ଥାନରେ ବୃନ୍ଦାବନ ଭଞ୍ଜ ନ୍ୟାୟତଃ କେନ୍ଦୁଝରର ରାଜା ବୋଲି କମିଶନର ଘୋଷଣା କରନ୍ତୁ, ତାହା ଥିଲା ତାଙ୍କ ଆବେଦନ ପତ୍ରର ସାରାଂଶ । ମାତ୍ର କମିଶନର ଉଭୟଙ୍କର ଦାବିକୁ ବିଚାରକୁ ନେଇ ରାଣୀଙ୍କର ଆବେଦନ ପତ୍ରକୁ ଅଗ୍ରାହ୍ୟ କଲେ ଏବଂ ଧନୁର୍ଜୟ ରାଜା ବୋଲି ରାୟ ଦେଲେ । ତାଙ୍କ ରାୟ ବିରୁଦ୍ଧରେ ରାଣୀ କଲିକତାସ୍ଥିତ ହାଇକୋର୍ଟରେ ଅପିଲ କଲେ । ସେଠାରେ ମଧ୍ୟ ତାହା ଅଗ୍ରାହ୍ୟ ହେଲା । ତା' ବିରୁଦ୍ଧରେ ରାଣୀ ପୁଣି ଲଣ୍ଡନସ୍ଥିତ ପ୍ରିଭି କାଉନ୍‌ସିଲ୍‌ରେ ଆବେଦନ କଲେ । ସେଠାରେ ମଧ୍ୟ ତାହା ଖାରଜ ହେଲା । ତା'ପରେ ତତ୍କାଳୀନ କମିଶନର ଥୋମାସ ଏଡୱାର୍ଡ ରେଭେନ୍ସା ୧୮୬୭ ମସିହା ଡିସେମ୍ବର ମାସରେ ଧନୁର୍ଜୟଙ୍କୁ ରାଜଗାଦିରେ ଅଧିଷ୍ଠିତ କରାଇଥିଲେ । ଏଥିରେ ରାଣୀ ମର୍ମାହତ ହୋଇଥିଲେ । କିପରି ଧନୁର୍ଜୟକୁ ବିତାଡିତ କରି ବୃନ୍ଦାବନ ଭଞ୍ଜଙ୍କୁ ରାଜା କରାଯିବ ତାହାଥିଲା ରାଣୀଙ୍କର ଏକମାତ୍ର ଚିନ୍ତା । ଏଥିରେ ସହାୟତା କରିବା ପାଇଁ ଏକଦା ମୟୂରଭଞ୍ଜ ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ରାଣୀ ଉପଲବ୍ଧି କରିପାରିଥିଲେ ଯେ, ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ହେଲେ ପ୍ରଜାଙ୍କର ସହାୟତା ନିହାତି ଦରକାର । ତେଣୁ ରାଣୀ ଗୋପନୀୟ ଭାବେ ତାଙ୍କ ବିଶ୍ୱସ୍ତ ପ୍ରଜା ଭୂୟାଁମାନଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ । ସେତେବେଳେ ଭୂୟାଁମାନଙ୍କର ସର୍ଦ୍ଦାର ଥିଲେ ରତ୍ନା ନାୟକ । ଦୁଃସାହସ ଓ ନିର୍ଭୀକତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ରତ୍ନା ନାୟକ ଜୁଆଙ୍ଗ ଓ ତାଙ୍କର ଅନ୍ୟାନ୍ୟ ସର୍ଦ୍ଦାରମାନଙ୍କ ସହିତ ମିଶି ରାଣୀଙ୍କର ପକ୍ଷ ସମର୍ଥନ କରିଥିଲେ । ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ ଚଳାଇବା ପାଇଁ ସେ ପ୍ରସ୍ତୁତ ହୋଇସାରିବା ପରେ ୧୮୬୮ ମସିହା ଏପ୍ରିଲ ୨୧ ତାରିଖ ଦିନ ରତ୍ନା ନାୟକ, ରାଜା ଓ ଇଂରେଜମାନଙ୍କ ବିରୁଦ୍ଧରେ ଖୋଲାଖୋଲି ଭାବେ ବିଦ୍ରୋହ ଘୋଷଣା କରିଥିଲେ । ଏହା ରତ୍ନା ମେଳି ନାମରେ ଖ୍ୟାତ । କେନ୍ଦୁଝର କାହିଁକି ଓଡିଶା ଇତିହାସରେ ଏହା ଏକ ଘଟଣାବହୁଳ ତଥା ରୋମାଞ୍ଚକର ଅଧ୍ୟାୟ ।

## ବିଦ୍ରୋହର ବହ୍ନି :

କେନ୍ଦୁଝରର ରାଜତନ୍ତ୍ର ଏବଂ ବ୍ରିଟିଶ ଗୋଲାମି ଶାସନ ବିରୋଧରେ ବିଭିନ୍ନ ଭୂୟାଁ ସର୍ଦ୍ଦାର ମଧ୍ୟ ରତ୍ନା ନାୟକଙ୍କ ସହିତ ହାତ ମିଳାଇ ଥିଲେ । ସେମାନେ ହେଲେ ନନ୍ଦ ନାୟକ, ନନ୍ଦ ପ୍ରଧାନ, ବାବୁ ନାୟକ, ଦାଶରଥି କୁଅଁର, ପଦୁ ନାୟକ ଓ ଟୁନି ପ୍ରଧାନ । ସେମାନେ ସମସ୍ତେ ରାଜାଙ୍କର ଆଦେଶ ଅମାନ୍ୟ କରିବେ

ଓ ବୃନ୍ଦାବନ ଭଞ୍ଜଙ୍କୁ ରାଜଗାଦିରେ ଅଭିଷିକ୍ତ ନକରାଇବା ପର୍ଯ୍ୟନ୍ତ ବିଦ୍ରୋହକୁ ଅବ୍ୟାହତ ରଖିବେ ବୋଲି ୧୮୬୮ ମସିହା ଏପ୍ରିଲ ୨୧ ତାରିଖ ଦିନ ଘୋଷଣା କରିଥିଲେ । ପରେ ପରେ ବିଦ୍ରୋହ ଏକ ଭୟାବହ ରୂପ ଗ୍ରହଣ କରିଥିଲା । ଇଂରେଜମାନଙ୍କ ପକ୍ଷେ ଏହାକୁ ଦମନ କରିବା କଷ୍ଟସାଧ ହୋଇପଡିଲା । ବିଦ୍ରୋହୀମାନେ ଇଂରେଜମାନଙ୍କର ସେନାଛାଉଣୀ ଉପରେ ଚଢାଉ କରି ଧ୍ୱସ୍ତବିଧ୍ୱସ୍ତ କରି ପକାଇଲେ । କ୍ରମେ କ୍ରମେ ଅବସ୍ଥା ଅଣାୟତ୍ତ ହୋଇପଡିଲା ।

ଅନ୍ୟ କୌଣସି ଉପାୟ ନ ଦେଖି ଇଂରେଜ ପ୍ରଶାସନ ମୟୂରଭଞ୍ଜ ରାଜାଙ୍କର ସହାୟତା ଲୋଡିଲେ । କେନ୍ଦୁଝର ରାଜ୍ୟର ପାଟରାଣୀଙ୍କ ଅନୁରୋଧ କ୍ରମେ ମୟୂରଭଞ୍ଜ ରାଜା ତାଙ୍କର ସମ୍ପର୍କୀୟଙ୍କୁ କେନ୍ଦୁଝରର ରାଜା କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ ହେଁ ଇଂରେଜମାନଙ୍କର ଚାପ ଏବଂ ନିଜର ଭବିଷ୍ୟତ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦୁଝର ପାଟରାଣୀଙ୍କ ପ୍ରତି ଥିବା ସମର୍ଥନ ପ୍ରତ୍ୟାହାର କରିନେଲେ । କୌଶଳ କ୍ରମେ ସେ ବୃନ୍ଦାବନ ଭଞ୍ଜଙ୍କୁ ଗିରଫ କରି ରଖିଲେ । ଏହାପରେ ଇଂରେଜମାନେ ତାଙ୍କର କୁଟିଳ ବୁଦ୍ଧି ପ୍ରୟୋଗ କରି ପାଲ୍‌ଲହଡା, ବଣେଇ ଓ ଢେଙ୍କାନାଳ ରାଜାଙ୍କୁ ମଧ୍ୟ ପକ୍ଷଭୁକ୍ତ କଲେ । ଏଥିସହିତ ଛୋଟନାଗପୁରରୁ ଅଧିକ ସଂଖ୍ୟକ ସୈନ୍ୟ ମଗାଇ ଇଂରେଜମାନେ ଦମନଲୀଳା ଆରମ୍ଭ କଲେ । ବିଦ୍ରୋହୀମାନଙ୍କର ଘରେ ଅଗ୍ନିସଂଯୋଗ କରି ସେଗୁଡିକୁ ଭସ୍ମୀଭୂତ କରିଦିଆଗଲା । ବାସ୍ତବପକ୍ଷେ ଦୀର୍ଘଦିନ ଧନୁଶର ଧରି ସଂଗ୍ରାମ କରୁଥିବା, କ୍ଳାନ୍ତ ଶ୍ରାନ୍ତ ବିଦ୍ରୋହୀ ଭୂୟାଁମାନେ ବହୁ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଇଂରେଜ ସୈନ୍ୟବାହିନୀଙ୍କ ସମ୍ମୁଖରେ କେତେଦିନ ଠିଆହୋଇ ରହିପାରିଥାଆନ୍ତେ ? ପୁନଶ୍ଚ, ବଣାଇ, ପାଲ୍‌ଲହଡା, ଢେଙ୍କାନାଳ ଓ ମୟୂରଭଞ୍ଜର ରାଜାମାନେ ଇଂରେଜମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ଏପରି ସ୍ଥଳେ ଭୂୟାଁ ସର୍ଦ୍ଦାରମାନେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ତେବେ ରତ୍ନା ନାୟକ ଓ ନନ୍ଦ କୌଶଳକ୍ରମେ ଖସି ପଳାଇଥିଲେ । ମାତ୍ର ଅଗଷ୍ଟ ମାସ ୧୫ ତାରିଖ ଦିନ ରତ୍ନା ନାୟକ ଓ ନନ୍ଦ ନାୟକଙ୍କୁ ପାଲ୍‌ଲହଡା ରାଜା ବନ୍ଦୀ କରାଇବା ପରେ ଭୂୟାଁ ବିଦ୍ରୋହ ପ୍ରଶମିତ ହେଲା । ଅଗଷ୍ଟ ମାସ ଶେଷ ଆଡକୁ ଅନ୍ୟ ସମସ୍ତ ବିଦ୍ରୋହୀ ସର୍ଦ୍ଦାରଙ୍କୁ ଇଂରେଜମାନେ ବନ୍ଦୀ କରିନେଲେ ।

ଏହାପରେ ଆରମ୍ଭ ହୋଇଥିଲା ବିଦ୍ରୋହୀମାନଙ୍କର ବିଚାରପର୍ବ । ରାଣୀ ବିଷ୍ଣୁପ୍ରିୟାଙ୍କୁ କଟକକୁ ନିର୍ବାସନରେ ପଠାଗଲା । ଟି.ଇ. ରେଭେନ୍ସା ମୋଟ ୧୮୩ ଜଣ ବନ୍ଦୀଙ୍କର ବିଚାର କରି ରତ୍ନା ନାୟକ, ନନ୍ଦ ନାୟକ, ପଦ୍ମ ନାୟକ, ଦଶରଥ କୁଅଁର, ଟୁନି ପ୍ରଧାନ, ବୈରାଗୀ କୋଲ, ବୈକୁଣ୍ଠ କୋଲ ଓ ମାର୍ଗଶିରୀ କୋଲଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରିବା ସଙ୍ଗେ ସଙ୍ଗେ ୨୭ ଜଣଙ୍କୁ ଯାବଜ୍ଜୀବ ଦ୍ୱୀପାନ୍ତର ଓ ଅନ୍ୟମାନଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

ଏହା ହେଉଛି ରତ୍ନା ନାୟକ ଓ ତାଙ୍କ ମେଳିର ରୋମାଞ୍ଚକର କାହାଣୀ । ଯଦି ମୟୂରଭଞ୍ଜର ରାଜା ନିଜର ମତ ପରିବର୍ତ୍ତନ କରିନଥାଆନ୍ତେ, ଅଥବା ପଡୋଶୀ ରାଜ୍ୟର ରାଜାମାନେ ଇଂରେଜମାନଙ୍କୁ ସହାୟତା

ପ୍ରଦାନ କରି ନଥାଆନ୍ତେ, ତେବେ ରତ୍ନା ନାୟକ ଯେ ଓଡିଶାରେ ଇଂରେଜ ଶାସନର ସ୍ଥିତିକୁ ଦୋହଲାଇ ଦେଇଥାଆନ୍ତେ, ଏଥିରେ ସନ୍ଦେହ ନାହିଁ ।

ଭୂୟାଁ ଜାତି ତଥା ସମାଜର ନେତୃତ୍ୱ ନେଉଥିବାରୁ ସର୍ଦ୍ଦାର ରତ୍ନା ନାୟକ ୧୮୬୮ ମସିହା ନଭେମ୍ବର ୩୦ ତାରିଖରେ ଫାଶି ଦଣ୍ଡରେ ଦଣ୍ଡିତ ହେଲେ । ମାତ୍ର ୪୮ ବର୍ଷ ବୟସରେ ସେ ସହିଦ୍ ହୋଇ ସବୁଦିନପାଇଁ ଭୂୟାଁ ଜାତି ଓ ପରମ୍ପରାର ଆଦର୍ଶ ହୋଇରହିଗଲେ । ଅଧିକାଂଶ ରାଜ୍ୟରେ ଅନେକ ସ୍ୱାଭିମାନ ଓ ସ୍ୱାଧୀନଚେତା ବ୍ୟକ୍ତି  ଇଂରେଜମାନଙ୍କ ବିରୁଦ୍ଧରେ ଲଢି ନିଜ ପରିଚିତିକୁ ସାକାର କରିବାକୁ ଯାଇ ଅନେକେ ସହିଦ୍ ହୋଇଛନ୍ତି । ସେହିପରି ସ୍ୱାଧୀନତା ସଂଗ୍ରାମର ପ୍ରାକ୍ କାଳରେ ଆଦିବାସୀ ଭୂୟାଁ, ସାନ୍ତାଳ, କୋହ୍ଲ, ମୁଣ୍ଡା, ଜୁଆଙ୍ଗ ପ୍ରଭୃତି ଆହୁରି ଅନେକ ଫାଶି ପାଇ ଦଣ୍ଡିତ ହୋଇଛନ୍ତି । ରତ୍ନା ନାୟକ ଫାଶି ପାଇଲା ପରେ ମଧ୍ୟ ତାଙ୍କର ଆଦର୍ଶ, ତ୍ୟାଗ, ବାଣୀ  ଓ ସ୍ୱାଭିମାନ ସମଗ୍ର ଭୂୟାଁ ଜାତିକୁ ପଥ ପ୍ରଦର୍ଶନ କରିଆସିଛି ।

## ପାଉଁଶ ତଳର ନିଆଁ :

ରତ୍ନା ନାୟକ ଫାଶୀ ପାଇଲେ । ଅନ୍ୟ ନେତାମାନଙ୍କୁ ସମତୁଲ୍ୟ ଦଣ୍ଡବିଧାନ କରାଗଲା । ପ୍ରଜା ଆନ୍ଦୋଳନ ସାମୟିକ ଭାବେ ଥମିଗଲା । ତଥାପି ସେହି ଆନ୍ଦୋଳନ ପୁନର୍ଜୀବନ ଲାଭ କରିଥିଲା ଧରଣୀଧରଙ୍କ ଅଭ୍ୟୁତ୍ଥାନ ପରେ । ଧରଣୀଧରଙ୍କ ଦୁଃସାହସୀ ନେତୃତ୍ୱ ବଳରେ ଆରମ୍ଭ ହୋଇଥିବା ଭୂୟାଁ ମେଳି ଇତିହାସର ଶେଷ ମେଳି, ଯାହାକି ଇଂରେଜ ଓ କେନ୍ଦୁଝରର ରାଜତନ୍ତ୍ରକୁ ଦୋହଲାଇ ଦେଇଥିଲା ।

୧୮୪୮ ମସିହାରୁ ୧୮୬୮ ମସିହା ପର୍ଯ୍ୟନ୍ତ ରତ୍ନା ନାୟକଙ୍କ ନେତୃତ୍ୱରେ ଘଟିଥିବା  ଭୂୟାଁ ପ୍ରଜାମେଳି ଜାତୀୟ ଚେତନାର ଏକ ଗୌରବ ଗାଥାର ଉଜ୍ଜ୍ୱଳ ସ୍ୱାକ୍ଷର । ରତ୍ନା ନାୟକଙ୍କ ଆତ୍ମବଳିକୁ ଯିଏ ଯେଉଁ ଦୃଷ୍ଟିକୋଣରୁ ବିଚାର କରୁନା କାହିଁକି, ସେ ଭଞ୍ଜବଂଶର ଚିରାଚରିତ ପ୍ରଥାର ବ୍ୟତିକ୍ରମ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଭୂୟାଁ ତଥା ଆଦିବାସୀମାନଙ୍କ ଉପରେ  ହେଉଥିବା ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ କରି, ଇଂରେଜ ଶାସନର ମନମୁଖୀ ନିର୍ଣ୍ଣୟକୁ ବିରୋଧ କରି ଫାଶି ପାଇଛନ୍ତି । ଯଥାର୍ଥରେ ସେ ଜଣେ ସହିଦ୍, ତାଙ୍କର ଆଦର୍ଶ କେବଳ ଭୂୟାଁ ସମାଜ ନୁହେଁ, ଅନ୍ୟମାନଙ୍କ ପାଇଁ  ମଧ୍ୟ ଆଦର୍ଶ ହୋଇ ରହିବ, ଏଥିରେ ଦ୍ୱିମତ ନାହିଁ ।

❑❑

# ବିପ୍ଳବୀ ତାମା ଦୋରା



ଲେଖକ
**ବିଜୟ ଉପାଧ୍ୟାୟ**



**ପ୍ରାକ୍‌କଥନୀ :**

ଫିତୁରିର ଇତିହାସରେ ତାମା ଦୋରା ଏକ ଚିରସ୍ମରଣୀୟ ନାମ । ଫିତୁରିର ଅର୍ଥ ହେଉଛି ଆଦିବାସୀ ଗଣବିଦ୍ରୋହ । ୧୯୨୨ରେ ଆଲୁରି ସୀତାରାମେୟା ରାଜୁଙ୍କ ନେତୃତ୍ୱରେ ୨ ବର୍ଷ ଧରି ଚାଲିଥିବା ଶେଷତମ ଫିତୁରି ପର୍ଯ୍ୟନ୍ତ ତାମା ଦୋରାଙ୍କ ନାମରେ ହିଁ ଏଜେନ୍ସୀ ଅଞ୍ଚଳରେ ସମସ୍ତ ଫିତୁରି ଚାଲିଥିଲା । ୧୮୩୯ରୁ ଆରମ୍ଭ କରି ୧୯୨୨ – ଏହି ୮୩ ବର୍ଷ ଧରି ତାମା ଦୋରା ନାମଟି ବ୍ରିଟିଶ ଉପନିବେଶକ ଶାସକ ମାନଙ୍କର ହୃତକମ୍ପ ସୃଷ୍ଟି  କରୁଥିଲା, ଏ କଥା ବ୍ରିଟିଶ ନଥିପତ୍ରରୁ ଜଣାଯାଏ । ଏହା ଯେତିକି ବିସ୍ମୟକର ସେତିକି  ଅସ୍ପଷ୍ଟ । । ଅସ୍ପଷ୍ଟ ଏଇଥିପାଇଁ  ଯେ, ଐତିହାସିକମାନେ ଏ ସମ୍ପର୍କରେ ବିଶେଷ ଧ୍ୟାନ ଦେଇ ନାହାନ୍ତି  ବା ପ୍ରକୃତ ସତ୍ୟକୁ ଲୋକ ଲୋଚନକୁ ଆଣିବା ପାଇଁ ଚେଷ୍ଟା କରିନାହାନ୍ତି । ତେବେ ଆନ୍ଧ୍ର–ଓଡିଶା ଓ ବସ୍ତରର କୋୟା ଅଞ୍ଚଳରେ ଏହି ସମୟରେ ଦୁଇଜଣ ତାମା ଦୋରାଙ୍କର ଆବିର୍ଭାବ ଘଟିଥିଲେ । ଜଣେ ହେଉଛନ୍ତି କରମ୍ ତାମା ଦୋରା ଓ ଅନ୍ୟ ଜଣେ ଭୀମା ଦୋରା ଓରଫ ତାମା ଦୋରା । ଏହି ଦୁଇ ଫିତୁରି ନେତାଙ୍କୁ ପ୍ରଥମ ତାମା ଦୋରା ଓ ଦ୍ୱିତୀୟ ତାମା ଦୋରା ରୂପେ ଅଭିହିତ କରାଯାଇପାରେ । ପ୍ରଥମ ତାମା ଦୋରାଙ୍କ ଜନ୍ମ ଆନ୍ଧ୍ରର ରମ୍ପା ନିକଟସ୍ଥ ବଣ୍ଡାପାଲି ଗ୍ରାମରେ ଏବଂ ଦ୍ୱୀତୀୟ ତାମାଦୋରାଙ୍କ ଜନ୍ମ ମାଲକାନଗିରି ନିକଟସ୍ଥ  ପଡିଆ ବ୍ଲକରେ ଥିବା କୋଣ୍ଡାପାଲି ଗ୍ରାମରେ । ପ୍ରଥମ ତାମା ଦୋରାଙ୍କ ଜନ୍ମ ସମୟ ୧୮୩୯ ମସିହାରୁ ରୁ ୧୯୪୮ ମସିହା ମଧ୍ୟରେ ହୋଇଥିଲା। ସେ ରମ୍ପା ଫିତୁରିର ଥିଲେ ମୁଖ୍ୟ ଅଧିନାୟକ।

ଦ୍ୱିତୀୟ ତାମା ଦୋରା ଥିଲେ ୧୮୬୨ ରମ୍ପା ଫିତୁରି  ତଥା ୧୮୭୯-୮୦ ରମ୍ପା-ମାଲକାନଗିରି ଫିତୁରିର ଅଧିନାୟକ। ସେ ୧୮୭୨ ମସିହାରେ ଗାଦିଚ୍ୟୁତ ହୋଇଥିବା ମାଲକାନଗିରିର ରାଣୀ ବାଙ୍ଗୁରୁ ଦେଈଙ୍କର ଥିଲେ ସେନାପତି । ତାଙ୍କର ଜନ୍ମ ହୋଇଥିଲା ୧୮୩୮ମସିହାରେ । ୧୮୮୦ମସିହା  ଜୁଲାଇ ମାସ ୨୫ ତାରିଖ ଦିନ ବ୍ରିଟିଶ ପୋଲିସ୍ ଏକ ସମ୍ମୁଖ ଯୁଦ୍ଧରେ ତାଙ୍କୁ ହତ୍ୟା କରି ତାଙ୍କର ମୁଣ୍ଡକାଟ କରିଥିଲେ। ଇଂରେଜମାନେ ସେହି ମୁଣ୍ଡକୁ  କାର୍ବୋଲିକ ଏସିଡରେ ସୁରକ୍ଷିତ କରି ରାଜମାହେନ୍ଦ୍ରୀ ଆଣିଥିଲେ। ବ୍ରିଟିଶ ଶାସକ ମାନଙ୍କର  ଲକ୍ଷ୍ୟ  ଥିଲା ଯେ ତାମା ଦୋରା ଯେ ନିହତ ହୋଇଛନ୍ତି ତାହା ପ୍ରମାଣିତ କରି ଲୋକଙ୍କ ମନରୁ ଫିତୁରିର ଭୂତ   ଛଡେଇବା। କିନ୍ତୁ ତା'ପରେ ମଧ୍ୟ କୋୟା ତଥା ଅନ୍ୟ ଆଦିବାସୀ ସମ୍ପ୍ରଦାୟ ଏହାକୁ ବିଶ୍ୱାସ କରିନଥିଲେ। ତାମା ଦୋରାଙ୍କ ନାମରେ।  ତାଙ୍କର ଅନ୍ୟାନ୍ୟ ସାଥୀମାନେ ୧୯୨୨ ମସିହା ପର୍ଯ୍ୟନ୍ତ ଫିତୁରିର ଧାରାକୁ ଅବ୍ୟାହତ ରଖିଥିଲେ। ସନ୍ନ୍ୟାସୀ ଆଲୁରି  ସୀତାରାମେୟା ରାଜୁ ଆବିର୍ଭାବ ହେବା ପରେ ତାମା ଦୋରାଙ୍କର  ଅଲୌକିକତାର ଆଉ ଆବଶ୍ୟକତା ନଥିଲା । ତେଣୁ ତାଙ୍କ ନାମରେ ନୁହେଁ, ଆଲୁରି ରାଜୁଙ୍କ ନାମରେ ହିଁ ୧୯୨୨-୨୪ର ଫିତୁରି ସଞ୍ଚାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ, ଏକଥା ନିଶ୍ଚିତ ଭାବେ କୁହାଯାଇପାରେ ଯେ, ତାମା ଦୋରା ଥିଲେ ଅବିରତ  ବିପ୍ଳବ ବା ଫିତୁରିର ଜଣେ ପ୍ରତୀକ। ଜଣେ  ବେସାଲିସ ପ୍ରତିଶୋଧ ପରାୟଣ ଫିତୁରିଦାର ଓ ଜଣେ ଅବିସମ୍ବାଦିତ ଦୁଃସାହସୀ  କୋୟା  ବୀର  ରୂପେ ତାଙ୍କର ନାମ  ସମଗ୍ର  ଆନ୍ଧ୍ର-ଓଡିଶା-ବସ୍ତରର କୋୟା ଅଞ୍ଚଳରେ

ସୁବିଖ୍ୟାତ । ପ୍ରଥମ ତାମା ଦୋରା ୧୮୪୮ ମସିହା ପରେ କେଉଁଆଡେ ଅଦୃଶ୍ୟ ହୋଇଗଲେ ସେ ସମ୍ପର୍କରେ ବ୍ରିଟିଶ ନଥିପତ୍ର ତଥା ଐତିହାସିକମାନେ ନୀରବ।

## ଐତିହାସିକ ପୃଷ୍ଠଭୂମି :

୧୮୦୩ ମସିହା ସେପ୍ଟେମ୍ବର ମାସ ୮ ତାରିଖରେ ବ୍ରିଟିଶ୍ ସରକାର ଓଡିଶା ଆକ୍ରମଣ କରି ଅକ୍ଟୋବର ମାସ ୧୪ ତାରିଖରେ ସମଗ୍ର ମୋଗଲବନ୍ଦୀ ଅଞ୍ଚଳକୁ ନିଜ ଶାସନକୁ ନେଇ ଆସିଥିଲେ । କାରଣ ୧୭୬୬ ମସିହା ସୁଦ୍ଧା କଟକ-ପୁରୀ–ବାଲେଶ୍ୱରର ଯେଉଁ ସବୁ ସମତଳ ଅଞ୍ଚଳ ମୋଗଲ ବନ୍ଦୀ ଅଞ୍ଚଳ ରୂପେ ପରିଚିତ, ତାହା ମରହଟ୍ଟା ମାନଙ୍କର ପ୍ରତ୍ୟକ୍ଷ ଶାସନକୁ ଚାଲିଯାଇଥିଲା । ଏହିସବୁ ଅଞ୍ଚଳ ପାଇକ ବିଦ୍ରୋହ ଦମନ ପରେ ୧୮୦୩ ମସିହାରେ ବ୍ରିଟିଶ ଶାସନକୁ ଆସିଲା । ଅଥଚ ବିଶାଖାପାଟଣା ସମେତ ଗଞ୍ଜାମ ଓ କୋରାପୁଟ ଜିଲ୍ଲା ୧୭୫୩ ମସିହା ସୁଦ୍ଧା ଗୋଲ୍‌କୋଣ୍ଡାର ରାଜା ନିଜାମ୍ ଅଲିଙ୍କର ଶାସନାଧୀନ ଥିଲା । ୧୭୫୩ ମସିହାରୁ ୧୭୫୯ ମସିହା ପର୍ଯ୍ୟନ୍ତ ଫରାସୀମାନେ ଏହି ଅଞ୍ଚଳକୁ ନିଜାମ୍‌ଙ୍କ ଠାରୁ ହାସଲ କରିଥିଲେ ଓ ନିଜାମଙ୍କୁ ରାଜସ୍ୱ ଦେଉଥିଲେ । ୧୭୫୭ରେ ଫରାସୀ ଜେନେରାଲ ଡି ବସ୍‌ଙ୍କ ବିରୁଦ୍ଧରେ ପ୍ରଥମ ଘୁମୁସର ବିଦ୍ରୋହ ହୋଇଥିଲା। ଘୁମୁସର ରାଜା ଏହି ବିଦ୍ରୋହ ପରେ ବନ୍ଦୀ ହୋଇଥିଲେ ହେଁ ୩୦ ଜଣ ୟୁରୋପୀୟ ଓ ଅନେକ ସିପାହୀ ଏଥିରେ ନିହତ ହୋଇଥିଲେ। କିନ୍ତୁ ବିଦ୍ରୋହ ପରେ ୧୭୫୯ ମସିହା ବେଳକୁ ନିଜାମ ଏହି ଅଞ୍ଚଳର ଶାସନଭାର ବ୍ରିଟିଶ ମାନଙ୍କ ହାତରେ ନ୍ୟସ୍ତ କରିଥିଲେ । ଦିଲ୍ଲୀ ବାଦ୍‌ଶାହଙ୍କର ଏକ ସ୍ୱତନ୍ତ୍ର ସନନ୍ଦ ଏଥି ସକାଶେ ସ୍ୱାକ୍ଷରିତ ହୋଇଥିଲା। ପ୍ରତି ବଦଳରେ ନିଜାମ୍ ବ୍ରିଟିଶର ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ସବୁ ପ୍ରକାର ସାମରିକ ସାହାଯ୍ୟ ପାଇବେ ବୋଲି ପ୍ରତିଶ୍ରୁତି ପାଇଥିଲେ । ସେତେବେଳକୁ ୧୯୫୭ ମସିହାର ପଲାସୀ ଯୁଦ୍ଧ ଲର୍ଡ କ୍ଲାଇବଙ୍କର ନେତୃତ୍ୱରେ ସଂଘଟିତ ହୋଇ ସାରିଥିଲା ଏବଂ ମୋଗଲ ବାଦ୍‌ଶାହଙ୍କ ପ୍ରତିପତ୍ତି ଧୀରେ ଧୀରେ କମି ଆସୁଥିଲା । କ୍ରମେ ନିଜାମଙ୍କ ଶାସନକୁ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଅବଜ୍ଞା କରି ନିଜର ସାର୍ବଭୌମ ଶାସନ ଏଠାରେ ପ୍ରତିଷ୍ଠା କରିଥିଲେ ଏବଂ ଏହି ସମଗ୍ର ଅଞ୍ଚଳକୁ ମାଡ୍ରାସ୍ ପ୍ରେସିଡେନ୍ସୀର ଅନ୍ତର୍ଭୁକ୍ତ କରି ବିଶାଖାପାଟଣା ଜିଲ୍ଲା ଅଧୀନରେ ଗଞ୍ଜାମ, କୋରାପୁଟ ଆଦି ଓଡିଶାର ଦକ୍ଷିଣାଞ୍ଚଳକୁ ରଖିଥିଲେ। ଜିଲ୍ଲାର ଶାସନ ପାଇଁ ଏକ ଏଜେନ୍ସୀ ଆଇନ୍ ପ୍ରଚଳନ କରାଯାଇଥିଲା ଓ ଜଣେ ଜିଲ୍ଲାପାଳଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ଜିଲ୍ଲାପାଳଙ୍କ କ୍ଷମତା ଥିଲା ଅପରିସୀମ । ୧୭୯୫ ମସିହାରେ ବେଙ୍ଗଲ–ବିହାର-ଓଡିଶାରେ ଜମିଦାରୀ ବ୍ୟବସ୍ଥାର ପ୍ରଚଳନ ବା ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳନ ପୂର୍ବରୁ ଏହି ଦକ୍ଷିଣାଞ୍ଚଳରେ ତତ୍କାଳୀନ ରାଜା ମହାରାଜାମାନଙ୍କ ଜରିଆରେ ନିୟମିତ ଖଜଣା ବା ପେସ୍‌କସ୍ ପ୍ରଥାର ବ୍ୟବସ୍ଥା କରାଯାଇଥିଲା। ୧୭୯୩ ମସିହାରେ ଚିରସ୍ଥାୟୀ ବନ୍ଦୋବସ୍ତ ଢାଞ୍ଚାରେ ପେସ୍‌କସ୍ ପ୍ରଥା ଏହି ଅଞ୍ଚଳରେ ପ୍ରଚଳିତ କରିବାର ଉଦ୍ୟମ ହେବାରୁ ବିଜୟନଗରମ୍‌ର ରାଜା ବିକ୍ରମରାମ ରାଜୁ ଏହାର ଘୋର ବିରୋଧ କରିଥିଲେ । ବ୍ରିଟିଶ ରାଷ୍ଟ୍ର ଏହି ବିଦ୍ରୋହକୁ ଦମନ କରି ଦେଉଥିଲେ ମଧ୍ୟ ଚିରସ୍ଥାୟୀ ବନ୍ଦୋବସ୍ତ ଏ ଅଞ୍ଚଳରେ ଆଉ ପ୍ରଚଳନ କରିନଥିଲେ।

## ଫିତୁରିର ପୃଷ୍ଠଭୂମି :

୧୮୩୯ ମସିହାରେ ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ବିଶାଖାପାଟନମ୍ ଜିଲ୍ଲା ଥିଲା ମୁଖ୍ୟତଃ ଏକ ଏଜେନ୍ସି ଅଞ୍ଚଳ । ଏଜେନ୍ସି ଆଇନ୍ ବ୍ରିଟିଶ ସରକାରଙ୍କ ଦ୍ୱାରା ପ୍ରଣୀତ ହୋଇଥିଲା । ବିଶାଖାପାଟନମ୍ ଜିଲ୍ଲାର ଅନ୍ତର୍ଭୁକ୍ତ ଥିଲା ବିରାଟ ଅବିଭକ୍ତ କୋରାପୁଟ ଓ ଗଞ୍ଜାମ ଜିଲ୍ଲା । ପୂର୍ବରୁ ଜୟପୁର ଏଜେନ୍ସି ଅଞ୍ଚଳ ଜୟପୁର ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ୧୯୩୪ ମସିହାରେ କବି ଶେଖର ଚିନ୍ତାମଣି ମହାନ୍ତି ଜୟପୁର ସମ୍ପର୍କରେ ଲେଖିଛନ୍ତି – "ଉତ୍ତରରେ କଳାହାଣ୍ଡିଠାରୁ ଗୋଦାବରୀ ଜିଲ୍ଲାସ୍ଥ ରେଖାପଲ୍ଲୀ ଏବଂ ପଶ୍ଚିମରେ ବସ୍ତରଠାରୁ ପୂର୍ବରେ ବିଶାଖାପାଟଣା ଜିଲ୍ଲାର ସମତଳ ଭୂମି ଏବଂ ଗଞ୍ଜାମ ଜିଲ୍ଲା ପର୍ଯ୍ୟନ୍ତ ଜୟପୁର ରାଜ୍ୟ ବିସ୍ତୃତ ।" ଜୟପୁର ରାଜ୍ୟର ନିର୍ମାତା ବିନାୟକ ଦେବ କାଶ୍ମୀର ଅଞ୍ଚଳରୁ ନନ୍ଦପୁର ଆସି ସେଠାକାର ରାଜକୁମାରୀ ଲୀଳାବତୀଙ୍କୁ ବିବାହ କରିଥିଲେ ଓ ରାଜସିଂହାସନ ଆରୋହଣ କରିଥିଲେ । କିନ୍ତୁ ସେଥିପାଇଁ ତାଙ୍କୁ ଅନେକ ବିଦ୍ରୋହର ସମ୍ମୁଖୀନ ହେବାକୁ ପଡିଥିଲା । ପରେ ବସ୍ତରର ଜଣେ ପରାକ୍ରମୀ ପୁଝାରୀ ବଣିକ ସର୍ଦ୍ଦାରଙ୍କ ସହଯୋଗ କ୍ରମେ ସେ ନିଜର ରାଜ୍ୟ ଫେରି ପାଇଥିଲେ ଓ ୧୪୪୫ ମସିହା ବେଳକୁ ପୁଣି ଥରେ ରାଜଗାଦି ଫେରି ପାଇଥିଲେ । ସେ ଅନେକ ଗୁଡିଏ ଛୋଟଛୋଟ ରାଜ୍ୟ ଜୟ କରିଥିଲେ ଯାହା ଭିତରୁ ମାଲକାନାଗିରିର କୁମ୍ଭୁଦ୍ରି ବା କୋଣ୍ଡାକୋମ୍ବାରୁ ରାଜ୍ୟ ଅନ୍ୟତମ । କେହି କେହି ଏହାକୁ ସୁବଳୟା ରାଜ୍ୟ ବୋଲି କହିଥାନ୍ତି । ରାଣୀ ଲୀଳାବତିଙ୍କ ମାମୁଁ ପୁଅ ଭାଇ ସିଙ୍ଗରାଜୁଙ୍କୁ ବିନାୟକ ଦେବ କୁମ୍ଭୁଦ୍ରିର ରାଜା ରୂପେ ପ୍ରତିଷ୍ଠିତ କରିଥିଲେ । ପରେ ଏହା ମାଲକାନାଗିରିର ରାଜ୍ୟ ରୂପେ ଅଭିହିତ ହେଲା । ଏହା ଥିଲା ଜୟପୁର ରାଜାଙ୍କର ଏକ କରଦ ରାଜ୍ୟ । ଏହି ମାଲକାନାଗିର ରାଜ୍ୟ ଚାରୋଟି ମୁଠାରେ ବିଭକ୍ତ ହୋଇଥିଲା – ମୋଟୁ, ପଡିଆ, ପଦ୍ମଗିରି ଓ କୋରକୋଣ୍ଡା । କୋରକୋଣ୍ଡା ମୁଠାର ଅନ୍ତର୍ଭୁକ୍ତ ଥିଲା କୋଣ୍ଡାକୋମ୍ବାରୁ । ଏହି କୋଣ୍ଡାକୋମ୍ବାରୁ ଚିତ୍ରକୋଣ୍ଡା ଜଳଭଣ୍ଡାର ଦ୍ୱାରା ବର୍ତ୍ତମାନ ଜଳମଗ୍ନ । ଅଥଚ ଏହି କୋଣ୍ଡାକୋମ୍ବାରୁ ହିଁ ଥିଲା ମାଲକାନାଗିରିର ଅଧିକାଂଶ ଫିତୁରିର କେନ୍ଦ୍ରସ୍ଥଳୀ । ମାଲକାନାଗିରିର ୨୪ତମ ରାଜା ପାଣ୍ଡୁ ପାତ୍ର ୧୮୩୫ ମସିହାରେ ମୃତ୍ୟୁବରଣ କରିଥିଲେ । ତାଙ୍କ ପରେ ଶାସନଭାର ପଡିଲା ରାଣୀ ଭମ୍ବାଙ୍କ ଉପରେ । କିନ୍ତୁ ରାଣୀ ଭମ୍ବା ବହୁତ ସମୟରେ ରୋଗଗ୍ରସ୍ତ ରହୁଥିବାରୁ ରାଜକୁମାରୀ ବାଙ୍ଗାରୁ ଦେବୀଙ୍କୁ ହିଁ ରାଜ୍ୟର ସମସ୍ତ ଶାସନ କାର୍ଯ୍ୟ ବୁଝିବାକୁ ପଡୁଥିଲା । ଶେଷରେ ୧୮୩୮ ମସିହାରେ ରାଣୀ ଭମ୍ବାଙ୍କ ମୃତ୍ୟୁ ପରେ ରାଣୀ ବାଙ୍ଗାରୁ ଦେବୀ ସମ୍ପୂର୍ଣ୍ଣ ଶାସନଭାର ଗ୍ରହଣ କଲେ ।

ଜୟପୁର ରାଜା, ବିଜୟନଗରମ୍‌ର ରାଜା ଓ ଅନ୍ୟ ସମସ୍ତ ଛୋଟବଡ ରାଜା ବ୍ରିଟିଶ ସରକାରଙ୍କୁ ମାନି ନେଇଥିଲେ । କିନ୍ତୁ ବାଙ୍ଗାରୁ ଦେବୀ ଶାସନ କ୍ଷମତା ଗ୍ରହଣ କରିବା ପରେ ରମ୍ପା ଓ ଗୁଡେମ୍ ବିଦ୍ରୋହ ଦ୍ୱାରା ବହୁ ଭାବେ ପ୍ରଭାବିତ ହୋଇ ବ୍ରିଟିଶଠାରୁ ସ୍ୱାଧୀନ ହେବାର ସ୍ୱପ୍ନ ଦେଖୁଥିଲେ । ସେଥିପାଇଁ ଫିରିଙ୍ଗିମାନଙ୍କ ବିରୁଦ୍ଧରେ ଏକ ବଡ ଧରଣର ସଂଗ୍ରାମ ଚଳାଇବା ପାଇଁ ସେ ଏକ ବିଶାଳକାୟ କୋୟାବାହିନୀ ଗଠନ କରିଥିଲେ । ୧୮୬୦ ମସିହାରେ ରାଜା ବିକ୍ରମ ଦେବଙ୍କ ମୃତ୍ୟୁ ପରେ ଯେତେବେଳେ ରାଜା

ତୃତୀୟ ରାମଚନ୍ଦ୍ର ଦେବ ଜୟପୁର ସିଂହାସନ ଆରୋହଣ କଲେ ସେତେବେଳେ ରାଣୀ ବାଙ୍ଗାରୁ ଦେବୀ ଜୟପୁର ରାଜାଙ୍କ ବିରୁଦ୍ଧରେ ସୈନ୍ୟ ସଞ୍ଚାଳନ କରିଥିଲେ । ୧୮୬୦ ମସିହାର ଏହି ଲଢେଇ ଚମ୍ପାଖାରୀ ବିଦ୍ରୋହ ରୂପେ ବିଖ୍ୟାତ । ପରେ ପରେ ସେ ଜୟପୁର ରାଜାଙ୍କୁ ଖଜଣା ଦେବା ମଧ୍ୟ ବନ୍ଦ କରିଦେଲେ । ଏହି ଯୁଦ୍ଧ ସମୟରେ ସନ୍ନ୍ୟାସୀ ରାଜୁ ତାଙ୍କର ମନ୍ତ୍ରୀ ଥିଲେ ଓ ମୁଖ୍ୟ ସେନାପତି ଥିଲେ ତାମା ଦୋରା । ଯୁଦ୍ଧରେ ଜୟପୁର ରାଜା ପଛଘୁଞ୍ଚା ଦେଇଥିଲେ । ପରେ ପରେ ୧୮୬୨ ମସିହାରେ ରମ୍ପାଠାରେ ଦେଖାଦେଲା କୋୟା ବିଦ୍ରୋହ । ଏଥିରେ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରିବା ପାଇଁ ତାମା ଦୋରାଙ୍କ ନେତୃତ୍ୱରେ ରାଣୀ ବାଙ୍ଗାରୁ ଦେବୀ ନିଜର କୋୟାବାହିନୀକୁ ପଠାଇଥିଲେ । ରମ୍ପା ବିଦ୍ରୋହ ମୋଟାମୋଟି ଭାବେ ସଫଳ ହୋଇଥିଲା ଓ ବିଶାଖାପାଟନମ୍‌ର ଜିଲ୍ଲାପାଳଙ୍କ ସହିତ ବିଦ୍ରୋହୀ ନେତାମାନଙ୍କର ଏକ ସାମୟିକ ରାଜିନାମା ହୋଇଥିଲା । ଏହି ବିଦ୍ରୋହ ପଛରେ ହାଇଦ୍ରାବାଦ ନିଜାମଙ୍କର ମଧ୍ୟ କିଛି ନିହିତ ସ୍ୱାର୍ଥ ତଥା ସମର୍ଥନ ରହିଥିଲା । ସେଥିପାଇଁ ଯୁଦ୍ଧରୁ ଫେରିବା ପରେ ସେନାପତି ତାମା ଦୋରାଙ୍କୁ ନିଜାମ ଏକ ତାମ୍ର ପ୍ରଂଶସା ପତ୍ର ଦେଇଥିଲେ । କୁହାଯାଏ ଯେ, ତାମା ଦୋରାଙ୍କର ପୂର୍ବନାମ ଥିଲା ଭୀମା ଦୋରା ଏବଂ ଏହି ତାମ୍ର ପତ୍ର ପାଇବା ପରେ ତାଙ୍କର ନାମ ହେଲା ତାମା ଦୋରା ।

**ତାମା ଦୋରା:**

୧୮୩୮ ମସିହା ମାଘ ମାସ ଦ୍ୱିତୀୟ ସୋମବାରଦିନ ପଡିଆ ନିକଟସ୍ଥ କୋଣ୍ଡାପଲ୍ଲୀ ଗ୍ରାମରେ ଭୀମା ଦୋରା ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ନାମ ଥିଲା ରାମା ଦୋରା । ଏହି ରାମା ଦୋରା ଥିଲେ ୧୮୩୯-୪୦ କାଳରେ ଘଟିଥିବା ପ୍ରଥମ ରମ୍ପା ବିଦ୍ରୋହର ଅଧିନାୟକ କରମ ତାମା ଦୋରାଙ୍କର ଭାଇ । ଫିତୁରି ଥିଲା ଏହାଙ୍କର ପାରିବାରିକ ପରମ୍ପରା । ସେଥିପାଇଁ ରମ୍ପା ଓ ଗୁଡେମର ଫିତୁରି ସହ ଏହି ବିଦ୍ରୋହୀ କୋୟା ନେତାଙ୍କର ସଂଯୋଗ ସବୁବେଳେ ଲାଗି ରହିଥିଲା । ରାମା ଦୋରା ଥିଲେ ତାଙ୍କ ଗାଁର ପେଦା ବା ନାୟକ । ପିତାଙ୍କ ମୃତ୍ୟୁ ପରେ ଖୁବ୍ ଅଳ୍ପ ବୟସରେ ଭୀମା ଦୋରା ବା ତାମାଦୋରା ଏହି ପେଦା ପଦବୀ ଗ୍ରହଣ କଲେ ଓ ବାପା ଓ ବଡ ବାପାଙ୍କର ଆଦର୍ଶରେ ଦୀକ୍ଷିତ ହୋଇ ଗାଁ ଗାଁ ବୁଲି ଇଂରେଜ ଶାସକମାନଙ୍କ ବିରୁଦ୍ଧରେ ସଂଗଠନ ଗଢିବାକୁ ଲାଗିଲେ । ମାଲକାନଗିରି ଅଞ୍ଚଳର ସମଗ୍ର କୋୟା ସମାଜ ଧୀରେଧୀରେ ତାଙ୍କର ଆଦର୍ଶରେ ଉଦ୍‌ବୁଦ୍ଧ ହେବାକୁ ଲାଗିଲେ । ଆନ୍ଧ୍ରପ୍ରଦେଶର ଭଦ୍ରାଚଳମ, ରମ୍ପା, ଗୁଡେମ, ମାଡଗୁଲାଠୁ ଆରମ୍ଭ କରି ବସ୍ତର ପର୍ଯ୍ୟନ୍ତ ବ୍ୟାପ୍ତ ସମଗ୍ର କୋୟା ସମାଜ ତାଙ୍କର ନେତୃତ୍ୱକୁ ମାନିନେଲେ । ତାଙ୍କର ମୁଖ୍ୟ କର୍ମସ୍ଥଳୀ ଥିଲା ମୋଟୁ । ବାଙ୍ଗାରୁ ଦେବୀଙ୍କର ସେନାପତି ରୂପେ ଅନେକ କ୍ଷମତାର ଅଧିକାରୀ ଥିଲେ । ତେଣୁ ବ୍ରିଟିଶ ପୋଲିସ ବିରୋଧୀ ଗରିଲା ସଂଗ୍ରାମରେ ସେ କ୍ରମଶଃ ପାରଙ୍ଗମ ହୋଇ ଉଠିଲେ ।

ଏଣେ ୧୮୬୦ ମସିହାରେ ବାଙ୍ଗାରୁ ଦେବୀଙ୍କଠାରୁ ପରାଜୟ ବରଣକରି ଜୟପୁର ରାଜା ତୃତୀୟ ରାମଚନ୍ଦ୍ର ଦେବ ବ୍ରିଟିଶ ପ୍ରଶାସନର ସାହାଯ୍ୟ ଲୋଡିଲେ । ଇଂରେଜ ସରକାର ୧୮୭୨ ମସିହାରେ

ଖଜଣା ନଦେବା ଅପରାଧରେ ବାଙ୍ଗାରୁ ଦେବୀଙ୍କୁ ଗାଦିଚ୍ୟୁତ କଲେ ଓ ମାଲକାନାଗିରି ରାଜ୍ୟକୁ ଜୟପୁର ରାଜ୍ୟର ଅନ୍ତର୍ଭୁକ୍ତ କଲେ । ତେବେ ଗାଦିଚ୍ୟୁତ ହେବାପରେ ବି ବାଙ୍ଗାରୁ ଦେବୀ ମାଲକାନାଗିରିରେ ରହି ତାମା ଦୋରାଙ୍କର ଫିତୁରିକୁ ସବୁ ପ୍ରକାରର ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିଲେ । ପୁଣି ଥରେ ଶାସନ କ୍ଷମତାକୁ ଫେରିବା ଥିଲା ତାଙ୍କର ଅନ୍ତିମ ଇଚ୍ଛା । ତାମାଦୋରାଙ୍କ ଫିତୁରି ୧୮୮୦ ମସିହା ସୁଦ୍ଧା ଅର୍ଥାତ ତାମା ଦୋରାଙ୍କ ମୃତ୍ୟୁ ସୁଦ୍ଧା ସଫଳ ନହୋଇ ପାରିବାରୁ ସେ ଜୟପୁର ରାଜାଙ୍କ ଆଶ୍ରୟରେ ନିଜର ଶେଷ ଜୀବନ କାଟିଥିଲେ । ୧୮୮୫ ମସିହାରେ ଜୟପୁରଠାରେ ହିଁ ତାଙ୍କର ଦେହାବସାନ ହୋଇଥିଲା।

ତାମା ଦୋରାଙ୍କ କୋୟା ଫିତୁରିର ସାମାଜିକ ଅର୍ଥନୈତିକ ସମ୍ବେଗକୁ ବୁଝିବା ପାଇଁ ଆମକୁ ରମ୍ପା ଓ ଗୁଡେମ ଯିବାକୁ ପଡିବ । କାରଣ ରମ୍ପା ହେଉଛି କୋୟା ଫିତୁରିର ଆଦିପୀଠ । ବ୍ରିଟିଶ ରେକର୍ଡ କହେ ଯେ ରମ୍ପାର ପ୍ରଥମ କୋୟା ଫିତୁରିର ସମୟ କାଳ ହେଉଛି ୧୮୦୩ ।

ଗୁଡେମ୍ ଓ ରମ୍ପା ହେଉଛି ଆନ୍ଧ୍ରପ୍ରଦେଶର ଗୋଦାବରୀ ଅବବାହିକାରେ ଅବସ୍ଥିତ ୨ଟି ତାଲୁକ। ପାହାଡି ଅଞ୍ଚଳର ସ୍ୱତଃ ପ୍ରବୃତ୍ତ ବିରୋଧ ଘାଟି ଡିଆଁ ଲୋକଙ୍କ ପ୍ରତି–ବିଦେଶୀ ଔପନିବେଶିକ ପ୍ରଶାସକ, ଭାରତୀୟ ସୈନ୍ୟବାହିନୀ, ପୋଲିସ ଏବଂ ସାଧାରଣ ଚାକିରିଆ, ତେଲୁଗୁ ବ୍ୟବସାୟୀ ଓ ଠିକାଦାର (ଯେଉଁମାନେ କି ସମତଳ ଅଞ୍ଚଳରୁ ଏଠାକୁ ଆସିଥିଲେ) । ଏ ସମସ୍ତଙ୍କୁ ଘାଟିଡିଆ ବୋଲି କୁହାଯାଏ । ଆଦିବାସୀମାନେ ଭଲଭାବେ ବୁଝିଥିଲେ ଯେ, ଆଦିବାସୀମାନଙ୍କୁ ଅତ୍ୟାଚାର ଓ ଶୋଷଣ କରିବାରେ ଏମାନଙ୍କର ସାଧାରଣ ସ୍ୱାର୍ଥ ନିହିତ ରହିଛି । ଏପରିକି ସ୍ଥାନୀୟ ଜମିଦାର ଓ ମୁଠାଦାରମାନେ ମଧ୍ୟ ଏହି ଆନ୍ଦୋଳନରେ ଆଦିବାସୀମାନଙ୍କୁ ସାହାଯ୍ୟ ସମର୍ଥନ ଯୋଗାଇ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ହିଁ ବିଦ୍ରୋହୀ ନେତା ସୀତାରାମ ରାଜୁ ୧୯୨୨-୨୪ ଫିତୁରିର ନେତୃତ୍ୱ ନେଇ ଭାରତୀୟ ଜାତୀୟତାବାଦ ପ୍ରତିଷ୍ଠାର ଚେଷ୍ଟା କରିଥିଲେ । ଓଡିଶାର ମାଲକାନାଗିରି ଓ ପାଡଓ୍ୱା ଅଞ୍ଚଳର କୋୟା ଆଦିବାସୀମାନେ ମଧ୍ୟ ଏଥିରେ ଭାଗ ନେଇଥିଲେ । ଗୋଟିଏ ପକ୍ଷରେ ଥିଲେ ସ୍ଥାନୀୟ ବ୍ୟବସାୟୀ, ଠିକାଦାର ଓ ଚାକିରୀଆ ମାନେ, ଅନ୍ୟ ପଟେ ସରଳ କୃଷକ ଆଦିବାସୀ । ଏମାନେ ପ୍ରଶାସକ ବର୍ଗଙ୍କୁ ଦାବି ମୁତାବକ ଟିକସ ଓ ଚାନ୍ଦା ବାନ୍ଧୁଥିଲେ, ବେଠି ଖଟୁଥିଲେ ଓ ମାମୁଲି ଦେଉଥିଲେ । ପ୍ରତି ବଦଳରେ ପାଉଥିଲେ ତଥାକଥିତ ସୁରକ୍ଷା । ତେବେ ଲଢେଇ ପ୍ରଶ୍ନ ଉପରେ କୃଷକମାନେ ସାଧାରଣତଃ ନିସ୍ପୃହ ଥିଲେ–ଯେପରିକି ଗୋଟିଏ ଅଞ୍ଚଳରେ ବେଠି-ଖଜଣା-ମାମୁଲି ଖୁବ୍ ବେଶି ବଢି ଗଲେ ସେମାନେ ଗୋଟିଏ ଅଞ୍ଚଳ ଛାଡି ଅନ୍ୟ ଅଞ୍ଚଳକୁ ପଳାଇ ଯାଉଥିଲେ। ଏମାନେ ନିଜର ପ୍ରତିବାଦକୁ ଏହି ଉପାୟରେ ହିଁ ପ୍ରକାଶ କରୁଥିଲେ । କେବେ କେମିତି ବିଦ୍ରୋହ କରିବା ପାଇଁ ସେମାନେ ନିଜର ମୁଠାଦାର ଓ ଅଧିକ ଶିକ୍ଷିତ ବର୍ଗଙ୍କ ଉପରେ ଚାପ ପକାଉଥିଲେ ।

ଗୁଡେମ୍-ରମ୍ପା ଅଞ୍ଚଳରେ ଏହି ବିଷୟ ନେଇ ଆଉ ଯେଉଁ ସମସ୍ୟା ରହିଥିଲା ତା' ହେଉଛି ଲୋକଙ୍କର ଅସୀମ ଦାରିଦ୍ର୍ୟ । ମୁଠାଦାରମାନେ ଆପଣା ଗାଁ ସହ ସବୁବେଳେ ବାନ୍ଧି ହୋଇ ରହିବା ପାଇଁ ପସନ୍ଦ କରୁ

ନଥିଲେ । ତଥାପି ଯେଉଁମାନେ ରହୁଥିଲେ କୃଷକମାନଙ୍କ ସମସ୍ୟା ସହ ଜଡିତ ହୋଇ ପଡିବା ତାଙ୍କ ପକ୍ଷରେ ସ୍ୱାଭାବିକ ଥିଲା ।

ମାଡ୍ରାସ ପ୍ରେସିଡେନ୍ସି ଅଞ୍ଚଳରେ ଥିବା ଏହି ଏଜେନ୍ସୀ ଅଞ୍ଚଳରେ ତିନୋଟି ଜିଲ୍ଲା ଥିଲା – ଗଞ୍ଜାମ, ବିଶାଖାପାଟନାମ୍ ଏବଂ ଗୋଦାବରୀ । ଏଥିରେ କଲେକ୍ଟର, ମାଜିଷ୍ଟ୍ରେଟ୍ ସରକାରୀ ଏଜେଣ୍ଟ ରୂପେ ସ୍ୱତନ୍ତ୍ର ଶାସନ ଚଳାଉଥିଲେ । ୧୯୨୦ରୁ ୨୩ ପର୍ଯ୍ୟନ୍ତ ଏ ସମସ୍ତ ଅଞ୍ଚଳ ଜଣେ କମିଶନର୍‌ଙ୍କ ଅଧୀନରେ ନ୍ୟସ୍ତ ଥିଲା । ଏହାକୁ ଛାଡି ବାକିତକ ପାହାଡି ଅଞ୍ଚଳ ଥିଲା ବସ୍ତର, ସେଣ୍ଟ୍ରାଲ ପ୍ରଭିନ୍ସେସ୍ ଓ ଓଡିଶାରେ। ୧୯୩୬ ମସିହାରେ ଏହା ଔପନିବେଶିକ ସୀମାରେଖାକୁ ଭାଙ୍ଗି ଦେଇ ଭାଷା ଭିତ୍ତିକ ରାଜ୍ୟ ଗଠନର ଚେଷ୍ଟା ଦକ୍ଷିଣ ଭାରତରେ ହୋଇଥିଲା । ପାର୍ବତ୍ୟାଞ୍ଚଳକୁ ନୂଆ ଭାବେ ବିଭାଜନ କରାଯାଇଥିଲା। ଏହା ମୁଖ୍ୟତଃ ଆନ୍ଧ୍ର ଓ ଓଡିଶା ଅଧୀନକୁ ଆସିଥିଲା । ଏହି ଅଞ୍ଚଳର ଅଧିକାଂଶ ଗିରିଜନ ଗଣ୍ଡ ଥିଲେ ଓ କୋୟା ଭାଷା କହୁଥିଲେ । ଯଦିଓ ସାମାଜିକ ନୃତତ୍ତ୍ୱବିତମାନେ ଆଦିବାସୀମାନଙ୍କ ଭିତରେ ଥିବା ବିଭାଜନକୁ ମୁଖ୍ୟ ଗୁରୁତ୍ୱ ଦେଉଥିଲେ, ତଥାପି ଆଶ୍ଚର୍ଯ୍ୟ ହେବାକୁ ପଡେ ଯେ ଫିତୁରିର ସମ୍ବାଦ କିପରି ବଣ ନିଆଁ ପରି ବ୍ୟାପିଯାଇ ଏ ସମସ୍ତ ଅଞ୍ଚଳର ଆଦିବାସୀମାନଙ୍କୁ ତାମାଦୋରା ବା ରାମାରାଜୁଙ୍କ ଅଧୀନରେ ଏକକରି ଦେଇପାରିଥିଲା ।

ଏହି ଅଞ୍ଚଳର ମୁଖ୍ୟ ଅଧିବାସୀ ଥିଲେ କୋୟା, କୋଣ୍ଡା ରେଡି ଏବଂ ବଗତା ସମ୍ପ୍ରଦାୟର । କୋଣ୍ଡା ରେଡିମାନଙ୍କର ଦୈହିକ ଗଠନ, ଖାଦ୍ୟ ସଂଗ୍ରହ ଅର୍ଥନୀତି ଏବଂ ପୋଡୁଚାଷ, ଅଭ୍ୟାସ, ସରଳତା ଓ ସମତଳ ଅଞ୍ଚଳର ଅଧିବାସୀଙ୍କ ସହିତ ଯୋଗାଯୋଗରେ ଦେଖା ଦେଇଥିବା ସମସ୍ୟା ତଥା କଳ୍ପନା ପ୍ରବଣତାରେ ଅସାମର୍ଥ୍ୟ ଓ ଅଣଆଧ୍ୟାତ୍ମିକ ମାନସିକତା ଇତ୍ୟାଦିକୁ ବିଚାର କଲେ ଯେଉଁ ଆଦିମ ପଣିଆ ଓ ପଛୁଆ ପଣିଆ ପ୍ରକାଶ ପାଏ ତାହା କେବଳ ଆଦିବାସୀଙ୍କ ଠାରେ ହିଁ ଦେଖା ଦେଇଥାଏ। ତୁଳନାତ୍ମକ ଭାବେ କୋୟାମାନେ ହେଉଛନ୍ତି ଅଧିକ ଆଗୁଆ ଓ ଡାଇନାମିକ ବା ଲଢୁଆ । ଗୋଦାବରୀ ଅବବାହିକା ପର୍ଯ୍ୟନ୍ତ ବ୍ୟାପି ରହିଥିବା ଆଦିବାସୀ ମାନଙ୍କଠାରୁ ଏମାନେ କୌଣସି ପ୍ରକାରେ ଅଲଗା ନୁହନ୍ତି।

ଅନ୍ୟ ପକ୍ଷରେ ବଗତାମାନେ ଥିଲେ ରମ୍ପା-ଗୁଡେମ ଅଞ୍ଚଳର ମୁଠାଦାର ଗୋଷ୍ଠୀ, ଯେଉଁମାନେ କି ମୁଖ୍ୟତଃ ନଦୀଜଳରୁ ମାଛଧରି ଜୀବିକା ନିର୍ବାହ କରୁଥିଲେ ବୋଲି କୁହାଯାଏ । ଅର୍ଥାତ୍ ସେମାନେ ଥିଲେ କୈବର୍ତ୍ତ ସଂପ୍ରଦାୟର।

କୋୟାମାନଙ୍କ ବିଷୟରେ କେଉଁଠି କିଛି କୁହାଯାଇ ନାହିଁ। ଗଣ୍ଡ ସଂପ୍ରଦାୟ ଆଦିବାସୀମାନଙ୍କର ଏମାନେ ହେଉଛନ୍ତି ଶାଖା । ଭାଷା କୋୟା ବା କୋଇତର। ଗଣ୍ଡମାନଙ୍କର ବିଭିନ୍ନ ସାମାଜିକ ଧାର୍ମିକ ଆଚରଣ ଏମାନଙ୍କ ଭିତରେ ଦେଖିବା ପାଇଁ ମିଳିଥାଏ । ଅନ୍ୟ ଏକ ଆଦିବାସୀ ଗୋଷ୍ଠୀ ହେଉଛନ୍ତି ଦୋରା। ଏମାନେ ବଗତା ଗୋଷ୍ଠୀର ନୁହନ୍ତି, ତେବେ କଣ୍ଡାରେଡି ଗୋଷ୍ଠୀର ବୋଲି କୁହାଯାଇଥାଏ।

ଏମାନଙ୍କୁ କେତେକ କୋୟା ଓ ବଗତାଙ୍କ ମିଶ୍ରଣରୁ ଉତ୍ପନ୍ନ ବୋଲି କହନ୍ତି । ଏମାନଙ୍କୁ ଛାଡି ଏହି ଅଞ୍ଚଳର ମୁଖ୍ୟ ଆଦିବାସୀ ଗୋଷ୍ଠୀ କମାର। ଏମାନଙ୍କ ଜାତିଗତ ବୃତ୍ତି ଲୁହା କାମ ହୋଇଥିଲେ ହେଁ ଏହି ପାର୍ବତ୍ୟାଞ୍ଚଳରେ ଏମାନଙ୍କର ମୁଖ୍ୟ ଜୀବିକା କୃଷି ।

ଏମାନେ ସମସ୍ତେ ମିଶି ଏକ କୃଷକ ଗୋଷ୍ଠୀ ଗଠନ କରନ୍ତି। ଏହାର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ-ଗୋଟିଏ ପ୍ରକାର ପୋଡୁଚାଷରେ ଏମାନେ ଅଭ୍ୟସ୍ତ-ଗୋଟିଏ ପ୍ରକାର ଧର୍ମ ବିଶ୍ୱାସ ଓ ମୁଠାଦାରୀ ପ୍ରଥା ଏଠାରେ ପ୍ରଚଳିତ। ଏହା ହିଁ ଏମାନଙ୍କ ଏକତାର କାରଣ । ମୁଖ୍ୟ ଖାଦ୍ୟ - ମାଣ୍ଡିଆ, କୋଳଥ, ବିରି ଓ ମୂଳ ଜାତୀୟ ଖାଦ୍ୟ। ସମସ୍ତେ ଖାଦ୍ୟ ସଂଗ୍ରହ କରନ୍ତି ଜଙ୍ଗଲରୁ, ସଲପ ଗଛରୁ ସଲପ, ସମାନ ପ୍ରଣାଳୀରେ ହଳ କରନ୍ତି ଜମି । ଯେଉଁ ଜମିକୁ ଚାଷ କରେନା, ଆଦିବାସୀ ସେହି ଜମିକୁ ଦାବି ମଧ୍ୟ କରେନା । ଦାବି କଲେ ଦେବତା କୋପ କରିବେ ବୋଲି ତା'ର ବିଶ୍ୱାସ ।

ଯାଯାବର ବେପାରୀ-ବଂଜାରୀ, ଲମ୍ବାଡି, କୋଣ୍ଡା ଦେବତାମାନଙ୍କୁ ଭଗତା, କୋୟା ଓ କୋଣ୍ଡା ଦୋରା – କୋଣ୍ଡାରେଡି ସମସ୍ତେ ପୂଜା କରନ୍ତି । ସମଗ୍ର ପୂର୍ବଘାଟ ଅଞ୍ଚଳରେ କୋୟା ଦେବତାମାନଙ୍କୁ ଜନ୍ତୁବଳି, ନରବଳି ଦେବା ସଙ୍ଗେ ସଙ୍ଗେ ହିନ୍ଦୁ ଦେବତା ରାମ, ହନୁମାନ ଓ ପାଣ୍ଡବ ମାନଙ୍କୁ ମଧ୍ୟ ପୂଜା କରାଯାଏ । କୋୟାମାନଙ୍କର ଅନ୍ୟ ଦେବତା ହେଉଛନ୍ତି ମୁତିଏ ଲାମ୍ମା (ବସନ୍ତ ଓ ହଇଜା ଦେବୀଙ୍କ ଅନୁରୂପ), ମାଲ୍‌ବେଲି ବା ମାମିଲି ଦେବତା (ଶସ୍ୟର ଦେବତା) । ଏହାଙ୍କ ପାଖରେ ମେରିଆବଳି ପଡେ।

ଖବର ବ୍ୟାପିବାର ମୁଖ୍ୟ ମାଧ୍ୟମ ଲୋକମୁଖ । ରେଖାପାଲି ଠାରୁ ୮ ମାଇଲ ଦୂର ପେମେକୋଣ୍ଡାଠାକୁ ଲୋକେ ତୀର୍ଥରେ ଯାଆନ୍ତି। ସେଠାରେ ସାର୍ଲାମ୍ମାଙ୍କ ନିବାସ । ଅନ୍ୟ ଏକ ସ୍ଥାନ ପାପୀକୋଣ୍ଡା-ସେଠାରେ ରହିଛନ୍ତି ୫ ଜଣ ଦେବତା-ପାଣ୍ଡବ। ଏହି ଭାବେ ପର୍ବପର୍ବାଣି ଓ ଦେବୀ ଦେବ୍‌ତାମାନଙ୍କ ପୂଜା ପାଇଁ ଯାତ୍ରା ମାଧ୍ୟମରେ ଫିତୁରିର ସମ୍ବାଦ ସମସ୍ତ ମଧ୍ୟରେ ପ୍ରଚାରିତ ହୋଇଥାଏ । ପରେପରେ ସ୍ଥାନୀୟ ଫିତୁରିଦାର୍ ବା ବିଶ୍ୱାସୀମାନଙ୍କ ଦ୍ୱାରା ଅନ୍ୟାନ୍ୟ ଆଦିବାସୀମାନଙ୍କୁ ସଞ୍ଚାଳିତ କରାଯାଇଥାଏ ।

ସେତେବେଳେ ମୁଠାଦାରୀ ପ୍ରଥା ଏପରି ଏକ ଆନୁଷ୍ଠାନିକ ଗଢଣ ଯୋଗାଇ ଦେଇଥିଲା, ଯାହାକି ଏ ସମସ୍ତ ଗୋଷ୍ଠୀକୁ ଏକଜୁଟ କରି ପାରିଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ରାଜମହେନ୍ଦ୍ରୀର ରେଡି ରାଜାମାନେ ଏହାକୁ ପ୍ରବର୍ତ୍ତନ କରିଥିଲେ ବୋଲି କୁହାଯାଏ । ୧୫୭୧ ମସିହାରୁ ୧୬୮୬ ମସିହା ପର୍ଯ୍ୟନ୍ତ ଗୋଲ୍‌କୋଣ୍ଡାର ମୁସଲିମ୍ ଶାସନ ସମୟରେ ମଧ୍ୟ ଏହା ବଳବତ୍ତର ରହିଥିଲା । ଏପରିକି ଏହା ସମଗ୍ର ପୂର୍ବଘାଟ ପର୍ବତମାଳାରେ ସମସ୍ତ ସମତଳ ଅଞ୍ଚଳର ରାଜାମାନଙ୍କ ଦ୍ୱାରା ପ୍ରଚଳିତ ହେଉଥିଲା । ଗୁଡେମ ପାର୍ବତ୍ୟାଞ୍ଚଳ ବିଶାଖାପାଟନାମ୍ ଅଧୀନରେ ଥାଇ ଗୋଲକୋଣ୍ଡା ଜମିଦାର ଓ ବିଜୟନଗରମ୍ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା। ୧୭୯୪ ମସିହାରେ ଗୋଲକୋଣ୍ଡା ଜମିଦାର ଇଷ୍ଟ ଇଣ୍ଡିଆ କମ୍ପାନୀକୁ ସିଧାପେସ୍‌କାସ୍ ଦେଲେ । ରମ୍ପା ଥିଲା ପେଡାପୁରୁମ ଜମିଦାରୀ ଅଧିନରେ। ଏହା କୌଣସି ରାଜାଙ୍କୁ ସ୍ୱୀକାର କରୁନଥିଲା। ଏହାର ଜମିଦାର ଥିଲେ ରାମ ଭୂପତି ଦେବ-ସମୟ ୧୮୦୦ ଖ୍ରୀଷ୍ଟାବ୍ଦ। ୧୮୧୩ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ତାକୁ ସ୍ୱୀକୃତି ଦେଲା ।

ରମ୍ପାର ଗ୍ରାମ ସଂଖ୍ୟା ୨୩୦, ଗୁଡେମ ୪୧୧ । ରମ୍ପାର ମୁଠା ସଂଖ୍ୟା ୩୦, ଗୁଡେମ ୧୦। ସେତେବେଳେ ରମ୍ପାର ଲୋକସଂଖ୍ୟା ୨୮,୦୫୧, ଗୁଡେମର ୨୧,୭୭୯ । ବ୍ରିଟିଶ ଆସିବା ପରେ ସମସ୍ତ ମୁଠାର ପୁନର୍ଗଠନ ପାଇଁ ବାରମ୍ବାର ଚେଷ୍ଟା କଲା ଏବଂ ମୁଠାଦାର କିଏ ହେବ ଏ ନେଇ ମଧ୍ୟ ହସ୍ତକ୍ଷେପ କଲା । ଏଥିନେଇ ବିକ୍ଷୋଭ ସୃଷ୍ଟି ହେଲା ।

ମୁଠାର ପ୍ରଥା ଏପରି ଯେ ଏହାକୁ ବିକ୍ରି ବା ବନ୍ଧା ପକାଯାଇପାରିବ ନାହିଁ । ମୁଠାଦାରମାନେ ଏକ ପ୍ରକାରର ରକ୍ଷକର ଭୂମିକାରେ କାମ କରୁଥିଲେ । ଆଇନ ଅମାନ୍ୟକାରୀ ବା ବିଦ୍ରୋହୀମାନଙ୍କୁ ଗିରଫ କରିବା, ରେଭିନ୍ୟୁ ସଂଗ୍ରହ କରିବା (ଯାହାକି ଗାଁର ନାୟକମାନେ କରନ୍ତି ଓ ମୁଠାଦାର ପାଖରେ ଜମା ଦିଅନ୍ତି) ଏ ସବୁ ଥିଲା ମୁଠାଦାରର କାମ । ବହୁ ଜଙ୍ଗଲ ଜମି ପଡି ରହିଥିବାରୁ ଅତ୍ୟାଚାରୀ ରାଜା ଜମିଦାର ପାଖରୁ ପ୍ରଜାମାନେ ପଳାଇ ଯାଉଥିଲେ । ପୁଣି ମୁଠାଦାରମାନଙ୍କୁ ବେଠି, ବିବାହ ପାଇଁ ଅନୁମତି, ଜାତିଧର୍ମ ଲଂଘନ ପାଇଁ ପ୍ରାୟଶ୍ଚିତ, ଫାଇନ, ଫଳ ଓ ଜନ୍ତୁ ଶିକାରର ଭାଗ ଇତ୍ୟାଦି ଦେବାକୁ ପଡୁଥିଲା । ଏ ସବୁ ୧୯ମ ଶତାବ୍ଦୀ ପର୍ଯ୍ୟନ୍ତ ଠିକ୍‌ଠାକ୍ ଚାଲିଥିଲା । ମୁଠାଦାର ବର୍ଷରେ ଦୁଇଥର - ଦଶରା ଓ ପୋଙ୍ଗଲ ସମୟରେ ଜମିଦାର ବା ମାନସୁବେଦାରଙ୍କ ଦରବାରକୁ ଯାଉଥିଲା । ପାଇକ ଯୋଗାଇ ଦେବାପାଇଁ ମଧ୍ୟ ଆଉ କେବେ କେବେ ଯାଉଥିଲା । ଯଦିଓ ଅଳ୍ପ କିଛି ମକ୍‌ସାଦାର ଓ ଇନାମ୍‌ଦାର ମଧ୍ୟ ରହିଥଲେ, ଏହା ନଗଣ୍ୟ ଏବଂ କୌଣସି ପ୍ରକାରେ ଏହା ମୁଠାଦାରୀ ପ୍ରଥାକୁ ବ୍ୟାହତ କରୁନଥିଲା ।

## ପ୍ରଥମ ଫିତୁରି - ୧୮୩୯ ଓ ତା' ପରେ :

୧୮୩୬ ମସିହାରେ ଗୋଲକୋଣ୍ଡା ଜମିଦାର ଅନନ୍ତ ଭୂପତିଙ୍କୁ ଆସନରୁ ହଟାଇ ଦେଇ ୧୫ଶ ଜମିଦାରଙ୍କ ବିଧବା ପତ୍ନୀଙ୍କୁ (ଦେବାମ୍ମା) କଲେକ୍ଟର ଜମିଦାର କରିଦେବାରୁ ଗୁଡେମର ସମସ୍ତ ମୁଠାଦାର ଓ ମାନ୍‌ସୁବେଦାରମାନେ ଏହାକୁ ବିରୋଧ କଲେ । ସେମାନେ ଦେବାମ୍ମାକୁ ଧରି ନେଇ ମାରିଦେଲେ। ୧୮୩୭ ମସିହାରେ ଅନନ୍ତ ଭୂପତି ମଧ୍ୟ ନିହତ ହେଲେ ଓ ତାଙ୍କର ଜମିଦାରୀ ବ୍ୟାଜାପ୍ତ ହେଲା । ସେଠାରେ ସରକାରଙ୍କ ତରଫରୁ ଜଣେ ତହସିଲଦାର ନିଯୁକ୍ତ ହେଲେ । ୧୮୪୫ ରୁ ୧୮୪୮ ଏହା ବିରୁଦ୍ଧରେ ଫିତୁରି ଦେଖାଦେଲା । ବିଦ୍ରୋହୀ ନେତା ନିଜେ ଅନନ୍ତ ଭୂପତିଙ୍କ ପୁଅ ଚିନ୍ନା ଭୂପତିଙ୍କୁ ରାଜା ମାନିଲେ । ୩ ବର୍ଷର ଲଢେଇ ପରେ ବାଧ୍ୟ ହୋଇ ସରକାର ସେମାନଙ୍କର ଦାବି ମାନିନେଲେ । ସର୍ତ୍ତମୂଳକ ଭାବେ ସେମାନେ ସରକାରଙ୍କୁ ଗ୍ରହଣ କଲେ ଯେ, ମୁଠାଦାର ନିରାପଦ ରହିବ । କୌଣସି ବିଷୟରେ ବାଧା ଦିଆଯିବ ନାହିଁ । ଭୂପତିଙ୍କ ପରିବାରକୁ ୩ଟି ଗାଁ ମକ୍‌ସା ରୂପେ କ୍ଷତି ଭରଣା କରିବା ପାଇଁ ଦିଆଗଲା ।

ଦ୍ୱିତୀୟ ଗୁଡେମ ଫିତୁରିର ନେତା ଥିଲେ ସନ୍ନ୍ୟାସୀ । ପ୍ରଥମ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଥିଲା ୧୮୫୭-୫୮ ର ଆନ୍ଦୋଳନ । ବ୍ରିଟିଶ ଉପନିବେଶବାଦୀମାନେ ତାକୁ କହୁଥିଲେ ସିପାହି ବିଦ୍ରୋହ । ଏହି ପ୍ରଥମ ଜାତୀୟ ଆନ୍ଦୋଳନ ସମୟରେ - ୧୮୫୭ ରୁ ୧୮୫୮ ବ୍ରିଟିଶ ଶାସନ ହଟାଇବା ଥିଲା ଏ ଫିତୁରିର ଉଦ୍ଦେଶ୍ୟ । ସରକାର ଏହାକୁ ବର୍ଷକ ମଧ୍ୟରେ ଦମନ କରି ଦେଇଥିଲେ ହେଁ ଅଳ୍ପ ଦିନ ପରେ

ସନ୍ନ୍ୟାସୀ ଭୂପତିଙ୍କ ପରିବାରକୁ ମକ୍ସାଦାରୀ ଫେରାଇ ଦେଇଥିଲେ । ସେହିପରି ରମ୍ପାରେ ରାମ ଭୂପତି ଦେବାନଙ୍କ ମୃତ୍ୟୁ ପରେ ତାଙ୍କ ଝିଅ ଜମିଦାରୀ ପାଇବା ଘଟଣାକୁ ବିରୋଧ କରି ମୁଠାଦାରମାନେ ବିଦ୍ରୋହ କରିଥିଲେ। ଏହି ପ୍ରଥମ ରମ୍ପା ଫିତୁରି ୧୮୩୯-୪୦ ସମୟରେ ମାନସୁବେଦାର ପରିବାରକୁ ରାଜ୍ୟରୁ ସେମାନେ ବିତାଡିତ କଲେ । ଏହାପରେ ଅତ୍ୟାଚାରୀ ଜମିଦାର ବିରୋଧରେ ରମ୍ପାରେ ଦୁଇଟି ଫିତୁରି ହୋଇଥିଲା । ୧୮୫୭-୫୯ ଏବଂ ୧୮୬୧-୬୧ । ସରକାର ଏହାକୁ ଦମନ କରି ଦେଇଥିଲେ । ବିଦ୍ରୋହ ଦମନରେ ସବୁଠାରୁ କଷ୍ଟସାଧ ଥିଲା ୧୮୪୫-୪୮ ର ଗୁଡେମ ଫିତୁରି । ପାର୍ବତ୍ୟାଞ୍ଚଳ ହିଁ ଥିଲା ତା'ର ସବୁଠାରୁ ବଡ କାରଣ । ମେ'ରୁ ନଭେମ୍ବର ମାସ ଯାଏ ବର୍ଷା ପାଇଁ ଏହି ଅଞ୍ଚଳ ବାହାର ଦୁନିଆଁରୁ ବିଚ୍ଛିନ୍ନ ରହୁଥିଲା – କେବଳ ଜାନୁୟାରୀ ମାସ ଠାରୁ ଏପ୍ରିଲ୍ ମାସ –ଏହି ୪ ମାସ ସାମରିକ ଅଭିଯାନ ହୋଇ ପାରୁଥିଲା । ଯେଉଁ ସୈନ୍ୟବାହିନୀ ମାଳ ବା ପାର୍ବତ୍ୟାଞ୍ଚଳକୁ ଆସୁଥିଲେ, ମେଲେରିଆ, ମାଳଜ୍ୱର ଭୋଗି ଭୋଗି ସେମାନେ ନିଜର ଲଢେଇ ସାମର୍ଥ୍ୟ ହରାଇ ବସୁଥିଲେ।

ତେଣୁ ଏଭଳି ଖର୍ଚ୍ଚ ବହୁଳ ଓ ଅସମାହିତ ଯୁଦ୍ଧ ଅଭିଯାନକୁ ଆଖିରେ ରଖି ମାଡ୍ରାସ ସରକାର ଗୁଡେମ୍ ଫିତୁରିଦାରମାନଙ୍କ ବିରୋଧରେ କୌଣସି ପ୍ରକାର ଦଣ୍ଡ ବିଧାନ କରିବା ପାଇଁ ମନା କରି ଦେଇଥିଲେ। ଏପରିକି ମାଡ୍ରାସର ତତ୍କାଳୀନ ରାଜ୍ୟପାଳ ୧୮୨୩ ମସିହାରେ ଏକ ରିପୋର୍ଟରେ ଲେଖିଥିଲେ, "ସରକାର ଯେକୌଣସି ସମୟରେ ଗିରିଜନମାନଙ୍କ ବିଦ୍ରୋହର ସମ୍ମୁଖୀନ ହୋଇ ପାରନ୍ତି ଏବଂ ଅସ୍ୱାସ୍ଥ୍ୟକର ପାର୍ବତ୍ୟ ପରିବେଶ ମଧ୍ୟକୁ ଲଢେଇ ପାଇଁ ଟଣା ହୋଇ ପାରନ୍ତି, ଯେଉଁଠି ସେମାନଙ୍କୁ ଏକ ଅଦେଖା ଶତ୍ରୁ ବିରୋଧରେ ଲଢିବାକୁ ପଡିଥାଏ, ଯେଉଁଠି କେବଳ ଖରାପ ପାଗ ଯୋଗୁଁ ଶହ ଶହ ସୈନ୍ୟମାନଙ୍କୁ ପ୍ରାଣବଳି ଦେବାକୁ ପଡିଥାଏ ଏବଂ ଯେଉଁଠାରେ ସରକାର ଖ୍ୟାତି ବଦଳରେ ପାଇଥାଆନ୍ତି କେବଳ କୁଖ୍ୟାତି ।"

୧୮୪୦ ମସିହା ବେଳକୁ ରମ୍ପା ସମ୍ପର୍କରେ ମଧ୍ୟ ସରକାର ଅନୁରୂପ ମତବ୍ୟକ୍ତ କରିଥିଲେ। ୧୮୪୮ ମସିହାରେ ବୋର୍ଡ ଅଫ୍ ରେଭିନ୍ୟୁ ଲେଖିଲେ– "ଯେଉଁ ଅଞ୍ଚଳ ସମ୍ପର୍କରେ ଆମେ ବିଚାର କରୁଛୁ ତାହା ବନ୍ୟ ଓ ଅନୁତ୍ପାଦଶୀଳ । ଏହାକୁ ତା'ର ପାଗ ଓ ପରିବେଶ ସକାଶେ ପରିଚାଳନା କରିବା ସରକାରୀ କର୍ମଚାରୀମାନଙ୍କ ପକ୍ଷରେ ଖୁବ୍ ଦୁରୂହ । ସୁତରାଂ ଏହାକୁ ସବୁବେଳେ ସ୍ଥାନୀୟ ମୁଖ୍ୟମାନଙ୍କ ଜରିଆରେ ନିୟନ୍ତ୍ରଣ କରିବା ଲାଭଦାୟକ ।" ତେଣୁ ପ୍ରାଚୀନ ମୁଠାଦାରୀ ବ୍ୟବସ୍ଥା ଜରିଆରେ ହିଁ ବ୍ରିଟିଶ ସରକାର ଏହାକୁ ପରିଚାଳନା କରିବା ପାଇଁ ଚେଷ୍ଟା କରିଥିଲା।

ପୁଣି ବ୍ୟବସାୟିକ ଓ ଖଜଣା ଦୃଷ୍ଟିରୁ ମଧ୍ୟ ଏଠାରେ କଠୋର ନିୟନ୍ତ୍ରଣ ରଖିବା ଲାଭଦାୟକ ନଥିଲା। କିନ୍ତୁ ଏହି ଗିରିଜନମାନଙ୍କ ସମ୍ପର୍କରେ ଚୁପ୍ ରହିବା ମଧ୍ୟ ସମତଳର ଶାସକମାନଙ୍କ ପକ୍ଷରେ ସମ୍ଭବ ନଥିଲା। କାରଣ ଅନେକ ସମୟରେ ଗିରିଜନମାନେ ସମତଳ ଅଞ୍ଚଳର ଚାଷ ଓ ଗାଈଗୋରୁ ଛଡେଇ ନେବା ଏକ ସ୍ୱାଭାବିକ ଘଟଣା ଥିଲା। ସେଥିପାଇଁ ୧୮୪୦ ମସିହାରେ ରମ୍ପାର ମାନସୁବେଦାରଙ୍କ ସହିତ ଏକ ଚୁକ୍ତି କରି ତାଙ୍କୁ କିଛି ସମତଳ ଗ୍ରାମର ଶାସନ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା । ଯାହା ଫଳରେ କି

ଏପରି ଘଟଣାକୁ ସେ ଉତ୍ସାହ ଦେବେ ନାହିଁ। ୧୮୪୮ ମସିହାରେ ମଧ୍ୟ ଏପରି ଚୁକ୍ତିର ପୁନରାବୃତ୍ତି ହୋଇଥିଲା। ୧୮୪୭-୪୮ ମସିହାରେ ଗୁଡେମ୍ ଫିତୁରୀର ଅବସାନ ପରେ ପରେ ମଧ୍ୟ ଏପରି ଚୁକ୍ତି ହୋଇଥିଲା। କାରଣ ଏଭଳି ଲୁଟ୍ ଅଭିଯାନ ସରକାରର ପ୍ରଭୁତ୍ୱ ପ୍ରତି ଏକ ଆହ୍ୱାନ ଥିଲା।

୧୮୩୭ ମସିହାରେ ଗୋଲକୋଣ୍ଡା ଜମିଦାରୀ ବିଲୁପ୍ତି ୩ ଶ୍ରେଣୀର ଲୋକଙ୍କୁ ପ୍ରଭାବିତ କରିଥିଲା। ଜମିଦାର ପରିବାର, ମୁଠାଦାର ଓ ମକ୍ସାଦାର ଏବଂ ସେମାନଙ୍କର ପାଇକ। ପ୍ରକୃତରେ ଫିତୁରିର ଆୟୋଜକ ବା ନେତା ଥିଲେ ମୁଠାଦାରମାନେ। ସେମାନଙ୍କର ପ୍ରେରଣା ଓ ଚାପ ଫଳରେ ହିଁ ଚିନ୍ନା ଭୂପତି ନିଜର ମାଡୁଗୁଲ୍ ବାସଭବନ ଛାଡିଥିଲେ ଓ ଜମିଦାର ରୂପେ ଘୋଷିତ ହୋଇଥିଲେ। ଚିନ୍ନାଙ୍କ ଭାଇମାନେ ଏହି ବିଦ୍ରୋହରେ ଯୋଗ ଦେଇ ନଥିଲେ ଓ ଏଜେଣ୍ଟଙ୍କ ନିକଟରେ ଚିନ୍ନା ସ୍ୱୀକାର କରିଥିଲେ ଯେ ସେ ନିଜେ ମଧ୍ୟ ମୁଠାଦାରମାନଙ୍କ କବଳରୁ ପଳାଇଯିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ମୁଠାଦାରମାନେ ବ୍ରିଟିଶ ସରକାରର ଯେଉଁ କାର୍ଯ୍ୟକୁ ଅପମାନ ବୋଲି ଭାବୁଥିଲେ ନିଜେ ଜମିଦାର ତା' ଭାବୁ ନଥିଲେ। ୧୮୫୨ ମସିହାରେ ବିଦ୍ରୋହ ଦମନ ପରେ ସ୍ମଲେଟ୍‌ଙ୍କ ପରବର୍ତ୍ତୀ ଏଜେଣ୍ଟ ଲେଖିଥିଲେ – "ଏଠାକାର ମୁଠାଦାରମାନେ ଏବେ ମଧ୍ୟ ଜମିଦାରମାନଙ୍କ ପ୍ରତି ଏକ ସାମନ୍ତବାଦୀ ବନ୍ଧନରେ ବାନ୍ଧି ହୋଇ ରହିଛନ୍ତି।"

କିନ୍ତୁ କେବଳ ସାମନ୍ତବାଦୀ ବନ୍ଧନ ନୁହେଁ, ସ୍ୱାର୍ଥଗତ ବନ୍ଧନର ଏକ ସାଧାରଣ ଦିଗ ମଧ୍ୟ ଏହା ପଛରେ କାମ କରୁଥିଲା। ଯେକୌଣସି ବାହାରିଆ ପ୍ରତିବନ୍ଧକକୁ ବିରୋଧ କରିବା ପାଇଁ ଚିନ୍ନା ଭୂପତିଙ୍କୁ ଏକ ପ୍ରତୀକ କରିଦିଆ ଯାଇଥିଲା। ଜମିଦାରି ନେଇଯାଇ କମ୍ପାନୀ ବାହାଦୂର ମୁଠାଦାର ମାନଙ୍କ କ୍ଷମତା ଉପରେ ମଧ୍ୟ ଏକ ପ୍ରଶ୍ନବାଚୀ ଲଗାଇ ଦେଇଥିଲେ ଓ ଏମାନଙ୍କର ସ୍ୱାଧୀନତାକୁ ବ୍ୟାହତ କରିଥିଲେ। କାରଣ ନିଜର ପାର୍ବତାଞ୍ଚଳରେ ଏମାନେ ଥିଲେ ସମ୍ପୂର୍ଣ୍ଣ ସ୍ୱାଧୀନ। ତହସିଲଦାରମାନେ ଏମାନଙ୍କୁ ବିଦ୍ରୋହ ଲାଗି ଯେତେବେଳେ ସମନ ଜାରି କଲେ ଏମାନେ ତାକୁ ଗ୍ରହଣ ନକରି ପୁରୁଣା ପ୍ରଥା ଫେରାଇ ଆଣିବାର ଚେଷ୍ଟା କଲେ। ମୁଠାଦାରମାନଙ୍କ ଭିତରେ ମଧ୍ୟ ପରସ୍ପର ବିରୋଧ ଲାଗି ରହିଥିଲା। ଗୁଡେମ ପଟ୍ଟାବିଧି ଓ ଗୁଡେମ କୋଟାବିଧି ଥିଲେ ମୁଖ୍ୟ ପ୍ରତିଦ୍ୱନ୍ଦୀ। ଗିରିଜନମାନେ ଶକ୍ତି ଅନୁସାରେ ଏହାକୁ ବା ତାହାକୁ ସମର୍ଥନ କରୁଥିଲେ। ବାହାରୁ ଅର୍ଥାତ୍ ସମତଳ ଅଞ୍ଚଳରୁ ମଧ୍ୟ କିଛି ଯୋଦ୍ଧାଙ୍କୁ ଗୁଡେମ୍ ପଟ୍ଟାବିଧି ମୁଠାଦାର ନିଯୁକ୍ତ କରିଥିଲେ। କୋଷ୍ଟି ବା ପାଇକ ଜାତିର ଯୋଦ୍ଧାମାନେ ମଧ୍ୟ ଏଥିରେ ଯୋଗ ଦେଇ ଲଢେଇ ଓ ସରକାର ସହିତ ସନ୍ଧି, ଉଭୟ କାର୍ଯ୍ୟରେ ଭାଗ ନେଉଥିଲେ। ସେମାନଙ୍କର ସ୍ୱାର୍ଥ ଥିଲା ଯେ, ପୂର୍ବରୁ ଥିବା ଇନାମ୍‌ଦାର ଜାଗିରି ସେମାନଙ୍କୁ ଭୋଗ କରିବାକୁ ଦିଆଗଲା ନାହିଁ। ପରବର୍ତ୍ତୀ ଅବସ୍ଥାରେ ଏମାନଙ୍କର ସ୍ୱାର୍ଥ ରକ୍ଷା କରି ଇନାମ୍‌ଦାରୀ ଫେରାଇ ଦେବାରୁ ଏମାନେ ଆଉ ପିତୁରିରେ ଭାଗ ନେଇ ନଥିଲେ।

୧୮୩୯-୪୦ ମସିହା ବେଳକୁ ବଣ୍ଡାପାଲିର ମୁଠାଦାର କରମ ତାମା ଦୋରାଙ୍କ ନେତୃତ୍ୱରେ ୩୦ ଜଣିଆ ଏକ ଦଳ ବିଦ୍ରୋହର ନେତୃତ୍ୱ ନେଇଥିଲେ। ୧୮୪୦ ମସିହାରେ ଏହି ତାମା ଦୋରା ଏକ ପୋଲିସ ପାର୍ଟି ଉପରେ ହଠାତ୍ ଚଢାଉ କରି ୧୨ ଜଣ ପୋଲିସଙ୍କୁ ହତ୍ୟା ଓ ୨୦ ଜଣଙ୍କୁ ଆହତ

କରିଥିଲେ । ପରେ ପରେ ସେ ଲୋକମାନଙ୍କ ଆଗରେ ଏକ ନାୟକ ରୂପେ ଦେଖାଦେଲେ । ସରକାର ତାଙ୍କ ମୁଣ୍ଡ ପାଇଁ ପୁରସ୍କାର ଘୋଷଣା କରିଥିଲେ l କିନ୍ତୁ ତାମା ଦୋରା ନିଜ ଦଳ ସହିତ ଜୁଡାଭଗି ପାର୍ବତ୍ୟାଞ୍ଚଳକୁ ଯାଇ ସେଠାରେ ଅଦୃଶ୍ୟ ହୋଇଥିଲେ । ସେହି ସମୟରେ ପଡିଆ ଥାନା ଉପରେ ମଧ୍ୟ ଚଢାଉ କରିଥିଲେ l ବ୍ରିଟିଶ ସରକାର ୧୮୪୮ରେ ବଣ୍ଡାପାଲି ମୁଠାକୁ ବ୍ୟାଜାପ୍ତି କରିଦେଇଥିଲେ । ୧୮୮୦ରେ କରମ୍ ତାମା ଦୋରାଙ୍କ ପୁଅ ପୁଣି ଏହାର ମୁଠାଦାର ହୋଇଥିଲେ ।

କରମ୍ ତାମା ଦୋରାଙ୍କ ସହଯୋଗୀ ପୌଲାଗୁ ପେଡଜି ରେଡି ଥିଲେ ଦ୍ୱିତୀୟ ଦଳର ନେତା । ୧୮୩୫ ମସିହାରେ ସେମାନେ ସୁବେଦାରଙ୍କ ଘର ଉପରେ ଚଢାଉ କରିଥିଲେ । ୧୮୪୦ ମସିହାରେ ତାମା ଦୋରାଙ୍କ ସହିତ ପୋଲିସ ଉପରେ ଆକ୍ରମଣର ମଧ୍ୟ ନେତୃତ୍ୱ ନେଇଥିଲେ । ୧୮୪୬ ମସିହାରେ ସେ ଗିରଫ୍ ହୋଇ ରାଜ ମାହେନ୍ଦ୍ରୀ ଜେଲରେ ପ୍ରାଣ ହରାଇଥିଲେ । ତାଙ୍କର ତିନି (ତିନିଜଣ ମୁଠାଦାର) ପୁଅ ଆଉ ଏକ ବିଦ୍ରୋହ ଦଳ ଗଠନ କରି ପୌଲାଗୁ ରେଡିଙ୍କୁ ଯେଉଁମାନେ ପୋଲିସରେ ଧରାଇ ଦେଇଥିଲେ ସେହି ୨ ଜଣଙ୍କର (ରାମି ରେଡି ଓ ଲୁରିମି ରେଡି) ପ୍ରାଣ ନେଇଥିଲେ । ପେଡେଡି ରେଡିଙ୍କ ବିରୋଧୀ ଗୋଷ୍ଠୀର ଆଉ ଜଣେ ଥିଲେ ଶଙ୍କର ଭୂପତି । ପ୍ରଥମେ ନିରପେକ୍ଷ ଥିଲେ ହେଁ ପରେ ସେ ବିରୋଧୀ ଶିବିର ନେତା ହେଲେ । ଏହିପରି କୋୟା ମୁଠାଦାରମାନଙ୍କ ଭିତରେ ଅନ୍ତର୍ବିବାଦ କାରଣରୁ ହିଁ ପ୍ରଥମ ରମ୍ପା ବିଦ୍ରୋହ ଆପେ ଆପେ ଶାନ୍ତ ପଡିଯାଇଥିଲା । ବ୍ରିଟିଶ୍ ପୋଲିସ୍ ବାହିନୀର ଭୂମିକା ଥିଲା ଅତି ନଗଣ୍ୟ ।

ଆସ୍ତେ ଆସ୍ତେ ଏହି ପାର୍ବତ୍ୟାଞ୍ଚଳ ଅର୍ଥନୈତିକ ଦୃଷ୍ଟିକୋଣରୁ ଅଧିକ ଲୋଭନୀୟ ହୋଇ ଉଠିଲା । ଏହି ପରିପ୍ରେକ୍ଷୀରେ ହିଁ ଏଠାକାର କମିଶନର ରିପୋର୍ଟ ଦେଇଥିଲେ ଯେ, ବାହାର ଜଗତର ଲାଭ ପାଇଁ ଏହି ଅଞ୍ଚଳ ବିକଶିତ ହେବା ଉଚିତ୍ । "ଉର୍ବର, ଅପ୍ରବେଶ୍ୟ କିନ୍ତୁ ସମ୍ଭାବ୍ୟ ଉତ୍ପାଦନଶୀଳ । କାରଣ ହେଉଛି ଏଥିରେ ରହିଛି ଅନେକ ଖଣିଜ ପଦାର୍ଥ ଓ ଟିମ୍ବର (କାଠ) ।"

ଏହି ଅଞ୍ଚଳରେ ଅର୍ଥନୈତିକ ପରିବର୍ତ୍ତନର ଗୋଟିଏ ବଡ ପରିପ୍ରକାଶ ଘଟିଲା ରାସ୍ତା ନିର୍ମାଣରେ l ମୁଖ୍ୟତଃ ସାମରିକ କାର୍ଯ୍ୟ ପାଇଁ ହେଲେ ହେଁ ଅଧିକ ବେପାର ପାଇଁ ଏହା ବାଟ ଫିଟାଇ ଦେଲା l ୧୮୩୯-୪୦ ମସିହାରେ ରମ୍ପା ବିଦ୍ରୋହ ପରେ ପରେ ହିଁ ରାସ୍ତାକାମ ଆରମ୍ଭ ହୋଇଥିଲା ଓ ମାନ୍ଦ୍ରାଜ, କଲିକତା ରେଲୱେ ଲାଇନ ଆଡକୁ ଅଗ୍ରସର ହେଉଥିଲା । ୧୮୯୩ ମସିହା ବେଳକୁ ଉପକୂଳ ରେଳ ଲାଇନ ତିଆରି ସରିବା ବେଳକୁ ବବିଲି ଓ ସାଲୁରକୁ ମଧ୍ୟ ରେଳ ଲାଇନ୍ ପଡି ଯାଇଥିଲା । ରାୟପୁର ଲାଇନ୍ ବହୁଦିନ ପରେ ତିଆରି ହେଲା l ୧୮୮୬ ମସିହାରେ (ଫିତୁରି ପରେ ପରେ) ଲାମାସିଙ୍ଗ ଘାଟିରେ ୧୦ ମାଇଲ ଲମ୍ବା ସଡକ ତିଆରି ହେଲା । ଏହା ଦୋରାକୋଣ୍ଡା ମାଲକାନଗିରି ଚଲାରାସ୍ତା ସହିତ ସଂଯୋଗ କରାଗଲା । ୧୯୨୨-୨୪ ଫିତୁରି ପରେ ପରେ ଏହି ଚଲା ରାସ୍ତାକୁ ପ୍ରଥମେ ଶଗଡ ରାସ୍ତା ଓ ପରେ ମେଟାଲ ରାସ୍ତା କରାଗଲା । ରମ୍ପାରୁ ଚୋଡାଭୂରମ୍ ପର୍ଯ୍ୟନ୍ତ ଏକ ରାସ୍ତା କାମ ୧୮୮୦ ମସିହାରୁ ଆରମ୍ଭ ହୋଇ ୧୯୩୦ ସୁଦ୍ଧା ରାଜମାହେନ୍ଦ୍ରୀ ପର୍ଯ୍ୟନ୍ତ ରାସ୍ତା ପଡିଗଲା । ଚୋଲେସ୍ୱାଲମ୍, ଡୁଗୁଡ, ଗୁଟେଡୁ ଓ ଜୁଡାଙ୍ଗି ରାସ୍ତା ସବୁ ୧୯୧୯ ମସିହା ସୁଦ୍ଧା ପ୍ରସ୍ତୁତ ହୋଇଗଲା ।

ରାସ୍ତା ଖୋଲିବା ସଙ୍ଗେ ସଙ୍ଗେ ବିଭିନ୍ନ ଆଡେ ସାପ୍ତାହିକ ହାଟ ବସିବାକୁ ଲାଗିଲା । ତେନ୍ତୁଳି, କମଳା, ଆମ୍ବ, ମହୁ, ମହମ ଓ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟର ଓ ଶସ୍ୟର ଆଦାନ ପ୍ରଦାନ ଚାଲିଲା । ଏସବୁ ରାଜମାହେନ୍ଦ୍ରୀ ଓ କାକିନାଡା ଚାଲାଣ ହେଲା ।

ଏହା ଫଳରେ ପୂର୍ବରୁ ଏହି ଅଞ୍ଚଳର ମାଲାଜାତିର ବ୍ୟବସାୟୀମାନେ ଧନୀ ହେଲେ – ମୁଠାଦାର ଓ ଗିରିଜନମାନଙ୍କୁ ଟଙ୍କା ଋଣ ଦେଇ ବିଭିନ୍ନ ଗାଁ ଗହଳିରେ ନିଜର କଲୋନୀ ବସାଇବାକୁ ଲାଗିଲେ । କୁମୁଟିମାନେ ଛୋଟଛୋଟ ବ୍ୟବସାୟ ନକରି ମଦ, ଅଫିମ ଓ ଟିମ୍ବର ବ୍ୟବସାୟ କରି ବଡ ସାହୁକାର ପାଲଟି ଗଲେ । ଆଦିବାସୀମାନଙ୍କ କୋର୍ଟ ଯିବା ଭୟକୁ ପୁଞ୍ଜି କରି ସେମାନେ ମିଛଦାବୀ କରି ଆଦିବାସୀ ସମ୍ପତ୍ତିର ଅଧିକାରୀ ହେବାକୁ ଲାଗିଲେ । ଡିଗ୍ରୀ ନ ପାଇଲେ ମଧ୍ୟ ଜଣେ ସାଙ୍ଗ ଲୋକକୁ ସାଥୀରେ ନେଇ କୋର୍ଟ ଏପରି ରାୟ ଦେଲାଣି ବୋଲି କହି ସେମାନେ ଲୋକଙ୍କୁ ଲୁଟ୍ କରିବାକୁ ଲାଗିଲେ । ଭଲ ଚାଷ ହେବା ଫଳରେ ଅନେକ ସମୟରେ ଏସବୁ ପାର୍ବତ୍ୟାଞ୍ଚଳରେ ସାହୁକାରମାନଙ୍କର ମେଳା ବସି ଯାଉଥିଲା । ତେଣୁ ଗିରିଜନମାନଙ୍କ ଲାଗି ସବୁ ବର୍ଷ, କାଳବର୍ଷ ପାଲଟି ଯାଉଥିଲା ।

ମାଲାମାନଙ୍କୁ ସ୍ଥାନୀୟ ଲୋକେ ଏପରିକି ମୁଠାଦାରମାନେ ଠକ ବୋଲି ଜାଣୁଥିଲେ ଓ ସୁଯୋଗ ପାଇବା ମାତ୍ରେ ସେମାନଙ୍କ ସହିତ ଲଢୁଥିଲେ । କୁମୁଟିମାନେ ମଧ୍ୟ ଲୋକଙ୍କ ଘୃଣାର ପାତ୍ର ଥିଲେ । କିନ୍ତୁ ସେମାନେ ସହରରେ ରହୁଥିଲେ । ରମ୍ପାର ରାମି ସୁବେଦାର ପୁରୁଣା ମୁଠାଦାରମାନଙ୍କୁ ହଟାଇ କୁମୁଟି ମାନଙ୍କୁ ନୂଆ ମୁଠାଦାର ରୂପେ ନିଯୁକ୍ତି ଦେଲେ । ଏମାନେ ଗାଁ ପିଛା ୩୦ଟଙ୍କା (ପୂର୍ବରୁ ଥିଲା ୪୦ ଟଙ୍କା) ଆଦାୟ କଲେ ଓ ପୁରୁଣା ମୁଠାଦାରମାନଙ୍କୁ କରଜ ଦେଇ ମନ ଇଛା ସୁଧ ମାଗିଲେ । ତାଡି ଓ କାଠ ଉପରେ ଟିକସ ଆଦାୟ କଲେ । ୧୮୭୨ ମସିହାରୁ ତାଡି ଓ ସଲପ ଉପରେ ଅବକାରୀ ଟିକସ ଆଦାୟ କରିବା ପାଇଁ ସରକାର ନିଷ୍ପତ୍ତି ନେଲା । ଏହି ସମୟରେ ରାଜମାହେନ୍ଦ୍ରୀର ଏକ ମଦ ଭାଟିକୁ ଏହି ଅଞ୍ଚଳରୁ ତାଡି ଓ ସଲପ ଟିକସ ଆଦାୟ ପାଇଁ ନିଲାମ ଦିଆଗଲା । ଏସବୁ ଥିଲା ପ୍ରକୃତରେ ମାର୍ଚ୍ଚରୁ ଜୁନ୍ ମାସ ଯାଏ ଆଦିବାସୀର ଖାଦ୍ୟ । ଏହା ଲାଗୁ ହେଉହେଉ ଏହା ବିରୋଧରେ ପ୍ରତିବାଦ ଓ ଅସନ୍ତୋଷ ଘନେଇ ଉଠିଲା । ସେହିପରି ଆଉ ଏକ କାରଣ ଥିଲା ଘାସପାନୁ । କିନ୍ତୁ ସବୁଠାରୁ ବଡ କାରଣ ଥିଲା ଜମି ହସ୍ତାନ୍ତରୀକରଣ । ମଦ ପାନୁ ଥିଲା ତତ୍କ୍ଷଣିକ କାରଣ ଓ ବାହାରିଆ ଲୋକଙ୍କ ଜମି ଅଧିକାର ହେଉଛି ମୁଖ୍ୟ କାରଣ । ୫ ଟଙ୍କା କରଜ ଦେଇ ସାହୁକାରମାନେ ୫ ମାଣ ଜମି ଦଖଲ କରି ନେଉଥିଲେ । ୧୯୦୪ ମସିହା ସୁଦ୍ଧା ଏହି ଅଞ୍ଚଳର ସବୁ ଉର୍ବର ଜମି ଘାଟିଡିଆଁ ସାହୁକାର ମାନଙ୍କ ହାତକୁ ଚାଲିଗଲା । ଜମି ହସ୍ତାନ୍ତର ଓ ସୁଧ କାରବାର ଉପରେ ୧୯୧୭ ମସିହାରେ ଆଇନ ହେଲା । କିନ୍ତୁ ଏହାକୁ ମାଡ୍ରାସ ଆସେମ୍ବ୍ଲିରେ ଭାରତୀୟ ପ୍ରତିନିଧିମାନେ ସବୁଠୁ ବେଶି ବିରୋଧ କଲେ । କଂଗ୍ରେସ ଏହାର ମୁଖ୍ୟ ନେତୃତ୍ୱ ନେଇଥିଲେ । ସେମାନଙ୍କର ଯୁକ୍ତି ଥିଲା – ଏଭଳି ଆଇନ ହେଲେ ଏବଂ ବାହାରିଆ ଲୋକେ ଆଦିବାସୀଙ୍କର ଜମି କିଣିବାରୁ ବଞ୍ଚିତ ହେଲେ ସେମାନେ ଉନ୍ନତ ଧରଣର କୃଷି ପ୍ରଣାଳୀ ଶିଖି ପାରିବେ ନାହିଁ । ସେହି ଏକା କାରଣରୁ ୧୯୨୨–

୨୪ ମସିହାରେ ଫିତୁରିକୁ କଂଗ୍ରେସ ପାର୍ଟି ସମର୍ଥନ ଦେଉ ନଥିଲା । କିନ୍ତୁ ଏ ସବୁ ସତ୍ତ୍ୱେ ଆଇନ ପାସ୍ ହେଲା-ତା'ର ମୁଖ୍ୟ ଉଦ୍ଦେଶ୍ୟ ଏ ସବୁକୁ ବନ୍ଦ କରିବା ନୁହେଁ, ଆନ୍ଦୋଳନକାରୀମାନଙ୍କୁ ଶାନ୍ତ କରିବା। ଆନ୍ଦୋଳନର ସଶସ୍ତ୍ର ବିପ୍ଳବ ଧାରାକୁ ଆଇନବାଦର ଶଗଡ ଗୁଳାରେ ପକାଇ ଦେଇ ନେତାମାନଙ୍କୁ ସଂସ୍କାରବାଦୀ ଓ ଲୋକଙ୍କୁ ତଳିତଳାନ୍ତ କରିଦେବା । ପୁଣି ଏହାଦ୍ୱାରା ଆଦିବାସୀ ଗୋଷ୍ଠୀ ମଧ୍ୟରୁ ହିଁ ଅନେକ ଦଲାଲ ସୃଷ୍ଟି ହୋଇପାରିବେ । ବେଶି ପାଟି କରୁଥିବା ଆଦିବାସୀ-ଅଣଆଦିବାସୀ ନେତାମାନଙ୍କୁ କୁହାଯାଇ ପାରିବ ଯେ-ଦେଖ, ଆଦିବାସୀ ଜମି ହସ୍ତାନ୍ତରୀକରଣ ବିରୋଧୀ ଆଇନର ଗଣ୍ଡି ଭିତରେ ହିଁ ଏସବୁ ଜମି ହସ୍ତାନ୍ତର ହୋଇଛି ବା ଆଇନ ତା' ରାସ୍ତାରେ ଯିବ ।

ସାହୁକାରମାନଙ୍କ ଆକ୍ରମଣରେ ଖାଲି ରଇତ ନୁହେଁ, ମୁଠାଦାରମାନେ ମଧ୍ୟ ଜମିବାଡି ହରାଇବାକୁ ଲାଗିଲେ । ତାଙ୍କର ଜନ୍ମଗତ ନେତୃତ୍ୱ ସହିତ ମୁଠାଦାରୀ ମଧ୍ୟ ହରାଇ ବସିଲେ । ଏ ଭଳି ଭାବେ ନୂଆ ବ୍ୟବସ୍ଥାରେ ସେମାନେ ହେଲେ ଉଭୟ ଶୋଷକ ଓ ଶୋଷିତ। ଏହା ହିଁ ହେଉଛି ରଇତ ଓ ମୁଠାଦାର ଐକ୍ୟର କାରଣ ପୁଣି ଫାଙ୍କର କାରଣ । ଏହି ମୁଠାଦାରମାନେ ଠିକାଦାରମାନଙ୍କ ଠାରୁ କାଠ ପାନୁ ଆଦାୟ କରି କାଠ କାଟିବା ପାଇଁ ଅନୁମତି ଦେଲେ । ମୁଠାଦାରମାନେ ପ୍ରତ୍ୟେକ ୧୦୦୦ ଟଙ୍କାରୁ ୧୫୦୦ ଟଙ୍କା ଆଦାୟ କଲେ । ଯଦିଓ ଠିକାଦାରମାନଙ୍କ ଲାଭ ତୁଳନାରେ ଏହା ଅତ୍ୟନ୍ତ ସାମାନ୍ୟ । ସେମାନେ ରଇତମାନଙ୍କର ସ୍ୱାର୍ଥ ବିରୋଧରେ ଦଲାଲ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଲାଗିଲେ । ସେମାନଙ୍କ ବଳରେ ମୁଠାଦାରମାନେ ରଇତମାନଙ୍କ ଠାରୁ ଆଦାୟ ହେଉଥିବା ବିଭିନ୍ନ ଟିକସକୁ ବଢାଇ ଦେଲେ ।

ଏତିକିବେଳେ ସରକାର ଜଙ୍ଗଲ ସମ୍ପଦ ଉପରେ ଆଖି ପକାଇଲେ ଓ ନୂଆ ଆଇନ ବଳରେ ୧୯୭୯ ମସିହା ବେଳକୁ ରାଷ୍ଟ୍ର ହାତରେ ହିଁ ଗଛ କାଟିବାର ଅଧିକାର ନ୍ୟସ୍ତ କଲେ । ଠିକାଦାରମାନଙ୍କୁ ସରକାର ନିଜେ ପ୍ରତ୍ୟକ୍ଷ ଠିକା ଦେଲେ ଏବଂ ଆଦିବାସୀମାନଙ୍କର ପୋଡୁଚାଷକୁ ବିରୋଧ କରି ଆଇନ ପ୍ରଣୟନ କଲେ । ୧୮୭୦ ମସିହାରେ ଅବକାରୀ ଆଇନ ସଲପ ଟିକସ ସାଙ୍ଗକୁ ପୋଡୁଚାଷ ବିରୋଧୀ ଆଇନ ଓ ରିଜର୍ଭ ଜଙ୍ଗଲ ଆଇନ ଆଦିବାସୀର ଜଙ୍ଗଲ ଉପରେ ଥିବା ପାରମ୍ପରିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ସଙ୍ଗେସଙ୍ଗେ ସ୍ଥାନୀୟ ମୁଠାଦାରମାନଙ୍କର ଜଙ୍ଗଲ ଓ ଗଛ ଉପରେ ଥିବା ଅଧିକାରକୁ କାଢି ନେଲା। ସର୍ବଭାରତୀୟ ସ୍ତରରେ ଜମି ଓ ଜଙ୍ଗଲ ଅଧିକାର ଉପରେ ନୂଆନୂଆ ଆଇନ ଓ ଅଧିନିୟମ ପ୍ରଣୟନ ଫଳରେ ଏବଂ ଉତ୍ପାଦନର ମାଧ୍ୟମ ଜମି ବା ଜଙ୍ଗଲ ଉପରୁ ସମତଳ ଅଞ୍ଚଳର ଚାଷୀ ତଥା ଆଦିବାସୀମାନଙ୍କର ଅଧିକାର କାଢିନେବା ଫଳରେ ଦରିଦ୍ର ଓ କାଙ୍ଗାଳମାନଙ୍କର ସଂଖ୍ୟା ଆଶାତୀତ ଭାବେ ବଢିଗଲା। ୧୮୬୬ ମସିହାର ଓଡିଶା ଦୁର୍ଭିକ୍ଷ ଓ ୧୮୬୭ ମସିହାର ଆନ୍ଧ୍ର ଦୁର୍ଭିକ୍ଷ, ୧୮୬୮ ମସିହାର ବଙ୍ଗଳା ଦୁର୍ଭିକ୍ଷ ଉପରେ ବ୍ରିଟିଶ ସରକାରଙ୍କର କୌଣସି ନିୟନ୍ତ୍ରଣ ରହି ନ ପାରିବା ଫଳରେ ଲକ୍ଷଲକ୍ଷ ଲୋକ ପୋକମାଛି ପରି ମଲେ । ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ଦମନ ପରେ ପରେ ସମତଳ ଅଞ୍ଚଳରେ ଆନ୍ଦୋଳନ ଧିମେଇ ଯାଇଥିଲେ ମଧ୍ୟ ଏଜେନ୍ସୀ ଅଞ୍ଚଳରେ ଏହାର ପ୍ରତିଧ୍ୱନୀ ତୀବ୍ର ହେବାକୁ ଲାଗିଲା ।

ଏହି ପରିସ୍ଥିତିରେ ରମ୍ପାରେ ଚତୁର୍ଥ ଫିତୁରି ଆରମ୍ଭ ହୋଇଗଲା । ୧୮୭୯ ମସିହା ମାର୍ଚ୍ଚ ମାସରେ ତାମା ଦୋରାଙ୍କ ନେତୃତ୍ୱରେ ମାଲକାନାଗିରିରେ ଏହି ଫିତୁରିର ଭୌଗୋଳିକ ଅଞ୍ଚଳ ଥିଲା ଭଦ୍ରାଞ୍ଚଳମ୍‌ଠାରୁ ମାଲକାନାଗିରିର ମୋଟୁ। ଏପରିକି ତାମା ଦୋରାଙ୍କର ସମର୍ଥକ ଭାବେ ତାମା ଦୋରାଙ୍କୁ ଦକ୍ଷିଣ ମାଲକାନାଗିରିର ରାଜା ବୋଲି ଘୋଷଣା କରିଦେଲେ । ୧୮୭୨ ମସିହାରେ କ୍ଷମତାଚ୍ୟୁତ ବାଙ୍ଗୁରୁ ଦେଇ ମଧ୍ୟ ଏହି ଫିତୁରିକୁ ନିଜର ଅବଶିଷ୍ଟ ଶକ୍ତି ଦେଇ ସମର୍ଥନ ଜଣାଇଥିଲେ ।

ପୋଡୁଚାଷକୁ ବନ୍ଦ କରିବା ସଙ୍ଗେସଙ୍ଗେ ଆଦିବାସୀମାନଙ୍କର ପାରମ୍ପରିକ ଅର୍ଥନୀତି ସାଂଘାତିକ ଭାବେ ମାଡ ଖାଇ ଯାଇଥିଲା। ତାକୁ ଭଙ୍ଗ କରିବା ପାଇଁ ବ୍ରିଟିଶ ସରକାର ୨ଟି ରାସ୍ତା ବାହାର କଲେ। ଗୋଟିଏ ହେଉଛି ଜଙ୍ଗଲ ସମ୍ପଦର ବ୍ୟବସାୟୀକରଣ ବା ବ୍ୟବସାୟ ଯୋଗ୍ୟ ଏବଂ ଅନ୍ୟଟି ହେଉଛି ଜମି ଖରିଦ୍ ବିକ୍ରୀର ବ୍ୟବସ୍ଥା ସହିତ ପ୍ରବେଶ ଯୋଗ୍ୟ ପାହାଡି ଜମିର ସ୍ଥାନୀୟ ପଟ୍ଟା ବ୍ୟବସ୍ଥା । ଏହି ଉଭୟ ବ୍ୟବସ୍ଥାରେ ଗିରିଜନମାନଙ୍କ ପୂର୍ବ ଅଧିକାର ଖର୍ବ ହୋଇଥିଲା। ସେମାନେ ବାହାରୁ ଆସିଥିବା କୌଣସି ଜମିଦାର ପାଖରେ ଅଙ୍ଗରକ୍ଷୀ ରୂପେ କିମ୍ବା ପ୍ରଜା ରୂପେ କାମ କଲେ ଏବଂ ସେମାନଙ୍କ ମର୍ଜି ଅନୁସାରେ ବଜାରର ପଣ୍ୟ ରୂପେ ବିକ୍ରୀ ହେଉଥିବା ପଦାର୍ଥ ଉତ୍ପାଦନ କଲେ । ପୂର୍ବ ଭଳି ଜମିରୁ ଧାନ, ମାଣ୍ଡିଆ ବା ସୁଆଁ ଚାଷ କରି ବର୍ଷକର ଖର୍ଚ୍ଚ ଚଳାଇବା ଆଉ ସମ୍ଭବପର ହେଲା ନାହିଁ । ଦାରିଦ୍ର୍ୟ ବଢିଲା, ଅନେକ ଗ୍ରାମ୍ୟ ସର୍ବହରା ବା ଜମିହୀନ ଚାଷୀ ରୂପେ ଜମିଦାର କ୍ଷେତରେ ମଜୁରି ଖଟିଲେ, କିମ୍ବା ଜଙ୍ଗଲ ଠିକାଦାର ପାଖରେ ରହି ଗଛ କାଟିଲେ, ବା କୁଲି କାମ କଲେ । ପୁରୁଣା ଅର୍ଥ ବ୍ୟବସ୍ଥାର ପରିବର୍ତ୍ତନ ଓ ଧ୍ୱଂସ ପ୍ରକ୍ରିୟା ଏପରି ମର୍ମନ୍ତୁଦ ହେଲା ଯେ ନିଜ ଜମିରେ ସେମାନେ ଗୋତି ପାଲଟିଗଲେ । ଅତି ତୁରନ୍ତ ସେମାନେ ଋଣଭାରରେ ବୁଡିଗଲେ ଏବଂ ଏହି ସବୁ ବ୍ୟବସ୍ଥା ବୁଝିବା ବାଧ ସେମାନଙ୍କ ପକ୍ଷେ ସମ୍ଭବ ହେଲା ନାହିଁ। ସାହୁକାର ଅର୍ଥ ବ୍ୟବସ୍ଥା ସେମାନଙ୍କୁ ଭାଙ୍ଗିରୁଜି ଅସହାୟ ଓ ପରାଜିତ କରିଦେଲା । ଫିତୁରି ଥିଲା ଏହାରି ବିରୋଧରେ ବିଦ୍ରୋହ । ଆଉ ସରକାର ଏହାର ପ୍ରତିକାର ପାଇଁ ଆହୁରି ଅଧିକ ବାହ୍ୟ ଶକ୍ତିକୁ ଘାଟି ଡିଆଇଁ ପ୍ରବେଶ କରିବାକୁ ଲାଗିଲେ ।

ବିଶେଷକରି ଏଜେନ୍ସୀ ଏରିଆର ଆନ୍ଦୋଳନ ସମ୍ପର୍କରେ ପାର୍ବତ୍ୟାଞ୍ଚଳରେ ଏହି ସବୁ ଫିତୁରି ଦୀର୍ଘ କାଳ ଧରି ଚାଲି ପାରିଥିଲା । ପ୍ରକୃତରେ ଦେଖିବାକୁ ଗଲେ ୧୮୩୯ ମସିହାରୁ ୧୯୨୪ ମସିହା ପର୍ଯ୍ୟନ୍ତ ମାଲକାନାଗିରି, ବସ୍ତର, ଗୁଡେମ ଓ ରମ୍ପା ଅଞ୍ଚଳରେ କୟା ବିଦ୍ରୋହର ଯେଉଁ ଅଗ୍ନି ଜଳିଥିଲା ବାଙ୍ଗୁରୁଦେବୀ, ତାମା ଦୋରା, ଚିଙ୍ଗୁଡି ଦୋରା, ମାଲାୟମ ଖରା, ପାର୍ବତୀ ଖରା ଓ ବାଳ ଦୋରା ତଥା ଆଲୁରୀ ସୀତାରାମୟା ରାଜୁ ନିହତ ହେବା ପରେ ମଧ୍ୟ ଏହା ନିର୍ବାପିତ ହୋଇ ନଥିଲା । ବୀର ଲକ୍ଷ୍ମଣ ନାୟକ ତଥା ଲିଙ୍ଗା ଭୂମିଆ ଇତ୍ୟାଦିଙ୍କ ୧୯୪୨ ମସିହାର ଆନ୍ଦୋଳନ ପରେ ଯାଇ ଏହା ପ୍ରଶମିତ ହୋଇଥିଲା । ଦୀର୍ଘ ଶହେ ବର୍ଷ କାଳ ଗୋଟିଏ ପାର୍ବତ୍ୟାଞ୍ଚଳର ଆଦିବାସୀମାନେ ଏଭଳି ଦୀର୍ଘ ଲଢେଇ କରିବାର ଦୃଷ୍ଟାନ୍ତ କେବଳ ଆଦିବାସୀମାନଙ୍କ କ୍ଷେତ୍ରରେ ହିଁ ସମ୍ଭବ ହୋଇ ପାରିଛି । ଏହି ଫିତୁରିର ଚରିତ୍ର ସମତଳ ଅଞ୍ଚଳର କୃଷକ ଆନ୍ଦୋଳନଠାରୁ ବିଭିନ୍ନ ବିଭବରେ ସ୍ୱତନ୍ତ୍ର ।

ମୁଠାଦାରମାନଙ୍କ ଆଦାୟ ଅର୍ଥ ଆକାରରେ ନହୋଇ ହେଉଥିଲା ଶସ୍ୟ ଆକାରରେ କିମ୍ୱା ଜଙ୍ଗଲଜାତ ଦ୍ରବ୍ୟ ଆକାରରେ । ତାକୁ ଛାଡି ରହିଥିଲା ବେଠି । ତାହା ଥିଲା ପ୍ରକୃତରେ ହାତରୁ ଖାଇ ବିନା ମଜୁରିରେ ଜମିଦାର ଜମିରେ ଖଟିବା । ଏହା ସହିତ ଯୋଡା ହୋଇଥିଲା ଅନେକ କିଛି ସ୍ୱତନ୍ତ୍ର ପାନୁ । ଯେପରିକି ବିବାହ  ଅନୁମତି ସକାଶେ  ପାନୁ ଓ ଉପହାର, ଜାତିଆଣ ଅପରାଧ ସକାଶେ ପ୍ରାୟଶ୍ଚିତ  ସ୍ୱରୂପ ଅର୍ଥଦଣ୍ଡ, ଅମଳ ଶସ୍ୟ ବା ଫଳ ବା ଶିକାରରୁ ମୁଠାଦାରମାନଙ୍କର ଭାଗ ଇତ୍ୟାଦି । ରମ୍ପାର ମାନ ସୁବେଦାର  ବିରୋଧରେ ଆନ୍ଦୋଳନ  ସମୟରେ ଏହି ସବୁ ଆର୍ଥିକ  କାରଣ ଥିଲା  ମୁଖ୍ୟ । ମୁଠାଦାରମାନେ ଏହି ସବୁ ଆଦାୟରୁ ନିର୍ଦ୍ଦିଷ୍ଟ ପ୍ରାପ୍ୟ  ରାଜା ବା ଜମିଦାରଙ୍କୁ ଦେଇ ସାରିବା ପରେ ବାକିତକ ଅର୍ଥ ନିଜ ପାଖରେ ରଖି ନେଉଥିଲେ । ତେଣୁ ଯିଏ ଯେତେ ଅତ୍ୟାଚାର କରି ଅଧିକ ଅର୍ଥ ଆଦାୟ  କରୁଥିଲା ତା'ର ସେତିକି ଲାଭ ହେଉଥିଲା । ମାନ୍‌ସୁବେଦାରମାନେ ବର୍ଷକୁ ଦୁଇଥର ଦଶରା ଓ ପଙ୍ଗଲ୍ ସମୟରେ  ରାଜା ବା ଜମିଦାରଙ୍କ ଦରବାରରେ ହାଜର ହୋଇ ନିଜର ପ୍ରାପ୍ୟ ଦେବା ସଙ୍ଗେ ସଙ୍ଗେ  ଆବଶ୍ୟକ ମାତ୍ରେ ନିର୍ଦ୍ଦିଷ୍ଟ ସଂଖ୍ୟକ ପାଇକ ମଧ୍ୟ ଯୋଗାଇ ଦେଉଥିଲେ ।

ଆଉ ଦୁଇଟି ବ୍ୟବସ୍ଥା ଥିଲା ମକ୍‌ସାଦାର ଓ ଇନାମ୍‌ଦାର ପ୍ରଥା । ମକ୍‌ସା ହେଉଛି ଜମିଦାରମାନଙ୍କର ନିଜ ସମ୍ପର୍କୀୟମାନଙ୍କୁ  ଉପହାର ଏବଂ ଇନାମ୍ ହେଉଛି ରାଜାଙ୍କ ଚାକିରିଆ ବା ପାଇକମାନଙ୍କୁ ଯୋଗାଯାଉଥିବା ଅନୁଦାନ । ତେବେ ଏସବୁ ଥିଲା ଅତି ସାମାନ୍ୟ ଏବଂ ମୁଠାଦାରୀ ପ୍ରଥାର ଆନୁସାଙ୍ଗିକ ଏକ ପ୍ରଥା । ପ୍ରଭୁତ୍ୱର ମୂଳ ସଂଯୋଗ  କଡିଥିଲା ମୁଠାଦାର ପ୍ରଥା । ଏହା ଜରିଆରେ ହାଇଦ୍ରାବାଦ, ମାଡ୍ରାସ ଓ ଦିଲ୍ଲୀର  ଅଧିପତିମାନେ ନିଜର ଆର୍ଥିକ  ଯୋଗାଣ ଓ ଶାସନ  ଜାରି ରଖିପାରିଥିଲେ । ନିଜ ମାଟିରେ ଏହି ପ୍ରଥା ମୋଗଲ ଅମଳରୁ ଆରମ୍ଭ ହୋଇ ଏପରି ଚେର ବିସ୍ତାର କରିଥିଲା ଯେ ଏହା ପ୍ରତି ଉଭୟ ଆଦିବାସୀ  ଓ ଅଣଆଦିବାସୀ ପ୍ରଜାମାନେ  ଏକାନ୍ତ  ଅନୁଗତ ଥିଲେ ।

ଏହିଭଳି ଭାବେ ୧୮୬୦ ମସିହା ପର୍ଯ୍ୟନ୍ତ ଏହି ମୁଠାଦାରମାନେ ପ୍ରାୟତଃ ସ୍ୱତନ୍ତ୍ର କ୍ଷମତାର ଅଧିକାରୀ ଥିଲେ । ଯିଏବି ଶାସନ କ୍ଷମତାକୁ ଆସୁନା କାହିଁକି ଏହି ମୁଠାଦାରମାନେ ହିଁ ଥିଲେ ତାଙ୍କର  ଶାସନ ଓ ପ୍ରଶାସନର  ଅପରିହାର୍ଯ୍ୟ କଡି । ରମ୍ପାର ମୁଠାଦାରମାନେ ମାନ୍‌ସୁବେଦାରଙ୍କ ବଢନ୍ତି ଦାବି ବିରୋଧରେ ସଂଗ୍ରାମ ଜାରି ରଖିଥିଲେ । ଏହିପରି ବ୍ରିଟିଶମାନଙ୍କର ପ୍ରଥମ ବାଧା ଲାଗିଥିଲା । ଗୋଲ୍‌କୋଣ୍ଡାର ଜମିଦାର ଅନନ୍ତ  ଭୂପତିଙ୍କୁ ତଡି ବିଶାଖାପାଟଣାର କଲେକ୍ଟର ଜମା ଦେବାମ୍ମାଙ୍କୁ ନିଯୁକ୍ତ କଲେ ୧୮୩୬ ମସିହାରେ । ଏହାକୁ ବିରୋଧ କରି ସ୍ଥାନୀୟ ମୁଠାଦାରମାନେ ଦେବାମ୍ମାକୁ ବନ୍ଦୀ କରି ହତ୍ୟା କଲେ । ଏହାପରେ କଲେକ୍ଟର  ଅନନ୍ତ  ଭୂପତିଙ୍କୁ  ବନ୍ଦୀ କରି ୧୮୩୭ ମସିହାରେ ଗୁଡେମକୁ ପ୍ରତ୍ୟକ୍ଷ ଅଧିଗ୍ରହଣ କରିନେଲେ ଏବଂ ରେଭିନ୍ୟୁ କଲେକ୍ସନ ପାଇଁ ଜଣେ ତହସିଲଦାର ନିଯୁକ୍ତ କରିଦେଲେ । ୧୮୪୫ ମସିହାରୁ ୧୮୪୮ ମସିହା ଆରମ୍ଭ ହେଲା ପ୍ରଥମ ଗୁଡେମ ଫିତୁରି-ନେତୃତ୍ୱ  ନେଲେ ଚିନ୍ନା ଭୂପତି - ଅନନ୍ତ ଭୂପତିଙ୍କ ପୁତ୍ର । ୧୮୫୦-୫୧ରେ ବ୍ରିଟିଶ୍ ସହିତ ଏକ ବୁଝାମଣା ହୋଇଗଲା ଏବଂ ଚିନ୍ନା ତଥା ତାଙ୍କର ତିନି ଭାଇଙ୍କୁ

୪ଟି ମକ୍ସା ଦିଆଗଲା ଜମିଦାର କ୍ଷତିପୂରଣ ସ୍ୱରୁପ। କିନ୍ତୁ ୧୮୫୭ ମସିହାରେ ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ସୁଯୋଗ ନେଇ ପୁଣି ଥରେ ଏହି ଫିତୁରି ଆରମ୍ଭ ହୋଇଗଲା ଏବଂ ଜମିକୁ ଫେରି ପାଇବାର ପ୍ରଚେଷ୍ଟା ଚାଲିଲା । ଏହାକୁ ବ୍ରିଟିଶ ଦମନ କରିଦେଲେ କିନ୍ତୁ ଭୂପତି ଭାଇମାନଙ୍କୁ ହୃତ ଜମିଦାରୀ ଫେରାଇ ଦେଲେ ।

ପ୍ରଥମ ରମ୍ପା ଫିତୁରି ଘଟିଥିଲା ୧୮୩୯ ରୁ ୧୮୪୦ ମସିହା ପର୍ଯ୍ୟନ୍ତ । ଏହାର କାରଣ ହେଉଛି ରମ୍ପାର ମାନସୁବେଦାର ରାମ ଭୂପତିଦେବଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ରୂପେ ନିଯୁକ୍ତି ପାଇଥିବା ତାଙ୍କର ଝିଅ । ମାନ୍ ସୁବେଦାର ପରିବାରଙ୍କୁ ଏଥିପାଇଁ ରମ୍ପାକୁ ନିର୍ବାସିତ କରାଗଲା । ୮ ବର୍ଷ ଧରି ଫିତୁରିର ଅବସାନ ନହେବାରୁ ବାଧ ହୋଇ ବ୍ରିଟିଶ ପ୍ରଶାସନ ରାମ ଭୂପତିଙ୍କର ଏକ ଅବୈଧ ସନ୍ତାନକୁ ମାନସୁବେଦାର ରୂପେ ନିଯୁକ୍ତି ଦେଲେ ମାତ୍ର ୧୦୦୦/-ଟଙ୍କା ବିନିମୟରେ। କିନ୍ତୁ ସେ ମନମୁଖୀ ଆଦାୟ କରି ନିଜ ଆୟ ବଢାଇବାରେ ଲାଗିଲେ । ଫଳସ୍ୱରୁପ ଦ୍ୱିତୀୟ ଓ ତୃତୀୟ ରମ୍ପା ଫିତୁରି ଦେଖା ଦେଇଥିଲା ଯଥାକ୍ରମେ ୧୮୫୭-୫୮ ମସିହାରେ ଏବଂ ୧୮୬୧-୬୨ ମସିହାରେ ଯେଉଁଥିରେ ଭାଗ ନେଇଥିଲେ ତାମା ଦୋରା ।

୧୮୮୦ ମସିହା ପୂର୍ବରୁ ଗଞ୍ଜେଇ ବା ଅଫିମ ଥିଲା ସମ୍ପୂର୍ଣ୍ଣ ଅଜଣା । ୧୮୬୦ ମସିହାରୁ ୧୮୬୦ ମସିହା ମଧ୍ୟରେ ବହୁ ଧୂର୍ତ୍ତ ଉପାୟରେ ବ୍ରିଟିଶ ସରକାର ଏଠାରେ ଏହାର ଉତ୍ପାଦନ ପାଇଁ ଗୁପ୍ତ ଯୋଜନା ଆରମ୍ଭ କଲେ । ପ୍ରଥମେ ବିଶାଖାପାଟଣା ଜିଲ୍ଲା ହେଡକ୍ୱାଟରରେ କେବଳ ସରକାରୀ ଏଜେଣ୍ଟମାନଙ୍କ ଜରିଆରେ ଅଫିମ ଯୋଗାଇ ଦିଆଯାଉଥିଲା ଏବଂ ଏହା ଉତ୍ତରପ୍ରଦେଶ ତଥା ମଧ୍ୟପ୍ରଦେଶରୁ ଆସୁଥିଲା । ଧୀରେଧୀରେ ଏହାକୁ ଜଣେ ବେପାରୀକୁ ଲାଇସେନ୍ସ ଦିଆଗଲା ଓ ପ୍ରତି ମୁଠାଦାରଙ୍କ ଜରିଆରେ ଏହା ସମଗ୍ର ଏଜେନ୍ସୀ ଅଞ୍ଚଳରେ ମିଳିବାକୁ ଲାଗିଲା ଏବଂ ଏହି ମୁଠାଦାରମାନଙ୍କୁ ବିଭିନ୍ନ ଉପାୟରେ ଏହା ଚାଷ କରିବାକୁ ପ୍ରଲୁବ୍ଧ କରିବା ସଙ୍ଗେ ସଙ୍ଗେ ପ୍ରତି ବର୍ଷ ଏହାର ଲାଇସେନ୍ସ ବା ନିଲାମ ହାର ବଢ଼ାଗଲା। ଲୋକଙ୍କୁ କାଙ୍ଗାଳ କରାଯିବା ସଙ୍ଗେ ସଙ୍ଗେ ସେଥିରୁ ପ୍ରତିକାରର ଉପାୟ ଗଞ୍ଜେଇ ଓ ଅଫିମର ସହଜ ଉପଲବ୍ଧି ଥିଲା ଏହି ଗଣ ବିଧ୍ୱଂସୀ ପୁରୁଣା ଔପନିବେଶିକ ଉପାୟ । ପୃଥିବୀର ବହୁ ବିଦିତ ବହୁ ଜାତି ସଭାଙ୍କୁ ଏହି ଉପାୟରେ ବିଧ୍ୱଂସ ଓ ବିଲୁପ୍ତି ଗର୍ଭକୁ ଠେଲି ଦିଆଯାଇଛି ।

ବିକାଶ ନାମରେ ଏହି ଅଞ୍ଚଳରେ ରାସ୍ତା ଖୋଲିଲା, କିନ୍ତୁ କାମ ପାଇଲେ ମୁଖ୍ୟତଃ ବେପାରୀ ଓ ଜଙ୍ଗଲ ଠିକାଦାର। ସ୍କୁଲ ବସାଗଲା, କିନ୍ତୁ ବାହାରର ଅର୍ଥାତ ସମତଳ ଅଞ୍ଚଳର ଶିକ୍ଷକମାନେ ଏଠାରେ ନିଯୁକ୍ତି ପାଇ ସରଳ ବା ବୋକା ଆଦିବାସୀମାନଙ୍କୁ ଶୋଷଣ କରି ସାହୁକାର ପାଲଟିଗଲେ ।

୧୮୬୦ ମସିହାରେ ଏହି ଏଜେନ୍ସି ଏରିଆରେ ପୋଲିସ ଥାନା ସ୍ଥାପନର ପର୍ବ ଆରମ୍ଭ ହୋଇଗଲା। ପୋଲିସର ଶୋଷଣଧାରା ମଧ୍ୟ ଆଦିବାସୀ ପାଇଁ ସମ୍ପୂର୍ଣ୍ଣ ନୂଆ ଓ ଅତ୍ୟନ୍ତ ଜଟିଳ । ମନେକର ଜଣକୁ ବାଘ ଖାଇଗଲା ବା ଭାଲୁ ଆକ୍ରମଣରେ ବା ଦୁର୍ଘଟଣା ବା ରୋଗରେ ପଡି କେହି ମଲା । ତେବେ ପୋଲିସ୍

ଆସି କହିଲା ତିନି ଦିନ ହେଲାଣି ସେ ଲୋକ ମଲାଣି, ତୁମେ ଖବର କାହିଁକି ଦେଇନ ? ଏ ଘଟଣା ଯେ ଗୋଟିଏ ନରହତ୍ୟା ଘଟଣା ନୁହେଁ ତା'ର ପ୍ରମାଣ କଣ ? ତେଣୁ ମୁଠାଦାର ବା ପେଦାମାନେ ବାଧ୍ୟ ହୋଇ ପୋଲିସ୍ ଜମାନ୍‌କୁ ସନ୍ତୁଷ୍ଟ କରିବା ପାଇଁ ସେ ଯାହା ଦାବି କରୁଥିଲା ତା' ଦେବାକୁ ବାଧ୍ୟ ହେଉଥିଲେ । ସେହିପରି ସେମାନେ ଦଶହରା ଭେଟି ଓ ଡିଉଟିରେ ଯାଉଥିବା ପୋଲିସ ବାହିନୀର ବିଳାସୀ ଖାଦ୍ୟପେୟର ବ୍ୟବସ୍ଥା କରିବା ପାଇଁ ପେଦା ଓ ନାୟକମାନଙ୍କୁ ବା ମୁଠାଦାରମାନଙ୍କୁ ବାଧ୍ୟ କଲେ । ସାହୁକାରମାନଙ୍କର ବନ୍ଧୁ ଥିଲା ପୋଲିସ୍ । କାରଣ ଯେକୌଣସି ଅନ୍ୟାୟ ଦାବୀକୁ ଚାଷୀ ଓ ରଇତମାନଙ୍କ ଠାରୁ ଆଦାୟ କରିବା ପାଇଁ ସେ ପୋଲିସର ଆଶ୍ରୟ ନେଉଥିଲା । ଏହିପରି ପୋଲିସ୍ ଥିଲା ସାହୁକାରୀ ଅର୍ଥ ବ୍ୟବସ୍ଥା ଓ ବ୍ରିଟିଶ ପ୍ରଶାସନର ଏକ ମୂର୍ତ୍ତିମନ୍ତ ପ୍ରତୀକ ।

ଏହି ପରିପ୍ରେକ୍ଷୀରେ ମୁଠାଦାରର ସ୍ଥିତି ଥିଲା ଭାରି ଅସ୍ପଷ୍ଟ । ଗୋଟିଏ ପଟେ ସାଧାରଣ ଆଦିବାସୀକୁ ନିଜ ଜମିରେ ବେଠି ଖଟାଇ, ପାନୁ ଆଦାୟ କରି, ସଲପ ମଦ ଓ ଜଙ୍ଗଲ ସମ୍ପଦ ଇତ୍ୟାଦିରୁ ଟିକସ ଆଦାୟ କରି ସେ ଲାଭବାନ୍ ହେଉଥିଲା । ଅନ୍ୟ ପକ୍ଷରେ ମହାଜନ ଓ ସାହୁକାର ତଥା ସରକାରୀ ମଧ୍ୟସ୍ଥମାନଙ୍କ ପାଖରେ ଋଣଗ୍ରସ୍ତ ହୋଇ ସେ ନିଜର ଜମି ହରାଇବାକୁ ଲାଗିଲା । ଏଣେ ପାରମ୍ପରିକତା ବଜାୟ ରଖିବା ଥିଲା ତା'ର ଧର୍ମ । ସେଥିରେ ଦେଖାଦେଇଥିବା ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ଥିଲା ତା'ର ଆୟତ୍ତ ବାହାରେ । ତେଣୁ ଜାତିଭାଇଙ୍କଠାରୁ ପାଉଥିବା ବହୁତ ସମ୍ମାନ ଅର୍ଥାତ ନେତୃତ୍ୱ ହରାଇବାର ଆଶଙ୍କା ମଧ୍ୟ ଦେଖାଦେଲା । ତେଣୁ ଫିତୁରି ସମୟରେ ସମ୍ପୃକ୍ତ ମୁଠାଦାର ହୁଏତ ନେତୃତ୍ୱ ଦେବ ନଚେତ୍ ଜନଗଣଙ୍କ କ୍ରୋଧ ଓ ବିଦ୍ରୋହକୁ ସାମ୍ନା କରିବ । ଏଇ ଦ୍ୱନ୍ଦର ସାମ୍ନାରେ ପଡିଗଲେ ସବୁ ପେଦା ନାୟକ ଓ ମୁଠାଦାର ଗୋଷ୍ଠୀ । ପାର୍ବତ୍ୟାଞ୍ଚଳର ବିଭିନ୍ନ ଆଦିବାସୀ ଗୋଷ୍ଠୀଙ୍କୁ ଗୋଟିଏ ଶାସନ ବ୍ୟବସ୍ଥା ତଳେ ଏକାଠି କରିବା ଦିଗରେ ମୁଠାଦାରି ବ୍ୟବସ୍ଥା ଏକ ମେଜିକ୍ ଭଳି କାମ ଦେଉଥିଲା । ଚତୁର୍ଦ୍ଦଶ ଶତାବ୍ଦୀର ସ୍ଥାନୀୟ ରାଜମାହେନ୍ଦ୍ରୀର ରେଡ୍ଡି ରାଜାଙ୍କ ଦ୍ୱାରା ଏହି ଅନୁଷ୍ଠାନ ପ୍ରଚଳିତ ହୋଇଥିବା କଥା ଗବେଷକ ଫୁରେର ହେଣ୍ଡ୍ରଫ୍ ପ୍ରତିପାଦିତ କରୁଥିବା ବେଳେ ଗୋଲକୋଣ୍ଡା ମୁସଲିମ୍ ଶାସନାଧୀନ ଥିବା ବେଳେ ଅର୍ଥାତ ୧୫୭୧ ମସିହାରୁ ୧୬୮୬ ମସିହା ମଧ୍ୟରେ ପ୍ରଥମ ଜମିଜମା ସୀମାଧାର୍ଯ୍ୟ ଓ କର ଆଦାୟ ବ୍ୟବସ୍ଥା ପ୍ରବର୍ତ୍ତନ ବେଳେ ଏହି ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିବାର ସମ୍ଭାବନା ସର୍ବାଧିକ । ସମଗ୍ର ଦକ୍ଷିଣାଞ୍ଚଳରେ ଏହି ମୁଠାଦାରି ପ୍ରଥା କାଏମ୍ ରହିଥିଲା । ନିଜର ପାରମ୍ପରିକ ୩ଟି ଅଧିକାର-ପୋଡୁର ଅଧିକାର, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହର ଅଧିକାର ଓ ମଦ ତିଆରି ତଥା ସଲପ ସଂଗ୍ରହର ଅଧିକାର ହରାଇବା ଦ୍ୱାରା ଆଦିବାସୀ ସମାଜର ପାରମ୍ପରିକ ଅର୍ଥନୀତି ଭୁଷୁଡି ପଡିବାକୁ ଲାଗିଲା ।

### ୧୮୭୯ ଏବଂ ପରବର୍ତ୍ତୀ ସମୟର ଫିତୁରି :

ରମ୍ପାର ଚତୁର୍ଥ ଫିତୁରି ଥିଲା ବଡ ଧରଣର ବିଦ୍ରୋହ । ଏହାର ଲକ୍ଷ୍ୟ ଥିଲା ମାନ୍‌ସୁବେଦାର, ବ୍ରିଟିଶ ସାମ୍ରାଜ୍ୟ ଏବଂ ସେମାନଙ୍କର ଦଲାଲ ରୂପେ କାମ କରୁଥିବା ଠିକାଦାର ଓ ବେପାରୀ ବର୍ଗ । ଆରମ୍ଭ

କାଳରେ ଏହାର ନେତୃତ୍ୱରେ ଥିଲେ ମୁଠାଦାର, ରାଜା, ଗାଁ ନାୟକମାନେ । କିନ୍ତୁ ଅବିଳମ୍ବେ ଏହା ସମଗ୍ର କୟା ଅଞ୍ଚଳରେ ବିସ୍ତାରିତ ହୋଇଗଲା । ଭଦ୍ରାଚଳମ୍‌ଠାରୁ ମାଲକାନାଗିରି, ପଡିଆ, ମୋଟୁ ଦେଇ ଏହା ମଧ୍ୟପ୍ରଦେଶର ବସ୍ତର ପର୍ଯ୍ୟନ୍ତ ବଣ ନିଆଁ ପରି ବ୍ୟାପିଗଲା । ବିପୁଳ ସଂଖ୍ୟାରେ ସାଧାରଣ ଆଦିବାସୀ ଜନତା ଏଥିରେ ଯୋଗ ଦେବାକୁ ଲାଗିଲେ । ଗତ ୩୦ ବର୍ଷ ଧରି ଲୋକଇଛା ବିରୁଦ୍ଧରେ ନିଯୁକ୍ତି ପାଇଥିବା ରମ୍ପା ମାନ୍‌ସୁବେଦାରଙ୍କୁ ବ୍ରିଟିଶ୍ ହଟାଇ ନେଲେ । ଏହି ଫିତୁରି ଥିଲା ସତରେ ଏକ ସାମାଜିକ – ରାଜନୈତିକ ବିସ୍ଫୋରଣ । ସେଥିରେ ପ୍ରତ୍ୟେକ ଖଣ୍ଡ ତୀକ୍ଷ୍ଣ ଲୁହା ଖଣ୍ଡ ଭଳି ବିଦ୍ରୋହର ବାର୍ତ୍ତା ବାହାରି ୫୦୦୦ ବର୍ଗ କି.ମି ପର୍ଯ୍ୟନ୍ତ ଅନାୟାସେ ବ୍ୟାପ୍ତ ହୋଇଗଲା ଏବଂ ବିଭିନ୍ନ ସ୍ଥାନରେ ଦଳ ଦଳ ବିଦ୍ରୋହୀ ଅକସ୍ମାତ ଆକ୍ରମଣ କରି ବ୍ରିଟିଶ ପୋଲିସ୍ ଓ ଅନ୍ୟାନ୍ୟ ବାହିନୀଙ୍କୁ ହତ୍ୟା କରିବାକୁ ଲାଗିଲେ । ସେତିକି ବେଳେ ଗୁଡେମ୍‌ରେ ଆରମ୍ଭ ହୋଇଗଲା ତୃତୀୟ ଗୁଡେମ୍ ଫିତୁରି । ୧୮୭୯ ମସିହା ଏପ୍ରିଲ୍ ମାସରେ ଆଜାଡିମାଲା ପୋଲିସ ଥାନା ଉପରେ ଜଣେ ସାଧାରଣ ଆଦିବାସୀ ରଇତ ଚେନ୍ଦ୍ରେୟା ଦୋରା ଆକ୍ରମଣ କଲେ । ଏହି ଫିତୁରିର ଅନ୍ୟତମ ନେତା ରୂପେ କିଛି ଦିନ ପରେ ଜଣେ ମୁଠାଦାର ତାମା ବୀରୟା ଦୋରା ଯୋଗ ଦେଇଥିଲେ । ଶାନ୍ତା ଭୂପତି ଓ ମାଡାକାମ୍ ଚିନ୍ନିଗାଡୁ ୧୮୭୯-୮୦ ମସିହାରେ କ୍ରିଷ୍ଣା ଦେବୀପେଟ ପୋଲିସ ଷ୍ଟେସନରେ ନିଆଁ ଲଗାଇ ଦେଇଥିଲେ । ପରେପରେ ୨୦ ବର୍ଷ ମଧ୍ୟରେ ଆହୁରି ୩ଟି ଫିତୁରି ହୋଇଥିଲା । ବୀରାୟା ଦୋରାଙ୍କୁ ବନ୍ଦୀ କରି ନିର୍ବାସନରେ ପଠାଇ ଦିଆଗଲା । ମାଲକାନଗିରିରେ ଏହାର ନେତୃତ୍ୱ ନେଲେ ତାମା ଦୋରା ।

ଆରମ୍ଭରୁ କୁହାଯାଇଛି ଯେ, "ତାମା ଦୋରା" ହେଉଛନ୍ତି କୋୟା ଫିତୁରି ଅଧିନାୟକତ୍ୱର ଏକ ପ୍ରତୀକାତ୍ମକ ଶବ୍ଦ । ୧୮୪୦ ରୁ ୪୮ ମଧ୍ୟରେ ରମ୍ପା ଅଞ୍ଚଳରେ ହୋଇଥିବା ବିଦ୍ରୋହର ନେତା ଥିଲେ କରମ୍ ତାମା ଦୋରା । ୧୮୬୦ ମସିହାରେ ଚମ୍ପାଖାରୀ ଯୁଦ୍ଧ ଓ ୧୮୬୨ ମସିହାରେ ରମ୍ପା ବିଦ୍ରୋହରେ ଆବିର୍ଭାବ ହୋଇଛନ୍ତି ଦ୍ୱିତୀୟ ତାମା ଦୋରା । ଏହି ଦ୍ୱିତୀୟ ତାମା ଦୋରା ୧୮୭୯-୮୦ ମସିହାର ମାଲକାନାଗିରି ରମ୍ପା ବିଦ୍ରୋହରେ ବ୍ରିଟିଶ ଆତଙ୍କରେ ପରିଣତ ହୋଇଥିଲେ । ତାଙ୍କର କିଛି ବ୍ୟକ୍ତିଗତ ବିଦ୍ୱେଷ ବ୍ରିଟିଶ ସହିତ ନଥିଲା । ତାଙ୍କ ଫିତୁରିର ମୁଖ୍ୟ ଲକ୍ଷ୍ୟ ଥିଲେ ଜୟପୁର ରାଜା ଓ ଗୋଲକୋଣ୍ଡାର ମାନ୍‌ସୁବେଦାର ଏବଂ ବ୍ରିଟିଶ ଉପନିବେଶ । ସାଧାରଣ ପେଦା ପରିବାରରୁ ଆସିଥିବା ଏହି ତାମା ଦୋରା ସାଧାରଣ କୋୟା ଜନତାର ବେଶ୍ ଅନ୍ତରଙ୍ଗ ହୋଇ ପାରିଥିଲେ । ଜଣେ ଫିତୁରିଦାର ରୂପେ ତାଙ୍କର ସାହସ ଓ ପ୍ରତିଶୋଧ ପରାୟଣତା ବିଭିନ୍ନ ଆଦିବାସୀ ଗୋଷ୍ଠୀକୁ ଐକ୍ୟବଦ୍ଧ କରି ପାରିଥିଲା ।

୧୮୭୯ ମସିହା ମାର୍ଚ୍ଚ ମାସରେ ବିଦ୍ରୋହୀ ମୁଠାଦାର ଓ କୋୟା ନେତାମାନଙ୍କର ଏକ ବୈଠକ ରମ୍ପାଠାରେ ଅନୁଷ୍ଠିତ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଚୋଡାଭରମ୍ ପୋଲିସ ଥାନା ଆକ୍ରମଣ ପୂର୍ବରୁ ନିଜର ଶକ୍ତି ପରୀକ୍ଷା କରିନେବା । କିନ୍ତୁ ତାମା ଦୋରା ସେଥିରେ ଉପସ୍ଥିତ ହୋଇ ନ ପାରିବାରୁ ପୁଣି ଥରେ ସେମାନେ ୧୦ ମାର୍ଚ୍ଚରେ ଏକାଠି ହୋଇଥିଲେ । ମାର୍ଚ୍ଚ ୧୩ ତାରିଖ ବେଳକୁ ଏହି ବିଦ୍ରୋହ ସମ୍ପର୍କରେ ଆଗୁଆ ସୂଚନା ପାଇ ଚୋଡାଭରମ୍‌ଠାରେ ସେଠାକାର ସବ୍‌କଲେକ୍ଟର ଓ ପୋଲିସ ଏସ୍. ପି ପାଞ୍ଚଜଣ

ଫିତୁରି ନେତାଙ୍କୁ ଭେଟି ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ । ପୋଲିସ୍ ଅତ୍ୟାଚାର ଓ ମଦ ଟିକସ ବନ୍ଦ ପାଇଁ ସେମାନେ ରାଜି ମଧ୍ୟ ହୋଇ ଯାଇଥିଲେ । କିନ୍ତୁ ମାନ୍ସୁବେଦାରଙ୍କୁ ହଟେଇବାର ମୁଖ୍ୟ ଦାବୀ ବ୍ରିଟିଶ ଗ୍ରହଣ କରିନଥିଲେ । କିନ୍ତୁ ପରବର୍ତ୍ତୀ ବୈଠକ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଫିତୁରିଦାର ମାନେ କୌଣସି ସନ୍ଧି ପ୍ରସ୍ତାବ ଉପରେ ଗୁରୁତ୍ୱ ନ ଦେଇ ୧୮୭୯ ମସିହା ମାର୍ଚ୍ଚ ମାସ ୧୫ ତାରିଖ ଦିନ ଚୋଡାଭରମ ପୋଲିସ ଥାନା ଉପରେ ଚଢାଉ କରିଥିଲେ ଓ ବହୁ ପୋଲିସ କର୍ମଚାରୀଙ୍କୁ ବନ୍ଦୀ କରି ସାଙ୍ଗରେ ଘେନିଯାଇଥିଲେ । ଘଟଣାର ଠିକ୍ ଦୁଇଦିନ ପରେ ଏହି ମୁଣ୍ଡଜାମିନ୍ ପୋଲିସ୍‌ମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ବିଦ୍ରୋହୀମାନେ ହତ୍ୟା କରିଥିଲେ । ଏହା ପରେପରେ ଫିତୁରିଦାରମାନେ ଆଉ ପଛକୁ ଫେରି ଅନାଇ ନଥିଲେ । ଏହା ସମସ୍ତ ସମାଧାନର ରାସ୍ତାକୁ ବନ୍ଦ କରିଦେଇ ଥିଲା ଏବଂ ବ୍ରିଟିଶ ବିରୋଧରେ ଖୋଲାଖୋଲି ବିଦ୍ରୋହର ଘୋଷଣା କରିଥିଲା । ତା'ପରେ ବିଦ୍ରୋହୀ ନେତାମାନେ ନିଜର ଦଳବଳ ସହ ବଣ୍ଡା ପଲ୍ଲୀ ଅଭିମୁଖେ ଅଗ୍ରଗତି କରି ସେଠାକାର ମୁଠାଦାରଙ୍କୁ ନିଜ ସହ ସାମିଲ କରିଥିଲେ ଓ ମାସେ କାଳ ଧରି ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକ ସଂଚାଳନ କରିଥିଲେ । ମାସେ ଧରି ସେମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ । କିନ୍ତୁ ଠିକ୍ ମାସକ ପରେ ଏପ୍ରିଲ୍ ମାସ ୧୫ ତାରିଖ ଦିନ ନୂଆ କରି ସ୍ଥାପିତ ହୋଇଥିବା କୋଟା ପୋଲିସ ଷ୍ଟେସନ ଉପରେ ସେମାନେ ଚଢାଉ କରି ସେଠାରୁ ଅସ୍ତ୍ରଶସ୍ତ୍ର ଲୁଟି ନେଇଥିଲେ । ଏହି ଘଟଣା ବ୍ରିଟିଶ ଶାସକମାନଙ୍କୁ ଏପରି ବିଚଳିତ କଲା ଯେ ଦୀର୍ଘ ବର୍ଷ ଧରି ଯେଉଁ ଅତ୍ୟାଚାରୀ ମାନ୍ସୁବେଦାରଙ୍କୁ ସେ ପରିବର୍ତ୍ତନ କରୁ ନଥିଲେ ତାଙ୍କୁ ହଠାତ୍ ୧୮୭୯ ମସିହା ମେ ମାସରେ ବରଖାସ୍ତ କଲେ ଓ ବ୍ରିଟିଶ୍ ଏଜେଣ୍ଟଙ୍କ ଦ୍ୱାରା ପ୍ରତ୍ୟକ୍ଷ କର ଆଦାୟ ବ୍ୟବସ୍ଥା ଜାରି କଲେ ।

ଏହି ପ୍ରତିଷେଧ ମୂଳକ ବ୍ୟବସ୍ଥା ଗ୍ରହଣ କରିବାରୁ ମୁଠାଦାରଙ୍କୁ ପ୍ରଭାବିତ କଲା ସତ କିନ୍ତୁ ବିଦ୍ରୋହର ଲକ୍ଷ୍ୟ ପାଲଟିଗଲା ବ୍ରିଟିଶ ସରକାରଙ୍କୁ ହଟାଇବା ଏବଂ ସମସ୍ତ ଘାଟି ଡିଆଁମାନଙ୍କୁ ତଡିବା । ପ୍ରଥମାବସ୍ଥାରେ ଯେଉଁ ଧୀରଗତିରେ ଫିତୁରି ଆଗେଇ ଚାଲିଥିଲା ତାର ପ୍ରଗତି ହଠାତ୍ ତ୍ୱରାନ୍ୱିତ ହୋଇ ଉଠିଲା । ଫିତୁରିଦାରମାନେ ସମସ୍ତ ସରକାରୀ କୋଠା, କାର୍ଯ୍ୟାଳୟ ଓ ପୋଲିସ ଥାନା ଉପରେ ଲଗାତାର ଆକ୍ରମଣ ଚଳାଇଲେ । ଏହା ପୂର୍ବଠାରୁ ଅଧିକ ଜନ ସମର୍ଥନ ମଧ୍ୟ ହାସଲ କଲା । ପ୍ରତ୍ୟେକ କାର୍ଯ୍ୟାନୁଷ୍ଠାନରେ ହଜାର ହଜାର ଲୋକ ତୀରଧନୁ ଓ ଫାର୍ସା ଇତ୍ୟାଦି ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଅଂଶ ଗ୍ରହଣ କରିବାକୁ ଲାଗିଲେ । ସରକାରୀ ନଥିପତ୍ର ଏହି ଜନପ୍ରିୟ ଆନ୍ଦୋଳନ କାରଣ ସ୍ୱରୂପ କୁହାଗଲା ଯେ ସରକାରୀ ପୋଲିସ୍ ଓ ସୈନ୍ୟବାହିନୀର ଦୁର୍ବଳତା ସକାଶେ ଏହା ବଣ ନିଆଁ ପରି ଚାରିଆଡେ ବ୍ୟାପିବାକୁ ଲାଗିଲା । ସରକାରୀ ପ୍ରଭୁତ୍ୱକୁ ଠୋକର ଦେବା ସଙ୍ଗେସଙ୍ଗେ କୋୟାମାନଙ୍କ ସାମରିକ ଶକ୍ତି ଆଗରେ ସ୍ଥାନୀୟ ସରକାରୀ କଳର ପରାଜୟ, ତାମା ଦୋରାଙ୍କ ବୀରତ୍ୱପୂର୍ଣ୍ଣ ନେତୃତ୍ୱର କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ ଓ ବାହିନୀ ପରିଚାଳନା ଏବଂ ରମ୍ପାଠାରୁ ଆରମ୍ଭ କରି ସୁଦୂର ମୋଟୁ ଓ ବସ୍ତର ପର୍ଯ୍ୟନ୍ତ ଆନ୍ଦୋଳନ ଲହଡିକୁ ପରିବ୍ୟାପ୍ତ କରି ଦେବା ଫଳରେ ଏହା ବିଜୟ ପରେ ବିଜୟ ହାସଲ କରିବାକୁ ଲାଗିଲା ।

ଏଣେ ସରକାର ଏତେ ବଡ ଏକ ଫିତୁରି ପାଇଁ ପ୍ରସ୍ତୁତି ନଥିଲେ । ଫଳରେ ଏଜେନ୍ସି ଏରିଆକୁ ତୁରନ୍ତ ଫଉଜ ସଂଚାଳନ କରିପାରିଲେ ନାହିଁ । ସେତେବେଳେ ମେ ମାସରେ ପ୍ରବଳ ବର୍ଷା ଆରମ୍ଭ ହୋଇ ଯାଉଥିଲା । ବିଦ୍ରୋହୀ ଫିତୁରଦାରମାନେ ସେହି ଅନୁସାରେ ଆଘାତ କରିବାର ସମୟ ଧାର୍ଯ୍ୟ କରିଥିଲେ । ଗରିଲା ଯୁଦ୍ଧର ଏହି କୌଶଳ ଆଗରେ ବ୍ରିଟିଶ ହାର ମାନିଲେ । ପୂର୍ବରୁ କୁହାଯାଇଛି, ଏହି ବର୍ଷାଋତୁ କିପରି ଆଠ ମାସ ଧରି ଏଜେନ୍ସି ଅଞ୍ଚଳରେ ଅବିରତ ଚାଲୁ ରହିଥିଲା ଏବଂ ଫଳରେ ବ୍ରିଟିଶ୍ ବାହିନୀର ସଞ୍ଚାଳନ କ୍ଷମତା ଅତ୍ୟନ୍ତ କମି ଯାଉଥିଲା । ତା' ସାଙ୍ଗକୁ ବର୍ଷାଜନିତ ମେଲେରିଆ, କଳା ଜ୍ୱର ଓ ଫ୍ଲୁର ଭୟ ଥିଲା। ଏଜେନ୍ସି ଅଞ୍ଚଳର ଜଏଣ୍ଟ ମାଜିଷ୍ଟ୍ରେଟ ଘଟଣାର ଗତିକୁ ଲକ୍ଷ୍ୟ କରି ସରକାରଙ୍କୁ ରିପୋର୍ଟ କରିଥିଲେ, "ସମଗ୍ର ରାଜ୍ୟ ବ୍ରିଟିଶ ପ୍ରତି ପରୋକ୍ଷ ଭାବେ ଥିଲେ ଶତ୍ରୁ ଭାବାପନ୍ନ (ଯଦିଓ ଖୋଲାଖୋଲି ନୁହେଁ, (ମେ, ୧୮୭୯ର ରିପୋର୍ଟ) "କାରଣ ବ୍ରିଟିଶ ଅଧିକାରୀମାନେ ଫିତୁରିଦାରଙ୍କୁ ଖୋଲାଖୋଲି ସାହାଯ୍ୟ କରୁଥିବା ଲୋକଙ୍କୁ ଦଣ୍ଡ ଦେଇପାରୁ ନଥିଲେ କିମ୍ବା ବିରୋଧ କରୁଥିବା ଗିରିଜନମାନଙ୍କୁ ସୁରକ୍ଷା ଦେବା ଅବସ୍ଥାରେ ନଥିଲେ" । ସେ ପୁଣି ଲେଖିଥିଲେ, "ଯଦି କୌଣସି ଗାଁ ବାଲା ଆମର ବାହିନୀ ବା ପୋଲିସକୁ କୌଣସି ପ୍ରକାରରେ ସାହାଯ୍ୟ କରନ୍ତି, ତେବେ ସେ ଗାଁକୁ ତାମା ଦୋରାଙ୍କ ଫିତୁରିଦାର ବାହିନୀ ଲୁଟ କରି ନିଅନ୍ତି, ଜାଳି ଦିଅନ୍ତି ଏବଂ ଗାଁ ମୁଖିଆଙ୍କୁ ହାତ କଡି ପକାଇ ମୁଣ୍ଡ ଜାମିନ୍‌ରେ ଘେନି ଯାଅନ୍ତି । ଅନ୍ୟ ପକ୍ଷରେ ଯେଉଁ ଗାଁ ମାନେ ଖୋଲାଖୋଲି ଆମର ବିରୋଧ କରନ୍ତି, ସେମାନଙ୍କର କିଛି କ୍ଷତି କରାଯାଏ ନାହିଁ । ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ସେମାନେ ଆମର ପ୍ରତ୍ୟେକ ଗତିବିଧିର ଖବର ପାଉଥିବା ବେଳେ ଆମେ ସେମାନଙ୍କର କିଛି ହେଲେ ସମ୍ବାଦ ପାଉନାହିଁ ।"

୧୮୮୦ ମସିହା ମାର୍ଚ୍ଚ ୧୩ ତାରିଖର ଶାନ୍ତି କଥାବାର୍ତ୍ତାରେ ତାମା ଦୋରା ଭାଗ ନେଇ ନଥିଲେ । ୧୬ ତାରିଖ ଦିନ ଯେଉଁ ଦୁଇ ବନ୍ଦୀ ପୋଲିସଙ୍କୁ ହତ୍ୟା କରାଯାଇ ଥିଲା ତା'ର କର୍ତ୍ତା ମଧ୍ୟ ଥିଲେ ତାମା ଦୋରା । ମାର୍ଚ୍ଚ ୧୭ ତାରଖ ଦିନ ପୋଲିସମାନେ ପ୍ରତିଶୋଧ ନେବା ପାଇଁ ତାମା ଦୋରାଙ୍କ ଗାଁର ସମସ୍ତ ଘର ପୋଡି ଦେଇଥିଲେ । ସମସ୍ତ ଫିତୁରିଦାର ମାନଙ୍କ ପାଇଁ ଏହି ବର୍ବର କାଣ୍ଡ ଥିଲା ଏକ ସାବଧାନୀ ବାଣୀ। ତାମା ଦୋରାଙ୍କ ମୁଣ୍ଡ ଉପରେ ମଧ୍ୟ ବ୍ରିଟିଶ ସରକାର ପୁରସ୍କାର ଘୋଷଣା କରିଦେଲେ । ଏଣେ ତାମା ଦୋରାଙ୍କ ସହିତ ଥିବା ଫିତୁରିଦାରମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଲା । ୧୦୦ ରୁ ୨୦୦ ଜଣ ବୀରଙ୍କର ଏକ ବାହିନୀ ଏକା ସାଥିରେ ବୁଲିବାକୁ ଲାଗିଲେ । ଏହି ଅଞ୍ଚଳରେ ଫିତୁରିଦାରମାନଙ୍କର ଏହା ହିଁ ଥିଲା ସର୍ବ ବୃହତ୍ ବାହିନୀ। ଆଦିବାସୀମାନେ ସାଧାରଣତଃ ଡାକରା ପଡିଲେ ହଜାର ହଜାର ସଂଖ୍ୟାରେ ବାହାରନ୍ତି । ନଚେତ୍ ଫିତୁରିଦାର ମାନେ ନିଜ ଭିତରେ ସବୁ କିଛି ଯୋଜନାକରି ଲୋକମାନଙ୍କୁ ମତାଉଥାନ୍ତି। ବିଦ୍ରୋହର ନିଆଁ ସମଗ୍ର କୋୟା ଇଲାକାରେ ବ୍ୟାପ୍ତ କରି ଜୁଲାଇ ଅଗଷ୍ଟ ବେଳକୁ ତାମା ଦୋରାଙ୍କ ଫିତୁରିଦାରମାନେ ଆନ୍ଧ୍ରର ରେଖାପାଲି ପାଖରେ ବିଦ୍ରୋହର ଦାବାନଳ ଜାଳି ଦେଲେ । ସେଠାରେ ଅଗଷ୍ଟ ଓ ସେପ୍ଟେମ୍ବର ମାସ କଟାଇ ପୁଣି ଥରେ ଫେବୃୟାରୀ ବେଳକୁ ରମ୍ପା ଆସିଲେ ।

ସେଠାରୁ ମାର୍ଚ୍ଚରେ ସିଲେରୁ ନଦୀ ଲଂଘି ମାଲକାନାଗିରି ପହଞ୍ଚିଲେ। ବ୍ରିଟିଶ ଏହା ଭିତରେ ଅତ୍ୟନ୍ତ ତତ୍ପର ହୋଇ ହାଇଦ୍ରାବାଦରୁ ସୈନ୍ୟ ସଂଚାଳନ ଆରମ୍ଭ କରିଥିଲେ । କୋଲବେଲ୍ ମ୍ୟାକ୍‌ୟେଡ୍‌ଙ୍କ

ନେତୃତ୍ୱରେ ଏକ ସୈନ୍ୟବାହିନୀ ମାଲକାନଗିରିରେ ଆସି ପହଞ୍ଚି ଯାଇଥିଲେ । ତାମା ଦୋରା ମାଲକାନଗିରିରେ ପହଞ୍ଚିବା ସଙ୍ଗେ ସଙ୍ଗେ ହଜାର ହଜାର ଆଦିବାସୀ ତାଙ୍କ ବାହିନୀ ସହିତ ଯୋଗ ଦେଲେ । ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ମ୍ୟାକ୍‌ୟେଡ୍ ବାହିନୀ ସହ ଫିତୁରଦାରମାନଙ୍କର ଅନେକ ଖଣ୍ଡ ଯୁଦ୍ଧ ହେଲା । ଶେଷରେ ଏପ୍ରିଲ ୨୪ ତାରିଖ ଦିନ ତାମା ଦୋରାଙ୍କ ବାହିନୀ ପଡିଆ ଥାନା ଚଢାଉ କରି ଅସ୍ତ୍ରଶସ୍ତ୍ର ଲୁଟି ନେଲେ ଓ ଜଣେ ସବ୍ ଇନ୍ସପେକ୍ଟରଙ୍କ ସମେତ ୭ ଜଣ ପୋଲିସ କର୍ମଚାରୀଙ୍କୁ ହତ୍ୟା କଲେ । ମାଲକାନଗିରି ଇତ୍ୟାଦି ପୋଲିସ ଷ୍ଟେସନ ପୂର୍ବରୁ ଖାଲି କରି ଦିଆଯାଇଥିଲା । ମୋଟୁ ମାଲକାନଗିରିର ଜଙ୍ଗଲ ଭିତରେ ହିଁ ଫିତୁରଦାରମାନଙ୍କର ଗରିଲା ବାହିନୀ ସହିତ ମ୍ୟାକୟେଡଙ୍କ ଗୋରା ଫଉଜର ଲଢେଇ ଚାଲିଲା । କୋୟା ଜନସାଧାରଣ ଘୋଷଣା କରିଦେଲେ ଯେ, ତାମା ଦୋରା ହେଉଛନ୍ତି ମାଲକାନଗିରିର ରାଜା । ସେତେବେଳକୁ ବାଗୁରୁ ଦେଇ ଶାସନରେ ନଥାନ୍ତି ।

ପ୍ରଥମ ମାସର ଯୁଦ୍ଧରେ ପରାଜିତ ମ୍ୟାକୟେଡ ନିଜର ସୈନ୍ୟବଳକୁ ପୁଣି ଥରେ ବଳିଷ୍ଠ କରାଇବା ପାଇଁ ହାଇଦ୍ରାବାଦରୁ ଆଉ ଏକ ପ୍ଲାଟୁନ ସୈନ୍ୟ ମଗାଇଲେ । ଏହି ବାହିନୀ ମାଲକାନଗିରିରେ ଜୁଲାଇ ମାସ ସୁଦ୍ଧା ପହଞ୍ଚି ଗଲା । ପୁଣି ଥରେ ଗରିଲା ବାହିନୀକୁ ମୁକାବିଲା କରିବା ପାଇଁ ମ୍ୟାକୟେଡଙ୍କ ବାହିନୀ ବଣ ଜଙ୍ଗଲରେ ଖେଦିଗଲେ । ସେମାନଙ୍କ ସହିତ ଯୋଗ ଦେଲେ ଜୟପୁର ରାଜାଙ୍କ ପାଇକ ମାନେ । ଜୟପୁର ସୈନ୍ୟବାହିନୀ ଏହି ଅଞ୍ଚଳର ବଣ ଜଙ୍ଗଲ ସହିତ ଅଭ୍ୟସ୍ତ ଥିଲେ। ତେଣୁ ତାମା ଦୋରାଙ୍କ ବାହିନୀ ପଛେଇ ପଛେଇ ମୋଟୁଠାରେ ପହଞ୍ଚିବା ପରେ ସେହିଠାରେ ହିଁ ମ୍ୟାକୟେଡଙ୍କୁ ମୁକାବିଲା କଲେ। ପ୍ରାୟ ମାସେ କାଳ ଯୁଦ୍ଧ ଚାଲିବା ସତ୍ତ୍ୱେ ତାମା ଦୋରା ଆତ୍ମ ସମର୍ପଣ କଲେ ନାହିଁ । ଶେଷରେ ୧୮୮୦ ମସିହା ଜୁଲାଇ ୨୫ ତାରିଖରେ ସେ ମ୍ୟାକୟେଡ ସାହେବଙ୍କ ହାତରେ ପରାଜୟ ବରଣ କଲେ ଓ ବ୍ରିଟିଶ ସୈନ୍ୟବାହିନୀର ଗୁଳିରେ ଶହୀଦ ହୋଇଗଲେ । ପୂର୍ବ ପରାଜୟର ଗ୍ଲାନିରେ ପ୍ରତିଶୋଧ ପରାୟଣ ବ୍ରିଟିଶ କର୍ଣ୍ଣେଲ ତାଙ୍କର ମୁଣ୍ଡକାଟି ନେଇ କାର୍ବୋଲିକ ଏସିଡରେ ସଂରକ୍ଷିତ କରି ରାଜମାହେନ୍ଦ୍ରିକୁ ନେଇଥିଲେ। ଏହାକୁ ସର୍ବସାଧାରଣରେ ପ୍ରଦର୍ଶନ କରି ନିଜଗୌରବ ଓ ତାମାଦୋରାଙ୍କ ମୃତ୍ୟୁ ଖବରକୁ ସିଦ୍ଧି କରିବା ଥିଲା ତାଙ୍କ ଉଦ୍ଦେଶ୍ୟ। ତାମା ଦୋରାଙ୍କ ମୃତ୍ୟୁ ଉପରେ ଓଡିଶାର ବିଶିଷ୍ଟ ଗୀତିକବି ରାଧା ମୋହନ ଗଡନାୟକ ଲେଖିଥିଲେ –

"କୋଇୟା ଜାତିର ଭାଇମାନେ ମୋର
କଅଣ କରୁଛ ଆଜି,
ଜାଣି ପାରୁନାହଁ ବଣ କମ୍ପାଇ
କଅଣ ଉଠୁଚି ବାଜି ?
ଅମିତ କଣ୍ଠ ଗର୍ଜି ଉଠିଲା, ରକତ ଆମର ତାଜା
ମାଲକାନଗିରି ଆମର ରାଇଜ, ତାମା ଦୋରା ଆମ ରାଜା
ବାହାର ହୋଇଲେ କୋଇଆ ଫଉଜ, ଦେଶର ମୁକ୍ତି ଲାଗି

କୁରାଢି ଫର୍ସା  ଧନୁଶର  ଧରି, ଦର୍ପେ ଉଠିଲେ ଜାଗି ।
ମୁହାଁମୁହିଁ ହେଲେ ଫିରିଙ୍ଗି  ଫଉଜ, କୋଇଆ ଫଉଜ ଦଳ
ମୋଟୁ ଅଞ୍ଚଳ, ଘନ ଜଙ୍ଗଲ, କମ୍ପିଲା ଥରହର ।
ଶବରୀ ଯେଉଁଠି ସିଲେରୁ ଯେଉଁଠି, ଛାଡୁଚି ଭୀଷଣ ରଡି
ଘୋର ରଡି ଛାଡି ମାତିଲେ  କୋଇଆ, ଜୀବନ ମୂର୍ଚ୍ଛା କରି
ବିଜୟଯୁକ୍ତ  ହୋଇଅଛି ଏବେ  ଗୋରା ସେନାନୀର ଫନ୍ଦି
କୋଇଆ ଜାତିର ବିପ୍ଳବୀ ନେତା ତାମା ଦୋରା ଆଜି ବନ୍ଦୀ ।

ମୃତ୍ୟୁ ପରେ ମଧ୍ୟ ତାମା ଦୋରାଙ୍କ ଜନପ୍ରିୟତା କମିଯାଇ ନଥିଲା । ତାମା ଦୋରାଙ୍କ ସାଥୀ ଚିଙ୍ଗୁଡି ଦୋରା ୧୮୯୧ ମସିହାରେ ଜେଲରୁ ମୁକ୍ତି ହେବା ପରେ ମୁକା ପାର୍ବତୀ ଓ ବାଳ ଦୋରା ଇତ୍ୟାଦିଙ୍କ ଜରିଆରେ ତାମା ଦୋରା ଜୀବିତ ଅଛନ୍ତି  ଓ ତାଙ୍କ ନେତୃତ୍ୱରେ  ଫିତୁରି ଏବେ  ବି ଜାରି  ରହିଛି ବୋଲି ପ୍ରଚାର କରି  ୧୯୧୬ ମସିହା ଯାଏ ବିଦ୍ରୋହ ଚଳାଇ ରଖିଲେ । ଧର୍ମ ସଂସ୍ଥାପନ ପାଇଁ ଆଉ ଜଣେ କୃଷ୍ଣ ଜନ୍ମ ନେବେ ଏବଂ ବିଦ୍ରୋହୀମାନଙ୍କ ବାଉଁଶ ଠେଙ୍ଗା ବନ୍ଧୁକରେ ପରିଣତ ହୋଇଯିବ ବୋଲି ଗୋଟିଏ ଜନରବ ମଧ୍ୟ ବ୍ୟାପିଯାଇଥିଲା । କୋଣ୍ଡାକାମ୍ବେରୁଠାରେ ଆରମ୍ଭ ଏହି ଆନ୍ଦୋଳନରେ ବହୁ ସାଧାରଣ ଲୋକ ଓ ନେତାମାନେ ନିହତ ହୋଇଥିଲେ । କିନ୍ତୁ ୧୯୨୨ ମସିହା ବେଳକୁ ଦେଖାଦେଲେ ଆଲୁରି ସୀତାରାମେୟା ରାଜୁ । ଏଜେନ୍ସୀ ଅଞ୍ଚଳର ଶେଷତମ  ଫିତୁରିକୁ ସେ ହିଁ ନେତୃତ୍ୱ ଦେଇଥିଲେ । ୧୯୨୪ ମସିହା ପର୍ଯ୍ୟନ୍ତ ତାଙ୍କର ସାମ୍ରାଜ୍ୟବାଦ ବିରୋଧୀ  ବିଦ୍ରୋହ ଚାଲିବା ପରେ  ସେ ସମ୍ମୁଖ ଯୁଦ୍ଧରେ ଧରାପଡି ପ୍ରାଣ ଦେଇଥିଲେ ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ, ବ୍ରିଟିଶ ଉପନିବେଶବାଦର ଉତ୍ତୁଙ୍ଗ ସମୟ କାଳରେ, ଦୀର୍ଘ ୨୦ ବର୍ଷ କାଳ ରାଜନୈତିକ, ସାମରିକ ଭାବେ ବ୍ରିଟିଶ ସମ୍ରାଜ୍ୟବାଦ ବିରୋଧରେ  କ୍ରିୟାଶୀଳ ରହିବା କିଛି କମ୍ କଥା ନୁହେଁ । ୧୮୬୦ ମସିହାରୁ ୧୮୮୦ ମସିହା ଥିଲା ଇଷ୍ଟ ଇଣ୍ଡିଆ କମ୍ପାନୀର ଅବସାନ ଓ ବ୍ରିଟିଶ ପ୍ରତ୍ୟକ୍ଷ ଶାସନର ଆରମ୍ଭକାଳ ।

ଏହି ସମୟରେ ବ୍ରିଟିଶ୍ ଶାସନକୁ ବିରୋଧ କରି ସ୍ୱାଭିମାନୀ ଜନଜାତି ପ୍ରଜା ସଶସ୍ତ୍ର ସଂଗ୍ରାମ ଦ୍ୱାରା ଉପନିବେଶବାଦୀଙ୍କ ବଳଶାଳୀ ସେନାଙ୍କ ପ୍ରାଣରେ ହୃତ୍‌କମ୍ପ ସୃଷ୍ଟି କରିପାରିବା ହେଉଛି ଆମ ସଭିଙ୍କ ପାଇଁ ଏକ ଗୌରବମୟ ଅଧ୍ୟାୟ । ଇତିହାସର ଏହି ଅସ୍ପଷ୍ଟ ଅଧ୍ୟାୟକୁ ସୁସ୍ପଷ୍ଟ କରିବା ପାଇଁ ବ୍ୟାପକ ଉଦ୍ୟମର ଆବଶ୍ୟକତା ରହିଛି ।

❑❑

# ବିପ୍ଳବୀ ମାଦ୍ରୀ କାଲୋ



ଲେଖକ
ଗଜାଧର ମାଝୀ



## ପୂର୍ବାଭାସ

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯେତେ ରଥି ଜନ୍ମମାଟିର ମୁକ୍ତି ପାଇଁ ଆତ୍ମୋତ୍ସର୍ଗ କରିଛନ୍ତି ସେମାନଙ୍କର ସଠିକ୍ ବିବରଣୀ ଇତିହାସରୁ ଖୋଜି କାଢିବା ସ୍ୱାଧୀନ ଭାରତର ଦାୟିତ୍ୱ । ଓଡିଶା ମାଟିରେ ଏହିପରି ଅନେକ ସ୍ୱାଭିମାନୀ ଆତ୍ମବଳି ଦେଇଛନ୍ତି ସେମାନଙ୍କର ଖୋଜ ଖବର ରଖିବା ଏଯାବତ୍ ସମ୍ଭବ ହୋଇ ପାରିନାହିଁ । ସେହିପରି ଆଦିବାସୀମାନେ ଯେଉଁମାନେ ନିଜ ଜନ୍ମମାଟି ପାଇଁ ଜୀବନକୁ ବାଜି ଲଗାଇ ଯାଇଛନ୍ତି ସେମାନଙ୍କ ଭିତରୁ ଅନେକ ଆଜିବି ଅଣଚର୍ଚ୍ଚିତ, ବିସ୍ମୃତ । ଆଦିବାସୀମାନେ ସ୍ୱାଧୀନତାପ୍ରିୟ । ପ୍ରକୃତି କୋଳରେ ଆତଯାତ ହୋଇ ଏମାନେ ତା'ଠାରୁ ଶିଖିନିଅନ୍ତି ସ୍ୱାଧୀନତାର ମହାମନ୍ତ୍ର । ବାସ୍ତବ ସହିତ ଖୁବ୍ ନିବିଡ ଏମାନଙ୍କର ସମ୍ବନ୍ଧ । ସରଳ ଅଥଚ ସ୍ୱାଭିମାନୀ ଏଇ ଆଦିବାସୀ ଅନ୍ୟାୟ ଅତ୍ୟାଚାରର ଶିକାର ହୋଇ ପରାଧୀନତାର ଶୃଙ୍ଖଳରେ ବନ୍ଦୀହେଲେ ବିଳପି ଉଠନ୍ତି । ଗିରି କନ୍ଦରକୁ ଥରାଇ ସେମାନେ ଅନ୍ୟାୟ ବିରୁଦ୍ଧରେ ଚରମ ଅସ୍ତ୍ର ଧାରଣ କରନ୍ତି । "କର ଅବା ମର" ନ୍ୟାୟରେ ଡେଇଁ ପଡନ୍ତି ଆନ୍ଦୋଳନକୁ ।

ଇଂରେଜ ତଥା ତାଙ୍କ ବୋଲକରା ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହର ସୂତ୍ରପାତ, ଇଂରେଜମାନେ ଭାରତରେ ସେମାନଙ୍କର ରାଜନୈତିକ ଶାସନର ଭିତ୍ତି ପକାଇବା ପରେପରେ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ପରମ୍ପରାନୁକ୍ରମେ ଚାଲିଆସୁଥିବା ଶାସନ ବଦଳରେ ଇଂରେଜ କର୍ତ୍ତୃକ ଶାସନ ବ୍ୟବସ୍ଥାକୁ ଭାରତର ପ୍ରଜାକୁଳ ଗ୍ରହଣ କରିପାରିନଥିଲେ । ଏଣୁ ଏହି ବିଦ୍ରୋହର ସୂତ୍ରପାତ ସେଇ ନୂତନ ଶାସନ ବ୍ୟବସ୍ଥା ବିରୁଦ୍ଧରେ ଘଟିଥିଲା । ପଲାସୀ ଯୁଦ୍ଧରେ ବିଜୟୀ ହୋଇ ଇଂରେଜମାନେ ପ୍ରଥମେ ୧୭୫୭ ମସିହାରେ ଭାରତରେ ତାଙ୍କ ଶାସନର ମୂଳଦୁଆ ପକାଇଥିଲେ । ୧୭୬୬ ମସିହାରେ ଗଞ୍ଜାମର ଘୁମୁସର ଅଞ୍ଚଳ ଇଂରେଜ ଶାସନାଧୀନ ହେଲା ଓ ମାନ୍ଦ୍ରାଜ ସରକାର ଘୁମୁସର ସମେତ ସମଗ୍ର ଗଞ୍ଜାମ ଜିଲ୍ଲାପାଇଁ ରେସିଡେଣ୍ଟ ନିଯୁକ୍ତି କଲେ । ରେସିଡେଣ୍ଟ ଏଡୱାର୍ଡ କୋଟସ୍‌ଫୋର୍ଡ ଘୁମୁସର ରାଜ୍ୟ ଉପରେ ମାତ୍ରାଧିକ ଖଜଣା ଧାର୍ଯ୍ୟ କଲେ । ଘୁମୁସରର ତତ୍‌କାଳୀନ ରାଜା କୃଷ୍ଣ ଭଞ୍ଜ ଏହାର ଘୋର ବିରୋଧ କରିଥିଲେ । କୃଷ୍ଣ ଭଞ୍ଜଙ୍କୁ ସମର୍ଥନ ଜଣାଇଥିଲେ ରାଜ୍ୟର ଅଗଣିତ ସ୍ୱାଧୀନଚେତା କନ୍ଧ ଆଦିବାସୀ ଗୋଷ୍ଠୀ । ସ୍ୱାଧୀନଚେତା କନ୍ଧମାନଙ୍କ ଇଂରେଜ ରାଜତନ୍ତ୍ର ଉପରେ ସଂଘଟିତ ୧୭୬୮ମସିହାର ଏହି ବିଦ୍ରୋହ ସମ୍ଭବତଃ ସାରାଭାରତରେ ଥିଲା ପ୍ରଥମ ରକ୍ତାକ୍ତ ମୁକ୍ତି ସଂଗ୍ରାମ । ଏହି ବିଦ୍ରୋହରେ ଅନେକ କନ୍ଧ ଆଦିବାସୀ ପ୍ରାଣବଳି ଦେଇଥିଲେ । ବିଦ୍ରୋହର ଅବସାନ ଘଟିଥିଲା ସତ; ମାତ୍ର ମୁକ୍ତିକାମୀ ମଣିଷର ମନ ବିଦେଶୀ ଶକ୍ତି ନିକଟରୁ ମୁକ୍ତ ହେବା ଅଭିଳାଷର ଅବସାନ ଘଟିନଥିଲା ।

୧୭୬୮ ମସିହାରେ ପାରଳାଖେମୁଣ୍ଡିର ରାଜା ନାରାୟଣ ଦେବ ମଧ୍ୟ ନିଜ ରାଜ୍ୟର ଆଦିବାସୀମାନଙ୍କ ସାହାଯ୍ୟ ଓ ସମର୍ଥନ ପାଇ ଇଂରେଜ ଶକ୍ତିକୁ ବିରୋଧ କରିଥିଲେ । ପାରଳାଖେମୁଣ୍ଡିର ବିଦ୍ରୋହ ପରେ ଘୁମୁସରର କନ୍ଧ ମେଳି ବ୍ରିଟିଶ ଶକ୍ତି ବିରୁଦ୍ଧରେ ପୁନଶ୍ଚ ତୁମୂଳ ସଂଗ୍ରାମ କରିଥିଲା । ଏଥିରେ ବଉଦ, ଦଶପଲ୍ଲା ଓ ନୟାଗଡର ଆଦିବାସୀମାନେ ମଧ୍ୟ ସାମିଲ ହୋଇ ବିକ୍ରମ ଭଞ୍ଜଙ୍କ ନେତୃତ୍ୱରେ ବ୍ରିଟିଶ ଶକ୍ତିକୁ

ମୁକାବିଲା କରିଥିଲେ । ତାଙ୍କ ପରେ ଶ୍ରୀକର ଭଞ୍ଜ ମଧ୍ୟ ବ୍ରିଟିଶ ଶାସନର ଦୃଢ ବିରୋଧ କରି ଆସିଥିଲେ । ପାରଳାଖେମୁଣ୍ଡି ଓ ଘୁମୁସରର ଏହି ବିଦ୍ରୋହ ବ୍ରିଟିଶ ଶାସନକୁ ଏପରି ବିପର୍ଯ୍ୟସ୍ତ କରିଥିଲା ଯେ ଇଂରେଜ ସରକାର ବାଧ ହୋଇଥିଲେ ଏହି ଅଞ୍ଚଳକୁ ଏକ 'ପରିତ୍ୟକ୍ତ ଅଞ୍ଚଳ' ହିସାବରେ ଘୋଷଣା କରିବାକୁ ।

ଇଂରେଜ କୁଶାସନ ବିରୁଦ୍ଧରେ ୧୮୧୭ ମସିହାରେ ଖୋର୍ଦ୍ଧା ଅଞ୍ଚଳରେ ସୂତ୍ରପାତ ହୋଇଥିଲା 'ପାଇକ ବିଦ୍ରୋହ'। ଘୁମୁସରରୁ ଶହଶହ କନ୍ଧ ମେଳବାନ୍ଧି ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ବାଣପୁର ଥାନା ଓ ଅନ୍ୟାନ୍ୟ ସରକାରୀ ଅଫିସ ଗୁଡିକ ଉପରେ ଆକ୍ରମଣ କରିଥିଲେ। ଏହାର ପରିଣାମ ସ୍ୱରୂପ ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱାଧୀନ ପାଇକ ବିଦ୍ରୋହ ବ୍ୟାପକ ହୋଇଥିଲା ।

ଘୁମୁସରର ରାଜା ଧନଞ୍ଜୟ ଭଞ୍ଜଙ୍କୁ ବ୍ରିଟିଶ ସରକାର ଗାଦିଚ୍ୟୁତ କରିବାର ପ୍ରୟାସ କରନ୍ତେ ଏହାର ବିଷମ ପରିଣତି ସ୍ୱରୁପ ୧୮୩୭ ମସିହାରେ ପୁଞ୍ଜିଭୂତ ପ୍ରଜା ଅସନ୍ତୋଷ ଏକ ଭୟଙ୍କର କନ୍ଧମେଳିର ରୂପ ଗ୍ରହଣ କରିଥିଲା । ଦୋରା ବିଶୋଇଙ୍କ ନେତୃତ୍ୱରେ ଏହି ମେଳି ସଂଘଟିତ ହୋଇ କନ୍ଧମାନଙ୍କ ହୃଦୟରେ ଇଂରେଜ ଶାସନ ବିରୁଦ୍ଧରେ ମୁକ୍ତି ସଂଗ୍ରାମ କରିବାକୁ ନୂତନ ଚିନ୍ତା ସୃଷ୍ଟି କରି ପାରିଥିଲା । ଏହି ବିଦ୍ରୋହର ପଦଧ୍ୱନି ଅନ୍ୟାନ୍ୟ ପଡୋଶୀ ରାଜ୍ୟମାନଙ୍କୁ ସଂକ୍ରମିତ ହୋଇଥିଲା । ବଉଦର କନ୍ଧମାନେ, ବାଣପୁର ଅଞ୍ଚଳର କନ୍ଧ, ପାଣ ଓ ଅନ୍ୟାନ୍ୟ ଗିରିଜନମାନେ, ଦଶପଲ୍ଲାର ଆଦିବାସୀମାନେ ମଧ ଏହି ସଂଗ୍ରାମ ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ଏହିପରି ଭାବରେ ଘୁମୁସରର ଆଦିବାସୀ ବିଦ୍ରୋହ ଭବିଷ୍ୟତରେ ଓଡିଶାର ଗଡଜାତ ଅଞ୍ଚଳରେ ଇଂରେଜ ଶାସନ ବିରୁଦ୍ଧରେ ସଂଗ୍ରାମର ମୂଳଭିତ୍ତି ସ୍ଥାପନ କରିଥିଲା । କନ୍ଧମାନଙ୍କର ଆଉଜଣେ ପ୍ରିୟନେତା ଚକରା ବିଶୋଇଙ୍କ ସଂଗ୍ରାମ ଅତୁଳନୀୟ । ବଣ ପାହାଡ ମଧରେ ବୁଲିବୁଲି କନ୍ଧମାନଙ୍କ ମଧରେ ସେ ଯେଉଁ ଜାଗରଣ ଓ ଉନ୍ମାଦନା ସୃଷ୍ଟି କରିପାରିଥିଲେ ତାହା ତାଙ୍କର ବୀରତ୍ୱ, ନିର୍ଭୀକତା, ଦେଶ ବତ୍ସଳତା ଓ ଜନପ୍ରିୟତାକୁ ପ୍ରମାଣିତ କରେ । ୧୮୪୬ ମସିହାରୁ ୧୮୫୬ ମସିହା ଯାଏଁ ଦୀର୍ଘ ଏକ ଦଶନ୍ଧି ଧରି କନ୍ଧମାନଙ୍କୁ ଏକଜୁଟ କରି ବ୍ରିଟିଶ ଶକ୍ତି ବିରୁଦ୍ଧରେ ଚକରା ବିଶୋଇଙ୍କ ଅବିରତ ସଂଗ୍ରାମ ଇତିହାସର ଏକ ରୋମାଞ୍ଚକର ଅଧ୍ୟାୟ ।

୧୮୫୫ ମସିହାରେ ଓଡିଶାର ଉତ୍ତର ସୀମାନ୍ତରେ ସାନ୍ତାଳମାନଙ୍କ ଦ୍ୱାରା ସଂଘଟିତ ହୋଇଥିଲା ଆଉ ଏକ ବିଦ୍ରୋହ । ପୂର୍ବ ଭାରତରେ ନୂତନ ରେଳରାସ୍ତାର ନିର୍ମାଣ କାର୍ଯ୍ୟରେ ସେତେବେଳେ ସ୍ୱଳ୍ପ ପାରିଶ୍ରମିକରେ ସାନ୍ତାଳମାନଙ୍କୁ କାମ କରିବା ପାଇଁ ବାଧ କରାଯାଉଥିଲା । ଇଂରେଜ ମାନଙ୍କର ଏହି ଅତ୍ୟାଚାରକୁ ସ୍ୱାଧୀନକାମୀ ସାନ୍ତାଳଜାତି ସହ୍ୟ କରିପାରିଲେ ନାହିଁ । ଗୋରା ଶାସନର ଅର୍ଥନୈତିକ ଶୋଷଣ ବିରୁଦ୍ଧରେ ସେମାନେ ସେତେବେଳେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ । ସିଦ ମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦ ମୁର୍ମୁ ଓ ଭାଇ ମୁର୍ମୁ ପ୍ରଭୃତି ଚାରିଭାଇଙ୍କ ନେତୃତ୍ୱରେ ସଂଘଟିତ ହୋଇଥିବା ଏହି ବିଦ୍ରୋହ ବିଫଳ ହୋଇଥିଲେ ସୁଦ୍ଧା ମୁକ୍ତି ସଂଗ୍ରାମର ଇତିହାସରେ ଏହା ଏକ ଜ୍ୱଳନ୍ତ ପୃଷ୍ଠା ।

୧୮୫୭ ମସିହାରେ ଆରମ୍ଭ ହୋଇଥିଲା 'ସିପାହୀ ବିଦ୍ରୋହ' । ବାସ୍ତବପକ୍ଷେ ଏହା ଥିଲା ଭାରତୀୟ ମୁକ୍ତି ସଂଗ୍ରାମର ଉଦ୍‌ଯୋଗ ପର୍ବ। ସେହିପରି ସମୟରେ ଓଡିଶାର ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଏହି ମୁକ୍ତି ସଂଗ୍ରାମର ମଶାଲ ପ୍ରଜ୍ୱଳିତ ହୋଇଥିଲା । ଅନେକ କୋହ୍ଲ, ଗଣ୍ଡ, ବିଂଝାଲ୍, କନ୍ଧ ଓ ସାନ୍ତାଳ ମାନଙ୍କ ସହଯୋଗ ଏହି ମୁକ୍ତି ସଂଗ୍ରାମରେ ଏକୀଭୂତ ହୋଇ ଇଂରେଜ ଶକ୍ତିକୁ ଦୋହଲାଇ ଦେଇଥିଲା ।

୧୮୬୮ ମସିହାରେ କେନ୍ଦୁଝରର ଭୂୟାଁମାନେ ଅତ୍ୟାଚାରୀ ରାଜା ଧନୁର୍ଜୟ ଭଞ୍ଜ ଓ ତାଙ୍କୁ ସାହାଯ୍ୟ କରୁଥିବା ଇଂରେଜ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ । ଭୂୟାଁବୀର ରତ୍ନା ନାଏକଙ୍କ ନେତୃତ୍ୱରେ ଏହି ବିଦ୍ରୋହ ସଂଘଟିତ ହୋଇଥିଲା । ସେ କେନ୍ଦୁଝର ଅଞ୍ଚଳରେ ବସବାସ କରୁଥିବା ଭୂୟାଁ, ଜୁଆଙ୍ଗ, କୋହ୍ଲମାନଙ୍କୁ ସଙ୍ଗଠିତ କରି ଅତ୍ୟାଚାରୀ ରାଜାଙ୍କ ବିରୁଦ୍ଧରେ ମତାଇଥିଲେ । ଧନୁର୍ଜୟ ଭଞ୍ଜଙ୍କ ବଦଳରେ ବୃନ୍ଦାବନ ଭଞ୍ଜ ରାଜା ହୁଅନ୍ତୁ ଏହା ତାଙ୍କର ଉଦ୍ଦେଶ୍ୟ ଥିଲା । ଇଂରେଜ କର୍ତ୍ତୃକ ଏହି ବିଦ୍ରୋହ ନିଷ୍ଠୁର ଭାବେ ଦମିତ ହୋଇଥିଲା ଅନେକ ବିଦ୍ରୋହୀଙ୍କୁ ମୃତ୍ୟୁଦଣ୍ଡ ଅବା ଆଜୀବନ ନିର୍ବାସନ ଦଣ୍ଡ ଭୋଗ କରିବାକୁ ପଡିଥିଲା । ରତ୍ନା ନାଏକ ଫାଶିଖୁଣ୍ଟରେ ଝୁଲିଥିଲେ ।

ରତ୍ନା ନାୟକଙ୍କ ଦ୍ୱାରା ସଂଘଟିତ ଏହି ବିଦ୍ରୋହକୁ ଯେପରି ନୃଶଂସ ଭାବରେ ଦମନ କରାଗଲା ତାହା ସେ ଅଞ୍ଚଳର ଭୂୟାଁମାନଙ୍କ ମନରେ ଅସନ୍ତୋଷର କୁହେଳିକୁ ସୃଷ୍ଟି କରିଥିଲା । ତା'ର ପରିଣତି ଦୁଇ ଦଶନ୍ଧି ପରେ ୧୮୯୧ ମସିହାରେ ଧରଣୀଧରଙ୍କ ନେତୃତ୍ୱରେ ପୁଣିଥରେ ବିସ୍ଫୋରିତ ହୋଇଥିଲା । ଧରଣୀଧର ଅବଶେଷରେ କାରାରୁଦ୍ଧ ହୋଇଥିଲେ । ଭୂୟାଁ ବିଦ୍ରୋହ ବିଫଳ ହୋଇଥିଲା ସିନା, ମାତ୍ର ଏହି ବିଦ୍ରୋହ ଇଂରେଜ ସରକାରଙ୍କୁ ଉଚିତ୍ ଶିକ୍ଷା ବି ଦେଇଥିଲା ।

ପ୍ରଜା ଉତ୍ପୀଡନର ପରିଣତି ସ୍ୱରୂପ ଆଉ ଏକ ପ୍ରଜା ଆନ୍ଦୋଳନ ରାଜତନ୍ତ୍ର ବିରୁଦ୍ଧରେ ସଂଘଟିତ ହୋଇଥିଲା ସୁନ୍ଦରଗଡ ଜିଲ୍ଲାରେ ୧୮୯୫ ମସିହାରେ । ବିପ୍ଳବୀ ବୀର ମାଦ୍ରୀ କାଲୋ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଅନ୍ଧ ରାଜଶାସନ ବିରୁଦ୍ଧରେ ମାଦ୍ରୀ କାଲୋଙ୍କ ଏହି ବିଦ୍ରୋହ ଥିଲା ଏକ ଶାଣିତ ସଂଗ୍ରାମ । ଇଂରେଜ ଶାସକଙ୍କ ବାହୁବଳ ଓ ଚକ୍ରାନ୍ତ ଯୋଗୁଁ ଏହି ବିଦ୍ରୋହ ଅବଦମିତ ହୋଇଥିଲେ ସୁଦ୍ଧା ପୁଞ୍ଜିଭୂତ ପ୍ରଜା ଅସନ୍ତୋଷର ବହ୍ନି କେତେ ଯେ ପ୍ରଖର ତାହା ଇଂରେଜ ଶାସକ ଠିକ୍ ହୃଦୟଙ୍ଗମ କରିପାରିଥିଲେ । ମାଦ୍ରୀ କାଲୋଙ୍କ ଆନ୍ଦୋଳନ ଅସମାପ୍ତ ହୋଇ ରହିଯାଇଥିଲା । ୧୯୦୦ ମସିହାର ମୁଣ୍ଡା ବିପ୍ଳବରେ ଏହି ଆନ୍ଦୋଳନ ପୁଣି ତେଜିଥିଲା ଏବଂ ପୂର୍ଣ୍ଣଛେଦ ପଡିଥିଲା ୧୯୩୯ ମସିହାରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ । ଆମ୍‌କୋସିମ୍‌କୋ ଗୁଳି କାଣ୍ଡ ପରେ ଏହି ବିପ୍ଳବ ନିର୍ବାପିତ ହୋଇଥିଲା ।

ପରମ୍ପରାନୁକ୍ରମେ ଚାଲିଆସିଥିବା ଗୌନ୍ତି ପ୍ରଥାର ଉଚ୍ଛେଦ ଓ ନିରୀହ ପ୍ରଜାମାନଙ୍କ ଉପରେ ଅକଥନୀୟ ଖଜଣା ଧାର୍ଯ୍ୟ ଯୋଗୁଁ ଏବଂ ଅନ୍ୟାୟ ବେଠି ପ୍ରଥାର ଅତ୍ୟାଚାର ଯୋଗୁଁ ହତୋତ୍ସାହ ପ୍ରଥାନୁବନ୍ଧ ଗୌନ୍ତିଆ ଓ ପ୍ରଜାମାନଙ୍କ ମଧ୍ୟର ଅସନ୍ତୋଷର ବହ୍ନି ଯେପରି ମେଳି ରୂପ ଧାରଣ କରି ରାଜଶାସନ ବିରୁଦ୍ଧରେ ପ୍ରଥମବାର ସ୍ୱର ଉତ୍ତୋଳନ କଲା ତାହାହିଁ ବାସ୍ତବରେ ପ୍ରଣିଧାନର ବିଷୟ ।

## ମାଦ୍ରୀ କାଲୋଙ୍କ  କର୍ମକ୍ଷେତ୍ର ଗାଙ୍ଗପୁର ରାଜ୍ୟ

ଗାଙ୍ଗପୁର ଓ ବଣାଇ, ଏ ଦୁଇଟି ଗଡଜାତ ରାଜ୍ୟକୁ  ନେଇ ସୁନ୍ଦରଗଡ ଜିଲ୍ଲା ଗଠିତ । ଓଡିଶାର ଉତ୍ତର ପଶ୍ଚିମକୁ ୨୧°. ୩୫ ' ଓ ୨୨°, ୩୨ ' ଉତ୍ତର ଅକ୍ଷାଂଶ ଏବଂ ୮୩°. ୩୨ ' ଓ ୮୫° - ୨୨ ' ପୂର୍ବ ଦ୍ରାଘିମା ମଧ୍ୟରେ ଏହା ଅବସ୍ଥିତ। ଏହାର ଉତ୍ତରକୁ  ବିହାର ରାଜ୍ୟ, ପଶ୍ଚିମ ଓ ଉତ୍ତର ପଶ୍ଚିମରେ ମଧ୍ୟପ୍ରଦେଶ ତଥା ଦକ୍ଷିଣରେ ସମ୍ବଲପୁର (ଅବିଭକ୍ତ) ଜିଲ୍ଲା, ଦକ୍ଷିଣପୂର୍ବରେ ଢେଙ୍କାନାଳ (ଅବିଭକ୍ତ) ଜିଲ୍ଲା ଏବଂ ପୂର୍ବରେ  କେନ୍ଦୁଝର ଜିଲ୍ଲା ଓ ବିହାର ରାଜ୍ୟ  ଅବସ୍ଥିତ। ସୁନ୍ଦରଗଡର ସମଗ୍ର ଭୂଭାଗ  ବିଚ୍ଛିନ୍ନ ଗିରିଶୃଙ୍ଗ, ଦୁର୍ଗମ ବଣ ଜଙ୍ଗଲ, ବିସ୍ତୃତ  ନଦୀ ଉପତ୍ୟକା ଦ୍ୱାରା ଏକ ସୁରମ୍ୟ ପରିବେଶ ନେଇ ଗଠିତ । ଭିନ୍ନ ଭିନ୍ନ ଗିରି ଶ୍ରେଣୀ ଓ ପାର୍ବତୀୟ ନଦୀ, ନାଳଦେଇ ଏହାର ବିଭିନ୍ନ ପ୍ରାନ୍ତ ପରସ୍ପରଠାରୁ ବିଛିନ୍ନ ହୋଇଛି। ଇବ୍ ଓ ବ୍ରାହ୍ମଣୀ ଏହି ଜିଲ୍ଲାର  ଦୁଇଟି ପ୍ରମୁଖ ନଦୀ। ଖଣିଜ ସମ୍ପଦ ତଥା ବନ୍ୟ ସମ୍ପଦରେ ଭରପୁର ଏହି ଜିଲ୍ଲା ଶିଳ୍ପ କ୍ଷେତ୍ରରେ  ଅନ୍ୟ ଜିଲ୍ଲାଠାରୁ ଉନ୍ନତତର।

ଅତୀତର ଦୁଇ ଗଡଜାତ ବଣାଇ ଓ ସୁନ୍ଦରଗଡ, ଏକଦା ସମ୍ବଲପୁର ରାଜ୍ୟ ଅଧୀନରେ ଥିଲା । ସମ୍ବଲପୁର ରାଜ୍ୟ ତତ୍‌କାଳୀନ ମରହଟ୍ଟା ରାଜାଙ୍କ  ଅଞ୍ଚଳରୂପେ ପରିଗଣିତ ହେଉଥିଲା। ୧୮୦୩ ମସିହାରେ ଇଂରେଜମାନଙ୍କ ଓଡିଶା ଅଧିକାର ଉପରାନ୍ତ ଏହି ରାଜ୍ୟଦ୍ୱୟ ବ୍ରିଟିଶ ଶାସନାଧୀନ ହେଲା। ୧୮୨୧ ମସିହାରେ  ଏହି ରାଜ୍ୟଦ୍ୱୟକୁ ସମ୍ବଲପୁର ଅଧୀନରୁ ଛଡାଇ ଅଣା ହୋଇଥିଲା। ପରେ ୧୮୫୪ ମସିହାରେ ଛୋଟନାଗପୁର କମିଶନରଙ୍କ ପରିସରଭୁକ୍ତ କରାଯାଇଥିଲା। ୧୯୦୫ରେ ଏହି ରାଜ୍ୟଦ୍ୱୟକୁ ପୁନଶ୍ଚ ଓଡିଶା ଅଧୀନକୁ ଅଣାଯାଇ ଜଣେ ପଲିଟିକାଲ ଏଜେଣ୍ଟଙ୍କ ନିୟନ୍ତ୍ରଣାଧୀନ କରାଯାଇଥିଲା। ୧୯୪୮ ମସିହା ଜାନୁୟାରୀ ମାସ ପହିଲା ଦିନ ଅବଶେଷରେ ଏହା ଓଡିଶା ସହିତ ମିଶିଥିଲା।

ଏବର ସୁନ୍ଦରଗଡ ଓ ପାନପୋଷ ସବ୍‌ଡିଭିଜନ  ତତ୍କାଳୀନ ଗାଙ୍ଗପୁର ରାଜ୍ୟ ଥିଲା । ଏହି ଗାଙ୍ଗପୁର ରାଜ୍ୟ ହିଁ ମାଦ୍ରୀ କାଲୋଙ୍କ କର୍ମଭୂମି । ଓଡିଶାର ଗଡଜାତ ରାଜ୍ୟମାନଙ୍କ ମଧ୍ୟରେ  ଗାଙ୍ଗପୁର ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ୬୪୫୫.୮୩ ବର୍ଗ କିଲୋମିଟର ଆୟତନ  ବିଶିଷ୍ଟ  ଗାଙ୍ଗପୁର ରାଜ୍ୟ ପୂର୍ବରୁ ପଶ୍ଚିମକୁ ୯୭ ମାଇଲ ଏବଂ ଉତ୍ତରରୁ ଦକ୍ଷିଣକୁ ୧୫ ରୁ ୨୦ ମାଇଲ ଯାଏ ବିସ୍ତୃତ ଥିଲା । ସମୁଦ୍ର ପତ୍ତନଠାରୁ  ପ୍ରାୟତଃ ୨୧୩ ମିଟର ଉଚ୍ଚତାରେ ଅବସ୍ଥିତ ଏହି ତରଙ୍ଗାୟିତ  ମାଳଭୂମି ଉଚ୍ଚ ଭଙ୍ଗୀଳ ପର୍ବତଶ୍ରେଣୀ ଓ ବିଚ୍ଛିନ୍ନ  ପାର୍ବତ୍ୟ ଉପତ୍ୟକାର ସମାହାର । ଏହାର ପଶ୍ଚିମରେ ହେମଗିରି ମାଳଭୂମି ଯାହାର ଉତ୍ତରାଂଶ ପର୍ବତ ପରିବେଷ୍ଟିତ ହୋଇଥିବାବେଳେ ଦକ୍ଷିଣ ଭାଗ ଶ୍ୟାମଳ ଉପତ୍ୟକା ଅଞ୍ଚଳ। ଗାଙ୍ଗପୁର ରାଜ୍ୟର  ପଶ୍ଚିମାଞ୍ଚଳ ଛୋଟ ନାଗପୁର ମାଳଭୂମି ଓ ମହାବୀର ପର୍ବତମାଳାର ମଧ୍ୟବର୍ତ୍ତୀ ଅଞ୍ଚଳ କୃଷି ଉପଯୋଗୀ କ୍ଷେତ୍ରଥିଲା। ମାଦ୍ରୀ କାଲୋଙ୍କ କର୍ମଭୂମି ଏହି ଛୋଟନାଗପୁର ମାଳଭୂମି ଓ ମହାବୀର ପର୍ବତମାଳାରେ କେନ୍ଦ୍ରୀଭୂତ ଥିଲା । ମହାବୀର  ପର୍ବତମାଳା ଗାଙ୍ଗପୁରକୁ ସମ୍ବଲପୁରଠାରୁ ବିଚ୍ଛିନ୍ନ କରୁଥିଲା। ସେହିପରି ଗାଙ୍ଗପୁରର ଦକ୍ଷିଣ ସୀମାନ୍ତ ଘନବନାନୀ ବିସ୍ତାରିତ ହୋଇ ବଣାଇ ସୀମାର ଅରଣ୍ୟ ପ୍ରଦେଶ

ସହିତ ଯାଇ ମିଶିଥଲା । ମୋଟ ଉପରେ ଗାଙ୍ଗପୁର ରାଜ୍ୟକୁ ବେଢି ରହିଥିଲା ଛୋଟ ନାଗପୁର, ଯଶପୁର, ସମ୍ବଲପୁର, ବାମ୍ରା, ବଣାଇ ଓ ସିଂହଭୂମି । ଛୋଟନାଗପୁର ମାଳଭୂମିରୁ ଶଙ୍ଖ ଓ କୋଏଲ ନଦୀ ଦ୍ୱୟ ବାହାରି ଗାଙ୍ଗପୁର ରାଜ୍ୟର ପାନପୋଷ ନିକଟରେ ମିଳିତ ହୋଇ ବ୍ରାହ୍ମଣୀ ନାମ ଧାରଣ କରି ବଣାଇକୁ ବିହିଯାଇଛି । ଅନ୍ୟତମ ବୃହତ୍ତମ ନଦୀ ଇବ୍ ସୁନ୍ଦରଗଡ ସହର ଦେଇ ଦକ୍ଷିଣାଭିମୁଖୀ ହୋଇ ମହାନଦୀରେ ମିଶିଛି । ବ୍ରାହ୍ମଣୀ ଓ ଇବ୍ ନଦୀ ଗାଙ୍ଗପୁର ରାଜ୍ୟକୁ ବାହୁପାଶରେ ତୋଳି ଧରିବା ପରି ଜଳ ଦାନ ପୂର୍ବକ ଶସ୍ୟ ଶ୍ୟାମଳା କରୁଛି । ଶଙ୍ଖ ଓ କୋଏଲ ନଦୀର ସଙ୍ଗମ ସ୍ଥଳୀ ସହିତ ପୌରାଣିକ କିମ୍ବଦନ୍ତୀ ସମ୍ପୃକ୍ତ ହୋଇ ଏହି ରାଜ୍ୟର ଐତିହ୍ୟ ଗାନ କରୁଛି । ଋଷି ପରାଶର ଓ କୈବର୍ତ୍ତ କନ୍ୟା ମତ୍ସ୍ୟଗନ୍ଧାଙ୍କ ପ୍ରେମ ସଂପର୍କର କଥା ଏହି ଶଂଖ ଓ କୋଏଲ ନଦୀର ସଙ୍ଗମ ସ୍ଥଳୀରେ ବୋଲି ଜନଶ୍ରୁତି ରହିଛି । ଯୁଗ ପୁରୁଷ ବେଦବ୍ୟାସଙ୍କ ଜନ୍ମଜାତକ ମଧ୍ୟ ଏହି ପୀଠରେ ସମ୍ପନ୍ନ ହୋଇଥିବାର କିମ୍ବଦନ୍ତୀ ଆଜିଯାଏ ଭକ୍ତ ମାନସକୁ ପବିତ୍ର କରୁଛି ।

ଏହି ଐତିହ୍ୟମୟୀ ଗାଙ୍ଗପୁର ରାଜ୍ୟ ବିଭିନ୍ନ ଉତ୍ଥାନ ପତନ ଦେଇ ଗତି କରିଛି । ୧୮୮୧ ମସିହା ବେଳକୁ ଏହା ଛୋଟନାଗପୁର କମିଶନରଙ୍କ ଅଧୀନରେ ଥାଇ ଗାଙ୍ଗପୁର ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ଏହି ରାଜ୍ୟର ଅଧିକାଂଶ ପ୍ରଜା ଆଦିବାସୀ ଶ୍ରେଣୀର ଥିଲେ । ମୁଣ୍ଡା, ଓରାଓଁ, ଖଡିଆ, କିସାନ, ଭୂୟାଁ, ଗଣ୍ଡ ପ୍ରଭୃତି ଆଦିବାସୀ ଗୋଷ୍ଠୀ ବହୁକାଳରୁ ଏଠାରେ ବସବାସ କରି ଆସୁଥିଲେ । ଏମାନଙ୍କ ମଧ୍ୟରେ ଭୂୟାଁମାନଙ୍କର ପ୍ରାଧାନ୍ୟ ଏଠାରେ ରହିଆସିଥିଲା । ଏମାନେ ମୁଖ୍ୟତଃ ଏଠାକାର ଭୂମ୍ୟଧିକାରୀ ଥିଲେ । ସ୍ଥାୟୀ ଭାବରେ ଏମାନେ କୃଷି କର୍ମକୁ ଆଦରି ନେଇଥିଲେ । ପୂର୍ବରୁ ମଧ୍ୟ ଭୂୟାଁମାନେ ସର୍ଦ୍ଦାର, ଜମିଦାର ତଥା ଏକ ପ୍ରତାପଶାଳୀ ଜାତି ହିସାବରେ ଖ୍ୟାତି ଅର୍ଜନ କରି ଆସୁଥିବାର ପ୍ରମାଣ ରହିଛି । ଏପରିକି ଶେଖର ବଂଶ ପୂର୍ବରୁ ଗାଙ୍ଗପୁରରେ ଯେଉଁ ସୋମବଂଶୀ (କେଶରୀ) ରାଜାମାନେ ବେଲସରା ଠାରେ ଗଡ ସ୍ଥାପନାପୂର୍ବକ ଗାଙ୍ଗପୁର ରାଜ୍ୟ ଶାସନ କରୁଥିଲେ, ସେହି କେଶରୀ ବଂଶର ଶେଷ ରାଜା ଦେବ କେଶରୀଙ୍କୁ ବେଲସରାଗଡ ନିକଟବର୍ତ୍ତୀ ଗ୍ରାମ 'କିରମା ଦାଣ୍ଡ' ର ପ୍ରତାପଶାଳୀ ଭୂୟାଁ ସର୍ଦ୍ଦାର ମଦନ ମୋହନ ପ୍ରଧାନ ତାଙ୍କ ପରିବାର ବର୍ଗ ସହିତ ହତ୍ୟାକରି କେଶରୀ ବଂଶକୁ ନିପାତ କରିଥିଲେ । କେଶରୀ ବଂଶର ପତନ ପରେ ଓ ଶେଖର ବଂଶର ଅଭ୍ୟୁତ୍ଥାନ ପର୍ଯ୍ୟନ୍ତ ସମଗ୍ର ଗଡଜାତରେ ଅରାଜକତା ସୃଷ୍ଟି ହୋଇଥିଲା । ଭୂୟାଁ ଜମିଦାରମାନେ କ୍ଷମତା ଲୋଭର ବଶବର୍ତ୍ତୀ ହୋଇ ପରସ୍ପର ସହିତ ଅର୍ନ୍ତଦ୍ୱନ୍ଦରେ ବ୍ୟସ୍ତ ରହିଲେ । ପରେ ପରେ ଏହାର ସୁଯୋଗ ନେଇ ଶେଖର ବଂଶର ଅଭ୍ୟୁଦୟ ହେଲା ।

ଗାଙ୍ଗପୁର ରାଜ୍ୟରେ ଭୂୟାଁମାନେ ଜମିଦାର, ଖରପୋଷଦାର, ପ୍ରଗଣାଦାର, ସର୍ଦ୍ଦାର, ସାମନ୍ତଦାର, ଗଡତିଆ, ଗଞ୍ଜୁ, ଗୌନ୍ତିଆ ଭାବେ ନିଜର ଆଧିପତ୍ୟ ବିସ୍ତାର କରିଥିବାର ତତ୍କାଳୀନ ଲେଫଟନାଣ୍ଟ ଗଭର୍ଣ୍ଣର ଡାଲ୍‌ଟନଙ୍କ ବିବରଣୀରୁ ଜଣାପଡେ । ଏହି ସମୟରେ ଗାଙ୍ଗପୁର ରାଜ୍ୟଟି ମୁଖ୍ୟତଃ –୧ ନାଗ୍ରା ଜମିଦାରୀ, ୨– ଗଡତିଆ(ହେମଗିରି) ଜମିଦାରୀ, ୩– ତେଲିଆ ବନ୍‌ଡେଗା ଜମିଦାରୀ, ୪– ସର୍ଗିପାଲି, ୫– ସରଫ୍‌ଗଡ

ଜମିଦାରୀ ଅଞ୍ଚଳ ଭାବେ ପରିଚିତ ଥିଲା । ରାଜ୍ୟରେ ଅରାଜକତା ଲାଗି ରହିଥିବାରୁ ଏହି ଜମିଦାରମାନେ ସ୍ୱତଃ ଏକ ରାଜବଂଶ  ପ୍ରତିଷ୍ଠାର ପକ୍ଷପାତି ଥିଲେ । ଜନଶ୍ରୁତି କହେ, ତତ୍କାଳୀନ ସର୍ଗିପାଲିର ଜମିଦାର ଭାରତୀ ମାଝୀ, ହେମଗିରିର ଜମିଦାର ମଦନ ମୋହନ ସିଂ ଓ ସରଫ୍‌ଗଡର ଜମିଦାର ପ୍ରହ୍ଲାଦ ଗଡତିଆଙ୍କ ପ୍ରଚେଷ୍ଟାରେ ମାନଭୂମ ଜିଲ୍ଲାର ଶେଖରଭୂମରୁ ଶେଖର ବଂଶର ଏକ ସନ୍ତାନଙ୍କୁ ଗାଙ୍ଗପୁରରେ ଅଧିଷ୍ଠିତ କରି ଶେଖର ବଂଶର ପ୍ରତିଷ୍ଠା ହୋଇଥିଲା । ଗାଙ୍ଗପୁର ରାଜବାଟୀରୁ ପ୍ରାପ୍ତ ଶେଖର ବଂଶର ଇତିହାସରୁ ମଧ୍ୟ ଗାଙ୍ଗପୁରର ପ୍ରଥମ ରାଜା ଗଙ୍ଗାଧର ଶେଖର ଦେଓ ବୋଲି ଜଣାଯାଏ । ଶେଖର ବଂଶର ପ୍ରଥମ ରାଜା ଗଙ୍ଗାଧର ଶେଖର ଦେଓଙ୍କ ସମୟରୁ ଭାରତ ସ୍ୱାଧୀନତା ହେବା ଯାଏ ଗାଙ୍ଗପୁରରେ ୨୧ ଜଣ ରାଜା ରାଜତ୍ୱ କରିଥିବାର ଇତିହାସ କୁହେ । ଗଙ୍ଗାଧର ଶେଖର ଦେଓଙ୍କ ଦ୍ୱାରା ରାଜ୍ୟ ପ୍ରତିଷ୍ଠା ହେବା ପରେ ସେହି ରାଜ୍ୟର ନାମ ଗାଙ୍ଗପୁର ହୋଇଥିଲା ।

ଶେଖର ବଂଶର ଶ୍ରେଷ୍ଠ ରାଜାଥିଲେ ରଘୁନାଥ ଶେଖର ଦେଓ । ସେ ସବୁଠୁ ବେଶୀ ଦିନ ଧରି ୨୭ ଜାନୁୟାରୀ ୧୮୭୧ ମସିହାରୁ ୧୦ ଜୁନ୍ ୧୯୧୨ ମସିହା ଯାଏଁ ଗାଙ୍ଗପୁର ରାଜ୍ୟର ଶାସକ ଥିଲେ । ତାଙ୍କରି ସମୟରେ ଗାଙ୍ଗପୁରର ରାଜଧାନୀ 'ସୁଆଡିହି', ସୁନ୍ଦରଗଡ ନାମରେ ନାମିତ ହୋଇଥିଲା । ୨୭ ଜାନୁୟାରୀ ୧୮୭୧ ମସିହାରେ ରଘୁନାଥ ଶେଖର ଦେଓ ଗାଦିନସୀନ ହେଲାବେଳକୁ ନାବାଳକ ଥିଲେ । ଏଣୁ  ରାଜକାର୍ଯ୍ୟ  ପରିଚାଳନା କରିବାର ଦାୟିତ୍ୱ ରାଣୀଙ୍କ ଉପରେ ନ୍ୟସ୍ତ ଥିଲା । ରାଣୀ କୁଞ୍ଜମଣି କୁମାରୀଙ୍କ ମୃତ୍ୟୁ ପରେ ନାବାଳକ ରାଜାଙ୍କ ଅଭିଭାବକ ହିସାବରେ ରାଜକାର୍ଯ୍ୟ ପରିଚାଳନା କରିବାର ଭାର ରଘୁନାଥ ଶେଖର ଦେଓଙ୍କ କାକା ଗଜରାଜ ଶେଖର ଦେଓଙ୍କ ଉପରେ ଆସି ପଡିଲା । ସରବରାକାର ହିସାବରେ ଗଜରାଜ ଶେଖର ଦେଓ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଲାଗି ପଡିଥିଲେ । ରାଜା ସାବାଳକ ହେବା ଉତ୍ତାରୁ ରାଜ୍ୟଭାର ନିଜ ହାତକୁ ନେଲେ । ମାତ୍ର ଗଜରାଜଙ୍କ ଚକ୍ରାନ୍ତର ଅନ୍ତ ନଥିଲା । କୁହାଯାଏ ଗଜରାଜ ଶେଖର ଦେଓଙ୍କ ଚକ୍ରାନ୍ତ ଫଳରେ ଦୁଇଜଣ ଡାହାଣୀଙ୍କୁ ହତ୍ୟା କରିଥିବା ସନ୍ଦେହରେ ରଘୁନାଥ ଶେଖର ଦେଓଙ୍କୁ ବନ୍ଦୀ କରାଯାଇ ରାଞ୍ଚି ଜେଲରେ ରଖାଯାଇଥିଲା । ରାଣୀ ରାଜ କାର୍ଯ୍ୟ ବୁଝୁଥିଲେ । ବର୍ଷକ ପରେ ରଘୁନାଥ ଶେଖର ଦେଓ ଏହି ଅଭିଯୋଗରୁ ମୁକ୍ତ ହୋଇ ପୁନଶ୍ଚ ଗାଦିସୀନ ହୋଇଥିଲେ ।

ଅନ୍ତର୍ଦ୍ୱନ୍ଦ ମଧ୍ୟରେ ରଘୁନାଥ ଶେଖର ଦେଓ ଗାଙ୍ଗପୁରର ରାଜା ହୋଇଥିବା ବେଳେ ଭିତରେ ଭିତରେ ପ୍ରଜାମେଳି ମୁଣ୍ଡ ଟେକୁଥିଲା । ନାବାଳକ ରାଜା ରଘୁନାଥଙ୍କ ସରବରାକାର ଗଜରାଜ ଶେଖର ଦେଓ ୧୯୬୫ ମସିହାରେ କରାଇଥିବା ଜମାବନ୍ଦୀ ହିସାବରେ ରାଜ୍ୟର ରାଜସ୍ୱ ଆଦାୟ  ଟ.୫୨୦୦/- ଥିବାବେଳେ ପ୍ରଜାମାନଙ୍କ ଉପରେ ଆହୁରି ଅଧିକା ଖଜଣା ଭାର ଲଦି ଦେଇ ୧୮୭୪ ମସିହାରେ ନାଜରକୁଟ ଜମାବନ୍ଦୀ କରାଯାଇ ରାଜସ୍ୱ ପରିମାଣ ଟ ୫୨୦୦/-ରୁ ଟ ୧୫୦୦୦/- କୁ ବୃଦ୍ଧି କରାଯାଇଥିଲା । ଏହା ଫଳରେ ପାରମ୍ପରିକ ଜମିଦାର, ପ୍ରଗଣାଦାର, ଗୌନ୍ତିଆ ତଥା ପ୍ରଜାମାନଙ୍କ ଭିତରେ ବିଦ୍ରୋହର ମଞ୍ଜି ଦାନା ବାନ୍ଧିଥିଲା । ଚକ୍ରାନ୍ତର ଜାଲ ଭେଦ କରି ନପାରି ରାଜା ରଘୁନାଥ ଶେଖର ଦେଓ ଗୌନ୍ତି ଉଚ୍ଛେଦ ପୂର୍ବକ ଅନ୍ୟାନ୍ୟ

ଧନୀକ ତଥା ପ୍ରଭାବଶାଳୀ ଗୋଷ୍ଠୀମାନଙ୍କୁ ନୂତନ ଗୌନ୍ତି ସ୍ୱତ୍ୱ ଦେବାରୁ ଏହି ଆନ୍ଦୋଳନ ତୀବ୍ରତର ରୂପ ଧାରଣ କରିଥିଲା। ବିପ୍ଳବୀ ମାଦ୍‌ରୀ କାଲୋଙ୍କ ନେତୃତ୍ୱରେ ୧୮୯୫-୯୭ ମସିହାର ଏହି ବିଦ୍ରୋହ ଗାଙ୍ଗପୁର ରାଜଶାସନକୁ ଦୋହଲାଇ ଦେଇଥିଲା । ଇଂରେଜ କର୍ତ୍ତୃକ ଏହି ବିଦ୍ରୋହ ଦମନ ହୋଇଥିଲେ ସୁଦ୍ଧା ପରବର୍ତ୍ତୀ ବଂଶଧର ଏଥିରେ ଉଦ୍‌ବୁଦ୍ଧ ହୋଇଥିଲେ ।

## ମାଦ୍ରୀ କାଲୋଙ୍କ ଆଦ୍ୟ ଜୀବନ

ସୁନ୍ଦରଗଡରୁ ବାହାରି ପୂର୍ବଦିଗରେ ରାଜଗାଙ୍ଗପୁର–ରାଉରକେଲା ରାସ୍ତାରେ ଗଲେ ରାଜଗାଙ୍ଗପୁର ପୂର୍ବରୁ ପଡେ ବଡଗାଁ । ପାର୍ବତ୍ୟ ଉପତ୍ୟକା ଘେରା ବଡଗାଁ । ଚତୁର୍ଦ୍ଦିଗରେ ଦିଗନ୍ତ ବିସ୍ତାରୀ ଶସ୍ୟକ୍ଷେତ୍ର । ପାଖକୁ ପାଖ ଲଗାଲଗି ହୋଇ ଛୋଟଛୋଟ ଗାଁ ଗୁଡିକ ଦୂର ଦିଗବଳୟରେ ମିଶିଯାଇଛି । ବଡଗାଁ ଠାରୁ କିଛି ଦୂରରେ ଛିଡା ହୋଇଛି ମହାବୀର ପର୍ବତ । ଶତ୍ରୁ ଆକ୍ରମଣକୁ ପ୍ରତିହତ କରିବାଠାରୁ ସମ୍ବଲପୁର ରାଜ୍ୟସହ ସୀମା ରେଖା ଟାଣି ଏହା ଯେପରି ଏକ ଅଭେଦ୍ୟ ପ୍ରାଚୀର । ତା'ରି ପାଦ ଦେଶରେ ଏକ ସବୁଜ ଉପତ୍ୟକା। କୁରେଇ ବଗା ଗାଁ । ଗାଁ ତ ନୁହେଁ କେତେକ ସମ୍ପନ୍ନ ପରିବାରବର୍ଗଙ୍କର ଏକ ମିଳିତ ଅନୁଷ୍ଠାନ। ଗାଁରେ ପ୍ରଗଣାଦାର ଲକ୍ଷ୍ମଣ କାଲୋ । ସୁଖ ଦୁଃଖରେ ସମସ୍ତଙ୍କର ସାହାଭରସା । ଅତିଥି, ଅଭ୍ୟାଗତ ପାଇଁ ଚର୍ଚ୍ଚାର ଅନ୍ତ ନାହିଁ। ଲକ୍ଷ୍ମଣ କାଲୋ ଏ ଅଞ୍ଚଳର ଜଣେ ସମ୍ପନ୍ନ ତଥା କ୍ଷମତାଶାଳୀ ପ୍ରଗଣାଦାର । କୁରେଇବଗା ଖାଲି ନୁହେଁ, ହିଙ୍ଗେନ, ବିରସୁ, ଭୋଇପାଲି, ଟଟ୍‌ରଙ୍ଗା, ଛେମଣ୍ଡା, ଲିପ୍‌ଲୋଇ, ଲମ୍‌ଲୋଇ ଆଦି ଗାଁର ହାନିଲାଭ ବୁଝିବା ତାଙ୍କ ଉପରେ ନ୍ୟସ୍ତଥିଲା । ପ୍ରଜାମାନେ ନିଃସଙ୍କୋଚରେ ତାଙ୍କ ପାଖକୁ ଯାଇ ଦୁଃଖ ସୁଖ ହୁଅନ୍ତି । ପ୍ରଜାଙ୍କ ହାନିଲାଭ ବୁଝିବାକୁ ଲକ୍ଷ୍ମଣ କାଲୋ ସମର୍ଥ ଥିଲେ। ଏଣୁ ପ୍ରଜା ଉତ୍ପୀଡନ ସେଠି ନଥିଲା। ଉଦାରମନା ଲକ୍ଷ୍ମଣ କାଲୋଙ୍କ ଧର୍ମ ପତ୍ନୀ ହାରାବତୀ, ସ୍ନେହୀ, ପରୋପକାରିଣୀ, ସୁଗୃହିଣୀ ମଧ୍ୟ। ତାଙ୍କରି ଗର୍ଭରୁ ଜନ୍ମଗ୍ରହଣ କରନ୍ତି ମାଦ୍ରୀ କାଲୋ । ଜନ୍ମ ତିଥିନେଇ ଭିନ୍ନଭିନ୍ନ ମତ ଥିଲେ ସୁଦ୍ଧା ୧୮୪୮-୪୯ ମସିହା ବେଳକୁ ତାଙ୍କ କର୍ମ ଜୀବନକୁ ନେଇ ସେ ଜନ୍ମ ହୋଇଥିବାର ଅନୁମାନ କରାଯାଏ ।

ଅନେକ ମୌଳିକ ଗୁଣର ଅଧିକାରୀ ମାଦ୍ରୀ କାଲୋଙ୍କୁ ତାଙ୍କର ଜନ୍ମଜାତକ ଦେଖି ଭବିଷ୍ୟତରେ ସେ ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧା ହେବେ ବୋଲି କୁହାଯାଇଥିଲା । ଗୌନ୍ତିଆ ପରିବାରରେ ଜନ୍ମଗ୍ରହଣ କରି ଅଳି ଅୟସରେ ବଢିଥିଲେ ମାଦ୍ରୀ । ମାତ୍ର ଗୌନ୍ତିଆ ଘରର ସନ୍ତାନ ହିସାବରେ ତାଙ୍କର ଗର୍ବ ନଥିଲା । ଗାଁ ସାରା ସମସ୍ତେ ସାଥୀ । ଖେଳରେ ହେଉ, ଚାଷରେ ହେଉ, ଗୋରୁ ଜଗୁଆଳଙ୍କ ମେଳରେ ହେଉ, ସମସ୍ତଙ୍କ ସହିତ ଅତି ଆପଣାର ହୋଇଯାଉଥିଲେ ମାଦ୍ରୀ । ମହାବୀର ପର୍ବତ ଥିଲା ତାଙ୍କ ପିଲା ଦିନର କ୍ରୀଡା ସ୍ଥଳୀ । ଥିଲା ମଧ୍ୟ ସାଧନାର ପୀଠସ୍ଥଳୀ । ସାଙ୍ଗମାନଙ୍କ ମେଳରେ ମହାବୀର ପର୍ବତରେ ବୁଲିବା, ଶିକାର କରିବା, କସରତ କରିବା, ଖେଳଠୁ ଆରମ୍ଭ କରି ପ୍ରତ୍ୟେକ ବିଷୟରେ ଏହି ପର୍ବତ ତାଙ୍କର ଆପଣାର ଥିଲା । ଅପରିମିତ ସାହସୀ ଓ ନିର୍ଭିକ ମାଦ୍ରୀ କାଲୋଙ୍କ ବ୍ୟକ୍ତିତ୍ୱର ଅନ୍ୟତମ ଗୁଣ ଥିଲା ସ୍ୱଷ୍ଟବାଦିତା । ଶ୍ୟାମଳ ବର୍ଣ୍ଣ ଓ ବଳିଷ୍ଠ ବପୁଧାରୀ ମଧ୍ୟମ ଉଚ୍ଚତା ବିଶିଷ୍ଟ ମାଦ୍ରୀ ଭବିଷ୍ୟତରେ ମଧ୍ୟ ଏଇ ବ୍ୟକ୍ତିତ୍ୱକୁ ଭରପୁର

ଉପଯୋଗ କରିଥିଲେ। ବାପା ମା, ବନ୍ଧୁ ପରିଜନ ମଧ୍ୟ ମାଦ୍ରୀର ଏଇ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଭବିଷ୍ୟତରେ ମାଦ୍ରୀ ଜଣେ ବୀର ଯୋଦ୍ଧା ହୋଇ ଭୂୟାଁ ବଂଶର ନାମ ଉଜ୍ଜ୍ୱଳ କରିବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ ।

ଛୋଟ ବେଲୁ ମାଦ୍ରୀଙ୍କର ଲାଳନ ପାଳନରେ କୌଣସି ଅଭାବ ନଥିଲା । ଲକ୍ଷ୍ମଣ କାଲୋଙ୍କ ପ୍ରଯତ୍ନରେ ପରିଚାଳିତ ଚାଟଶାଳୀରେ ମାଦ୍ରୀଙ୍କୁ ଠିକ୍ ସମୟରେ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା । ସେତେବେଳେ ଅକ୍ଷର ଶିକ୍ଷା ଓ ଅଙ୍କ ହିସାବ ତଥା ପୁରାଣ, ମହାଭାରତ, ରାମାୟଣ, ଗୀତା ଇତ୍ୟାଦି ପଢିବା ଯଥେଷ୍ଟ ଥିଲା। ବ୍ୟାବହାରିକ ଜ୍ଞାନ ହାସଲ ହୋଇଗଲେ ଯଥେଷ୍ଟ ହେଉଥିଲା। ପାଖ ଆଖରେ ଅଧିକ ଶିକ୍ଷାର ବ୍ୟବସ୍ଥା ମଧ୍ୟ ନଥିଲା । ଏଣୁ ଚାଟଶାଳୀର ସମସ୍ତ ବିଷୟ ମାଦ୍ରୀ ଯଥା ସମୟରେ ସମାପ୍ତ କରି ଭବିଷ୍ୟତ ପାଇଁ ନିଜକୁ ଗଢି ନେଇଥିଲେ। ରାଜାଙ୍କ ସୈନ୍ୟ ବାହିନୀରେ ସେତେବେଳେ ଭୂୟାଁ, ଗଣ୍ଡ, କୋହ୍ଲ, ଖଡିଆ, କିସାନ ସମ୍ପ୍ରଦାୟରୁ ଯୋଗ ଦେଉଥିଲେ । ଏଣୁ ସେମାନଙ୍କୁ ଖଣ୍ଡା, ତରୁଆଲ, ଧନୁଶର, ଭାଲ ଚାଳନାର ଶିକ୍ଷା ଦିଆଯାଉଥିଲା । ମାଦ୍ରୀ ଏସବୁ ଶିକ୍ଷାକୁ ଅତି ସହଜରେ କରାୟତ୍ତ କରି ନେଇଥିଲେ ଏବଂ ଏକ କୁଶଳୀ ଯୋଦ୍ଧାର ପରିଚୟ ଦେଇଥିଲେ ।


ଦେବଦେବୀଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ମାଦ୍ରୀ କାଲୋଙ୍କ ବ୍ୟକ୍ତିତ୍ୱର ଅନ୍ୟତମ ଦିଗ ଥିଲା। ଏଇ ବିଶ୍ୱାସକୁ ନେଇ ସେ ଭୂୟାଁ ଦେବଦେବୀ, ପିତୃପୁରୁଷ, ଧରଣୀ ମା, ଗ୍ରାମ ଶ୍ରୀଠୁଁ ଆରମ୍ଭ କରି ଭୈରବୀ, ଚଣ୍ଡୀ, କାଳୀ, ମା ଭବାନୀ, ଦୁର୍ଗା, ମଙ୍ଗଳା ପ୍ରଭୃତି ଶକ୍ତି ଏବଂ ବିଷ୍ଣୁ, ଶିବ, ଜଗନ୍ନାଥ, ସୂର୍ଯ୍ୟ, ଚନ୍ଦ୍ର, ରାହୁ, କେତୁ, ମହାବୀର, ଶ୍ରୀକୃଷ୍ଣଙ୍କୁ ମଧ୍ୟ ଭକ୍ତି ସହକାରେ ଆରାଧନା କରୁଥିଲେ । ପ୍ରତ୍ୟେକ ଦେବଦେବୀଙ୍କୁ ନିଷ୍ଠା ସହକାରେ ଆରାଧନା କରିବା ସହିତ ପ୍ରତ୍ୟେକଙ୍କ ପାଇଁ ଉଦ୍ଦିଷ୍ଟ ଭୋଗରାଗ ଉପଯୁକ୍ତ ଭାବରେ ଅର୍ପଣ କରୁଥିଲେ । ଭୂୟାଁମାନଙ୍କର ଦେବଦେବୀ ପୂଜନର ମୁଖ୍ୟ ମାସ ହେଲା ଆଶ୍ୱୀନ ଓ ଚୈତ୍ର । ଏ ଉଭୟ ମାସରେ ଦେବଦେବୀଙ୍କୁ ଷୋଡଶ ଉପଚାରରେ ପୂଜା କରିବା ତାଙ୍କର ନୈମିତ୍ତିକ ପ୍ରଥା ରହି ଆସିଥିଲା । ପିତାମାତାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ଏହି ପୂଜା ଉପଚାର ପ୍ରଥା ଆୟତ୍ତ କରି ତାକୁ ନିଷ୍ଠା ସହକାରେ ପାଳନ କରୁଥିଲେ ମାଦ୍ରୀ । ଗାଁର ଦେବଦେବୀଙ୍କୁ ପୂଜା କରିବାର ଦାୟିତ୍ୱ ମଧ୍ୟ ଉତ୍ତରାଧିକାର ସୂତ୍ରରେ ଲକ୍ଷ୍ମଣ କାଲୋଙ୍କ ପୂର୍ବପୁରୁଷଗଣ ପାଇଥିଲେ । କାଲୋ ସାଙ୍ଗିଆ ଧାରୀମାନେ ସାଧାରଣତଃ ଭୂୟାଁ ଗୋଷ୍ଠୀରେ ଦେବାଦେବୀ ପୂଜନ କାର୍ଯ୍ୟ ନିର୍ବାହ କରିଥାଆନ୍ତି । ଏଣୁ ଏଇ ପୂଜାବିଧି କାର୍ଯ୍ୟ ସହିତ ପରିଚିତ ହେବା ମାଦ୍ରୀଙ୍କ ପକ୍ଷେ ସ୍ୱାଭାବିକ ଥିଲା।

ଆଦିବାସୀ ସମାଜରେ ଗାଁର ପ୍ରତିଷ୍ଠିତ ବ୍ୟକ୍ତି ହିସାବରେ ଗାଁର ମୁଖିଆ ତଳକୁ ଦେବଦେବୀ ପୂଜକର ସ୍ଥାନ । ସେ ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ମଧ୍ୟ । ଦେବାଦେବୀଙ୍କୁ ସନ୍ତୁଷ୍ଟ କରି ଗାଁକୁ ଦୈବୀକୋପରୁ ରକ୍ଷା କରିବା ସେମାନଙ୍କର ପରମ ଓ ପ୍ରଧାନ କର୍ତ୍ତବ୍ୟ। ଏଇ ପୂଜକ ଗୋଷ୍ଠୀ ହେଲେ କାଲୋ, ଝାଙ୍କର, ଦେହୁରୀ, ପୂଜାରୀ, ଜାନୀ ଇତ୍ୟାଦି । ଭୂୟାଁ ସମ୍ପ୍ରଦାୟରେ କାଲୋମାନେ ଏହି କାର୍ଯ୍ୟ ନିର୍ବାହ କରିଥାଆନ୍ତି।

ଉତ୍ତରାଧିକାର ସୂତ୍ରରେ ଏହି ବୃତ୍ତିଟା ମାଦ୍ରୀ କାଲୋଙ୍କ ଉପରେ ନ୍ୟସ୍ତ ଥିଲା, ତଥା ପ୍ରଗଣାଦାର ହିସାବରେ ତାଙ୍କର ସମାଜରେ ଖାତିରି ଥିଲା । ଏହା ବ୍ୟତୀତ ମାଦ୍ରୀ କାଲୋ ଦେବଦେବୀ ପୂଜା କରିବା ସହିତ ଅସ୍ତ୍ରଶସ୍ତ୍ର ଚାଳନାରେ ମଧ୍ୟ ବଶ୍ ଧୁରନ୍ଧର ଥିଲେ । ତାଙ୍କର କୁଳ ଦେବତା ଥିଲେ ମହାବୀର । ମହାବୀର ପର୍ବତର ମଧ୍ୟ ସେ ଅଧିଷ୍ଠାତା ଦେବତା । ଲୋକ ବିଶ୍ୱାସ ରହିଛି, ମହାବୀର ପର୍ବତର ଏକ ଗୁମ୍ଫାରେ ସେ ମହାବୀର ଓ ମାତା ଦୁର୍ଗାଙ୍କ ପୂଜା ଆରାଧନା ପୂର୍ବକ ଅଦ୍ଭୁତ ଶକ୍ତିର ଅଧିକାରୀ ହୋଇପାରିଥିଲେ । ଜନଶ୍ରୁତି ରହିଛି, ମାଦ୍ରୀ କାଲୋ 'ପଥରଲସା' ଖାଇଥିଲେ । 'ପଥରଲସା' ଖାଇଥିବା ବ୍ୟକ୍ତି ଅମାପ ଶକ୍ତିର ଅଧିକାରୀ ହୋଇଥାଏ, ଏପରିକି ତା' ଶରୀରରେ ବନ୍ଧୁକର ଗୁଳି ମଧ୍ୟ ଭେଦ କରିନଥାଏ ବୋଲି ଲୋକ ବିଶ୍ୱାସ ରହିଛି ।

ମାଦ୍ରୀ କାଲୋଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗଥିଲା, ସେ ତନ୍ତ୍ର ମନ୍ତ୍ରରେ ଘୋର ବିଶ୍ୱାସୀ । ବିଭିନ୍ନ ଦେବଦେବୀଙ୍କୁ ସାଧନା ପୂର୍ବକ ସେ ଅନେକ ତନ୍ତ୍ର ମନ୍ତ୍ର ଶିକ୍ଷା କରିଥିଲେ । ଗୁଣିଗାରେଡ଼ିରେ ତାଙ୍କର ପାରଦର୍ଶିତା ରହିଥିଲା । ଏହି ତନ୍ତ୍ର ମନ୍ତ୍ର ପ୍ରୟୋଗ ପୂର୍ବକ ସେ ଅନେକ ଆଗତ ଭବିଷ୍ୟତ କଥା ଜାଣିବାରେ ସମ୍ପୂର୍ଣ୍ଣ କ୍ଷମ ହୋଇଥିବାର ଶୁଣାଯାଏ ।

ସେ ଯାହାହେଉ, ପ୍ରତିଭାଧର ମାଦ୍ରୀଙ୍କର ଯଥା ସମୟରେ ପରିଣୟ ହୁଏ ବୃନ୍ଦାବତୀଙ୍କ ସହିତ । ବହୁପତ୍ନୀରେ ବିଶ୍ୱାସୀ ଆଦିବାସୀ ସାମାଜିକ ପରମ୍ପରା ନେଇ ମାଦ୍ରୀ କାଲୋ ତୁଳସୀ ନାମ୍ନୀ ଆଉ ଜଣକୁ ମଧ୍ୟ ଉପପତ୍ନୀ ହିସାବରେ ଗ୍ରହଣ କରିଥିଲେ । ପ୍ରଥମ ସ୍ତ୍ରୀ ବୃନ୍ଦାବତୀଙ୍କ ଗର୍ଭରୁ ଦୁଇ ପୁତ୍ର ଯଥା ରାମଚନ୍ଦ୍ର ଓ ଶୁକୁଟା ଜନ୍ମ ଗ୍ରହଣ କରିଥିଲେ ଏବଂ ତୁଳସୀଙ୍କ ଗର୍ଭରୁ ମଧ୍ୟ ଦୁଇ ପୁତ୍ର ଯଥା ଲମ୍ବୋଦର ଓ ଟିମା ଜାତ ହୋଇଥିଲେ । ମାଦ୍ରୀ କାଲୋଙ୍କ ବଂଶ ବୃକ୍ଷ ହେଲା ଏହିପରି :



ଏବେ ମାଦ୍ରୀ କାଲୋଙ୍କ ପ୍ରଥମା ପତ୍ନୀଙ୍କ ଗର୍ଭଜାତ ଦ୍ୱିତୀୟ ପୁତ୍ରଙ୍କ ଉଭୟପୁତ୍ର ଜୀବିତ ଅଛନ୍ତି ଏବଂ ଏମାନେ ସିଆଲ ଯୋର ଗ୍ରାମର ବାସିନ୍ଦା। ଦ୍ୱିତୀୟା ପତ୍ନୀ ତୁଳସୀଙ୍କ ଗର୍ଭରୁ ଜାତ ଦ୍ୱିତୀୟ ପୁତ୍ରଙ୍କ ବଂଶଧର ଲିପଲୋଇ ଓ ଲମ୍‌ଲୋଇ ଗ୍ରାମରେ ବାସ କରୁଛନ୍ତି ।

## ଗୌନ୍ତିଆ ମାଦ୍ରୀ କାଲୋ

ପୂର୍ବରୁ ସୂଚିତ ହୋଇଛି ଯେ, ଗାଙ୍ଗପୁର ରାଜ୍ୟରେ ଭୂୟାଁମାନେ କେଶରୀ ବଂଶ ଅମଳରୁ ଜମିଦାରୀ, ପ୍ରଗଣାଦାର, ଗୌନ୍ତି ସ୍ୱତ୍ୱ ଭୋଗ କରି ଆସୁଥିଲେ। ମାଦ୍ରୀଙ୍କ ପିତା ଲକ୍ଷ୍ମଣ କାଲୋ ମଧ୍ୟ ଉତ୍ତରାଧିକାର ସୂତ୍ରରେ ଏହି ସ୍ୱତ୍ୱ ପାଇ ସମୟ କ୍ରମେ ଏକ ପ୍ରଗଣାଦାର ହୋଇପାରିଥିଲେ । ଲକ୍ଷ୍ମଣ କାଲୋଙ୍କ ଅନ୍ତେ ତାଙ୍କ ସୁଯୋଗ୍ୟ ପୁତ୍ର ମାଦ୍ରୀଙ୍କ ହାତକୁ କୁରେଇବଗା ପ୍ରଗଣାର ଦାୟିତ୍ୱ ଆସିଲା । ସେ ପ୍ରଗଣାଦାର ହେଲାବେଳକୁ ଅଭିଜ୍ଞ ହୋଇ ସାରିଥିଲେ ଜମିବାଡି ସଂକ୍ରାନ୍ତରେ । ନିଜର ଶକ୍ତି, ପରାକ୍ରମ ଓ ପ୍ରଜାବତ୍ସଳତାକୁ ପାଥେୟକରି କୁରେଇବଗା, ଟଟରଙ୍ଗା, ଭଏପାଲି, ଗଡପୋଷ ବ୍ୟତୀତ ଗୁଡିଆଳି, ଜାମପାଲି, ଲିପଲୋଇ, ସିଆଲଯୋର, ଲମଲୋଇ ପ୍ରଭୃତି ମୌଜା ଗୁଡିକ ନିଜ ପ୍ରଗଣା ଅନ୍ତର୍ଭୁକ୍ତ କରିପାରିଥିଲେ । ପ୍ରଗଣାଦାର ହିସାବରେ ଏହି ସବୁ ମୌଜାର ଗୌନ୍ତିଆମାନେ ଅଧୀନତା ସ୍ୱୀକାର ପୂର୍ବକ ତାଙ୍କୁ ଯଥା ସମ୍ମାନ ଦେଉଥିଲେ ଏବଂ ଆବଶ୍ୟକ ପରାମର୍ଶ ମଧ୍ୟ ଗ୍ରହଣ କରୁଥିଲେ । ପ୍ରଜା ବତ୍ସଳ ମାଦ୍ରୀ କାଲୋଙ୍କ ଜନପ୍ରୀତିର ଅନ୍ୟତମ କାରଣ ଥିଲା। ପ୍ରଜାଙ୍କ ସୁଖଦୁଃଖରେ ସାମିଲ ହେବା, ସାହାଯ୍ୟ ସହଯୋଗ ପ୍ରଦାନ କରିବା ତାଙ୍କ ଚରିତ୍ରର ଅନ୍ୟତମ ବୈଶିଷ୍ଟ୍ୟ ଥିଲା। ଏହି ଜନ ସମ୍ପର୍କ ହିଁ ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା । ଏପରିକି ରାଜକର୍ମଚାରୀମାନେ ପ୍ରଜାମାନଙ୍କ ଉପରେ କରୁଥିବା ଜୁଲମ୍‌ର ପ୍ରତିବାଦ କରି ସେ ପ୍ରଜାଙ୍କ ଅନୁକମ୍ପା ହାସଲ କରୁଥିଲେ । ତାଙ୍କର ଏହି ଗୁଣ ଯୋଗୁଁ ସେ ରାଜକର୍ମଚାରୀଙ୍କର ଅପ୍ରିୟ ମଧ୍ୟ ହୋଇଥିଲେ। ଫଳତଃ ପରବର୍ତ୍ତୀ ଜୀବନରେ ତାଙ୍କ ଗୌନ୍ତି ସ୍ୱତ୍ୱ ମଧ୍ୟ ଉଚ୍ଛେଦ ହୋଇଥିଲା । ଏସବୁ ସତ୍ତ୍ୱେ ମାଦ୍ରୀ ଥିଲେ ଗରିବର ବନ୍ଧୁ, ନିଃସହାୟର ତ୍ରାଣକର୍ତ୍ତା । ରାଜକର୍ମଚାରୀମାନଙ୍କ ଏତାଦୃଶ ଆକ୍ରୋଶକୁ ଆଖି ଆଗରେ ରଖି ଭବିଷ୍ୟତରେ ଝଡଟାଏ ସୃଷ୍ଟି ହେବାର ଆଭାସ ସେ ପାଇଥିଲେ । ତେଣୁ ବସବାସର ସୁବିଧା ଏବଂ ଶତ୍ରୁ ଆକ୍ରମଣକୁ ପ୍ରତିହତ କରିବାପାଇଁ ମହାବୀର ପର୍ବତକୁ ଉତ୍ତମ ଆଶ୍ରୟ ସ୍ଥଳୀ ହିସାବରେ ବାଛିନେଇ ତାରି ପାଦତଳେ ନିଜର ବାସସ୍ଥାନ ନିର୍ମାଣ କରି ରହିଥିଲେ । ଅସଂଖ୍ୟ ଗିରି କନ୍ଦର ଭିତରେ ଆତ୍ମଗୋପନ କରି ଶତ୍ରୁ ଆଗମନରେ ନିଜକୁ ସୁରକ୍ଷିତ ରଖିବା ପାଇଁ ମହାବୀର ପର୍ବତ ତାଙ୍କ ପାଇଁ ଏକ ପ୍ରକୃଷ୍ଟ କ୍ଷେତ୍ରଥିଲା । ଏହାଛଡା ମହାବୀର ପର୍ବତର ଅଧିଷ୍ଠାତା ମହାବୀର ଏବଂ ମା ଦୁର୍ଗାଙ୍କ ସାଧନା ପାଇଁ ଯିବା ଆସିବାର ସୁବିଧା ମଧ୍ୟ ରହିଥିଲା । ନିଜର ଦୁଇ ସ୍ତ୍ରୀ ତଥା ଚାରି ପୁତ୍ରଙ୍କୁ ନେଇ ତାଙ୍କର ସଂସାର ଥିଲା । ଗୋଟିଏ ପଟେ ଜମିଦାରୀ ଓ ରାଜକାର୍ଯ୍ୟ, ଅନ୍ୟପଟେ ନିଜ ପରିବାର ଓ ମହବୀରଙ୍କ ପୂଜା ଅର୍ଚ୍ଚନା, ମାଦ୍ରୀ କାଲୋଙ୍କ ସଂସାର ଏ ଉଭୟ ଧାରାରେ ସୀମିତ ରହିଥିଲା ।

ସବୁଦିନ ସମାନ ଭାବରେ ଯାଏ ନାହିଁ। ପୂର୍ବରୁ କୁହାଯାଇଛି ମାଦ୍ରୀ କାଲୋଙ୍କ ସେ ଅଞ୍ଚଳରେ ଆଧିପତ୍ୟ, ପ୍ରଜା ବତ୍ସଳତା ତଥା ସ୍ପଷ୍ଟବାଦିତା ଭାବ ରାଜକର୍ମଚାରୀ ଏବଂ ଗୌନ୍ତିଆଙ୍କ ଶୁଭ ଦୃଷ୍ଟିରେ

ଯାଉନଥିଲା । ସେମାନେ ସମସ୍ତେ ସୁଯୋଗ ଅପେକ୍ଷାରେ ଥିଲେ କିପରି ମାଦ୍ରୀଙ୍କୁ ପାନେ ଦେବେ । ମାତ୍ର ମାଦ୍ରୀଙ୍କ ପରାକ୍ରମ ଏବଂ ତନ୍ତ୍ରମନ୍ତ୍ରରେ ପାରଦର୍ଶୀତା ଯୋଗୁଁ ସେମାନଙ୍କ ପକ୍ଷେ ମାଦ୍ରୀଙ୍କ ବିରୁଦ୍ଧରେ ହଠାତ୍ କିଛି ଦୁଃସାହସିକ ପଦକ୍ଷେପ ଗ୍ରହଣ କରିବା ସହଜସାଧ୍ୟ ନଥିଲା ।

ମହାବୀର ପର୍ବତରେ ସାଧନା କରିବା ସମୟରେ ସିଦ୍ଧି ହାସଲ କରିବା ପାଇଁ ବିଭିନ୍ନ ପ୍ରକାର ବଳି ଦିଆଯାଉଥିଲା । କଥିତ ଅଛି, ସେହି ଗ୍ରାମର ଭାଗବତିଆ ସାହୁ ନାମକ ଜଣେ ବାଳକକୁ ଏକଦା ଦେବୀଙ୍କ ପାଖରେ ବଳି ଦେବାପାଇଁ ମାଦ୍ରୀ ନେଇଯାଇଥିଲେ । ଉକ୍ତ ବାଳକକୁ ବଳି ଦେବାପୂର୍ବରୁ ମାଦ୍ରୀ ପଚାରିଦେଲେ ତା'ର ଶେଷ ଇଚ୍ଛା କଣ ଅଛି ବୋଲି । ବାଳକଟି ଭୟାର୍ତ୍ତ ହୋଇ "ମାଦ୍ରୀ ମୋତେ ରକ୍ଷା କର, ରକ୍ଷା କର" ବୋଲି ଚିତ୍କାର କରିଥିଲା । ଏହି ଆତୁର ଚିତ୍କାରରେ ମାଦ୍ରୀଙ୍କ ହୃଦୟ ତରଳିଗଲା । ସେ ତା'କୁ ବଳି ନ ଦେଇ ଅଗତ୍ୟା କାନ କାଟି ରକ୍ତକୁ ଦେବୀଙ୍କ ନିକଟରେ ସମର୍ପଣ କରି ତାକୁ ଛାଡି ଦେଇଥିଲେ । ଭାଗବତିଆ ସାହୁ ଘରର ଏ ରାଗ ଲିଭି ନଥିଲା । ପ୍ରତିଶୋଧ ନେବା ପାଇଁ ସେମାନେ ସୁଯୋଗ ଅପେକ୍ଷାରେ ଥିଲେ । ଷଡଯନ୍ତ୍ର କରୁଥିଲେ ଭିତରେ ଭିତରେ । ପରବର୍ତ୍ତୀ କାଳରେ ମାଦ୍ରୀ କାଲୋଙ୍କ ଗୌନ୍ତି ଉଚ୍ଛେଦ ପରେପରେ କୁରେଇବଗାର ଗୌନ୍ତିଆ ହୋଇଥିଲେ ଭାଗବତିଆ ସାହୁ ।

## ଗୌନ୍ତି ଉଚ୍ଛେଦ ଓ ଗାଙ୍ଗପୁର ରାଜାଙ୍କ ବିରୁଦ୍ଧରେ ବିପ୍ଳବର ପୃଷ୍ଠଭୂମି

ରାଜା ରାଜୁଡାଙ୍କ ଶାସନରେ ପ୍ରଜାକୁଳ ଅକଥନୀୟ ଦୁର୍ଦ୍ଦଶା ଭିତର ଦେଇ ଗତି କରୁଥିଲେ । ବିଶେଷତଃ ଯେଉଁ ରାଜା ବିଳାସୀ, ଅତ୍ୟାଚାରୀ ବା ପ୍ରଜାପୀଡକ ହୁଅନ୍ତି ସେ ରାଜ୍ୟରେ ପ୍ରଜାମାନଙ୍କର ଦୁଃଖର ସୀମା ରହେ ନାହିଁ । ଯାହା ରାଜାଙ୍କ ନିର୍ଦ୍ଦେଶରେ ଆଇନ ବୋଲି ପ୍ରଚଳିତ ହୁଏ ପ୍ରକୃତରେ ତାହା ପାତ୍ର, ମନ୍ତ୍ରୀ, ସେନାପତି, ଅମାତ୍ୟଙ୍କ ଆକଳନରେ ତିଆରି ହୋଇଥାଏ । ଚାଟୁକାର କଥାରେ ଭାସିଯାଇ ରାଜା ଯଦି ତାଙ୍କର ବୋଲକରା ହୁଅନ୍ତି ତେବେ ପ୍ରଜାମାନଙ୍କ ପିଠିରେ ବେଡି ଉପରେ କୋରଡା ମାଡ ହୁଏ ଖଜଣାର। ଅବଶ୍ୟ ସମସ୍ତ ରାଜା, ସାମନ୍ତ ସେପରି ନୁହନ୍ତି। ମାତ୍ର ଅନେକ ଦୁର୍ବଳମନା ତଥା ଅଦୂରଦର୍ଶୀ ରାଜା ସାମନ୍ତଙ୍କ ସମୟରେ ପ୍ରଜା ଅସନ୍ତୋଷ ବହୁତ ବଢିଯାଏ। ଗାଙ୍ଗପୁର ରାଜ୍ୟ ମଧ୍ୟ ଏ ଚକ୍ରାନ୍ତରୁ ବାଦ୍ ପଡିନାହିଁ । ରଘୁନାଥ ଶେଖର ଦେଓ ଯେତେବେଳେ ଗାଦିସୀନ ହୁଅନ୍ତି ସେତେବେଳକୁ ସେ ନାବାଳକ, ରାଜ୍ୟ ଶାସନଭାର ସେତେବେଳେ ରାଣୀଙ୍କ ହାତରେ। ତାଙ୍କ ଅନ୍ତେ ରାଜାଙ୍କ କାକା ଗଜରାଜ ଶେଖରଦେଓ ରାଜ୍ୟ ପରିଚାଳନା ଦାୟିତ୍ୱରେ ରହିଲେ । ସରବରାକାର ହିସାବରେ ତାଙ୍କର କ୍ଷମତା ଅସୀମ । ନିଜର ସ୍ୱାର୍ଥସିଦ୍ଧି ପାଇଁ ସେ ରାଜାଙ୍କ ବିରୋଧରେ ଷଡଯନ୍ତ୍ର ଭିଆଇଥିବାର କୁହାଯାଏ । ସରବରାକାର ଥିବା ସମୟରେ ଜମାବନ୍ଦି କରାଇ ଗାଙ୍ଗପୁର ରାଜ୍ୟର ରାଜସ୍ୱ ଆଦାୟ ଟ୫୨୦୦/- ଧାର୍ଯ୍ୟ କରିଥିଲେ । ପରେ ଏହି ଖଜଣା ବୃଦ୍ଧି କରାଯାଇଥିଲା। ନାଜରକୁଟ ଜମାବନ୍ଦୀ କରାଯାଇ ରାଜ୍ୟର ରାଜସ୍ୱ ଆଦାୟ ଏକାଥରକେ ଟ.୧୫୦୦୦-କୁ ବୃଦ୍ଧି ପାଇବାରୁ ଜନ ଅସନ୍ତୋଷ ବଢିଲା । ଏହା ସାଙ୍ଗକୁ ସଲାମୀ, ଦର୍ଶନୀ ପ୍ରଭୃତି ରହିଥିଲା । ରାଜସ୍ୱ ଆଦାୟ ବୃଦ୍ଧି ପାଇବାରୁ ପ୍ରଜାଙ୍କ ଉପରେ ଏହାର ଭାର ପଡିଲା। ଅନେକ ଗୌନ୍ତିଆ,

ଜମିଦାର ଏହାର ପ୍ରତିବାଦ ଜଣାଇଥିଲେ । ପ୍ରତିବାଦ କରିବାରୁ ସେମାନଙ୍କୁ ସେମାନଙ୍କର ଗୌନ୍ତି, ଜମିଦାରୀ ସ୍ୱତ୍ୱ ହରାଇବାକୁ ପଡିଥିଲା । ରାଜା ରଘୁନାଥ ଶେଖର ଦେଓ ଗୌନ୍ତିଆ ତଥା ଜମିଦାରମାନଙ୍କ ପରାମର୍ଶ ଗ୍ରହଣ ନ କରି ରାଜସ୍ୱ ବୃଦ୍ଧି ଆଳରେ ଚକ୍ରାନ୍ତର ଶିକାର ହେଲେ । ରାଜସ୍ୱ ଆଦାୟ ନ ହେବାରୁ ଚଢାଦରରେ ନିକଟବର୍ତ୍ତୀ ରାଜ୍ୟ ସମ୍ବଲପୁରର ଧନୀକ ଶ୍ରେଣୀର ଅଘ୍ରିଆମାନଙ୍କୁ ଗୌନ୍ତି ସ୍ୱତ୍ୱ ହସ୍ତାନ୍ତର କଲେ । ମାଦ୍ରୀ କାଲୋଙ୍କ କୁରେଇବଗା ଜମିଦାରୀ ତାଙ୍କ ପାରମ୍ପରିକ ଶତ୍ରୁ ଭାଗବତିଆ ସାହୁ କିଣିନେଲେ । ପୂର୍ବରୁ ଭାଗବତିଆ ସାହୁ ସ୍ଥାନୀୟ ଅଣ-ଆଦିବାସୀମାନଙ୍କ ସହାୟତା ନେଇ ରାଜାଙ୍କ ନିକଟରେ ଅନେକ ସତ ମିଛ କହି ମାଦ୍ରୀଙ୍କ ବିରୋଧରେ ତୋଷାମଦ କରୁଥିଲେ । ପୂର୍ବରୁ ପ୍ରଜାଙ୍କ ମଧ୍ୟରେ ଜନପ୍ରିୟତା ଯୋଗୁଁ ମାଦ୍ରୀ ରାଜ କର୍ମଚାରୀଙ୍କ କୋପ ଦୃଷ୍ଟିରେ ଥିଲେ । ଏବେ ସେମାନେ ଏହାର ପୂର୍ଣ୍ଣ ଉପଯୋଗ କଲେ । ଫଳରେ ରାଜା ଆଗପଛ ନ ବିଚାରି ଭାଗବତିଆ ସାହୁଙ୍କୁ ମାଦ୍ରୀଙ୍କ ଜମିଦାରୀ ସ୍ୱତ୍ୱ ହସ୍ତାନ୍ତର କଲେ । ପରମ୍ପରା ଉପରେ ଏହାଥିଲା ଏକ ଶକ୍ତ କୁଠାର ଘାତ । ମାଦ୍ରୀ କାଲୋ ଏହାର ପ୍ରତିବାଦ କଲେ । ରାଜା ଏଥିରେ କର୍ଣ୍ଣପାତ କଲେ ନାହିଁ । ଫଳତଃ ଏକ ବିଦ୍ରୋହୀ ଜନ୍ମ ନେଲେ—ମାଦ୍ରୀ କାଲୋ; ବିପ୍ଳବୀ ମାଦ୍ରୀ କାଲୋ । ଗୌନ୍ତିଆ ମାଦ୍ରୀ କାଲୋ ରାତାରାତି ପାଲଟିଗଲେ ବିପ୍ଳବୀ । ମହାବୀର ପର୍ବତରେ ଆହତ ବ୍ୟାଘ୍ର ଗର୍ଜନ କଲା । ଗିରି କନ୍ଦର ଥରାଇ ଉଠିଲା ବିପ୍ଳବୀର ରଣ ହୁଙ୍କାର, "ଅଧିକ ଖଜଣା ଦେବୁ ନାହିଁ, ଅନ୍ୟାୟ ଭାବରେ ବେଠି-ବଗାରି ଖଟିବୁ ନାହିଁ।"

ଏହି ସମୟର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ଭାରତରେ ରେଳପଥର ନିର୍ମାଣ । ରେଳ ଧାରଣା ବିଛାଇବା ପାଇଁ ଇଂରେଜମାନେ ରାଜାଙ୍କଦ୍ୱାରା ଆଦିବାସୀ ସମ୍ପ୍ରଦାୟ ଯଥା, କିସାନ୍, ମୁଣ୍ଡା, ସାନ୍ତାଳ, ଖଡିଆ, ଭୂୟାଁମାନଙ୍କୁ କାର୍ଯ୍ୟରେ ଲଗାଉଥିଲେ । କଠିନ ପରିଶ୍ରମ କରିବା ସତ୍ତ୍ୱେ ସେମାନଙ୍କୁ ଖୁବ୍ ସ୍ୱଳ୍ପ ପାରିଶ୍ରମିକ ମିଳୁଥିଲା । ଏହାର ପ୍ରତିବାଦ କଲେ ଅତ୍ୟାଚାର କରାଯାଉଥିଲା । ବେଠିକାମ କରି ନିଷ୍ପେଷିତ ହେଉଥିଲେ ନିରୀହ ଆଦିବାସୀ । ପ୍ରତିବାଦ କରିବାର ଯୁ ନଥିଲା । ମାଦ୍ରୀ କାଲୋ ଏହି ଅବସ୍ଥାକୁ ହୃଦୟଙ୍ଗମ କରିଥିଲେ । ରାଜଶକ୍ତି ବିରୁଦ୍ଧରେ ସେ ସଂଗ୍ରାମ କରିବାକୁ ପ୍ରଜାକୁଳକୁ ସଙ୍ଗଠିତ କଲେ । ଏହା ଛଡା ପରମ୍ପରା ପୁଷ୍ଟ ଗୌନ୍ତିଆ ଜମିଦାରମାନଙ୍କ ସ୍ୱତ୍ୱ ଉଚ୍ଛେଦ ପରେ ସେମାନେ ମଧ୍ୟ ବିଦ୍ରୋହୀ ହୋଇ ଉଠିବା ସ୍ୱାଭାବିକ । ପୂର୍ବରୁ ଏମିତି ବି ମାଦ୍ରୀ କାଲୋ ଗାଙ୍ଗପୁର ରାଜତନ୍ତ୍ର ବିରୋଧରେ ପ୍ରଜା ଅସନ୍ତୋଷକୁ ନେଇ ପ୍ରତିବାଦ କରୁଥିଲେ । ଏବେ ଗୌନ୍ତିଆ ସ୍ୱତ୍ୱ ଉଚ୍ଛେଦ ହେବା ପରେ ପୂର୍ବତନ ଗୌନ୍ତିଆମାନେ ମାଦ୍ରୀଙ୍କ ଏହି ବିପ୍ଳବକୁ ନିଜର ସମର୍ଥନ ଜଣାଇଲେ । ବଡଗାଁ ଅଞ୍ଚଳର ଭୁୟାଁ, ଗଣ୍ଡ, କିସାନ ଓ ଖଡିଆମାନଙ୍କର ସହଯୋଗ ବଢିଲା । ତାଙ୍କ ସହଯୋଗରେ ସେ ଏହି ଆନ୍ଦୋଳନକୁ ସାକାର କରିବାକୁ ଅଣ୍ଟାଭିଡିଲେ । ତାଙ୍କର ମୁଖ୍ୟ ସହଯୋଗୀ ଥିଲେ ଶ୍ୟାମ କାଲୋ, ପରନା କାଲୋ, ଭୁଟାନ ଗଣ୍ଡ ଓ ସିଧ ଗଣ୍ଡ । "ଅଧିକ ଖଜଣା ଦେବା ନାହିଁ କି ଅନ୍ୟାୟ ଭାବେ ଅଧିକ ବେଠି ବଗାରି ଖଟିବା ନାହିଁ ।" ଏହି ସ୍ଲୋଗାନ ତୀବ୍ରତର ହେଲା । ଶତାଧିକ ପ୍ରଜା ଏହି ଆନ୍ଦୋଳନରେ ଯୋଗଦେଲେ । ୧୮୯୫ ମସିହାରେ ଏହି ଆନ୍ଦୋଳନ ତୀବ୍ର ରୂପ ଧାରଣ କରି ଗାଙ୍ଗପୁର ରାଜାଙ୍କୁ ବିଚଳିତ କରିଦେଲା ।

ସେତେବେଳେ କୁଚିଣ୍ଡା ଅଞ୍ଚଳର ବଇଣ୍ଡା ଗ୍ରାମର "ଛାଡୁ ମହାପାତ୍ର" ବାମଣ୍ଡା ରାଜାଙ୍କ ବିରୋଧରେ ବିଦ୍ରୋହ ଚଳାଇଥିଲେ । ମାଦ୍ରୀ କାଲୋ ଚତୁର ଛାଡୁ ମହାପାତ୍ର ସହିତ ସାମିଲ ହେଲେ । ପ୍ରଜା ଆନ୍ଦୋଳନର ଦିଗ ବିଦିଗ ଉପରେ ପରାମର୍ଶ ଗ୍ରହଣ କରି ସେ ଗାଙ୍ଗପୁରରେ ପ୍ରଜା ଆନ୍ଦୋଳନ ଚଳାଇ ପ୍ରତ୍ୟକ୍ଷରେ ରାଜାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ ।

## ମାଦ୍ରୀ କାଲୋ ଓ ଗାଙ୍ଗପୁର ପ୍ରଜା ଆନ୍ଦୋଳନ

"ରାଜାଙ୍କୁ ଅଧିକ ଖଜଣା ଦେବୁ ନାହିଁ କି ଅନ୍ୟାୟ ଭାବେ ଅଧିକ ବେଠି ବଗାରି ଖଟିବୁ ନାହିଁ ।" ବିପ୍ଲବର ଏହି ବାର୍ତ୍ତା ଗାଙ୍ଗପୁର ଗଡର ପ୍ରଜା ମହଲରେ ନୂତନ ଉନ୍ମାଦନା ସୃଷ୍ଟି କରୁଥାଏ । ଅନ୍ୟାୟ ଅତ୍ୟାଚାରର ଶିକାର ହୋଇଥିବା ଅସଂଖ୍ୟ ପ୍ରଜା ଏହି ଆନ୍ଦୋଳନରେ ସାମୀଲି ହୋଇଥାଆନ୍ତି । କେବଳ ବଡଗାଁ ନୁହେଁ ରାଜଗାଙ୍ଗପୁର ଅଞ୍ଚଳ ଓ କୁତ୍ରା ଅଞ୍ଚଳ ମଧ ଏହି ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲା । ମାଦ୍ରୀ କାଲୋ ଓ ତାଙ୍କର ସମର୍ଥକ ଦଳ ଏହିସବୁ ଅଞ୍ଚଳରୁ ନବ ନିଯୁକ୍ତ ଗୌନ୍ତିଆ ତଥା ଅଣ-ଆଦିବାସୀ ଶୋଷକ ଗୌନ୍ତିଆମାନଙ୍କୁ ହଇରାଣ ହରକତ କରି ତଡିବାକୁ ଅପ୍ରାଣ ଚେଷ୍ଟା କରୁଥିଲେ । କ୍ଷୁଧାର୍ତ୍ତ ପ୍ରଜାମାନଙ୍କୁ ଖାଦ୍ୟ ବସ୍ତ୍ର ଦେବା ପାଇଁ ସେମାନଙ୍କଠାରୁ ଧନ ସମ୍ପତ୍ତି ଛଡାଇ ଆଣି ବାଣ୍ଟିଦେଉଥିଲେ । ବେଠି-ବେଗାରି ଖଟି ଭୋକ ଉପାସରେ ରହୁଥିବା ପ୍ରଜାଙ୍କୁ ଆଶ୍ରୟ ଦେଇ ଆନ୍ଦୋଳନରେ ସାମୀଲି କରୁଥିଲେ ।

ଆନ୍ଦୋଳନର ତୀବ୍ରତା ଦେଖି ରାଜା ନିରୁପାୟ ହୋଇ ନିଜର ସେନା ପ୍ରେରଣ କରି ଆନ୍ଦୋଳନକୁ ଦବାଇ ଦେବାପାଇଁ ଚେଷ୍ଟା କଲେ । ମାତ୍ର ଅସଫଳ ହୋଇଥିଲେ । ମହାବୀର ପର୍ବତରେ ଲୁଚି ଅତର୍କିତ ଆକ୍ରମଣ ଚଳାଉଥିବା ମାଦ୍ରୀଙ୍କ ଗରିଲା ସେନାଙ୍କୁ ଧରିବା ସେମାନଙ୍କ ପକ୍ଷେ ସହଜ ନଥିଲା । ରାଜା ଏଥିରେ ପ୍ରତିହିଂସା ପରାୟଣ ହୋଇ ମାଦ୍ରୀଙ୍କ ପରିବାରବର୍ଗଙ୍କୁ ବିତାଡିତ କରି ତାଙ୍କର ସର୍ବସ୍ୱ ଲୁଟ କରିଦେବାର ଆଦେଶ ଦେଲେ, ସେଇଆ ମଧ ହେଲା । ଉଦ୍ଦେଶ୍ୟ ଥିଲା, ଏଥିରେ ମାଦ୍ରୀ ଭୟଭୀତ ହୋଇ ଆତ୍ମସମର୍ପଣ କରିବେ । ମାତ୍ର କୌଣସି ପ୍ରଭାବ ପଡିଲା ନାହିଁ । ମହବୀର ପର୍ବତ ଯାହାର ଆଶ୍ରୟ ସ୍ଥଳୀ, ଦୈବୀ କୃପାରେ ଯେ ବଳଶାଳୀ ତାକୁ ରାଜାଙ୍କ ଫଉଜ କଣ କରିପାରନ୍ତା ?

ମାଦ୍ରୀଙ୍କ ଏହି ଆନ୍ଦୋଳନ କ୍ରମେ ଭୀଷଣ ରୂପ ଧାରଣା କଲା । ଅତିଷ୍ଠ ହୋଇ ରାଜା ଶେଷରେ କୌଶଳ ଭିଆଇଲେ । ମାଦ୍ରୀଙ୍କ ବିଶ୍ୱସ୍ତ କେତେକ ହରିଜନମାନଙ୍କୁ କରଗତ କରି ସେମାନଙ୍କୁ ଗୁପ୍ତଚର ବୃତ୍ତିରେ ଲଗାଇଲେ । ଲୋଭର ବଶବର୍ତ୍ତୀ ହୋଇ ଏହି ହରିଜନମାନେ ମାଦ୍ରୀଙ୍କ ଗତିବିଧି ରାଜାଙ୍କୁ ଜଣାଇବାରେ ଲାଗିଲେ । ପୁଣି ଏଆଡେ ସିଂହଭୂମିର ଡେପୁଟି କମିଶନରଙ୍କୁ ସଶସ୍ତ୍ର ପୋଲିସ ଫଉଜ ପଠାଇବାକୁ ଅନୁରୋଧ କଲେ । ଆନ୍ଦୋଳନର ଉଗ୍ରତାକୁ ଉପଲବ୍ଧି କରି ଡେପୁଟି କମିଶନର ପୋଲିସ ଫଉଜ ପଠାଇବାକୁ ସ୍ୱୀକୃତି ଦେଲେ ।

ରାଜାଙ୍କ ଦ୍ୱାରା ନିୟୋଜିତ ବିଶ୍ୱାସଘାତକ ଅଣ-ଆଦିବାସୀ ଗୁପ୍ତଚରଗଣ ତଥା କୁରେଇବଗାର ଭାଗବତିଆ ସାହୁ ରୀତିମତ ଖବର ଦେଉଥାଆନ୍ତି । ଇଂରେଜ ଫଉଜ ଆସିବା ପରେ ଏହି ଗୁପ୍ତଚରଙ୍କ

ଖବର ଅନୁସାରେ ସେମାନେ ଆକ୍ରମଣର ଯୋଜନା କଲେ । ପ୍ରଥମେ ଚରଣରେ ଏହି ଯୋଜନା ସଫଳ ହେଲା ନାହିଁ। ମାଦ୍ରୀ ଚତୁରତାର ସହିତ ତାଙ୍କ ଦଳବଳ ନେଇ ଆତ୍ମଗୋପନ କଲେ । ଏଥର ଇଂରେଜ ଫଉଜ ମହାବୀର ପର୍ବତ ବିଷୟରେ ସମ୍ୟକ ଧାରଣା ହାସଲ କଲେ ତଥା ମାଦ୍ରୀଙ୍କ ଦୁର୍ବଳତାର ସୁଯୋଗ ନେବାକୁ କୌଶଳ କଲେ। ସାହାଯ୍ୟ ଯୋଗାଇଦେଲେ ଗୁପ୍ତଚରଗଣ ଓ ଭାଗବତିଆ ସାହୁ । କୁହାଯାଏ, ଏକଦା ମାଦ୍ରୀ କାଲୋ ମହାବୀର ପର୍ବତରେ ନିଜର ଆରାଧ୍ୟ ଦେବତା ମହାବୀରଙ୍କ ପୂଜା ଆରାଧନା ପରେ ନିଶାଶକ୍ତ ହୋଇ ବିଶ୍ରାମ ନେଉଥିଲେ। ଏହି ସୁଯୋଗରେ ମାଦ୍ରୀଙ୍କ ବିଶ୍ୱସ୍ତ ହରିଜନମାନଙ୍କ ମଧ୍ୟରୁ କେତେଜଣ ରାଜାଙ୍କୁ ବାର୍ତ୍ତା ପହଞ୍ଚାଇ ଦେଲେ। ରାଜା ଇଂରେଜ ଫଉଜ ପଠାଇ ଅତର୍କିତ ଭାବେ ସେ ଅଞ୍ଚଳକୁ ଘେରାଉ କରି ୧୮୯୭ ମସିହା ଫେବୃୟାରୀ ମାସରେ ବିପ୍ଳବୀଙ୍କୁ ବନ୍ଦୀ କରି ନେଲେ । ମାଦ୍ରୀ କାଲୋ ବନ୍ଦୀ ହେବା ସହିତ ତାଙ୍କ ଆନ୍ଦୋଳନର ମଧ୍ୟ ପରିସମାପ୍ତି ଘଟିଥିଲା । ସହକର୍ମୀଙ୍କ ସହ ବନ୍ଦୀ ହୋଇ ମାଦ୍ରୀ ନବନିର୍ମିତ କାରାଗୃହରେ ଅବରୁଦ୍ଧ ହେଲେ । ଅମାନୁଷିକ ଅତ୍ୟାଚାରର ସମ୍ମୁଖୀନ ହୋଇ ପଙ୍ଗୁ ପାଲଟିଗଲେ । ପରିବାରବର୍ଗଙ୍କୁ ମଧ୍ୟ ତାଙ୍କୁ ଦେଖିବାର ସୁଯୋଗରୁ ବଞ୍ଚିତ କରାଗଲା।

ଅନ୍ୟ ଏକ ଜନଶ୍ରୁତିରୁ ଜଣାପଡେ, ମାଦ୍ରୀଙ୍କର ନିଶାପ୍ରତି ଆସକ୍ତି ଅନ୍ୟତମ ଦୁର୍ବଳତା ଥିଲା। ଗଢିଆଲୀ ଓ ତେତେରକେଲାର ହରିଜନମାନେ ତାଙ୍କର ମିତ୍ରଥିଲେ । ନିଶାଗ୍ରସ୍ତ ହୋଇ ମିତ୍ରମାନଙ୍କ ସହିତ ମାଦ୍ରୀ ଆଳାପ କରୁଥାଆନ୍ତି । ହରିଜନ ବନ୍ଧୁମାନେ ବିଶ୍ୱାସଘାତକତା କରି ଇଂରେଜ ଫଉଜକୁ ସ୍ଥାନର ସୂଚନା ଦିଅନ୍ତେ ମାଦ୍ରୀ ଇଂରେଜ ଫଉଜ ଦ୍ୱାରା ବନ୍ଦୀ ହେଲେ । ଅନ୍ୟ ଏକ ଅସମର୍ଥିତ ସମ୍ବାଦରୁ ଜଣାପଡେ, ସମ୍ପୃକ୍ତ ଦିନ ମାଦ୍ରୀ ଝାରବେଡା ଗ୍ରାମକୁ ମହୁଲି ମଦ ପିଇବା ପାଇଁ ଭାଟିକୁ ଯାଇଥିଲେ । ଇଂରେଜମାନେ ବିଶ୍ୱସ୍ତ ସୂତ୍ରରୁ ଏହି ଖବର ପାଇ ଭାଟି ଘେରାଉ କରିଥିଲେ । ଫଳତଃ ତାଙ୍କର ସମସ୍ତ ସହଯୋଗୀ ଧରାପଡିଥିଲେ। ମାଦ୍ରୀ କୌଶଳ କ୍ରମେ ସେଠାରୁ ଖସି ଚାଲିଯାଇଥିଲେ । ମାଦ୍ରୀଙ୍କୁ ନପାଇ ତାଙ୍କର ପରିବାର ବର୍ଗଙ୍କୁ ଧରିନେଲେ ଇଂରେଜ ଫଉଜ । ମାଦ୍ରୀ ଅଗତ୍ୟା ଏ ଖବର ପାଇ ପରିବାର ବିନିମୟରେ ନିଜେ ଆତ୍ମ ସମର୍ପଣ କରିଥିଲେ ଏବଂ ରାଜା ତାଙ୍କୁ କାରାରୁଦ୍ଧ କରିଥିଲେ ।

ମାଦ୍ରୀଙ୍କ କାରାବରଣପରେ ତାଙ୍କ ଦ୍ୱାରା ପରିଚାଳିତ ପ୍ରଜା ଆନ୍ଦୋଳନ ମଧ୍ୟ ସମାପ୍ତ ହୋଇଥିଲା । ଅନେକ ସହକର୍ମୀ ଧରାପଡି ଦଣ୍ଡ ପାଇବା ପରେ ପରୋକ୍ଷରେ ମାଦ୍ରୀଙ୍କୁ ଯେଉଁମାନେ ସାହାଯ୍ୟ କରୁଥିଲେ ସେମାନେ ରାଜଦଣ୍ଡ ଭୟରେ ଆନ୍ଦୋଳନରୁ ବିରତ ହେଲେ । ରାଜତନ୍ତ୍ର ବିରୋଧରେ ସଂଗ୍ରାମ କରିବାର ସାହସ ଆଉ କାହାରି ନଥିଲା । ଆହତ ମାଦ୍ରୀ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହୋଇ ଦୁଃଖ କଷ୍ଟରେ ବନ୍ଦୀ ଜୀବନ ବିତାଇଥିଲେ । ୧୮୯୭ ମସିହାରୁ -୧୯୦୬ ମସିହା ପର୍ଯ୍ୟନ୍ତ ସୁନ୍ଦରଗଡ ଜେଲରେ ରହିବା ପରେ ତାଙ୍କୁ ୧୯୦୬ ମସିହାରେ ହଜାରିବାଗ୍ ଜେଲକୁ ସ୍ଥାନାନ୍ତରିତ କରାଗଲା । ଭଗ୍ନସ୍ୱାସ୍ଥ୍ୟ ମାଦ୍ରୀଙ୍କ ଗୋଡର ଗ୍ରନ୍ଥି ସବୁ କାଟି ଦେଇ ତାଙ୍କୁ ପଙ୍ଗୁ କରିଦିଆଗଲା । ଏହିପରି ଅବସ୍ଥାରେ ୧୯୧୦ ମସିହାରେ ମାଦ୍ରୀଙ୍କୁ ଜେଲରୁ ମୁକ୍ତ କରିଦିଆଗଲା । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ପ୍ରଜାହିତ ପାଇଁ ଯେ ନିଜକୁ ବାଜି ଲଗାଇଥିଲା, ଅବଶେଷରେ ସେହି ମହାପ୍ରାଣକୁ ପୁରସ୍କାର ମିଳିଲା ଚଳତ୍ ଶକ୍ତି ରହିତ ପଙ୍ଗୁର ଜୀବନ ।

୧୯୧୦ ମସିହାରେ ଜେଲରୁ ମୁକ୍ତ ହୋଇ ମାଦ୍ରୀ ତାଙ୍କ ଆତ୍ମୀୟଙ୍କ ସହାୟତାରେ ଲିପ୍‌ଲୋଇକୁ ଆସିଲେ । ରୁଗ୍‌ଣ ଅବସ୍ଥାରେ ଭଗ୍ନସ୍ୱାସ୍ଥ୍ୟ ମାଦ୍ରୀ ଅବଶେଷରେ ୧୯୧୪ ମସିହାରେ ପ୍ରାଣତ୍ୟାଗ କଲେ । ମାଟି ମା'ର ସଂଗ୍ରାମ ପାଇଁ ଏକ ମହାନାୟକଙ୍କର ମହାପ୍ରୟାଣ ହେଲା ।

## ଗାଙ୍ଗପୁର ଇତିହାସରେ ବିପ୍ଳବୀ ମାଦ୍ରୀଙ୍କ ସ୍ଥାନ

ସ୍ୱାଭିମାନଙ୍କୁ ନେଇ ମଣିଷ ବଞ୍ଚେ । ଆଉ ଆଦିବାସୀ, ସେମାନେତ ସ୍ୱଭାବତଃ ସ୍ୱାଭିମାନୀ । ଆଜନ୍ମ ସ୍ୱାଧୀନଚେତା ସେମାନେ । ମା' ମାଟିକୁ ନେଇ ତାଙ୍କର ସଂସାର । ବାହାର ଦୁନିଆ ସହିତ ସେମାନେ ଏତେଟା ସାମିଲ ନହେଲେ ସୁଦ୍ଧା ନିଜ ମାଟି ମା'ର ଦୁର୍ଦ୍ଦଶାରେ ବିଚଳିତ ହୋଇ ଉଠନ୍ତି । ଧମନୀର ରକ୍ତ ତାତି ଉଠେ, ସିଂହ ଗର୍ଜନ ଦିଏ । "ମରିଯାଅ କିନ୍ତୁ ମାଟିକୁ ତ୍ୟାଗ କରନାହିଁ ।" ଏହା ସେମାନଙ୍କର ବଜ୍ର ଶପଥ । ମାଟିର ମଣିଷ ସେ, ମୁଣ୍ଡଝାଳ ତୁଣ୍ଡରେ ମାରି ପଥୁରିଆ ଟାଙ୍ଗର ଭୂଇଁରେ ସୁନା ଫଳାଏ । ତେଣୁ ଜମି ପ୍ରତି ତାର ମୋହ, ଆକର୍ଷଣ । ଜମିକୁ ନେଇ ତାର ସଂସାର । ତେଣୁ ତା'ଠାରୁ ଜମି କେହି ଛଡାଇ ନେଲେ ସେ ଛାଡିବ କିପରି ? ତେଣୁ ଆଦିବାସୀଙ୍କ ସମସ୍ତ ସଂଗ୍ରାମର କେନ୍ଦ୍ରବିନ୍ଦୁ ସେଇ ଜମିକୁ ନେଇ କେନ୍ଦ୍ରୀଭୂତ । ମାଦ୍ରୀ କାଲୋ ମଧ୍ୟ ସେଇ ଜମି କୈନ୍ଦ୍ରିକ ବିପ୍ଳବର ଅନ୍ୟତମ ପୁରୋଧା, ମହାନାୟକ ।

ପରାଧୀନ ଭାରତରେ ଆଦିବାସୀମାନେ ଯେତେ ସଂଗ୍ରାମ କରିଛନ୍ତି, ତାହା ସ୍ୱାଧୀନତା ସଂଗ୍ରାମ କି ନୁହେଁ ବୋଲି ପ୍ରଶ୍ନ ଉଠେ। ତେବେ ଇଂରେଜ ଶାସନରେ ସମସ୍ତ ରାଜା ଇଂରେଜ ଅନୁକମ୍ପା ନେଇ ତିଷ୍ଠିଥିଲେ। ତାଙ୍କର ରାଜସତ୍ତ୍ୱ ଇଂରେଜମାନଙ୍କ ଦ୍ୱାରା ପ୍ରଦତ୍ତ ହେଉଥିଲା ଗୋଟାଏ ଗୋଟାଏ ଅବଧି ପର୍ଯ୍ୟନ୍ତ । ଇଂରେଜ କୃପା ଲାଭ କରି ଏକ ଅଞ୍ଚଳ ବିଶେଷର ସେମାନେ ଶାସକ ବୋଲାଉଥିଲେ । ରାଜାଙ୍କ ପ୍ରତ୍ୟକ୍ଷ ଶାସନରେ ସେହି ରାଜ୍ୟ ଶାସିତ ହେଉଥିଲା, ମାତ୍ର ଇଂରେଜ ମାନେ ମୁଖ୍ୟ ଥିଲେ । ପୃଷ୍ଠପଟରେ ରହି ଇଂରେଜମାନେ ହିଁ ଶାସନ କରୁଥିଲେ । ରାଜା ସହିତ ପ୍ରଜାର ସମ୍ପର୍କ ପ୍ରତ୍ୟକ୍ଷ ଥିଲା । ଏଣୁ ସଂଗ୍ରାମ ଯଦି ହେଉଥିଲା ସେ ରାଜା ବିରୁଦ୍ଧରେ, ଇଂରେଜ ରହୁଥିଲେ ଆଡୁଆଳରେ । ତେଣୁ ପରୋକ୍ଷରେ ହେଲେ ମଧ୍ୟ ମାଟି ମାଆର ମୁକ୍ତି ପାଇଁ ଏ ସଂଗ୍ରାମ ଉଦ୍ଦିଷ୍ଟ । ରାଜାଙ୍କ ଅନ୍ୟାୟ ପ୍ରତିବାଦରେ ମାଦ୍ରୀଙ୍କ ଏହି ଆନ୍ଦୋଳନ ମଧ୍ୟ ସେହି ସ୍ୱାଧୀନତା ସଂଗ୍ରାମର ଏକ ଝଲକ । ଅସଙ୍ଗଠିତ ପ୍ରଜାମାନଙ୍କର ଏହି ମେଳି ଭବିଷ୍ୟତ ପାଇଁ ଏକ ଆହ୍ୱାନ ନିଶ୍ଚୟ, "ମାଦ୍ରୀ କାଲୋ ଆନ୍ଦୋଳନ" ତେଣୁ ଗାଙ୍ଗପୁର ଇତିହାସ ପୃଷ୍ଠାରେ ଚିର ଭାସ୍ୱର ।

ମାଦ୍ରୀଙ୍କ ଅନ୍ତେ ତାଙ୍କ ଦ୍ୱାରା ପରିଚାଳିତ ଆନ୍ଦୋଳନ ଶେଷ ହୋଇଯାଇଥିଲା ସତ, ମାତ୍ର ପ୍ରଜା ରକ୍ତରେ ବିଦ୍ରୋହର ଯେଉଁ ସ୍ଫୁଲିଙ୍ଗ ଦାନା ବାନ୍ଧିଥିଲା, ପରବର୍ତ୍ତୀ ସମୟରେ ତାହା ସୁସଙ୍ଗଠିତ ହୋଇଥିଲା । ମହାଭାରତୀୟ ସ୍ୱାଧୀନତା ସଂଗ୍ରାମ ମଧ୍ୟ ଏହିପରି ଅସୁମାରୀ ଆନ୍ଦୋଳନକୁ ପାଥେୟ କରି ଅନୁପ୍ରେରଣା ଲାଭ କରିଥିଲା । ଅନେକ ଅସଫଳତା ପରେ ସ୍ୱାଧୀନତା ମିଳିଛି । ଅନେକ ପ୍ରାଣ ପାତ ହୋଇଛି । ବିପ୍ଳବୀ ମାଦ୍ରୀ କାଲୋଙ୍କର ଏହି ଆନ୍ଦୋଳନ ତା'ର ପ୍ରଥମ ବାରିଧାରା ସଦୃଶ । ଏହି ଆନ୍ଦୋଳନକୁ ପାଥେୟ କରି

ପୁଣି ଗାଙ୍ଗପୁରରେ ଆନ୍ଦୋଳନ ତେଜି ଥିଲା ବିପ୍ଳବୀ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ, ୧୯୩୮ ମସିହାରେ । ଆମ୍‌କୋ–ସିମ୍‌କୋ ଗୁଳିକାଣ୍ଡରେ ନିର୍ମଳ ମୁଣ୍ଡାଙ୍କ ଅନେକ ସହଯୋଗୀ ମୃତାହତ ହୋଇଥିଲେ । ତାହା ମଧ ଥିଲା ପ୍ରଜା ଆନ୍ଦୋଳନ, ଯାହାକି ପରୋକ୍ଷରେ ଇଂରେଜ ଶକ୍ତିକୁ ଚମକାଇ ଦେଇଥିଲା ।

ମା'ମାଟିର ସଂଗ୍ରାମ ପାଇଁ ଆତ୍ମବଳି ଦେଇଥିବା ଏହି ମହାନ ବିପ୍ଳବୀଙ୍କୁ ଅଦ୍ୟାବଧି ଆମେ ଉପଯୁକ୍ତ ସମ୍ମାନ ଦେଇପାରି ନାହିଁ । ତଥାପି ମାଦ୍ରୀ କାଲୋଙ୍କ ନିର୍ଭୀକତା, ସାହସପଣ, ସ୍ୱାଧୀନଚେତା ଭାବ ସ୍ୱାଧିନତା ସଂଗ୍ରାମ ସମୟରେ ଜନସାଧାରଣଙ୍କ ମନକୁ ଯେ ପ୍ରଭାବିତ କରିଥିଲା, ତାହା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଉପହାର ।

**ସହାୟକ ପୁସ୍ତକ ସୂଚୀ**


1. E.T.Dalton : Descriptive Ethnology of Bengal
2. N.Senapati(Ed.) Orissa District Gazetteers (Sundargarh)

୩. କାକଳୀ ପ୍ରକାଶନୀ, କେନ୍ଦୁଝର: ଭଂଜଭୂମି କେନ୍ଦୁଝରୀ

୪. ଡଃ. ନିହାର ରଂଜନ ପଟ୍ଟନାୟକ : ବିପ୍ଳବୀ ନିର୍ମଳମୁଣ୍ଡା, ୧୯୯୬


❑❑

# ସର୍ଦ୍ଦାର ରେଣ୍ଡୋ ମାଝୀ



ସଂପାଦକ

ଅନନ୍ତ ଚରଣ ସାହୁ



## ଉପକ୍ରମଣିକା

ଭାରତବର୍ଷ, ବିଶ୍ୱ ମାନଚିତ୍ରରେ ମାନବ ସଭ୍ୟତାର ଏକ ପ୍ରୟୋଗଶାଳା ଭାବେ ଯୁଗ ଯୁଗରୁ ସ୍ୱାକ୍ଷର ବହନ କରି ଆସିଛି । ଆଦିବାସୀମାନଙ୍କ ପ୍ରଚାର ବିମୁଖ କଳା, ସାହିତ୍ୟ, ସଂସ୍କୃତି, ସମାଜ ଅନ୍ୟକୁ ପ୍ରରୋଚିତ କରିଆସିଛି । ତେବେ ଆମ୍ଭ ପ୍ରଚାର ନଥିବା ଯୋଗୁଁ ସେମାନଙ୍କର କଳାକୌଶଳ ଓ ସ୍ୱାଭିମାନ, ସମୟର କାଳଚକ୍ରରେ ଜନମାନସରେ ବିଲୁପ୍ତ ହୋଇଯାଇଛି । ସ୍ମୃତିର ଅଥଳ ଗର୍ଭରେ ଲୀନ ହୋଇଯାଇଥିବା ଅନେକ ବୀର ପୁରୁଷ ଓ ପ୍ରତିଭାଧାରୀଙ୍କର ସ୍ମୃତିଚାରଣ କରିବା ଲାଗି କୌଣସି ପ୍ରୟାସ କରାଯାଇ ପାରିନାହିଁ । ସେହିପରି ଏକ ଘଟଣା ବହୁଳ, ପ୍ରତିଭାଦୀପ୍ତ ପୁରୁଷ "ରେଣ୍ଡୋ ମାଝୀ" ଜନମାନସରୁ ବିସମୃତ ହେବାକୁ ବସିଛନ୍ତି ।

ଓଡ଼ିଶା ଇତିହାସରେ ଦେଶ ମାତୃକାର ସ୍ୱାଧୀନତା ପାଇଁ ଯେଉଁ ବୀରପୁତ୍ର, ମହାପୁରୁଷମାନେ ତାଙ୍କର ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ବୀରତ୍ୱ, ସାହସ ପ୍ରଦର୍ଶନ କରି ପ୍ରାଣବଳି ଦେଇଥିଲେ, ସେମାନଙ୍କ ମଧ୍ୟରୁ କଳାହାଣ୍ଡିର କନ୍ଧ ସର୍ଦ୍ଦାର ରେଣ୍ଡୋ ମାଝୀ ଅନ୍ୟତମ । କିନ୍ତୁ ପରିତାପର ବିଷୟ, ବଣମଲ୍ଲୀ ବଣରେ ଝଡିଗଲା ପରି ରେଣ୍ଡୋ ମାଝୀଙ୍କ ପରି ଜଣେ ସ୍ୱାଭିମାନୀ ସଂଗ୍ରାମୀ ଲୋକମୁଖରେ ଅଣଚର୍ଚ୍ଚିତ ହୋଇ ରହିଯାଇଛନ୍ତି ।

ଆଦିବାସୀ ନେତା, ଯୁଗପୁରୁଷ, ସଂଗ୍ରାମୀ ସର୍ଦ୍ଦାର ରେଣ୍ଡୋ ମାଝୀ ଏକ ଗରୀବ ଆଦିବାସୀ କନ୍ଧ ପରିବାରରେ ମଦନପୁର-ରାମପୁର ବ୍ଲକ୍‌ର ଉର୍ଲାଦାନୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ରେଣ୍ଡୋ ମାଝୀଙ୍କ ପିତାଙ୍କ ନାମ ଡାବିଶା ମାଝୀ । ଏମାନେ "ବକେରକୀୟା" କନ୍ଧ ସମ୍ପ୍ରଦାୟର ଥିଲେ, ଡାବିଶା ମାଝୀ ଥିଲେ କନ୍ଧମାନଙ୍କର ନେତା, ସେ ତାଙ୍କର ପୂଜାରୀ ଥିଲେ । ଡାବିଶା ମାଝୀ ତାଙ୍କ ସଂପ୍ରଦାୟର ଲୋକମାନଙ୍କର ମଙ୍ଗଳ କାମନା କରି ଧରଣୀ ପେନୁର ପୂଜା କରୁଥିଲେ । ସେ ଥିଲେ ପ୍ରକୃତି, ସଂସ୍କୃତି ଏବଂ ପରଂପରାର ପୂଜାରୀ । ସେ ମଧ୍ୟ ଲୋକମାନଙ୍କର ସବୁ ସମସ୍ୟାର ସମାଧାନ କରୁଥିଲେ ଏବଂ ଭଲ, ମନ୍ଦ ବୁଝୁଥିଲେ । ଡାବିଶା ମାଝୀଙ୍କର ଦୁଇ ପୁତ୍ର ଥିଲେ ରେଣ୍ଡୋ ଏବଂ ଭୁଜ ।

ରେଣ୍ଡୋ ଡାବିଶା ମାଝୀଙ୍କର ଜଣେ ସୁଯୋଗ୍ୟ ସନ୍ତାନ ଥିଲେ । ସେ ତାଙ୍କର ଗ୍ରାମରେ ଯେପରି ଶାନ୍ତି, ଶୃଙ୍ଖଳା ରକ୍ଷା କରୁଥିଲେ ସେହିପରି ନିଜ ପରିବାରରେ ମଧ୍ୟ ଶୃଙ୍ଖଳା ରକ୍ଷା କରୁଥିଲେ । ସେ ଜଣେ ଆଦର୍ଶବାଦୀ ମଣିଷ ଥିଲେ । ସେ ଯଥାର୍ଥରେ ଥିଲେ ସୁପୁତ୍ର, ସ୍ତ୍ରୀଙ୍କ ପାଇଁ ଜଣେ ଉତ୍ତମ ସ୍ୱାମୀ ଏବଂ ପିଲାମାନଙ୍କ ଆଦର୍ଶ ପିତା । କାହାରି ପ୍ରତି କର୍ତ୍ତବ୍ୟରେ ତାଙ୍କର କେବେ ଅବହେଳା ନଥିଲା । ତାଙ୍କର ପାରିବାରିକ ଜୀବନ ଅତ୍ୟନ୍ତ ସୁଖମୟ ଥିଲା । ପତ୍ନୀ ମଧ୍ୟ ତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରୁଥିଲେ ।

## ବାଲ୍ୟ ଓ କୈଶୋର ଜୀବନ :

ରେଣ୍ଡୋ ମାଝୀ ପିଲାଟି ଦିନରୁ ବାପ ଛେଉଣ୍ଡ ଥିଲେ । ମାଆଙ୍କ ଦ୍ୱାରା ଲାଳିତପାଳିତ ହୋଇ ଚାଟଶାଳୀ ଶିକ୍ଷା ସମାପ୍ତ କରି ଉର୍ଲ୍ଲାଦାନୀ ଅଞ୍ଚଳକୁ ଫେରିଯାଇ ଗାଁ ଲୋକଙ୍କ ମଂଗଳ କାମନାରେ ନିଜକୁ ସଂପୂର୍ଣ୍ଣ ନିବେଶ କରିଥିଲେ । ପିଲାଟି ଦିନରୁ ଧନୁଶର ବ୍ୟବହାର ପ୍ରତି ଆଗ୍ରହୀ ହେବା ସଙ୍ଗେ ସଙ୍ଗେ ନଦୀରେ ନୌକା ଚାଳନା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ରହିଥିଲା । ରେଣ୍ଡୋ ମାଝୀ ଅତ୍ୟନ୍ତ ସାହାସୀ ଥିବାରୁ

ବାଘ ପରି ହିଂସ୍ର ଜନ୍ତୁଙ୍କୁ ମଧ୍ୟ ସେ ଖାତିର୍ କରୁନଥିଲେ । ଜଣେ ସାହସୀ ଯୋଦ୍ଧା, ନିଃସ୍ୱାର୍ଥ, ପରୋପକାରୀ, ଦୟାଳୁ, ନିଷ୍ପାପର କର୍ମୀ ହିସାବରେ ଅନ୍ୟାୟ, ଅତ୍ୟାଚାରର ସେ ଘୋର ବିରୋଧି ଥିଲେ ।

**କଳାହାଣ୍ଡି:**

ପୂର୍ବର କଳାହାଣ୍ଡି ଜିଲ୍ଲାରୁ ବର୍ତ୍ତମାନର ନୂଆପଡ଼ା ଏକ ନୂତନ ଜିଲ୍ଲା ରୂପେ ଜନ୍ମ ନେଇଥିଲେ ହେଁ ଅବିଭକ୍ତ କଳାହାଣ୍ଡି ଜିଲ୍ଲା ନୂଆପଡ଼ା, ଧର୍ମଗଡ଼ ଓ କଳାହାଣ୍ଡି ତିନୋଟି ସବ୍‌ଡିଭିଜନକୁ ନେଇ ଜିଲ୍ଲାର ମାନ୍ୟତା ପାଇଥିଲା । ତଥାକଥିତ ରାଜାରାଜୁଡା ଶାସନର ଅନ୍ତ ଘଟାଇ କଳାହାଣ୍ଡି ଜିଲ୍ଲା ସିଧାସଳଖ ଭାବେ ୧୮୬୩ ମସିହାରେ ବ୍ରିଟିଶ ଶାସନାଧିନ ହୋଇଥିଲା । ସେଇଠୁ କଳାହାଣ୍ଡିରେ ଜନବସତିର ମୁଖ୍ୟ ଜନଜାତି କନ୍ଧ ସମାଜ ସମଗ୍ର ଜିଲ୍ଲାରେ ବିଦେଶୀ ଶାସନର ତୀବ୍ର ବିରୋଧି ହୋଇ ପଡିଥିଲା । କନ୍ଧ ସମାଜ ଆଞ୍ଚଳିକ ସ୍ତରକୁ ନେଇ ବିଭିନ୍ନ ବର୍ଗରେ ବିଭକ୍ତ ହୋଇଥିଲେ ମଧ୍ୟ ପ୍ରକୃତିକୁ ଦେବତା ରୂପେ ପୂଜା କରିବାକୁ ନେଇ କୌଣସି ଡଙ୍ଗରିଆ ବା ବକେରକିୟା କନ୍ଧ ମଧ୍ୟରେ ଫରକ ନଥିଲା । ଧରଣୀପେନୁ ପୂଜାରେ ପ୍ରଚଳିତ ମେରିଆ ବଳୀକୁ ବିରୋଧ କରି ବ୍ରିଟିଶ ସରକାର ଏହାକୁ କୁସଂସ୍କାରର ଆଖ୍ୟା ଦେଇଥିଲେ । ଏହାପରେ କନ୍ଧ ଜନଜାତିର ସର୍ଦ୍ଦାରମାନଙ୍କୁ ଜୋର ଜବରଦସ୍ତି ନିଜର ଆନୁଗତ୍ୟକୁ ସ୍ୱୀକାର କରିବାକୁ ବାଧ୍ୟ କରିବା ଦ୍ୱାରା କଳାହାଣ୍ଡିର ସମଗ୍ର ବା ସାମଗ୍ର୍ୟ କନ୍ଧମେଳିର କ୍ରୋଧାଗ୍ନିକୁ ବ୍ରିଟିଶ ଶାସନକୁ ସାମନା କରିବାକୁ ପଡିଥିଲା ।

ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ଭିତରୁ କଳାହାଣ୍ଡି ରାଜ୍ୟରେ ପୂର୍ବେ ନାଗବଂଶୀ ରାଜାମାନେ ଶାସନ କରୁଥିଲେ । କଳାହାଣ୍ଡି ରାଜ୍ୟ ଆଠଟି ଗଡ଼କୁ ନେଇ ଗଠିତ ହୋଇଥିଲା । ପ୍ରତ୍ୟେକ ଗଡ଼କୁ ରାଜାଙ୍କର ଭାଇମାନେ ସାମନ୍ତ ରାଜା ଭାବେ ଶାସନ କରୁଥିଲେ । ପୁନଶ୍ଚ, କଳାହାଣ୍ଡି ରାଜ୍ୟ ପାଞ୍ଚଗୋଟି ସାମନ୍ତ ରାଜ୍ୟରେ ବିଭକ୍ତ ହୋଇଥିଲା । ସେଗୁଡିକ ହେଲା: ଥୁଆମୁଳ, ମଦନପୁର- ରାମପୁର, ଲାଞ୍ଜିଗଡ, କାଶୀପୁର ଓ ଜୟପାଟଣା ।

ସାମନ୍ତ ରାଜ୍ୟ ମଦନପୁର-ରାମପୁରରେ ପାଞ୍ଚଗୋଟି ଗଡ଼ ଥିଲା । ସେଗୁଡ଼ିକ ହେଲା – ମଦନପୁର, ମୋହନଗିରି, ଜପରାଙ୍ଗ, ଉର୍ଲଦାନୀ ଓ ବୁରୁକା । ମୋଟ ୨୦୪ଟି ଗ୍ରାମ ଓ ୧୫ଟି ସବ୍‌ଡ଼ିଭିଜନକୁ ନେଇ ମଦନପୁର-ରାମପୁର ରାଜ୍ୟ ଗଠିତ ହୋଇଥିଲା । ରାଜ୍ୟର ଅଧିକାଂଶ କନ୍ଧ ଏହି ଜିଲ୍ଲାରେ ବସବାସ କରିଥାନ୍ତି। ତତ୍କାଳୀନ ଜନଗଣନା ଅନୁସାରେ (୧୮୫୦) କଳାହାଣ୍ଡିର ଜନସଂଖ୍ୟା ଏକ ଲକ୍ଷ ପାଞ୍ଚ ହଜାର ଥିଲା । ଏମାନଙ୍କ ମଧ୍ୟରୁ ୮୦ ହଜାର ଲୋକ କନ୍ଧ ସଂପ୍ରଦାୟର ଥିଲେ ।

ମଦନପୁର-ରାମପୁର ରାଜ୍ୟର ଗଡ଼ମାନଙ୍କ ମଧ୍ୟରୁ ଉର୍ଲାଦାନୀ (ବାନ୍ଦାଗାଡ଼ା) ଗଡ଼ ସେହି ସମୟରେ ଗୌରବମୟ ତଥା କାଳଜୟୀ ଇତିହାସ ସୃଷ୍ଟି କରିପାରିଥିଲା ଏବଂ ସ୍ୱାଧୀନତା ସଂଗ୍ରାମର ମହାଯଜ୍ଞରେ କଳାହାଣ୍ଡି ତରଫରୁ ରକ୍ତାହୂତି ଦେଇ ଇଂରେଜ ବିରୋଧରେ ଯୁଦ୍ଧର ଡିଣ୍ଡିମ ବଜେଇ ଥିଲା । ଉର୍ଲାଦାନୀ ଗାଁରେ ଉମ୍‌ରାମାନେ ଶାସନ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ଏହି କନ୍ଧ ବହୁଳ ଗ୍ରାମର ମୁଖିଆଙ୍କୁ "ଗଉନ୍ତିଆ" କୁହାଯାଏ । ସେ ଗାଁରେ "ଧରନୀ ମାତା"ଙ୍କୁ ପୂଜା କରନ୍ତି । ତାଙ୍କ ସାଙ୍ଗରେ ଥାଏ

କନ୍ଧ "ଜାନୀ" । ଏହି ଜାନୀଙ୍କ ଶରୀରରେ ଦେବୀ ପ୍ରବେଶ କରି ଲୋକମାନଙ୍କୁ ରୋଗରୁ ରକ୍ଷା କରନ୍ତି ବୋଲି କନ୍ଧ ସମାଜରେ ବିଶ୍ୱାସ ରହିଛି । ଏହି କନ୍ଧମାନେ ପ୍ରକୃତି ପୂଜକ, ମାଟିକୁ "ଧରନୀମାତା" ବୋଲି କହିଥାନ୍ତି। ଉପରେ ଧରମ୍ ଦେବତା ଓ ତଳେ ଧରନୀମାତା, ପ୍ରକୃତିର ଏହି ମୂଳ ଶକ୍ତିକୁ ନେଇ ସଂସାରର ସୃଷ୍ଟି ।

ଏହି କନ୍ଧମାନଙ୍କର ପାଟମାଝୀ ଥିଲେ, ଉର୍ଲାଦାନୀ ଗଡ଼ର ମୁଖିଆ ରେଣ୍ଡୋ ମାଝୀ । ସେ ୩୮ ଖଣ୍ଡ ଗାଁର ଗ୍ରାମବାସୀଙ୍କର ସୁବିଧା, ଅସୁବିଧା, ଭଲମନ୍ଦ, ସୁଖଦୁଃଖ, ସବୁ ବୁଝୁଥିଲେ । କଳାହାଣ୍ଡି ରାଜ୍ୟର ରାଜାଙ୍କର ସାନ ଭାଇ ରାମପୁର ରାଜ୍ୟ ଶାସନ କରୁଥିଲେ । ରେଣ୍ଡୋ ମାଝୀଙ୍କର ନେତୃତ୍ୱରେ ପରିଚାଳିତ ହେଉଥିବା ଗ୍ରାମଗୁଡ଼ିକ ବେଶ ଶୃଙ୍ଖଳିତ ଥିଲା । ରେଣ୍ଡୋ ମାଝୀଙ୍କର ଲୋକମାନଙ୍କ ପ୍ରତି ଥିବା ଭଲ ପାଇବା, ଶ୍ରଦ୍ଧା, ଆଦର, ଯତ୍ନ ଏବଂ ସ୍ନେହପୂର୍ଣ୍ଣ ଶାସନକୁ ଦେଖି ରାମପୁରର ରାଜା ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ। ଏଥିପାଇଁ ସେ ରାମପୁର ରାଜାଙ୍କର ଅତ୍ୟନ୍ତ ପ୍ରିୟ ପାତ୍ର ଥିଲେ। ସମଗ୍ର ରାମପୁରରେ ରେଣ୍ଡୋ ମାଝୀଙ୍କୁ ପାଟ ମାଝୀ ରୂପେ ଲୋକମାନେ ଜାଣିଥିଲେ ।

ରେଣ୍ଡୋ ମାଝୀଙ୍କର ପିତୃ ଦତ୍ତ ନାମ ଥିଲା "ରିନ୍ଦୋ ମାଝୀ" । ପରବର୍ତ୍ତୀ କାଳରେ ଇଂରେଜ ଶାସନ ସମୟରେ ସେମାନଙ୍କ ଭାଷାଗତ ଜଟିଳତା ଦୃଷ୍ଟିରୁ ସେମାନେ ରିନ୍ଦୋ ଶବ୍ଦକୁ ଅପଭ୍ରଂଶ କରି ରେଣ୍ଡୋ ବୋଲି ଉଚ୍ଚାରଣ କରିଥିଲେ। ଫଳରେ ସେହି ସମୟରୁ ତାଙ୍କର ନାମ 'ରିନ୍ଦୋ' ପରିବର୍ତ୍ତେ "ରେଣ୍ଡୋ ମାଝୀ" ବୋଲି ପ୍ରତ୍ୟେକ କାଗଜ, ନଥିପତ୍ରରେ ଉଲ୍ଲେଖିତ ହୋଇଛି ।

**ମୁକ୍ତି ସଂଗ୍ରାମ ଓ କଳାହାଣ୍ଡିର କନ୍ଧ :**

ପାହାଡ଼ ପର୍ବତ ଘେରା ଘଞ୍ଚ ଜଙ୍ଗଲ ମଧ୍ୟରେ ବାସ କରୁଥିବା କନ୍ଧ ଜନଜାତିମାନଙ୍କର ମାଟି ପ୍ରତି ମୋହ ଅଧିକ । ସେମାନେ ନିଜକୁ ମାଟି ବା ଭୂମିର ସନ୍ତାନ ବୋଲି କହିଥାନ୍ତି । କନ୍ଧମାନେ ପ୍ରକୃତିର ସନ୍ତାନ ହୋଇଥିବା କଥା ବିଶ୍ୱାସ କରି ପ୍ରକୃତିର ସବୁ କିଛି ସେମାନଙ୍କର ବୋଲି ଭାବିଥାନ୍ତି । ସେମାନେ ଜଙ୍ଗଲ ଉପରେ ଭରସା କରି ଚଳୁଥିବା ହେତୁ ଚାଷ କାର୍ଯ୍ୟ କରୁନଥିଲେ କି ରାଜାଙ୍କୁ ରାଜସ୍ୱ ଦେଉ ନଥିଲେ । ଭୂମିକୁ ସେମାନେ ନିଜସ୍ୱ ବୋଲି ଭାବୁଥିଲେ । ମାଟି ମା'ର ସନ୍ତାନ ଭାବରେ ତାଙ୍କର ତା' ଉପରେ ପୂର୍ଣ୍ଣ ଅଧିକାର ଥିଲା । ସେମାନେ ରାଜସ୍ୱ ଦେବା କଥାଟା ମଧ୍ୟ ବୁଝି ନଥିଲେ । କନ୍ଧମାନଙ୍କ ପରି ସେହି ଅଞ୍ଚଳରେ ବାସ କରୁଥିବା ଅନ୍ୟାନ୍ୟ ଜନଜାତି ଯଥା 'ଗଣ୍ଡ'ମାନେ ମଧ୍ୟ ରାଜାଙ୍କୁ ରାଜସ୍ୱ ଦେଉନଥିଲେ । କଳାହାଣ୍ଡିରେ ସର୍ବାଧିକ ସଂଖ୍ୟାରେ କନ୍ଧମାନେ ବାସ କରୁଥିଲେ । ମରହଟ୍ଟା ଶାସକ ଦ୍ୱିତୀୟ ରଘୁଜୀ କଳାହାଣ୍ଡି ସମେତ ପାଟଣା ଓ ସମ୍ବଲପୁର ରାଜ୍ୟକୁ ଶାସନ କରୁଥିଲେ । ଏହାଥିଲା ୧୮୦୬ ମସିହା କଥା । ଦ୍ୱିତୀୟ ରଘୁଜୀଙ୍କ ଶାସନ କାଳ ଅତି ଉତ୍ତମ ଥିଲା । ସେ ଜଣେ ପ୍ରଜା ବତ୍ସଳ ରାଜା ଥିଲେ । ତାଙ୍କ ଶାସନ କାଳରେ ସାମାଜିକ, ଅର୍ଥନୈତିକ ଉନ୍ନତି ସମ୍ଭବପର ହୋଇପାରିଥିଲା । ତାଙ୍କର ଶାସନ କାଳରେ ରାଜ୍ୟରେ ଶାନ୍ତି, ଆନନ୍ଦ ଏବଂ ସମୃଦ୍ଧି ବିରାଜମାନ କରୁଥିଲା । ୧୮୦୭ରୁ ୧୮୧୮ ମସିହାରେ ଇଂରେଜ-ମରାଠା ଯୁଦ୍ଧ ହୋଇଥିଲା । ଏ ଯୁଦ୍ଧରେ ନାଗପୁରର ରାଜା ଡେଁଉସା ରଘୁଜୀ ହାରିଯାଇଥିଲେ । ଫଳରେ ସମଗ୍ର ନାଗପୁର ରାଜ୍ୟ ଇଂରେଜ ଶାସକଙ୍କ ଅଧୀନକୁ ଚାଲିଯାଇଥିଲା । ୧୮୫୩ ମସିହାରେ କଳାହାଣ୍ଡି ଯାହାକି ବହୁ ପୂର୍ବରୁ ନାଗପୁର ରାଜ୍ୟ

ଅଧୀନରେ ଥିଲା ଇଂରେଜମାନଙ୍କ ଅଧୀନକୁ ଚାଲିଆସିଲା । ଏହି ସମୟ ଥିଲା କଳାହାଣ୍ଡି ରାଜ୍ୟ ପ୍ରତି ଏକ ଦୁଃସମୟ । ଇଂରେଜ ଶାସକର ଚତୁରତାର ଶିକାର ହୋଇଥିଲେ କଳାହାଣ୍ଡିର ଜନସାଧାରଣ ତଥା ନିରୀହ ଆଦିବାସୀ । କଳାହାଣ୍ଡି ଭାଗ୍ୟାକାଶକୁ ବିପଦର କରାଳ ଛାୟା ମାଡ଼ି ବସିଥିଲା । ୧୮୩୧ ମସିହାରୁ ଶାସନ ଭାର ଗ୍ରହଣ କରିଥିବା ଫତେ ନାରାୟଣ ଦେଓ ୧୮୫୪ ମସିହାରେ ମୃତ୍ୟୁବରଣ କରିଥିଲେ । ସେ ଜଣେ ଉତ୍ତମ ପ୍ରଜାବତ୍ସଳ ରାଜା ଥିଲେ । କଳାହାଣ୍ଡିର ପ୍ରଜାମାନଙ୍କର ଭଲ ମନ୍ଦ, ସୁଖ ଦୁଃଖ ବୁଝିବାରେ ରାଜା ଫତେ ନାରାୟଣ ଦେଓ କେବେ ହେଲେ ଦ୍ୱିଧା ପ୍ରକାଶ କରିନଥିଲେ। ପ୍ରଜାମାନଙ୍କ ସୁଖରେ ସୁଖି ଏବଂ ଦୁଃଖରେ ଦୁଃଖି ହେଉଥିଲେ । ତାଙ୍କର ପ୍ରଜାବତ୍ସଳତା ଓ ଉତ୍ତମ ଚରିତ୍ର ଯୋଗୁଁ ସେ କଳାହାଣ୍ଡିରେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ । ତାଙ୍କର ଶାସନ ବ୍ୟବସ୍ଥାକୁ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କୁହାଯାଉଥିଲା । ତାଙ୍କର ମୃତ୍ୟୁ ପରେ ଉତ୍ତରାଧିକାରୀ ସୂତ୍ରରେ ରାଜା ଉଦିତ୍ ପ୍ରତାପ ଦେଓ କଳାହାଣ୍ଡି ରାଜ୍ୟର ଶାସନ ଭାର ଗ୍ରହଣ କରିଥିଲେ । ସେ ମଧ୍ୟ ଜଣେ ଉତ୍ତମ ତଥା ପରାକ୍ରମଶାଳୀ ଶାସକ ଥିଲେ । ସମଗ୍ର ରାଜ୍ୟର ସୁପରିଚାଳନା ତାଙ୍କୁ ଭଲଭାବେ ଜଣାଥିଲା। ସବୁ ସମସ୍ୟାର ସମାଧାନ ସେ ଠିକ୍ ଭାବରେ କରିପାରୁଥିଲେ । ପ୍ରଜାମାନଙ୍କ ମଧ୍ୟରେ ମତାନ୍ତର ଏବଂ ମନାନ୍ତର ଦ୍ୱାରା ସୃଷ୍ଟି ହେଉଥିବା ବିଦ୍ରୋହ, ଆନ୍ଦୋଳନ, ବିକ୍ଷୋଭର ସେ ଆଶୁ ସମାଧାନ ଅତି ସହଜରେ କରିପାରୁଥିଲେ । ସେ ଜଣେ ପୋଖତ୍ ରାଜନୈତିଜ୍ଞ ଥିଲେ । ତାଙ୍କୁ ପ୍ରକୃତ ରାଜନୀତି ଜଣାଥିଲା। କିନ୍ତୁ ଏହି ରାଜାଙ୍କର ରାଜତ୍ୱ ସମୟରୁ ହିଁ ବ୍ରିଟିଶ୍ ସାମ୍ରାଜ୍ୟର ପ୍ରବେଶ ଆରମ୍ଭ ହୋଇଥିଲା । ଇଂରେଜମାନେ ନିଜର ଏକଚାଟିଆ ନୀତି ପ୍ରଦର୍ଶନ କରି ସମଗ୍ର କଳାହାଣ୍ଡିକୁ ନିଜ ଅକ୍ତିଆରକୁ ନେଇ ଯାଇଥିଲେ। ଏହାପରେ ଇଂରେଜ ସରକାରଙ୍କ ଅତ୍ୟାଚାର ରୂପକ ମହାମାରୀ ଦ୍ୱାରା ଜନତା ଆତଙ୍କିତ ହୋଇପଡିଥିଲେ। ଏହି ସମୟରୁ ପ୍ରଜାମାନଙ୍କ ଅନ୍ତର ତଳେ ପ୍ରତିଶୋଧ ପାଇଁ ବିଦ୍ରୋହର ଶିଖା ଜଳି ଉଠିଥିଲା।

ବିଦ୍ରୋହ ଚାଲିଥାଏ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଖୋର୍ଦ୍ଧାର ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଆଉ ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଚାଲୁଥିବା ସଂଗ୍ରାମ ନେଇ ଇଂରେଜ ସେନା ପ୍ରମାଦ ଗଣୁଥାନ୍ତି । ଇଂରେଜ ସରକାରଙ୍କର ସନ୍‌ସେଟ ଲ' ତଥା ଜନସ୍ୱାର୍ଥ ବିରୋଧି ଭୂରାଜସ୍ୱ ଆଇନ ଦ୍ୱାରା ଅନେକ ଭୂମି ମାଲିକ ଓ ଜମିଦାର ନିଜ ଜମିରୁ ଉଚ୍ଛେଦ ହୋଇଥିଲେ । ଏହା ଜନତାଙ୍କ ପ୍ରତି କଟା ଘା'ରେ ଚୂନ ଦେବା ସଦୃଶ୍ୟ କଷ୍ଟଦାୟକ ଥିଲା ।

ଯେଉଁ ଦିନଠାରୁ ଲେଫଟ୍‌ନାଣ୍ଟ ମ୍ୟାକ୍‌ନିଏଲ ସାହେବ ମଦନପୁର-ରାମପୁର ରାଜ୍ୟର ଉର୍ଲାଦାନୀ (ବାନ୍ଦାଗାଡ଼ା) ଗଡ଼ରେ ପ୍ରଥମେ ପାଦ ଦେଇଥିଲେ, ସେହିଦିନଠାରୁ ସେଠାରେ ବସବାସ କରୁଥିବା କନ୍ଧମାନଙ୍କର ଦୁର୍ଦ୍ଦିନ ଆରମ୍ଭ ହୋଇଥିଲା ।

ଲେଫ୍‌ଟ୍‌ନାଣ୍ଟ ମ୍ୟାକ୍‌ନିଏଲ୍ ଏହି ଉର୍ଲାଦାନୀ ମାଳ ଅଞ୍ଚଳରେ ଇଂରେଜ ଶାସନର ମୂଳଦୁଆ ସ୍ଥାପନ କରିଥିଲେ । ସେ ଜାଣିପାରିଲେ ଯେ, ଏଠାରେ ପ୍ରଚୁର ବନଜାତ ଦ୍ରବ୍ୟ ମହଜୁଦ୍ ଅଛି । ଯାହାକୁ ବ୍ୟବହାର କରି ସେମାନେ କଞ୍ଚାମାଲ ସହିତ ବେଶ୍ କିଛି ଅର୍ଥ ମଧ୍ୟ ଉପାର୍ଜନ କରିପାରିବେ । ଏହି କଥା ମନରେ ବିଚାର କରି ସେ ପ୍ରଥମେ ରାଜାଙ୍କୁ ହାତ କରି ନେବା ପାଇଁ ଚେଷ୍ଟା କରିଥିଲେ । ଯେଉଁଥିପାଇଁ ସେ ରାଜାଙ୍କ ନିକଟକୁ ସନ୍ଧିପତ୍ର ପଠାଇଥିଲେ । ଚତୁର ଇଂରେଜ ଗୋଷ୍ଠୀର ଏହି ସନ୍ଧିପତ୍ରକୁ ରାଜା ପ୍ରଥମେ ଏଡ଼ାଇ

ଦେଇଥିଲେ । କିନ୍ତୁ ଗୋରା ସାହେବମାନେ ଏଥିରେ ହଟିଯାଇନଥିଲେ । ଲେଫଟ୍‌ନାଣ୍ଟ ମ୍ୟାକ୍‌ନିଏଲ୍ ସାହେବ ତାଙ୍କର କୁଟିଳ ନୀତି ପ୍ରୟୋଗ କଲେ ଏବଂ ସଫଳ ହେଲେ ମଧ୍ୟ । ପ୍ରଥମେ ତାଙ୍କର ଦୃଷ୍ଟି ଏହି ନୀରିହ ଆଦିବାସୀ ଗୋଷ୍ଠୀ ବ୍ୟବହାର କରୁଥିବା ଚାଷଜମି ଏବଂ ଜଙ୍ଗଲ ଉପରେ ପଡ଼ିଥିଲା । ଇଂରେଜ ସରକାର ଏହା ଉପରେ କର ବସାଇ ଥିଲେ । ଫଳରେ ସେ ଅଞ୍ଚଳରେ ବାସ କରୁଥିବା ନିଷ୍କପଟ କନ୍ଧ ଗୋଷ୍ଠୀର ଜୀବନ ଓ ଜୀବିକା ବିଷମୟ ହୋଇ ପଡ଼ିଥିଲା । ସେମାନେ ସାଧାରଣ ମଣିଷର ଅର୍ଥନୈତିକ ଅବସ୍ଥାକୁ ପଙ୍ଗୁ କରି ତା' ଉପରେ ହୁକୁମ୍ ଚ଼ଳାଇବା ଆରମ୍ଭ କରି ଦେଉଥିଲେ ।

କନ୍ଧ ଆଦିବାସୀ ଗୋଷ୍ଠୀମାନଙ୍କର ଜଙ୍ଗଲ ଉପରେ ସଂପୂର୍ଣ୍ଣ ଅଧିକାର ଥାଏ । ସେମାନେ ଜଙ୍ଗଲରୁ ତାଙ୍କର ଦୈନନ୍ଦିନ ଜୀବନର ଆବଶ୍ୟକ ପଦାର୍ଥ ସଂଗ୍ରହ କରିଥାନ୍ତି । ଏହା କାହାରି ଦାନ ବା ଦୟା ନୁହେଁ। ଧରଣୀ ମାତା ସେମାନଙ୍କୁ ଏହି ଜଙ୍ଗଲ ଦେଇଛି ଏହା ଉପରେ ତାଙ୍କର ପୂର୍ଣ୍ଣ ସ୍ୱାଧୀନତା ଅଛି । ତେଣୁ ସେ ଏହି ଜଙ୍ଗଲ ଉପରେ ନିର୍ଭର କରି ତାଙ୍କର ଜୀବିକାର୍ଜନ କରିଥାନ୍ତି । ଯେଉଁ ଜଙ୍ଗଲ ଜନତାର ସୁଖଦୁଃଖର ସାହାଭରସା ଏବଂ ସାଥି ଥିଲା ସେହି ଜଙ୍ଗଲରୁ ଜାତ ଦ୍ରବ୍ୟକୁ ବ୍ୟବହାର କରିବା ପାଇଁ ଆଦିବାସୀମାନଙ୍କୁ କଂପାନୀ ସରକାରକୁ କର ଦେବାକୁ ପଡ଼ିବ ବୋଲି ଆଇନ୍ ପ୍ରଣୟନ କରାଗଲା । ଖାଲି ଜଙ୍ଗଲଜାତ ଦ୍ରବ୍ୟ ଉପରେ ସରକାର କର ବସାଇ ମନ ଶାନ୍ତି ହେଲାନି ଯେ, ଏହି ଗରିବ ଆଦିବାସୀର ରୋଜଗାରର ମୁଖ୍ୟ ପନ୍ଥା ଚାଷ ଜମି ଉପରେ ମଧ୍ୟ କର ଲାଗୁ କଲେ। ଆଦିବାସୀମାନଙ୍କର ନିହାତି ନିଜର ଚାଷ ଜମି ଏବଂ ଜଙ୍ଗଲ ପାଇଁ ଗୋରା ସାହେବଙ୍କୁ କର ଦେବା କଥା ବାସ୍ତବରେ କେତେଯେ ମର୍ମସ୍ପର୍ଶୀ ଘଟଣା ତାହା ସହଜରେ ଅନୁମେୟ। ଏହିପରି ଏକ ଦୁଃଖ ଦାୟକ ଘଟଣା ସେମାନଙ୍କ ଜୀବନରେ ଘଟିବ ତାହା ଏହି ସରଳବିଶ୍ୱାସୀ, ଆଦିବାସୀ ଗୋଷ୍ଠୀ କେବେ ସ୍ୱପ୍ନରେ ମଧ୍ୟ ଭାବି ନଥିଲେ । ଏହିପରି ଭାବରେ ସରଳ ବନବାସୀ ଜନତାଙ୍କ ଉପରେ ଅତ୍ୟାଚାର ଏବଂ ଶୋଷଣମାତ୍ରା ବଢ଼ି ଚାଲିଲା । ସେମାନଙ୍କର ବଞ୍ଚିବା କଷ୍ଟକର ହୋଇଗଲା । ଜୀବନ ଧାରଣର ମାନ ଦିନକୁଦିନ ଦୟନୀୟ ହେବାକୁ ଲାଗିଲା । ଫଳରେ ଧିରେଧିରେ ଏହି ଆଦିବାସୀଙ୍କର ଆର୍ଥିକ, ସାମାଜିକ ତଥା ନୈତିକ ପ୍ରଗତିରେ ଅଧୋଗତି ହେଲା। ତାଙ୍କର ସ୍ୱଚ୍ଛନ୍ଦମୟ ଜୀବନଧାରା ଶୃଙ୍ଖଳବଦ୍ଧ ହେବାରୁ ସେମାନେ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ ।

ଏଥିସହ ଗଞ୍ଜାମ ଜିଲ୍ଲାର କୁମୁଟି ମହାଜନଙ୍କ ହାତରେ ଏଠିକାର ଜଙ୍ଗଲ ଠିକା ଦିଆଗଲା । ହରିଡ଼ା, ବାହାଡ଼ା, ମହୁଲ, ଝୁଣା, କେନ୍ଦୁପତ୍ର, ଲାଖ ପ୍ରଭୃତି ଜଙ୍ଗଲ ଜାତ ଦ୍ରବ୍ୟ କୁମୁଟି ମହାଜନମାନେ କିଣିବା ଆରମ୍ଭ କରିଦେଲେ ।

ସରକାରଙ୍କର ହୁକୁମ୍ ବିନା ଟିକସରେ ବନ୍ୟଜାତ ଦ୍ରବ୍ୟକୁ କେହି ଛୁଇଁ ପାରିବେନି । ଆଦିବାସୀମାନଙ୍କର ନିଜ ଜିନିଷ ଉପରୁ ଅଧିକାର ଚାଲି ଯାଇଥିଲା। ସରକାରଙ୍କର ଟିକସ ଆଦାୟ କରିବା ସହିତ କୁମୁଟି ମହାଜନମାନେ ଅତି କମ୍ ମୂଲ୍ୟରେ ଏହି ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟକୁ କିଣିବାକୁ ଲାଗିଲେ । ସାଧାରଣ ନିରୀହ ଆଦିବାସୀମାନେ, ସରକାରଙ୍କ ନିର୍ମମ ନିୟମ ଫଳରେ ନିର୍ଯ୍ୟାତିତ ହେବାକୁ ଲାଗିଲେ।

ଏଇଠାରୁ ହିଁ ଆରମ୍ଭ ହେଲା ଇଂରେଜ ଓ ଆଦିବାସୀମାନଙ୍କ ମଧ୍ୟରେ ବିଦ୍ରୋହର ସୂତ୍ରପାତ । କାରଣ ସେମାନେ ପୂର୍ବରୁ ରାଜସ୍ୱ ଦେଉ ନଥିଲେ । ରାଜାମାନେ ମଧ୍ୟ କନ୍ଧମାନଙ୍କଠାରୁ ରାଜସ୍ୱ ଆଦାୟ ନକରି

ସେମାନଙ୍କୁ ଦେଶ ରକ୍ଷା କାର୍ଯ୍ୟରେ ନିୟୋଜିତ କରୁଥିଲେ । କନ୍ଧମାନେ ଯୁଦ୍ଧ କରିବାରେ ପାରଙ୍ଗମ ହେବା ସହିତ ସାହସୀ ଏବଂ ଯୋଦ୍ଧା ଥିଲେ । ସେମାନେ କଷ୍ଟ ସହିଷ୍ଣୁ ମଧ୍ୟ ଥିଲେ । ଅପର ପକ୍ଷରେ କନ୍ଧ ଜନଜାତିମାନଙ୍କର ସଂଖ୍ୟାଧିକତା କେତେକ କ୍ଷେତ୍ରରେ ଅନ୍ୟ ଆଦିବାସୀ ଗୋଷ୍ଠୀ ତୁଳନାରେ ନିଜକୁ ସ୍ୱତନ୍ତ୍ର ଭାବେ ପରିଗଣିତ ହେବାରେ ସାହାଯ୍ୟ କରୁଥିଲା ।

୧୮୫୦ ମସିହା ବେଳକୁ କଳାହାଣ୍ଡି ରାଜ୍ୟରେ ୧୭୫୪ଟି ଗାଁ ଥିଲା । ଏହି ସମସ୍ତ ଗାଁର ଜନସଂଖ୍ୟା ପ୍ରାୟ ଏକ ଲକ୍ଷ ପାଞ୍ଚ ହଜାର ଥିଲା । ସମୁଦାୟ ଲୋକ ସଂଖ୍ୟା ମଧ୍ୟରୁ ପ୍ରାୟ ୮୦ ହଜାର କନ୍ଧ ଥିଲେ । ସର୍ବାଧିକ କନ୍ଧ ଅଧିବାସୀ ହୋଇଥିବାରୁ କନ୍ଧ ଓ ରାଜାମାନଙ୍କ ମଧ୍ୟରେ ଏକ ସୁସଂପର୍କ ଥିଲା । ଉଭୟ କନ୍ଧ ଓ ରାଜା ପରସ୍ପରର ପରିପୂରକ ଥିଲେ । ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଥିଲା । ପ୍ରତ୍ୟେକ ଅସୁବିଧା ସମୟରେ ଉଭୟେ ଉଭୟଙ୍କୁ ସାହାଯ୍ୟ କରୁଥିଲେ । ଜଣକର ସାହାଯ୍ୟ ଏବଂ ସହଯୋଗ ବିନା ଅନ୍ୟ ଜଣେ ଅଧୁରା ହୋଇଯାଉଥିଲା । କଳାହାଣ୍ଡି ଇଂରେଜମାନଙ୍କର ଶାସନାଧିନ ହେଲା ପରେ ରାଜ୍ୟରେ ପୂର୍ବରୁ ପ୍ରଚଳିତ ଆଇନ୍‌କାନୁନ୍ ନୀତିନିୟମରେ ଘୋର ପରିବର୍ତ୍ତନ ଦେଖା ଦେଇଥିଲା । କାରଣ ରାଜାମାନେ ଇଂରେଜ ସରକାରର ଅଧିନକୁ ଚାଲିଯାଇଥିଲେ । କୌଣସି କ୍ଷେତ୍ରରେ ସେମାନଙ୍କର ଅଧିକାର ନଥିଲା । ସେମାନେ ଇଂରେଜ ଶାସକ ଗୋଷ୍ଠୀର ପରାଧିନତାର ଶିକାର ହୋଇଯାଇଥିଲେ । ଏହି ସମୟରେ ହିଁ ଇଂରେଜ ସରକାର, ରାଜା ଓ ଆଦିବାସୀମାନଙ୍କ ସୁସଂପର୍କ ମଝିରେ ପୋତି ଦେଇଥିଲେ ଏକ କଳି ମଞ୍ଜି, ଆଉ ଆଣି ଦେଇଥିଲେ ଏକ ସୁନାମି ଝଡ଼ର ସୂଚନା । କାରଣ ରାଜା ଓ କନ୍ଧମାନଙ୍କ ମଧ୍ୟରେ ସୁସଂପର୍କ ଥିବା ହେତୁ ଇଂରେଜମାନେ ମଧ୍ୟ ସାହାସ କରିପାରୁନଥିଲେ କଳାହାଣ୍ଡିକୁ ଅକ୍ତିଆର କରିବାକୁ । କାହିଁକି ନା କନ୍ଧମାନେ ହେଉଛନ୍ତି ଜିଦ୍‌ଖୋର ଏବଂ ଲଢୁଆ ଜାତି ଆଉ ତାଙ୍କ ବଳରେ ସେହି ସମୟରେ ରାଜାମାନେ ବଳୀୟାନ ହୋଇଥିଲେ । ରାଜାମାନଙ୍କୁ ଇଂରେଜ ଏବଂ ମରାଠା ଶାସକମାନଙ୍କୁ ରାଜସ୍ୱ ଦେବାକୁ ପଡ଼ିଲା । ତେଣୁ କଳାହାଣ୍ଡି ରାଜା ରାଜସ୍ୱ ଆଦାୟ ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାରୁ ଚାଷୀମାନଙ୍କୁ ଅଣାଇ ସେମାନଙ୍କ ହାତରେ କଳାହାଣ୍ଡିର ଜମି ଦେଲେ । ସେହି ଚାଷୀମାନେ ମାଗଣାରେ ଅନେକ ଜମି ପାଇ ଉର୍ବର କଳାହାଣ୍ଡି ମାଟିରେ ଭଲ ଫସଲ କଲେ । ରାଜା ଅଧିକାଂଶ ଜମିକୁ ଚାଷୀମାନଙ୍କ ନାମରେ କରିଦେଇ ତାଙ୍କ ଠାରୁ ରାଜସ୍ୱ ଆଦାୟ କଲେ ।

ଏଣେ ଜମି ସବୁ ପ୍ରକୃତିର ସଂପତ୍ତି ଏବଂ କନ୍ଧମାନଙ୍କର ତା' ଉପରେ ଅଧିକାର ଥିବା କଥାରେ ବିଶ୍ୱାସ ରଖୁଥିବା କନ୍ଧମାନେ ସବୁ କଥା ବୁଝିବା ଆଗରୁ ସେମାନଙ୍କ ଜମି ସୀମିତ ସଂଖ୍ୟକ ବାହାର ଚାଷୀଙ୍କ ହାତରେ ରାଜା ସମର୍ପି ଦେଇ ସାରିଥିଲେ । ଏହି ପରିସ୍ଥିତିରେ କଳାହାଣ୍ଡିର ୮୦ ଭାଗ ଲୋକ ଏକ ପ୍ରକାର ଭୂମିହୀନ ଅବସ୍ଥାକୁ ଚାଲି ଆସିଲେ । ଅଥଚ କିଛି ହାତଗଣା ଚାଷୀ କଳାହାଣ୍ଡିର ଜମିକୁ ଭୋଗ ଦଖଲ କରି ବେଶ୍ ଲାଭବାନ୍ ହେଲେ । ଏହି ସମୟ ଯୁଗଯୁଗ ଧରି ଜମି ଉପରେ ଅଧିକାର ସାବ୍ୟସ୍ତ କରି ଆସୁଥିବା ନିରୀହ, କନ୍ଧମାନଙ୍କ ଜୀବନରେ ଏକ ସଂକଟାପନ୍ନ ପରିସ୍ଥିତି ସୃଷ୍ଟି କରିଥିଲା । ଏହାଦ୍ୱାରା ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭାଙ୍ଗିଯାଇଥିଲା । ଏହା ସେମାନଙ୍କ ଜୀବନ ଇତିହାସରେ ଅତ୍ୟନ୍ତ ଦୁଃଖମୟ ସମୟ ଥିଲା । ଯେଉଁଥିପାଇଁ ସେମାନେ ଅନେକ ଦୁଃଖ, କଷ୍ଟ, ଅନାହାରର ସମ୍ମୁଖୀନ ହୋଇଥିଲେ । ଆଜିଯାଏ

ସେହି ସ୍ଥିତି କଳାହାଣ୍ଡିରେ ରହିଛି ଓ ସଂଖ୍ୟାଧିକ ଲୋକ ନିଜ ଗାଁରେ ଭୂମିହୀନ ହୋଇ ପଡିରହିବା ସହ ଦାରିଦ୍ର୍ୟ ସହ ସଂଘର୍ଷ କରୁଛନ୍ତି। ଚତୁର ଫିରିଙ୍ଗିର ଚତୁରତାର ପରିସୀମା ଖୁବ୍ ବ୍ୟାପକ ଥିଲା । ସେ ଏହିପରି ଏକ ଜାଲ ଟାଣିଥିଲା ଯେଉଁଠିକି ଶିକାର ଓ ଶିକାରୀ ଉଭୟ ପଡ଼ି ଦହଗଞ୍ଜ ହେବେ ଏବଂ ଫାଇଦାଟି ଉଠାଇବ କମ୍ପାନୀ ସରକାର ।

୧୮୪୪ ମସିହାରେ ଏହି କାରଣରୁ ହିଁ କଳାହାଣ୍ଡିର ଉମ୍ରା ଓ ମାଝୀ ପଦ ଉଠିଗଲା ଆଉ ୧୮୪୦-୫୦ ମଧ୍ୟରେ ଜମିଦାରୀ ପ୍ରଥା ମଧ୍ୟ ବଦଳି ଯାଇ ଜମି ମାଲିକ ପ୍ରଥାର ପ୍ରଚଳନ ହୋଇଥିଲା ।

କଳାହାଣ୍ଡି ରାଜାଙ୍କର ଏହିପରି ଅମାନବିକ ଏବଂ ଅମାନୁଷିକ କାର୍ଯ୍ୟ କନ୍ଧମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଥିଲା । ସେହି ଅଶାନ୍ତି ଏବଂ ଅସନ୍ତୋଷ ସମୟ କ୍ରମେ ବିଦ୍ରୋହ ବା ଆନ୍ଦୋଳନର ରୂପ ନେଲା । ଉର୍ଲାଦାନୀ ଅଞ୍ଚଳରେ କନ୍ଧମାନେ ଏକଜୁଟ ହୋଇ ନିଜର ନ୍ୟାଯ୍ୟ ଅଧିକାରକୁ ନେଇ ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଦେଇଥିଲେ । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ କନ୍ଧ ନେତା ରେଣ୍ଡୋ ମାଝୀ । କାରଣ ଗ୍ରାମର ଶାସନ ଓ ଜମି କନ୍ଧମାନଙ୍କ ହାତରୁ ରାଜା ଚତୁରତାର ସହ କାଢି ନେଇ ବାହାର ଲୋକଙ୍କ ହାତରେ ଦେଇଥିଲେ । ପୂର୍ବରୁ ରାଜାମାନେ କନ୍ଧମାନଙ୍କର ପରାକ୍ରମ ବିଷୟରେ ବେଶ୍ ପରିଚିତ ଥିଲେ । ତେଣୁ ରେଣ୍ଡୋ ମାଝୀଙ୍କ ଆନ୍ଦୋଳନ ଦେଖି ରାମପୁର ରାଜା ନିଜକୁ ନିର୍ଦ୍ଦୋଷ କହି ସବୁ ଦୋଷ କଳାହାଣ୍ଡିର ରାଜା ଓ ଇଂରେଜମାନଙ୍କ ଉପରେ ଲଦି ଦେଲେ । ରାମପୁର ରାଜାଙ୍କୁ ଶ୍ରଦ୍ଧା କରୁଥିବା ରେଣ୍ଡୋ ମାଝୀ ରାଜାଙ୍କର ଚତୁରତାପୂର୍ଣ୍ଣ କଥାର ମୂଳ ଖିଅ ଧରି ନପାରି ସବୁର କାରଣ ଇଂରେଜ ବୋଲି ବୁଝିଲେ, ଯାହା ଫଳରେ କି ଆଦିବାସୀମାନେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ବିଭିନ୍ନ ପ୍ରକାରର ପ୍ରଜାମେଳି, ବିଦ୍ରୋହ ଏବଂ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସବୁ ଆରମ୍ଭ କଲେ ।

### ସଂଗ୍ରାମର ପୃଷ୍ଠଭୂମି:

କନ୍ଧ ସଂଗ୍ରାମର ପୃଷ୍ଠଭୂମି ୧୮୩୭ ରୁ ୧୮୫୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରି ଚାଲିଥିଲା। ମାଡ୍ରାସ ପ୍ରେସିଡେନ୍ସି ଓ କେନ୍ଦ୍ରୀୟ ବେଙ୍ଗଲ ପ୍ରୋଭିନ୍ସିର ଘୁମୁସର, ସୋରଡ଼ା, ଚିନାକେମିଡ଼ି, ପାରଳାଖେମୁଣ୍ଡି, ବୌଦ୍ଧ, କଳାହାଣ୍ଡି, ଜୟପୁର ଓ ପାଟନା ପରିସୀମା ଭିତରେ କନ୍ଧ ଆନ୍ଦୋଳନର ପରିସୀମା ବ୍ୟକ୍ତ ଥିଲା । କନ୍ଧ ସାମ୍ରାଜ୍ୟ ବହୁଧା ବିଭକ୍ତ ଥିଲା । ଏଗୁଡ଼ିକୁ ସେ ସମୟରେ ମୁଠା କୁହାଯାଉଥିଲା ଏବଂ କେତେଗୁଡିଏ ମୁଠାକୁ ନେଇ 'ମାଲିଆ' ଗଠିତ ହୋଇଥିଲା । ପ୍ରତ୍ୟେକ ମୁଠାରେ ଜଣେ ମୁଠାଦାର, ପାତ୍ର ବା ବିଶୋୟୀ ସଞ୍ଜାଧାରୀ ବ୍ୟକ୍ତି ଏହାର ମୁଖ୍ୟ ବୋଲାଉଥିଲେ ଏବଂ ସେହି ସଙ୍ଗଠିତ ମୁଠାକୁ ନେଇ ଗଡ଼ା ଯାଇଥିବା ମାଲିଆର ମୁଖ୍ୟକୁ ମାଲିଆ ସର୍ଦ୍ଦାର ଭାବେ ପରିଗଣିତ କରାଯାଉଥିଲା । ମୁଠାର ମୁଠାଦାରମାନଙ୍କୁ ସହଯୋଗ କରୁଥିବା ବ୍ୟକ୍ତି ସାଧାରଣତଃ ଦୋରା ବିଶୋୟୀ ଭାବରେ ଘୁମୁସର ଅଞ୍ଚଳରେ ପରିଚିତ ଥିଲେ । ଧର୍ମୀୟ ସହାବସ୍ଥାନକୁ ଲକ୍ଷ୍ୟ କଲେ ମୁଖ୍ୟତଃ ଏମାନେ ୨ ଭାଗରେ ବିଭକ୍ତ ହୋଇଥିଲେ ଯଥା - ଦୋରା କନ୍ଧ ଏବଂ ତାରିକନ୍ଧ । ଏହାଛଡ଼ା କନ୍ଧ ସମ୍ପ୍ରଦାୟ ମଧ୍ୟରେ ଅନେକ ଉପଜାତି ମଧ୍ୟ ରହୁଥିଲେ । ଦେଖିବାକୁ ଗଲେ ସେ ସମୟରେ କନ୍ଧ ସମାଜ ସମରକଳା ନିପୁଣ ଥିଲେ । ଆଦିବାସୀ ସମ୍ପ୍ରଦାୟର ଏହି କନ୍ଧଜାତି ସ୍ୱାଧୀନ

ଭାବରେ ବଣଜଙ୍ଗଲରେ ବିଚରଣ କରିବାକୁ ପସନ୍ଦ କରୁଥିବା ବେଳେ ସମୟର କାଳଚକ୍ରରେ ସାଧାରଣ ବର୍ଗଙ୍କ ରାଜନୈତିକ ଆଧିପତ୍ୟକୁ ସେମାନେ କୌଣସି ମତେ ଗ୍ରହଣ କରିବାକୁ ରାଜି ନଥିଲେ । ଏହି ମନୋବୃତ୍ତି ହିଁ ତାଙ୍କୁ ବ୍ରିଟିଶ ରାଜତ୍ୱ ସମୟରେ ବିଦେଶୀ ଆଧିପତ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଖୋରାକ ଯୋଗାଇଥିଲା । କନ୍ଧ ସାମ୍ରାଜ୍ୟରେ ଚଳି ଆସିଥିବା ମେରିଆ ପୂଜା ବିରୋଧରେ ବ୍ରିଟିଶ ଶାସକ ନିଷେଧାଜ୍ଞା ଜାରି କଲା ପରେ ସମସ୍ତ କନ୍ଧ ଜାତି ଏହା ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ । ସାମାଜିକ ଓ ଧର୍ମୀୟ ଚିନ୍ତାଧାରାର ମୂଳଭିତ୍ତି ମେରିଆ ପୂଜାକୁ ସହଜରେ ଛାଡ଼ିଦେବା ପାଇଁ ସେ ସମୟରେ ସେମାନେ ପ୍ରସ୍ତୁତ ନଥିଲେ । କନ୍ଧ ସମ୍ପ୍ରଦାୟର ପୂଜକଙ୍କୁ ଟଙ୍କା, ଜାଗା ଓ ଗାଈ, ମଇଁଷି ଆଦି ମାଗଣାରେ ପ୍ରଦାନ କରି ସେମାନଙ୍କୁ ପ୍ରଲୋଭିତ କରି ଧର୍ମାନ୍ତିକରଣ ପ୍ରକ୍ରିୟା କନ୍ଧମାନଙ୍କୁ ସେତେବେଳେ ରକ୍ତ ମୁଖା କରି ରଖିଥିଲା । ଧରଣୀ ପେନୁ କନ୍ଧ ସମ୍ପ୍ରଦାୟର ମୁଖ୍ୟ ଦେବତା ଥିଲେ । ଧରଣୀ ପେନୁକୁ ରକ୍ତ ଦେଲେ ଧରଣୀ ମାତା ତାଙ୍କୁ ପ୍ରଚୁର ଫସଲ ଦେବା ସହିତ ସବୁ ପ୍ରକାରର ଦୈବଦୁର୍ବିପାକରୁ ରକ୍ଷା କରି ସମୃଦ୍ଧି ଆଣିଦେବ ବୋଲି ସେମାନଙ୍କର ଚିରାଚରିତ ବିଶ୍ୱାସ ରହି ଆସିଅଛି । ପୌଷ ପୂର୍ଣ୍ଣିମାର ଧରଣୀ ପେନୁକୁ ସନ୍ତୁଷ୍ଟ କରିବା ଲାଗି ବଳି ଦେବା କନ୍ଧ ସମ୍ପ୍ରଦାୟର ଧର୍ମୀୟ ଚିନ୍ତାଧାରାର ଏକ ମୁଖ୍ୟ ଉତ୍ସ ହୋଇ ରହିଥିଲା ।

ବ୍ରିଟିଶ ଶାସନ କନ୍ଧ ସମ୍ପ୍ରଦାୟରୁ ମେରିଆ ବଳୀ ପ୍ରଥାକୁ ବନ୍ଦ କରିବାରେ ବିଫଳ ହେବା ପରେ ଜୋରଜବରଦସ୍ତି ବଳ ପ୍ରୟୋଗ କରି ଏହା ବନ୍ଦ କରିବା ପାଇଁ ଚେଷ୍ଟା କଲା । କନ୍ଧମାନଙ୍କର ନିବାସସ୍ଥଳର ଭୌଗୋଳିକ କ୍ଷେତ୍ର ଏତେ ଅଗମ୍ୟ ଥିଲା ଯେ, ବ୍ରିଟିଶ ଶାସକ ପକ୍ଷେ ଏ ପ୍ରକାର ଦୁରୁହ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକାରୀ କରିବା ସହଜ ହୋଇପାରି ନଥିଲା ।

## ବ୍ରିଟିଶ ବିରୋଧରେ ରେଣ୍ଡୋ ମାଝୀଙ୍କ ସଂଗ୍ରାମ:

ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ସାଂସ୍କୃତିକ ପରମ୍ପରା ବା ଧର୍ମୀୟ ପୂଜାପଦ୍ଧତିରେ ଯେତେ କଠୋର ପଦ୍ଧତି ଅବଲମ୍ବନ କରା ହେଉଥିଲା ତାହା ସମସ୍ତେ ଅନ୍ଧ ଭାବରେ ଗ୍ରହଣ କରିନେଉଥିଲେ । ଏମିତିକି ସମ୍ପୃକ୍ତ ଅଞ୍ଚଳର ଶାସକ ଗୋଷ୍ଠୀ ରାଜା ମହାରାଜାମାନେ ମଧ୍ୟ ଏଥିପ୍ରତି ନୀରବତା ଅବଲମ୍ବନ କରୁଥିଲେ । କାରଣ ସେମାନେ ଭଲଭାବେ ଅବଗତ ଥିଲେ ଯେ, ଯଦି କନ୍ଧମାନଙ୍କର କୌଣସି ଧର୍ମଭାବନା ଉପରେ ଅଙ୍କୁଶ ଲଗାଯାଏ, ତେବେ ସେମାନେ କାହାରିକୁ ଛାଡିବେନି ବରଂ ସେମାନଙ୍କ ମଧ୍ୟରେ ଅଶାନ୍ତି ବଢ଼ିବ, ଯାହା ଫଳରେ କି ଭବିଷ୍ୟତର ଶାସନ ପ୍ରଣାଳୀ ତଥା ରାଜପଦବୀ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେବ । ଇଂରେଜମାନେ ଓଡ଼ିଶାକୁ ଆଗମନ କରିବା ପରେପରେ ସେମାନଙ୍କର ଦକ୍ଷିଣ ଓଡ଼ିଶାର କନ୍ଧମାନେ ବହୁତ ଧୁମ୍‌ଧାମ୍‌ରେ ପାଳନ କରୁଥିବା ମେରିଆ ପର୍ବ ଉପରେ ସେମାନଙ୍କର ଦୃଷ୍ଟି ପଡ଼ିଥିଲା । ଇଂରେଜମାନଙ୍କ ମତରେ ମେରିଆ ପର୍ବ ସମ୍ପୂର୍ଣ୍ଣ ଭାବରେ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ଉପରେ ପର୍ଯ୍ୟବସିତ । ଏହିଭଳି ଏକ ଅମାନୁଷିକ, ନିଷ୍ଠୁର, କଠୋର ପ୍ରଥାକୁ ସମାଜରେ ପାଳନ କରିବା ଉଚିତ ନୁହେଁ ଏବଂ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ସେମାନେ ବିଭିନ୍ନ ପ୍ରକାରର କୁଟନୀତି ଅବଲମ୍ବନ କରିଥିଲେ ।

କେବଳ ଯେ, କଳାହାଣ୍ଡିର କନ୍ଧମାନେ ମେରିଆ ଦେଉଥିଲେ ତାହା ନୁହେଁ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାଗୁଡିକରେ ବାସ କରୁଥିବା କନ୍ଧମାନେ ମଧ୍ୟ ଏହି ପ୍ରଥା ପାଳନ କରୁଥିଲେ । ଅନୁଗୁଳ, ବୌଦ୍ଧ,

ବୋଡ଼ାସମ୍ବର, ପାଟଣା ଆଦି ଅଞ୍ଚଳରେ ମଧ୍ୟ ଏହି ମେରିଆ ପର୍ବ ଜାକଜମକରେ ପାଳିତ ହେଉଥିଲା । ଏହା ସେମାନଙ୍କର ସବୁଠାରୁ ବଡ ଏବଂ ମୁଖ୍ୟ ପର୍ବ ଥିଲା । ଏହି ସବୁ ଆଦିବାସୀ ବହୁଳ ଅଞ୍ଚଳରୁ ମେରିଆ ପର୍ବ ପରି ଅନ୍ୟାନ୍ୟ ଧାର୍ମିକ ପ୍ରଥା ଯାହାକି ଲୋକବିଶ୍ୱାସ ଏବଂ ପରମ୍ପରା ଉପରେ ପର୍ଯ୍ୟବସିତ ତାହାକୁ ବନ୍ଦ କରିବା ପାଇଁ ଆଇନ ପ୍ରଣୟନ କରାଗଲା । ଏହି ଆଇନ କିନ୍ତୁ ପ୍ରତିକୂଳ ପ୍ରଭାବ ପକାଇଥିଲା କନ୍ଧ ଗୋଷ୍ଠୀ ଉପରେ । କାରଣ ଏମାନେ ଏହି ସବୁ ପର୍ବକୁ ଅତ୍ୟନ୍ତ ନିଷ୍ଠା, ଶ୍ରଦ୍ଧା ଏବଂ ଭକ୍ତି ସହିତ ନିଜର ତଥା ନିଜ ସମାଜର ଅଭିବୃଦ୍ଧି ହେବା ସକାଶେ ପାଳନ କରୁଥିଲେ । ଯୁଗଯୁଗର ବିଶ୍ୱାସକୁ ହଠାତ୍ ବନ୍ଦ କରିଦେବା ସେମାନଙ୍କ ପକ୍ଷରେ ଗ୍ରହଣୀୟ ବା ହୁଅନ୍ତା କିପରି ।

କନ୍ଧ ସମାଜରେ ପ୍ରଚଳିତ ଚାଲିଚଳଣି, ରୀତିନୀତି ଉପରେ ବାହ୍ୟ ଶତ୍ରୁ ଅଯଥା ହସ୍ତକ୍ଷେପ କଲେ ସେମାନେ ଅତ୍ୟନ୍ତ ଆଘାତ ପାଆନ୍ତି ଏବଂ ହିଂସ୍ର ହୋଇଯାଆନ୍ତି । ଏହାଦ୍ୱାରା ନିଜର ଅନ୍ତରରେ କୁହୁଳୁ ଥିବା ଅଶାନ୍ତିର ଭାବକୁ ବାହାରେ ତଥା ମିଳିତ ହୋଇ ପ୍ରକାଶ କରିବାକୁ ସେମାନେ ସୁଯୋଗ ପାଇଥାନ୍ତି । ଏଥିପାଇଁ ଅଭାବ ଥିଲା ଏକ ଦୃଢ଼ ନେତୃତ୍ୱର । ସେହି ଶୂନ୍ୟସ୍ଥାନକୁ ପୂରଣ କରିଥିଲେ ଉର୍ଲାଦାନୀ କନ୍ଧମାନଙ୍କର ପାଟମାଝୀ, ସର୍ଦ୍ଦାର ରେଣ୍ଡୋ ମାଝୀ ।

ବ୍ରିଟିଶ ଶାସନ ପ୍ରତି ଆଦିବାସୀ ଜନତା ବିତସ୍ପୃହ ହେବାର ଏକମାତ୍ର କାରଣ ମେରିଆ ପର୍ବ ଉଚ୍ଛେଦ ନଥିଲା । ଏଥି ସହିତ ଆହୁରି ଅନେକ କାରଣ ମଧ୍ୟ ଯୋଡ଼ି ହୋଇ ରହିଥିଲା । ରାଜସ୍ୱ, କର, ଖଜଣା ଆଦି ଶବ୍ଦ ସେମାନଙ୍କ ପାଇଁ ନୂଆ ଥିଲା । ଏହି ବାବଦରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । କାରଣ ସେମାନେ ଭାବୁଥିଲେ ସେମାନେ ପ୍ରକୃତିର ସନ୍ତାନ, ପ୍ରକୃତି ଉପରେ ନିର୍ଭର କରି ସେମାନେ ବଞ୍ଚିଥାନ୍ତି । ସେମାନେ କାହାରି ଧାର ଧାରନ୍ତି ନାହିଁ । ଜଙ୍ଗଲ ଡଙ୍ଗରରେ ବାସ କରୁଥିବା କନ୍ଧମାନେ ସାଧାରଣତଃ ପୋଡୁଚାଷ କରି ଜୀବିକା ନିର୍ବାହ କରୁଥିଲେ । ମାଟିର ଉର୍ବରତା ଦୃଷ୍ଟିରୁ ସେମାନେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥାନ୍ତି । ସେମାନେ ଜଙ୍ଗଲର ଏକ ଅଂଶରୁ ଗଛଲତା ସବୁ କାଟି ଚାଷ ଜମି ପ୍ରସ୍ତୁତ କରୁଥିଲେ । ପୁରୁଷ  ପୁରୁଷ ଧରି ପ୍ରଚଳିତ ଏହି ପ୍ରଥା ଉପରେ ଜମି ଭୋଗ କରୁଥିଲେ । ସରକାରଙ୍କୁ ରାଜସ୍ୱ ବା ଖଜଣା ଦେବା କଥା ସେମାନଙ୍କର ଚିନ୍ତାର ବାହାରେ ଥିଲା । ଖଜଣା ଦେବା ଭଳି ଆର୍ଥିକ ଅବସ୍ଥା ମଧ୍ୟ ସେମାନଙ୍କର ନଥିଲା। ଆଦିବାସୀମାନେ ବଞ୍ଚିବା ପାଇଁ ଯେତିକି ଅତ୍ୟାବଶ୍ୟକ ପଦାର୍ଥ ତାହା ସେମାନେ ଜଙ୍ଗଲରୁ ହିଁ ସଂଗ୍ରହ କରିଥାନ୍ତି। ଅଧିକ ଚାଷ କରି ଅଧିକ ଅମଳ ପାଇବା, ସେଥିରୁ ଲାଭବାନ ହୋଇ ଧନୀ ହେବାର ସ୍ୱପ୍ନ ସେମାନେ କେବେ ବି ଦେଖନ୍ତି ନାହିଁ । ରାଜା ମହାରାଜାମାନେ ମଧ୍ୟ କେବେ ଆଦିବାସୀମାନଙ୍କ ଉପରେ କର ଧାର୍ଯ୍ୟ କରୁନଥିଲେ। ଓଡ଼ିଶାକୁ ଇଂରେଜମାନେ ପ୍ରବେଶ କରିବା ଫଳରେ କମ୍ପାନୀ ଶାସନ ପ୍ରବର୍ତ୍ତନ ହେଲା । ରାଜାମାନେ ବ୍ରିଟିଶ ସରକାରର ଅଧୀନକୁ ଯାଇ ନିଜର ଶାସନ କ୍ଷମତାକୁ ହରାଇ ବସିଥିଲେ । ଯାହା ଫଳରେ କି ସେମାନଙ୍କର ଶାସନ ନୀତି କାମ କରିନଥିଲା । ଇଂରେଜମାନେ କଳାହାଣ୍ଡିର ଜଙ୍ଗଲ ସମ୍ପଦକୁ ଦେଖି ସେଥିରୁ ଅଧିକ ଲାଭବାନ ହେବା ଆଶାରେ ତାହା ଉପରେ କର ବସାଇଥିଲେ । ସେମାନେ ଭୂମି ସତ୍ୱାଧିକାର ଆଇନ୍ ପ୍ରଣୟନ କଲେ ଯାହାଦ୍ୱାରା ଜନସାଧରଣ ବିନା ଟିକସରେ ଜଙ୍ଗଲଜାତ

ଦ୍ରବ୍ୟକୁ ଛୁଇଁ ପାରିବେନି । କମ୍ପାନୀ ଶାସନର ଏହି ନୂଆ ପ୍ରକାର ଆଇନକୁ ଆଦିବାସୀମାନେ ମାନିବାକୁ ପ୍ରସ୍ତୁତ ନଥିଲେ । ରେଣ୍ଡୋ ମାଝୀ ନିଜେ ମଧ୍ୟ ଏହି ନୀତିକୁ ବିରୋଧ କଲେ ।

ଜଙ୍ଗଲକୁ ଠିକା ଦେଇ ବିଭିନ୍ନ ଜିନିଷ ଉପରେ କର ବସାଇଥିଲେ ମଧ୍ୟ ଇଂରେଜ ସରକାର ଆଦିବାସୀମାନଙ୍କୁ ଗୋଲାମ୍ କରି ପାରିନଥିଲା । ନିଷ୍ଠୁର ଇଂରେଜ ସରକାର ସେମାନଙ୍କୁ ଦମନ କରି ନପାରି ଦରିଦ୍ର, ନିଃସହାୟ, ସରଳ ପ୍ରକୃତିର ଆଦିବାସୀଙ୍କ ବାସ ଗୃହରେ ଶେଷରେ ନିଆଁ ଲଗାଇ ଦେଇଥିଲା । ଘରେ ନିଆଁ ଲଗାଇ କ୍ୟାମ୍ପବେଲ ସାହେବ୍ କିନ୍ତୁ ବଡ ଭୁଲ୍ କରିଥିଲେ । ସେହି ନିଆଁ କନ୍ଧମାନଙ୍କ ଘରେ ନଜଳି ବିଦ୍ରୋହୀ ଛାତିତଳେ ହୁତୁହୁତୁ ହୋଇ ଜଳି ଉଠିଥିଲା ଏବଂ କ୍ରୋଧ ରୂପକ ଅଗ୍ନିକୁ ବହୁଗୁଣିତ କରିଥିଲା ।

ଗୋଟିଏ ପାର୍ଶ୍ୱରେ ଘରପୋଡ଼ି ଓ ଅନ୍ୟ ପାର୍ଶ୍ୱରେ ରାଜପ୍ରାସାଦ ଲୁଟ୍‌ପାଟ୍ ସମ୍ବାଦ ମେଳିମାନଙ୍କ ପାଖରେ ପହଞ୍ଚିବା ମାତ୍ରେ ସେମାନେ ସିଂହ ପରି ଗର୍ଜି ଉଠିଥିଲେ । ରେଣ୍ଡୋ ମାଝୀ ତାଙ୍କ ଅଧୀନରେ ଥିବା ୩୮ଟି ଗାଁର ଧର୍ମମୁଖ୍ୟ, ରାଜନୈତିକ ମୁଖ୍ୟମାନଙ୍କୁ ଏକଜୁଟ୍ କରି ବିଦ୍ରୋହ ଆରମ୍ଭ କରିଥିଲେ । ଉର୍ଲାଦାନୀରୁ ଏହି ବିଦ୍ରୋହର ସୂତ୍ରପାତ ହୋଇଥିଲା । ରେଣ୍ଡୋ ମାଝୀଙ୍କ ବିଦ୍ରୋହକୁ ବୌଦ୍ଧ, ବଲାଙ୍ଗୀରର ରାଜାଙ୍କର ପ୍ରେରଣା ଆହୁରି ଖୋରାକ ଯୋଗାଇଥିଲା । ଯାହାଫଳରେ କି ସେ ଶହଶହ ଜନତାଙ୍କୁ ଉର୍ଲାଦାନୀଠାରେ ଉଦ୍‌ବୋଧନ ଦେଇ ବିପ୍ଳବର ମହାନ୍ ସ୍ରୋତରେ ସାମିଲ କରି ସରକାର ବିରୋଧରେ ରକ୍ତମୁଖା ସଂଗ୍ରାମର ଡାକରା ଦେଇଥିଲେ ।

ରେଣ୍ଡୋ ମାଝୀଙ୍କ ନେତୃତ୍ୱରେ କନ୍ଧମାନଙ୍କ ବିଦ୍ରୋହ ପ୍ରଥମେ ରାମପୁର ରାଜାଙ୍କ ବିରୋଧରେ ହୋଇଥିଲା । କାରଣ ଇଂରେଜମାନେ ରାଜାମାନଙ୍କ ଦ୍ୱାରା ପରୋକ୍ଷ ଭାବେ କନ୍ଧମାନଙ୍କଠାରୁ ରାଜସ୍ୱ ଆଦାୟ କରୁଥିଲେ । ଏଥିରେ ରାଜାମାନେ ଇଂରେଜମାନଙ୍କୁ ପୂର୍ଣ୍ଣ ସହଯୋଗ କରୁଥିଲେ । ନଚେତ୍ ସେମାନଙ୍କୁ ରାଜପଦବୀ ହରାଇବାକୁ ପଡ଼ିବ । ସେମାନେ କ୍ଷମତାଚ୍ୟୁତ ହେବା ଭୟରେ ଇଂରେଜ ସରକାର ସହିତ ସାଲିସ୍ କରି ଚାଲିଥିଲେ । କନ୍ଧମାନଙ୍କର ଏପରି ସଂଗ୍ରାମ ଦେଖି ରାଜା ମଧ୍ୟ ଭୟଭୀତ ହୋଇଯାଇ ସବୁ ଦୋଷ ଇଂରେଜମାନଙ୍କ ମୁଣ୍ଡରେ ଲଦି ଦେଇଥିଲେ । ଆଦିବାସୀ ଗୋଷ୍ଠୀ ରାଜାଙ୍କର କଥାର ଅର୍ଥ ବୁଝି ଇଂରେଜମାନେ  ଯେ ସବୁ ବିଶୃଙ୍ଖଳାର ମୂଳ କାରଣ ବୋଲି ଜାଣିଲେ । ତେଣୁ ପରବର୍ତ୍ତୀ ସଂଗ୍ରାମ ସେମାନଙ୍କର ଇଂରେଜମାନଙ୍କ ବିରୋଧରେ ଆରମ୍ଭ ହୋଇଥିଲା ।

ଏହି ସମୟରେ ଘୁମୁସରର ଯୋଦ୍ଧା, 'ବୀର ଚକରା ବିଶୋୟୀ' କନ୍ଧମାନଙ୍କୁ ମେଳି କରି ଇଂରେଜମାନଙ୍କ ବିରୋଧରେ ତୁମୁଳ ଯୁଦ୍ଧ ଚଳାଇଥାନ୍ତି । ରେଣ୍ଡୋ ମାଝୀଙ୍କ ପରି ଚକରା ବିଶୋୟୀ ମଧ୍ୟ ଜଣେ ଟାଣୁଆ ନେତା ଥିଲେ । ସେ ଅନ୍ୟାୟ, ଅତ୍ୟାଚାର, ଶୋଷଣର ଘୋର ବିରୋଧି ଥିଲେ । ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶାର କେତେକ ନେତୃବୃନ୍ଦ ଅର୍ଥ ଏବଂ କ୍ଷମତା ଲୋଭର ବଶବର୍ତ୍ତୀ ହୋଇ ଗୋରାମାନଙ୍କୁ ସାହାଯ୍ୟ କରୁଥାନ୍ତି । ସେମାନେ ନିଜର ସ୍ୱାର୍ଥ ପାଇଁ କେତେକ ଗୋପନ ତଥ୍ୟ ଏବଂ ଆଦିବାସୀମାନଙ୍କର ଗୋପନ ମେଳିସ୍ଥାନ ବାବଦରେ ମଧ୍ୟ ଇଂରେଜମାନଙ୍କୁ ତଥ୍ୟ ପ୍ରଦାନ କରୁଥିଲେ । ଫଳରେ ଅନେକ ସମୟରେ ଆଦିବାସୀଙ୍କର ଯୋଜନାଗୁଡିକ ଫଳପ୍ରଦ ହୋଇ ପାରୁନଥିଲା ।

ଏହି ବିଦ୍ରୋହ ଚାଲିଥିବା ସମୟରେ କନ୍ଧମାନଙ୍କ ମଧ୍ୟରେ ଏକ ସମସ୍ୟା ମୁଣ୍ଡ ଟେକିଥିଲା ଯାହା ଫଳରେକି ରେଣ୍ଡୋ ମାଝୀ ଅତ୍ୟନ୍ତ ବ୍ୟସ୍ତ ହୋଇ ଯାଇଥିଲେ । ସବୁ ବର୍ଗର କନ୍ଧମାନଙ୍କର ସମାନ ପରିମାଣର ଜମି ନଥିଲା । ଯେଉଁ ମାନଙ୍କର ଅଧିକ ଜମି ଥିଲା ଏବଂ ସେମାନଙ୍କ ଜମି ଇଂରେଜମାନେ ଅକ୍ତିଆର କରିବା ଫଳରେ ସେମାନେ ଭୂମିହୀନ ହୋଇଗଲେ । ତେଣୁ ସେମାନେ ବିଦ୍ରୋହ ପାଇଁ ରେଣ୍ଡୋ ମାଝୀଙ୍କୁ ସମର୍ଥନ କଲେ । କିନ୍ତୁ କୁଟିଆ କନ୍ଧମାନଙ୍କର ଅନ୍ୟମାନଙ୍କ ତୁଳନାରେ କମ୍ ଜମି ଥିବାରୁ ସେମାନେ ଏହି ବିଦ୍ରୋହରେ ଅଂଶଗ୍ରହଣ କରିବାକୁ ରାଜି ହେଲେ ନାହିଁ । ଏହିପରି ଅନେକ ପ୍ରତିକୂଳ ପରିସ୍ଥିତିର ସାମନା କରିବାକୁ ପଡିଥିଲେ ମଧ୍ୟ ରେଣ୍ଡୋ ମାଝୀ ନିଜର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନଥିଲେ ।

ବ୍ରିଟିଶମାନେ ଦକ୍ଷିଣ ଓଡ଼ିଶାରେ ଲୋକ ପ୍ରିୟ ମେରିଆ ପ୍ରଥା ବନ୍ଦ କରିବା ପାଇଁ ୧୮୪୫ ମସିହାରେ ଲେଫ୍‌ନାଣ୍ଟ କର୍ଣ୍ଣେଲ କେମ୍ପବେଲଙ୍କୁ ସରକାରୀ ଏଜେଣ୍ଟ ଭାବେ ନିଯୁକ୍ତି କଲେ । ଇଂରେଜମାନେ ନୂଆ ବୁଦ୍ଧି କୌଶଳ ଅବଲମ୍ବନ କରି କନ୍ଧମାନଙ୍କୁ ଦମନ କରିବାକୁ ଯେତେ ଯୋଜନା କଲେ ମଧ୍ୟ ସେମାନେ ଏଥିରେ ସଫଳ ହୋଇନଥିଲେ । ରେଣ୍ଡୋ ମାଝୀ ଏବଂ ସାଥୀ ମାର୍ଣ୍ଣିମାଝୀଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ଫଳରେ ଫିରିଙ୍ଗି ସରକାର ବ୍ୟତିବ୍ୟସ୍ତ ହୋଇପଡୁଥିଲେ । ସେମାନେ ଚିନ୍ତା କରିପାରୁ ନଥିଲେ ଏହି ବିଦ୍ରୋହ କିପରି ଦମନ କରାଯିବ । ରେଣ୍ଡୋ ମାଝୀଙ୍କ ପରି କୌଶଳୀ ସଂଗ୍ରାମୀ ବୀରଙ୍କୁ କେମିତି ସେମାନେ ଗିରଫ କରିବେ । ହେଲେ ଦେଶ ମାତୃକାର ପରମ ଭକ୍ତ, ପ୍ରକୃତିର ପୂଜକ, ନିଜ ଜାତି ଭାଇଙ୍କର ସୁଖଦୁଃଖର ସାଥି ରେଣ୍ଡୋ ମାଝୀଙ୍କ ଉପରେ ମା' ସମଲାଇ, ମା' ମାଣିକେଶ୍ୱରୀ ଓ ଧରଣୀପେନୁଙ୍କ ଅପାର କରୁଣା ବଳରେ ସେ ଖୁବ୍ ବଳଶାଳୀ ଥିଲେ ଏବଂ ପ୍ରତ୍ୟେକ ରଣ କୌଶଳରେ ବିଜୟ ଲାଭ କରିଚାଲିଥିଲେ । ତାଙ୍କ ତୀକ୍ଷ୍ଣ ବୁଦ୍ଧି ଯୋଗୁଁ ସେ ଇଂରେଜମାନଙ୍କ ହାତରେ ଧରାପଡୁନଥିଲେ ।

ରେଣ୍ଡୋ ମାଝୀଙ୍କର ରଣ କୌଶଳ ଦେଖି କର୍ଣ୍ଣେଲ କେମ୍ପବେଲ୍ ସାହେବଙ୍କ ହୃତସ୍ପନ୍ଦନ ବହୁଗୁଣିତ ହୋଇ ଯାଇଥାଏ। ବାରମ୍ବାର ବିଦ୍ରୋହୀମାନଙ୍କ ଦ୍ୱାରା ଶିକାର ହୋଇ ଫିରିଙ୍ଗି ସୈନ୍ୟ ମଧ୍ୟ ଅସ୍ତବ୍ୟସ୍ତ ହୋଇ ପଡୁଥିଲେ। ଇଂରେଜମାନେ ବଡ ଚିନ୍ତାରେ ପଡ଼ିଯାଇଥିଲେ। ବିଚାର ବିମର୍ଷ କରି କ'ଣ ଏବଂ କେମିତି କରିବେ, ଭାବିଭାବି ଶାନ୍ତିରେ ନିଶ୍ୱାସ ନେଇ ପାରୁ ନଥାନ୍ତି । ପ୍ରବଳ ପରାକ୍ରମଶାଳୀ ବୀର ଯୋଦ୍ଧା ରେଣ୍ଡୋ ମାଝୀଙ୍କୁ କିପରି ଗିରଫ କରିବେ ସେହି ଚିନ୍ତାରେ ତାଙ୍କ ଦିନ ରାତି ବିତୁଥାଏ ।

୧୮୫୩ ମସିହାରେ ଇ.ଏ. ସାମୁଏଲସ୍ ସାହେବ ଦୀନବନ୍ଧୁ ପଟ୍ଟନାୟକଙ୍କୁ କନ୍ଧମାଳର ତହସିଲଦାର ରୂପେ ନିଯୁକ୍ତ କଲେ । ଏତେ ସବୁ ସତର୍କତା ପରେ ମଧ୍ୟ ବ୍ରିଟିଶ ସରକାର କନ୍ଧମାନଙ୍କୁ ଦମନ କରିବାରେ କିମ୍ବା କନ୍ଧ ବିଦ୍ରୋହର ମୁଖ୍ୟ ପୃଷ୍ଠପୋଷକ ଚକରା ବିଶୋୟୀ ଓ ରେଣ୍ଡୋ ମାଝୀଙ୍କୁ ଧରିବାରେ ସଫଳ ହୋଇପାରୁ ନଥିଲେ ।

ଶେଷରେ ଫୁଲବାଣୀ ଜିଲ୍ଲାର ତତ୍କାଳୀନ ତହସିଲଦାର ଦୀନବନ୍ଧୁ ପଟ୍ଟନାୟକ କଳେବଳେ କୌଶଳେ ରେଣ୍ଡୋ ମାଝୀଙ୍କୁ ଧରାଇ ଦେବେ ବୋଲି କହି ଇଂରେଜମାନଙ୍କୁ ଆଶ୍ୱସନା ଦେଇଥିଲେ ।

ଘାଇଲା ବାଘ ପରି ଇଂରେଜ ସରକାର ଦୀନବନ୍ଧୁ ପଟ୍ଟନାୟକ ସାଥିରେ ରେଣ୍ଡୋ ମାଝୀଙ୍କୁ ଖୋଜି ବୁଲିଲା । ଏହି ସମୟରେ ରେଣ୍ଡୋ ମାଝୀ ତାଙ୍କ ଶ୍ୱଶୁର ଘର ଲୁବେନଗଡ଼କୁ କିଛିଦିନ ପାଇଁ ଚାଲି ଯାଇଥିଲେ । ଲୁବେନ୍‌ଗଡ଼ ହେଉଛି ଝରଣା, ଘଞ୍ଚ ବଣ ଜଙ୍ଗଲ ପରିପୂର୍ଣ୍ଣ ଅଞ୍ଚଳ ଯାହାର ଚାରିପଟେ ଦୁର୍ଗମ ପାହାଡ଼ ଅବସ୍ଥିତ । ଏହା କଳାହାଣ୍ଡିର ଶେଷ ସୀମା ତଥା ଉର୍ଲାଦାନୀ ଗ୍ରାମ ପଞ୍ଚାୟତ ଓ ଫୁଲବାଣୀ ସୀମାସ୍ଥିତ ପାହାଡ଼ ଘେରା ଗ୍ରାମ ଅଟେ ।

ଏହା ପ୍ରକୃତରେ ଗଡ଼ ପରି ଗଡ଼ଟିଏ । ଯାହାର ଚତୁଃପାର୍ଶ୍ୱରେ ପରସ୍ତ ପରସ୍ତ ପାହାଡ଼ ଘେରି ରହିଛି । ଏହାର ପୂର୍ବରେ ଦୁରାବାଲି, ପଶ୍ଚିମରେ ମୁତୁଙ୍ଗି ଓ ଶାମ୍ଭୁ, ଉତ୍ତରରେ ଗସ୍କା ତଥା ଦକ୍ଷିଣରେ ଲୁବେନ ପାହାଡ଼ ଅବସ୍ଥିତ । ଏଥିରୁ ସ୍ପଷ୍ଟ ଜଣାପଡେ ଯେ, ଏହି ଲୁବେନ ପାହାଡ଼ର ନାମାନୁସାରେ ଗଡ଼ଟିର ନାମ ଲୁବେନଗଡ଼ ରଖାଯାଇଛି । ପାହାଡ଼ଗୁଡ଼ିକ କେବଳ ଗ୍ରାମର ସୀମା ନିର୍ଦ୍ଧାରଣ କରେ ନାହିଁ ବରଂ ଅପର ପକ୍ଷରେ ଅସଂଖ୍ୟ ପାହାଡ଼ର ଅବସ୍ଥିତି ଲୁବେନଗଡ଼କୁ ସୁରକ୍ଷା ପ୍ରଦାନ କରେ, ପୂର୍ବପଶ୍ଚିମସ୍ଥିତ ଦୁରାବାଲି ଓ ମୁତୁଙ୍ଗି, ଶାମ୍ଭୁ ପାହାଡ଼ର ମଧ୍ୟବର୍ତ୍ତୀ ଦୂରତା ପ୍ରାୟ ଏକ କିଲୋମିଟର ହେବ ଏବଂ ଦକ୍ଷିଣ-ଉତ୍ତର ସ୍ଥିତ ଗାସ୍କା ଓ ଲୁବେନ ପାହାଡ଼ ମଧ୍ୟରେ ପ୍ରାୟ ଦେଢ଼ କି.ମି. ଦୂରତା ହେବ । ଉକ୍ତ ପାହାଡ଼ ସବୁ ଲୁବେନଗଡ଼କୁ ପ୍ରାଚୀର ସଦୃଶ ଘେରି ରହିଛି । ପ୍ରାକୃତିକ ଅବସ୍ଥିତି ଦୃଷ୍ଟିରୁ ଏହି ଲୁବେନଗଡ଼ ଯଥାର୍ଥରେ ଏକ ଦୁର୍ଭେଦ୍ୟ ଦୁର୍ଗ ।

ଯେତେବେଳେ କ୍ୟାମ୍ପବେଲ ଜାଣିଲେ ଯେ, ରେଣ୍ଡୋ ମାଝୀ ଲୁବେନଗଡ଼ରେ ଆତ୍ମଗୋପନ କରିବାକୁ ଯାଇଛନ୍ତି, ତା'ପରେ ସେ ତହସିଲ୍‌ଦାର ଦୀନବନ୍ଧୁ ପଟ୍ଟନାୟକଙ୍କୁ ସାଥିରେ ନେଇ ସୈନ୍ୟସାମନ୍ତ ସହ ଲୁବେନ୍‌ଗଡ଼କୁ ଆକ୍ରମଣ କଲେ । ସେମାନେ ମୋହନଗିରି-ସୁତୁରା ରାସ୍ତା ଦେଇ ଲୁବେନଗଡ଼ର ପୂର୍ବ ଦିଗରେ ପହଞ୍ଚିଲେ । ଦୁରାବାଲି ପାହାଡ଼ର ପାଦଦେଶରେ ଶତ୍ରୁ ପକ୍ଷକୁ ମୁକାବିଲା କରିବା ପାଇଁ ରେଣ୍ଡୋ ମାଝୀଙ୍କ ବିପ୍ଳବୀ କନ୍ଧ ସେନାନୀ ନିର୍ଭୟରେ ପାରମ୍ପରିକ ହାତହତିଆର ଧରି ଯୁଦ୍ଧକୁ ସାମନା କଲେ ।

ଉଭୟଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ହେଲା । ସମଗ୍ର ଲୁବେନ୍‌ଗଡ଼ ଅଞ୍ଚଳ ଯୁଦ୍ଧର ବୀଭିଷିକାରେ ପ୍ରଭାବିତ ହୋଇଥିଲା । ଉଭୟ ପକ୍ଷର ଅସଂଖ୍ୟ ସେନା ଧରାଶାୟୀ ହୋଇଥିଲେ ଏବଂ ଅନେକ ଆହତ ମଧ୍ୟ ହୋଇଥିଲେ । ରେଣ୍ଡୋ ମାଝୀ କିନ୍ତୁ ଇଂରେଜମାନଙ୍କୁ ସେହି ପାହାଡ଼ ଅତିକ୍ରମ କରିବାକୁ ଦେଇନଥିଲେ । ଫିରିଙ୍ଗି ଫଉଜ ପଛଘୁଞ୍ଚା ଦେଇଥିଲା । ସତ୍ୟ, ନ୍ୟାୟର ପ୍ରତୀକ ରେଣ୍ଡୋ ମାଝୀଙ୍କର ବିପ୍ଳବୀ ଦେଶଭକ୍ତ ସେନାନୀ ବିଜୟ ଲାଭ କରିଥିଲେ । ସଂଗ୍ରାମୀ ବୀର ରେଣ୍ଡୋ ମାଝୀ ଏବଂ ଅତ୍ୟାଚାରୀ ଇଂରେଜମାନଙ୍କ ମଧ୍ୟରେ ଯେଉଁ ସମତଳ ଭୂଇଁରେ ଯୁଦ୍ଧ ହୋଇଥିଲା ସେହି ସ୍ଥାନ କୁଇ ଭାଷାରେ ପାର୍ପାଭଟା ନାମରେ ପରିଚିତ । ଯାହାକୁ ଆମେ ଯୁଦ୍ଧକ୍ଷେତ୍ର କହୁଛେ । ଏହି ପରାଜୟଟି ଲେଫ୍ଟନ୍ୟାଣ୍ଟ ମ୍ୟାକ୍‌ନିଏଲଙ୍କ ମନରେ ଘୋର ଆଘାତ ଦେଇଥିଲା । ସେ ଆହୁରି ହିଂସ୍ର ହୋଇଯାଇଥିଲେ । ବାରମ୍ବାର ପରାଜୟ, ଅପମାନର ଗ୍ଲାନିରେ ବ୍ରିଟିଶ୍ ସରକାର ରକ୍ତ ଚାଉଳ ଚୋବାଉଥିଲା । ସାଧାରଣ ଆଦିବାସୀଙ୍କ ସାମାନ୍ୟ ଧନୁତୀର ଆଗରେ ସଶସ୍ତ୍ର ସେନା ଏହିପରି ବାରମ୍ବାର ପରାସ୍ତ ହେବା ସମଗ୍ର ଫିରିଙ୍ଗି ଶିବିରରେ ଚହଳ ପକାଇ ଦେଇଥିଲା । ମ୍ୟାକ୍‌ନିଏଲ ସାହେବଙ୍କର ମୁଣ୍ଡ ଗୋଳମାଳ ହୋଇଯାଉଥିଲା । ସେ ପୁଣି ଦୀନବନ୍ଧୁ ପଟ୍ଟନାୟକର

ପରାମର୍ଶ ନେବାକୁ ଚାହିଁଲେ । ତହସିଲ୍‌ଦାର ଦୀନବନ୍ଧୁ ପଟ୍ଟନାୟକ ତାଙ୍କର କୁଟିଳ ବୁଦ୍ଧି ପ୍ରୟୋଗ କରି ରେଣ୍ଡୋ ମାଝୀଙ୍କର ସମସ୍ତ ଗୁପ୍ତଭେଦ ସଂଗ୍ରହ କଲେ ।

୧୮୫୩ ମସିହାରେ କେମ୍ପବେଲ କନ୍ଧ ଅଞ୍ଚଳର ବିଭିନ୍ନ ସ୍ଥାନରୁ ମେରିଆ ପୂଜା ଉଚ୍ଛେଦ ପାଇଁ ପଦକ୍ଷେପ ନେଉଥାନ୍ତି । ନିଜ ସାଙ୍ଗରେ କେତେ ଜଣ ଗୋରା ସୈନିକଙ୍କୁ ଧରି କନ୍ଧମାଳ ନିଘଞ୍ଚ ଅରଣ୍ୟ ତଥା ପର୍ବତମାଳାର ନିଭୃତ କୋଣରେ ଥିବା ଗ୍ରାମଗୁଡ଼ିକୁ ଯାଇ ସେ କନ୍ଧମାନଙ୍କୁ ମେରିଆ ପରି ଏକ ଜଘନ୍ୟ ପ୍ରଥାକୁ ବନ୍ଦ କରିବା ପାଇଁ ବୁଝାଉଥାନ୍ତି । କନ୍ଧମାନେ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ । ସେମାନଙ୍କ ସଂପ୍ରଦାୟରେ ପ୍ରଚଳିତ ପ୍ରଥା କେବେବି ପରିବର୍ତ୍ତନ ହେବନି; ତେଣୁ ସେମାନଙ୍କ ମଧ୍ୟରେ ବାରମ୍ବାର ସଂଘର୍ଷ ହୁଏ । ଅନେକ ଧନଜୀବନ ନଷ୍ଟ ହୁଏ । ତୁମିଡ଼ିବନ୍ଧରୁ କିଛି ବାଟଗଲେ ରାମପୁର ରାଜ୍ୟ ଏବଂ ତା'ପରେ ସଂକୋଚ ଗଡ଼ ପଡ଼େ । ସେଦିନ ଥାଏ ୧୮୫୩ ମସିହା ପୌଷ ମାସ ଗୁରୁବାର ଶୁକ୍ଳପକ୍ଷ ଦଶମୀ ତିଥି । ଜହ୍ନ ଆଲୋକ ସାଙ୍ଗକୁ ଝିଙ୍କାରିର ଝିଂ ଝିଂ ଶବ୍ଦ । ଏତି ତିଥିରେ ମେରିଆ ପୂଜା ହୁଏ । ମେରିଆ ପୂଜା ପୂର୍ବ ପ୍ରସ୍ତୁତି ସବୁ ସରିଥାଏ । ବଳି ପଡ଼ିବା ପାଇଁ ଆଉ ଅଳ୍ପ ସମୟ ଥାଏ । ଗାଁର ସମସ୍ତ ଜନସାଧାରଣ ଚରମ ମୁହୂର୍ତ୍ତର ଅପେକ୍ଷାରେ ଥାଆନ୍ତି ।

ଏହି ସମୟରେ କନ୍ଧ ଅଞ୍ଚଳ ଗସ୍ତରେ ଥିବା ମେଜର କେମ୍ପବେଲ ଓ ତାଙ୍କର ସୈନିକ ମାନେ ସଂକୋଚ ଗଡ ଗାଁରେ ପ୍ରବେଶକଲେ । କନ୍ଧମାନଙ୍କର ମୁଖିଆକୁ ଡାକି ବଳି ନଦେବା ପାଇଁ ପ୍ରବର୍ତ୍ତାଇଥିଲେ । କନ୍ଧମାନଙ୍କର ଇଂରେଜମାନଙ୍କ ପ୍ରତି ମନରେ ଘୃଣା ଭାବ ଆଗରୁ ସୃଷ୍ଟି ହୋଇ ସାରିଥିଲା । କନ୍ଧମାନେ ଭାବିଲେ ଗୋରାସାହେବ କିଛି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ଉପରେ ଆକ୍ରମଣ କରିବେ ସେଥିପାଇଁ କନ୍ଧମାନେ ଦଳବଦ୍ଧ ହୋଇ ଓ ନାନା ପ୍ରକାରର ମାରଣାସ୍ତ୍ରରେ ସଜ୍ଜିତ ହୋଇ ଆକ୍ରମଣ ପାଇଁ ମାଡ଼ି ଆସିଲେ । ଏହା ଦେଖି ଇଂରେଜ ସୈନ୍ୟମାନେ ମଧ୍ୟ ଅବିଳମ୍ବେ ଗୁଳି ଚାଳନା ଆରମ୍ଭ କରିଦେଲେ । ଫଳରେ ଆଖି ପିଛୁଳାକେ ଉକ୍ତ ସ୍ଥାନଟି ରଣଭୂମି ପାଲଟିଗଲା । ଏହି ସଂଗ୍ରାମରେ ଦୁଇ ପକ୍ଷର ଅନେକ କ୍ଷତି ହେଲା । କିଛି ଲୋକ ମୃତ୍ୟୁ ବରଣ କଲେ ଏବଂ କିଛି ଆଘାତ ପ୍ରାପ୍ତ ହେଲେ । ମୁହୂର୍ତ୍ତକ ମଧ୍ୟରେ ପର୍ବ ପାଳନ ପାଇଁ ଅପେକ୍ଷାରତ ଆନନ୍ଦ ମୁଖର ସଂକୋଚଗଡ଼ ଗାଁଟିରେ ଶୋକର ଛାୟା ଖେଳିଗଲା । ଗୋରା ସୈନିକଙ୍କ ଗୁଳିରେ ଓ କନ୍ଧମାନଙ୍କର ବର୍ଚ୍ଛା, ଧନୁତୀରରେ ଆକ୍ରମଣରେ ରକ୍ତ ରଞ୍ଜିତ ହୋଇଗଲା ସଂକୋଚଗଡ଼ ଗାଁ ।

ଏହି ସମୟରେ ଇଂରେଜ ସରକାର ଅନେକ ଦିନରୁ ଅପେକ୍ଷାରତ ଥିବା ଦେଶପ୍ରମୀ ସଂଗ୍ରାମୀ ରେଣ୍ଡୋ ମାଝୀଙ୍କୁ ଇଂରେଜମାନେ କୌଶଳକ୍ରମେ ଗିରଫ କରିନେଲେ । କୁଟନୀତି ପାଖରେ ମା'ର ଆଶୀର୍ବାଦ କାମ କରି ନଥିଲା । ଏହିପରି ଏକ ଦୁଃଖଦ ମୁହୂର୍ତ୍ତ କନ୍ଧମାନଙ୍କ ଜୀବନରେ ଆସିବ ବୋଲି ସେମାନେ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । କୁଟ ଚକ୍ରାନ୍ତ ବଳରେ ଅନାୟାସରେ ରେଣ୍ଡୋ ମାଝୀ ବ୍ରିଟିଶ ହାତରେ ବନ୍ଦୀ ହେଲେ । ମେରିଆ ବଳି (ନରବଳି)ର ମିଥ୍ୟା ଅଭିଯୋଗରେ ବ୍ରିଟିଶ ସରକାର ରେଣ୍ଡୋ ମାଝୀଙ୍କୁ ଗଞ୍ଜାମ ଜିଲ୍ଲାର ରସୁଲକୋଣ୍ଡା ଜେଲ୍‌ରେ ବନ୍ଦୀ କରି ରଖିଲେ । ସେ ସମୟରେ ଯେଉଁମାନେ ବ୍ରିଟିଶ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ ତାଙ୍କୁ ଜେଲ୍ ଭିତରେ ଅକଥନୀୟ ଅତ୍ୟାଚାର କରାଯିବା ସହିତ କେତେଜଣଙ୍କୁ ନିର୍ବାସନ ଦଣ୍ଡ ହିସାବରେ କଳାପାଣି ପଠାଯାଉଥିଲା । ଆଉ କେତେଜଣଙ୍କୁ

ମଧ୍ୟ ଫାଶି ଦଣ୍ଡରେ ଦଣ୍ଡିତ କରାଯାଉଥିଲା । ରେଣ୍ଡୋ ମାଝୀଙ୍କୁ ଜେଲ ଭିତରେ ଅନେକ ପ୍ରକାରର ଶାରୀରିକ ତଥା ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା । ଖାଦ୍ୟ, ପାନୀୟର ଅଭାବ ସହିତ କାରାଗାର ମଧ୍ୟରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରେଣ୍ଡୋ ମାଝୀଙ୍କୁ ଦିନ ବିତାଇବାକୁ ପଡୁଥିଲା । ସେମାନେ ରେଣ୍ଡୋ ମାଝୀଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରି ଚକରା ବିଶୋୟୀଙ୍କ ବାବଦରେ ବୁଝିବାକୁ ଚାହୁଁଥିଲେ । ସେଥିପାଇଁ ସେମାନେ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା ଦେଇଥିଲେ । ତାଙ୍କ ଶରୀରରୁ ରକ୍ତ ବାହାରୁଥିଲା । ଖାଇବାକୁ ନଦେଇ ଦିନସାରା ଭୋକ ଉପାସରେ ତାଙ୍କୁ ରଖାଯାଉଥିଲା । ତଥାପି ସେ ଅଟଳ ମହାମେରୁ । କେବଳ ସେଇ ଗୋଟିଏ କଥା କହୁଥାନ୍ତି, "ନା ମୁଁ କହିବି ନାହିଁ ।" ସବୁ କଷ୍ଟକୁ ସହିବା ସଙ୍ଗେ ସଙ୍ଗେ ତାଙ୍କ ମନ ମଧ୍ୟରେ ବିଦ୍ରୋହର ନିଆଁ ଉଗ୍ରରୂପ ଧାରଣ କରୁଥିଲା । ସେ କେବଳ ସୁବିଧା ଓ ସୁଯୋଗର ଅପେକ୍ଷାରେ ରହୁଥିଲେ ।

କାରାଗାରରେ ଥିବା ଅନ୍ୟ ସାଥିମାନଙ୍କଠାରୁ ସେ କିଛିଟା ବାହ୍ୟ ଖବର ଆଣୁଥିଲେ । ତାଙ୍କ ଅନୁପସ୍ଥିତିରେ କନ୍ଧମାଳରେ କନ୍ଧମାନଙ୍କର ଅବସ୍ଥା, ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ପାଇଁ ପ୍ରସ୍ତୁତି ଆଗେଇବା ଆଦି ବାବଦରେ କେତେକ ବିଶେଷ ଖବର ସଂଗ୍ରହ କରୁଥିଲେ ।

ରେଣ୍ଡୋ ମାଝୀଙ୍କର କାରାବରଣ ଯୋଗୁଁ କନ୍ଧମାନଙ୍କର ଜଣେ ବୀର ସଂଗଠକ, ସ୍ୱାଧୀନତା ସଂଗ୍ରାମୀ, ଜାତିଭାଇଙ୍କର ସୁଖଦୁଃଖର ସାଥିଙ୍କର ସ୍ଥାନ ଶୂନ୍ୟ ପଡ଼ିଥିଲା । ଏହାକୁ ପୂରଣ କଲେ ଅନ୍ୟତମ କନ୍ଧ ସର୍ଦ୍ଦାର ଚକରା ବିଶୋୟୀ । ଇଂରେଜମାନେ ଅନେକ ଅଞ୍ଚଳ ଖାନତଲାସ କଲାପରେ ମଧ୍ୟ ଚକରା ବିଶୋୟୀଙ୍କୁ ଧରିବା ପାଇଁ ସକ୍ଷମ ହୋଇ ନଥିଲେ । ବୌଦ୍ଧ ଅଞ୍ଚଳରୁ ମଦନପୁର–ରାମପୁରକୁ ଆସି ଚକରା ବିଶୋୟୀ ସେଠାକାର କନ୍ଧମାନଙ୍କୁ ଏକାଠି କରି ବିଦ୍ରୋହ ଚାଲୁ ରଖିଥିଲେ । ସେ ସମୟରେ କନ୍ଧମାନେ ବହୁ ସଂଖ୍ୟାରେ ଆସି ଚକରା ବିଶୋୟୀଙ୍କୁ ସାହାଯ୍ୟ ସହଯୋଗ କରୁଥିଲେ ଏବଂ ତାଙ୍କ ସହ ମିଶି ବ୍ରିଟିଶ ସରକାର ବିରୋଧରେ ସଂଗ୍ରାମ ଚଳାଇଥିଲେ । କାରଣ ସେମାନେ ଅନୁଭବ କରିଥିଲେ ଯେ ଯଦି ଇଂରେଜ ଶାସକମାନଙ୍କ କବଳରୁ ମାତୃଭୂମିକୁ ରକ୍ଷା କରା ନଯାଏ ତେବେ ଧିରେଧିରେ ସେମାନଙ୍କର ନିଜସ୍ୱ ପରମ୍ପରା ଓ ସଂସ୍କୃତି ଅଚିରେ ଲୋପ ପାଇଯିବ । ସେମାନଙ୍କର ଧର୍ମ, ସଂସ୍କୃତି, ପରମ୍ପରା ଉପରେ ଇଂରେଜମାନଙ୍କର ଅଯଥା ହସ୍ତକ୍ଷେପକୁ ସେମାନେ ବରଦାସ୍ତ କରିପାରୁ ନଥିଲେ । ନିଜର ଜଙ୍ଗଲ, ଜଙ୍ଗଲରୁ ଚାଷ କରି ଫସଲ ଉତ୍ପାଦନ କରିବା ତଥା ଅନ୍ୟାନ୍ୟ ବନ୍ୟଜାତ ସାମଗ୍ରୀ ସବୁ ସଂଗ୍ରହ କରିବା ଉପରେ ମଧ୍ୟ ବିଦେଶୀ ଅଙ୍କୁଶକୁ ସେମାନେ ସହ୍ୟ କରି ପାରୁନଥିଲେ । ମାଟି ଖୋଳି ଶସ୍ୟ ଉତ୍ପାଦନ କରିବା ପାଇଁ ପୁଣି ବିଦେଶୀଙ୍କୁ କର ଦେବା କଥା ପଡ଼ିଲେ ପ୍ରତିଶୋଧ ନେବା ପାଇଁ କନ୍ଧମାନେ ରଣ ହୁଙ୍କାର ଦେଇ ସଂଗ୍ରାମ ପାଇଁ ପ୍ରସ୍ତୁତ ହୋଇ ଯାଉଥିଲେ ।

**ଶେଷ ସଂଗ୍ରାମ:**

ରେଣ୍ଡୋ ମାଝୀଙ୍କୁ ଗିରଫ କରାଯାଇ ଜେଲ ଭିତରେ ରଖାଯାଇଥିଲା । ରେଣ୍ଡୋ ମାଝୀଙ୍କ ପରେ ମେରିଆ ପ୍ରଥା ବନ୍ଦ ହୋଇଯାଇଥିବ ଏ ବିଶ୍ୱାସ ଇଂରେଜମାନଙ୍କର ନଥିଲା । ସେମାନେ ଭଲ ଭାବରେ ଜାଣିଥିଲେ ଯେ, ରେଣ୍ଡୋ ମାଝୀଙ୍କ ପରିବର୍ତ୍ତେ ଚକରା ବିଶୋୟୀ ହିଁ କନ୍ଧମେଳି ଆରମ୍ଭ କରିଛନ୍ତି ଏବଂ ନିକଟ ଭବିଷ୍ୟତରେ ବିପ୍ଳବ ପାଇଁ ପ୍ରସ୍ତୁତ ହେଉଛନ୍ତି । ୧୮୫୫ ମସିହାରେ ଲେଫ୍ଟନାଣ୍ଟ ମ୍ୟାକନିଏଲ୍‌ଙ୍କୁ

ବ୍ରିଟିଶ ସରକାର ମେରିଆ ପ୍ରଥା ବନ୍ଦ କରିବା ପାଇଁ କଳାହାଣ୍ଡିକୁ ପ୍ରେରଣ କରିଥିଲେ । ପୂର୍ବ ପ୍ରଶାସକମାନଙ୍କର ଶତ ଚେଷ୍ଟା ଫଳରେ ମଧ୍ୟ କନ୍ଧମାନେ ମେରିଆ ପର୍ବରେ ନରବଳି ପ୍ରଥା ବନ୍ଦ କରିନଥିବା କଥା ଜାଣି ପାରି ମ୍ୟାକ୍‌ନିଏଲ୍ ସାହେବ ଏକ ନୂତନ ଧରଣର କାର୍ଯ୍ୟପନ୍ଥା ଅନୁସରଣ କଲେ । ତେଣୁ ଇଂରେଜ ଅଫିସର ମ୍ୟାକ୍‌ନିଏଲ୍ ସାହେବ, କନ୍ଧମାନଙ୍କୁ ଭୟଭୀତ କରାଇବା ଲାଗି କାରାଗାରରେ ବନ୍ଦୀ ଅବସ୍ଥାରେ ଥିବା ରେଣ୍ଡୋ ମାଝୀଙ୍କର ଦୁଇ ହାତ, ଗୋଡ ଓ ଅଣ୍ଟାରେ ଲୁହାର ଶିକୁଳି ବାନ୍ଧି ସିପାହୀଙ୍କ ଘେରରେ କନ୍ଧ ଅଞ୍ଚଳରେ ବୁଲାଇଲେ । ଏହା ଫଳରେ କନ୍ଧମାନେ ଅଧିକ ଉତ୍ତେଜିତ ହୋଇଥିଲେ । ୧୮୫୫ ମସିହା ଡିସେମ୍ବର ୧୦ ତାରିଖ ଉର୍ଲାଦାନୀରେ ଲେଫ୍‌ଟନାଣ୍ଟ ମ୍ୟାକ୍‌ନିଏଲ୍, ଗୋରା ସିପାହିମାନଙ୍କ ସହ ରେଣ୍ଡୋ ମାଝୀଙ୍କୁ ବନ୍ଦୀ ଅବସ୍ଥାରେ ଧରି ସେନା ଛାଉଣି ପକାଇ ରହିଲେ । ସେମାନେ ଭାବିଥିଲେ ଯେ, ଏହାଦ୍ୱାରା ନିରୀହ ସରଳ କନ୍ଧମାନେ ଭୟଭୀତ ହୋଇଯିବେ ଏବଂ ତାଙ୍କର ସବୁ ଆଦେଶ ମାନି ଚଳିବେ ଏବଂ ସେମାନେ ମେରିଆ ପରି ଗୋଟିଏ ଜଘନ୍ୟ ପ୍ରଥାକୁ ବନ୍ଦ କରିଦେବେ । କନ୍ଧମାନେ ତାଙ୍କ ସର୍ଦ୍ଦାରଙ୍କ ଏପରି ଚରମ ଦୁର୍ଦ୍ଦଶା ଦେଖି ଆଉ ସଂଗ୍ରାମ କରିବାକୁ ସତ୍ ସାହସ କରିବେ ନାହିଁ । କିନ୍ତୁ ଘଟଣା ଭିନ୍ନ ଥିଲା । ରେଣ୍ଡୋ ମାଝୀଙ୍କ ବ୍ୟତିରେକ ମାର୍ଣ୍ଡି ମାଝୀ ଏବଂ ଚକରା ବିଶୋୟୀଙ୍କ ନେତୃତ୍ୱରେ ବିଦ୍ରୋହୀ ନେତାମାନେ ପ୍ରତିଶୋଧ ପରାୟଣ ହୋଇ ରକ୍ତଚାଉଳ ଚୋବାଉଥିଲେ, ତାଙ୍କର ପ୍ରିୟ ନେତାଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାରର ଉଚିତ ଜବାବ୍ ଦେବା ପାଇଁ ସେମାନେ ପ୍ରସ୍ତୁତ ହୋଇସାରିଥିଲେ ।

ଉର୍ଲାଦାନୀ ଗ୍ରାମ ନିକଟରେ ମ୍ୟାକ୍‌ନିଏଲ୍ ସାହେବ ସିପାହୀମାନଙ୍କୁ ନେଇ ଶିବିର ପକାଇଥିବା ସମୟରେ କନ୍ଧମାନେ ରେଣ୍ଡୋ ମାଝୀଙ୍କୁ ମୁକ୍ତ କରିବା ପାଇଁ ଧନୁ ତୀର, ବର୍ଚ୍ଛା, ଟାଙ୍ଗିଆ, କଟୁରୀ ଆଦି ମାରଣାସ୍ତ୍ରରେ ସଜ୍ଜିତ ହୋଇ ବିଦେଶୀ ଶତ୍ରୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ଆରମ୍ଭ କରିଦେଲେ । ମ୍ୟାକ୍‌ନିଏଲ୍ ସାହବେ ସଙ୍କଟର ସମ୍ମୁଖୀନ ହେଲେ । ସେନା ଛାଉଣି ତାଙ୍କ ପାଇଁ ମରଣ ଯନ୍ତା ପାଲଟି ଯାଇଥିଲା । ଗୁଳିଗୋଳା, ଧନୁତୀର, ଟାଙ୍ଗିଆ, ବର୍ଚ୍ଛା ଓ ରଣହୁଙ୍କାରେ ଉର୍ଲାଦାନୀ ଅଞ୍ଚଳ ସ୍ତମ୍ଭୀଭୂତ ହୋଇଯାଇଥିଲା । ଏହି ସୁଯୋଗକୁ ଦେଖି ଠିକ୍ ସମୟରେ ଦୀନବନ୍ଧୁ ପଟ୍ଟନାୟକ ବହୁ ସଂଖ୍ୟକ ସୈନ୍ୟ ନେଇ ଚଢ଼ାଉ କଲେ ବିଦ୍ରୋହୀ କନ୍ଧଜନତାଙ୍କ ଉପରେ ।

ହଜାର ହଜାର କନ୍ଧମାନେ ଆକ୍ରମଣର ମୁକାବିଲା ଆରମ୍ଭ କରିଦେଲେ । ଗୁଳି, ବାରୁଦ, ବନ୍ଧୁକଧାରୀ, ଗୋରା ସୈନିକଙ୍କ ସହିତ କନ୍ଧମାନଙ୍କ ତୁମୁଳ ସଂଘର୍ଷ ଚାଲିଲା । ଫିରିଙ୍ଗି ଗୋଲାବାରୁଦ ସମ୍ମୁଖରେ ଏମାନଙ୍କ ଧନୁତୀର, ଟାଙ୍ଗିଆ, ବର୍ଚ୍ଛା, ଖଣ୍ଡା କେତେ କାଳ ବା ପ୍ରତିରୋଧ କରିପାରନ୍ତା । ତଥାପି ଅସଂଖ୍ୟ ଇଂରେଜ ଫଉଜ୍ ହଣା ଖାଇଲେ । ଜନନୀ କୋଳରେ ଶହଶହ କନ୍ଧବୀର ସଂଘର୍ଷ କରିକରି ଲୋଟି ପଡୁଥାନ୍ତି । ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ କନ୍ଧମାନେ ନିଜ ବୀରତ୍ୱର ପରାକାଷ୍ଠା ଦେଖାଇ ଚାଲିଥିଲେ ।

ତହସିଲ୍‌ଦାର ଦିନବନ୍ଧୁ ପଟ୍ଟନାୟକଙ୍କ ଯୋଗୁଁ ରକ୍ଷା ପାଇଗଲେ ମ୍ୟାକ୍‌ନିଏଲ ଓ ଇଂରେଜ ଫଉଜ । ଦେଶ ମାତୃକାକୁ ନିଜର ସମସ୍ତ ବୁଦ୍ଧିବଳ ଖଟାଇ ମଧ୍ୟ ବିଦେଶୀମାନଙ୍କ କବଳରୁ ରକ୍ଷା କରିପାରିଲେ ନାହିଁ କନ୍ଧ ସେନାନୀ । ଏହିପରି ଏକ ରକ୍ତାକ୍ତ ତଥା ମର୍ମନ୍ତୁଦ ସଂଘର୍ଷରେ ଇଂରେଜ ସୈନିକମାନଙ୍କର ଜିତାପଟ

ହୋଇଥିଲେ ମଧ୍ୟ କନ୍ଧମାନଙ୍କର ମନରେ ବ୍ରିଟିଶ ଶାସକ ତଥା ଶାସନ ପ୍ରତି ଘୃଣା ତଥା ପ୍ରତିଶୋଧ ମନୋଭାବ ପ୍ରଶମତି ହୋଇନଥିଲା ।

କ୍ରୋଧରେ ଜର୍ଜରିତ ହୋଇ ମ୍ୟାକ୍‌ନିଏଲ୍ ସାହେବ ଫଉଜ ହାତରୁ ବନ୍ଧୁକ ଚଢ଼ାଇ ଆଣି ଆଖିପିଛୁଳାକେ ଗୁଳି ଫୁଟାଇ ଦେଇଥିଲେ ସୁଯୋଗ୍ୟ ସନ୍ତାନ ରେଣ୍ଡୋ ମାଝୀଙ୍କ ବିଶାଳ ଛାତି ଉପରେ । ନିମିଷକେ ରେଣ୍ଡୋ ମାଝୀ ଭୂମିରେ ଟଳି ପଡ଼ିଲେ । ସ୍ତବ୍ଧ ହୋଇ ଯାଇଥିଲା, ଉର୍ଲାଦାନୀର ଆକାଶ । କିଛିକ୍ଷଣ ପାଇଁ ସବୁ ସ୍ଥିର ହୋଇ ଯାଇଥିଲା ।

ଚିରଦିନ ପାଇଁ ଦେଶ, ଜାତି, ମାତୃଭୂମିର ମୁକ୍ତି ପାଇଁ ଶୋଇଗଲେ ରେଣ୍ଡୋ ମାଝୀ । ଉର୍ଲାଦାନୀର ନିଘଞ୍ଚ ବନ ପ୍ରାନ୍ତରରେ ନିଜ ବୁକୁର ଲାଲ୍ ରକ୍ତରେ ରକ୍ତାକ୍ତ କରିଦେଲେ ମାଟି ମା'କୁ ।

ମା'ହରାଇଲା ତା'ର ବୀର ପୁତ୍ରକୁ । ଏ ଦେଶ, ଏ ଜାତି ହରାଇଲା ଏକ ମହାନ୍ ବ୍ୟକ୍ତିତ୍ୱକୁ, ମହାନ ନେତୃତ୍ୱକୁ, ପ୍ରକୃତି ପୂଜାରୀକୁ, ଦୁଃଖିରଙ୍କିଙ୍କର ସାଥିକୁ ।

ପରିବେଶଟି ତା'ପରେ କୋଳାହଳମ୍ୟୟ ହୋଇଉଠିଲା । ପରେପରେ ଗୁଳିଗୋଳା ବାରୁଦ ବିନିମୟରେ ସ୍ତମ୍ଭୀଭୂତ ହୋଇଗଲା ଗଗନ ପବନ । ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଗଲା । ଗୋଳାବାରୁଦର ଶବ୍ଦ ଓ ଅନ୍ଧକାର ଭିତରେ ହଜିଗଲା ସବୁକିଛି । କିଛିକ୍ଷଣ ପାଇଁ ସମସ୍ତଙ୍କ ହୃତସ୍ପନ୍ଦନ ବନ୍ଦ ହୋଇଗଲା, ବିଦ୍ରୋହୀ ନେତାମାନଙ୍କ ପାଦତଳୁ ପୃଥିବୀ ଖସିଗଲା ପରି ଅନୁଭବ ହେଲା, ହଜିଗଲା କିଛିକ୍ଷଣ ପାଇଁ ବିଦ୍ରୋହର ସ୍ଲୋଗାନ । ଚତୁର୍ଦ୍ଦିଗ କରି ପକାଇଲା ଶୋକାକୁଳ ।

ନିଜ ଲୋକଙ୍କର ଅଧିକାରର ସୁରକ୍ଷା ପାଇଁ ରେଣ୍ଡୋ ମାଝୀଙ୍କ ପରି ବୀର ସନ୍ତାନଙ୍କ ଜୀବନ ଗୋରା ସିପାହୀଙ୍କ ବନ୍ଧୁକ ମୁନରେ ଚାଲିଯାଇଥିଲେ ହେଁ ତାଙ୍କର ତ୍ୟାଗ ପାଇଁ ସେ କନ୍ଧମାନଙ୍କର ଯେମିତି ସ୍ମରଣୀୟ ହୋଇ ରହିଛନ୍ତି, ବନବାସୀ ସମାଜର ସେହିପରି ଆଦର୍ଶ ହୋଇ ରହିଛନ୍ତି ।

ଆଦିବାସୀ ସମାଜରେ କେବଳ  ଯେ ଜଣେ ରେଣ୍ଡୋ ମାଝୀ କିମ୍ବା ଚକରା ବିଶୋୟୀ ଜନ୍ମ ହୋଇଥିଲେ ତାହା କହିବା ଠିକ୍ ହେବନି ଏମାନଙ୍କ ପରି ଆହୁରି ଅନେକ ନେତା ନିଜର ମାତୃଭୂମିକୁ ଏବଂ ନିଜର ଜାତିକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଅନେକ ଥର କାରାବରଣ କରିଥିଲେ । ସେମାନେ କେତେ ଅତ୍ୟାଚର, ଶୋଷଣ, ଲୁଣ୍ଠନ ତଥା ଶାରୀରିକ ଓ ମାନସିକ ନିର୍ଯ୍ୟାତନା ସହ୍ୟ କରିଛନ୍ତି ତାର ହିସାବ ନାହିଁ । ଆହୁରି ଅନେକ ନିଜ ଜନ୍ମ ଭୂମିର ସ୍ୱାଧୀନତା ପାଇଁ ହସିହସି ଫାଶି ଖୁଣ୍ଟିରେ ଝୁଲି ଯାଇଛନ୍ତି ତ କେହି କେହି ବନ୍ଧୁକ ମୁନରେ ସହିଦ୍ ହୋଇଛନ୍ତି । ବଣ ଜଙ୍ଗଲ ଘେରା ଦୁର୍ଗମ ଇଲାକାରେ ରହୁଥିବା ଅନେକ ସ୍ୱାଭିମାନୀ ସଂଗ୍ରାମୀଙ୍କର ଜୀବନ ଆଜି ମଧ୍ୟ ଲୋକ ଆଢୁଆଳରେ ରହିଯାଇଛି । ଶହୀଦ୍ ରେଣ୍ଡୋ ମାଝୀଙ୍କ କର୍ମଜୀବନକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ।


❑❑

# ବିପ୍ଳବୀ ଧରଣୀଧର



ଲେଖକ

ଜଗନ୍ନାଥ ପଟ୍ଟନାୟକ



୧୮୯୧ ମସିହାର କଥା । ସେହିବର୍ଷ କେନ୍ଦୁଝରର ରାଜ୍ୟସ୍ଥିତ ଭୂୟାଁ ସମ୍ପ୍ରଦାୟର ଜନୈକ ବ୍ୟକ୍ତି ରାଜା ଓ ଇଂରେଜ ସରକାର ବିରୋଧରେ ଏକ ବିଦ୍ରୋହ ସଙ୍ଗଠିତ କରି ଓଡିଶା ଇତିହାସକୁ ମହିମାନ୍ୱିତ କରିଥିଲେ । ସେହି ସ୍ୱନାମଧନ୍ୟ ବ୍ୟକ୍ତି ହେଉଛନ୍ତି ଧରଣୀଧର ନାୟକ । ସେ ଜନମାନସରେ ଧରଣୀଭୂୟାଁ ନାମରେ ଖ୍ୟାତ ଓ ତାଙ୍କର ବିଦ୍ରୋହକୁ ଧରଣୀମେଳି ବୋଲି କୁହାଯାଏ । ତାଙ୍କର ଏହି ମେଳି ଓଡିଶା ଇତିହାସର ଏକ ରୋମାଞ୍ଚକର କାହାଣୀ ।

**ଧରଣୀଧରଙ୍କ ଜୀବନର ଆଦ୍ୟପର୍ବ:**

୧୮୬୪ ମସିହା ମେ ୫ ତାରିଖ ଦିନ କୁସୁମିତା ଗ୍ରାମର ଏକ ପାହାଡ଼ି ଭୂୟାଁ ପରିବାରରେ ଧରଣୀଧର ଜନ୍ମଗ୍ରହଣ କରିଥିଲେ । ପିତାଙ୍କର ନାମ ଲଇଛଣ ନାୟକ ଓ ମାତାଙ୍କ ନାମ ବାଇଗଣି ଦେବୀ । ସେ ଥିଲେ ବାପାଙ୍କର ସାନପୁଅ । ବଡ଼ପୁଅର ନାମ ଥିଲା ଗୋପାଳ ନାୟକ । ପିଲାଦିନୁ ପାଠପଢ଼ିବାର ପ୍ରବଳ ଆକାଂକ୍ଷା ଧରଣୀଧରଙ୍କ ହୃଦୟରେ ସ୍ଥାନ ପାଇଥିଲା । ତେଣୁ ବହୁକଷ୍ଟରେ ସେ ପ୍ରଥମେ ପ୍ରାଥମିକ ଓ ପରେ ମଧ୍ଯ ଇଂରାଜୀ ବିଦ୍ୟାଳୟରେ ପାଠପଢି ସେହି ଅଞ୍ଚଳର ଜଣେ ଶିକ୍ଷିତ ବ୍ୟକ୍ତି ରୂପେ ମୁଣ୍ଡଟେକିଥିଲେ । ଫଳରେ କେନ୍ଦୁଝରର ରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କର ଆଖି ପଡ଼ିଥିଲା ତାଙ୍କରି ଉପରେ । ସମ୍ଭବତଃ ଜଣେ ଶିକ୍ଷିତ ଲୋକକୁ ନିଜ ଅଧୀନରେ ରଖିବାପାଇଁ ରାଜା ଧରଣୀଧରଙ୍କୁ ଉଚ୍ଚଶିକ୍ଷା ଦେବାପାଇଁ କଟକ ପ୍ରେରଣ କରିଥିଲେ । ସେହିଠାରେ ତୁଳସୀପୁରସ୍ଥିତ ତାଙ୍କ ରାଜ ବାଟୀରେ ରହି ଧରଣୀଧର ସର୍ଭେପାଠ ପଢ଼ିଥିଲେ । ସେ ଜଣେ ମେଧାବୀ ଛାତ୍ର ଥିବାରୁ ଠିକ୍ ସମୟରେ ପାଠ ଶେଷକରି ଫେରିଆସିଥିଲେ କେନ୍ଦୁଝରକୁ । ପରେ ପରେ  ରାଜା ତାଙ୍କୁ  ସର୍ଭେ ଓଭରସିଅର ଭାବେ ନିଯୁକ୍ତ କରିଥିଲେ । ଅଳ୍ପଦିନ ମଧ୍ୟରେ ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ସାଧୁତା ପାଇଁ ସେ ମଧ୍ୟ ରାଜା ତଥା ଅନ୍ୟମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଥା ରାଜାଙ୍କର ସହକାରୀ ଦେବାନ ବିଚିତ୍ରାନନ୍ଦ ଦାସ ସହ୍ୟ କରିପାରି ନଥିଲେ । କାରଣ ସେ ଥିଲେ ଧରଣୀଧରଙ୍କଠାରୁ କମ୍ ଶିକ୍ଷିତ । କ୍ଷମତାଲୋଭୀ ବ୍ୟକ୍ତି ସାଧାରଣତଃ ଅନ୍ୟ କେହି ଅନୁରୂପ କ୍ଷମତା ପାଇବାର ଦେଖିଲେ ତାହା ସେମାନେ ସହ୍ୟ କରିପାରନ୍ତି ନାହିଁ । ଏବେ ତାହାହିଁ ହେଲା । କିପରି ରାଜାଙ୍କଠାରେ ତାଙ୍କୁ ଅପ୍ରିୟ କରାଇବେ ସେହି ଚିନ୍ତାରେ ସେ ନିମଜ୍ଜିତ ରହିଲେ । ସର୍ଭେୟର ଭାବରେ ଧରଣୀଧର କାର୍ଯ୍ୟ କରୁଥିବା ସମୟରେ ସେ ଛୋଟ ପଦିକାରେ ଜମି ମାପ କରୁଛନ୍ତି ବୋଲି କହି ବିଚିତ୍ରାନନ୍ଦ ଦାସ ନିଜେ ତାଙ୍କୁ ଅପମାନସୂଚକ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହିକଥା ମଧ୍ଯ ସେ ଯାଇ କହିଥିଲେ ରାଜାଙ୍କୁ । ତେଣୁ ତାଙ୍କୁ ବନ୍ଦୋବସ୍ତ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଥିଲା । ବିଚିତ୍ରାନନ୍ଦ ଦାସଙ୍କ ପରାମର୍ଶକ୍ରମେ ମଧ୍ଯ ରାଜା କେନ୍ଦୁଝର ଓ ସିଂହଭୂମର ସୀମାବିବାଦ ସମାଧାନ କରିବାପାଇଁ ଧରଣୀଧରଙ୍କୁ ନିଯୁକ୍ତ କରିଥିଲେ । ଏଥିପାଇଁ ପ୍ରଥମେ ଧରଣୀଧର ଚମ୍ପୁଆର ଲୁଙ୍ଗିକୁଦ ଓ ଗୋଧୂଳି ଗ୍ରାମକୁ ଯାଇଥିଲେ । ସେଠାରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରି ସବୁ କାଗଜପତ୍ର ପାଇକ ହସ୍ତରେ ପଠାଇଥିଲେ ରାଜାଙ୍କ ପାଖକୁ । କାରଣ ଧରଣୀଧର ବାଟରେ ପଡୁଥିବା ପଦ୍ମପୁର ଗ୍ରାମର ନିଜ ଭଉଣୀଘରକୁ ଯାଇଥିଲେ କିଛିଦିନ

ରହିବାପାଇଁ । ତାଙ୍କ ଅନୁପସ୍ଥିତିର ପୂର୍ଣ୍ଣ ସୁଯୋଗ ନେଇଥିଲେ ବିଚିତ୍ରାନନ୍ଦ ଦାସ । ରାଜାଙ୍କ ପାଖରେ ତାଙ୍କ ବିରୋଧରେ ବହୁ ଅଭିଯୋଗ ଉପସ୍ଥାପନ କରି ତାଙ୍କର ମନକୁ ବିଷାକ୍ତ କରିଦେଇଥିଲେ । କେବଳ ସେତିକି ନୁହେଁ, ବିଚିତ୍ରାନନ୍ଦ ଦାସ ପାଇକମାନଙ୍କଠାରୁ ସେହି କାଗଜପତ୍ର ନେଇ ନିଜେ ସେସବୁ କରିଛନ୍ତି ବୋଲି ଇଂରେଜ ପ୍ରଶାସକଙ୍କଠାରୁ ଲେଖାଇ ଆଣିଥିଲେ । ତାକୁ ନେଇ ବିଚିତ୍ରାନନ୍ଦ ଦାସ ରାଜାଙ୍କୁ ଭେଟି ଦେଇଥିଲେ । ଏଥିସହିତ ରାଜାଙ୍କ ନିକଟରେ ମଧ୍ୟ ମିଥ୍ୟା ଅଭିଯୋଗ କରିଥିଲେ ଯେ ଧରଣୀ ତାଙ୍କ ବିରୁଦ୍ଧରେ ମେଳି କରୁଛି । ଏହିପରି ଭାବେ ବିଚିତ୍ରାନନ୍ଦଙ୍କର କାନକୁହା କଥା ଶୁଣି ଶେଷରେ ରାଜା ଧରଣୀଧରଙ୍କୁ ସର୍ଭେୟର ପଦବୀରୁ ବିତାଡ଼ିତ କରିଥିଲେ । ଏହି ପଦବୀରେ ସେ ରହିପାରିଥିଲେ ମାତ୍ର ୧୨ ବର୍ଷ । ତାପରେ ନିଜର ଭରଣପୋଷଣ ପାଇଁ ଧରଣୀଧର ମୟୂରଭଞ୍ଜ ରାଜାଙ୍କ ନିକଟରେ ପହଞ୍ଚିଥିଲେ । ତାଙ୍କର ଦକ୍ଷତା ବିଷୟରେ ସୂଚନା ପାଇ ସେ ନିଜ ରାଜ୍ୟରେ ତାଙ୍କୁ ସର୍ଭେୟରଭାବେ ନିଯୁକ୍ତି ଦେଇଥିଲେ । ମାତ୍ର ୪ ବର୍ଷ ପରେ ଉକ୍ତ ପଦବୀ ତ୍ୟାଗକରି ସେ ଫେରିଆସିଥିଲେ ନିଜ ଗ୍ରାମ କୁସୁମିତାକୁ । ଏହିଠାରେ ରାଜା ଓ ତାଙ୍କ ଅମଲାମାନଙ୍କର ଅତ୍ୟାଚାର କାହାଣୀ ନିଜର ଭୂୟାଁ ଭାଇଙ୍କଠାରୁ ଶୁଣି ତାଙ୍କ ହୃଦୟରେ ବିଦ୍ରୋହର ଶିଖା କୁହୁଳି ଉଠିଥିଲା ।

## ଧରଣୀଧରଙ୍କ ବିଦ୍ରୋହର ପୃଷ୍ଠଭୂମି:

ଧରଣୀଧରଙ୍କ ଐତିହାସିକ ବିଦ୍ରୋହର ପୃଷ୍ଠଭୂମିରେ କେତୋଟି ଘଟଣା କାର୍ଯ୍ୟକରିଥିଲା । ସେଗୁଡ଼ିକ ଥିଲା ମୁଖ୍ୟତଃ ରାଜା ଓ ତାଙ୍କ ଅମଲାଙ୍କର ପ୍ରଜାଙ୍କ ପ୍ରତି ଅତ୍ୟାଚାରକୁ କେନ୍ଦ୍ରକରି । ତେଣୁ ପ୍ରଜାମାନେ, ମୁଖ୍ୟତଃ ଭୂୟାଁ ସଂପ୍ରଦାୟର ଲୋକେ ଅତିଷ୍ଠ ହୋଇ ପଡିଥିଲେ । ବିଶେଷତଃ ରାଜ୍ୟର ପ୍ରଚଳିତ ବେଠୀପ୍ରଥା ତାଙ୍କୁ  ବିଚଳିତକରି ଦେଇଥାଏ । ଏହି ବେଠିପ୍ରଥା ପୂର୍ବରୁ ପ୍ରଚଳିତ ଥିଲେ ହେଁ ରାଜା ଧନୁର୍ଜୟ ଭଞ୍ଜଙ୍କ ରାଜତ୍ୱରେ ଏହା ଅତି କଠୋର ରୂପ ଧାରଣ କରିଥିଲା । ରାଜାଙ୍କର ପ୍ରତ୍ୟେକ କାର୍ଯ୍ୟ ପ୍ରଜାମାନେ ସମ୍ପାଦନ କରିବେ ବିନା ପାରିଶ୍ରମିକରେ । ରାଜାଙ୍କର ରଥଯାତ୍ରା ହେବ, କାଠ ଓ ଦଉଡି ଯୋଗାଇବେ ଭୂୟାଁମାନେ ମାଗଣାରେ । ଭୂୟାଁ ପୀଢ଼ ମଧ୍ୟରେ ରାଜା ବା ତାଙ୍କ ଅମଲାମାନେ କୌଣସି ସ୍ଥାନକୁ ଗଲେ ତାଙ୍କର ବିଛଣାଦି ଯାବତୀୟ ମାଲପତ୍ର ଭୂୟାଁମାନେ ବୋହିବେ – କିଛି ପାରିଶ୍ରମିକ ନ ପାଇ । ରାଜା ଓ ଅମଲା ବିଭିନ୍ନ ସ୍ଥାନରେ ଅତି ସୌଖୀନ ଓ ବିଳାସପୂର୍ଣ୍ଣ ଖାଦ୍ୟ ଖାଉଥିବା ସ୍ଥଳେ ବାହାରେ ଭୂୟାଁ ମୋଟିଆମାନେ ଉପବାସରେ ରହି ଦୀର୍ଘଶ୍ୱାସ ଛାଡୁଥିବେ । କେବଳ ସେତିକି ନୁହେଁ, ପୂଜା ପାର୍ବଣ ସମୟରେ ବଳିପଡ଼ିବା ପାଇଁ ଭୂୟାଁମାନଙ୍କୁ ଛେଳି ଯୋଗାଇବା ପାଇଁ କୁହାଯାଉଥିଲା । ପ୍ରଥମେ ପ୍ରଥମେ ନିଜର ଶକ୍ତି ଅନୁସାରେ ତାହା ଯୋଗାଇଥିଲେ ମଧ୍ୟ ଅଧିକ ଛେଳି ଯୋଗାଇବା ପାଇଁ କୁହାଯିବାରୁ ତାଙ୍କପକ୍ଷେ ତାହା ଅସହ୍ୟ ହୋଇ ପଡ଼ିଥିଲା । ଏହା ହେଲା ଅଳ୍ପ କେତେକ ଦୃଷ୍ଟାନ୍ତ । ମାତ୍ର ଏପରି ଅବସ୍ଥାରେ ପ୍ରଜାମାନଙ୍କ ଅସନ୍ତୋଷର ବହ୍ନି କ୍ରମେ କ୍ରମେ କୁହୁଳିଥିଲା ।

ଇତିମଧ୍ୟରେ ଭୂୟାଁ ପ୍ରଜାମାନଙ୍କୁ ଶାନ୍ତ କରିବାପାଇଁ ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଆଗ୍ରହ ପ୍ରକାଶ କରିବାରୁ ଉଭୟଙ୍କ ମଧ୍ୟରେ ଏକ ବୈଠକର ଆୟୋଜନ କରାଯାଇଥିଲା । ସେହିଠାରେ ପ୍ରଜାମାନେ

ମତବ୍ୟକ୍ତ କରିଥିଲେ ଯେ, ଯଦି ଶାସନ କ୍ଷେତ୍ରରେ ଇଂରେଜ ସରକାର ନିରୀକ୍ଷଣ କରିବାର ଦାୟିତ୍ୱ ବହନ କରିବେ, ତେବେ ସେମାନେ ରାଜାଙ୍କର ଶାସନାଧୀନ ହୋଇ ରହିବେ। ରାଜା ତାହା ମାନିନେଇଥିଲେ । ତଦନୁଯାୟୀ କେପ୍‌ଟେନ ଜନଷ୍ଟୋନ ସ୍ୱତନ୍ତ୍ର ନିରୀକ୍ଷକଭାବେ ନିଯୁକ୍ତ ହୋଇଥିଲେ। ସେ ରହିଥିଲେ କେନ୍ଦୁଝରଗଡ଼ରେ । କିଛି ଦିନ ସବୁକଥା ସୁରୁଖୁରୁରେ ଚାଲିଥିଲା । ଜନଷ୍ଟନ ଓ ଭୂୟାଁମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ମଧ୍ୟ ସ୍ଥାପିତ ହୋଇପାରିଥିଲା । ମାତ୍ର କିଛିଦିନ ପରେ ଭୂୟାଁମାନଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ ଇଂରେଜ ନିରୀକ୍ଷଣ ବନ୍ଦ ହୋଇଗଲେ ରାଜା ଅଧିକ ଅତ୍ୟାଚାରୀ ହୋଇପଡିବେ । ଏହି ପରିସ୍ଥିତିରେ କେପ୍‌ଟେନ ଜନଷ୍ଟୋନ ତତ୍କାଳୀନ କମିଶନର ରେଭେନସାଙ୍କୁ ପରାମର୍ଶ ଦେଇ ଥିଲେ ଯେ ଉପର କେନ୍ଦୁଝରକୁ ଛୋଟନାଗପୁର ଡ଼ିଭିଜନ ସହ ମିଶାଇ ଦେଇ କେବଳ ମାତ୍ର ଆନନ୍ଦପୁର ସମେତ ନିମ୍ନ କେନ୍ଦୁଝରକୁ ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ଦିଆଯିବା ଉଚିତ । ମାତ୍ର ଏଥିରେ ରେଭେନ୍‌ସା ସମ୍ମତି ଦେଇ ନଥିଲେ । ବରଂ ଶାସନ କ୍ଷେତ୍ରରେ ସେ ରାଜାଙ୍କୁ ଅଧିକ କ୍ଷମତା ଦେଇଥିଲେ । ଏହା ଭୂୟାଁମାନଙ୍କର ଅସନ୍ତୋଷ ବଢ଼ାଇ ଦେଇଥିଲା । ଇତିମଧ୍ୟରେ ୧୮୭୧ ମସିହା ଅଗଷ୍ଟ ମାସରେ ଜନଷ୍ଟୋନଙ୍କୁ ପ୍ରତ୍ୟାହାର କରି ନିଆଯାଇ ତାଙ୍କ ସ୍ଥାନରେ ୱିଲିୟମ ଆର୍. ହଣ୍ଟର୍‌ଙ୍କୁ ନିଯୁକ୍ତି ଦିଆଯାଇଥିଲା । ସେ ୧୮୭୧ ରୁ ୧୮୭୭ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିଥିଲେ। ସେ ଜନଷ୍ଟୋନଙ୍କ ପରି ଏତେ ଦକ୍ଷ ନଥିଲେ କି ପ୍ରଜାମାନଙ୍କ ପ୍ରତି ସହାନୁଭୂତିଶୀଳ ନଥିଲେ। ତେଣୁ ପ୍ରଜାମାନେ ଯାହା ଆଶଙ୍କା କରିଥିଲେ, ତାହାହିଁ ହେଲା। ରାଜା ଓ ତାଙ୍କର ଅମଲାମାନେ ଅଧିକ ଅତ୍ୟାଚାରୀ ହୋଇ ପଡ଼ିଲେ, ପ୍ରଜାମାନଙ୍କ ଉପରେ ବହୁ ବିଭିନ୍ନ କର ବସାଗଲା । ଘଟଣାବଳୀ କ୍ଷିପ୍ରଗତିରେ ଗଡ଼ିଚାଲିଲା ।

**ବିଦ୍ରୋହର ବିସ୍ଫୋରଣ:**

ଏହିସବୁ ଘଟଣା ଧରଣୀଧର ଭୂୟାଁ ମୟୂରଭଞ୍ଜରୁ ଫେରି ଅତି ନିବିଷ୍ଟ ଦୃଷ୍ଟିରେ ଲକ୍ଷ୍ୟ କରୁଥାଆନ୍ତି। ଇତିମଧ୍ୟରେ ୧୮୯୧ ମସିହାରେ କେନ୍ଦୁଝରରେ ଘଟଣାଟିଏ ଘଟିଲା । ଉକ୍ତ ଘଟଣାଟି ସୁପ୍ତ ଧରଣୀଧରଙ୍କୁ ଶତସିଂହର ବଳଦେଇ ଲୋକଲୋଚନକୁ ଆଣି ଦେଇଥିଲା । ତାହା ଥିଲା ମାଛକାନ୍ଦଣାଝରର ଖନନ।

କେନ୍ଦୁଝରଗଡ଼ର ୧୧ କିଲୋମିଟର ଉତ୍ତରକୁ ଯୋଡିଆ ପାହାଡରୁ ଗୋଟିଏ ଜୋର ବା ଝର ବାହାରି ବୈତରଣୀ ନଦୀରେ ପଡ଼ିଥିଲା। ଏହା ମାଛକାନ୍ଦଣାଝର ନାମରେ କଥିତ । ସେତେବେଳେ କେନ୍ଦୁଝରର ରାଜା ଚିନ୍ତା କରିଥିଲେ ଯେ ଯଦି ସେହି ଝର ଉପରେ ଏକ ମାହାରା ବା ବନ୍ଧ ନିର୍ମାଣ କରାଯାଇପାରିବ, ତେବେ ତାହା ଏକ ବିରାଟ ହ୍ରଦରେ ପରିଣତ ହେବ । ସେଥିରେ କବାଟ ଲଗାଇ ଜଳନିୟନ୍ତ୍ରଣ କରିପାରିଲେ କୌଣସି କାର୍ଯ୍ୟରେ ଆସୁନଥିବା ସେହି ଜଳକୁ ଆବଶ୍ୟକତାନୁଯାୟୀ ଗ୍ରାମବାସୀମାନେ ଜଳସେଚନ ସମେତ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରିପାରିବେ। ଏହାଥିଲା ବାସ୍ତବପକ୍ଷେ ଏକ ସୁପରିକଳ୍ପିତ ଯୋଜନା। ଏବେ ସେଠାରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏଥିପାଇଁ କେନ୍ଦୁଝରର ତତ୍କାଳୀନ ମେନେଜର ଫକୀରମୋହନ ସେନାପତି ରାଜାଙ୍କୁ କହି ଦଶହଜାର ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରିଥିଲେ।

ରାଜା ମଧ୍ୟ ତାହା ମଞ୍ଜୁର କରିଥିଲେ। ଏହି ମାହାରା ଖନନର ଦାୟିତ୍ୱ ଦିଆଯାଇଥିଲା ରାଜ୍ୟର ସେହି ଅତ୍ୟାଚାରୀ ଆସିଷ୍ଟାଣ୍ଟ ମେନେଜର ବିଚିତ୍ରାନନ୍ଦ ଦାସଙ୍କ ଉପରେ । ସେଇଠି ରାଜା ଏକ ତ୍ରୁଟି କରି ବସିଲେ ବିଚିତ୍ରାନନ୍ଦ ଦାସଙ୍କ ଚରିତ୍ର ଓ କାର୍ଯ୍ୟକଳାପ ବିଷୟରେ ରାଜାଙ୍କୁ କିଛି ଅଛପା ନଥିଲା । ତଥାପି ତାଙ୍କୁ ଏକ କାର୍ଯ୍ୟପାଇଁ ଦାୟିତ୍ୱ ଦେବା ରାଜାଙ୍କର ଏକ ଅବିବେକୀ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଇତି ମଧ୍ୟରେ ବିଚିତ୍ରାନନ୍ଦ ଦାସ ସ୍ଥିର କଲେ ଯେ ମାହାରାଟି ନିର୍ମାଣ କରାଯିବ ଭୂୟାଁପ୍ରଜାମାନଙ୍କ ବେଠିରେ। ଏହି ମର୍ମରେ ପାଇକମାନଙ୍କଦ୍ୱାରା ଖବର ପଠାଇଲେ ଯେ, ଝର ନିକଟରେ ଅବସ୍ଥିତ ଭୂୟାଁ ଗ୍ରାମରୁ ପ୍ରତିଦିନ ପାଳିକରି ଲୋକ ଆସି ଖନନ କରିବେ । ଏବେ ମଧ୍ୟ ସେହି ଭୂୟାଁ ଅଧ୍ୟୁଷିତ ଗ୍ରାମଗୁଡ଼ିକ ରହିଛି। ତନ୍ମଧ୍ୟରୁ ଡ଼ଙ୍ଗାପାଣି, ଠାକୁର ଡିହି, ଜାମୁଡ଼ିଆ, ମେଦିନୀପୁର ଓ ଅଞ୍ଜର ଗ୍ରାମର ନାମ ଉଲ୍ଲେଖ ଯୋଗ୍ୟ । ବିଚିତ୍ରାନନ୍ଦ ଦାସଙ୍କର ଆଦେଶ ଅବମାନନା କରିବାର ସାହାସ କାହାର ବା ଅଛି ? ତେଣୁ ପ୍ରତ୍ୟହ ସେମାନେ ସକାଳୁ ଚାଇଁ ବସାରୁ ଅଣାଯାଇଥିବା ଶାବଳମାନ ଧରି ଖୋଳିବା ପାଇଁ ଉପସ୍ଥିତ ହେଉଥାଆନ୍ତି। ପ୍ରବଳ ଖରା – ସେଥିରେ ଦିନ ୧୨ଟା ପର୍ଯ୍ୟନ୍ତ ପଥର ଭାଙ୍ଗି ମାତ୍ର ଦୁଇଘଣ୍ଟା ଛୁଟି ମିଳୁଥାଏ ଖାଇବା ପାଇଁ। ପୁଣି ୨ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଳାକାର୍ଯ୍ୟ ଚାଲେ । ଯେଉଁ ବେଠିଆ ନିଜଘରୁ ଚାଉଳ ଆଣିଥାଏ, ସେ ରୋଷେଇ କରି ଖାଏ ସେହି ଛୁଟି ଦୁଇଘଣ୍ଟା ମଧ୍ୟରେ, ଯେ ଆଣି ନଥାଏ, ସେ ଉପବାସରେ ରହେ ।

ଏହି ପ୍ରକାର ଅବସ୍ଥା ଭୂୟାଁମାନଙ୍କୁ ଏକତ୍ର କରାଇଥିଲା । ଧରଣୀଧରଙ୍କ ପରାମର୍ଶ କ୍ରମେ ରିମୁଳୀ ଓ ହାଣ୍ଡିଭଙ୍ଗାଠାରେ ବେଠି ପ୍ରଥା ବିରୋଧରେ ବୈଠକମାନ ବସୁଥିଲା । ସେଠାରେ ସେମାନେ ନିଷ୍ପତ୍ତି ନେଇଥିଲେ ଯେ ବିଚିତ୍ରାନନ୍ଦ ଦାସଙ୍କୁ ହାଣିବେ ଓ ରାଜାଙ୍କୁ କେନ୍ଦୁଝରଗଡ଼ରୁ ବିତାଡ଼ିତ କରିବେ । ଏଣେ ରାଜାଙ୍କର ଅମଲା ଧରଣୀଧରଙ୍କର ଭାଇ ଗୋପାଳ ନାୟକ ସମେତ ୨୦ ଜଣ ଭୂୟା ସର୍ଦ୍ଦାରଙ୍କୁ ଗିରଫ କରିନେଇଥିଲେ। ଗୋପାଳ ନାୟକଙ୍କୁ ୩ ମାସ କାରାଦଣ୍ଡ ହୋଇଗଲା । ଏହି ସବୁ ଘଟଣା ଧରଣୀଧରଙ୍କୁ ଜାଗ୍ରତ କରାଇଲା। ସେ ଆହ୍ୱାନ ଦେଲେ ବିଦ୍ରୋହ ପାଇଁ । ଅଳ୍ପ ସମୟ ମଧ୍ୟରେ ବଣାଇ ଓ ସିଂହଭୂମିରୁ ଶତସହସ୍ର ବାଥୁନ, କୋହ୍ଲ, ଭୂୟାଁ, ସାଉତି ଧରଣୀଧରଙ୍କ ଛତ୍ରତଳେ ସମବେତ ହେଲେ । ବିଦ୍ରୋହ ପାଇଁ ରଙ୍ଗମଞ୍ଚ ପ୍ରସ୍ତୁତ ହେଲା। ମାତ୍ର ବିଦ୍ରୋହ ଆରମ୍ଭ କରିବା ପୂର୍ବରୁ ଧରଣୀଧର ୧୮୯୧ ମସିହା ଜାନୁୟାରୀ ମାସରେ କଟକସ୍ଥିତ କମିଶନର, କଲିକତାସ୍ଥିତ ଇଂରେଜ କର୍ତ୍ତୃପକ୍ଷ ଓ ମୟୂରଭଞ୍ଜ ରାଜ୍ୟର ମେନେଜରଙ୍କୁ ରାଜାଙ୍କର ଅତ୍ୟାଚର ବିଷୟରେ ଚିଠି ଲେଖି ଅବଗତ କରାଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ତାଙ୍କର ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ। ରାଣୀଙ୍କର ଧର୍ମପୁତ୍ର ରୂପେ ସେ ନିଜକୁ ଘୋଷଣା କରି ରାଜ୍ୟରେ ନ୍ୟାୟ ବିଚାର ଦେବାପାଇଁ ସେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି କହିଲେ, ଏହିପରି ଭାବେ ବିଦ୍ରୋହର ନାଟକଟି ଉନ୍ମୋଚିତ ହେଲା ।

ପ୍ରାଥମିକ ପଦକ୍ଷେପ ସ୍ୱରୂପ ଧରଣୀଧର ଭୂୟାଁ ପାଓ୍ୱାରି ଗ୍ରାମରେ ଏକ ପଞ୍ଚାୟତ ଡକାଇଥିଲେ ରାଜାଙ୍କ ଅତ୍ୟାଚାର ବିରୋଧରେ କ'ଣ କରାଯାଇପାରିବ ତାହା ଆଲୋଚନା କରିବାପାଇଁ। ଏହା ରାଜାଙ୍କ

କାନରେ ପଡ଼ିଥିଲା । ତେଣୁ ସେ ନିଜେ, ଆସିଷ୍ଟାଣ୍ଡ ମେନେଜର ବିଚିତ୍ରାନନ୍ଦ ଦାସ ଓ ହେଡ୍ କନେଷ୍ଟବଲ ନାରାୟଣ ଭୋଇ ଉକ୍ତ ଗ୍ରାମକୁ ଯାଇଥିଲେ ସମ୍ଭବତଃ ସେମାନଙ୍କୁ ଭୟଭୀତ କରିବାପାଇଁ । ସେଠାରେ ସେମାନେ କେତେଜଣ ବିଦ୍ରୋହୀଙ୍କୁ ବନ୍ଦୀ କରିଥିଲେ ମଧ୍ୟ ମୁଖ୍ୟ କର୍ଣ୍ଣଧାର ଧରଣୀଧରଙ୍କୁ ଧରିପାରି ନଥିଲେ। ସେଠାରେ ପହଞ୍ଚିବା ପୂର୍ବରୁ ସେ ପଳାୟନ କରିସାରିଥିଲେ । ତା'ପରେ ବହୁ କୋହ୍ଲ ଓ ଭୂୟାଁଙ୍କୁ ସଙ୍ଗରେ ନେଇ ଧରଣୀଧର ପହଞ୍ଚିଥିଲେ ଚାମୁକପୁର ଗ୍ରାମରେ । ସେଠାରେ ସେମାନେ ରାଜାଙ୍କର କନେଷ୍ଟବଲ ଓ ପାଇକମାନଙ୍କ ଉପରେ ଆକ୍ରମଣ ଚଳାଇ ସେମାନଙ୍କୁ କ୍ଷତବିକ୍ଷତ କରିଦେଇଥିଲେ । ପୂର୍ବତନ ଦେୱାନ ନନ୍ଦ ଧଳଙ୍କୁ ସେମାନେ ହତ୍ୟା କରିଥିଲେ । ଏଥିସହିତ ସେମାନେ କେନ୍ଦୁଝରଗଡ଼ ସହିତ ସବୁ ଯୋଗସୂତ୍ର ବିଚ୍ଛିନ୍ନ କରିଦେଇଥିଲେ । ବିଦ୍ରୋହୀମାନଙ୍କ ଦ୍ୱାରା ଡାକଚିଠି ଲୁଟ୍ କରାଯାଇଥିଲା । ଅବସ୍ଥା କ୍ରମେ ଭୟାବହ ହେଉଥିବାର ଲକ୍ଷ୍ୟକରି ରାଜା ଓ ବିଚିତ୍ରାନନ୍ଦ ଦାସ କେନ୍ଦୁଝରଗଡ଼ ଛାଡି ଆନନ୍ଦପୁରରେ ପହଞ୍ଚିଥିଲେ ୧୮୯୧ ମସିହା ମେ ୭ ତାରିଖ ଦିନ । ସେଠାରେ ସେ ନିରାପଦରେ ରହିପାରିବେ ବୋଲି ଚିନ୍ତାକରି ଏହି ପଦକ୍ଷେପ ନେଇଥିଲେ । ସେଠାକୁ ଯିବାର ଅନ୍ୟ ଏକ କାରଣ ଥିଲା, ତାଙ୍କର ବୁଦ୍ଧିଦାତା ଫକୀରମୋହନ ସେନାପତି ସେହିଠାରେ ରହୁଥିଲେ । ମାତ୍ର ସେଠାରେ ରାଜା ନିରାପଦରେ ରହିପାରି ନଥିଲେ । ବିଦ୍ରୋହୀମାନଙ୍କର ସଂଖ୍ୟା ବୃଦ୍ଧିପ୍ରାପ୍ତ ହୋଇ ୫୦୦୦ରେ ପହଞ୍ଚିଥିଲା । ସେମାନେ ଆନନ୍ଦପୁର ଅଭିମୁଖେ ଯାଉଥିବାର ସନ୍ଦେଶ ରାଜାଙ୍କଠାରେ ପହଞ୍ଚିଥିଲା । ତେଣୁ କଟକସ୍ଥିତ କମିଶନରଙ୍କୁ ଏହା ଜଣାଇ ପୋଲିସର ସାହାଯ୍ୟ ପାଇବା ନିମନ୍ତେ ରାଜା ତାଙ୍କର ଆସିଷ୍ଟାଣ୍ଡ ସୁପରିଟେଣ୍ଡେଣ୍ଟ ରାୟ ନନ୍ଦକିଶୋର ଦାସ ବାହାଦୂର ଓ ମେନେଜର ଫକୀରମୋହନ ସେନାପତିଙ୍କୁ କଟକ ପ୍ରେରଣ କରିଥିଲେ ମେ ୧୨ ତାରିଖ ଦିନ । ସେତେବେଳେ କମିଶନର ଥାଆନ୍ତି ଜର୍ଜ ଟଏନ୍‌ବି । ଫକୀରମୋହନ ତାଙ୍କୁ ସାକ୍ଷାତ କରି ବିଦ୍ରୋହ ବିଷୟରେ ସମସ୍ତ ବିଷୟ ଅବଗତ କରାଇବା ପରେ ପୋଲିସର ସାହାଯ୍ୟ ମାଗିଥିଲେ । ମାତ୍ର ଟଏନ୍‌ବି ପ୍ରଥମେ ଫକୀରମୋହନଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, "ଆଚ୍ଛାହେଲା, ଭଲ ହେଲା, ରାଜା ଯେପରି ଅତ୍ୟାଚାରୀ ଓ ଗଭର୍ଣ୍ଣମେଣ୍ଟର ହୁକୁମ ଅମାନ୍ୟକାରୀ, ସେହିପରି ଦଣ୍ଡ ଭୋଗନ୍ତୁ – ଆମେ ସାହାଯ୍ୟ କରିପାରିବୁ ନାହିଁ" । ମାତ୍ର ଫକୀରମୋହନ ସେନାପତି ନିଜର ବିଚକ୍ଷଣ ବୁଦ୍ଧି ପ୍ରୟୋଗ କରି କମିଶନରଙ୍କୁ ବୁଝାଇଥିଲେ, "ରାଜା ସବୁବେଳେ ଅନୁଗତ, ବରଂ ଭୂୟାଁମାନେ ବଣୁଆ; ରାଜା, ଅତ୍ୟାଚାରୀ ନୁହନ୍ତି ।" ଶେଷରେ କମିଶନର ବୁଝି ବଙ୍ଗ ସରକାରକୁ ଜଣାଇଥିଲେ ବିଦ୍ରୋହ ଦମନ କରିବାପାଇଁ, ସେମାନେ ଯେପରିହେଉ କିଛି ପଦକ୍ଷେପ ନିଅନ୍ତୁ । ତାଙ୍କର ମତ ଗ୍ରହଣ କରାଗଲା । ଚାଇଁବସାର ଡେପୁଟି କମିଶନର ଏଚ୍. ଡାଉସନଙ୍କୁ କେନ୍ଦୁଝରର ବିଦ୍ରୋହ ଦମନ କରିବା ପାଇଁ କମିଶନରଙ୍କ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଭାବେ ନିଯୁକ୍ତ କରାଗଲା । ବିଦ୍ରୋହ ଦମନ କରିବା ଦିଗରେ ଚାର୍ଲ ୱେଲିଙ୍ଗଷ୍ଟୋନ ମଧ୍ୟ ତାଙ୍କୁ ସାହାଯ୍ୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

ଏହି ଖବର ପାଇବାମାତ୍ରେ ବିଦ୍ରୋହୀମାନେ ଅଧିକ ଉତ୍ତେଜିତ ହୋଇପଡ଼ିଥିବାର ଦେଖାଯାଇଥିଲା। ଧରଣୀଧର ମଧ୍ୟ ଦୃଢ଼ଭାବେ ନିଜକୁ କେନ୍ଦୁଝର ରାଜ୍ୟର ଟିକାୟତ ବୋଲି ଘୋଷଣା କରିଥିଲେ । ପୁନଶ୍ଚ

ସେ ରାଇସୁଆଁର ଏକ ଆମ୍ବତୋଟା ମଧ୍ୟରେ ନିଜର ଦରବାର ପ୍ରତିଷ୍ଠା କରି ପ୍ରଜାମାନଙ୍କୁ ବିଭିନ୍ନ ଆଦେଶ ଜାରି କରିଥିବାର ଦେଖାଯାଇଥିଲା । କେନ୍ଦୁଝରର ଦାୟିତ୍ୱ ନେବାପାଇଁ ସରକାର ତାଙ୍କୁ ଅନୁମତି ଦିଅନ୍ତୁ ବୋଲି ସେ  ମଧ୍ୟ ଇଂରେଜ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ । ବସନ୍ତପୁରଠାରେ ଫକୀରମୋହନଙ୍କୁ ମଧ୍ୟ ଧରିନେଇ ଧରଣୀଧରଙ୍କ ଦରବାରରେ ହାଜର କରାଯାଇଥିଲା । ଧରଣୀ ତାଙ୍କୁ ଦେଖି କହିଲେ, "ମୋ ଗୋଡ଼ତଳେ ପଡ଼ - ମୋ ଗୋଡ଼ତଳେ ପଡ ।" ଏହା ଭୂୟାଁପୀଢ଼ରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲା। କାରଣ କେନ୍ଦୁଝରଗଡ଼ର ମେନେଜର ଫକୀରମୋହନ ଧରାପଡ଼ିଛି । ସେହି ସମୟରେ ନିଜକୁ ଟିକାୟତ ଘୋଷଣା କରିଥିବା ଧରଣୀଧର ଫକୀରମୋହନଙ୍କୁ ମନ୍ତ୍ରୀ ପଦରେ ନିଯୁକ୍ତି ଦେଇଥିଲେ । ତା'ପରେ ଖୋଦ ମନ୍ତ୍ରୀଙ୍କ ଉପସ୍ଥିତିରେ ଦରବାରରେ ନିଷ୍ପତ୍ତି ନିଆଯାଇଥିଲା ଯେ କେନ୍ଦୁଝରଗଡ଼ ଅଧିକାର କରି ସମସ୍ତ ସମ୍ପତ୍ତି ରାଇସୁଆଁକୁ ଅଣାଯିବ । ସେତେବେଳକୁ ରାଜା ଆନନ୍ଦପୁରରୁ କେନ୍ଦୁଝରଗଡକୁ ଫେରି ଆସିସାରିଥାଆନ୍ତି ।

ଇତି ମଧ୍ୟରେ ଧରଣୀଧରଙ୍କ ଆଦେଶକ୍ରମେ ବିଦ୍ରୋହୀମାନେ କେନ୍ଦୁଝର ରାଜାଙ୍କ ଅମଲା ଓ ସେମାନଙ୍କ ସହିତ ସହଯୋଗ କରୁ ନ ଥିବା ଲୋକଙ୍କର ସମ୍ପତ୍ତି ଲୁଟ୍ କରିବାରେ ଲାଗିଲେ। ମେ ୧୬ ତାରିଖ ଦିନ ସେମାନେ ରାଜାଙ୍କ ଗଡ଼ ମଧ୍ୟରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ, ଅବଶ୍ୟ ସେମାନେ ବିଫଳ ହୋଇଥିଲେ। କାରଣ ରାଜାଙ୍କ ଗଡ଼ ଜଗୁଆଳୀମାନଙ୍କର ଅଧ୍ୟକ୍ଷ କ୍ଷେତ୍ରୀବର ସିଂହଙ୍କୁ ସେମାନେ ପଦାନତ କରିପାରି ନଥିଲେ । ଏହି ଘଟଣା ପରେ ବିଦ୍ରୋହୀଙ୍କ ସଂଖ୍ୟା ୨୦,୦୦୦କୁ ବୃଦ୍ଧି ହୋଇଥିଲା । ଏପରିକି ରାଜା ଓ ଜମିଦାରଙ୍କର ପାଇକମାନେ ବିଦ୍ରୋହୀଙ୍କ ସହ ଯୋଗ ଦେଇଥିଲେ । ସେମାନେ ରାଜାଙ୍କର କାରାଗାର ଉପରେ ଆକ୍ରମଣ କରି ବହୁ ବନ୍ଦୀଙ୍କୁ ମୁକ୍ତ କରାଇଥିଲେ । ରାଜକୋଷ ମଧ୍ୟ ଲୁଟ୍ କରାଯାଇଥିଲା। ଏହିପରି ଭାବେ ସମଗ୍ର କେନ୍ଦୁଝରଗଡର ଶାସନ ବିଦ୍ରୋହୀମାନେ ଅଧିକାର କରିନେଇଥିଲେ । ଅବଶ୍ୟ ସେତେବେଳକୁ ଇଂରେଜ ସୈନ୍ୟବାହିନୀ କେନ୍ଦୁଝରଗଡ଼ରେ ପହଞ୍ଚି ନଥାଆନ୍ତି । ପରେ ପରେ ଏଚ୍. ଡାଉସନ ପହଞ୍ଚିଥିଲେ କେନ୍ଦୁଝରଗଡ଼ରେ ।

ଫକୀରମୋହନଙ୍କୁ ମନ୍ତ୍ରୀପଦରେ ଅଭିଷିକ୍ତ କରି ଏଣେ ଧରଣୀଧର ରାଇସୁଆଁ ଠାରେ ନିଜର ଦରବାର ଚଳାଇଥାଆନ୍ତି । କେନ୍ଦୁଝରଗଡ଼କୁ  ଦଖଲ କରିବାର ଗୁପ୍ତ ନିଷ୍ପତ୍ତି ନିଆଯିବାପରେ ଦରବାରରେ ଉପସ୍ଥିତ ଫକୀରମୋହନ ବିଚଳିତ ହୋଇପଡିଥିଲେ । ରାଜାଙ୍କ ମେନେଜର ହୋଇଥିବାରୁ ଫକୀରମୋହନଙ୍କର ରାଜାଙ୍କ ପ୍ରତି ଆନୁଗତ୍ୟ ଥିଲା । ବିପଦ ସମୟରେ ନିଜର ମାଲିକଙ୍କୁ ରକ୍ଷା କରିବା ଧର୍ମ ବୋଲି ଉପଲବ୍ଧି କରି ଗଡ଼ ରକ୍ଷାକରିବା ଉଦ୍ଦେଶ୍ୟରେ ଏହି ଗୁପ୍ତ ଖବର ସତର୍କତାରସହ  ରାଜାଙ୍କୁ ଚିଠିରେ ଜଣାଇବା ପାଇଁ ଚିନ୍ତା କରିଥିଲେ । ଚିଠି ଲେଖିବେ - ମାତ୍ର ଏପରିଭାବେ ଲେଖିବେ ଯେ, ଯାହାକି ରାଜାଙ୍କ ବ୍ୟତୀତ ଅନ୍ୟ କେହି ବୁଝିପାରିବେ ନାହିଁ । ଚିଠି ଲେଖିବାପାଇଁ ଅନୁମତି ମଧ୍ୟ ଲୋଡ଼ା । ପ୍ରତ୍ୟୁତ୍ପନ୍ନମତି ଫକୀରମୋହନଙ୍କ ପକ୍ଷେ ଏହା ମଧ୍ୟ ବିଶେଷ କିଛି କଷ୍ଟ ନ ଥିଲା । ସେ ଜାଣିଛନ୍ତି ଧରଣୀଧର ପାନ ଖାଆନ୍ତି । ସୁତରାଂ ତାଙ୍କ ପାଇଁ ଭଲ ପାନ ମଗାଇବା ଉଦ୍ଦେଶ୍ୟରେ ଚିଠିଟିଏ ଲେଖିବେ କହି ଧରଣୀଧରଙ୍କୁ ଆବେଦନ କରି ତାଙ୍କଠାରୁ

ଅନୁମତି ପାଇଥିଲେ । ରାଜାଙ୍କର ଆନନ୍ଦପୁର କଚେରୀରେ ବାଲେଶ୍ୱର ନିବାସୀ ଭୋଳାନାଥ ଦେ ନାମରେ ଜଣେ ସର୍ଭେୟର ଥିଲେ । ଭଦ୍ରକରେ ତାଙ୍କର ଗୋଟିଏ ଆଖୁବାଡି ଥିଲା । ତାଙ୍କ ପାଖକୁ ସମ୍ବୋଧନ କରି ଚିଠିଟିଏ ଲେଖି ପ୍ରକୃତପକ୍ଷେ ରାଜାଙ୍କ ପାଖକୁ ତାହା ପଠାଇବାପାଇଁ ସେ ଚିନ୍ତା କରିଥିଲେ । ତାହା ହିଁ କରାଗଲା । ଚିଠିଟିର ଅବିକଳ ନକଲ ଏଠାରେ ଉଦ୍ଧାର କରାଗଲା ।

**ମଇ ମାସ ତା ୧୬ ସନ ୧୮୯୧**

**ମୁକାମ ରାଇସୁଆଁ**

ଭୋଳାନାଥ ଖମାରିଆ ଜାଣିବୁ,

"ମହାରାଣୀଙ୍କ ପୁତ୍ରଙ୍କ ସକାଶେ ନିତାନ୍ତ ଦରକାର, ଅତିଶୀଘ୍ର ଶହେ ହେଲେ ପାନ, ଦୁଇଶ ଗୁଆ ପଠାଇବୁ । ଉତ୍ତରପଟୁ ମାହାରା କରି ଆଖୁବାଡ଼ିକୁ ଶୀଘ୍ର ପାଣି ବୁହାଇବୁ, ନୋହିଲେ ଆଖୁବାଡି ବିନାଶ ଯିବ ବୋଲି ଜାଣିବୁ ।"

(ଇତି)

ରାଜା ଚିଠିଟି ପାଇ ତାର ଅର୍ଥ କଲେ, ପାନ ମାନେ ସିପାହି, ଗୁଆ ଅର୍ଥ ବନ୍ଧୁକର ଗୁଳି – ଅର୍ଥାତ ବନ୍ଧୁକଧାରୀ ସିପାହି, ଆଖୁବାଡ଼ି ଅର୍ଥାତ ଗଡ଼, ଉତ୍ତରଦିଗରୁ ଅର୍ଥାତ୍ ଚାଇଁବସା ତରଫରୁ ସିପାହି ଶୀଘ୍ର ନ ଗଲେ ଗଡ ଲୁଟପାଟ ହୋଇ ନଷ୍ଟ ହୋଇଯିବ । ଏହି ଖବର ଡାଉସନଙ୍କୁ ଜଣାଇଦିଆଗଲା । ତେଣୁ ସେ ତାଙ୍କ ସହିତ ଆଣିଥିବା ସପ୍ତଦଶ ରେଜିମେଣ୍ଟର ସୈନ୍ୟ ଧରି ଗଡ଼ ଜଗିଗଲେ । ଫଳରେ ବିଦ୍ରୋହୀମାନଙ୍କର ଗଡ଼ ଆକ୍ରମଣ କରିବାର ଯୋଜନା ପଣ୍ଡ ହୋଇଯାଇଥିଲା ।

ଫଳରେ ବିଦ୍ରୋହୀମାନେ ସବୁପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ସେମାନେ ରାଜବାଟୀ ଦଖଲ କରିପାରି ନଥିଲେ । ବନ୍ଧୁକ ଗୋଳାବାରୁଦରେ ସୁସଜ୍ଜିତ ଏକ ତାଲିମପ୍ରାପ୍ତ ଇଂରେଜ ସେନାବାହିନୀ ସମ୍ମୁଖରେ ଆଦିବାସୀ ବିଦ୍ରୋହୀ ଧନୁଶର ପରି ପାରମ୍ପରିକ ଅସ୍ତ୍ରଶସ୍ତ୍ର ନେଇ ନିଜର ବିଜୟବୈଜୟନ୍ତୀ ଉଡ଼ାଇବା ଦିଗରେ କ୍ଷମ ହୋଇପାରି ଥାଆନ୍ତେ ବା କିପରି ? ସେ ଯାହାହେଉ ଧରଣୀଧରଙ୍କ ସମେତ ଅନ୍ୟାନ୍ୟ ବିଦ୍ରୋହୀଙ୍କୁ ଧରିବା ଥିଲା ଇଂରେଜ ସେନାଧକ୍ଷ ଡାଉସନଙ୍କର ପ୍ରଧାନ ଚିନ୍ତାର ବିଷୟ । ପ୍ରଥମ ପଦକ୍ଷେପ ସ୍ୱରୂପ ସେ ପୋଲିସ ସବ୍‌ଇନ୍ସପେକ୍ଟର ଶଶୀଭୂଷଣ ରାୟ ଓ କନେଷ୍ଟବଳ ଭଗବାନ କ୍ଷେଣ୍ଟଙ୍କୁ ପଠାଇଥିଲେ ଧରଣୀଧରଙ୍କ ଛାଉଣିକୁ ସେଠାକାର ଅବସ୍ଥା ଅନୁଧ୍ୟାନ କରି ତାଙ୍କୁ ଜଣାଇବା ପାଇଁ । ଆବଶ୍ୟକ ପଡ଼ିଲେ ଆତ୍ମସମର୍ପଣ କରିବା ପାଇଁ ସେମାନେ ଧରଣୀଧରଙ୍କୁ ପ୍ରଭାବିତ କରିବେ । ଶଶୀଭୂଷଣ ରାୟ ତାହାହିଁ କରିଥିଲେ । ମାତ୍ର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଧରଣୀଧର ଆତ୍ମସମର୍ପଣ କରିଥାନ୍ତେ ବା କିପରି ?

ସେତେବେଳେ ଫକୀରମୋହନ ସେନାପତି ମୁକ୍ତ ହୋଇ ନ ଥାନ୍ତି । ସେ ଥାଆନ୍ତି ଧରଣୀଧରଙ୍କ ଦରବାରରେ । ଧରଣୀଧରଙ୍କୁ ଧରାଇଦେବା ପାଇଁ ଫକୀରମୋହନ ଏକ କୌଶଳ ଚିନ୍ତା କରୁଥାଆନ୍ତି ।

କୌଶଳଟିଏ ମଧ୍ୟ ଖୋଜି ପାଇଥିଲେ । ଧରଣୀଧରଙ୍କର ବୀରତ୍ୱକୁ ପ୍ରଶଂସା କରି ଦିନେ ସେ ତାଙ୍କୁ ପରାମର୍ଶ ଦେଇଥିଲେ ଯେ ସେ ଥରେ ଯାଇ ଇଂରେଜ ସେନାଧ୍ୟକ୍ଷ ଡାଉସନ ସାହେବଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରନ୍ତୁ । ଏହା ତାଙ୍କପାଇଁ ମଙ୍ଗଳପ୍ରଦ ହେବ । ଏଣେ ଏହି ବିଷୟ ଡାଉସନଙ୍କୁ ଫକୀରମୋହନ ଜଣେଇ ଦେଇଥାଆନ୍ତି । ଧରଣୀଧର ଫକୀରମୋହନଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ ବୁଝି ନପାରି କିଛି ସହଯୋଗୀଙ୍କ ସହ କେନ୍ଦୁଝର ଗଡ଼ ଅଭିମୁଖରେ ଯାତ୍ରା କରିଥିଲେ । ବିପରୀତ ଦିଗରୁ ଆସିଥିଲେ ଡାଉସନ ସାହେବ କିଛି ସୈନ୍ୟ ସାମନ୍ତ ଧରି । ବାଟରେ ପୁତୁଳିଆ ଓ ରୁଚିରି ନାମକ ଦୁଇଟି ଗାଁ ମଧ୍ୟରେ ଥିବା ଏକ ସ୍ଥାନରେ ଡାଉସନ ସାହେବ ଆସୁଥିବାର ଲକ୍ଷ୍ୟ କରି ଧରଣୀଧର ହାତୀ ପିଠିରୁ ଓହ୍ଲାଇ ତାଙ୍କୁ ସ୍ୱାଗତ ଜଣାଇଥିଲେ । ପୂର୍ବ ପରିକଳ୍ପନାନୁଯାୟୀ ସୈନ୍ୟମାନେ ଧରଣୀଧରଙ୍କୁ ଚତୁର୍ଦ୍ଦିଗରୁ ଘେରି ବନ୍ଦୀ କରିଥିଲେ । ଏହା ବାସ୍ତବପକ୍ଷେ ଇଂରେଜମାନଙ୍କ ଶଠତାର ଏକ ନଗ୍ନ ପରିପ୍ରକାଶ । ଯେଉଁ ଜାତି ପ୍ରାରମ୍ଭରୁ ଶଠତା ଓ ଷଡ଼ଯନ୍ତ୍ରର ଆଶ୍ରୟ ନେଇ ଭାରତରେ ଏକ ସାମ୍ରାଜ୍ୟ ସ୍ଥାପନ କରିଥିଲେ, ଧରଣୀଧରଙ୍କ ପ୍ରତି ସେହି ପ୍ରକାର ଆଚରଣ ପ୍ରଦର୍ଶନ ସେପରି କିଛି ବିସ୍ମୟକର ନଥିଲା । ସେ ଯାହାହେଉ, ପରେପରେ ଫକୀରମୋହନ ସେନାପତି ଓ ଅନ୍ୟମାନଙ୍କୁ ମୁକ୍ତ କରାଯାଇ କେନ୍ଦୁଝରଗଡ଼କୁ ନିଆଯାଇଥିଲା । ବିଦ୍ରୋହ ପ୍ରଶମିତ ହୋଇଥିବାର ଚିନ୍ତାକରି ଡାଉସନ ଇଂରେଜ ସୈନ୍ୟ ଧରି କେନ୍ଦୁଝର ଛାଡ଼ି ଚାଲିଯାଇଥିଲେ ।

ଇତିମଧ୍ୟରେ ଧରଣୀଧରଙ୍କର ବନ୍ଦୀ ଖବର ବିଜୁଳିବେଗରେ ସର୍ବତ୍ର ବ୍ୟାପି ଯାଇଥିଲା । ତାଙ୍କର ଅନୁଗାମୀମାନେ ହତୋତ୍ସାହିତ ହୋଇ କେନ୍ଦୁଝର ପାଖଆଖ ଜଙ୍ଗଲରେ ଆଶ୍ରୟ ନେଇଥିଲେ । ତଥାପି ସେମାନଙ୍କ ମଧ୍ୟରୁ କେତେକଙ୍କର ରକ୍ତ ଶିଥିଳ ହୋଇ ନଥିଲା । ଦୀପ ଲିଭିଯିବା ପୂର୍ବରୁ ଜୋର୍‌ରେ ଜଳି ଉଠିଲା ପରି ସେମାନଙ୍କ ମଧ୍ୟରେ ଥିବା ବିଦ୍ରୋହର ସ୍ଫୁଲିଙ୍ଗ ଲେଲିହାନ ଶିଖାର ରୂପ ନେଇଥିଲା । ଗୋପନୀୟ ଭାବେ ସେମାନେ କେନ୍ଦୁଝର ସହିତ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରିଦେଇଥିଲେ । ଏପରି ଅବସ୍ଥାରେ କେନ୍ଦୁଝରରେ ଅବସ୍ଥାପିତ ଏଚ.ପି.ଉଇଲି ସାହେବ ଦମନ କାର୍ଯ୍ୟ ଆରମ୍ଭ କରିଥିଲେ । ଧରଣୀଧରଙ୍କର ଦୁଇ ପ୍ରଧାନ ସହଯୋଗୀ ନରେନ୍ଦ୍ର ମହାପାତ୍ର ଓ ବଳରାମ ସିଂଙ୍କୁ ବନ୍ଦୀ କରାଯାଇ ଢେଙ୍କାନାଳ ଜେଲକୁ ପଠାଯାଇଥିଲା । ଏଥି ସହିତ ଉଇଲି ସାହେବ କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ କଟକକୁ ପଠାଇ ଦେଇଥିଲେ । ରାଜ୍ୟର ଶାସନଭାର ଗ୍ରହଣ କରିଥିଲେ ସେ ନିଜେ ।

ପରେପରେ ଧନୁର୍ଜୟ ନାରାୟଣ ଭଞ୍ଜ ଇଂରେଜ ସରକାରଙ୍କୁ ଆବେଦନ କରିଥିଲେ ତାଙ୍କର ରାଜ୍ୟ ଓ ରାଜଗାଦୀ ଫେରାଇଦେବାପାଇଁ । ପ୍ରଥମେ ବଙ୍ଗଳାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଚାର୍ଲସ ଏଲିଏଟ ତାଙ୍କର ଆବେଦନ ପତ୍ରକୁ ଖାରଜ କରି ଦେଇଥିଲେ । କେନ୍ଦୁଝର ରାଜା କୌଣସି ଉପାୟ ନଦେଖି ତତ୍କାଳୀନ ପ୍ରଖ୍ୟାତ ବାରିଷ୍ଟର ମଧୁସୂଦନ ଦାସଙ୍କୁ ନିଯୁକ୍ତ କରିଥିଲେ ତାଙ୍କ ପକ୍ଷରୁ ଇଂରେଜମାନଙ୍କ ସହିତ ଲଢ଼ିବା ପାଇଁ । ତାଙ୍କର ଉଦ୍ୟମରେ ପ୍ରଥମ ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କୁ କଟକ ଆସିବାକୁ ପଡ଼ିଥିଲା ସେ ବିଷୟରେ ଅନୁସନ୍ଧାନ କରିବା ପାଇଁ । ସେ ଆସି ତତ୍କାଳୀନ କମିଶନର ଜର୍ଜ ଟଏନବି ଓ ଏଚ୍. ପି. ଉଇଲିଙ୍କ ସହ

ଆଲୋଚନା କରିଥିଲେ । ଉଭୟ କମିଶନର ଓ ଉଇଲି ରାଜାଙ୍କ ଆବେଦନପତ୍ର ଖାରଜ କରିବା ପାଇଁ ମତ ପ୍ରଦାନ କରିଥିଲେ ମଧ୍ୟ ମଧୁବାବୁ ଏପରି ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଲେପ୍‌ଟନାଣ୍ଟ ଗଭର୍ଣ୍ଣର ରାଜାଙ୍କୁ ରାଜ୍ୟ ଫେରାଇ ଦେବାପାଇଁ ରାଜି ହୋଇଥିଲେ । ଏଥିପାଇଁ ରାଜା ତାଙ୍କୁ ବିପୁଳଅର୍ଥ ଦେଇଥିଲେ । ସେ ଯାହା ହେଉ ଶାସନ କାର୍ଯ୍ୟ ତଦାରଖ କରିବା ପାଇଁ ଇଂରେଜମାନଙ୍କ ପକ୍ଷରୁ ଜଣେ ପଲିଟିକାଲ ଏଜେଣ୍ଟ ନିଯୁକ୍ତ କରାଯିବାର ବ୍ୟବସ୍ଥା ରହିଥିଲା । ତଦନୁଯାୟୀ ଇଂରେଜ ସରକାର ନିଜର ଜଣେ ପ୍ରଶାସକ, ରାୟ ବାହାଦୂର ନନ୍ଦକିଶୋର ଦାସଙ୍କୁ ଉକ୍ତ ପଦବୀରେ ଅବସ୍ଥାପିତ କରାଇଥିଲେ । ପରେପରେ ଫକୀରମୋହନ ନିଜ କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ ଓ ତାଙ୍କ ସ୍ଥାନ ପୂରଣ କରିଥିଲେ ବାବୁ ଦୁର୍ଗାଦାସ ମୁଖାର୍ଜୀ ।

ଇତିମଧ୍ୟରେ ଭୂୟାଁମାନେ ତାଙ୍କର ପ୍ରିୟ ନେତା ଧରଣୀଧରଙ୍କର ମୁକ୍ତି ଦାବୀ କରିବସିଥିଲେ । ରାଜାଙ୍କର ହୃଦୟରେ ପୁନରାୟ ଆତଙ୍କର ତରଙ୍ଗ ସୃଷ୍ଟି ହୋଇଥିଲା । ମାତ୍ର ନନ୍ଦକିଶୋର ଦାସ ଏଥିରେ ଅଟଳ ରହି ବିଦ୍ରୋହୀଙ୍କର ଉପରୋକ୍ତ ଦାବି ଗ୍ରହଣ କରି ନଥିଲେ । ଏଥିରେ କ୍ଷୁବ୍ଧ ହୋଇ କେତେଜଣ ଭୂୟାଁ ଦାର୍ଜିଲିଂ ଯାଇ ଲେପ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ନିକଟରେ ଧରଣୀଧରଙ୍କର ମୁକ୍ତି ପାଇଁ ଆବେଦନ କରିଥିଲେ । ମାତ୍ର ତାହା ଗ୍ରହଣ କରାଯାଇ ନଥିଲା । ବରଂ ପୋଲିସ ଫୌଜ ସାହାଯ୍ୟରେ ସେମାନଙ୍କର ବିଦ୍ରୋହ ଦମନ କରିବାପାଇଁ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ନିର୍ଦ୍ଦେଶ ଦେଇଥିଲେ । ଫଳରେ ବହୁ ବିଦ୍ରୋହୀ ପୁନରାୟ ଏକଜୁଟ ହୋଇ ବିଦ୍ରୋହଗ୍ନି ପ୍ରଜ୍ୱଳିତ କରିଥିଲେ । ଏହାଥିଲା ୧୮୯୩ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସର କଥା । ସେହି ସମୟରେ ବହୁ ଭୂୟାଁ ସର୍ଦ୍ଦାର ଆତ୍ମସମର୍ପଣ କରିଥିଲେ ମଧ୍ୟ ଧରଣୀଧର ଓ ଅନ୍ୟ କେତେଜଣ ସହଯୋଗୀ ଆତ୍ମସମର୍ପଣ କରି ନ ଥିଲେ । ଏହା ଥିଲା ତାଙ୍କର ମହାନତା । ସେମାନେ ହେଲେ ମୁକୁନ୍ଦ ମହାନାୟକ, କାଳିଆ ନାଏକ ଓ ବୁଲୁ ନାୟକ । ପରିଶେଷରେ ସେମାନଙ୍କୁ ଗିରଫ କରାଯାଇଥିଲା । ତା'ପରେ ଆରମ୍ଭ ହୋଇଥିଲା ବିଦ୍ରୋହୀମାନଙ୍କର ବିଚାରପର୍ବ । ବାରିପଦାଠାରେ ସେସନ୍ସ କୋର୍ଟ ଦ୍ୱାରା ସେମାନଙ୍କର ବିଚାର ହୋଇଥିଲା । ତନ୍ମଧ୍ୟରୁ ୨୮ ଜଣ ବନ୍ଦୀଙ୍କୁ ଭିନ୍ନଭିନ୍ନ ସମୟଧରି କାରାଗାର ଦଣ୍ଡ ଦିଆଗଲା । ୪୦ ଜଣଙ୍କୁ ଯାବଜ୍ଜୀବ ଦ୍ୱୀପାନ୍ତର ଦଣ୍ଡ ଦିଆଯାଇଥିଲା ।

**ଧରଣୀଧରଙ୍କ ଜୀବନର ଅନ୍ତିମ ପର୍ବ:**

ଧରଣୀଧରଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଦିଆଯାଇ କଟକ ଜେଲ୍‌ରେ ରଖାଯାଇଥିଲା । ୧୮୯୭ ଖ୍ରୀଷ୍ଟାବ୍ଦରେ ସେ ମୁକ୍ତ ହୋଇଥିଲେ । ମାତ୍ର କେନ୍ଦୁଝର ନଯାଇ ସେ କଟକରେ ରହିବେ ବୋଲି ଆଦେଶପ୍ରାପ୍ତ ହୋଇଥିଲା । ସେ ମାସକୁ ଆଠ ଟଙ୍କା ଭତ୍ତା ପାଇବାର ବ୍ୟବସ୍ଥା କରାଯାଇଥିଲା । ମାସକୁ ଥରେ ମାତ୍ର କେନ୍ଦୁଝରକୁ ଆସି ଭତ୍ତା ଗ୍ରହଣ କରିବାପାଇଁ ଆଦେଶପ୍ରାପ୍ତ ହୋଇଥିଲେ ।

୧୮୯୭ରେ ଧରଣୀଧର ଜେଲରୁ ମୁକ୍ତ ହେବା ପରେ ଏକ ସାଧୁର ଜୀବନଯାପନ କରିବା ପାଇଁ ଇଚ୍ଛା କରିଥିଲେ । ତାଙ୍କ ଜୀବନଦର୍ଶନରେ ଏକ ବିରାଟ ପରିବର୍ତ୍ତନ ଦେଖାଯାଇଥିଲା । ତେଣୁ ସେ ପୁରୀ

ସମୁଦ୍ର ବେଳାରେ ଥିବା ବାଙ୍କୀ ମୁହାଣଠାରେ ତପସ୍ୟାରତ ହୋଇଥିଲେ । ସେଠାରେ ତାଙ୍କୁ ଗୋପବନ୍ଧୁ ଦାସ ଓ ନୀଳକଣ୍ଠ ଦାସ ସାକ୍ଷାତ କରିଥିବାର ଜଣାଯାଏ । ପୁରୀରୁ ୧ ୯ ୧ ୨ ମସିହାରେ ସେ ଯାଇଥିଲେ କଟକ ଜିଲ୍ଲାର ଆଳିକୁ । ସେଠାରେ ସେ ଏକ ନିଭୃତ ଅଞ୍ଚଳରେ ଏକ ମଠ ନିର୍ମାଣ କରି ମୃତ୍ୟୁ ପର୍ଯ୍ୟନ୍ତ ଏକନିଷ୍ଠ ସନ୍ନ୍ୟାସ ଜୀବନଯାପନ କରିଥିଲେ । ଶେଷରେ ୧ ୯ ୧ ୪ ମସିହା ମେ ୧ ୬ ତାରିଖ ବୈଶାଖ ପୂର୍ଣ୍ଣିମାଦିନ ସେହି ମହାନ ବିଦ୍ରୋହୀଙ୍କର ମହାନିର୍ବାଣ ଘଟିଥିଲା ।

ଆଜି ଏହି ମହାନ ଜନନାୟକଙ୍କ ସ୍ମୃତି ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏବଂ ଆଦିବାସୀ ସମାଜରେ ମୁକ୍ତି ଚେତନାର ପ୍ରତୀକ ଭାବରେ ଚିର ବିଦ୍ୟମାନ ।

❑❑

# ବିପ୍ଳବୀ ନିର୍ମଳ ମୁଣ୍ଡା



ଲେଖକ
ନିହାର ରଞ୍ଜନ ପଟ୍ଟନାୟକ



## ନିର୍ମଳ ମୁଣ୍ଡାଙ୍କ କର୍ମଭୂମି ଗାଙ୍ଗପୁର ରାଜ୍ୟ

ଓଡିଶା ରାଜ୍ୟର ଉତ୍ତର-ପଶ୍ଚିମ ଭାଗରେ ସୁନ୍ଦରଗଡ ଜିଲ୍ଲା ।୨୧° ୩୫' ଓ ୨୨° ୩୨' ଉତ୍ତର ଅକ୍ଷାଂଶ ଏବଂ ୮୩° ୩୨' ଓ ୮୫° ୨୨' ପୂର୍ବ ଅକ୍ଷାଂଶ ମଧ୍ୟରେ ଏହାର ଅବସ୍ଥିତି । ଏହାର ଆୟତନ ୩୭୫୧ ବର୍ଗମାଇଲ ବା ୯୬୭୫ ବର୍ଗକିଲୋମିଟର । ଏହାର ଉତ୍ତରରେ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚି ଜିଲ୍ଲା, ପଶ୍ଚିମ ଓ ଉତ୍ତର-ପଶ୍ଚିମରେ ଛତିଶଗଡ଼ ରାଜ୍ୟର ରାୟଗଡ଼ା ଜିଲ୍ଲା, ଦକ୍ଷିଣରେ ସମ୍ବଲପୁର ଜିଲ୍ଲା ଓ ଦକ୍ଷିଣ-ପୂର୍ବରେ ଢେଙ୍କାନାଳ ଜିଲ୍ଲା ଏବଂ ପୂର୍ବରେ କେଉଁଝର ଜିଲ୍ଲା ଓ ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମ ଜିଲ୍ଲା । ସୁନ୍ଦରଗଡ଼ ଜିଲ୍ଲାର ଭୂଭାଗ ସର୍ବତ୍ର ସମତଳ ନହୋଇ ବରଂ ବିଚ୍ଛିନ୍ନ ଗିରିଶୃଙ୍ଗ, ଦୁର୍ଗମ ବଣଜଙ୍ଗଲ, ବିସ୍ତର ନଦୀ ଉପତ୍ୟକା ଓ ପର୍ବତ ଶ୍ରେଣୀ ଦ୍ୱାରା ଗଠିତ । ଭିନ୍ନଭିନ୍ନ ଗିରିଶ୍ରେଣୀ ତଥା ପାର୍ବତୀୟ ନଦୀ ଅଥବା ଝରଣାଦ୍ୱାରା ଏହାର ବିଭିନ୍ନ ପ୍ରାନ୍ତ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଥାଏ । ଇବ୍ ଓ ବ୍ରାହ୍ମଣୀ ଏହି ଜିଲ୍ଲାର ଦୁଇ ପାର୍ଶ୍ୱରେ ପ୍ରବାହିତ ଦୁଇଟି ପ୍ରଧାନ ନଦୀ ।

ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସୁନ୍ଦରଗଡ଼ ଜିଲ୍ଲା ଗାଙ୍ଗପୁର ଓ ବଣାଇ, ଏହିପରି ଦୁଇଟି ଗଡ଼ଜାତ ରାଜ୍ୟକୁ ନେଇ ଗଠିତ । ଏହି ଦୁଇଟି ରାଜ୍ୟ ଦିନେ ସମ୍ବଲପୁର ଅଧୀନସ୍ଥ ଥିଲା । ସମ୍ବଲପୁର ସେ ସମୟରେ ନାଗପୁର ମରହଟ୍ଟା ରାଜାଙ୍କ ଅଞ୍ଚଳରୂପେ ପରିଗଣିତ ହେଉଥିଲା । ସେ ଯାହା ହେଉ, ପରବର୍ତ୍ତୀ ସମୟରେ ଗାଙ୍ଗପୁର ଓ ବଣାଇ ରାଜ୍ୟଦ୍ୱୟ ବ୍ରିଟିଶ କର୍ତ୍ତୃତ୍ୱାଧୀନ ହୋଇଥିଲା । ୧୯୦୫ ମସିହାରେ ଛୋଟନାଗପୁର କମିଶନରଙ୍କ ପରିସରଭୁକ୍ତ କରାଯାଇ ଏହି ରାଜ୍ୟଦ୍ୱୟ ପାଇଁ ଜଣେ ପଲିଟିକାଲ ଏଜେଣ୍ଟ ନିଯୁକ୍ତ କରାଯାଇଥିଲା । ସେହିଦିନଠାରୁ ଏହି ରାଜ୍ୟଦ୍ୱୟ ଏଜେଣ୍ଟଙ୍କ ନିୟନ୍ତ୍ରଣାଧୀନ ରହି ଶେଷରେ ୧୯୪୮ ମସିହାରେ ଓଡ଼ିଶା ସହ ମିଶ୍ରଣ ହୋଇଥିଲା ।

ବର୍ତ୍ତମାନର ସୁନ୍ଦରଗଡ଼ ଓ ପାନପୋଷକୁ ନେଇ ଗଠିତ ହୋଇଥିଲା ସେତେବେଳର ଗାଙ୍ଗପୁର ରାଜ୍ୟ, ଯାହାଥିଲା ବିପ୍ଳବୀ ନିର୍ମଳମୁଣ୍ଡାଙ୍କ କର୍ମଭୂମି । ୧୯୩୯ ମସିହାରେ ଗାଙ୍ଗପୁର ରାଜ୍ୟର ଲୋକସଂଖ୍ୟା ଥିଲା ପ୍ରାୟ ୩,୨୦,୦୦୦ । ଓଡ଼ିଶାର ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ଲୋକସଂଖ୍ୟା ଦୃଷ୍ଟିରୁ ଏହାର ସ୍ଥାନ ଥିଲା ପଞ୍ଚମ । ରାଜ୍ୟର ଅଧିକାଂଶ ଅଧିବାସୀ ଥିଲେ ଆଦିବାସୀ ଅଥବା ହରିଜନ ଜାତିର । ତନ୍ମଧ୍ୟରୁ ସର୍ବାଧିକ ଥିଲେ ମୁଣ୍ଡା ଓ ଓରାଂଓ ଜାତିର ଆଦିବାସୀ ।

ମୁଣ୍ଡାମାନେ ହେଉଛନ୍ତି ଆଦିମ ଅଷ୍ଟ୍ରିକ୍ ଜାତିର ଯେଉଁମାନଙ୍କର ହୋ ଏବଂ ସାନ୍ତାଳମାନଙ୍କ ସହିତ ବହୁ ସାମଞ୍ଜସ୍ୟ ଥିବାର ପରିଲକ୍ଷିତ ହୁଏ । ଭାଷା ଦୃଷ୍ଟିରୁ ସେମାନେ କୋହ୍ଲ ଶ୍ରେଣୀୟ । 'ମୁଣ୍ଡା' ମାନେ ନିଜକୁ ହୋରୋ ବା ହୋରୋକୋ କହିଥାଆନ୍ତି, ଯାହାର ଅର୍ଥ ମୁଣ୍ଡାରି ଭାଷାରେ 'ମଣିଷ' । ସମ୍ଭବତଃ ମୁଣ୍ଡା ନାମଟି ପରବର୍ତ୍ତୀ ସମୟରେ ହିନ୍ଦୁମାନଙ୍କ ଦ୍ୱାରା ଦିଆଯାଇଛି । 'ମୁଣ୍ଡା' ଶବ୍ଦଟି ସମ୍ଭବତଃ ସଂସ୍କୃତ ଶବ୍ଦରୁ ଉତ୍ପନ୍ନ ହୋଇଛି ଯାହାର ଅର୍ଥ ମୁଖ୍ୟ ବା ଗ୍ରାମ ମୁଖିଆ । ମୁଣ୍ଡାମାନେ ଦେଖିବାକୁ ଘନ ପିଙ୍ଗଳ ବର୍ଣ୍ଣ । ମୁଣ୍ଡ

ତାଙ୍କର ଲମ୍ବା, ନାକ ମୋଟା ଏବଂ ଓସାରିଆ ହୋଇ ମୂଳରେ ଅଧିକ ଦବି  ଯାଇଥାଏ, ଓଠ ମୋଟା ଆଉ ଓସାରିଆ । ଶରୀର ଗଠନ ସେମାନଙ୍କର ସୁନ୍ଦର ଓ ବଳିଷ୍ଠ ତଥା ଦୃଢ଼ । ସଦାସର୍ବଦା ସେମାନେ ସତେଜ ଓ ପ୍ରଫୁଲ୍ଲ ଦେଖାଯାଆନ୍ତି । ମୁଣ୍ଡାମାନଙ୍କ ମୁଖ୍ୟ ଜୀବିକା ଥିଲା କୃଷି । ସେମାନଙ୍କର ଅର୍ଥନୈତିକ ଜୀବନ କୃଷି ଉପରେ ଆଧାରିତ ଥିଲା । ତେଣୁ ବର୍ଷସାରା ସେମାନଙ୍କର ସମସ୍ତ କାମଧନ୍ଦା ଚାଷ କାର୍ଯ୍ୟରେ ହିଁ ଲାଗି ରହୁଥିଲା । ଯେଉଁ ମୁଣ୍ଡାମାନଙ୍କର କୃଷି ପରିବର୍ତ୍ତେ ଅନ୍ୟକିଛି ଜୀବିକା ଥିଲା ଅର୍ଥାତ୍ ଶିକ୍ଷକତା ଅଥବା ଚାକିରୀ କରୁଥିଲେ ସେମାନେ ମୁଖ୍ୟତଃ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଥିଲେ । ବ୍ରିଟିଶ ରାଜତ୍ୱ ସମୟରେ ଖ୍ରୀଷ୍ଟିଆନ ମିଶନାରୀମାନେ ଗାଙ୍ଗପୁର ରାଜ୍ୟରେ ନିଜ ଧର୍ମ ପ୍ରଚାର ଓ ପ୍ରସାର ପାଇଁ ବିଶେଷ ତତ୍ପରତା ପ୍ରକାଶ କରିଥିଲେ । ଏଠାରେ ବାସ କରୁଥିବା ମୁଣ୍ଡା ଓ ଅନ୍ୟ ଆଦିବାସୀ ଶ୍ରେଣୀର ଲୋକମାନେ ଏହି ମିଶନାରୀମାନଙ୍କଠାରୁ କିଛି ଆର୍ଥିକ ସାହାଯ୍ୟ ଅଥବା ଅନ୍ୟ କିଛି ସୁବିଧା ପାଇବାରେ ପ୍ରଲୋଭିତ ହୋଇ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ । ସେତେବେଳେ ହିନ୍ଦୁମାନଙ୍କର ତଥା ତତ୍କାଳୀନ ସରକାରଙ୍କର ଆଦିବାସୀମାନଙ୍କ ପ୍ରତି ଉଦାସୀନତା ଥିଲା ସେମାନଙ୍କର ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାର ଅନ୍ୟ ଏକ ମୁଖ୍ୟ କାରଣ । ୧୮୭୦ ମସିହାରେ ଗାଙ୍ଗପୁର ରାଜ୍ୟର ଭାଇବୋଗାଠାରେ ଲୁଥରାନ ସମ୍ପ୍ରଦାୟର ମିଶନାରୀମାନେ ପ୍ରଥମେ ଖ୍ରୀଷ୍ଟିଆନ ଧର୍ମ ପ୍ରସାର ପାଇଁ ଉଦ୍ୟମ କରିଥିଲେ । ସେହି ସମୟଠାରୁ ଖ୍ରୀଷ୍ଟିଆନ ଧର୍ମପ୍ରଚାରକମାନେ ଗାଙ୍ଗପୁର ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ପ୍ରଭାବିତ କରି ନିଜ ଧର୍ମରେ ଦୀକ୍ଷିତ କରାଇଥିଲେ । ସେତେବେଳେ ବିହାରର ରାଞ୍ଚିଠାରେ ରୋମାନ୍ କାଥୋଲିକ୍ ମିଶନାରୀମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଥିଲା । ଗାଙ୍ଗପୁର ରାଜ୍ୟ ରାଞ୍ଚିର ନିକଟବର୍ତ୍ତୀ ଥିବାରୁ ଉପରୋକ୍ତ ମିଶନାରୀମାନେ ଗାଙ୍ଗପୁର ଆଦିବାସୀମାନଙ୍କୁ ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସ୍କୁଲ ଓ ଡାକ୍ତରଖାନାମାନ ଖୋଲି ଶିକ୍ଷା ଓ ଚିକିତ୍ସା କ୍ଷେତ୍ରରେ ଆଦିବାସୀମାନଙ୍କୁ ସାହାଯ୍ୟ କରୁଥିଲେ । ବିଶେଷତଃ ଅନେକ ମୁଣ୍ଡା ଜାତିର ଲୋକ ମିଶନାରୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ । ଏହିପରି ଏକ ଖ୍ରୀଷ୍ଟିଆନ ମୁଣ୍ଡା ପରିବାରରେ ଜନ୍ମ ନେଇଥିଲେ ବିପ୍ଳବୀ ନିର୍ମଳ ମୁଣ୍ଡା । ବିପ୍ଳବୀ  ନିର୍ମଳ ମୁଣ୍ଡାଙ୍କ ଆବିର୍ଭାବ ସମୟରେ ଗାଙ୍ଗପୁରର ଅର୍ଥନୈତିକ, ସାମାଜିକ ଓ ପ୍ରଶାସନିକ ଅବସ୍ଥା ସୂଚେଇ ଦେବା ଆବଶ୍ୟକ ।

ଗାଙ୍ଗପୁର ରାଜ୍ୟର ପ୍ରଜାମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରି ଚଳୁଥିଲେ । ଏହା ଛଡ଼ା ସେମାନେ ଜଙ୍ଗଲ ଜାତ ଦ୍ରବ୍ୟ ହାଟମାନଙ୍କରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରୁଥିଲେ । କେତେକ ମଧ୍ୟ ମୂଳ ଲାଗି ପେଟ ପୋଷୁଥିଲେ । ବଣ ଜଙ୍ଗଲ ତାଙ୍କ ନିଜର । ପୁରୁଷ ପୁରୁଷ ଧରି ସେମାନେ ସେଇଠି ରହି ଆସୁଛନ୍ତି । ପ୍ରକୃତି ସହ ସଂଗ୍ରାମ କରି ସେମାନେ ବଞ୍ଚି ଆସିଛନ୍ତି । ସେମାନେ ବିଶ୍ୱାସ କରନ୍ତି ସେମାନେ ରହୁଥିବା ଭୂମି ଉପରେ ସେମାନଙ୍କର ହିଁ ପ୍ରଥମ ଅଧିକାର ରହିଛି । ତେଣୁ ସେମାନେ ଜଙ୍ଗଲ ସଫା କରନ୍ତି । ଗଛ କାଟି ଅଥବା ପୋଡ଼ି ସେଠାରେ ସେମାନେ ଚାଷ ଆରମ୍ଭ କରନ୍ତି । ବହୁ କଷ୍ଟସାଧ୍ୟ ସେ' ଚାଷ, ତଥାପି ଅକ୍ଳାନ୍ତ ପରିଶ୍ରମ କରି ସେମାନଙ୍କ ଆବଶ୍ୟକତା ମୁତାବକ ଶସ୍ୟ ଅମଳ କରିବାକୁ ଚେଷ୍ଟା କରନ୍ତି । ଅଭାବ

ତାଙ୍କର ଲାଗି ରହିଥାଏ । ଏପରି ଅବସ୍ଥାରେ ରାଜାଙ୍କ ଭୂରାଜସ୍ୱ ବନ୍ଦୋବସ୍ତ ଯୋଗୁଁ କ୍ରମଶଃ ଅଧିକରୁ ଅଧିକ କର ସେମାନଙ୍କ ଉପରେ ଧାର୍ଯ୍ୟ କରାଗଲା । ଫଳରେ ସେମାନଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା । ଅନ୍ୟ ପକ୍ଷରେ ଚାଷବାସର ବିକାଶ ପାଇଁ ରାଜାଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଉନଥିଲା । କେବଳ ସେତିକି ନୁହେଁ ବେଠି ବେଗାରୀ ପରି ଅମାନୁଷିକ ପ୍ରଥା ସେମାନଙ୍କୁ ଅଧିକ ଦୁଃଖ ଦାରିଦ୍ର୍ୟ ଆଡ଼କୁ ଟାଣି ନେଇଥିଲା । ଏହି ପ୍ରଥା ଅନୁସାରେ ବିନା ପାରିଶ୍ରମିକ ବା ଅଳ୍ପ ପାରିଶ୍ରମିକ ଦେଇ କାମ କରିବା ପାଇଁ ରାଜା, ଜମିଦାର, କର୍ମଚାରୀ, ସରକାରୀ କର୍ମଚାରୀ ଆଦି ଲୋକମାନଙ୍କୁ ବାଧ୍ୟ କରୁଥିଲେ । ଏ ପ୍ରସଙ୍ଗରେ ୧୯୩୯ ମସିହା ଜୁନ୍ ୨୯ ତାରିଖ ପ୍ରକାଶନରେ 'ଦେଶକଥା' ଲେଖିଥିଲା, "ରାଜା ଓ ଜମିଦାରମାନେ କେବଳ କଂସାସୁର ପରି ଏହି ରାକ୍ଷସୀ ପ୍ରବୃତ୍ତି (ବେଠି ବେଗାରୀ)ରେ ମାତି ରହିଥାଆନ୍ତି । ବେଠି ଓ ବେଗାରୀ ଅବଶ୍ୟ ଅନେକ ଜମିଦାରି ଓ ଗଡ଼ଜାତରେ ଥିଲା, ଯେଉଁଠାରେ କି ରାଜା ଓ ଭୂମ୍ୟାଧିକାରୀମାନେ କେବଳ ମାତ୍ର ନିଜର ବିଳାସ ବ୍ୟସନ ନିମିତ୍ତ ପ୍ରଜାର କ୍ଷତି ଘଟାଇ ଜବରଦସ୍ତି ମାଗଣା ପ୍ରଜାଙ୍କୁ ନିଜ କାମରେ ଲଗାଇଥାଆନ୍ତି । ନିରୀହ ଓ ଅସହାୟ ପ୍ରଜା ନିଜର ପୋଷ୍ୟ ପରିବାର ଓ ନିଜକୁ ଅଭୁକ୍ତ ରଖି ରାଜାଙ୍କର କାମ କରି ମୁଠାଏ ଖାଇବାକୁ ସୁଦ୍ଧା ପାଏ ନାହିଁ", ଆମେରିକାର ନିଗ୍ରୋ କ୍ରୀତଦାସଙ୍କ ପରି ଏହି ବେଠି ବେଗାରୀ ଯୋଗୁଁ ଶ୍ରମିକମାନଙ୍କ ଅବସ୍ଥା ଶୋଚନୀୟ ହୋଇ ପଡିଥିଲା । ଏହିପରି ପାରିଶ୍ରମିକ ବିନା ବେଠି ବେଗାରୀ ଖଟିବା ଦ୍ୱାରା ଗାଙ୍ଗପୁର ଆଦିବାସୀ ଓ ହରିଜନମାନଙ୍କ ମନରେ ତତ୍କାଳୀନ ରାଜା, ସରକାର ଓ ସେମାନଙ୍କ ଶାସନ ବ୍ୟବସ୍ଥା ପ୍ରତି ଘୃଣାଭାବ ଉଦ୍ରେକ ହୋଇଥିଲା । ଏପରି ଅର୍ଥନୈତିକ ଶୋଷଣର ଶିକାର ହୋଇ ଗାଙ୍ଗପୁର ରାଜ୍ୟର ଅଧିକାଂଶ ଅଧିବାସୀ ଦାରିଦ୍ର୍ୟର କଷାଘାତରେ ନିଷ୍ପେଷିତ ହେଉଥିଲେ । ଗାଙ୍ଗପୁର ରାଜ୍ୟ ବହୁ ଅନୁନ୍ନତ ଅବସ୍ଥାରେ ରହିଥିଲା । ଏହାର ଅର୍ଥନୈତିକ ପ୍ରଗତି ପାଇଁ ଆବଶ୍ୟକୀୟ ପଦକ୍ଷେପ ବ୍ରିଟିଶ ସରକାର ଅଥବା ସ୍ଥାନୀୟ ରାଜାଙ୍କ ତରଫରୁ ନିଆଯାଇ ନଥିଲା । ଫଳ ସ୍ୱରୂପ ଜନ ଅସନ୍ତୋଷ ବୃଦ୍ଧି ପାଇଲା ।

ସାମାଜିକ କ୍ଷେତ୍ରରେ ମଧ୍ୟ ଗାଙ୍ଗପୁର ରାଜ୍ୟର ଏହି ଅବହେଳିତ ନିଷ୍ପେଷିତ ପ୍ରଜାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ । ପୁରୁଷ ପୁରୁଷ ଧରି ସେମାନେ ଅଶିକ୍ଷିତ ଥିଲେ । ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ସମଗ୍ର ଗାଙ୍ଗପୁର ରାଜ୍ୟରେ ୩ଟି ଉଚ୍ଚ ପ୍ରାଥମିକ ଓ ୬୬ଟି ନିମ୍ନ ପ୍ରାଥମିକ ବିଦ୍ୟାଳୟ ଥିଲା । ପରେପରେ ସୁନ୍ଦରଗଡ଼ଠାରେ ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା, ଯାହା ପରବର୍ଷେ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ ହୋଇଥିଲା । କେତେକ ସ୍ଥାନରେ ଅବଶ୍ୟ ମିଶନାରୀମାନେ ବିଦ୍ୟାଳୟମାନ ଖୋଲିଥିଲେ କିନ୍ତୁ ଶିକ୍ଷାର ପ୍ରଭାବ ଗାଙ୍ଗପୁର ରାଜ୍ୟରେ ବିଶେଷଭାବେ ପରିଲକ୍ଷିତ ହୋଇନଥିଲା । କେତେଜଣଙ୍କୁ ଛାଡିଦେଲେ ସାଧାରଣତଃ ଆଦିବାସୀମାନେ ଅଶିକ୍ଷିତ ହୋଇ ରହିଗଲେ । ନିରକ୍ଷରତାର ସୁଯୋଗ ନେଇ ରାଜକର୍ମଚାରୀ ଓ ସରକାରୀ କର୍ମଚାରୀମାନେ ସେମାନଙ୍କୁ ଅଧିକ ଶୋଷଣ କରୁଥିଲେ ।

ଗାଙ୍ଗପୁର ଆଦିବାସୀମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ପ୍ରାୟତଃ ସଚେତନ ନଥିଲେ। ମ୍ୟାଲେରିଆ ପରି ରୋଗ ସମୟ ସମୟରେ ବିଭିନ୍ନ ଅଞ୍ଚଳକୁ ଗ୍ରାସ କରିଥାଏ । ଅଶିକ୍ଷିତ ଆଦିବାସୀମାନେ ବୈଜ୍ଞାନିକ ପଦ୍ଧତିର ଚିକିତ୍ସାକୁ ଗୁରୁତ୍ୱ ନଦେଇ ଅନ୍ଧବିଶ୍ୱାସକୁ ଆବୋରି ବସିଥିଲେ। ଈଶ୍ୱର, ଗ୍ରାମଦେବୀ ଅଥବା ମୃତ ପୂର୍ବପୁରୁଷମାନଙ୍କ ଅସନ୍ତୋଷ ବା କ୍ରୋଧଯୋଗୁଁ ଅସୁସ୍ଥତା, ରୋଗ ଅଥବା ଅକାଳ ମୃତ୍ୟୁ ଘଟେ । ତେଣୁ ସେମାନଙ୍କୁ ସନ୍ତୁଷ୍ଟ କଲେ ଏଥିରୁ ମୁକ୍ତି ମିଳିଥାଏ । କେହି ରୋଗରେ ପଡ଼ିଲେ ଗାଁର ତଥାକଥିତ ବଇଦ ଡକା ହୁଅନ୍ତି । ସେ ଚେରମୂଳିର ଔଷଧ ଦେଇଯାଏ, କିମ୍ୱା ମନ୍ତ୍ରଫୁଙ୍କି ଦେଇ ଚାଲିଯାଏ । ତାପରେ ଗାଁ ଠାକୁରାଣୀଙ୍କ ପାଖରେ ପୂଜାମାର୍ଜନା ହୁଏ, କୁକୁଡା ବଳି ପଡ଼େ ଅରୋଗ୍ୟ ପାଇଁ । ଅନେକ ଚିକିତ୍ସା ଅଭାବରୁ ମୃତ୍ୟୁ ବରଣ କରନ୍ତି ଆଉ କେତେଜଣ ଭାଗ୍ୟ ବଳରୁ ବଞ୍ଚି ଯାଆନ୍ତି। ସେମିତି ଚିକିତ୍ସାଳୟ ମଧ୍ୟ ପାଖରେ ନଥାଏ ଯେଉଁଠିକି ହଠାତ୍ ରୋଗୀକୁ ମଧ୍ୟ ନେଇ ଯାଇପାରିବେ। ସେତେବେଳେ ଚିକିତ୍ସାଳୟ କହିଲେ ରଘୁନାଥ ପଲ୍ଲୀ, ରାଜଗାଙ୍ଗପୁର ଅଥବା ସୁଆଡ଼ିହିଠାରେ ଥିବା ଦାତବ୍ୟ ଚିକିତ୍ସାଳୟ ଅଥବା ବୀରମିତ୍ରପୁରଠାରେ ଥିବା ମିଶନାରୀ ଚିକିତ୍ସାଳୟକୁ ବୁଝାଉଥିଲା । ଏଠାରେ ସାଧାରଣଭାବେ ଔଷଧ ସିନା ଯୋଗାଇ ଦିଆଯାଉଥିଲା, କିନ୍ତୁ ଜଟିଳ ରୋଗ କିମ୍ୱା ଶଲ୍ୟ ଚିକିତ୍ସା ପାଇଁ କୌଣସି ସୁବିଧା ନଥିଲା। ଫଳରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଅନେକ ଜୀବନ ଅକାଳ ଝଡ଼ି ପଡୁଥିଲା । ସରକାରୀ କର୍ମଚାରୀ ବା ରାଜକର୍ମଚାରୀମାନେ କେବଳ ଏହି  ଲୋକମାନଙ୍କୁ ଶୋଷଣ କରିବା ଜାଣନ୍ତି, କିନ୍ତୁ କିପରି ସେମାନ ଶିକ୍ଷିତ ହେବେ, କିପରି ଚିକିତ୍ସାର ସୁବିଧା ପାଇବେ ସେଥିରେ ମୁଣ୍ଡ ଖେଳାନ୍ତି ନାହିଁ।

ସେ କାଳରେ ଗାଙ୍ଗପୁର ରାଜ୍ୟରେ ଯାତାୟାତର ମଧ୍ୟ ସୁବିଧା ନଥିଲା । ପାଦରେ ଚାଲିକରି ଅଥବା ଶଗଡ଼ ସାହାଯ୍ୟରେ ମୁଖ୍ୟତଃ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା ଥିଲା । କହିବାକୁ ଗଲେ ସେ ଅଞ୍ଚଳରେ ମାତ୍ର ଗୋଟିଏ ଉଲ୍ଲେଖନୀୟ ରାସ୍ତାଟିଏ ଥିଲା । ଯାହା ସୁନ୍ଦରଗଡ଼କୁ ଝାରସୁଗୁଡା ସହ ସଂଯୁକ୍ତ କରୁଥିଲା । ନଦୀଗୁଡିକ ଉପରେ ପୋଲ ନଥିବାରୁ ନୌକାଦ୍ୱାରା ଲୋକମାନେ ସେଗୁଡିକୁ ପାରି ହେଉଥିଲେ। ବର୍ଷାଦିନେ ଲୋକ ଯାତାୟାତ ପ୍ରାୟତଃ ବନ୍ଦ ହୋଇ ଯାଉଥିଲା। ଗମନାଗମନର ଅସୁବିଧା ହେତୁ ଲୋକମାନଙ୍କର ଦୁର୍ଦ୍ଦଶା ଆହୁରି ବଢ଼ି ଯାଉଥିଲା। ମୋଟ ଉପରେ ଗାଙ୍ଗପୁର ରାଜ୍ୟରେ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ପ୍ରଗତି ଦେଖା ନଯିବାର ମୁଖ୍ୟ କାରଣ ଥିଲା ରାଜଦରବାର ଏବଂ ବ୍ରିଟିଶ ସରକାରଙ୍କର ଏ ଦିଗରେ ଉଦାସୀନତା। ଏଥିପାଇଁ କେତେକ ପ୍ରଶାସନିକ ଅବ୍ୟବସ୍ଥା ହିଁ ବାଧା ସୃଷ୍ଟି କରିଥିଲା ।

ଉଜ୍ଜୟିନୀର ପ୍ରଖ୍ୟାତ ନରପତି ବିକ୍ରମାଦିତ୍ୟଙ୍କ ଦାୟାଦ ବୋଲି ଦାବି କରୁଥିବା ଗାଙ୍ଗପୁର ରାଜବଂଶର ଇତିହାସ ସ୍ୱୀକୃତ ପ୍ରଥମ ରାଜା ଥିଲେ ଗଙ୍ଗାଧର ଶେଖର ଦେଓ । ଯାହାଙ୍କ ନାମାନୁସାରେ ରାଜ୍ୟର ନାମ ହୋଇଥିଲା ଗାଙ୍ଗପୁର। ଇଂରେଜମାନଙ୍କ ଓଡିଶା ଅଧିକାର ସମୟରେ ଗାଙ୍ଗପୁରର ରାଜା ଥିଲେ ଇନ୍ଦ୍ର ଶେଖର ଦେଓ । ତାଙ୍କ ପରବର୍ତ୍ତୀ ସମୟରେ ସବୁଠାରୁ ଅଧିକ କାଳ ରାଜତ୍ୱ କରିଥିବା ରାଜା ହେଲେ ରଘୁନାଥ ଶେଖର ଦେଓ । ସେ ୧୮୭୧ ମସିହାରୁ ୧୯୧୭ ମସିହା ପର୍ଯ୍ୟନ୍ତ ଗାଙ୍ଗପୁର ରାଜଗାଦ୍ଦିରେ

ବସିଥିଲେ । ତାଙ୍କ ସମୟରେ ରାଜଧାନୀ ସୁଆଡ଼ିହିକୁ ସୁନ୍ଦରଗଡ଼ ନାମରେ ନାମିତ କରାଯାଇଥିଲା । ସେ ନୂତନ ରାଜସ୍ୱ ବ୍ୟବସ୍ଥାକରି ପ୍ରଜାମାନଙ୍କ ଉପରେ ଅଧିକରୁ ଅଧିକ କରଧାର୍ଯ୍ୟ କରିଥିଲେ । ପୁନଶ୍ଚ ଆଦିବାସୀ ଗଉନ୍ତିଆଙ୍କୁ ପଟ୍ଟା ଦେଇଥିବା ଜମିଗୁଡିକ ତାଙ୍କ ପାଖରୁ କାଢ଼ିଆଣି ସମ୍ବଲପୁରର ଧନୀବ୍ୟକ୍ତିମାନଙ୍କୁ ଦେଇଥିଲେ । ଏହାଦ୍ୱାରା ଜନ ଅସନ୍ତୋଷ ସୃଷ୍ଟି ହୋଇ ୧୮୯୭ ମସିହାରେ ଏକ ବିଦ୍ରୋହରେ ରୂପାନ୍ତରିତ ହୋଇଥିଲା, ଯାହା ଶେଷରେ ବ୍ରିଟିଶ ସରକାରଙ୍କ ସହାୟତାରେ ଦମନ କରାଯାଇଥିଲା । ରଘୁନାଥ ଶେଖର ଦେଓଙ୍କ ରାଜତ୍ୱ ସମୟରେ ୧୯୦୫ ମସିହାରେ ଗାଙ୍ଗପୁର ଛୋଟନାଗପୁର କମିଶନରଙ୍କ ଅଧୀନରୁ ଆସି ଓଡ଼ିଶା କମିଶନରଙ୍କ ନିୟନ୍ତ୍ରଣରେ ରହିଥିଲା । ତାଙ୍କ ସମୟରେ ଗାଙ୍ଗପୁରରେ ପ୍ରଥମଥର ପାଇଁ ଭୂରାଜସ୍ୱ ବନ୍ଦୋବସ୍ତ କରାଯାଇଥିଲା । ରଘୁନାଥ ଶେଖର ଦେଓଙ୍କ ମୃତ୍ୟୁପରେ ତାଙ୍କ ପୌତ୍ର ଭବାନୀ ଶଙ୍କର ଶେଖର ଦେଓ ଗାଙ୍ଗପୁର ରାଜଗାଦିରେ ବସିଥିଲେ । ସେ ଅପେକ୍ଷାକୃତ ଉଦାର ଥିଲେ ମଧ୍ୟ ପ୍ରଜାଙ୍କ ଅର୍ଥନୈତିକ ଦୁର୍ଗତିକୁ ସୁଧାରି ପାରିନଥିଲେ । ୧୯୩୦ ମସିହାରେ ଭବାନୀଶଙ୍କର ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କର ଜ୍ୟେଷ୍ଠ ପୁତ୍ର ବୀର ମିତ୍ର ପ୍ରତାପ ଶେଖର ଦେଓ ଗାଙ୍ଗପୁରର ରାଜା ହୋଇଥିଲେ, କିନ୍ତୁ ସେ ନାବାଳକ ଥିବା ହେତୁ ତାଙ୍କ ପ୍ରତିନିଧି ରୂପେ ତାଙ୍କ ମାତା ରାଣୀ ଜାନକୀ ରତ୍ନା ଗାଙ୍ଗପୁର ରାଜ୍ୟର ଶାସନଭାର ଗ୍ରହଣ କରିଥିଲେ । ସେ ବିଶାଖାପାଟଣା ଜିଲ୍ଲା ଅନ୍ତର୍ଗତ କୁରୂପମର ଜମିଦାରଙ୍କ ସୁଦକ୍ଷା କନ୍ୟା ଥିଲେ । ଦୁର୍ଭାଗ୍ୟବଶତଃ ୧୯୩୮ ମସିହାରେ ଲଣ୍ଡନରେ ଅବସ୍ଥାନ କରୁଥିବା ସମୟରେ ବୀରମିତ୍ର ପ୍ରତାପ ନିମୋନିଆ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ତାଙ୍କ ଅନ୍ତେ ତାଙ୍କ କନିଷ୍ଠ ଭ୍ରାତା ବୀର ଉଦିତ ପ୍ରତାପ ଶେଖର ଦେଓ ଗାଙ୍ଗପୁରର ରାଜା ହେଲେ । ସେତେବେଳେ ତାଙ୍କର ବୟସ ଥିଲା ମାତ୍ର ପନ୍ଦର ବର୍ଷ । ସେ ନାବାଳକ ଥିବାରୁ ତାଙ୍କ ରାଜମାତା ଜାନକୀ ରତ୍ନା ଶାସନକାର୍ଯ୍ୟ ପୁର୍ବପରି ନିୟନ୍ତ୍ରଣ କଲେ । ଶାସନକାର୍ଯ୍ୟରେ ସେତେବେଳେ ତାଙ୍କୁ ସାହାଯ୍ୟ କରିବା ପାଇଁ ଥିଲେ ଜଣେ ଦେବାନ, ଜଣେ ମୁଖ୍ୟ ବିଚାରକ, ଦୁଇଜଣ ସବଡିଭିଜନାଲ ଅଫିସର, ଜଣେ ପୋଲିସ ସୁପରିଟେଣ୍ଡେଣ୍ଟ, ଜଣେ ଫରେଷ୍ଟ ଅଫିସର, ଜଣେ ମୁଖ୍ୟ ଚିକିତ୍ସାଧିକାରୀ, ଜଣେ ତହସିଲଦାର ଓ ଜଣେ ନାଏବ ତହସିଲଦାର । ନୂତନ ଶାସିକା ରାଜତନ୍ତ୍ରର କଠୋର ବ୍ୟବସ୍ଥା ମଧ୍ୟରେ ପ୍ରଜାଙ୍କ ଦୁଃଖ ଅସନ୍ତୋଷକୁ ବିଚାର କରି ଏହା କିପରି ଲାଘବ ହେବ ସେଥି ପ୍ରତି ଦୃଷ୍ଟି ଦେଇ ନଥିଲେ ।

ଅନ୍ୟ ପକ୍ଷରେ ଗାଙ୍ଗପୁର ରାଜ୍ୟର ଶାସନ ଇଂରେଜ ସରକାରଙ୍କ ଉପରେ ନିର୍ଭର କରୁଥିଲା । ୧୯୦୬ ମସିହା ପୂର୍ବରୁ ଓଡ଼ିଶାର ସମସ୍ତ ଗଡ଼ଜାତ ରାଜ୍ୟ ସେମାନଙ୍କ ନିଜ ନିଜ କମିଶନରଙ୍କ ନିୟନ୍ତ୍ରଣରେ ଥିଲା । କିନ୍ତୁ କେତେକ ରାଜ୍ୟରେ ରାଜାମାନଙ୍କ ଅପାରଗତା ଓ ଅତ୍ୟାଚାର ଯୋଗୁଁ ବଙ୍ଗର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଆଣ୍ଡ୍ରିଉ ଫ୍ରେଜର ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କ ପାଇଁ ଜଣେ ପଲିଟିକାଲ ଏଜେଣ୍ଟ ନିଯୁକ୍ତ କରିବା ପାଇଁ ସୁପାରିଶ କଲେ । ଫଳରେ ୧୯୦୫ ମସିହା ଡ଼ିସେମ୍ବର ମାସରେ ଓଡ଼ିଶାର ଗଡ଼ଜାତ ରାଜ୍ୟ ପାଇଁ କମିଶନରଙ୍କ ଅଧୀନରେ ଜଣେ ପଲିଟିକାଲ ଏଜେଣ୍ଟ ନିଯୁକ୍ତ ହେଲେ । କିନ୍ତୁ ୧୯୨୨ ମସିହାରେ

କମିଶନର ପଦବୀ ଉଠାଯାଇ, ଗଡ଼ଜାତ ରାଜ୍ୟମାନଙ୍କ ପାଇଁ ସମସ୍ତ କ୍ଷମତା ପଲିଟିକାଲ ଏଜେଣ୍ଟଙ୍କ ହାତରେ ନ୍ୟସ୍ତ କରାଗଲା । ତାଙ୍କୁ ଶାସନକ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ଜଣେ ଆସିଷ୍ଟାଣ୍ଟ ପଲିଟିକାଲ ଏଜେଣ୍ଟ ମଧ୍ୟ ନିଯୁକ୍ତ ହେଲେ । ୧୯୩୩ ମସିହାରେ ଗାଙ୍ଗପୁର ସମେତ ଓଡ଼ିଶାର ସମସ୍ତ ଗଡ଼ଜାତ ରାଜ୍ୟ ଭାରତ ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିଲା । ୧୯୩୬ ମସିହାରେ ସମ୍ବଲପୁରଠାରେ ଅବସ୍ଥାପିତ ପଲିଟିକାଲ ଏଜେଣ୍ଟଙ୍କ ନିୟନ୍ତ୍ରଣରେ ଗାଙ୍ଗପୁର ରାଜ୍ୟ ରହିଲା ଓ ଲେଫ୍ଟନାଣ୍ଟ କର୍ଣ୍ଣେଲ ଜି.ପି. ମରଫି ନୂତନ ପଲିଟିକାଲ ଏଜେଣ୍ଟ ରୂପେ ନିଯୁକ୍ତ ହେଲେ । ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପୋଲିସ, ସୈନ୍ୟ ସାମନ୍ତ ଯୋଗାଇ ଦେବା ଥିଲା ସେମାନଙ୍କର ମୁଖ୍ୟ ଦାୟିତ୍ୱ ।

ମୋଟ ଉପରେ ଅନ୍ୟ ଗଡ଼ଜାତ ରାଜ୍ୟ ପରି ଗାଙ୍ଗପୁର ରାଜ୍ୟର ଶାସନ ମଧ୍ୟ ଦୁଇଟି ସ୍ୱତନ୍ତ୍ର ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ଏକ ପାର୍ଶ୍ୱରେ ରାଜା ଓ ତାଙ୍କ ଅଧସ୍ତନ କର୍ମଚାରୀ, ଅନ୍ୟ ପାର୍ଶ୍ୱରେ ବ୍ରିଟିଶ ସରକାରଙ୍କ ନିଯୁକ୍ତ ପଲିଟିକାଲ ଏଜେଣ୍ଟ । ଉଭୟଙ୍କ ମଧ୍ୟରେ ସମୟ ସମୟରେ ସମନ୍ୱୟର ଅଭାବ ଘଟୁଥିଲା । ପୁନଶ୍ଚ ରାଜାମାନେ ବହୁ ସମୟରେ ନିଜନିଜ ଶିକାର, ବିଳାସ ବ୍ୟସନରେ ଧ୍ୟାନ ଦେଉଥିବା ବେଳେ ରାଜସ୍ୱ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ନିଜ ଦେବାନ ବା ବେବର୍ତ୍ତାମାନଙ୍କ ହାତରେ ଛାଡି ଦେଉଥିଲେ । ସେମାନେ ରାଜାଙ୍କ ନିକଟତର ହୋଇ, ସେମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ରାଜାଙ୍କ ସ୍ୱାର୍ଥକୁ ସୁହାଇଲା ଭଳି ପଦକ୍ଷେପ ନେଉଥିଲେ, ଅନ୍ୟପକ୍ଷରେ ପ୍ରଜାଙ୍କ ହିତ ପ୍ରତି ଆଖି ବୁଜି ଦେଉଥିଲେ । ଅଧିକ ରାଜସ୍ୱ ଆଦାୟ ଦ୍ୱାରା ରାଜ୍ୟର ଆୟବୃଦ୍ଧି ପାଇଁ ସେମାନେ ଯେତିକି ଯତ୍ନବାନ ଥିଲେ, ପ୍ରଜାଙ୍କ ସାମାଜିକ ଓ ଅର୍ଥନୈତିକ ଦୁର୍ଦ୍ଦଶା ଦୂରୀକରଣ ପାଇଁ ସେମାନେ ସେତିକି ଶୀଥିଳ ଥିଲେ । ଅନ୍ୟ ପକ୍ଷରେ ଇଂରେଜ ସରକାର ଗଡ଼ଜାତ ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ପ୍ରତ୍ୟକ୍ଷ ହସ୍ତକ୍ଷେପ କରିବେ ନାହିଁ ଏବଂ ସେଠାକାର ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ ସବୁମତେ ଚେଷ୍ଟା କରିବେ ବୋଲି କହୁଥିଲେ ମଧ୍ୟ ଏଥିରେ ଆନ୍ତରିକତାର ଅଭାବ ପରିଲକ୍ଷିତ ହୋଇଥିଲା, ଅଧିକନ୍ତୁ ଏହା ଥିଲା ଏକ ଛଳନା ମାତ୍ର । ଶାସକଙ୍କର ଅତ୍ୟାଚାର ବିରୁଦ୍ଧରେ ଗାଙ୍ଗପୁର ପ୍ରଜା ଇଂରେଜ ସରକାରଙ୍କ ନିକଟରେ ଅଭିଯୋଗ କଲେ ଅତି ଚତୁରତାର ସହ ଇଂରେଜ ସରକାର ଏଥିରୁ ଦୂରେଇ ରହୁଥିଲେ । ଏହାଦ୍ୱାରା ଅତ୍ୟାଚାରୀ ଶାସକ ଅତ୍ୟାଚାର ପାଇଁ ଅନୁଶୋଚନା ନକରି ବରଂ ଉତ୍ସାହିତ ହେଉଥିଲେ । ଏପରି ଘଟିଥିଲା ଗାଙ୍ଗପୁର ରାଜ୍ୟରେ, ଯେଉଁଥିପାଇଁ ପ୍ରଜା ଅସନ୍ତୋଷ ଦେଖାଦେଇଥିଲା । ଅସନ୍ତୋଷରୁ ଜନ୍ମ ନେଇଥିଲା ଆନ୍ଦୋଳନ । ନ୍ୟାୟପୂର୍ଣ୍ଣ ଆନ୍ଦୋଳନ ପ୍ରତିବଦଳରେ ଶେଷରେ ଫଳମିଳିଲା ରକ୍ତପାତ, ଗଣହତ୍ୟା ।

## ନିର୍ମଳ ମୁଣ୍ଡାଙ୍କ ଆଦ୍ୟ ଜୀବନ

ସୁନ୍ଦରଗଡ଼ ସହରରୁ ବାହାରି କୁତ୍ରା, ରାଜଗାଙ୍ଗପୁର ଦେଇ ରାଉରକେଲା ଗଲାବେଳେ, ରାଉରକେଲାର ଠିକ୍ ପୂର୍ବରୁ ପଡ଼େ ପାନପୋଷ ଛକ । ପାନପୋଷ ଛକରୁ ବାମ ପଟରେ ଗତିକଲେ ପ୍ରଥମେ ପଡ଼େ ପ୍ରସିଦ୍ଧ

ତୀର୍ଥସ୍ଥଳୀ ବେଦବ୍ୟାସ । ଆଉ କିଛି ବାଟ ଆଗେଇଗଲେ ପଡ଼ିବ ବୀରମିତ୍ରପୁର । ପାନପୋଷ ଛକଠାରୁ ବୀରମିତ୍ରପୁରର ଦୂରତା ପଚିଶ କିଲୋମିଟରରୁ ଅଧିକ ନୁହେଁ । ବୀରମିତ୍ରପୁରଠାରେ ଚୂନ କାରଖାନା ଗୁଡିକ ଗଢ଼ିଉଠିଛି । ବୀରମିତ୍ରପୁରରେ ମଧ୍ୟ ରାଉରକେଲା ସହ ରେଳପଥରେ ସଂଯୋଗ ହୋଇଛି । ବୀରମିତ୍ରପୁର ଛକରୁ ପୁଣି ବାମ ଦିଗକୁ ବୁଲି ପନ୍ଦର କିଲୋମିଟର ଗଲେ ପଡ଼ିବ ରାୟବାଗା । ଦଶବାରଟି ଦୋକାନକୁ ନେଇ ଗଢ଼ି ଉଠିଛି ବଜାରଟିଏ । ପାଖରେ ଏକ ଖୋଲା ଜାଗା ହାଟ ବସିବା ପାଇଁ । ଥାନାଟିଏ ଅଛି, ଯାହା ଏ ସ୍ଥାନର ଗୁରୁତ୍ୱକୁ ଅଧିକ ବଢ଼ାଇ ଦେଉଛି। ରାୟବଗା ବଜାର ଉପରେ ଠିଆହେଲେ ଦେଖାଯିବ ଡାହାଣ ପଟେ ଛୋଟଛୋଟ ପାହାଡ । ଏହି ପାହାଡ ଆଡ଼କୁ ଲମ୍ବିଯାଇଛି ରାସ୍ତାଟିଏ । ସେଇ ରାସ୍ତାରେ ପାଞ୍ଚ କିଲୋମିଟର ଚାଲିଲେ ଡାହାଣ ଓ ବାମପଟେ ଦୁଇଟି ଛୋଟଛୋଟ ଗାଁ ପଡ଼ିବ । ଡାହାଣ ପଟେ ପ୍ରଥମେ ପଡ଼ିବ ଆମ୍‌କୋ ଗାଁ । ତାପରେ ବାମ ପଟେ ପଡ଼ିବ ସିମ୍‌କୋ ଗାଁ । ସିମ୍‌କୋ ରାୟବଗା ଜମିଦାରୀ ଅନ୍ତର୍ଗତ ଆଦିବାସୀ ଗାଁଟିଏ। ଉତ୍ତର ପାର୍ଶ୍ୱରେ ଏହାର ଝାଡ଼ଖଣ୍ଡ, ଦକ୍ଷିଣ ପାର୍ଶ୍ୱରେ ରାୟବଗାର ଟାଙ୍ଗରା ଭୂଇଁ, ପୂର୍ବ ଦିଗରେ ମୋଗଲ ଟୋଲି ଓ ପଶ୍ଚିମରେ ବରଟୋଲି ଗ୍ରାମ। ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଏହି ବରଟୋଲି ଗ୍ରାମରେ ୧୮୯୩ ମସିହାରେ ଜନ୍ମ ନେଇଥିଲେ ବିପ୍ଳବୀ ବୀର ନିର୍ମଳ ମୁଣ୍ଡା ।

ବରଟୋଲୀ ଗ୍ରାମର ଅଧିବାସୀମାନେ ଥିଲେ ମୁଣ୍ଡା ଜାତିର । ଉନବିଂଶ ଶତାବ୍ଦୀର ଶେଷ ଦଶକର କଥା। ଗାଁର ମୁଖିଆ ବା ଗୌନ୍ତିଆ ଥିଲେ ମୁରହା ମୁଣ୍ଡା, ଗୌନ୍ତିଆଭାବେ ମୁରହା ମୁଣ୍ଡା ଗାଁର ହାନି ଲାଭ ସବୁ ବୁଝୁଥିଲେ। ତାଙ୍କ ପରିବାରର ପ୍ରତିପତ୍ତି ଓ ଚଳଣି ଅନ୍ୟ ପରିବାରଠାରୁ ଅପେକ୍ଷାକୃତ ସ୍ୱଚ୍ଛଳ ଥିଲା। ସେତେବେଳେ ରାଜା ବା ଜମିଦାରମାନେ ଗୌନ୍ତିଆମାନଙ୍କ ଜରିଆରେ ଦୂର ଗ୍ରାମମାନଙ୍କର ଖବର ରଖୁଥିଲେ। ତେଣୁ ଗୌନ୍ତିଆମାନଙ୍କର ଗାଁ ମାନଙ୍କରେ ବହୁତ ଖାତିର ଥିଲା। ଗାଁର ବାସିନ୍ଦା ଆଦିମ ଅଧିବାସୀମାନେ ଚାଷବାସ, କ୍ଷେତକାମ ଓ ପଶୁପାଳନ କରି ଜୀବିକା ନିର୍ବାହ କରୁଥିଲେ । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେମାନେ ହାଟ ବଜାରରେ ବିକ୍ରି କରି କିଛି ପଇସା ପାଉଥିଲେ। କିଛି ନହେଲେ ସେମାନେ କେଉଁଠି ମୂଲଲାଗି ପେଟ ପୋଷୁଥିଲେ । ଏମିତି ଦୁଃଖସୁଖରେ କୌଣସିମତେ ଗ୍ରାମବାସୀ ମୁଣ୍ଡାମାନେ ନିଜର ଗୁଜୁରାଣ ମେଣ୍ଟାଉଥିଲେ । ଗ୍ରାମର ଚାରିଆଡ଼େ ଛୋଟଛୋଟ ଟାଙ୍ଗରା ପାହାଡ । ବିଭିନ୍ନ ସ୍ଥାନରୁ ପଥର ଖୋଳାଯାଇ ସେଗୁଡିକ ରାସ୍ତା ବା ରେଳପଥ ନିର୍ମାଣରେ ଲାଗିଯାଇଛି । କୃଷି ପାଇଁ ଉପଯୁକ୍ତ ଉର୍ବର ମୃତ୍ତିକା ନାହିଁ । ତଥାପି ପ୍ରକୃତି ସହ  ସଂଗ୍ରାମ କରି ଅଧିବାସୀ ବଞ୍ଚି ରୁହନ୍ତି । ସେଇ ପୁରାତନ କାଳର ଚାଷ ପ୍ରଣାଳୀ । ଜଙ୍ଗଲ ସଫାକରି ଅଥବା ମାଟିରୁ ପଥର ଖୋଳି, ଏହାକୁ ସମତଳ କରି ଚାଷଜମି କରିବା । ସେଥିରେ ହଳ କରି ଧାନ, ହରଡ଼ ବା କାନ୍ଦୁଲ ବିହନ ଛାଟି ଦେଲେ ହେଲା । ଜଳସେଚନର ସେମିତି ସୁବିଧା ନାହିଁ । ଯାହା ଅମଳ ହେଲା ସେତିକିରେ ସେମାନେ ସନ୍ତୁଷ୍ଟ । ବର୍ଷକରେ ଥରେ ହିଁ ଯାହା କିଛି ଅମଳ ହୁଏ । ଦୁଇ ତିନି ଥର ବିଭିନ୍ନ ଫସଲ ଲଗାଇବା ପ୍ରଣାଳୀ ସେମାନେ ସେବେବି ଗ୍ରହଣ କରିନଥିଲେ । ଅନେକ ଅଂଶ ଖଜଣା ଦେବାରେ ଯାଏ । ଯାହା ବଞ୍ଚେ କୌଣସି ମତେ ସେମାନେ ସେଥିରେ ଚଳି ଯାଆନ୍ତି ।

ଗାଁର ଝିଅବୋହୂମାନେ ଅନେକ ପରିଶ୍ରମୀ । ଘରେ ସବୁବେଳେ ବସି ରହିବାକୁ ଭଲ ପାଆନ୍ତିନି । ପୁରୁଷମାନଙ୍କ ସହ କାନ୍ଧ ମିଳେଇ ସମସ୍ତ କାମ କରନ୍ତି । ବିଲରେ ଧାନ ରୋଇବାଠୁଁ ଆରମ୍ଭ କରି, ଜାଳେଣୀ ସଂଗ୍ରହ, ଘର ଛପର କରିବା ପର୍ଯ୍ୟନ୍ତ ସବୁକାମ ତାଙ୍କୁ ଜଣା । ଆଉ ଘରକୁ ଲିପାପୋଛା କରି ସୁନ୍ଦର କରି ରଖିବା ଗାଁର ମୁଣ୍ଡା ମହିଳା ମାନଙ୍କ ଅନ୍ୟତମ କାମ । ଗାଁର ଘରଗୁଡିକ ଛଡ଼ାଛଡ଼ା ଛାତ ଖପରର । ବରଟୋଲି ଗାଁର ସବୁ ମୁଣ୍ଡାମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ସହାନୁଭୂତି ରହିଥାଏ । ଦିନସାରା ବାହାରେ କାମକରି ମୁଣ୍ଡାମାନେ ଫେରିଆସନ୍ତି ନିଜ ଘରକୁ । ଧୂଆଧୋଇ ହୋଇ କଣ ଟିକିଏ ଖାଇ ଦେଇ ସଞ୍ଜ ହେଲା ବେଳକୁ ନାଚଗୀତ ଆରମ୍ଭ ହୋଇଯାଏ । ହାଣ୍ଡିଆ ଖାଇ ଆନନ୍ଦରେ ମସଗୁଲ ହୋଇ ରହିବା ସେମାନଙ୍କ ନିତିଦିନିଆ ଅଭ୍ୟାସ ।

ଗାଁର ମୁଣ୍ଡା ଅଧିବାସୀମାନଙ୍କ ଭାଷା ଥିଲା ସ୍ୱତନ୍ତ୍ର । ଝାଡ଼ଖଣ୍ଡ ସଂଲଗ୍ନ ଗ୍ରାମ ହେତୁ ହିନ୍ଦି ଭାଷା ଓ ଓଡିଶାରେ ଅବସ୍ଥିତି ହେତୁ ଓଡ଼ିଆ ଏବଂ ସ୍ୱୟଂ ଆଦିବାସୀ ହେତୁ ସେମାନଙ୍କ ଭାଷା ହିନ୍ଦି, ଓଡ଼ିଆ ଓ ଆଦିବାସୀ ଭାଷାର ଏକ ସମ୍ମିଶ୍ରଣ । ଏହାକୁ ସାଦ୍ରି କୁହନ୍ତି । ସାଦ୍ରିଭାଷା ଅନ୍ୟାନ୍ୟ ଆଦିବାସୀ ଭାଷା ଅପେକ୍ଷା ସରଳ ଓ ବୋଧଗମ୍ୟ ।

ବରଟୋଲି ଗ୍ରାମର ମୁଣ୍ଡାମାନେ ଥିଲେ ଲୁଥରାନ ସମ୍ପ୍ରଦାୟର ଖ୍ରୀଷ୍ଟିୟାନ । ତାଙ୍କ ପୂର୍ବପୁରୁଷମାନେ ଖ୍ରୀଷ୍ଟିଆନ ମିଶନାରୀଙ୍କ ପ୍ରଭାବରେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ । କିନ୍ତୁ ବରଟୋଲି ଗ୍ରାମର ଖ୍ରୀଷ୍ଟିଆନ ମୁଣ୍ଡାମାନଙ୍କ ମନରେ କେବେହେଲେ ଧର୍ମ ସଂକୀର୍ଣ୍ଣତା ନଥିଲା । ପାଖ ରାୟବଗାର ଜଗନ୍ନାଥ ଠାକୁରଙ୍କ ରଥଯାତ୍ରା ଉତ୍ସବ ଦିନ ସେମାନେ ସେଠାକୁ ଯାଆନ୍ତି । ସମସ୍ତଙ୍କ ସହ ମିଶି ରଥ ଟାଣନ୍ତି । ପ୍ରଭୋ ଜଗନ୍ନାଥ, ପ୍ରଭୋ ଜଗନ୍ନାଥ କହି ଲମ୍ବ ହୋଇ ମୁଣ୍ଡିଆ ମାରନ୍ତି । ତାପରେ ଆନନ୍ଦରେ ହାଣ୍ଡିଆ ଖାଇ ଶୋଇ ପଡ଼ନ୍ତି ଖୋଲା ପଡ଼ିଆରେ। ମୁଁ ଖ୍ରୀଷ୍ଟିଆନ, ସେ ହିନ୍ଦୁ, ମୁଁ ଆଦିବାସୀ, ସେ ବ୍ରାହ୍ମଣ, ମୁଁ ମୁଣ୍ଡା, ସେ ଓରାମ୍ ଏପ୍ରକାର ଭାବ ସେମାନଙ୍କ ମନକୁ କେବେ ଆସିନାହିଁ । ପାଖ ଗାଁ ମହୁଲ ଟୋଲି, ମୋଗଟୋଲି, ଚଣାବାହାଲ ଓ କୁସମବାହାଲର ଅଧିବାସୀମାନଙ୍କ ସହ ମିଳିମିଶି ଏକ ହୋଇ ସେମାନେ ଚଳନ୍ତି ।

ବରଟୋଲି ଗାଁର ସୁଦକ୍ଷ ଗୌନ୍ତିଆ ମୁରହା ମୁଣ୍ଡା, ଗ୍ରାମବାସୀଙ୍କର ଏକତା ଓ ପାରସ୍ପରିକ ସହଯୋଗିତ ପାଇଁ ଦାୟୀ ଥିଲେ । ମୁରହା ମୁଣ୍ଡାଙ୍କ ପରିବାର ଥିଲା ଏକ ଆଦର୍ଶ ପରିବାର । ପତ୍ନୀ ତାଙ୍କର ଗୋମୀ । ଗୋମୀ ସର୍ବଗୁଣା ସମ୍ପନ୍ନା ପତ୍ନୀଟିଏ । ଉଭୟ ପତିପତ୍ନୀ ସହନଶୀଳ, ପରୋପକାରୀ, ସଦା ହସହସ। ଗୋମୀ ଥିଲେ ଚାରିପୁତ୍ରର ଜନନୀ। ଜ୍ୟେଷ୍ଠ ପୁତ୍ର ଥିଲେ ଯୋହାନ, ବଡ଼ ମଝିଆଁ ପୁତ୍ର ଥିଲେ ତିମୋତିଉସ, ସାନ ମଝିଆଁ ପୁତ୍ର ଥିଲେ ଆନନ୍ଦ ମାସି ଓ ସର୍ବ କନିଷ୍ଠ ପୁତ୍ର ଥିଲେ ନିର୍ମଳ । ରତ୍ନଗର୍ଭା ଗୋମୀ ଯେଉଁଦିନ ନିର୍ମଳକୁ ଜନ୍ମ ଦେଇଥିଲେ ସେଦିନ ମୁରହା ଖୁସିରେ ଗଦଗଦ ହୋଇ ପଡ଼ିଥିଲେ । ଗୋମୀକୁ କହିଥିଲେ ଜଣାପଡୁଛି, ଏ ପୁତ୍ର ଦିନେ ବଡ଼ କାମ କରିବ । ତା' ବ୍ୟକ୍ତିତ୍ୱ ଚରିତ୍ର ହେବ ସ୍ୱଚ୍ଛ, ନିର୍ମଳ । ତେଣୁ ତା'ର ନାମ ଦେଲେ ନିର୍ମଳ।

ଜଣେ ଗୌନ୍ତିଆଙ୍କ ପୁତ୍ର ହୋଇ ନିର୍ମଳ ଚାହିଁଥିଲେ ସୁଖରେ ଜୀବନ ବିତେଇ ପାରିଥାଆନ୍ତେ । କିନ୍ତୁ ନିର୍ମଳ ଥିଲେ ଏକ ଭିନ୍ନ ପ୍ରକୃତିର ମଣିଷ । ପିଲାବେଳରୁ ସେ ସଂଘର୍ଷମୟ ଜୀବନଯାପନ କରିଥିଲେ । ଟିକିଏ ବଡ଼ ହେଲାରୁ ସାଙ୍ଗସାଥୀଙ୍କ ସହ ବୁଲିଲେ ବଣ ପାହାଡ଼ରେ । ଜଙ୍ଗଲରୁ କୋଳି ତୋଳିଲେ, ଫଳମୂଳ ସଂଗ୍ରହ କଲେ । ଚଢ଼େଇ ଶିକାର କଲେ । ଚାଷ କାମରେ ସାହାଯ୍ୟ କରିବା ପାଇଁ ବିଲକୁ ଗଲେ । ଯେଉଁ କାମରେ ଲାଗୁଥିଲେ ନିଷ୍ଠାର ସହ କରୁଥିଲେ । ସମସ୍ତଙ୍କ ମୁହଁରେ ତାଙ୍କ ପାଇଁ ପ୍ରଶଂସା । ପରିବାରର ସାନପୁଅ ବୋଲି ସମସ୍ତଙ୍କର ନିର୍ମଳ ଥିଲେ ଆଦର ପାତ୍ର । ଏଇମିତି କଟିଗଲା ନିର୍ମଳଙ୍କ ପିଲାବେଳେ ।

ହଠାତ୍ ପିତା ମୁରହା ଭାବିଲେ ନିର୍ମଳ ତାଙ୍କର ବୁଦ୍ଧିମାନ ପିଲା । ପାଠ ପଢ଼ିଲେ ଭଲ କରିବ । ଅନ୍ୟ ପୁଅ ତିନିଜଣ ବେଶୀ ପାଠ ପଢ଼ିଲେ ନାହିଁ । ତୃତୀୟ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି, ପଢ଼ା ଛାଡ଼ିଦେଲେ । କିନ୍ତୁ ନିର୍ମଳ ମନଯୋଗୀ, ଜିଦ୍‌ଖୋର ପଢ଼ିବା ପାଇଁ ପ୍ରବଳ ଆଗ୍ରହୀ । ଆଜିକାଲି ପରି ସେତେବେଳେ ଏ ମାଳଅଞ୍ଚଳରେ ଯେଉଁ କେତୋଟି ସ୍କୁଲ ଥିଲା, ସେଥିରେ ସରକାରୀ ଅମଲା କର୍ମଚାରୀଙ୍କ ପିଲାଛୁଆ ପଢୁଥିଲେ । ପାଖରେ ମିଶନାରୀମାନଙ୍କ ପରିଚାଳିତ କେତୋଟି ବେସରକାରୀ ସ୍କୁଲ ଥିଲା । ସେ ଯାହାହେଉ ସାତ ଆଠ ବର୍ଷ ହେଲା ଉତ୍ତାରୁ ନିର୍ମଳଙ୍କୁ ପ୍ରଥମେ ନିଜ ଗାଁ ପାଖରେ ଥିବା ନିମ୍ନ ପ୍ରାଥମିକ ବିଦ୍ୟାଳୟକୁ ପଠାଗଲା । ଅନ୍ୟକାମ ପରି ନିର୍ମଳଙ୍କର ପାଠରେ ବହୁତ ଧ୍ୟାନ / ସହପାଠୀମାନଙ୍କ ଅପେକ୍ଷା ସେ ସବୁବେଳେ ପାଠରେ ଆଗୁଆ । ନିର୍ମଳର ଶାନ୍ତଶିଷ୍ଟ ସ୍ୱଭାବଯୋଗୁଁ କେବଳ ସାଙ୍ଗସାଥୀ ନୁହେଁ, ଗାଁର ସମସ୍ତଙ୍କର ସେ ଥିଲେ ପ୍ରିୟ ।

ନିର୍ମଳ ମୁଣ୍ଡାଙ୍କ ଗାଁ ପାଖରେ ସେତେବେଳେ ଜଣେ ରୋମାନ କାଥୋଲିକ ମିଶନାରୀ ରହୁଥିଲେ । ଖ୍ରୀଷ୍ଟିଆନ ମୁଣ୍ଡାମାନଙ୍କୁ ଧର୍ମଉପଦେଶ ଦେବା କେବଳ ତାଙ୍କ କାମ ନଥିଲା, ସାମାଜିକ ବିଶେଷତଃ ଶିକ୍ଷା କ୍ଷେତ୍ରରେ ସେମାନେ ଯେପରି ପ୍ରଗତି କରିବେ ସେଥିପ୍ରତି ସେ ଚେଷ୍ଟିତ ଥିଲେ । ନିର୍ମଳଙ୍କୁ ସେ' ବହୁତ ଭଲ ପାଉଥିଲେ । ନିର୍ମଳ ମଧ୍ୟ ଅଧିକାଂଶ ସମୟ ତାଙ୍କ ପଛେପଛେ ଚାଲିଥାଆନ୍ତି । ଏହି ମିଶନାରୀଙ୍କର ମୁକ୍ତା ନାମରେ ଝିଅଟିଏ ଥାଏ । ମୁକ୍ତା ମଧ୍ୟ ସ୍ଥାନୀୟ ନିମ୍ନ ପ୍ରାଥମିକ ସ୍କୁଲରେ ନିର୍ମଳ ସହିତ ପଢୁଥାଏ । ଦୁଇ ବର୍ଷରେ ଦୁହେଁ ନିର୍ମଳ ଓ ମୁକ୍ତା ନିମ୍ନ ପ୍ରାଥମିକ ପାଶ କଲେ । ଦିନେ ନିର୍ମଳଙ୍କ ସହ କଥାବାର୍ତ୍ତା କରୁକରୁ ମୁକ୍ତା କହିଲାକି ସେ ଅଧିକ ପାଠ ପଢ଼ିବା ପାଇଁ ରାଜଗାଙ୍ଗପୁର ଯିବ । ନିର୍ମଳଙ୍କ ମନ ଯେତିକି ଖୁସି ହେଲା, ତାଙ୍କର ସହପାଠିନୀ ଅଧିକ ପଢ଼ିବା ପାଇଁ ରାଜଗାଙ୍ଗପୁର ଯିବ, ସେତିକି ଦୁଃଖ କଲା ସେ ଯାଇ ପାରୁନାହିଁ ବୋଲି । ତାଙ୍କର ବିମର୍ଷଭାବ ଦେଖି ମୁକ୍ତା ନିର୍ମଳଙ୍କୁ ପଚାରିଥିଲା ସେ ଉଚ୍ଚଶିକ୍ଷା ପାଇଁ ରାଜଗାଙ୍ଗପୁର ଯିବେକି ? ଘରେ ଯାଇ ନିର୍ମଳ ଅଧିକ ପଢ଼ିବା ପାଇଁ ରାଜଗାଙ୍ଗପୁର ଯିବାକୁ କହିଲେ । ବାପା ମାଆ ଓ ଭାଇମାନେ ରାଜି ହେଲେ । । ତହିଁ ପର ଦିନ ସଞ୍ଜବେଳକୁ ମୁକ୍ତାର ବଡ଼ ଭାଇ ଆସି ନିର୍ମଳଙ୍କୁ ତାଙ୍କ ନିଜ ଘରକୁ ଡାକିନେଲା । ସେଠାରେ ରାତିରେ ନିର୍ମଳ ଖିଆପିଆ କଲେ । ବହୁ ସମୟ ପର୍ଯ୍ୟନ୍ତ ସେମାନଙ୍କ ପରିବାର ସହ କଥାବାର୍ତ୍ତା ହେଲା । ଶେଷରେ ଦିନ ଧାର୍ଯ୍ୟ ହେଲା, କେଉଁଦିନ ରାଜଗାଙ୍ଗପୁର ଯିବାକୁ ହେବ । ନିର୍ଦ୍ଧାରିତ ଦିନ ଆସିଗଲା । ସେ ଦିନ ଥାଏ ସୋମବାର । ପ୍ରତ୍ୟୁଷରୁ ନିର୍ମଳ ମୁଣ୍ଡା ନିତ୍ୟକର୍ମ ସାରି,

ବାପା ମା'ଙ୍କୁ ମୁଣ୍ଡିଆ ମାରି ବାହାରି ପଡ଼ିଲେ । ଛକରେ ଭେଟ ହେଲା ମୁକ୍ତା ଓ ତାର ଭାଇଙ୍କ ସାଙ୍ଗରେ । ସେମାନେ ଆଗରୁ ଆସି ସେଠି ଅପେକ୍ଷା କରିଥାଆନ୍ତି । ସମସ୍ତେ ମିଶି ଗଲେ ରାଜଗାଙ୍ଗପୁର । ସେଠାରେ ପହଞ୍ଚିବାବେଳକୁ ସନ୍ଧ୍ୟା । ପରଦିନ ନିର୍ମଳ ଓ ମୁକ୍ତା ଦୁଇ ଜଣଙ୍କର ସ୍କୁଲରେ ନାମ ଲେଖା ହୋଇଗଲା । ମୁକ୍ତାର ଭାଇ ବରଟୋଲି ଫେରି ଆସି ନିର୍ମଳ ଘରେ ସବୁକଥା ଜଣାଇଲେ । ଦୁଇ ଦିନ ପରେ ନିର୍ମଳର ବାପା ଓ ଭାଇମାନେ ସମସ୍ତେ ଖାଇବା ସାମଗ୍ରୀ, ଲୁଗାପଟା ଆଦି ଧରି ପହଞ୍ଚିଲେ ରାଜଗାଙ୍ଗପୁରରେ । ନିର୍ମଳଙ୍କର ପାଠ ପଢିବା ପାଇଁ ସବୁ ଆୟୋଜନ କରି ଫେରିଲେ । ନିର୍ମଳ ପାଠ ପଢ଼ାରେ ଲାଗିଲେ । ସେ ଉଚ୍ଚ ପ୍ରାଥମିକ ପାଶ କରିଲେ । ଇତି ମଧ୍ୟରେ ନିର୍ମଳର ବାପା ଓ ମାଆ ଉଭୟ ପରଲୋକ ଗମନ କରିଥିଲେ ।

ନିର୍ମଳଙ୍କୁ ଆଉ ଅଧିକ ପଢ଼ାଇବା ପାଇଁ ତାଙ୍କର ଭାଇମାନେ ଅନିଚ୍ଛା ପ୍ରକାଶ କଲେ । ସପ୍ତମ ଶ୍ରେଣୀ ପଢୁଥିବା ସମୟରେ ନିର୍ମଳଙ୍କୁ ତାଙ୍କ ଭାଇ ତିମ୍ୟୋତିଉସ କହିଲେ, "ଆବ ଆଉର ପାଠ ପଢ଼କେ ନାଓ୍ୱଁ ନା ଧର । ଯେ ଭେଲକ ସେ ହୋଲକ । ଆବ ଯେ ହୋଇହେ ସେ ହୋଇ ହେ । ଆବ ହାମେ ଆପନ ଗାଓ୍ୱଁ ଘର କର ଜମିନ ଯାଗାମେ ଜୀୟବ । କାମାୟ, ଖାବ । ବେଶଇ ପଢ଼ଲେ କେଉ ଘରମେ ନି ରହେନ । କାମଧନ୍ଦା ଛୋଇଡ଼ କେ ନୋକର ମେ ଧେଆନ ଦେନ । କେକରୋ ବାତ ନିମାନେ ନା ପରଦେଶୀ ହୋଇ ଯାଏନ । ମାତା ପିତା ଭାଇ ବହିନ କର ମାୟା ଛୋଇଡ଼ ଦେନ ।" ନିର୍ମଳ କିନ୍ତୁ ଏଥିରେ ସହମତ ନଥିଲେ । ସେ ଉତ୍ତର ଦେଲେ, "ହାମର ଗାଓ୍ୱଁଘର, ଜମିନ ଯାଗା କାହାଅଁ ନି ଭାଗଥେ । କେଉନି ଲୁଇଟ ଲେଗ କୟ । ଏଖନ ମୋର ପାଠ ପଢ଼େକ ଉମର ସମୟ ଆହେ । ଇ ସମୟ ବିତଗଲେ ଆଉର ଆୟ ନି ଘୁରି । ଇ ସମୟକେ ବେକାର ବରବାଦ କରେକ ଉଚିତ ନା ଲାଗେ । ମୋୟ ଜରୁର ପାଠ ପଢ଼ମୁଁ ।" ପାଠ ପଢ଼ିବା ଜିଦରେ ନିର୍ମଳ ଅଟଳ ରହିଲେ । ସେତେବେଳେ ବିହାରର (ଏବର ଝାଡ଼ଖଣ୍ଡ) କରଂଜୋଠାରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ଥାଏ । ସେଠାକୁ ନିର୍ମଳ ଯାଇ ଦୁଇ ବର୍ଷରେ ମଧ୍ୟ ଇଂରାଜୀ ପାଶ କରିଥିଲେ ।

୧୯୧୬ ମସିହା । ନିର୍ମଳ ପୁଣି ଜିଦ ଧରି ବସିଲେ ଯେ ସେ ବିହାରର (ଏବର ଝାଡ଼ଖଣ୍ଡ) ରାଞ୍ଚିକୁ ଯାଇ ହାଇସ୍କୁଲରେ ପାଠ ପଢ଼ିବେ । ଏହା ଶୁଣି ଭାଇ ତିମ୍ୟୋତିଉସ କହିଲେ "ନିର୍ମଳ ! ଆଗେ ଆଉର ପାଠ ପଢୁଓ୍ୱାୟେକ ନି ପାରବା । ତୋୟଁ ଆଉର ଜୁଲୁମ ନା କର ।" ସେତେବେଳେ ସେମାନଙ୍କ ପରିବାର ବେଶ ସ୍ୱଚ୍ଛଳ ଥିଲା । ଚାଷ ଜମିରୁ ଭଲ ଫସଲ ଅମଳ ହେଉଥିଲା । ଗାଈ ଗୋରୁ, ଛେଳି ମେଣ୍ଢା ତଥା ଘୋଡା ମଧ୍ୟ ଥିଲେ । ଦୁଇଟି ଶଗଡ଼ ଗାଡ଼ି ଥିଲା । ଘର ଓ ଖେତ କାମ କରିବା ପାଇଁ ଚାକରବାକର ମଧ୍ୟ ରହିଥିଲେ । ଘରେ ଧାନ ଚାଉଳ, ଡାଲି ପରିବା ଭରି ରହିଥିଲା । ସେଥିପାଇଁ ଭାଇ ତିମ୍ୟୋତିଉସ ସବୁବେଳେ ନିର୍ମଳଙ୍କୁ ଆଉ ଅଧିକ ନପଢ଼ି ଘରେ ଚାଷ ଆଦି କାମରେ ଲାଗିବାକୁ କହୁଥିଲେ । କିନ୍ତୁ ନିର୍ମଳଙ୍କର ଏକାଜିଦ ସେ ରାଞ୍ଚି ଯାଇ ପଢ଼ିବେ । ସମସ୍ତେ ଏଥିପାଇଁ ମନାକଲାରୁ ଘରେ ଚୁପଚାପ ବସି ରହିଲେ । ଖାଇବାକୁ ଦେବାରୁ ମନାକଲେ । ଏପରି ତିନିଦିନ ଉପବାସରେ ରହିଲେ ନିର୍ମଳ । ସମସ୍ତେ ବୁଝେଇ ବୁଝେଇ ନିଷ୍ଫଳ ହେଲେ ।

ଶେଷରେ ରାଞ୍ଚି ଯାଇ ପଢ଼ିବାକୁ ନିର୍ମଳଙ୍କୁ ଅନୁମତି ମିଳିଲା ।

୧୯୧୭ ମସିହା । ନିର୍ମଳ ବାହାରିଗଲେ ରାଞ୍ଚି । ସେଠାରେ ଏକ ଜର୍ମାନ ମିଶନାରୀ ହାଇସ୍କୁଲ ଥାଏ। ସେଥିରେ ନିର୍ମଳ ଯାଇ ନାଁ ଲେଖାଇଲେ । ଅଳ୍ପ ଦିନରେ ନିର୍ମଳଙ୍କ ପ୍ରତିଭା ତାଙ୍କୁ ସେଠାରେ ସମସ୍ତଙ୍କ ନିକଟରେ ପରିଚିତ କରାଇଦେଲା । ପାଠ ପଢ଼ାରେ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ । ବିଚକ୍ଷଣ ବୁଦ୍ଧି, ଅସାଧାରଣ ସାହସ ଓ ପ୍ରଚଣ୍ଡ ପ୍ରତିଭାର ସେ ଥିଲେ ଅଧିକାରୀ । ତେଣୁ ହାଇସ୍କୁଲର ସମସ୍ତେ ଥିଲେ ତାଙ୍କର ପ୍ରଶଂସକ, ସମସ୍ତଙ୍କର ସେ ଥିଲେ ଆଦରର ପାତ୍ର।

ଅଭିଶପ୍ତ ୧୯୧୪ ମସିହା ବିଶ୍ୱ ଇତିହାସରେ ଏକ ଯୁଗାନ୍ତକାରୀ ବର୍ଷ, ସେହି ବର୍ଷ ଆରମ୍ଭ ହେଲା ପ୍ରଥମ ବିଶ୍ୱଯୁଦ୍ଧ । ଏହି ବିଶ୍ୱ ବିଧ୍ୱଂସକାରୀ ଭୟାଭୟ ମହାସମର ସମଗ୍ର ବିଶ୍ୱକୁ ଗ୍ରାସ କରିବାକୁ ବସିଲା । ଗୋଟିଏ ପକ୍ଷରେ ରହିଲେ ମୁଖ୍ୟତଃ ଇଂଲଣ୍ଡ, ଫ୍ରାନ୍ସ, ରୁଷିଆ, ଆମେରିକା ଓ ଇଟାଲୀ ଆଦି ଦେଶ ଏବଂ ଅନ୍ୟ ପକ୍ଷରେ ରହିଲେ ଜର୍ମାନ ଓ ଅଷ୍ଟ୍ରିଆ ଆଦି ଦେଶ । ସେତେବେଳ ଭାରତର ଇଂରେଜ ସରକାର ଏହି ଯୁଦ୍ଧରେ ସହାୟତା କରିବା ପାଇଁ ଭାରତୀୟ ସୈନ୍ୟବାହିନୀକୁ ଫ୍ରାନ୍‌ସ ପଠାଇଥିଲେ। ଏହି ଭାରତୀୟ ସେନାବାହିନୀରେ ବିଭିନ୍ନ କାମ ପାଇଁ ଲୋକଙ୍କୁ ନିଯୁକ୍ତ କରି ଫ୍ରାନ୍‌ସ ପଠାଉଥିଲେ । ଏଥିପାଇଁ ସରକାର ନିଯୁକ୍ତି ବିଜ୍ଞାପନ ଦେଉଥିଲେ । ବିଦେଶରେ ନିଯୁକ୍ତି ପାଇ, ବହୁତ ଅର୍ଥ ରୋଜଗାର କରିହେବ ବୋଲି ବିଜ୍ଞାପନ ଇସ୍ତାହାରରେ କୁହାଯାଉ ଥିଲା । ଏଥିପାଇଁ ଦେଶର ବିଭିନ୍ନ ସହରମାନଙ୍କରେ ନାମଲେଖା କେମ୍ପମାନ ଖୋଲାଯାଇ ନାଁ ଗୁଡ଼ିକ ପଞ୍ଜୀକରଣ କରାଯାଉଥିଲା ।

ନିର୍ମଳଙ୍କ ଉପର ଭାଇ ଆନନ୍ଦ ମାସି ସେତେବେଳେ ବରଟୋଲି ମୌଜାର ଗଞ୍ଜୁ (ମୁଖିଆ) ଥିଲେ। ନିଜେ ବେଶୀ ପାଠ ପଢ଼ିନଥିବାରୁ ନିଜ କ୍ଷେତ ବଗିଚା କାମ କରି ପରିବାର ଚଳାଉଥିଲେ । ଫ୍ରାନ୍ସ ଯିବାପାଇଁ ନିଯୁକ୍ତି ବିଜ୍ଞାପନ ଶୁଣି ଆନନ୍ଦମାସି ରାଞ୍ଚିଗଲେ । ସେଠାରେ ନାମଲେଖା କେମ୍ପକୁ ଯାଇ ଏଥିପାଇଁ ଆବେଦନ କଲେ । ନିର୍ମଳ ମଧ୍ୟ ରାଞ୍ଚିରେ ପଢୁଥିବା ସମୟରେ ଏହି ନିଯୁକ୍ତି ନାମା ବିଷୟରେ ଶୁଣିଥିଲେ । ତାଙ୍କର ମଧ୍ୟ ଫ୍ରାନ୍ସ ଯିବାପାଇଁ ପ୍ରବଳ ଆଗ୍ରହ ଥିଲା । କିନ୍ତୁ ଆନନ୍ଦମାସି ଏଥିପାଇଁ ଆବେଦନ କରିଛନ୍ତି ଜାଣି, ସେ ଆଉ ଅଧିକ ଏଥିରେ ଆଗେଇଲେ ନାହିଁ । ପୁଣି ସ୍କୁଲରେ ମଧ୍ୟ ପଢ଼ା ଚାଲିଥାଏ । ଏଣେ ପଢ଼ାଛାଡ଼ି ବିଦେଶ ଯିବାକୁ ମଧ୍ୟ ଦୋ ଦୋ ପାଞ୍ଚ ହେଲେ । ହାଇସ୍କୁଲ ପାଠ ପଢ଼ା ସାରି ସୁଯୋଗ ମିଳିଲେ ବିଦେଶ ଯିବାକୁ ମନସ୍ଥ କଲେ। ଆନନ୍ଦ ମାସି ରାଞ୍ଚିର କେମ୍ପରେ ରହିଥିଲେ । ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟା ସମୟରେ ପେରେଡ୍ ହୁଏ । ମଝିରେ ମଝିରେ ନିର୍ମଳ ଯାଇ ଆନନ୍ଦ ମାସିଙ୍କ ସହିତ ଦେଖା କରି ଆସନ୍ତି । ଏହିପରି ଦୁଇ ତିନି ମାସ କଟିଗଲା । ହଠାତ୍ ଆନନ୍ଦ ମାସି ଅସୁସ୍ଥ ହୋଇ ପଡ଼ିଲେ । ମୁଣ୍ଡରେ ପ୍ରବଳ ଯନ୍ତ୍ରଣା ହେଉଥାଏ। କୌଣସି ଔଷଧରେ କମିଲା ନାହିଁ । ଡାକ୍ତର ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ପରାମର୍ଶ ଦେଲେ । ଦୁଃଖରେ ଭାଙ୍ଗି ପଡ଼ିଲେ ଆନନ୍ଦ ମାସି । ଦିନେ ନିର୍ମଳ ଆନନ୍ଦ ମାସିଙ୍କୁ ଭେଟିବାକୁ ତାଙ୍କ କେମ୍ପକୁ ଯାଇଥାଆନ୍ତି । ନିର୍ମଳଙ୍କୁ

ଆନନ୍ଦମାସି କହିଲେ, "ମୋର ଶିର ଚକର ମାରଥେ । ଇ ରୋଗ ବଢ଼ତେ ଯାଥେ । ବିଦେଶ ଗଲେ ମୋର କା ନତିଜା ହୋଇ ? ମୋୟଁ ଫ୍ରାନ୍ସ ନ ଯାମୁଁ । ତୋୟଁ ମୋର ବାଦଲା ଫ୍ରାନ୍ସ ଯା" । ଭାଇ ଆନନ୍ଦମାସିଙ୍କ ବଦଳରେ ସେ ଫ୍ରାନ୍ସ ଯିବା କଥା ଶୁଣି ଆନନ୍ଦରେ ଫାଟି ପଡ଼ିଲେ ନିର୍ମଳ । ନିର୍ମଳ ସଙ୍ଗେ ସଙ୍ଗେ ରାଜି ହୋଇଗଲେ ଫ୍ରାନ୍ସ ଯିବା ପାଇଁ । ଆନନ୍ଦ ମାସି ନିଜ ଗ୍ରାମ ବରଟୋଲିକୁ ଫେରି ଆସିଲେ ।

ନିର୍ମଳଙ୍କର ଆଉ ବିଦେଶଯାତ୍ରା ପାଇଁ ବିଳମ୍ବର ଅବକାଶ ନଥିଲା । ସ୍କୁଲକୁ ଫେରିଆସି ନିର୍ମଳ ଦେଖା କଲେ ସ୍କୁଲର ପ୍ରିନ୍ସପାଲଙ୍କୁ। ଫ୍ରାନ୍ସ ଯିବା ପାଇଁ ସ୍କୁଲ ପଢ଼ାରୁ କିଛିଦିନ ଅବ୍ୟାହତି ଦେବାପାଇଁ ଅନୁମତି ଲୋଡ଼ିଲେ ନିର୍ମଳ। ପ୍ରିନ୍ସପାଲ ଏଥିରେ ରାଜି ହୋଇ ସମସ୍ତ ସୁବିଧା କରିଦେବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଲେ। ନିର୍ମଳ ଚାଲିଲେ ରାଞ୍ଚିସ୍ଥିତ ଲେବର କେମ୍ପକୁ । ସେଠାରେ ନିଜ ନାଁକୁ ପଞ୍ଜୀକରଣ କରିବା ପାଇଁ ଆବେଦନ କଲେ । ପ୍ରିନ୍ସପାଲଙ୍କଠାରୁ ଆଣିଥିବା ନିଜ ଯୋଗ୍ୟତାପତ୍ର ପେଶ କଲେ । ଲେବର କେମ୍ପର କିରାନୀ ଓ ଅଫିସରମାନେ ନିର୍ମଳଙ୍କୁ ଇଂରାଜୀରେ ବିଭିନ୍ନ ପ୍ରଶ୍ନମାନ ପଚାରିଲେ । ନିର୍ମଳ ମଧ୍ୟ ଇଂରାଜୀରେ ସେ ସବୁଥିର ଉତ୍ତର ଅବିଳମ୍ବେ ନିର୍ଭୁଲ ଭାବେ ଦେଲେ । ଉପସ୍ଥିତ କେମ୍ପ ଅଫିସର ଏଥିରେ ଖୁସି ହୋଇ ସଙ୍ଗେ ସଙ୍ଗେ ନିର୍ମଳଙ୍କୁ 'ମେଟ' ପଦରେ ନିଯୁକ୍ତି ଦେଇ ଫ୍ରାନ୍ସ ପଠାଇବାପାଇଁ ସ୍ଥିର କଲେ । ନିର୍ମଳ 'ମେଟ' କାମରେ ଯିବାପାଇଁ ନିଜକୁ ପ୍ରସ୍ତୁତ କରିବାରେ ଲାଗିଗଲେ ।

୧୯୧୭ ମସିହା ନଭେମ୍ବର ମାସ। ନିର୍ମଳ ଅନ୍ୟମାନଙ୍କ ସହ ଯାଇ ପହଞ୍ଚିଲେ ବମ୍ବେଠାରେ। ସେଠାରୁ ଜାହାଜରେ ଯିବାକୁ ହେବ ଫ୍ରାନ୍ସ । ନଭେମ୍ବର ୧୭ ତାରିଖ ସକାଳେ ପ୍ରିୟ ମାତୃଭୂମି ଭାରତ ଉପକୂଳ ଛାଡ଼ି ନିର୍ମଳଙ୍କ ଜାହାଜ ଚାଲିଲା ଫ୍ରାନ୍ସ ଅଭିମୁଖେ । ସମୁଦ୍ର ଭିତରକୁ ଯିବା ନିର୍ମଳଙ୍କ ଲାଗି ନୂଆ। ସମୁଦ୍ରର ନୀଳ ଜଳରାଶିକୁ ଘଣ୍ଟା ଘଣ୍ଟା ଧରି ଚାହିଁ ରହନ୍ତି। ଘରକଥା ମନେ ପଡ଼େ। ସ୍କୁଲରେ ଖେଳ ସାଥୀମାନଙ୍କ ସହ କଟାଇଥିବା ଅଭୁଲା କଥା ସବୁ ମନେପଡ଼େ । ଏମିତି ଦିନ ଗଡ଼ି ଚାଲିଲା । ଶେଷରେ ୧୯୧୮ ମସିହା ଜାନୁଆରୀ ୩ ତାରିଖ ଦିନ ଜାହାଜ 'ରାସୀ ଉପକୂଳରେ ଲାଗିଲା । ଫ୍ରାନ୍ସରେ ୩୩ ନମ୍ବର କମ୍ପାନୀରେ ନିର୍ମଳ ଯୋଗ ଦେଇଥିଲେ । ସେହି କମ୍ପାନୀରେ ସର୍ବମୋଟ ୫୧୫ ଜଣ କୁଲି କାମ କରୁଥିଲେ। ତାଙ୍କ ବ୍ୟତୀତ ଜଣେ ମେଜର, ଦୁଇ ଜଣ କିରାଣି ଓ ତିନିଜଣ ହେଡମେନ ଥିଲେ । ହୋଫମନ ନାମରେ ଜଣେ ଗୋରା ଫାଦର ମଧ୍ୟ ଥାଆନ୍ତି । କିଛିଦିନ ପରେ କାମ ଆରମ୍ଭ ହୋଇଗଲା । କାମ କହିଲେ ମୁଖ୍ୟତଃ କୁଲିମାନେ ଜାହାଜରୁ ଜିନିଷପତ୍ର ଓହ୍ଲାଇ ଗୋଦାମକୁ ଯାଉଥିବା ଗାଡ଼ିରେ ବୋଝାଇ ଦିଅନ୍ତି । ନିର୍ମଳ କୁଲିମାନଙ୍କ ସହ 'ମେଟ' ହୋଇ କାମ କରେ । କୁଲିମାନଙ୍କୁ ୨୦ ଟଙ୍କା ମଜୁରି, ମେଟମାନଙ୍କୁ ୩୦ ଟଙ୍କା, ହେଡମେନଙ୍କୁ ୫୦ ଟଙ୍କା ଓ କିରାନୀଙ୍କୁ ୭୫ ଟଙ୍କା ମିଳୁଥିଲା।

ସୁନ୍ଦରଗଡ଼ର ବରଟୋଲୀ ଗାଁରୁ ଯାଇଥିବା ନିର୍ମଳଙ୍କ ପାଇଁ ଫ୍ରାନ୍ସର ଜଳବାୟୁ କଷ୍ଟଦାୟକ ଥିଲା । ଏକେତ ଫ୍ରାନ୍ସ ଥଣ୍ଡା ରାଜ୍ୟ, ପୁଣି ସେଠାରେ ପହଞ୍ଚିଲା ବେଳକୁ ଥଣ୍ଡା ଋତୁ । ବାହାରକୁ ସକାଳେ ବା

ସନ୍ଧ୍ୟା ସମୟରେ ବାହାରିବା କଷ୍ଟକର । ତୁଷାରପାତ ଲାଗି ରହିଥାଏ । ଚାରିଆଡେ କୁଢ଼କୁଢ଼ ଧଳାଧଳା ତୁଷାର । ସୂର୍ଯ୍ୟ କିରଣ ପ୍ରଖର ହେଲେ ରାସ୍ତାରେ ଜମିଥିବା ତୁଷାରଗୁଡିକ ତରଳି ସମୁଦ୍ରକୁ ବହିଯାଏ । ସବୁବେଳେ ଥଣ୍ଡା ପବନ ଲାଗି ରହିଥାଏ । ସକାଳେ ଥଣ୍ଡା ପାଣି ବ୍ୟବହାର କରିବା ସମ୍ଭବ ହୁଏ ନାହିଁ । ପ୍ରବଳ ଶୀତରେ ନିର୍ମଳ ଅଥୟ ହୋଇ ଉଠିଲେ । ଦିନେ କ୍ୟାପଟେନଙ୍କୁ ଏ ବିଷୟ କହିଲେ । ଭାରତ ଭଳି ଗ୍ରୀଷ୍ମ ପ୍ରଧାନ ଦେଶରୁ ଫ୍ରାନ୍ସ ଭଳି ଶୀତପ୍ରଧାନ ଦେଶକୁ ଆସିବା କିପରି ଯନ୍ତ୍ରଣାଦାୟକ ଏବଂ ଏଥିର ପ୍ରତିକାର ନକରାଗଲେ ସେମାନଙ୍କ ମୃତ୍ୟୁ ସୁନିଶ୍ଚିତ ବୋଲି ଜଣାଇଲେ । କ୍ୟାପଟେନ ସବୁକଥା ବୁଝି ମାସେ କାଳ ପ୍ରତ୍ୟେକଙ୍କୁ ସନ୍ଧ୍ୟା ସମୟରେ କିଛିକିଛି ବ୍ରାଣ୍ଡି ପିଇବାକୁ ଦେଲେ । ଗରମ ପୋଷାକ ମଧ୍ୟ ଯୋଗାଇ ଦିଆଗଲା । ଫଳରେ ଶୀତ ପ୍ରକୋପରୁ ନିର୍ମଳ ଓ ଅନ୍ୟମାନେ କୌଣସିମତେ ବର୍ତ୍ତିଗଲେ ।

ସକାଳ ହେଲେ ନିର୍ମଳ ସମେତ ସମସ୍ତେ ଉଠି ପ୍ରଥମେ ପରେଡ୍‌କୁ ଯାଆନ୍ତି । ପେରେଡ଼ରୁ ଫେରିଲେ ସମସ୍ତଙ୍କୁ ଦୁଇଖଣ୍ଡ ରୋଟି, କ୍ଷୀର ଗୋଟେ ଗ୍ଲାସ ଓ କପେ ଚାହା ମିଳେ । ସକାଳୁ ଥଣ୍ଡା ଟିକେ କମ୍ ହୋଇ ଆସିଲେ, କୁଲିମାନଙ୍କ ସହିତ ମଶି ନିର୍ମଳ କାମସବୁ ଠିକ୍ ଚାଲୁଛି କି ନାହିଁ ଦେଖନ୍ତି । ସକାଳ ସାଢ଼େ ସାତାଟଠାରୁ ଦିନ ୧୨ଟା ପର୍ଯ୍ୟନ୍ତ କାମ ଚାଲେ । ଦିନ ବାରରୁ ଅପରାହ୍ନ ଦୁଇଟା ପର୍ଯ୍ୟନ୍ତ କାମ ବନ୍ଦ ରହେ। ସେହି ସମୟରେ ଦ୍ୱିପହରର ଖାଇବା ଦିଆଯାଏ । ତାପରେ ଟିକିଏ ବିଶ୍ରାମ ନେଇ ପୁଣି କାମରେ ଲାଗି ଯାଆନ୍ତି। ସନ୍ଧ୍ୟା ପାଞ୍ଚଟା ବେଳକୁ ଥଣ୍ଡା ପଡ଼ିଆସେ । କାମ ବନ୍ଦ ହୁଏ । ରାତ୍ର ଭୋଜନ ସାରି ଥଣ୍ଡା ସହ୍ୟ କରିବା ପାଇଁ ଟିକିଏ ବ୍ରାଣ୍ଡି ପିଇ ଦେଇ ସମସ୍ତେ ବିଛଣାକୁ ଯାଆନ୍ତି । ରାତିରେ ପ୍ରବଳ ଥଣ୍ଡା ପଡ଼ିଯାଏ। କୌଣସିମତେ ନିର୍ମଳ ରାତିଗୁଡ଼ିକୁ କଟାଇଦିଅନ୍ତି ।

କେବଳ ଥଣ୍ଡା ଛାଡ଼ି ଦେଲେ ନିର୍ମଳଙ୍କ ପାଇଁ ଆଉ ସବୁ ଭଲ ଥିଲା । କମ୍ପାନୀ ତରଫରୁ ସବୁ ମିଳୁଥିଲା। ଲୁଗାପଟା, ଜୋତା ମୋଜା, ଗରମ ବସ୍ତ୍ର, ଟୋପି, ଗ୍ଲୋଭସ୍, ବାସନ, ସବୁକିଛି। କୁଲିମାନଙ୍କର ପୋଷାକ ଥିଲା କଳା ରଙ୍ଗର । ମେଟ, ହେଡମନ, କିରାନୀ, ମେଜର ଆଦି ଖାକି ରଙ୍ଗର ପୋଷାକ ପିନ୍ଧୁଥିଲେ। ପ୍ରତ୍ୟେକ ଦିନ ରୁଟି, କ୍ଷୀର, ଚାହା, ଜାମ, ମାଂସ ଆଦି ଖାଇବାକୁ ମିଳୁଥିଲା । କିଛିଦିନ ପରେ ନିର୍ମଳଙ୍କର 'ମେଟ'ରୁ 'ହେଡମେନ'କୁ ପଦୋନ୍ନତି ହେଲା । ଇତିମଧ୍ୟରେ ମେଟମାନଙ୍କୁ ୪୦ ଟଙ୍କା ଓ ହେଡମେନଙ୍କୁ ୮୦ ଟଙ୍କା ଲେଖାଏଁ ମିଳୁଥିଲା । ହେଡମେନ ପଦବୀରେ ନିର୍ମଳ ୮୦ ଟଙ୍କା ପାଆନ୍ତି । ଖର୍ଚ୍ଚ କରିବାକୁ ସୁଯୋଗ ନଥାଏ କାରଣ ସବୁକିଛି କମ୍ପାନୀ ତରଫରୁ ମିଳୁଥିଲା । ଯେଉଁ ଟଙ୍କା କାମ ବାବଦରେ ମିଳେ ସବୁ ନିର୍ମଳ ସଞ୍ଚୟ କରି ରଖନ୍ତି । କିଛି ଦିନ ପରେ ନିର୍ମଳଙ୍କୁ କିରାଣି ପଦବୀକୁ ପଦୋନ୍ନତି ମିଳିଲା। ଦରମା ହେଲା ୧୦୦ ଟଙ୍କା । ନିର୍ମଳ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରୁଥିଲେ । କମ୍ପାନୀର କ୍ୟାପଟେନ ଓ ମେଜର ସମସ୍ତେ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଥିଲେ, ଇଂରାଜୀ ଭାଷା ତାଙ୍କୁ ଜଣା ଥିବାରୁ ଅନ୍ୟମାନଙ୍କ ସହ ଭଲରେ କଥାକହି ବୁଝାଇ ପାରୁଥିଲେ । ନିର୍ମଳଙ୍କ କାମରେ ପ୍ରସନ୍ନ ହୋଇ ତାଙ୍କ ଦରମା ୨୦୦ ଟଙ୍କାକୁ ବଢ଼ାଇ ଦିଆଯାଇଥିଲା ।

ଫ୍ରାନ୍ସ ରହଣୀ କାଳରେ, ଯେତେ ଭଲରେ ଥିଲେ ମଧ୍ୟ ଦେଶପ୍ରେମୀ ନିର୍ମଳଙ୍କ ମନଥାଏ ଭାରତରେ । ସଂଧ୍ୟାହେଲେ ଥଣ୍ଡା ପ୍ରବଳଭାବେ ଯେତେବେଳେ ମାଡିଆସେ, ସେତେବେଳେ ମନେପଡେ ବରଟୋଲୀ କଥା । ରାତିରେ ମା' ଗୋମୀ କିପରି ଗରମଗରମ ଭାତ ପରଶୁଥିଲେ । ଗରମ ହରଡ ବା କେନ୍ଦୁଲ ଡାଲି ସହ ଭାତ ଗୋଳାଇ ଖାଇବାରେ କି ମଜା । ଦେଶୀଆଳୁ ପୋଡା, ତାର କି ଚମତ୍କାର ସ୍ୱାଦ । ଫ୍ରାନ୍ସରେ ଏସବୁ ସ୍ୱପ୍ନ । । ଥଣ୍ଡା ଦେଶରେ ଗରମ ବାମ୍ଫ ବାହାରୁଥିବା ଭାତଗଣ୍ଡିଏ ମିଳନ୍ତାକି ! ନିର୍ମଳଙ୍କ ମନେପଡେ ସାଙ୍ଗ ସାଥୀ କଥା । ପିଲାବେଳର ଗଛ ଚଢିବା, ଶିକାର କରିବା କଥା । ହେଟା ଓ ଭାଲୁଙ୍କୁ କିପରି ଗୋଡ଼ାଉ ଥିଲେ, ମନେପଡ଼େ ସେ କଥା । ଯେତେଯାହା ହେଲେବି ମାତୃଭୂମି ଛାଡ଼ି କିଏ କେତେକାଳ ସୁଖୀ ହେଲାଣି ? ଶୀଘ୍ର ନିଜଗାଁକୁ ଫେରିଯିବାକୁ ନିର୍ମଳଙ୍କ ମନ ବ୍ୟାକୁଳ ହେଉଥାଏ ।

ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା । ୧୯୧୯ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧର ଅବସାନ ଘଟିଲା । ଦୀର୍ଘ ପାଞ୍ଚ ବର୍ଷ କାଳ ଯୁଦ୍ଧ କ୍ଲାନ୍ତ ପୃଥିବୀ ଶାନ୍ତିରେ ନିଶ୍ୱାସ ମାରିଲା । ଯେଉଁମାନେ ଏହି ଯୁଦ୍ଧ ସମୟରେ ଭାରତରୁ ଫ୍ରାନ୍ସ ଯାଇଥିଲେ ସେମାନଙ୍କ ପ୍ରତ୍ୟାବର୍ତ୍ତନର ସମୟ ଆସିଗଲା । ନିର୍ମଳ ପୁଣି ବରଟୋଲି ଗାଁକୁ ଫେରିବେ, ଏକଥା ଭାବି ଭାବି ସେଦିନ ରାତିରେ ନିର୍ମଳଙ୍କୁ ଆଉ ନିଦ ହେଲା ନାହିଁ । ୧୯୧୯ ମସିହା ଜୁଲାଇ ମାସରେ ନିର୍ମଳ ସମେତ ଅନ୍ୟ ଯେଉଁମାନେ ସେଠାକୁ ଯାଇଥିଲେ ଭାରତକୁ ଫେରିଆସିବା ପାଇଁ, କମ୍ପାନୀ ଜାହାଜରେ ବସିଲେ । ଘରେ ପହଞ୍ଚିବା ପାଇଁ ନିର୍ମଳଙ୍କ ମନ ବ୍ୟାକୁଳଥିଲେ ମଧ୍ୟ ଫେରନ୍ତା ଯାତ୍ରା ବହୁତ ଆନନ୍ଦଦାୟକ ଥିଲା । ଜାହାଜ ଭୂମଧ୍ୟସାଗରର ମନୋରମ ଜଳରାଶି ମଧ୍ୟରେ ଆସୁଥିବା ସମୟରେ ନିର୍ମଳ ସମୁଦ୍ର ତଥା ତଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ଦୃଶ୍ୟ ଉପଭୋଗ କରୁଥିଲେ । ଜାହାଜ ଆସି ଆରବ ଦେଶରେ ପହଞ୍ଚିଲା । ସେଠାରେ ସମସ୍ତ ଯାତ୍ରୀ ଓହ୍ଲାଇଲେ । ସେଠାରେ ସେମାନେ ଦଶଦିନ ରହିଲେ । ଏହାପରେ ଆଉ ଗୋଟିଏ ହାଜାଜ ଚଢି ଭାରତ ଅଭିମୁଖେ ବାହାରିଲେ । ପ୍ରଥମେ ଜାହାଜ ଭାରତର ବମ୍ବେ ବନ୍ଦରରେ ପହଞ୍ଚିଲା । ନିର୍ମଳ ନିଜ ଦେଶକୁ ଦେଖି ମୁଣ୍ଡିଆ ମାରିଲେ । ଭାରତମାତାଠାରୁ ଏତେଦିନ ଧରି ଦୂରରେ ରହିଥିବାରୁ ନିର୍ମଳ ହାତଯୋଡ଼ି କ୍ଷମା ମାଗିଲେ । ଜାହାଜ ବମ୍ବେ ବନ୍ଦର ଛାଡ଼ି କଲିକତା ଆଡ଼କୁ ମୁହାଁଇଲା । କଲିକତାରେ ପହଞ୍ଚି ସମସ୍ତେ ନିଜନିଜ ଘରକୁ ଫେରିଲେ ।

ନିର୍ମଳ ପହଞ୍ଚିଲେ ନିଜ ଗାଁ ବରଟୋଲିରେ । ଗାଁ ସେମିତି ରହିଛି । ନିର୍ମଳ ଫେରିଛନ୍ତି ଫ୍ରାନ୍ସରୁ, ଗୋରା ରାଜ୍ୟରୁ । ଦେଖିବା ଲାଗି ଗାଁର ସମସ୍ତେ ତାଙ୍କ ଚାରିପଟେ ରୁଣ୍ଡ ହୋଇଗଲେ । ଭାଇମାନେ ଓ ତାଙ୍କ ପିଲାମାନେ ନିର୍ମଳଙ୍କୁ ଘେରିଗଲେ । ବହୁ ସମୟ ଦୁଃଖ ସୁଖ ହେଲେ । କିଛିଦିନ ଧରି ଗାଁର ସାଙ୍ଗସାଥୀ ନିର୍ମଳଙ୍କ ପାଖକୁ ଆସିବାକୁ ଲାଗିଲେ । ଫ୍ରାନ୍ସରେ କ'ଣ ଦେଖିଲେ, କ'ଣ ଖାଇଲେ, କ'ଣ କ'ଣ ଅଦ୍ଭୁତ ଦୃଶ୍ୟ ଦେଖିଲେ ସମସ୍ତ ପଚାରି ବୁଝିଲେ । ନିର୍ମଳ କହିଥିଲେ, "ଫ୍ରାନ୍ସ ବହୁତ ସୁନ୍ଦରପ୍ରେମୀ ଦେଶ ହେକେ । ପ୍ରାୟ ସବ ଆଦମୀ ପ୍ରେଞ୍ଚ ଭାଷା କହେନା । ଇଂରେଜୀ ଭି ଚଲେଲା । ରାଇତ ସାଗର ବରଫ ପାଲା ଗିରେଲା । ବିହାନ ହୋତଲେ ସଗରୋ ଜମିନ ଯେ ମୋଟା ସେ ବରଫ ବଇଠ ଯାଏଲା । ଜୁତା

ପିନ୍ଧକେ ରୋଡ ରାସ୍ତାମେ ଚଲେକ ହୋଏଲା । ବରଫ ଦିନ ଭଲର ମେ ଧିରେଧିରେ ପଘଇଲକେ ଜମିନ ମେ ଶୁଇଖ ଯାଏଲା । ବହୁତ ଠଣ୍ଡା ଦେଶ ହେକେ । ମୋର ନସିବ ମେ ରହେ । ମୋୟ ଫ୍ରାନ୍ସ ଗେଲୋ, ଦେଖଲୋଁ, ଜାନିଲୋଁ, ଖୁସି ସେ କାମାଲୋଁ, ଗେ ଲୋଁ ଆଉର ଆଲୋଁ । ଜାହାଜ ଚଢଲୋଁ, ଦେଶ ବିଦେଶ ଦେଖଲୋଁ, ସମୁଦର ଭି ଦେଖଲୋଁ । ଇ ବଡ଼େ ଭାଇଗ କର ବାତ ହେକେ । ମୋୟଁ ଜିନଗିମେ ଇକେ ନି ଭୁଲାମୁଁ । ଭଗଓ୍ୱାନକେ ମୋୟଁ ଧଇନ ମାନାଥୋଁ ।"

ଫ୍ରାନ୍ସ ରହଣି କାଳରେ ନିର୍ମଳ ଅନେକ ପଇସା ରୋଜଗାର କରି ସଞ୍ଚୟ କରିଥିଲେ । ସେଇ ଅର୍ଥରେ ନିର୍ମଳ ସିମକୋରେ ୨୨ ଏକର ଜମି କିଣିଥିଲେ । ସେଠାରେ ନିଜର ନୂଆ ଘର ତୋଳିଲେ । ସେତେବେଳେ ପରିବାର କହିଲେ ସ୍ତ୍ରୀ ମରିଅମ । ପରେ ପୁତ୍ର ପ୍ରମୋଦ ଜନ୍ମ ନେଇଥିଲା । ପ୍ରମୋଦର ଜନ୍ମ ପରେ ନିର୍ମଳ ପୁରାପୁରି ସଂସାରୀ ପାଲଟି ଗଲେ । ନିଜର ଜମିବାଡ଼ି ଚାଷ କରିବାରେ ଅଧିକ ଧ୍ୟାନ ଦେଲେ । ଚାଷସହ ଅନ୍ୟ ଗୋଟିଏ ବିଷୟ ପ୍ରତି ମଧ୍ୟ ନିର୍ମଳ ସଜାଗଥିଲେ । ସେତେବେଳେ ଦେଖିଲେ ତାଙ୍କ ଜାତିର ପିଲାମାନେ ପାଠ ପଢୁନାହାନ୍ତି । ବୁଲାବୁଲି, ଖେଳାଖେଳି ଅଥବା ଗାଈ ମେଣ୍ଢା ଚରାଇ ସେମାନେ ସମସ୍ତ ସମୟ କଟାଉଛନ୍ତି । ଶିକ୍ଷିତ ନିର୍ମଳଙ୍କ ହୃଦୟକୁ ଏହା ବହୁତ ବାଧିଲା । ସେ ଗାଁର ପିଲାମାନଙ୍କୁ ଏକତ୍ର କରି ଯେତିକି ତାଙ୍କ ପକ୍ଷେ ସମ୍ଭବ ସେତିକି ଶିକ୍ଷାଦାନ କଲେ । କିଛିଦିନ ପରେ ଦେଖାଗଲା ଗାଁର ପିଲାମାନେ ସିଲଟ ଧରି ବୁଲୁଛନ୍ତି, ସ୍କୁଲକୁ ଯିବାପାଇଁ ବାପାମା'ଙ୍କ ପାଖରେ ଅଳି କରୁଛନ୍ତି । ଏପରି ପରିବର୍ତ୍ତନ ଦେଖି ନିର୍ମଳ ଆନନ୍ଦ ଅନୁଭବ କଲେ ।

ଏତିକିରେ ନିର୍ମଳ ସନ୍ତୁଷ୍ଟ ନଥିଲେ । ନିଜ ପରିବାର ଅଥବା ଗାଁର ଲୋକମାନଙ୍କ ବ୍ୟତୀତ ସେ ଅଞ୍ଚଳର ତଥା ସାରା ଗାଙ୍ଗପୁର ରାଜ୍ୟର ଦୁଃଖ ଦୁର୍ଦ୍ଦଶା ପ୍ରତି ସେ ସଚେତନ ଥିଲେ । ସଂସାରୀ ହୋଇ କେବଳ ପିଲାମାନଙ୍କ ସୁଖଦୁଃଖ ବୁଝିବା ଭଳି ଛୋଟିଆ କାମ ଠାରୁ ଅଧିକତର ମହାନ କାର୍ଯ୍ୟ ପାଇଁ ଭାଗ୍ୟଦେବୀ ନିର୍ମଳଙ୍କୁ ହିଁ ବାଛିଥିଲେ । ଏକ ମହାନ ସଂଗ୍ରାମ ତାଙ୍କ ପାଇଁ ଅପେକ୍ଷା କରିଥିଲା ।

## ଗାଙ୍ଗପୁର ଖଜଣା ବିରୋଧୀ ଆନ୍ଦୋଳନର ପୃଷ୍ଠଭୂମି

ଗାଙ୍ଗପୁରର ଐତିହାସିକ ଖଜଣା ବିରୋଧୀ ଆନ୍ଦୋଳନର ଅନ୍ତରାଳରେ ଥିଲା ରାଜ୍ୟର ଭୂବନ୍ଦୋବସ୍ତ । ଗାଙ୍ଗପୁର ରାଜ୍ୟର ରାଜସ୍ୱ ବ୍ୟବସ୍ଥା ସମ୍ବନ୍ଧରେ ପ୍ରଥମ ଲିଖିତ ବିବରଣୀ ମିଳେ ୧୮୬୫ ମସିହାରେ ପ୍ରସ୍ତୁତ ଜମାବନ୍ଦୀରୁ । ଏଥିରେ ରାଜ୍ୟର ରାଜସ୍ୱ ଆୟ ୫୨୦୦ ଟଙ୍କା ସୂଚାଯାଇଥିଲା । ପ୍ରତ୍ୟେକ ଗ୍ରାମ ଖଜଣା ବା ଶୁଳ୍କ ହିସାବରେ ବାର୍ଷିକ କେତେ ପଇଠ କରିବ ଏହି ଜମାବନ୍ଦିରେ ଉଲ୍ଲିଖିତ ଥିଲା । କେଉଁ ହିସାବରେ ଗ୍ରାମର ଚାଷୀମାନଙ୍କ ଉପରେ ତାଙ୍କର ଦେୟ ନିର୍ଦ୍ଧାରିତ ହୋଇଥିଲା ସେ ବିଷୟରେ ଏଥିରେ ସୂଚନା ନଥିଲା । ଗ୍ରାମର ମୁଖିଆମାନେ ନିଜଗ୍ରାମବାସୀଙ୍କଠାରୁ କେମିତି ଏହା ଆଦାୟ କରିବେ, ଅଥବା ନିର୍ଦ୍ଧାରିତ ଖଜଣା ଠାରୁ ସେ ଅଧିକ କର ସଂଗ୍ରହ କରି ପାରୁଥିଲେ କି ନାହିଁ, ଏ ବିଷୟ ମଧ୍ୟ ଏହି

ଜମାବନ୍ଦିରୁ ଜଣା ପଡ଼େ ନାହିଁ । ସମ୍ଭବତଃ ପ୍ରତ୍ୟେକ ଗାଁ ଅଧୀନରେ ଥିବା ଜମି ଗୁଡ଼ିକୁ ମୋଟାମୋଟି ଗୋଟିଏ ହିସାବରେ ମୁଖିଆଙ୍କ ସହ ରାଜିନାମା ହେଉଥିଲା; ସେହି ଗାଁ କେତେ ଖଜଣା ଦେବ । ଏହାଦ୍ୱାରା କୃଷକମାନଙ୍କ ସହିତ ସରକାରଙ୍କ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ରହୁନଥିଲା । ଅନ୍ୟ ପକ୍ଷରେ ଏହି ଗାଁ ମୁଖିଆମାନେ ଗ୍ରାମବାସୀମାନଙ୍କ ଅପେକ୍ଷା ଅଧିକ ଶିକ୍ଷିତ ଓ ବୁଦ୍ଧିମାନ ଥିଲେ । ଫଳସ୍ୱରୂପ ଅଶିକ୍ଷିତ ଅଜ୍ଞ ଚାଷୀମାନଙ୍କଠାରୁ କର ଆଦାୟ କରିବାରେ କୌଣସି ଅସୁବିଧା ହେଉନଥିଲା । ପୁନଶ୍ଚ ସାଧାରଣ ଚାଷୀଙ୍କର ଅଜ୍ଞତାର ସୁଯୋଗ ନେଇ କେତେକ ସ୍ୱାର୍ଥାନ୍ୱେଷୀ ଗାଁ ମୁଖିଆମାନେ ଅଧିକ ଖଜଣା ସଂଗ୍ରହ କରି ବହୁ ଅଂଶ ନିଜ ପରିବାରର ସମୃଦ୍ଧି ପାଇଁ ରଖି ଦେଉଥିଲେ ।

ଏପରି ରାଜସ୍ୱ ବନ୍ଦୋବସ୍ତ ୧୮୭୪ ପର୍ଯ୍ୟନ୍ତ ରହିଥିଲା ଓ ସେହିବର୍ଷ ଏଥିରେ ସାମାନ୍ୟ ପରିବର୍ତ୍ତନ ଅଣା ଯାଇଥିଲା । ବିନା ମାପରେ ଜମିର ଆଖିଦେଖା ଆନୁମାନିକ ହିସାବକରି ଖଜଣା ନିରୂପଣ କରାଗଲା। ସବୁ ପ୍ରକାର ଜମିପାଇଁ ସମାନଭାବେ ଖଜଣା ବସା ହେଲା । ଉତ୍ପାଦିତ ଦ୍ରବ୍ୟକୁ ରାଜସ୍ୱର କିଛିଅଂଶ ରୂପେ ଦିଆଯାଇପାରିବ ବୋଲି ସେତେବେଳେ ସ୍ଥିର କରାଗଲା । ଖାଲସା ଜମିଗୁଡ଼ିକୁ କର ବହିର୍ଭୂତ କରାଗଲା । ଜମିର ସର୍ଭେ କରିବା ପାଇଁ ଅମୀନଙ୍କୁ ପଠାଯାଉଥିଲା । ବହୁ ସମୟରେ ଜମିର ଆକାର ଓ ଧାର୍ଯ୍ୟ ଖଜଣା ଅମୀନଙ୍କ ଇଚ୍ଛା ଉପରେ ନିର୍ଭର କରୁଥିଲା । ସେ ଯାହାହେଉ ଏ ବନ୍ଦୋବସ୍ତ ଦ୍ୱାରା ରାଜସ୍ୱକୁ ନଗଦ ୧୫୦୦୦ ଟଙ୍କା ଏବଂ ୩,୭୮୦ ମହଣ ଚାଉଳ ଓ ୩୬୦ ମହଣ ବିରିକୁ ବର୍ଦ୍ଧିତ କରାଯାଇ ପାରିଥିଲା।

ଏହାପରେ ୧୯୦୦ ମସିହାରେ ଗାଙ୍ଗପୁର ରାଜ୍ୟରେ ଆଉ ଏକ ରାଜସ୍ୱ ବନ୍ଦୋବସ୍ତ ହୋଇଥିଲା। ରାଜ୍ୟ ଓ ଗାଁ ମୁଖିଆଙ୍କ ଦ୍ୱାରା ସିଧାସଳଖ ରାଜିନାମା ହୋଇ ଗାଁର ଖଜଣା ଧାର୍ଯ୍ୟ କରାଗଲା । ଯେଉଁ ଗ୍ରାମ ଗୁଡ଼ିକରେ ନଜରକୁତ ବ୍ୟବସ୍ଥା ଅନୁଯାୟୀ କରଧାର୍ଯ୍ୟ କରାଯାଇଥିଲା ସେଗୁଡ଼ିକରେ ୧୮୬୫ ମସିହାରେ ନିର୍ଦ୍ଧାରିତ ଖଜଣାଠାରୁ ଶତକଡ଼ା ୨୫ ଭାଗ ଖଜଣା ବୃଦ୍ଧି କରାଗଲା । ଅନ୍ୟଗ୍ରାମ ଗୁଡ଼ିକରେ ଶତକଡ଼ା ୫୦ ଭାଗ ଖଜଣା ବୃଦ୍ଧି କରାଗଲା । ଏହାଦ୍ୱାରା ରାଜ୍ୟର ବାର୍ଷିକ ରାଜସ୍ୱ ଆୟ ନଗଦ ୨୯୩୨୭ ଟଙ୍କା ସହିତ ୧୩୫୭୮ ଟଙ୍କା ମୂଲ୍ୟର ଚାଉଳ ଓ ବିରିକୁ ବୃଦ୍ଧିପାଇଲା । ଅନ୍ୟପ୍ରକାରର ରାଜସ୍ୱକୁ ମିଶାଇ ଗାଙ୍ଗପୁର ରାଜ୍ୟର ବାର୍ଷିକ ରାଜସ୍ୱ ଆୟ ୪୭୭୦୦ ଟଙ୍କା ହେଲା ।

ଗାଙ୍ଗପୁର ରାଜ୍ୟରେ ପ୍ରଥମ କରି ନିୟମିତ ଭାବେ ଜମିର ମାପ ଓ ବନ୍ଦୋବସ୍ତ ସି.ଡବଲ୍ୟୁ. ଇ. କନୋଲିଙ୍କ ଦ୍ୱାରା କରାଯାଇଥିଲା । ଏହା ୧୯୦୭ ମସିହାରେ ଆରମ୍ଭ ହୋଇ ୧୯୧୧ ମସିହାରେ ଶେଷ ହୋଇଥିଲା । କନୋଲି ଥିଲେ ବିହାରରେ ଅବସ୍ଥାପିତ ଡେପୁଟୀ କଲେକ୍ଟର ପାହ୍ୟାର ଜଣେ ଅଫିସର, ଯାହାଙ୍କୁ ଏହି କାମ ପାଇଁ ସ୍ୱତନ୍ତ୍ରଭାବେ ନିଯୁକ୍ତି ଦିଆଯାଇଥିଲା । ବାହାଲ, ବେରନା, ମାଲ ଓ ବରଛା ଆଦି ଚାରି ପ୍ରକାର ଜମି ଉପରେ କେତେ ପରିମାଣର କରଧାର୍ଯ୍ୟ ହେବ ତାହା ସ୍ଥିରୀକୃତ ହେଲା । ସମୁଦାୟ ଭୂରାଜସ୍ୱ ଆୟ ୮୪,୨୫୭ ଟଙ୍କା ହେବ ବୋଲି ନିର୍ଦ୍ଧାରିତ ହେଲା । କନୋଲି ବନ୍ଦୋବସ୍ତରେ ଗୋଡ଼ା ବା

ଡିପ ଜମି ଗୁଡ଼ିକୁ କରମୁକ୍ତ କରାଗଲା । କିନ୍ତୁ ଯେଉଁମାନେ ଏହି ନିଷ୍କର ଗୋଡ଼ା ଜମି ଗୁଡ଼ିକୁ ଚାଷ କରୁଥିଲେ ସେମାନଙ୍କୁ ବିନା ପାରିଶ୍ରମିକରେ ରାଜ୍ୟର ବେଠିବେଗାରୀ କରିବାକୁ ପଡୁଥିଲା । ଏହି ବନ୍ଦୋବସ୍ତ ବ୍ୟବସ୍ଥା ଦଶବର୍ଷ ପାଇଁ ଥିଲା, ଅର୍ଥାତ୍ ୧୯୨୦-୨୧ ପର୍ଯ୍ୟନ୍ତ ଲାଗୁହେବାକୁ ନିଷ୍ପତ୍ତି ନିଆଯାଇଥିଲା ।

ଗାଙ୍ଗପୁର ରାଜ୍ୟରେ ସେତେବେଳେ ଖୁଣ୍ଟ କଟି ପ୍ରଥା ପ୍ରଚଳିତ ଥିଲା । ବଣପାହାଡରେ ବାସକରୁଥିବା ଆଦିବାସୀମାନେ ଜଙ୍ଗଲ ଗୁଡ଼ିକ ସଫାକରି ଜମିଗୁଡ଼ିକ ଚାଷୋପଯୋଗୀ କରିଥିଲେ । ସେଠାରେ ଆଦିବାସୀ ଗ୍ରାମବାସୀଙ୍କ ଦ୍ୱାରା ଯୌଥ ଚାଷ ବଂଶାନୁକ୍ରମେ କରାଯାଉଥିଲା । ଏହାକୁ ଖୁଣ୍ଟ  କଟି ବ୍ୟବସ୍ଥା କୁହାଯାଏ । ଗାଙ୍ଗପୁରର ପଡୋଶୀ ଅଞ୍ଚଳ ଛୋଟନାଗପୁରରେ ଏପରି ବ୍ୟବସ୍ଥା ପ୍ରଚଳିତଥିଲା । ୧୯୦୮ ମସିହାରେ ବିହାରରେ ପ୍ରଚଳନ କରାଯାଇଥିବା ଛୋଟନାଗପୁର ପ୍ରଜାସ୍ୱତ୍ୱ ଆଇନରେ ଏପରି ଖୁଣ୍ଟ  କଟି ବ୍ୟବସ୍ଥାକୁ ସରକାରଙ୍କ ତରଫରୁ ସ୍ୱୀକୃତି ଦିଆଯାଇଥିଲା । ଗାଙ୍ଗପୁର ରାଜ୍ୟର ଆଦିବାସୀ ଏପରି ଚାଷଜମି ପାଇଁ ଅଧିକାର ପାଇଥିଲେ ମଧ୍ୟ ତାହାକୁ ଗାଙ୍ଗପୁର ରାଜଦରବାର ସ୍ୱୀକୃତି ଦେବାକୁ ପ୍ରସ୍ତୁତ ନଥିଲା । ଏହା ଗାଙ୍ଗପୁର ଆଦିବାସୀ ପ୍ରଜାଙ୍କ ଅସନ୍ତୋଷର ଅନ୍ୟ ଏକ କାରଣ ମଧ୍ୟ ଥିଲା ।

୧୯୨୩ ମସିହାରେ ଗାଙ୍ଗପୁର ରାଜ୍ୟରେ ନୂଆବାଦୀ ବନ୍ଦୋବସ୍ତ ପ୍ରଣୟନ କରାଯାଇଥିଲା । ଏହାଦ୍ୱାରା ଆଦିବାସୀମାନେ ଉପଭୋଗ କରୁଥିବା ପୂର୍ବ ସୁବିଧା ଗୁଡ଼ିକୁ ପ୍ରତ୍ୟାହାର କରି ନେବାର ଉଦ୍ୟମ ହୋଇଥିଲା, ଇତିମଧ୍ୟରେ ଚାଷୀମାନେ ଯେଉଁ ଗୋଡ଼ା ଜମିଗୁଡ଼ିକୁ ସଫାକରି କୃଷିଯୋଗ୍ୟ କରିଥିଲେ, ସେହି ପରିବର୍ଦ୍ଧିତ ଚାଷଜମି ଗୁଡ଼ିକ ଉପରେ ନୂତନଭାବେ କର ଧାର୍ଯ୍ୟ କରାଗଲା । ପୁନଶ୍ଚ ପ୍ରଜାମାନଙ୍କର ଖୁଣ୍ଟ କଟି ଅଧିକାରକୁ ଗାଙ୍ଗପୁର ରାଜଦରବାର ପକ୍ଷରୁ ଖୋଲାଖୋଲି ଅସ୍ୱୀକାର କରାଗଲା । ଏହି ନୂନତ ବନ୍ଦୋବସ୍ତ ଅନୁସାରେ ପରିବର୍ଦ୍ଧିତ କର ଯୋଗୁଁ ରାଜସ୍ୱ ପରିମାଣ ୨୬,୦୦୦ ଟଙ୍କା ବୃଦ୍ଧି ପାଇଲା । ବର୍ତ୍ତମାନ ରାଜ୍ୟର ସମୁଦାୟ ରାଜସ୍ୱ ୧,୧୦,୨୫୭ ଟଙ୍କାରେ ପହଞ୍ଚିଲା । ଏହି ବର୍ଦ୍ଧିତ କର ପ୍ରଜାମାନଙ୍କ ଅର୍ଥନୈତିକ ପ୍ରଗତିରେ ଅନ୍ତରାୟ ସୃଷ୍ଟିକଲା ।

ପାଞ୍ଚବର୍ଷ ଯାଇଛିକି ନାହିଁ ଗାଙ୍ଗପୁର ରାଜ୍ୟରେ ପୁଣି ଏକ ନୂଆ ଭୂବନ୍ଦୋବସ୍ତ କରାଯାଇଥିଲା । ୧୯୨୯ ରୁ ଆରମ୍ଭ ହୋଇ ୧୯୩୫ ମସିହାରେ ଶେଷ ହୋଇଥିବା ଏହି ନୂଆ ବନ୍ଦୋବସ୍ତ ଆଦିବାସୀମାନଙ୍କ ସ୍ୱାର୍ଥରେ ଅଧିକ କ୍ଷତି ଘଟାଇଥିଲା । ଏହି ବନ୍ଦୋବସ୍ତ ପାଇଁ ପ୍ରଥମେ ଉପେନ୍ଦ୍ରନାଥ ଘୋଷ ବନ୍ଦୋବସ୍ତ ଅଧିକାରୀ ଥିଲେ । କିନ୍ତୁ ପରେ ୧୯୩୧ ମସିହା ନଭେମ୍ବର ୧୪ ତାରିଖ ଠାରୁ ଏହି ବନ୍ଦୋବସ୍ତ କାର୍ଯ୍ୟ ଇନ୍ଦ୍ର ବିଳାସ ମୁଖାର୍ଜିଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଏହି ଭୂବନ୍ଦୋବସ୍ତ ପାଇଁ ୨,୬୯,୫୮୪ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏହି ବନ୍ଦୋବସ୍ତ ଦ୍ୱାରା ଗାଙ୍ଗପୁର ରାଜ୍ୟର ରାଜସ୍ୱ ପରିମାଣ ୧,୧୦,୨୫୭ ଟଙ୍କାରୁ ବୃଦ୍ଧିପାଇ ୧,୪୯,୮୬୧ ଟଙ୍କାରେ ପହଞ୍ଚିଥିଲା । ଏହି ବନ୍ଦୋବସ୍ତ ଅନୁଯାୟୀ ସମସ୍ତ ଜମିକୁ ୬ଟି ଶ୍ରେଣୀରେ ବିଭକ୍ତ କରାଗଲା, ଯଥା: ପାଣିବାହାଲ, ବାହାଲ, ପାଣିବେରନା, ବେରନା, ପାଣିମାଲ ଓ

ମାଲ । ଏପରି ଅଧିକ ଶ୍ରେଣୀର ଜମି ନିର୍ଦ୍ଧାରଣ କରିବାର ମୂଳଲକ୍ଷ୍ୟ ଥିଲା ସମଗ୍ର ଜମିଗୁଡ଼ିକୁ ଉତ୍କୃଷ୍ଟ ଓ ନିକୃଷ୍ଟ, ଏହିପରି ଦୁଇଟି ମୁଖ୍ୟ ଶ୍ରେଣୀରେ ବିଭାଜନ କରିବା । ପାଣିବାହାର, ପାଣି ବେରନା ଓ ପାଣିମାଲ ଶ୍ରେଣୀର ଜମିଗୁଡ଼ିକ ଉତ୍କୃଷ୍ଟ ଧରଣର ବୋଲି ବିବେଚିତ ହେଲେ । ପୁନଶ୍ଚ ମାଳ ଅଞ୍ଚଳରେ ଥିବା ନିଷ୍କର ଗୋଡ଼ାଜମି ଉପରେ କର ବସାଇବାକୁ ସ୍ଥିର ହେଲା । ଏତଦ୍‌ବ୍ୟତୀତ ଘର ଡିହ ବାଡ଼ି, ଆଖୁକିଆରୀ ତଥା ନଦୀ ସଂଲଗ୍ନ ପାଳ ଜମି ମାନଙ୍କ ଉପରେ ମଧ୍ୟ କର ଆଦାୟ କରିବାକୁ ଏହି ବନ୍ଦୋବସ୍ତରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବିଭିନ୍ନ ଗାଁ ଗୁଡିକୁ ମଧ୍ୟ ପାଞ୍ଚଟି ଶ୍ରେଣୀରେ ପର୍ଯ୍ୟାୟଭୁକ୍ତ କରାଗଲା । ମୋଟ ଉପରେ ଏହି ନୂତନ ଭୂବନ୍ଦୋବସ୍ତ ଅନୁଯାୟୀ ଗାଙ୍ଗପୁର ରାଜ୍ୟର ସମସ୍ତ ପ୍ରକାରର ଜମିଗୁଡ଼ିକରୁ ଭୂରାଜସ୍ୱ ଆଦାୟ ହେବାର ସ୍ଥିର ହେଲା ।

ଏହି ଭୂବନ୍ଦୋବସ୍ତ ଚାଲିଥିବା ସମୟରେ ୧୯୩୨ ମସିହାରେ ବନ୍ଦୋବସ୍ତ ଅଧିକାରୀ ଇନ୍ଦ୍ରବିଳାସ ମୁଖାର୍ଜୀ ନୂଆନୂଆ ଜମି ଉପରେ କର ବସାଇବା ବିଷୟ ନେଇ ରାଜ୍ୟ ସରକାରଙ୍କୁ ଜଣାଇଥିଲେ । ଗୋଡ଼ା ଜମି ଉପରେ କର ବସାଇବା ସପକ୍ଷରେ ଯୁକ୍ତି ବଢାଯାଇଥିଲା । କାରଣ ସମୟକ୍ରମେ ଗୋଡ଼ା ଓ ଅରଣ୍ୟ ଜମିରେ ଧାନ ଉତ୍ପାଦନ କ୍ରମଶଃ ବୃଦ୍ଧିପାଉଥିଲା । ତେଣୁ ଏ ଜମି ଗୁଡ଼ିକୁ ନିଷ୍କର କରି ରଖିବା ଯୁକ୍ତିଯୁକ୍ତ ନୁହେଁ ବୋଲି ବିଚାର କରାଯାଇଥିଲା । ଅନ୍ୟପକ୍ଷରେ କୁହାଯାଇଥିଲା ଯେ ପ୍ରଜାମାନେ ବେଠିବେଗାରୀ କରିବା ଯୋଗୁଁ ଗୋଡ଼ାଜମିକୁ ନିଷ୍କର ଚାଷକରିବାକୁ ସୁଯୋଗ ପାଇଥିଲେ । ବର୍ତ୍ତମାନ ଗୋଡ଼ା ଜମି ଉପରେ କର ବସାଇବା ସ୍ଥିର ହୋଇଥିବାରୁ, ରାଜ୍ୟରେ ବେଠି ବେଗାରୀ ଉଠାଇଦେବା ସ୍ପୃହଣୀୟ ବୋଲି ବନ୍ଦୋବସ୍ତ ଅଧିକାରୀ ରାଜ୍ୟସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ତଦନୁଯାୟୀ କେତେକ ବିଶେଷ କାର୍ଯ୍ୟକୁ ବାଦ ଦେଲେ ବେଠି ବେଗାରୀ ପ୍ରଥା ଉଠାଇ ଦେବାକୁ ସ୍ଥିର କରାଗଲା । କେବଳ ଗ୍ରାମମାନଙ୍କର ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ଓ ମରାମତି, ଡେରାଘର ବା ବିଶ୍ରାମାଗାର ଗୁଡ଼ିକର ମରାମତି ଏବଂ ଶିକାର ସମୟରେ ସାହାଯ୍ୟ ପରି କେତେକ କାର୍ଯ୍ୟ ସମୟରେ ବେଠି ବେଗାରୀ ପ୍ରଥା ଲାଗୁ କରାଗଲା ।

ଏହି ୧୯୨୯-୩୫ ଭୂବନ୍ଦୋବସ୍ତ ଗରିବ ଆଦିବାସୀମାନଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ମାଡ଼ ପରି ହେଲା । ପୁରୁଷାନୁକ୍ରମେ ଭୋଗ କରି ଆସୁଥିବା ନିଷ୍କର ଗୋଡ଼ା ଜମି ଉପରେ କର ଦେବାକୁ ଆଦିବାସୀ ପ୍ରଜାମାନେ ପ୍ରସ୍ତୁତ ନଥିଲେ । ପୁନଶ୍ଚ ବେଠିବେଗାରୀ ପ୍ରଥା ଉଚ୍ଛେଦ କରାଯିବାର ନିଷ୍ପତ୍ତି କରାଯାଇଥିଲେ ମଧ୍ୟ ତାହା ବିଭିନ୍ନ କ୍ଷେତ୍ରରେ ଆଂଶିକ ଭାବେ ରହିଲା । ଏ ସବୁ କାରଣରୁ ଗାଙ୍ଗପୁର ରାଜ୍ୟର ଆଦିବାସୀ ବିଶେଷତଃ ମୁଣ୍ଡାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଲା । ଡାହିଜିରା ଗ୍ରାମର ମୁଣ୍ଡା ପ୍ରଜାମାନେ ଏହି ବନ୍ଦୋବସ୍ତ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । କେବଳ ସେତିକି ନୁହେଁ ସେମାନେ ଖଜଣାବନ୍ଦ ଆନ୍ଦୋଳନ ଆରମ୍ଭ କଲେ ।

ଯେତେବେଳେ ୧୯୨୯-୩୬ ଭୁବନ୍ଦୋବସ୍ତ ଚାଲିଥାଏ, ସେତେବେଳେ ୧୯୩୫ ମସିହା ସେପ୍ଟେମ୍ବର ମାସରେ ଗଭର୍ଣ୍ଣର ଜେନେରାଲଙ୍କ ପଲିଟିକାଲ ଏଜେଣ୍ଟଙ୍କୁ ମୁଣ୍ଡାମାନେ ଏହି ଭୁବନ୍ଦୋବସ୍ତକୁ

ବିରୋଧ କରି ଆବେଦନ କରିଥିଲେ। ଏଥିରେ ରାଜଦରବାର ପକ୍ଷରୁ କିପରି ଅତ୍ୟଧିକ ଖଜଣା ଧାର୍ଯ୍ୟ କରାଯାଇଛି, ତାହା ମୁଖ୍ୟତଃ ଦର୍ଶାଯାଇ ଥିଲା । ଏହି ଆବେଦନ ପତ୍ରରେ ମୁଣ୍ଡାମାନେ ଅଭିଯୋଗ କରିଥିଲେ ଯେ:

୧) ବହୁକାଳରୁ ନିଷ୍କରଭାବେ ଭୋଗ କରି ଆସୁଥିବା ଗୋଡ଼ା ଜମିଗୁଡ଼ିକରେ ଏହି ଭୁବନ୍ଦୋବସ୍ତ ଦ୍ୱାରା ଖଜଣା ବସାଯାଇଥିଲା,

୨) ନୂତନ ପଦ୍ଧତିରେ ଜମିଗୁଡ଼ିକ ଯେପରି ବିଭିନ୍ନ ଶ୍ରେଣୀରେ ଭାଗ କରାଗଲା, ତାହାଦ୍ୱାରା ଏଗୁଡ଼ିକ ଉପରେ ଲାଗୁ ହୋଇଥିବା ଖଜଣା ଅତ୍ୟଧିକ ହୋଇଥିଲା ।

ଆବେଦନକାରୀମାନେ ଏଥିସହ ପ୍ରସ୍ତାବ ଦେଇଥିଲେ ଯେ ଖଜଣାର ପରିମାଣ ହଠାତ୍ ଏତେ ଅଧିକ ନବଢାଇ ଗତ ବନ୍ଦୋବସ୍ତରେ ଧାର୍ଯ୍ୟ ହୋଇଥିବା ପରିମାଣ ଅନୁସାରେ କ୍ରମଶଃ ବଢ଼ାଯାଉ । କିନ୍ତୁ ବର୍ଦ୍ଧିତ ଖଜଣାହାର ଯେପରି କନୋଲି ବନ୍ଦୋବସ୍ତରେ ଧାର୍ଯ୍ୟ ହୋଇ ଥିବା ଖଜଣା ହାର ଠାରୁ କେବଳ ୧୨.୫% ଅଧିକ ହେଉ ।

ଏହି ଆବେଦନ ଉପରେ ଗାଙ୍ଗପୁର ରାଜଦରବାର ସ୍ପଷ୍ଟୀକରଣ ଦେଇ କହିଥିଲା ଯେ ପୂର୍ବରୁ ବେଠି ଓ ବେଗାରୀ ଜରିଆରେ ପ୍ରଜାମାନେ ଶ୍ରମଦାନ କରୁଥିବାରୁ ସେମାନଙ୍କୁ ଗୋଡ଼ା ଜମିଗୁଡ଼ିକୁ ନିଷ୍କରଭାବେ ଚାଷ କରିବାକୁ ଦିଆଯାଇଥିଲା । କିନ୍ତୁ ବେଠି ଓ ବେଗାରୀ ପ୍ରଥା ଉଚ୍ଛେଦ କରାଯାଇଥିବାରୁ ଗୋଡ଼ା ଜମି ଗୁଡ଼ିକ ଉପରେ କରଧାର୍ଯ୍ୟ କରିବାଦ୍ୱାରା କୌଣସି ଅନ୍ୟାୟ ହୋଇ ନାହିଁ। ପୁନଶ୍ଚ, କନୋଲିଙ୍କ ଭୂବନ୍ଦୋବସ୍ତରେ ଅନେକ ତ୍ରୁଟି ରହିଯାଇଥିଲା । କେତେକ ଗ୍ରାମର ମୃତ୍ତିକା ଅଧିକ ଉର୍ବର ଥିବାବେଳେ ଅନ୍ୟକେତେକ ଗ୍ରାମର ମୃତ୍ତିକା ଯେ ଅପେକ୍ଷାକୃତ ଅନୁର୍ବର ଥିଲା, ଏଥିରେ କନୋଲି ଭୂବନ୍ଦୋବସ୍ତ କୌଣସି ଗୁରୁତ୍ୱ ଦେଇ ନଥିଲା। ଯେଉଁ ଗ୍ରାମ ଗୁଡ଼ିକ ରେଳପଥ ନିକଟବର୍ତ୍ତୀ ଥିଲା ସେଠାର ଚାଷୀମାନେ ନିଜର କୃଷିଜାତ ଦ୍ରବ୍ୟପାଇଁ ଅଧିକ ମୂଲ୍ୟ ପାଉଥିଲେ, ଅନ୍ୟପକ୍ଷରେ ଯେଉଁମାନେ ରେଳପଥଠାରୁ ଦୂରରେ ଥିଲେ ସେମାନେ ଉତ୍ପାଦିତ ଦ୍ରବ୍ୟ ପାଇଁ ଅପେକ୍ଷାକୃତ କମ ମୂଲ୍ୟ ପାଉଥିଲେ । ପୁନଶ୍ଚ କେତେକ ଗ୍ରାମର ଚାଷୀମାନଙ୍କ ଫସଲକୁ ବହୁସମୟରେ ବଣ୍ୟଜନ୍ତୁମାନେ ନଷ୍ଟକରି ଦେଉଥିଲେ । ଫଳତଃ ସେମାନଙ୍କ ଉତ୍ପାଦିତ ଫସଲ ନିର୍ଦ୍ଧାରିତ ପରିମାଣଠାରୁ କମ୍ ଥିଲା । ଏହି ସମସ୍ତ ବିଷୟ ପ୍ରତି କନୋଲି ଭୂବନ୍ଦୋବସ୍ତରେ ଧ୍ୟାନ ଦିଆଯାଇନଥିଲା । ତେଣୁ ଭୂରାଜସ୍ୱ ନିର୍ଦ୍ଧାରଣ କ୍ଷେତ୍ରରେ ସେଥିରେ କିଛି ତ୍ରୁଟି ରହିଯାଇଥିଲା । ଏହି ପରିପ୍ରେକ୍ଷୀରେ ଗାଙ୍ଗପୁର ରାଜଦରବାର ଉପଲବ୍ଧି କରିଥିଲା ଯେ କନୋଲିଙ୍କ ବନ୍ଦୋବସ୍ତ ଦ୍ୱାରା ନ୍ୟାୟପୂର୍ଣ୍ଣ ଓ ସମାନଭାବେ କର ନିର୍ଦ୍ଧାରଣ କରାଯାଇ ନାହିଁ, ଯାହାଦ୍ୱାରା କେତେକ ଅଞ୍ଚଳରେ ପ୍ରଜାମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ତେଣୁ ନୂତନ ଭୂବନ୍ଦୋବସ୍ତରେ ଏହି ତ୍ରୁଟି ସୁଧାରିବା ପାଇଁ କର ନିର୍ଦ୍ଧାରଣ ସମୟରେ ମୃତ୍ତିକାର ଉର୍ବରତା ପ୍ରତି ଧ୍ୟାନ ଦେବାକୁ ଗାଙ୍ଗପୁର ରାଜଦରବାର ନିଷ୍ପତ୍ତି ନେଲା । କନୋଲି ବନ୍ଦୋବସ୍ତରେ ୯ ପ୍ରକାରର କର

ଧାର୍ଯ୍ୟ କରାଯାଇଥିବା ବେଳେ ନୂତନ ବନ୍ଦୋବସ୍ତରେ ଏହାର ସଂଖ୍ୟା ୯୦ କୁ ବୃଦ୍ଧି ପାଇଥିଲା । ଏହିପରି ଭାବେ ଗାଙ୍ଗପୁର ରାଜଦରବାର ତରଫରୁ ନୂତନ ଭୂବନ୍ଦୋବସ୍ତ ସପକ୍ଷରେ ଯୁକ୍ତି ବଢାଯାଇଥିଲା ।

ପୂର୍ବାଞ୍ଚଳ ଗଡ଼ଜାତ ରାଜ୍ୟମାନଙ୍କର ଗଭର୍ଣ୍ଣର ଜେନେରାଲଙ୍କ ଏଜେଣ୍ଟ ପ୍ରଜାମାନଙ୍କ ଆବେଦନ ପତ୍ର ଗୁଡ଼ିକୁ ପରୀକ୍ଷାକରି ଗାଙ୍ଗପୁର ରାଜଦରବାର ପକ୍ଷରୁ ଭୁବନ୍ଦୋବସ୍ତ ସପକ୍ଷରେ ଦିଆଯାଇଥିବା ଯୁକ୍ତି ସହ ସହମତ ହେଲେ । ସେ ଦର୍ଶାଇଥିଲେ ଯେ ଗାଙ୍ଗପୁରର ପଡ଼ୋଶୀ ରାଜ୍ୟ ବଣାଇ ଓ ବାମରା ଏବଂ ଗାଙ୍ଗପୁର ସଂଲଗ୍ନ ବ୍ରିଟିଶ ଅଞ୍ଚଳ ଗୁଡ଼ିକରେ ନିର୍ଦ୍ଧାରିତ ଖଜଣା ତୁଳନାରେ ଗାଙ୍ଗପୁର ରାଜ୍ୟର ଖଜଣା ହାର ଅପେକ୍ଷାକୃତ କମ୍ । ତେଣୁ ପ୍ରଜାମାନଙ୍କର ଆବେଦନ ଯଥାର୍ଥ ନୁହେଁ । ତେଣୁ ପଲିଟିକାଲ ଏଜେଣ୍ଟଙ୍କ ଦ୍ୱାରା ଏହି ନୂତନ ଭୂବନ୍ଦୋବସ୍ତ ୧୯୩୬ ମସିହା ଜାନୁଆରୀ ୧୧ ତାରିଖ ଦିନ ଗୃହୀତ ହୋଇଗଲା ।

୧୯୩୬ ମସିହାରେ ଗାଙ୍ଗପୁର ରାଜ୍ୟ ପାଇଁ ନୂତନ ଖଜଣା ହାର ଘୋଷଣା ପରେ, ଏହା ବିରୁଦ୍ଧରେ ପ୍ରଜାମାନେ ଚିଠି ଓ ଟେଲିଗ୍ରାମ ଜରିଆରେ ସେମାନଙ୍କ ଆବେଦନ ରାଜନୈତିକ ବ୍ୟାପାର ବିଭାଗକୁ ପଠାଇଥିଲେ । ରାଜନୈତିକ ବ୍ୟାପାର ବିଭାଗ ଏହି ଆବେଦନ ପତ୍ରଗୁଡ଼ିକୁ ସଂପୃକ୍ତ ଅଫିସରମାନଙ୍କ ନିକଟକୁ ବିଚାରାର୍ଥେ ପ୍ରେରଣ କରିଥିଲେ । କିନ୍ତୁ ଏହାଦ୍ୱାରା ବିଶେଷ କିଛି ଲାଭ ହେଲା ନାହିଁ । ଶେଷରେ ୧୯୩୭ ମସିହାରେ ଏହି ନୂତନ ଖଜଣା ନୀତି କାର୍ଯ୍ୟକାରୀ ହେଲା ।

୧୯୩୭ ମସିହା ପ୍ରାରମ୍ଭରେ ଗାଙ୍ଗପୁର ରାଜ୍ୟର ପ୍ରଜାମାନେ ନୂତନଭାବେ ବର୍ଦ୍ଧିତ ଖଜଣା ବିରୁଦ୍ଧରେ ଯେ କେବଳ ସ୍ୱର ଉତ୍ତୋଳନ କଲେ ତାହା ନୁହେଁ, ଖୁଣ୍ଟକଟି ବ୍ୟବସ୍ଥାକୁ ରାଜ୍ୟସରକାର ସ୍ୱୀକୃତି ଦେବାକୁ ଦୃଢ଼ ଦାବି କଲେ ।

ସେତେବେଳେ ଗାଙ୍ଗପୁର ରାଜ୍ୟ ନିକଟବର୍ତ୍ତୀ ବିହାର (ଏବର ଝାଡ଼ଖଣ୍ଡ) ର ଛୋଟନାଗପୁର ଅଞ୍ଚଳରେ ଆଦିବାସୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବ ପାଇଁ ଆନ୍ଦୋଳନ ଚାଲୁଥାଏ । ଏହାର ନେତୃତ୍ୱ ନେଉଥିଲେ ରାଞ୍ଚି ଜିଲ୍ଲାର ଜୟପାଲ ସିଂହ ନାମକ ଜଣେ ଉଚ୍ଚଶିକ୍ଷିତ ଆଦିବାସୀ । ଜୟପାଲ ସିଂହ ପାର୍ଲିଆମେଣ୍ଟର ସଦସ୍ୟ ମଧ୍ୟ ହୋଇଥିଲେ । ସେ ଯାହାହେଉ ଏହି ଆନ୍ଦୋଳନ ଗାଙ୍ଗପୁର ରାଜ୍ୟର ଆଦିବାସୀମାନଙ୍କୁ ବହୁଭାବେ ପ୍ରଭାବିତ କରିଥିଲା । ଗାଙ୍ଗପୁର ସୀମାନ୍ତବର୍ତ୍ତୀ ରାଞ୍ଚିର ବଭିନ୍ନ ଗ୍ରାମରେ ଜୟପାଲ ସିଂହ ସଭାମାନ ଆୟୋଜନ କରି ଆଦିବାସୀମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ । ଏହା ଗାଙ୍ଗପୁରର ମୁଣ୍ଡା ଏବଂ ଓରାମ୍ ଜାତିର ପ୍ରଜାମାନଙ୍କୁ ଆନ୍ଦୋଳନାତ୍ମକ କାର୍ଯ୍ୟପାଇଁ ଅଧିକ ପ୍ରେରଣା ଦେଇଥିଲା । ଏପରିକି ସେମାନେ ଗାଙ୍ଗପୁର ରାଜ୍ୟର ପୂର୍ବଭାଗ ଅଞ୍ଚଳକୁ ସଂଲଗ୍ନବର୍ତ୍ତୀ ବ୍ରିଟିଶ ଶାସିତ ଅଞ୍ଚଳ ସଙ୍ଗେ ମିଶ୍ରଣ କରିବାକୁ ଭାରତର ବଡ଼ଲାଟଙ୍କୁ ଅନୁରୋଧ କରିଥିଲେ । ଗାଙ୍ଗପୁରର ଏହି ପୂର୍ବଭାଗରେ ମୁଣ୍ଡା ଏବଂ ଓରାମ୍‌ମାନେ ସଂଖ୍ୟାଗରିଷ୍ଠ ଥିଲେ । ଆଦିବାସୀ ପ୍ରଜାମାନଙ୍କର ଏପରି ମନୋଭାବ ଗାଙ୍ଗପୁର ରାଜ୍ୟସରକାରଙ୍କ ପାଇଁ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିଥିଲା ।

## ନିର୍ମଳମୁଣ୍ଡାଙ୍କ ନେତୃତ୍ୱରେ ଖଜଣା ବିରୋଧୀ ଆନ୍ଦୋଳନ

ଆଦିବାସୀମାନେ ହେଲେ ସ୍ୱଭାବତଃ ଶାନ୍ତିପ୍ରିୟ; ଅନ୍ୟାୟ, ଅତ୍ୟାଚାରକୁ ପ୍ରଥମ ଅବସ୍ଥାରେ ସେମାନେ ମୁଣ୍ଡପାତି ସହି ନିଅନ୍ତି । କିନ୍ତୁ ଯେତେବେଳେ ଏହା ମାତ୍ରାଧିକ ହୁଏ, ସେତେବେଳେ ସେମାନଙ୍କର ସମସ୍ତ ଧୈର୍ଯ୍ୟର ବନ୍ଧ ଭାଙ୍ଗିଯାଏ । ସେମାନଙ୍କୁ ଶୋଷଣ ଓ ନିର୍ଯ୍ୟାତିତ କରୁଥିବା ଅନ୍ୟାୟୀ ସରକାର ବା ରାଜତନ୍ତ୍ର ବିରୋଧରେ ବିସ୍ଫୋରଣ ସୃଷ୍ଟି ହୁଏ । ପରିଣାମ ହୁଏ ଆନ୍ଦୋଳନ ଅଥବା ବିଦ୍ରୋହ । ଏହିପରି ଘଟିଥିଲା ଗାଙ୍ଗପୁର ରାଜ୍ୟର ଆଦିବାସୀମାନଙ୍କ କ୍ଷେତ୍ରରେ ।

ଗାଙ୍ଗପୁରର ଦରିଦ୍ର ଆଦିବାସୀମାନଙ୍କ ଉପରେ ଲଦିଦିଆଯିବା ମାତ୍ରାଧିକ କରଭାରକୁ ସେମାନେ ଆଉ ଅଧିକ ଦିନ ସହ୍ୟ କରି ପାରିଲେ ନାହିଁ । ଫଳରେ ଦେଖାଦେଲା ପ୍ରଜା ଅସନ୍ତୋଷ । ଅସନ୍ତୋଷରୁ ଆରମ୍ଭ ହେଲା ଆନ୍ଦୋଳନ । ରାଜ୍ୟର ଆଦିବାସୀ ପ୍ରଜାମାନେ ଅଡ଼ି ବସିଲେ, ନୂତନ ଭୂବନ୍ଦୋବସ୍ତ ଦ୍ୱାରା ଧାର୍ଯ୍ୟ ହୋଇଥିବା ଏତେ ପରିମାଣର କର ପଇଠ କରିବାକୁ ସେମାନେ ଅସମର୍ଥ । ବିଭିନ୍ନ ଗ୍ରାମର ଆଦିବାସୀମାନେ ଖଜଣା ଦେବା ବନ୍ଦ କରିଦେଲେ । ଏହି ଖଜଣାବିରୋଧୀ ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା ଆଦିବାସୀ ବହୁଳ ଗ୍ରାମ ଡାହିଜିରା । ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ ରାୟବଣା, ବୀରମିତ୍ରପୁର, ହାତିବାରୀ ଓ ବିଶ୍ରା ଆଦି ଥାନାର ଆଦିବାସୀ ପ୍ରଜାଗଣ ।

ଏପରି ପରିସ୍ଥିତିରେ ଗାଙ୍ଗପୁର ରାଜଦରବାର ଧର୍ମ ଭାବନାରେ ଆଶ୍ରୟ ନେଇଥିଲା । ଆନ୍ଦୋଳନକାରୀ ପ୍ରଜାମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ମୁଣ୍ଡା ଜାତିର ଏବଂ ଏହି ମୁଣ୍ଡାମାନେ ଥିଲେ ଖ୍ରୀଷ୍ଟଧର୍ମାବଲମ୍ବୀ । ତେଣୁ ଏହି ମୁଣ୍ଡାମାନଙ୍କୁ ଖଜଣା ଦେବା ପାଇଁ ପ୍ରଭାବିତ କରିବାକୁ ଗାଙ୍ଗପୁର ରାଜଦରବାର ଲୁଥରାନ ଚର୍ଚ୍ଚର ମିଶନାରୀମାନଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଏ କ୍ଷେତ୍ରରେ ମିଶନାରୀମାନଙ୍କ ପ୍ରଭାବ ଏତେ ଫଳପ୍ରଦ ହେଲା ନାହିଁ । ତଥାପି ଡାହିଜିରା ଗ୍ରାମ ବ୍ୟତୀତ ଅନ୍ୟ ଅଞ୍ଚଳରୁ ଖଜଣା ଆଦାୟ କରିବାରେ ଗାଙ୍ଗପୁର ରାଜକର୍ମଚାରୀମାନେ ସଫଳ ହୋଇଥିଲେ । ଏପରିକି ରେଭେରେଣ୍ଡ ଶୁଲଜେଙ୍କ ସାହାଯ୍ୟରେ ଡାହିଜିରା ଗ୍ରାମରୁ ମଧ କିଛି ପରିମାଣରେ ଖଜଣା ଆଦାୟ କରାଯାଇପାରିଥିଲା । ୧୯୩୭ ମସିହା ଶେଷବେଳକୁ ନିର୍ଦ୍ଧାରିତ ୨,୦୨,୨୭୩ ଟଙ୍କାରୁ ମାତ୍ର ୩୧୭ ଟଙ୍କା ଖଜଣା ବାବଦରେ ଅନାଦେୟ ଥିଲା ।

ଏହା ସତ୍ତ୍ୱେ ଗାଙ୍ଗପୁରର ବିଭିନ୍ନ ଅଞ୍ଚଳରେ ଖଜଣା ବିରୋଧୀ ଆନ୍ଦୋଳନର ପ୍ରତିଧ୍ୱନି ଶୁଣାଗଲା । ଗାଁ ଗାଁରେ ଚାଷୀମାନେ ମିଳିତ ହୋଇ ସେମାନଙ୍କର ପ୍ରତିବାଦର ସ୍ୱର ଝଙ୍କୃତ କଲେ । ଖଜଣାର ପରିମାଣ ଆଶାନୁରୂପ ନକମିବା ପର୍ଯ୍ୟନ୍ତ ସେମାନେ ଖଜଣା ନ ଦେବା ପାଇଁ ନିଷ୍ପତ୍ତି ନେଲେ । ଏହା ଦେଖି ରାଜକର୍ମଚାରୀମାନେ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବା ଆରମ୍ଭ କରିଦେଲେ । ଜୋର ଜୁଲମ କରି ଖଜଣା ଆଦାୟ କରିବା ପାଇଁ ସେମାନେ ତତ୍ପର ହେଲେ । ଆନ୍ଦୋଳନକୁ ଦବାଇବା ପାଇଁ ବିଭିନ୍ନ ମାର୍ଗର

ଆଶ୍ରୟ ନେଲେ । କିନ୍ତୁ ଆନ୍ଦୋଳନର ନେତୃତ୍ୱ ନେବାପାଇଁ ପ୍ରତ୍ୟେକ ଥାନାରେ ଜଣେ ଜଣେ ନେତାଙ୍କୁ ବଛାଗଲା । ରାୟବଣା ଅଞ୍ଚଳ ପାଇଁ ନେତୃତ୍ୱ ନେବାକୁ ନିର୍ମଳ ମୁଣ୍ଡା ଅଣ୍ଟାଭିଡ଼ିଲେ । ସେତେବେଳେ ନିର୍ମଳ ମୁଣ୍ଡା ରାଞ୍ଚିର ଆଦିବାସୀ ନେତା ଜୟପାଲ ସିଂହଙ୍କ ଦ୍ୱାରା ବହୁଭାବେ ପ୍ରଭାବିତ ହୋଇଥିଲେ । ଗାଙ୍ଗପୁର ରାଜ୍ୟର ସମସ୍ୟାର ସମାଧାନ ପାଇଁ ସେ ଜୟପାଲ ସିଂହଙ୍କର ପରାମର୍ଶ ଓ ସାହାଯ୍ୟ ଲୋଡ଼ିଥିଲେ ।

ନିର୍ମଳ ମୁଣ୍ଡା ଅନ୍ୟାୟଭାବେ ବର୍ଦ୍ଧିତ ଖଜଣା ବିରୁଦ୍ଧରେ ପ୍ରଥମେ ରାଜଦରବାରରେ ଆପତ୍ତି ଜଣାଇଲେ । କିନ୍ତୁ କିଛି ଲାଭ ହେଲା ନାହିଁ । ତାପରେ ପଲିଟିକାଲ ଏଜେଣ୍ଟଙ୍କୁ ସେ ବିଷୟରେ ଦରଖାସ୍ତ କଲେ । ଏହାର ଅନ୍ୟ ଏକ ନକଲ ନେଇ ସେ ରାଞ୍ଚିଗଲେ । ସେଠାରେ ଜଣେ ଓକିଲଙ୍କ ଜରିଆରେ ସେ ଦରଖାସ୍ତ ପେଶ କଲେ । କିଛି ଦିନ ପରେ ରାଞ୍ଚିରୁ ଖବର ଆସିଲାଯେ ତାଙ୍କ ଦରଖାସ୍ତ ନାମଞ୍ଜୁର ହୋଇଯାଇଛି । ନିର୍ମଳ ମୁଣ୍ଡା ଏଥିରେ ହତୋତ୍ସାହିତ ନହୋଇ ପୁଣି ଜଣେ ବାରିଷ୍ଟରଙ୍କ ସାହାଯ୍ୟରେ ଆଉ ଦରଖାସ୍ତ ଲେଖାଇଲେ । ଜୟପାଲ ସିହଙ୍କ ସହ ପରାମର୍ଶକରି ତାଙ୍କଠାରୁ ଏକ ଚିଠି ଲେଖା କରାଇଲେ । ଏସବୁ ଦିଲ୍ଲୀର ବଡ଼ଲାଟଙ୍କ ପାଖକୁ ପଠାଯାଇଥିଲା । ସେତେବେଳେ ଭାରତର ବଡଲାଟ ଥାଆନ୍ତି ଲର୍ଡ଼ ଲିନଲିଥିଗୋ ।

ସେତେବେଳେ ଚିଠିପତ୍ର ଗୁଡ଼ିକୁ ଗାଙ୍ଗପୁର ରାଜଦରବାର ପକ୍ଷରୁ ପୋଷ୍ଟ ଅଫିସ କର୍ମଚାରୀମାନଙ୍କୁ ହାତକରି ଯାଞ୍ଚ କରାଯାଉଥିଲା । ଗାଙ୍ଗପୁର ରାଜଦରବାର ବିରୁଦ୍ଧରେ ଲେଖାଯାଉଥିବା ଚିଠି ଓ ଅଭିଯୋଗ ପତ୍ର ଗୁଡ଼ିକୁ କୌଶଳକ୍ରମେ ପୋଷ୍ଟ ଅଫିସରୁ ନେଇ ନିଆଯାଉଥିଲା । ଚିଠି ଓ ଦରଖାସ୍ତ ଗୁଡ଼ିକୁ ଲୁଚାଇ ରଖି ଦିଆଯାଉଥିବାରୁ ସେ ଗୁଡ଼ିକ ଦିଲ୍ଲୀରେ ପହଞ୍ଚି ପାରୁନଥିଲା । ତେଣୁ ଥରେ ନିର୍ମଳ ମୁଣ୍ଡା ନିଜ ଦରଖାସ୍ତ ପଠାଇବା ପାଇଁ ନିଜ ସାଥି ମାନସିଦ ତପନୋ ଓ ଭଦ୍ରୋ ମୁଣ୍ଡାଙ୍କ ସଙ୍ଗେ ରାଞ୍ଚିରେ ଏକୋଇଶ ଦିନ ଲୁଚିକରି ରହିଥିଲେ । ସେଠାରେ ଜଣେ ପେସ୍କାରଙ୍କୁ ଧରି, ମୁଣ୍ଡା ତଥା ଅନ୍ୟ ଆଦିବାସୀମାନଙ୍କର ଅର୍ଥନୈତିକ ଅବସ୍ଥା ସୂଚାଇ ଏତେ ପରିମାଣର ଖଜଣା ଦେବା କିପରି ଦୁଃସାଧ୍ୟ ସେ ବିଷୟରେ ଏକ ଦରଖାସ୍ତ ଲେଖାଇଥିଲେ । ସେଇଟିକୁ ଡୋରଣ୍ଡା ଗାଁର ଜଣେ ଲୋକକୁ ମଜୁରି ଦେଇ ବଡ଼ ପୋଷ୍ଟ ଅଫିସରେ ରେଜିଷ୍ଟ୍ରି କରି ପଠାଇବାକୁ କହିଥିଲେ । ମୂଳଚିଠିକୁ ବଡ଼ଲାଟ ପାଖକୁ ଓ ଏହାର ନକଲ ଜୟପାଲ ସିଂହଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ତା'ପରେପରେ ସମସ୍ତେ ଫେରି ଆସିଥିଲେ ନିଜ ନିଜ ଗାଁକୁ । ଦୀର୍ଘଦିନ ଧରି ନିର୍ମଳ ମୁଣ୍ଡା ଓ ତାଙ୍କର ଅନ୍ୟ ଦୁଇଜଣ ସାଥୀଙ୍କର କିଛି ଖବର ନମିଳିବାରୁ ସେତେବେଳେ ତାଙ୍କ ଅଞ୍ଚଳରେ ଚହଳ ପଡ଼ିଯାଏ । ଲୋକମାନଙ୍କ ମନକୁ ଆସିଲା, ସେମାନଙ୍କୁ ତାଙ୍କ ବିରୋଧୀମାନେ ଗୁପ୍ତଭାବେ ହତ୍ୟା କରି ଦେଇ ନାହାନ୍ତି ତ ! ସେ' ଯାହାହେଉ ପୁଣି ନିର୍ମଳ ମୁଣ୍ଡା ଓ ଅନ୍ୟମାନଙ୍କୁ ଦେଖି ତାଙ୍କ ଅନୁଗାମୀମାନେ ଉତଫୁଲ୍ଲିତ ହେଲେ ।

ନିର୍ମଳ ମୁଣ୍ଡାଙ୍କ ପ୍ରେରିତ ପତ୍ର ପାଇ, ଜୟପାଲ ସିଂହ ଗାଙ୍ଗପୁର ରାଜ୍ୟର ଆଦିବାସୀମାନେ କିପରି ଅତ୍ୟାଚାରିତ ହେଉଛନ୍ତି ସେ ବିଷୟରେ ଅବଗତ ହେଲେ । ଜୟପାଲ ସିଂହ ଯେ କେବଳ ବିହାରର ଜଣେ

ପ୍ରଭାବଶାଳୀ ଆଦିବାସୀ ନେତା ଥିଲେ ତାହାନୁହେଁ, ଦିଲ୍ଲୀର କେନ୍ଦ୍ର ସରକାରରେ ମଧ୍ୟ ତାଙ୍କର ଅନେକ ପ୍ରଭାବ ରହିଥିଲା । ରାଣୀ ଜାନକୀ ରତ୍ନାଙ୍କ ଶାସନାଧୀନ ଗାଙ୍ଗପୁର ରାଜ୍ୟରେ ଖଜଣା ବୃଦ୍ଧି ଦ୍ୱାରା ଆଦିବାସୀ ପ୍ରଜାମାନେ କିପରି କଷ୍ଟ ପାଉଛନ୍ତି, ସେ ବିଷୟରେ ବିଭିନ୍ନ ସରକାରୀ କର୍ମଚାରୀ, ରାଜକର୍ମଚାରୀ ଓ ବ୍ୟକ୍ତିବିଶେଷଙ୍କୁ ପତ୍ର ଲେଖି ସେ ଅବଗତ କରାଇ ଥିଲେ ।

ଗାଙ୍ଗପୁରର ପ୍ରଜା ଅସନ୍ତୋଷ ବିଷୟରେ ଆଲୋଚନା କରିବା ପାଇଁ ବଡ଼ଲାଟ ଲର୍ଡ଼ ଲିନଲିଥଗୋ ଜୟପାଲ ସିଂହଙ୍କୁ ତାଙ୍କୁ ଭେଟିବାକୁ ଲେଖିଥିଲେ । ସେହିପରି ଗାଙ୍ଗପୁର ରାଣୀ ଜାନକୀ ରତ୍ନାଙ୍କୁ ମଧ୍ୟ ଦିଲ୍ଲୀ ଆସି ତାଙ୍କୁ ସାକ୍ଷାତ କରିବାକୁ ଖବର ପଠାଇଲେ । ଜୟପାଲ ସିଂହ ଦିଲ୍ଲୀ ଯାଇ ବଡ଼ଲାଟଙ୍କୁ ଭେଟିଲେ । ଉଭୟେ ଗାଙ୍ଗପୁର ବିଷୟରେ ଆଲୋଚନାରତ ଥିବା ସମୟରେ ରାଣୀ ଜାନକୀ ରତ୍ନା ଘଟଣାକ୍ରମେ ବଡ଼ଲାଟଙ୍କୁ ସାକ୍ଷାତ କରିବା ପାଇଁ ପହଞ୍ଚିଲେ । ଜୟପାଲଙ୍କୁ ରାଣୀ ଜାନକୀ ରତ୍ନା ପୂର୍ବରୁ ଦେଖି ନଥିଲେ, କେବଳ ତାଙ୍କ ବିଷୟରେ ଯାହା ଶୁଣିଥିଲେ । ତେଣୁ ତାଙ୍କୁ ଚିହ୍ନି ନପାରି ଜାନକୀ ରତ୍ନା ବଡଲାଟଙ୍କୁ କହିଲେ ଯେ ଯେପର୍ଯ୍ୟନ୍ତ ଜୟପାଲ ସିଂହଙ୍କୁ ଧରି ଜେଲ ନପଠାଯାଇଛି, ସେ ପର୍ଯ୍ୟନ୍ତ ଗାଙ୍ଗପୁର ରାଜ୍ୟର ପ୍ରଜା ଅସନ୍ତୋଷ ଶାନ୍ତ ପଡିବ ନାହିଁ । ବଡଲାଟ ମଜାକରି କହିଥିଲେ ଯେ ଜୟପାଲଙ୍କୁ ଗିରଫ କରିବା ପାଇଁ ସେ ସମର୍ଥ ନୁହନ୍ତି । କିନ୍ତୁ ଯଦି ରାଣୀ ଜାନକୀ ରତ୍ନା ଚାହାଁନ୍ତି ତେବେ ଜୟପାଲଙ୍କୁ ସେ ଧରି ନେଇ ଯାଇପାରନ୍ତି । ଏତିକି କହି ବଡଲାଟ ଜୟପାଲଙ୍କ ଆଡକୁ ହାତ ଦେଖାଇ ଜାନକୀ ରତ୍ନାଙ୍କୁ ଜୟପାଲଙ୍କ ସହ ପରିଚିତ କରାଇ ଦେଲେ । ରାଣୀ ଜାନକୀ ରତ୍ନା ଜୟପାଲଙ୍କ ସମ୍ମୁଖରେ ତାଙ୍କ ବିରୋଧରେ ଏପରି କହିଥିବାରୁ କ୍ଷମା ମାଗିଲେ ।

ଶୁଣାଯାଏ ଯେ ଏହାପରେ ରାଣୀ ଜାନକୀ ରତ୍ନା ଜୟପାଲ ସିଂହଙ୍କ ପତ୍ନୀଙ୍କୁ ପ୍ରଭାବିତ କରାଇବା ପାଇଁ ଶିଲଂ ଯାଇଥିଲେ । ସେଠାରେ ଜାନକୀ ରତ୍ନା ଜୟପାଲ ସିଂହଙ୍କ ପତ୍ନୀଙ୍କୁ ଭେଟି ୪୦ ହଜାର ଟଙ୍କା ଉପହାର ଦେଇଥିଲେ ଏବଂ କହିଥିଲେ ଯେ ଜୟପାଲ ଯେମିତି ଭବିଷ୍ୟତରେ ଆଉ ଗାଙ୍ଗପୁର ପ୍ରଜା ଆନ୍ଦୋଳନରେ ମୁଣ୍ଡ ପୁରାଇବେ ନାହିଁ । ଏହାପରେ ଜାନକୀ ରତ୍ନା ଗାଙ୍ଗପୁର ଫେରିଆସିଥିଲେ । ଜୟପାଲ ସିଂହ ଶିଲଂସ୍ଥିତ ନିଜ ପତ୍ନୀଙ୍କ ପାଖରୁ ଚିଠି ପାଇଥିଲେ, ଯେଉଁଥିରେ ସେ ଲେଖିଥିଲେ ଯେ ଜୟପାଲ ଆଉ ଆଦିବାସୀମାନଙ୍କ ନେତୃତ୍ୱ ନନିଅନ୍ତୁ ଏବଂ ଏଥିପାଇଁ ବହୁତ ଅର୍ଥ ସେମାନଙ୍କ ପାଖରେ ଅଛି ଯେଉଁଥିରେ ସେମାନେ ଆନନ୍ଦରେ ସମୟ ବିତାଇପାରିବେ । ଉତ୍ତରରେ ଜୟପାଲ ନିଜ ପତ୍ନୀଙ୍କ ପାଖକୁ ଲେଖିଥିଲେ ଯେ ଏ ଜୀବଦ୍ଦଶାରେ ସେ ତାଙ୍କ ଆଦିବାସୀଭାଇ ମାନଙ୍କୁ ଛାଡିପାରିବେ ନାହିଁ । ଏପରିକି ନିଜପତ୍ନୀଙ୍କୁ ଏ କ୍ଷେତ୍ରରେ ତ୍ୟାଗ କରିବାକୁ ସେ ପ୍ରସ୍ତୁତ ବୋଲି ଜଣାଇଥିଲେ । ଏହି କାରଣରୁ ଜୟପାଲ ସିଂହଙ୍କର ପତ୍ନୀଙ୍କ ସହ ମନାନ୍ତର ହୋଇଥିଲା ଏବଂ ପରେ ସେ ଜାହାନାରା ନାମକ ବଙ୍ଗାଳୀ କନ୍ୟାଙ୍କୁ ପତ୍ନୀରୂପେ ଗ୍ରହଣ କରିଥିଲେ ବୋଲି ଜଣାଯାଏ । ସେ ଯାହାହେଉ ଗାଙ୍ଗପୁର ରାଜ୍ୟରେ ଚାଲିଥିବା ଖଜଣା ବିରୋଧୀ ଆଦିବାସୀ ଆନ୍ଦୋଳନରେ ଜୟପାଲ ସିଂହ ଯେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ, ଏହା ନିଃସନ୍ଦେହ ।

ସେତେବେଳେ ଓଡ଼ିଶାର ବିଭିନ୍ନ ଗଡ଼ଜାତ ରାଜ୍ୟ ମାନଙ୍କରେ ପ୍ରଜାମାନଙ୍କ ଅସନ୍ତୋଷକୁ ପାଥେୟ କରି ପ୍ରଜାମଣ୍ଡଳମାନ ଗଢ଼ି ଉଠୁଥାଏ । ଗାଙ୍ଗପୁର ପ୍ରଜାମଣ୍ଡଳ ସଂଗଠକ ଧନଞ୍ଜୟ ମହାନ୍ତି ଗାଁ ଗାଁ ବୁଲି ଅନ୍ୟାୟଭାବେ ବଢ଼ାଇ ଦିଆଯାଇଥିବା ଖଜଣା ସମ୍ପର୍କରେ ଆଦିବାସୀ ପ୍ରଜାମାନଙ୍କ ଠାରୁ ବୁଝିଥିଲେ । ଗାଙ୍ଗପୁର ରାଜଦରବାର ଏଥିରେ କ୍ଷୁବ୍ଧ ହୋଇଥିଲା । ଫଳସ୍ୱରୂପ ତାଙ୍କୁ ନିଜ ଗାଁ ପାନପୋଷ ଛାଡ଼ି ସୁନ୍ଦରଗଡ଼ ଯିବାକୁ ପଡ଼ିଥିଲା ଓ ପ୍ରତିଦିନ ସେଠାରେ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ନିଜର ଉପସ୍ଥିତି ଜାହିର କରିବାକୁ ପଡିଥିଲା । ଧନଞ୍ଜୟ ମହାନ୍ତି ସୁନ୍ଦରଗଡ଼ର ନୀରୋଦ ଗୋସ୍ୱାମୀ ଓକିଲଙ୍କ ଘରେ ରହିଥିଲେ । ସେତେବେଳେ ଅଣ୍ଡାଳି ଜାମବାହାଲ ଗ୍ରାମର ବାହାଦୂର ଭଗତ, ଡାହିଜିରା ଗ୍ରାମର ତିନ୍ତୁସ ମୁଣ୍ଡା ଓ ୟାକୁବ ମୁଣ୍ଡା ଏବଂ ସର୍ବୋପରି ବରଟୋଲି ଗ୍ରାମର ନିର୍ମଳମୁଣ୍ଡାଙ୍କ ସହିତ ସାକ୍ଷାତ ଆଲୋଚନା କରି ଏକ ପ୍ରଜାମଣ୍ଡଳ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ । ଆଦିବାସୀ ନେତା ନିର୍ମଳ ମୁଣ୍ଡା ଯଦିଓ ପ୍ରଜାମଣ୍ଡଳ ପ୍ରତି ସହାନୁଭୂତି ପ୍ରକାଶ କରିଥିଲେ କିନ୍ତୁ ଆଦିବାସୀ ସଂସ୍ଥା ବ୍ୟତୀତ ଅନ୍ୟ କୌଣସି ସଂସ୍ଥା ବା ଅନୁଷ୍ଠାନ ସଙ୍ଗେ ଜଡ଼ିତ ହେବେ ନାହିଁ ବୋଲି ରୋକ୍‌ଠୋକ୍ ମନାକରି ଦେଲେ । ନିର୍ମଳ ମୁଣ୍ଡାଙ୍କ ଅରାଜି ଯୋଗୁଁ ଗାଙ୍ଗପୁର ରାଜ୍ୟରେ ସେତେବେଳେ ପ୍ରଜାମଣ୍ଡଳ ଗଠନ କରିବା ସମ୍ଭବପର ହେଲା ନାହିଁ । ପରବର୍ତ୍ତୀ ସମୟରେ ୧୯୪୬ ମସିହାରେ ନିରୋଦ ଗୋସ୍ୱାମୀ, ନଟବର ପାଣ୍ଡେ, ସୁନ୍ଦରମଣି ପଟେଲ, ହରିହର ପଟେଲ, ନଟବର ନାଏକ ଓ ଧନଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ ଗାଙ୍ଗପୁର ରାଜ୍ୟରେ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା ।

୧୯୩୮ ମସିହାରେ ଗାଙ୍ଗପୁର ରାଜ୍ୟର ପ୍ରଜା ଆନ୍ଦୋଳନ ଶୀର୍ଷ ସୀମାରେ ପହଞ୍ଚିଲା । ଡ଼ାହିଜିରା ଗ୍ରାମକୁ କେନ୍ଦ୍ରକରି ଆନ୍ଦୋଳନର ପ୍ରଖର ଅଗ୍ନି ବିଦ୍ୟୁତ ବେଗରେ ଚାରିଆଡେ ଖେଳିଗଲା । ମୁଣ୍ଡାମାନେ ପ୍ରକାଶ୍ୟ ଭାବେ ଖଜଣାବିରୋଧୀ ଆନ୍ଦୋଳନରେ ଭାଗନେଲେ । ପ୍ରଥମେ ଗାଙ୍ଗପୁର ଦରବାର ପକ୍ଷରୁ ଏହାକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ପଦକ୍ଷେପ ନିଆଯାଇନଥିଲା । ରାଜ୍ୟବ୍ୟାପୀ ଏକ ଗଣଆନ୍ଦୋଳନକୁ କୌଣସିମତେ ଆଡେଇ ଦେବାକୁ ଚେଷ୍ଟା କରାଗଲା । ଅନ୍ୟପକ୍ଷରେ ଲୁଥରାନ ମିଶନର ଖ୍ରୀଷ୍ଟିଆନ ମୁଣ୍ଡା, ଓରାମ୍ ଓ ହିନ୍ଦୁମାନେ ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ରାଞ୍ଚିର କେତେଜଣ ଓକିଲ ଏହି ଆନ୍ଦୋଳନକୁ ସମର୍ଥନ ଓ ସାହାଯ୍ୟ କଲେ । ଫଳରେ ଆନ୍ଦୋଳନ ଆହୁରି ତୀବ୍ର ହୋଇ ଉଠିଲା ।

ଗାଙ୍ଗପୁର ରାଜ୍ୟର ବିଭିନ୍ନସ୍ଥାନକୁ ଯାଇ ପ୍ରଜାମାନଙ୍କୁ ଆନ୍ଦୋଳନରୁ ନିବୃତ୍ତ ହେବାକୁ ପ୍ରବର୍ତ୍ତାଇବା ପାଇଁ ସେଠାରେ ଅବସ୍ଥାପିତ ତହସିଲଦାରଙ୍କୁ ପଠାଯାଇଥିଲା । ସରକାରଙ୍କୁ ଖଜଣା ଦେବାକୁ ତହସିଲଦାର ଯେତେ ବୁଝାଇଲେ ମଧ୍ୟ ଆଦିବାସୀ ପ୍ରଜାମାନେ ଏଥିରେ ରାଜି ହେଲେ ନାହିଁ । ଏହି ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଥିବା ରାଞ୍ଚିର ଓକିଲମାନଙ୍କୁ ମଧ୍ୟ ଗାଙ୍ଗପୁର ରାଜଦରବାର ତରଫରୁ ଏଥିରୁ କ୍ଷାନ୍ତ ରହିବା ପାଇଁ ପ୍ରବଳ ଚେଷ୍ଟା କରାଯାଇଥିଲା । କିନ୍ତୁ ତାହା ମଧ୍ୟ ବିଫଳ ହେଲା ।

ଆନ୍ଦୋଳନକାରୀମାନେ ମୁଖ୍ୟତଃ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାରୁ, ଗାଙ୍ଗପୁର ଦରବାର ତରଫରୁ ରାଞ୍ଚିସ୍ଥିତ ଲୁଥରାନ ଚର୍ଚ୍ଚ କାଉନସିଲକୁ ଏ ଦିଗରେ ସାହାଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା । ୧୯୩୮ ମସିହା ଏପ୍ରିଲ ମାସରେ ଚର୍ଚ୍ଚ କାଉନସିଲ ଏହାର ଏକ ପ୍ରତିନିଧି ଦଳ ଗାଙ୍ଗପୁର ରାଜଦରବାରକୁ ପଠାଇଥିଲେ । ଏହାର ନେତୃତ୍ୱ ନେଇଥିଲେ ଜର୍ମାନ ମିଶନାରୀ ରେଭେରେଣ୍ଡ ରେଡସିକ । ତାଙ୍କ ସଙ୍ଗେ ଆସିଥିଲେ ରେଭେରେଣ୍ଡ ଶୁଲକେ ଓ ଅନ୍ୟ ଦୁଇଜଣ ଭାରତୀୟ ପାଦ୍ରୀ । ସେମାନେ ଗାଙ୍ଗପୁରର ତତ୍କାଳୀନ ଦେବାନ ଖାଁ ବାହାଦୂର ଅବଦୁଲ ଗଫର ଖାନଙ୍କ ସଙ୍ଗେ ବିଚାର ଆଲୋଚନା କରି ଆନ୍ଦୋଳନକାରୀମାନଙ୍କୁ ଏ କ୍ଷେତ୍ରରେ ପ୍ରଭାବିତ କରିବାକୁ ରାଜି ହୋଇଥିଲେ । ସେମାନେ ଆନ୍ଦୋଳନର କେନ୍ଦ୍ରସ୍ଥଳୀ ଡାହିଜିରା ଗ୍ରାମ ଓ ଅନ୍ୟଗ୍ରାମମାନଙ୍କୁ ଯାଇ ଆଦିବାସୀ ଖ୍ରୀଷ୍ଟିଆନ ମୁଣ୍ଡାମାନଙ୍କୁ ସରକାରଙ୍କୁ ଯଥାଧାର୍ଯ୍ୟ ଖଜଣା ଦେଇ ଦେବାକୁ ଅନୁରୋଧ କରିଥିଲେ । ଗାଙ୍ଗପୁର ରାଜଦରବାର ତରଫରୁ ଯେଉଁ ପରିମାଣର ଖଜଣା ଦାବି କରାଯାଉଛି, ତାହା ଯଥାର୍ଥ ବୋଲି ଖ୍ରୀଷ୍ଟିଆନ ଆଦିବାସୀମାନଙ୍କୁ ବହୁ ପ୍ରକାରେ ବୁଝାଇଥିଲେ । ଖଜଣା ନଦେବା ଦ୍ୱାରା ରାଜ୍ୟର କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ପ୍ରଜାମାନଙ୍କ ମନରେ ଧାରଣା ଜନ୍ମାଇଲେ । ଏହାଦ୍ୱାରା ସେ ବର୍ଷର ଅନେକ ପରିମାଣର ଖଜଣା ଆଦାୟ ହୋଇ ପାରିଲା । କେବଳ ନିର୍ଦ୍ଧାରିତ ଖଜଣାରୁ ୩୨୦୦ ଟଙ୍କା ଅନାଦେୟ ରହିଲା ।

୧୯୩୮ ମସିହାରେ ଗାଙ୍ଗପୁରର ରାଣୀ ଜାନକୀ ରତ୍ନା ଇଂଲଣ୍ଡ ଗଲେ ଓ ସେହି ବର୍ଷ ଅଗଷ୍ଟମାସରେ ନିଜରାଜ୍ୟକୁ ଫେରି ଆସିଲେ । ଗାଙ୍ଗପୁର ରାଜ୍ୟର ଅଶାନ୍ତ ଅବସ୍ଥାକୁ ସୁଧାରିବା ପାଇଁ ନିଜ ଦେବାନଙ୍କ ସଙ୍ଗେ ସେ ନଭେମ୍ବର ମାସଠାରୁ ମୁଣ୍ଡାମାନେ ବାସକରୁଥିବା ଅଞ୍ଚଳ ଗୁଡିକ ଘନଘନ ଗସ୍ତ କରିଥିଲେ । ସୁନ୍ଦରଗଡ଼ ଯିବା ପୂର୍ବରୁ ରାଣୀ ରାଜଗାଙ୍ଗପୁରଠାରେ ଅଟକି ଯାଇ ପ୍ରଥମେ ଅଭିଯୋଗକାରୀଙ୍କ ସହ ଆଲୋଚନା କରିବାପାଇଁ ଚାହିଁଲେ । କଟାଙ୍ଗ, ଲକ୍ଷ୍ମୀପୋଶ, ହାତୀବାରୀ, ରାୟବୋଗା ଓ ପାନପୋଷ ଆଦି ସ୍ଥାନମାନଙ୍କରେ ସେ ସଭାମାନ ଆୟୋଜନ କଲେ । ଏହି ସ୍ଥାନ ଗୁଡିକରେ ମୁଖ୍ୟତଃ ମୁଣ୍ଡାମାନେ ବାସ କରୁଥିଲେ । ପ୍ରତ୍ୟେକ ସଭାରେ ୨୦୦୦ରୁ ଉର୍ଦ୍ଧ୍ୱଲୋକ ଯୋଗ ଦେଉଥିଲେ । ଏହି ସବୁ ସଭାରେ ଗାଙ୍ଗପୁର ରାଜ୍ୟର ରାଜସ୍ୱ ନୀତି ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଯାଇଥିଲା ଏବଂ ରାଜ୍ୟର ଆଇନକାନୁନ ମାନି ନିର୍ଦ୍ଧାରିତ ଖଜଣା ପଇଠ କରନ୍ତୁ ବୋଲି ସମସ୍ତଙ୍କୁ ନିବେଦନ କରାଯାଇଥିଲା । ଯଦି ବ୍ୟକ୍ତିଗତଭାବେ କିଏ ଭୂରାଜସ୍ୱ ବ୍ୟବସ୍ଥାରେ ଅନ୍ୟାୟର ଶିକାର ହୋଇଥାଆନ୍ତି, ତେବେ ସେଥିପାଇଁ ସେମାନେ ରାଜଦରବାରକୁ ଦରଖାସ୍ତ କଲେ, ସେମାନଙ୍କ ବିଷୟ ଅବିଳମ୍ବେ ବିଚାର କରାଯିବ ବୋଲି କୁହାଯାଇଥିଲା । କିନ୍ତୁ ସମୂହଭାବେ ଏପରି ଖଜଣା ବିରୋଧୀ ଆନ୍ଦୋଳନ ବନ୍ଦ କରିବାକୁ ଆହ୍ୱାନ ଦିଆଗଲା । ରାଣୀଙ୍କ ଦ୍ୱାରା ଆୟୋଜିତ ସଭାକୁ ଆନ୍ଦୋଳନକାରୀ ମୁଣ୍ଡାମାନେ ବର୍ଜନ କରିଥିଲେ ।

ବିଭିନ୍ନ ପ୍ରରୋଚନା ସତ୍ତ୍ୱେ ରାଜ୍ୟର ଅଶାନ୍ତ ବାତାବରଣ ଶାନ୍ତ ହେଲା ନାହିଁ । ପଡୋଶୀ ରାଜ୍ୟ ବିହାରରେ ଜୟପାଲ ସିଂହଙ୍କ ନେତୃତ୍ୱରେ ଚାଲିଥିବା ଝାଡଖଣ୍ଡ ଆନ୍ଦୋଳନ ସେମାନଙ୍କୁ ବିଶେଷ ପ୍ରଭାବିତ

କରୁଛି ବୋଲି ଗାଙ୍ଗପୁର ରାଜଦରବାର ଯଥାର୍ଥଭାବେ ଅନୁଭବ କରିଥିଲା । ତେଣୁ ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ୧୯୩୮ ମସିହା ଡିସେମ୍ବର ମାସରେ ସେମାନଙ୍କ ଉପରୁ ୩୨,୦୦୦ ଟଙ୍କାର କର ଛାଡି ଦିଆଗଲା ବୋଲି ରାଜଦରବାର ପକ୍ଷରୁ ଘୋଷଣା କରାଗଲା । କିନ୍ତୁ ଏହା ବିଶେଷ ଫଳପ୍ରଦ ହେଲାନାହିଁ । କାରଣ ମୁଣ୍ଡାମାନେ ଏଥିରେ ସନ୍ତୁଷ୍ଟ ନହୋଇ ମନେକଲେ ଯେ ରାଣୀ ସେମାନଙ୍କୁ ଡରି କରି ଏପରି ଖଜଣା ଛାଡ଼ କରିଥିଲେ ।

ଗାଙ୍ଗପୁର ରାଜଦରବାର ପକ୍ଷରୁ ଆନ୍ଦୋଳନକାରୀମାନଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଗଲା। ସେମାନଙ୍କ ନେତାମାନଙ୍କ ବିରୋଧରେ ଫୌଜଦାରୀ କେଶ କରାଗଲା। କେତେକଙ୍କ ବିରୋଧରେ ପଡ଼ିରହିଥିବା କେଶ ଗୁଡ଼ିକୁ ପୁନରାରମ୍ଭ କରି ସେମାନଙ୍କ ନାଁରେ ଗୁରୁତର ଅଭିଯୋଗମାନ ଅଣାଗଲା । କେବଳ ସେତିକି ନୁହେଁ ସେମାନଙ୍କୁ ଗିରଫ କରିବାପାଇଁ ରାଜଦରବାର ତରଫରୁ ପରୱାନା ଜାରି କରାଗଲା। ପ୍ରଜାମାନଙ୍କଠାରୁ ଜବରଦସ୍ତ ରାଜସ୍ୱ ଆଦାୟ ପାଇଁ ପଦକ୍ଷେପ ନିଆଗଲା । ଆନ୍ଦୋଳନକାରୀ ମାନଙ୍କ ଜମିକୁ ବାଜ୍ୟାପ୍ତ କରିଦିଆଯିବା ବୋଲି ଘୋଷଣା କରାଗଲା । ସେମାନଙ୍କୁ ଅନେକ ପ୍ରକାରର ଧମକ ଚମକ ଦିଆଗଲା । ସେମାନଙ୍କ ଗୃହପାଳିତ ପଶୁମାନଙ୍କୁ ରାଜକର୍ମଚାରୀମାନେ ବାନ୍ଧି ନେଇଗଲେ । ଏହାଛଡା ଆଉ ଯାହା ପାଇଲେ ତାହା ମଧ୍ୟ ସାଙ୍ଗରେ ନେଇଗଲେ । କେତେଜଣଙ୍କୁ ସୁନ୍ଦରଗଡ଼ସ୍ଥିତ ଜେଲ ହାଜତରେ ଅଟକ କରି ରଖାଗଲା । କିନ୍ତୁ ଆନ୍ଦୋଳନ କୌଣସି ପ୍ରକାରେ ପ୍ରଶମିତ ହେଲା ନାହିଁ । ମୁଣ୍ଡାମାନେ ସାଧାରଣତଃ ଅଳ୍ପକେ ଉତ୍ତେଜିତ ହୋଇ ପଡନ୍ତି । ସାମାନ୍ୟ କଥାରେ ଧନୁବାଣ ଧରି ଲଢ଼େଇ କରନ୍ତି । ତାଙ୍କ ଶର ମୁନରେ ସବୁବେଳେ ବିଷବୋଳି ରଖିଥାଆନ୍ତି। ରାଜଦରବାର ତରଫରୁ ନିଆଯାଇଥିବା ଏପରି ଦମନମୂଳକ ପଦକ୍ଷେପ ମୁଣ୍ଡାମାନଙ୍କୁ ଅଧିକ ଉତ୍ତେଜିତ କଲା। ଆନ୍ଦୋଳନକାରୀ ନେତାଙ୍କୁ ଗିରଫ କରିବାକୁ ଯେଉଁ ରାଜକର୍ମଚାରୀମାନେ ଗଲେ, ସେମାନେ ବିଫଳ ହୋଇ ଫେରିଲେ । କାରଣ ପ୍ରତ୍ୟେକ ସ୍ଥାନରେ ସେମାନେ ସଶସ୍ତ୍ର ବିକ୍ଷୋଭକାରୀ ମୁଣ୍ଡାମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିଲେ । ସମୟ ସମୟରେ ସେମାନଙ୍କ ଜୀବନ ବିପନ୍ନ ହୋଇ ପଡୁଥିଲା ଏବଂ କୌଣସି ମତେ ସେମାନେ ସେ ସ୍ଥାନରୁ ଖସି ପଳାଇ ଆସୁଥିଲେ। ୧୯୩୯ ମସିହା ଆରମ୍ଭରେ ଗାଙ୍ଗପୁର ରାଜ୍ୟରେ ଖଜଣା ଆଦାୟ କରିବା ଅସମ୍ଭବ ହୋଇ ପଡିଲା। ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱ ନିକଟରେ ଗାଙ୍ଗପୁର ରାଜ୍ୟର ସମସ୍ତ ଦମନମୂଳକ ପଦକ୍ଷେପ ହାର ମାନିଲା।

ବହୁପରିମାଣର ଖଜଣା ଅନାଦେୟ ରହିବାରୁ ଗାଙ୍ଗପୁର ରାଜଦରବାର ଏଥିପାଇଁ ପୁଣି କଣ ପଦକ୍ଷେପ ନେବ ସେଥିପାଇଁ ଚିନ୍ତା କଲା । ଗାଙ୍ଗପୁରର ରାଣୀ ସ୍ୱୟଂ ପ୍ରଜାମାନଙ୍କର ଅଭିଯୋଗ ଶୁଣିବାପାଇଁ ଏବଂ ଖଜଣା ଦେଇ ଦେବାକୁ ସେମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ସରଗିପାଲ୍ଲିଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ । ସେଦିନ ଥିଲା ୧୯୩୯ ମସିହା ଫେବୃଆରୀ ୯ ତାରିଖ । ତିରିଶଟି ଗାଁରୁ ପ୍ରାୟ ଚାରି ପାଞ୍ଚ ହଜାର ଲୋକ ଆସି ସେଠାରେ ରୁଣ୍ଡ ହୋଇଥିଲେ । ସେମାନେ ସମସ୍ତେ ମିଳିତଭାବେ ଏକ ଆବେଦନ ପତ୍ର ରାଣୀଙ୍କୁ ଦେଇଥିଲେ । ସେଥିରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଗ୍ରହଣ କରିବା ପାଇଁ

ଦର୍ଶାଯାଇଥିଲା ।

୧. ୧୮୭୪ ମସିହାରେ ଗାଙ୍ଗପୁର ପାଇଁ ପ୍ରଚଳିତ ଭୂବନ୍ଦୋବସ୍ତର ପୁନଃପ୍ରବର୍ତ୍ତନ କରାଯାଉ ।

୨. ୧୯୧୦ ମସିହାରେ ପ୍ରବର୍ତ୍ତିତ ପ୍ରଜାମାନଙ୍କର ଜଙ୍ଗଲର ସତ୍ତ୍ୱାଧିକାର ପୁନଃ ପ୍ରତିଷ୍ଠା କରାଯାଉ ।

୩. ପ୍ରତ୍ୟେକ ଘର ପିଛା ୧୨ ସେର ଚାଉଳ ଓ ୩ ଅଣା ଲାଗୁ କରାଯାଇଥିବା ଚୌକିଦାରୀ ଟିକସ ଉଠାଇ ଦିଆଯାଉ ।

୪. ନିଜ ଗାଈଗୋରୁ ମାନଙ୍କର ଚମଡା ଉପରେ ସେମାନଙ୍କର ଅଧିକାର ରହୁ ।

୫. ଜମି ଅନ୍ୟଜଣକୁ ହସ୍ତାନ୍ତର କଲାବେଳେ କୌଣସି ଶୁଳ୍କ ନଲାଗୁ ।

୬. ବିନାମଜୁରିରେ ଶ୍ରମଦାନ, ବେଠି ଓ ମାଗଣ ଆଦି ସଂପୂର୍ଣ୍ଣରୂପେ ଉଚ୍ଛେଦ କରାଯାଉ ।

୭. ଯେଉଁଥିରେ ସର୍ବସାଧାରଣ ଭୋଟ ଦେଇ ନିର୍ବାଚିତ କରିପାରୁଥିବେ ସେପରି ଏକ ଲୋକ ପ୍ରତିନିଧି ସରକାର ପ୍ରବର୍ତ୍ତନ କରାଯାଉ ।

୮. ଜନସାଧାରଣଙ୍କ ଦ୍ୱାରା ନିର୍ମିତ ରାସ୍ତାରେ ନିଜର ଶଗଡ଼ ଚଲାଇନେବାର ଅନୁମତି ମିଳୁ ।

୯. ଜଳ ସେଚନର ସୁବିଧା ପାଇଁ ପୋଖରୀ ଖୋଳା ଯାଉ ଏବଂ ନଦୀ ବା ଝରଣାରେ ବନ୍ଧ ବନ୍ଧାଯାଉ ।

୧୦. ଶସ୍ୟକ୍ଷେତ୍ରକୁ ନଷ୍ଟ କରୁଥିବା ବଣ୍ୟ ଜୀବଜନ୍ତୁମାନଙ୍କୁ ମାରିବାର ଅଧିକାର ସେମାନଙ୍କୁ ଦିଆଯାଉ ।

୧୧. ରାଜ୍ୟର ଯେକୌଣସି ବ୍ୟବସାୟୀଙ୍କୁ ଲାଖ, ଟସର, କପା ମଞ୍ଜି, ମହୁଆ ଆଦି ଦ୍ରବ୍ୟ ବିକ୍ରୀ କରିବାର ସ୍ୱାଧୀନତା ମିଳୁ ।

୧୨. ସମବାୟ ସମିତିମାନ ଖୋଲାଯାଉ ।

୧୩. ରାଜ୍ୟ ବାହାରୁ ଲୋକ ନଆଣି, ଚାକିରୀ କ୍ଷେତ୍ରରେ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି ଦିଆଯାଉ ।

କିନ୍ତୁ ଗାଙ୍ଗପୁର ରାଣୀ ଲୋକଙ୍କର ଏହି ନ୍ୟାଯ୍ୟ ଦାବି ପ୍ରତି ନିଷ୍କ୍ରିୟ ରହିଲେ । ଏହା ପରିସ୍ଥିତିକୁ ଆହୁରି ଗମ୍ଭୀର କରିଦେଲା । ନିର୍ମଳ ମୁଣ୍ଡାଙ୍କ ବଳିଷ୍ଠ ନେତୃତ୍ୱରେ ଆନ୍ଦୋଳନର ଅଗ୍ନି ଆହୁରି ତେଜି ଉଠିଲା ।

ଏପରି ଅବସ୍ଥାରେ ଗାଙ୍ଗପୁର ରାଜଦରବାର ପୁଣିଥରେ ରାଞ୍ଚିର ଲୁଥରାନ ଚର୍ଚ୍ଚ କାଉନସିଲକୁ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କଲା । ଚର୍ଚ୍ଚ କାଉନସିଲର ସଭାପତି ରେଭେରେଣ୍ଡ ଷ୍ଟୋଶ ଓ ସମ୍ପାଦକ ଏନ୍. ଟୋପ୍ନୋଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗାଙ୍ଗପୁର ରାଜ୍ୟରେ ଆସି ପହଞ୍ଚିଲେ । ଦେବାନ ଖାନ୍ ବାହାଦୂର ଅବଦୁଲ ଗଫର ଖାନ୍‌ଙ୍କ କୋର୍ଟରେ ସେମାନେ ସମସ୍ତେ ବିଚାର ଆଲୋଚନା

କରି ସ୍ଥିର କଲେ ଯେ ୨୦ଜଣ ଖ୍ରୀଷ୍ଟିଆନ ମୁଣ୍ଡା ସ୍ୱେଚ୍ଛାସେବୀମାନଙ୍କୁ ମୁଣ୍ଡା ଗାଁମାନଙ୍କୁ ପଠାଯିବ । ସେମାନେ ମୁଣ୍ଡାମାନଙ୍କୁ ରାଜ୍ୟ ଆଇନକାନୁନ ମାନି ଖଜଣା ଦେଇ ଦେବାକୁ ପ୍ରବର୍ତ୍ତାଇବେ । ସେମାନଙ୍କର ଗସ୍ତ ସମୟରେ ଯେଉଁଠାରେ ରାଜସ୍ୱ କ୍ଷେତ୍ରରେ ଅନ୍ୟାୟ ହୋଇଛି ବୋଲି ଅଭିଯୋଗ ପାଇବେ, ସେଇ କେଶ ଗୁଡିକୁ ରାଜଦରବାରକୁ ବିଚାର ପାଇଁ ଜଣାଇବେ । ସେମାନଙ୍କ ଗସ୍ତର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ରାଜଦରବାରରୁ ଅନୁମତି ପ୍ରାପ୍ତ ହୋଇ ଏହି ୨୦ ଜଣ ସ୍ୱେଚ୍ଛାସେବୀ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ସେଥିସହିତ ରାଞ୍ଚିରୁ ଆସିଥିବା ଚର୍ଚ୍ଚ କାଉନସିଲର ପ୍ରତିନିଧିମାନେ ମଧ୍ୟ ବିଭିନ୍ନ ଗ୍ରାମ ବୁଲି ଆନ୍ଦୋଳନକାରୀ ପ୍ରଜାମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । କିନ୍ତୁ ଏଥିରେ କିଛି ଫଳ ହେଲା ନାହିଁ। ନିର୍ମଳ ମୁଣ୍ଡାଙ୍କ ପ୍ରରୋଚନାରେ ଆନ୍ଦୋଳନକାରୀ ମାନେ ନିଜ ଜିଦରେ ଅଟଳ ରହିଲେ । ଆନ୍ଦୋଳନକାରୀଙ୍କ ଏପରି ଅବୁଝା ନୀତି ଯୋଗୁଁ ପ୍ରତିନିଧିଦଳ ନିରାଶ ହେଲେ । ଶେଷରେ ଚର୍ଚ୍ଚ କାଉନସିଲର ସମ୍ପାଦକ ଟୋପ୍ନୋ ଆନ୍ଦୋଳନର ମୁଖ୍ୟ ପୁରୋଧା ନିର୍ମଳ ମୁଣ୍ଡାଙ୍କ ସମେତ ସମସ୍ତ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ଗାଙ୍ଗପୁର ରାଜଦରବାରକୁ ସୁପାରିଶ କରିଥିଲେ ।

ଆନ୍ଦୋଳନକାରୀମାନଙ୍କୁ ଆନ୍ଦୋଳନରୁ ନିବୃତ୍ତ କରାଇବା ପାଇଁ ବ୍ରିଟିଶ ସରକାରଙ୍କ ତରଫରୁ ମଧ୍ୟ ଚେଷ୍ଟା କରାଯାଇ ଥିଲା । ୧୯୩୮ ମସିହାରେ ବ୍ରିଟିଶ ପଲିଟିକାଲ ଏଜେଣ୍ଟ ମେଜର ଓ୍ୱେବ ଡାହିଜିରା ଗସ୍ତ କରି ମୁଣ୍ଡାମାନଙ୍କୁ ଭେଟିଥିଲେ । ପରବର୍ଷ ସେହିପରି ପଲିଟିକାଲ ଏଜେଣ୍ଟ ମେଜର ସିଅରଲେ ମଧ୍ୟ ଡାହିଜିରା ଯାଇ ଆନ୍ଦୋଳନରୁ କ୍ଷାନ୍ତ ହେବା ପାଇଁ ମୁଣ୍ଡାମାନଙ୍କୁ ବୁଝାଇଥିଲେ । ଖଜଣାଆଦାୟ କ୍ଷେତ୍ରରେ ଗାଙ୍ଗପୁର ରାଜଦରବାରକୁ ସହଯୋଗ କରିବା ପାଇଁ ପଲିଟିକାଲ ଏଜେଣ୍ଟମାନଙ୍କ ନିବେଦନ ନିଷ୍ଫଳ ହେଲା ।

ଆନ୍ଦୋଳନ ଦମନ କ୍ଷେତ୍ରରେ ସବୁ ପ୍ରକାର ବିଫଳ ହେବା ସହିତ ପରିସ୍ଥିତି ଶେଷରେ ଅଣାୟତ ହେବାରୁ ଗାଙ୍ଗପୁରରାଣୀ, ପଲିଟିକାଲ ଏଜେଣ୍ଟ ଓ ପୋଲିସର ସାହାଯ୍ୟ ଲୋଡିଲେ । ଏହାଥିଲା ୧୯୩୯ ମସିହା ମାର୍ଚ୍ଚ ମାସର କଥା ।

## ସିମ୍‌କୋ ଗୁଳିକାଣ୍ଡ

୧୯୩୯ ମସିହା ଏକ ଅଭିଶପ୍ତ ବର୍ଷ । ବିଶ୍ୱବାସୀଙ୍କ ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଳୟଙ୍କରୀ ଲେଲୀହାନ ଅଗ୍ନିଶିଖା ସମଗ୍ର ବିଶ୍ୱକୁ ଗ୍ରାସ କରିବାକୁ ବସିଥିଲା ବେଳେ, କେଉଁ ନିଭୃତ କୋଣରେ ଥିବା ଗାଙ୍ଗପୁର ରାଜ୍ୟ ଗୁଳିକାଣ୍ଡର ଶିକାର ହୋଇଥିଲା ।

ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଗାଙ୍ଗପୁର ରାଜ୍ୟର ପ୍ରଜାଆନ୍ଦୋଳନ ୧୯୩୯ ମସିହାରେ ତୀବ୍ରରୂପ ଧାରଣ କଲା । ଏହାକୁ ଆୟତ୍ତ କରିବା ଆଉ ରାଜଦରବାର ପକ୍ଷେ ସମ୍ଭବ ହେଲା ନାହିଁ । ମାର୍ଚ୍ଚ ୩୦ ତାରିଖ ଦିନ ପଲିଟିକାଲ ଏଜେଣ୍ଟ ଗାଙ୍ଗପୁର ରାଜ୍ୟକୁ ଆସି କୁତୁରା ନାମକ ଗ୍ରାମରେ ଗୋଟିଏ ସଭା କରିଥିଲେ । କିନ୍ତୁ ସେହି ସଭାକୁ ପ୍ରଜାମାନେ ବର୍ଜନ କରିଥିଲେ । ଏହାଦ୍ୱାରା ପଲିଟିକାଲ ଏଜେଣ୍ଟ ଭୀଷଣ ଅପମାନିତ

ବୋଧ କଲେ । ସେ ସେଠାରୁ କଲିକତା ଯାଇ ସେଠାରେ ରେସିଡେଣ୍ଟଙ୍କ ସହ ପରାମର୍ଶ କରିଥିଲେ । କଲିକତାରୁ ଫେରି ପଲିଟିକାଲ ଏଜେଣ୍ଟ କଟକରୁ ୩୦ ଜଣ ପୋଲିସ ମଗାଇଲେ । ସେମାନେ ରାତାରାତି ସେହି ଗ୍ରାମମାନଙ୍କୁ ଯାଇ ୧୦ ଜଣ ଆନ୍ଦୋଳନକାରୀ ନେତାଙ୍କୁ ବନ୍ଦୀ କରି ଆଣିଲେ । କିନ୍ତୁ ନିର୍ମଳ ମୁଣ୍ଡାଙ୍କୁ ସେମାନେ ଧରି ପାରିଲେ ନାହିଁ ।

ନିର୍ମଳ ମୁଣ୍ଡା ନିଜ ସାଥୀଙ୍କ ଗିରଫଦାରୀରେ କ୍ରୋଧିତ ହୋଇ ଆନ୍ଦୋଳନକାରୀମାନଙ୍କୁ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଅଧିକ ଉତ୍ତେଜିତ କଲେ । ଏପ୍ରିଲ ୧୦ ତାରିଖ ଦିନ ରାଞ୍ଚି ଦୋସମାଲିରେ ରାଜଦ୍ରୋହ ସୂଚକ ସଭା ହୋଇ, ପୋଲିସଙ୍କୁ ବାଧା ଦେବାକୁ ମୁଣ୍ଡାମାନେ ସ୍ଥିର କଲେ । ନିର୍ମଳ ମୁଣ୍ଡା ସେଇଦିନ ଜଣେ ଚୌକିଦାରଙ୍କୁ ମାଡମାରି ଆଘାତ କରିଥିବାର ଅଭିଯୋଗ କରାଯାଇଥିଲା । ସେଥିପାଇଁ ଭାରତୀୟ ପେନାଲ କୋର୍ଡ ଧାରା ୩୩୨ ଅନୁଯାୟୀ, ଏପ୍ରିଲ ୧୮ ତାରିଖ ଦିନ ଦଳେ ଷ୍ଟେଟ ପୋଲିସ ନିର୍ମଳ ମୁଣ୍ଡଙ୍କୁ ଗିରଫ କରିବା ପାଇଁ ଗଲେ । ନିର୍ମଳ ମୁଣ୍ଡାଙ୍କ ସମର୍ଥକମାନେ ଅସ୍ତ୍ରଶସ୍ତ୍ର ଧରି ପୋଲିସମାନଙ୍କୁ ଏଥିରେ ବାଧାଦେଲେ । ସେମାନେ ସଂଖ୍ୟାଧିକ ଥିବା ହେତୁ ପୋଲିସ ଦଳ ନିର୍ମଳଙ୍କୁ ବନ୍ଦୀ ନକରି ଫେରିଆସିଲେ । ଏହାପରେ ପୋଲିସଙ୍କୁ ଡରାଇ ଫେରାଇ ଦେଇଥିବାରୁ, ନିର୍ମଳଙ୍କ ସମର୍ଥକମାନେ ଏହା ସେମାନଙ୍କର ଏକ ବିଜୟ ବୋଲି ଆନନ୍ଦରେ ମାତି ଉଠିଲେ । ନିର୍ମଳ ମୁଣ୍ଡାଙ୍କୁ ସେମାନଙ୍କର ରାଜା ବୋଲି ଘୋଷଣା କରି, ବାଜା ବଜାଇ ଏକ ବିରାଟ ପଟୁଆରରେ ବାହାରିଲେ । କିନ୍ତୁ ସେଦିନ କିଏ ଜାଣିଥିଲା ଆଉ  କିଛିଦିନ  ପରେ ସେମାନଙ୍କୁ  ପୋଲିସର ତାଣ୍ଡବଲୀଳା ଦେଖିବାକୁ ପଡ଼ିବ !

ଏହାଥିଲା ୧୯୩୯ ମସିହା ଏପ୍ରିଲ ୨୫ ତାରିଖ । ସକାଳର ଲାଲ ଟୁକୁଟୁକୁ ସୂର୍ଯ୍ୟ ଉଦୟ ହୋଇ ସେଦିନ ସିମକୋ ଗାଁ ପଡ଼ିଆରେ ତାର ସୁନେଲି କିରଣ ବିଛେଇ ଦେଲା । ସିମକୋ ଏବଂ ଆଖପାଖ ଗାଁର ଲୋକେ ଚେଇଁ ଉଠିଲେ । ଖବର ଆସିଛି ନିର୍ମଳ ମୁଣ୍ଡାଙ୍କ ପାଖକୁ । ସେଦିନ ସିମ୍‌କୋକୁ ରାଜଦରବାରର ପ୍ରତିନିଧି ଆସିବେ । ଆସିବେ ଇଂରେଜ ସରକାରଙ୍କ ପ୍ରତିନିଧି । ରାଜଦରବାରର ଖଜଣା ନୀତି ଆଲୋଚନା ସେଠାରେ ହେବ । ସ୍ଥାନୀୟ ଅଧିବାସୀ ସେମାନଙ୍କର ଦାବି ଜଣାଇବେ । ତାହାର ବିଚାର ହେବ । ହୁଏତ ସବୁକିଛିର ସମାଧାନ ହୋଇଯାଇପାରେ । ଇଂରେଜ ଓ ରାଜସରକାରଙ୍କ ପ୍ରତିନିଧିମାନେ ନିଶ୍ଚୟ ସୁବିଚାର କରିବେ, କାରଣ ସେମାନେ ବର୍ତ୍ତମାନ ପରିସ୍ଥିତିରେ ଯେମିତି ହେଉ ଖଜଣା ବିରୋଧୀ ଆନ୍ଦୋଳନ ବନ୍ଦ କରିବାକୁ ଚାହାନ୍ତି ।

ତଥାପି ନିର୍ମଳ ମୁଣ୍ଡାଙ୍କ ମନରେ ସଂଶୟ । ଇଂରେଜ ଓ ରାଜ୍ୟ ସରକାରଙ୍କର ଏଠାକୁ ଆଗମନ ପ୍ରତାରଣା ନୁହେଁତ ! ତେଣୁ ଗୋପନରେ ଆଗରୁ ଖବର ପଠାଇଥିଲେ ନିର୍ମଳ ମୁଣ୍ଡା ନିଜ ଭାଇ ଯୋହାନ୍, ମାନିଆଁ ଓ ମଙ୍ଗଲ ପ୍ରଭୃତିଙ୍କୁ । ସେମାନେ ଯାଇ ଚଣାବାହାଲ, କୁସୁମବାହାଲ, ମହୁଲ ଟୋଲି, ରାୟବଗା, ତେଲିପୋଷ, ନୂଆଗାଁ, ବ୍ରାହ୍ମଣମରା, ସୁରଡା, ଜଲଙ୍ଗବିରା, ପୁରୁଣାପାଣି, ଲୁଆରାମ, ଜିତାଇ, କୋଦଲକା,

ଖଇରାବନ୍ଧ ଓ ଡାହିଜିରା ଗ୍ରାମମାନଙ୍କରେ କହିଲେ ଯେ ସମସ୍ତ ଗ୍ରାମବାସୀ ୨୫ ତାରିଖ ଦିନ ସିମକୋ ପଡିଆରେ ଏକତ୍ରୀତ ହୁଅନ୍ତୁ । ସମସ୍ତେ ଧନୁଶର, କୁଠାର, ଲାଠି ଓ ଅନ୍ୟ ଅସ୍ତ୍ର ଶସ୍ତ୍ର ଧରି ଯେମିତି ଆସିଥିବେ । ଯଦି ସେମାନଙ୍କ ପ୍ରତି କିଛି ବିପଦ ପଡିବ ତେବେ ଯେମିତି ତାହାର ଉପଯୁକ୍ତ ମୁକାବିଲା କରି ହେବ । ନିର୍ମଳ ମୁଣ୍ଡାଙ୍କ ଗୁପ୍ତବାର୍ତ୍ତା ସର୍ବତ୍ର ବିଦ୍ୟୁତ ବେଗରେ ଖେଳିଯାଇଥିଲା ।

୨୫ ତାରିଖ ଦିନ ସକାଳ ହେଲାମାତ୍ର ଦେଖା ଗଲା, ପାଖଆଖ ଗାଁର ଲୋକ ଧାଇଁଛନ୍ତି ସିମ୍‌କୋ ଆଡ଼କୁ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲା ବେଳକୁ ଦେଖାଗଲା ସିମକୋ ଗାଁ ପଡିଆ, ଲୋକମାନଙ୍କ ଦ୍ୱାରା ଭରପୁର । ନିର୍ମଳ ମୁଣ୍ଡା ଯାହା ଆଶା କରୁଥିଲେ ତାହା ଘଟିଲା ନାହିଁ । ଇଂରେଜ ତଥା ଗାଙ୍ଗପୁର ରାଜସରକାରଙ୍କ ସମାଧାନ ପ୍ରସ୍ତାବ ଥିଲା ବାସ୍ତବିକ ଏକ ଛଳନା । ନିର୍ମଳ ମୁଣ୍ଡାଙ୍କୁ ଗିରଫ କରିବାରେ ଷ୍ଟେଟ ପୋଲିସ ବିଫଳ ହେବାରୁ ଷ୍ଟେଟ କର୍ତ୍ତୃପକ୍ଷ ପଲିଟିକାଲ ଏଜେଣ୍ଟଙ୍କୁ ପୋଲିସ ଫୌଜ ପଠାଇବାକୁ ତାର ବାର୍ତ୍ତା କରିଥିଲେ । ଚାହୁଁ ଚାହୁଁ ଏପ୍ରିଲ ୨୪ ତାରିଖ ଦିନ ରାତିସୁଦ୍ଧା ଆସିଷ୍ଟାଣ୍ଟ ପଲିଟିକାଲ ଏଜେଣ୍ଟ ଲେଫଟନାଣ୍ଟ ଇ.ଡବ୍ଲୁ.ଏମ୍. ମାଗୋର ଓ ନାଗ୍ରା ସବଡିଭିଜନର ଏସ୍.ଡି.ଓ.ଙ୍କ ନେତୃତ୍ୱରେ ଏକ ମିଳିତ ସଶସ୍ତ୍ର ପୋଲିସ ବାହିନୀ ସୁନ୍ଦରଗଡ଼ରେ ପହଞ୍ଚିଗଲେ । ତାପର ଦିନ ସକାଳେ ଏମାନେ ସମସ୍ତେ ରାୟବଗାଠାରେ ଯାଇ ପହଞ୍ଚିଗଲେ । ସେମାନଙ୍କର ମୂଳଲକ୍ଷ୍ୟ ଥିଲା ନିର୍ମଳ ମୁଣ୍ଡାଙ୍କ ଗିରଫ । ସକାଳେ ରାୟବଗାଠାରେ କେମ୍ପ କରି ଅପରାହ୍ନ ୪ଟା ବେଳକୁ ନିର୍ମଳ ମୁଣ୍ଡାଙ୍କୁ ଧରିବାକୁ ଗଲାବେଳକୁ ଦେଖିଲେ ସିମକୋ ପଡ଼ିଆରେ ପ୍ରାୟ ୭୦୦ ଲୋକ ଠେଙ୍ଗା ବାଡ଼ି, ଧନୁଶର ଧରି ଠିଆ ହୋଇଛନ୍ତି । ନିର୍ମଳ ମୁଣ୍ଡାଙ୍କ ଘରକୁ ଜଗି ରହିଛନ୍ତି । ବାହାରକୁ ନିର୍ମଳଙ୍କୁ ଛାଡିବାକୁ ଲୋକେ ନାରାଜ, ପୋଲିସ ଆସିଛନ୍ତି, କାଳେ ତାଙ୍କୁ ବାନ୍ଧି ନେଇଯିବେ ।

ଲେଫଟ୍‌ନାଣ୍ଟ ମାଗୋର ଉପସ୍ଥିତ ଜନତାଙ୍କ ନିର୍ମଳଙ୍କ ପ୍ରତି ଏପରି ଆନୁଗତ୍ୟ ପ୍ରକାଶ ଦ୍ୱାରା ଅଧିକ କ୍ରୋଧାନ୍ୱିତ ହେଲେ । ନିଜର ସ୍ୱଭାବ ସୁଲଭ କ୍ରୂରତା ଦେଖାଇ ପ୍ରଥମେ ନିଜ ଚାବୁକରେ ଚାରି ପାଞ୍ଚ ଜଣକୁ ମାଡ଼ମାରି ପଚାରିଲେ ଯେ ସେମାନଙ୍କ ଭିତରୁ ନିର୍ମଳ ମୁଣ୍ଡା କିଏ । ଅନ୍ୟମାନଙ୍କ ସହ ତାଙ୍କର କୌଣସି ଖରାପ ମନୋଭାବ ନାହିଁ । ନିର୍ମଳଙ୍କୁ ପ୍ରତ୍ୟାର୍ପଣ କଲେ ସେ ଫେରିଯିବେ । ଏହାଶୁଣି ଉପସ୍ଥିତ ସମସ୍ତେ ଏକ ସ୍ୱରରେ କହି ଉଠିଲେ, 'ମୁଁ ନିର୍ମଳ ମୁଣ୍ଡା, ମୁଁ ନିର୍ମଳ ମୁଣ୍ଡା' । ନିର୍ମଳ ମୁଣ୍ଡାଙ୍କୁ ଚିହ୍ନଟ କରି ଧରିବାରେ ଲେଫଟନାଣ୍ଟ ମାଗୋର ବିଫଳ ହେଲେ । କ୍ରୋଧରେ ଜର୍ଜରିତ ମାଗୋର ନିଜେ ଲୋକମାନଙ୍କ ମୁଣ୍ଡକୁ ବାଡିରେ ବାଡେଇ ପୁଣି ନିର୍ମଳ ମୁଣ୍ଡା ବିଷୟ ପଚାରିଥିଲେ । ଏଥିରେ ଉତ୍ତେଜିତ ହୋଇ ତିନି ଚାରିଜଣ ଲୋକ ପୋଲିସମାନଙ୍କ ମଧ୍ୟରୁ ଦୁଇ ତିନିଜଣଙ୍କୁ ଲାଠି ଦ୍ୱାରା ପ୍ରହାର କଲେ । ପରସ୍ପର ପ୍ରତି ଲାଠିଘାତ ଦ୍ୱାରା ଗୋଳମାଳ ଆରମ୍ଭ ହୋଇଗଲା । ଜଣେ ପୋଲିସଙ୍କ ଠାରୁ ବିଦ୍ରୋହୀମାନେ ଗୋଟିଏ ବନ୍ଧୁକ ଛଡାଇ ନେଲେ । ଉପସ୍ଥିତ ବିଦ୍ରୋହୀମାନଙ୍କୁ ଘଉଡାଇବା ପାଇଁ ପୋଲିସ ବାହିନୀ ଚେଷ୍ଟା କରି ବିଫଳ ହେଲେ ।

ଏପରି ଅବସ୍ଥାରେ ଲେଫ୍ଟନାଣ୍ଟ ମାଗୋର ଏକ ନୁଆଁଣିଆଁ ଚାଳଘର ଦେଖିବାକୁ ପାଇଲେ । ସେ ଘରେ ଥିଲେ ନିର୍ମଳ ମୁଣ୍ଡା ଚାରିପଟେ ବେଢ଼ି ରହିଥିଲେ ସଶସ୍ତ୍ର ମୁଣ୍ଡାମାନେ । ଲେଫ୍ଟନାଣ୍ଟ ମାଗୋର ହଠାତ୍

ପଶିଗଲେ ଘର ଆଡ଼କୁ ନୁଆଁଣିଆଁ ଚାଳରୁ ବାହାରି ଆସିଥିବା ବାଉଁଶଟିର ଅଗ୍ରଭାଗ ବାଜିଗଲା ମାଗୋରଙ୍କ କପାଳରେ । ପିନ୍ଧିଥିବା ଟୋପି ଚିରିଯାଇ ଖସିପଡ଼ିଲା । କପାଳ ଫାଟି ଝଲକାଏ ରକ୍ତ ବୋହି ପଡ଼ିଲା । ମାଗୋର ଭାବିଦେଲେ ଯେ ତାଙ୍କ ମୁଣ୍ଡକୁ କିଏ ବୋଧହୁଏ ଲାଠିରେ ପିଟିଦେଲା। କିଛି ଆଉ ନବୁଝି ବନ୍ଧୁକରୁ ବାୟୋନଟଟା କାଢ଼ି ରାଗରେ ଭୁଷି ଦେଲେ ଦୁଇ ତିନିଜଣଙ୍କ ପେଟକୁ । ଚିତ୍କାର କରି ପଡ଼ିଗଲେ ସେମାନେ, ନିଜ ରକ୍ତର ପ୍ରବାହିତ ଧାରାରେ ଜୁଡୁବୁଡୁ ହୋଇଗଲେ । ଲେଫ୍ଟନାଣ୍ଟ ମାଗୋର ତାପରେ ହୁଇସିଲ ବଜାଇ ଦେଲେ । ପୋଲିସ ଚାହିଁଲେ ମାଗୋରଙ୍କୁ, କପାଳରୁ ରକ୍ତ ବୋହି ମୁଖମଣ୍ଡଳ ତାଙ୍କର ରକ୍ତିମ । ପୋଲିସ ବାହିନୀ ଭାବିନେଲେ ମାଗୋରଙ୍କ ଜୀବନ ସଙ୍କଟାପନ୍ନ । ହୁଇସିଲ ମାରିବାକୁ ଗୁଳି ଚଳାଇବାର ସଙ୍କେତ ବୋଲି ଭାବି, ପୋଲିସ ବାହିନୀ ଉପସ୍ଥିତ ଜନତାଙ୍କ ଉପରକୁ ଗୁଳି ଚଳାଇବାକୁ ଆରମ୍ଭ କରିଦେଲେ । ନିରୀହ ଜନତାଙ୍କ ଉପରେ ସଭାସ୍ଥଳୀରୁ ତିନିପାର୍ଶ୍ୱରୁ ଦୁଇତିନି ମିନିଟ ଧରି ଅବିଶ୍ରାନ୍ତ ଗୁଳି ବର୍ଷଣ ହେଲା । ଏହି ଅମାନୁଷିକ ଗୁଳିକାଣ୍ଡରେ ସରକାରୀ ସ୍ତରରେ ୨୮ ଜଣ ମୃତ ଓ ୨୮ ଜଣ ଆହତ ହୋଇଛନ୍ତି ବୋଲି କୁହାଯାଇଥିଲେ ମଧ୍ୟ ଏହାଠାରୁ ଯଥେଷ୍ଟ ଅଧିକ ସଂଖ୍ୟାରେ ଲୋକ ମୃତାହତ ହୋଇଥିଲେ । ନିର୍ମଳ ମୁଣ୍ଡା ଦେଇଥିବା ତଥ୍ୟ ଅନୁଯାୟୀ ଏହି ଘଟଣାରେ ୪୨ ଜଣ ମୃତ ଓ ୮୨ ଜଣ ଆହତ ହୋଇଥିଲେ । ପ୍ରଜା ଆନ୍ଦୋଳନର ଅନ୍ୟତମ ନେତା ସାରଙ୍ଗଧର ଦାସ ମୃତବ୍ୟକ୍ତିଙ୍କ ସଂଖ୍ୟା ୬୫ ଥିଲା ବୋଲି ମତ ଦିଅନ୍ତି । ଅନ୍ୟ ପକ୍ଷରେ ହରେକୃଷ୍ଣ ମହତାବ ମତ ଦିଅନ୍ତି ଯେ ଏହି ଗୁଳିକାଣ୍ଡରେ ପ୍ରାୟ ୩୦୦ ସ୍ତ୍ରୀ, ପୁରୁଷ ଓ ବାଳକ ନିହତ ହୋଇଥିଲେ । ଅନେକ ବ୍ୟକ୍ତି ଆହତ ହୋଇ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ । ଅନେକ ପାନପୋଷ ଓ ବୀରମିତ୍ରପୁର ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥିଲେ । ପୁନଶ୍ଚ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁଜନିତ ଘଟଣାର ପ୍ରତିକ୍ରିୟାକୁ ଆଡ଼େଇବା ପାଇଁ ମିଲିଟାରୀ ଗାଡିମାନଙ୍କରେ ମୃତବ୍ୟକ୍ତିଙ୍କ ଶବ ଗୁଡ଼ିକୁ ପାଲରେ ଘୋଡ଼ାଇ ଦେଇ ସଙ୍ଗେସଙ୍ଗେ ନିଆଯାଇ ବୀରିମିତ୍ରପୁରଠାରେ ଥିବା ବିଶ୍ରା କମ୍ପାନୀର ଚୁନଭାଟିରେ ପକାଇ ଭସ୍ମ କରି ଦିଆଗଲା । ତେଣୁ ଏହି ଗୁଳିକାଣ୍ଡରେ ଠିକ୍ କେତେ ସଂଖ୍ୟକ ଲୋକ ମୃତାହତ ହୋଇଥିଲେ ତାର ବାସ୍ତବ ଚିତ୍ର ମିଳେ ନାହିଁ । ଏପ୍ରିଲ ୨୫ ତାରିଖର ଏପରି ମର୍ମନ୍ତୁଦ ଘଟଣା ମୁଣ୍ଡା ଜାତି ସମେତ ଓଡ଼ିଶା ଓ ସାରା ଭାରତର ଜନତାକୁ ସ୍ତମ୍ଭୀଭୂତ କରିଥିଲା ।

ଜାଲିଆନାୱାଲାବାଗ ଗୁଳିକାଣ୍ଡ ପରି ଏ ଘଟଣା ଚାରିଆଡେ ଆଲୋଡନ ସୃଷ୍ଟି କରିଥିଲା । ଏ ବିଷୟରେ ସବିଶେଷ ଜାଣିବା ପାଇଁ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବରେଣ୍ୟ ନେତା ଜବାହାରଲାଲ ନେହେରୁ ଝାରସୁଗୁଡା ଆସି ଲକ୍ଷ୍ମୀଧର ମିଶ୍ର ଓ ଅନ୍ୟାନ୍ୟ କଂଗ୍ରେସ କର୍ମୀଙ୍କ ସହ ଘଟଣା ସ୍ଥଳକୁ ଯିବାକୁ ବାହାରିଥିଲେ । କିନ୍ତୁ ସେ ସ୍ଥାନ ପରିଦର୍ଶନ କରିବାକୁ ସେମାନଙ୍କୁ ଅନୁମତି ମିଳିଲା ନାହିଁ । ଏହାପରେ ଏଥିପାଇଁ ନେହେରୁ ସତ୍ୟାଗ୍ରହ କରିବାପାଇଁ ଇଚ୍ଛାପ୍ରକାଶ କରି ଗାନ୍ଧିଜୀଙ୍କ ଅନୁମତି ଲୋଡିଲେ । ଗଡ଼ଜାତ ରାଜ୍ୟରେ ପଶି ସତ୍ୟାଗ୍ରହ କରିବା ପାଇଁ ଗାନ୍ଧିଜୀ ନେହେରୁଙ୍କୁ ମନା କରିଥିଲେ । ନେହେରୁ ଦିଲ୍ଲୀ ଫେରିଯାଇଥିଲେ। ଲକ୍ଷ୍ମୀଧର ମିଶ୍ର କେତେଜଣ ସତ୍ୟାଗ୍ରହୀଙ୍କୁ ଧରି ଝାରସୁଗୁଡ଼ାରୁ ସୁନ୍ଦରଗଡ଼ ଅଭିମୁଖେ

ବାହାରିଲେ। କିନ୍ତୁ ୧୦ କିଲୋମିଟର ଯିବା ପରେ ଗାଙ୍ଗପୁର ସୀମାରେ ଷ୍ଟେଟ ପୋଲିସ ସେମାନଙ୍କୁ ବାଧାଦେଇ ଫେରାଇ ଦେଇଥିଲା । ସମ୍ବଲପୁରର ଜଣେ ଅଗ୍ରଣୀ କଂଗ୍ରେସ ନେତା ଦୟାନନ୍ଦ ଶତପଥୀ ଗାଙ୍ଗପୁର ରାଜ୍ୟର ଅବସ୍ଥା ଜାଣିବାକୁ ଗାଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ । କିନ୍ତୁ ଗାଙ୍ଗପୁର ରାଜଦରବାର ତାଙ୍କୁ ଏଥିପାଇଁ ଅନୁମତି ଦେଇନଥିଲା ।

କିଛିଦିନ ପରେ ପତ୍ନୀ କସ୍ତୁରବା ଓ ମହାଦେବ ଦେଶାଇଙ୍କ ସହ ମହାତ୍ମାଗାନ୍ଧୀ କଲିକତା ଅଭିମୁଖେ ରେଳରେ ଯାଉଥିବା ସମୟରେ ଗାଙ୍ଗପୁର ରାଜ୍ୟ ଅନ୍ତର୍ଗତ କଲୁଙ୍ଗା ଷ୍ଟେସନରେ ରେଳଗାଡ଼ି ୧୫ ମିନିଟ ଅଟକି ଥିଲା । ସେହି ସମୟରେ ଶଶିଭୂଷଣ ପାଣିଗ୍ରାହୀ, ଗଣେଶ ସିଂହ ଓ ଧନଞ୍ଜୟ ମହାନ୍ତି ଆଦି ଗାନ୍ଧିଜୀଙ୍କୁ ସାକ୍ଷାତ କରିଥିଲେ । ସେମାନେ ପରବର୍ତ୍ତୀ ଷ୍ଟେସନ ପାନପୋଷ ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ସହିତ ଯାଇଥିଲେ। ଏହି ସାକ୍ଷାତ ସମୟରେ ଗାନ୍ଧିଜୀ ସିମକୋ ଗୁଳିକାଣ୍ଡ ବିଷୟରେ ଅବଗତ ହୋଇ ଶୋକ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ଜବାହାର ଲାଲ ନେହେରୁ ପ୍ରମୁଖ ସମସ୍ତେ ଏପରି ଲୋମହର୍ଷଣକାରୀ ଘଟଣାର ତଦନ୍ତ ପାଇଁ ଯେତେ ଦାବି କଲେ ମଧ୍ୟ କେହି ସେଥିରେ କର୍ଣ୍ଣପାତ କଲେ ନାହିଁ । ଏ ପ୍ରସଙ୍ଗରେ ପ୍ରଜାଆନ୍ଦୋଳନର ଅନ୍ୟତମ ଲବ୍ଧ ପ୍ରତିଷ୍ଠ ନେତା ହରେକୃଷ୍ଣ ମହତାବ ଲେଖିଛନ୍ତି, "ରଣପୁରରେ ଜଣେ ଗୋରାଲୋକ ହତ୍ୟାରେ ତିନି(ଦୁଇ) ଜଣଙ୍କୁ ଫାଶି ଓ ଅନେକଙ୍କୁ କାରାଦଣ୍ଡ, ମାତ୍ର ଗାଙ୍ଗପୁରରେ ପ୍ରାୟ ତିନିଶହ ଲୋକଙ୍କ ହତ୍ୟାରେ କେହି ଜଣେ ସୁଦ୍ଧା ଗାଳି ବି ଶୁଣିଲା ନାହିଁ ।"

୧୯୩୯ ମସିହାର ଏହି ବିଖ୍ୟାତ ମୁଣ୍ଡା ବିଦ୍ରୋହ ଯଦିଓ ଗାଙ୍ଗପୁର ରାଜ୍ୟର ଶାସିକାଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିଲା, କିନ୍ତୁ ପରୋକ୍ଷ ଭାବରେ ଏହା ମଧ୍ୟ ବ୍ରିଟିଶ ସରକାର ବିରୋଧୀ ଥିଲା । କାରଣ ବ୍ରିଟିଶ ସରକାରଙ୍କ ବାହୁଛାୟା ତଳେ ରହି ଗାଙ୍ଗପୁର ରାଣୀ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ତେଣୁ ଏହି ଆନ୍ଦୋଲନ ଯଥାର୍ଥରେ ଥିଲା ସ୍ୱାଧୀନତା ଆନ୍ଦୋଳନର ଏକ ଭିନ୍ନରୂପୀ ଅଂଶ ।

## ସିମ୍‌କୋ ଗୁଳିକାଣ୍ଡପରେ ନିର୍ମଳ ମୁଣ୍ଡା

ସିମ୍‌କୋର ଅମାନୁଷିକ ଗୁଳିକାଣ୍ଡରେ ଏତେ ରକ୍ତପାତ ହେଲାପରେ ମଧ୍ୟ ଆନ୍ଦୋଳନକାରୀମାନଙ୍କ ପ୍ରତି ସରକାରଙ୍କ ତରଫରୁ କୋହଳ ନୀତି ଅନୁସରଣ କରାଗଲା ନାହିଁ । ଆନ୍ଦୋଳନର ମୁଖ୍ୟ ପୁରୋଧା ନିର୍ମଳ ମୁଣ୍ଡାଙ୍କୁ ଗିରଫ କରାଗଲା। ତାଙ୍କର ସହଯୋଗୀ ନେତାମାନେ ମଧ୍ୟ ଗିରଫ ହେଲେ । ଆନ୍ଦୋଳନକାରୀମାନଙ୍କୁ ହାଜତରେ ରଖିବାପରେ, ଚାଲିଲା ତାଙ୍କ ପରିବାର ଉପରେ ଅତ୍ୟାଚାର । ନିର୍ମଳ ମୁଣ୍ଡାଙ୍କର ଘରେ ଥିବା ଗାଈଗୋରୁ ଛେଳିମେଣ୍ଢା, ଘୋଡା, ଧାନଚାଉଳ, ବାସନକୁସନ ଓ ଲୁଗାପଟା ଲୋକ ଲଗାଇ ରଜଦରବାର ପକ୍ଷରୁ ଲୁଟକରି ନିଆଗଲା । ପରିବାର ତାଙ୍କର ଶ୍ରୀହୀନ ହୋଇପଡ଼ିଲା।

ନିର୍ମଳ ମୁଣ୍ଡାଙ୍କ ସମେତ ଅନେକ ଆନ୍ଦୋଳନକାରୀମାନଙ୍କୁ ରାଜଦ୍ରୋହ ଅପରାଧରେ ଦଣ୍ଡିତ କରାଗଲା ଓ ଅନେକଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରି ଦୀର୍ଘକାଳ ଧରି ଅଟକ କରି ରଖାଗଲା । ନିର୍ମଳମୁଣ୍ଡାଙ୍କ

ବିଚାର ହୋଇ ତାଙ୍କୁ ଜେଲ ଦଣ୍ଡ ଦିଆଗଲା । ୧୯୩୯ ମସିହାରୁ ଜେଲ ଦଣ୍ଡ ଭୋଗିବା ଅବସ୍ଥାରେ ପ୍ରଥମେ ତାଙ୍କୁ ସୁନ୍ଦରଗଡ଼ ଜେଲ, ତାପରେ ସମ୍ବଲପୁର ଜେଲ ଓ ଶେଷରେ ରାୟଗଡ଼ ଜେଲରେ ରଖାଯାଇଥିଲା। ଶେଷରେ ଦୀର୍ଘ ଆଠବର୍ଷପରେ ବ୍ରିଟିଶ ଶାସନରୁ ଦେଶ ସ୍ୱାଧୀନ ହେବା ଦିନ ଅର୍ଥାତ୍ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ନିର୍ମଳ ମୁଣ୍ଡାଙ୍କୁ ଜେଲରୁ ମୁକ୍ତି ମିଳିଲା ।

ସୁନ୍ଦରଗଡ଼ ଜେଲରେ ଥିବା ବେଳେ ନିର୍ମଳମୁଣ୍ଡାଙ୍କୁ ଭେଟିବାକୁ ଗାଙ୍ଗପୁର ରାଣୀ ଆସିଥିଲେ । ସେତେବେଳେ ନିର୍ମଳଙ୍କର ବିଚାର ସରିନଥାଏ । ନିଜ ରାଜ୍ୟରେ ପ୍ରଜା ଆନ୍ଦୋଳନକୁ ସଂପୂର୍ଣ୍ଣ ମୂଳପୋଛ କରିବା ପାଇଁ ରାଣୀ ନିର୍ମଳଙ୍କୁ ହାତ କରିବା ପାଇଁ ଚାହିଁଲେ । ଦିନେ ଜେଲରେ ନିର୍ମଳଙ୍କୁ ଏକାକୀ ଡାକି କହିଲେ, "ତୋୟଂ ଏକ ବାତ ମାନ, ଇ ଆନ୍ଦୋଳନ କେ ଛୋଇଡ଼ ଦେ । ତୋର କେଶକେ ଡିସମିସ କଇର ଦେବ, ସାତଗୋଟ ଗାଆଁ, ସାତ ହାଜାର ରୂପୟା, ଆଉର ରହେକ ପାକ୍କା ବାଙ୍ଗଲା ଦେବ, ତୋୟ ଲିଖ ଦେ।" ନିର୍ମଳ ମୁଣ୍ଡା ଏହାର ଉତ୍ତର ଦେଇ କହିଥିଲେ, "ମୋୟଁ ପାଠ ଶାଠ ନି ପଇଢ ହୋଁ । ମୋର ମାୟ ବାପ ଇସ୍କୁଲ ନି ଭେଇଜ ରହୟଁ । ମୋୟଁ ଜାଲସାଜୁ ନା ଲାଗୋଁ, କାଆ ଲିଖମେ ଦେମୁଁ ? କାଆ ଲିଖ ମୁଁ ହୋଲ ମୋକେ ହାକିମ ମନ କୋନୋ ନି କହବୟଁ ? ସେ ବାତାୟ ଦେଉଁ ନହିଁ ତୋ ଯେ ହୋଏକ ଆହେ ସେ ହୋଇ । ମଗର ମୋୟଁ ନିଲଖ ମୁଁ।" ଏପରି କହି ରାଣୀଙ୍କ ଅନୁରୋଧକୁ ନିର୍ମଳ ମୁଣ୍ଡା ଟାଳି ଦେଲେ । ରାଣୀ ଏଥିରେ ଉତକ୍ଷିପ୍ତ ହୋଇ ଜେଲରଙ୍କୁ ଗୁପ୍ତଭାବେ କହିଲେ ଯେ ନିର୍ମଳ ମୁଣ୍ଡାଙ୍କ ହାତଗୋଡ ବାନ୍ଧି ବିଶ୍ରା ଚୂନ କମ୍ପାନୀର ଭାଟି ଭିତରେ ପକାଇ ଦେବାକୁ । ପୁଣି ଭାବିଲେ ଯେ ନିକଟରେ ଗୁଳିକାଣ୍ଡ ହୋଇ ଏତେ ସଂଖ୍ୟାରେ ମୃତ୍ୟୁବରଣ କରିଛନ୍ତି । ପୁଣି ନିର୍ମଳଙ୍କୁ ମାରିଦେଲେ ପ୍ରଜାମାନେ ଆହୁରି ତେଜି ଉଠିବେ । ହୁଏତ ଏହାଦ୍ୱାରା ସେ ରାଜଗାଦି ହରାଇ ପାରନ୍ତି । ଏହିପରି ଭାବି ନିର୍ମଳଙ୍କୁ ନିଃଶେଷ କରିବା ଯୋଜନାରୁ ରାଣୀ ଓହରି ଆସିଲେ ।

ନିର୍ମଳ ଥିଲେ ବାସ୍ତବପକ୍ଷେ ନେତା ଭଳି ନେତାଟିଏ । ଯେଉଁଠି ଥିଲେ ମଧ୍ୟ ସମୂହ ସ୍ୱାର୍ଥ ପାଇଁ ଆଗେଇ ଆସୁଥିଲେ। ନିର୍ମଳ ଯେତେବେଳେ ଜେଲରେ ଥିଲେ ସେତେବେଳେ ଏହାର ଖାଦ୍ୟପେୟ, ଲୁଗାପଟା ଆଦି ଅତି ନିକୃଷ୍ଟ ଧରଣର ଥିଲା । ସେଠାରେ ସେ କଏଦୀମାନଙ୍କୁ ଏକତ୍ର କରି ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଫଳରେ ଜେଲରେ କଏଦୀମାନଙ୍କୁ ଅପେକ୍ଷାକୃତ ଉତ୍ତମ ଖାଦ୍ୟ ଓ ଲୁଗାପଟା ମିଳିଥିଲା ।

ଜେଲରେ ଥିବାବେଳେ ନିର୍ମଳ ମୁଣ୍ଡା ନିଜ ପରିବାର ଓ ଗାଁର ଖବର ସବୁବେଳେ ନେଉଥିଲେ । ଗାଁର ଗରିବ ମୁଣ୍ଡାଭାଇମାନେ ଏବେବି ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି ଜାଣି ମନ ତାଙ୍କର କେମିତି ହୋଇଯାଏ । ପରିବାର ତାଙ୍କର କେମିତି ଛିନ୍ନଛତର୍ ହୋଇ କଷ୍ଟ ଭୋଗୁଛନ୍ତି, ଏହାଜାଣି ତାଙ୍କର ମନ ଯନ୍ତ୍ରଣାରେ ଭରିଯାଏ । ଦିନ ଥିଲା ଯେଉଁ ଘର ତାଙ୍କର ସବୁଥିରେ ଭରପୁର ଥିଲା, ଆଜି ଘର ଲୋକମାନଙ୍କୁ ଭଲ କରି ଖାଇବାକୁ ମଧ୍ୟ ମିଳୁନାହିଁ । ନିର୍ମଳଙ୍କର ଆଉ କିଛି କରି ପାରିବାର ନାହିଁ । ସେ ଆଜି ବନ୍ଦୀ । କିନ୍ତୁ

କେବେ ଭାଙ୍ଗିପଡିନାହାନ୍ତି ନିର୍ମଳ । ବରଂ ନିଜକୁ ସୌଭାଗ୍ୟଶାଳୀ ମନେକରୁଥିଲେ ସେ । ଯାଉ ପଛେ ତାଙ୍କର ଧନସମ୍ପତ୍ତି । ଦୁଃଖ ଯନ୍ତ୍ରଣାରେ ସଢ଼ନ୍ତୁ ପଛେ ତାଙ୍କ ପତ୍ନୀ ଓ ପୁତ୍ର । କିନ୍ତୁ ସେ ଆଜି ଗର୍ବ କରନ୍ତି ଯେ ସେ ତାଙ୍କ ଜାତିଭାଇମାନଙ୍କୁ ଉଚିତ୍ ମାର୍ଗ ଦେଖାଇ ପାରିଛନ୍ତି । ଅନ୍ୟାୟ ଅତ୍ୟାଚାରକୁ ସର୍ବଦା ମୁଣ୍ଡପାତି ସହି ନଯାଇ କେମିତି ଆନ୍ଦୋଳନ ଦ୍ୱାରା ନିଜ ଦାବି ହାସଲ କରାଯାଇପାରେ ସେଇ କୌଶଳ ନିର୍ମଳ ଦେଖାଇ ପାରିଛନ୍ତି ସାରା ଗାଙ୍ଗପୁର ରାଜ୍ୟକୁ । ତାହା ହିଁ ତାଙ୍କର ଆତ୍ମତୃପ୍ତି । ତେଣୁ ସେ ଭାବନ୍ତି ଏ ଆନ୍ଦୋଳନ, ଏ ସଂଗ୍ରାମ ତାଙ୍କ ପାଇଁ ଓ ତାଙ୍କ ରାଜ୍ୟ ପାଇଁ ଏକ ଆଶୀର୍ବାଦ ।

୧୯୪୭ ମସିହାରେ ନିର୍ମଳ ମୁଣ୍ଡା ଜେଲଦଣ୍ଡରୁ ମୁକ୍ତି ପାଇ ପୁଣି ଫେରି ଆସିଲେ ନିଜ କର୍ମସ୍ଥଳୀ ଗାଙ୍ଗପୁରକୁ । ପୁଣି ସମାଜ ସେବାରେ ଲାଗିପଡ଼ିଲେ ନିର୍ମଳ । ନିର୍ମଳଙ୍କ ପ୍ରତ୍ୟାବର୍ତ୍ତନ ପରେ ସତେଯେପରି ମୁଣ୍ଡାମାନଙ୍କର ଜୀବନୀଶକ୍ତି ଫେରି ଆସିଥିଲା । ନିର୍ମଳ ଘୁରିବୁଲିଲେ ଗାଁ ଗାଁ, ଘରଘର । କାହାର କଣ ସୁବିଧା ଅସୁବିଧା ବୁଝିଲେ । ଏହାର ସମାଧାନ ଖୋଜିଲେ, ନିଜେ ପ୍ରସ୍ତାବ ବା ଅଭିଯୋଗ ଲୋକଙ୍କ ତରଫରୁ ଲେଖି ସରକାରଙ୍କୁ ଜଣାଇଲେ । ନିର୍ମଳ ମୁଣ୍ଡାଙ୍କ ଲୋକପ୍ରିୟତା କ୍ରମେକ୍ରମେ ବଢ଼ିବାକୁ ଲାଗିଲା । ସେଠାକାର ଲୋକମାନେ ଚାହିଁଲେ ସେମାନଙ୍କ ପ୍ରିୟ ନେତା ରାଜ୍ୟ ବିଧାନସଭାକୁ ସେମାନଙ୍କ ପ୍ରତିନିଧିଭାବେ ଯାଆନ୍ତୁ । ଏହାଦ୍ୱାରା ସେମାନଙ୍କର ଦାବି, ସୁବିଧା ଅସୁବିଧା ସେ ଠିକ୍‌ଭାବେ ସେଠାରେ ଉପସ୍ଥାପିତ କରିପାରିବେ; ସେଇଆ ହେଲା । ୧୯୫୭ ମସିହାରେ ହୋଇଥିବା ନିର୍ବାଚନରେ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ନିର୍ବାଚନ ମଣ୍ଡଳୀରୁ ବିଧାନ ସଭାକୁ ସେ ନିର୍ବାଚିତ ହୋଇଥିଲେ । ତାଙ୍କ ପ୍ରତିନିଧିତ୍ୱ ସମୟରେ ହରେକୃଷ୍ଣ ମହତାବ ଥାଆନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସୁନ୍ଦରଗଡ଼ ଅଞ୍ଚଳର ଅନେକ ଲୋକହିତକର କାର୍ଯ୍ୟ ଏହି ସମୟରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇ ପାରିଥିଲା ।

ଏହାପରେ ଅନେକ ଦିନ ଧରି ନିର୍ମଳ ମୁଣ୍ଡା ନିଜକୁ ନିୟୋଜିତ କଲେ ଦେଶ ଓ ଜାତିର ମଙ୍ଗଳ ପାଇଁ । ଶେଷରେ ୧୯୭୩ ମସିହା ଜାନୁୟାରୀ ଦୁଇ ତାରିଖ ଦିନ ତାଙ୍କ ଜୀବନ ଦୀପ ଲିଭିଗଲା । ଏଥିସହ ଏକ ମହାନ ବିପ୍ଳବୀଙ୍କ ସଂଗ୍ରାମୀ ଜୀବନର ଅବସାନ ଘଟିଲା ।

❑❑

# ପଣ୍ଡିତ ରଘୁନାଥ ମୁର୍ମୁ



ଲେଖିକା

ଦମୟନ୍ତୀ ବେଶ୍ରା

# ᱥᱟᱱᱛᱟᱲᱤ ᱯᱟᱹᱨᱥᱤ ᱚᱞᱪᱤᱠᱤ

## (LETTERS FOR SANTALI LANGUAGE)

| | | | | |
|---|---|---|---|---|
| ᱚ | ᱛ | ᱜ | ᱝ | ᱞ |
| O | Ot | Og | Ong | Ol |
| ᱟ | ᱠ | ᱡ | ᱢ | ᱣ |
| A | Ak | Aj | Am | Au |
| ᱤ | ᱥ | ᱦ | ᱧ | ᱨ |
| I | Iss | Ih | Inj | Ir |
| ᱩ | ᱪ | ᱫ | ᱬ | ᱭ |
| U | Uch | Ud | Un | Uy |
| ᱮ | ᱯ | ᱰ | ᱱ | ᱲ |
| E | Ep | Ed | En | Er |
| ᱳ | ᱴ | ᱵ | ᱶ | ᱷ |
| Oo | Oot | Oob | Ooun | Ooh |

Additional scripts used for peculiar phoneme in Santali

| | | | | |
|---|---|---|---|---|
| ᱸ | ᱹ | ~ | - | ᱽ |
| Mu tuda.g | Ga.hla. tuda.g | Rela | Pharka | Ohod |

**ବାଲ୍ୟକାଳ:**

୧୯୦୫ ମସିହାରେ ପବିତ୍ର ବୈଶାଖ ପୂର୍ଣ୍ଣିମାରେ ମୟୂରଭଞ୍ଜ ଜିଲ୍ଲାର 'ଡାହାରଡ଼ି' ଗ୍ରାମରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଜନ୍ମ ହୋଇଥିଲା । ଡାହାରଡ଼ି ଗ୍ରାମ ବର୍ତ୍ତମାନ 'ଡାଣ୍ଡବୋଷ' ନାମରେ ପରିଚିତ । ଏହା ବାମନାଘାଟୀ ସବଡ଼ିଭିଜନର ରାଇରଙ୍ଗପୁରଠାରୁ ୫ କି.ମି. ଦୂରରେ ଅବସ୍ଥିତ । ତାଙ୍କ ପିତାଙ୍କର ନାମଥିଲା ସିଦ ମାଝୀ । ତାଙ୍କୁ ନନ୍ଦଲାଲ ବୋଲି ମଧ୍ୟ ଲୋକେ କହୁଥିଲେ । ତାଙ୍କର ମାତା ଥିଲେ ସଲମା ମୁର୍ମୁ । ସାନ୍ତାଳ ମାନଙ୍କର ନାମକରଣ ପରମ୍ପରା ଅନୁସାରେ ତାଙ୍କୁ ପ୍ରଥମେ 'ଚୁନୁ' ନାମ ଦିଆଯାଇଥିଲା । କିନ୍ତୁ ନାମକରଣ ବିଶ୍ୱାସ ଅନୁସାରେ ତାଙ୍କୁ 'ଚୁନୁ' ନାମ ସହୁନାହିଁ ବୋଲି କୁହାଯାଇଥିଲା । ଫଳରେ ଓଝା (ଛାଉଳିଆ) ରଘୁନାଥ ବାସ୍କେଙ୍କର ପରାମର୍ଶ କ୍ରମେ ଜନ୍ମ ହେବାର ସାତଦିନ ପରେ ତାଙ୍କୁ ରଘୁନାଥ ନାମ ଦିଆଗଲା । କୁହାଯାଏ, ନାମକରଣ ପରିବର୍ତ୍ତନ ମାତ୍ରେ ତାଙ୍କ କାନ୍ଦିବା ବନ୍ଦ ହୋଇଯାଇଥିଲା ଏବଂ ଶରୀର ମଧ୍ୟ ସୁସ୍ଥ ହୋଇଯାଇଥିଲା । ଏହାପରଠାରୁ ସେ 'ରଘୁନାଥ' ନାମରେ ହିଁ ପରିଚିତ ହେଲେ । ଏହି ନାମ ହିଁ ତାଙ୍କ ପାଇଁ ଶୁଭଦାୟକ ହେଲା ।

**ସ୍କୁଲ ଶିକ୍ଷା : ନିମ୍ନ ପ୍ରାଥମିକ**

'ଡାହାରଡ଼ି' ଗ୍ରାମରୁ ୩ କି.ମି. ଦୂର ଗମ୍ଭାରିଆ ଏଲ୍.ପି. ସ୍କୁଲରୁ ୧୯୧୨-୧୩ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସ୍କୁଲ ଶିକ୍ଷା ଆରମ୍ଭ ହୋଇଥିଲା । ଏକ ସାଧାରଣ ମଧ୍ୟବିତ୍ତ ପରିବାରରୁ ଆସି ବିଦ୍ୟାଶିକ୍ଷା କରିବାରେ ତାଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ମାତୃଭାଷା ତାଙ୍କର ସାନ୍ତାଳୀ ଥିବା ସ୍ଥଳେ ସ୍କୁଲ ଶିକ୍ଷାର ମାଧ୍ୟମ ଥିଲା ଓଡିଆ । ତେଣୁ, ଶିକ୍ଷକଙ୍କର କୌଣସି କଥାକୁ ସେ ଠିକ୍‌ଭାବେ ବୁଝି ପାରୁନଥିଲେ । ସେ ସମୟରେ କଟକର ଜଣେ ବ୍ରାହ୍ମଣ ଶିକ୍ଷକ ସେଠାରେ ପଢ଼ାଉ ଥିଲେ । ଶିକ୍ଷକ ମହୋଦୟ ସର୍ବଦା ପାନ ଖାଉ ଥିବାରୁ ଶବ୍ଦଗୁଡିକ ସ୍ପଷ୍ଟ ଭାବରେ ଉଚ୍ଚାରଣ କରିପାରୁନଥିଲେ । ତେଣୁ ଶାନ୍ତ, ସରଳ, ଚପଳମତି ୭-୮ ବର୍ଷର ବାଳକ ରଘୁନାଥଙ୍କ ପାଇଁ ଓଡିଆ ଭାଷା ଆହୁରି ଦୁର୍ବୋଧ ମନେ ହେଉଥିଲା । ନିଜ ପରିବାର, ପାଖପଡିଶା ତଥା ସାଙ୍ଗସାଥିଙ୍କ ମେଳରେ ହସ ଖୁସିରେ ରହୁଥିବା ରଘୁନାଥ ସ୍କୁଲକୁ ଗଲେ ମୂକପ୍ରାୟ ହୋଇଯାଉଥିଲେ । ତାଙ୍କର ଭାଷାକୁ ଶିକ୍ଷକମାନେ କିମ୍ବା ଶିକ୍ଷକଙ୍କ ଭାଷାକୁ ସେ ବୁଝିପାରୁ ନଥିଲେ । ସେଥିପାଇଁ ସେ ପାଠପଢ଼ା ଛାଡିଦେବେ ବୋଲି ମନସ୍ଥ କରିଥିଲେ । ଏକଦା ପିତା ସିଦ ମାଝୀଙ୍କ ନିକଟରେ ନିଜର ସମସ୍ତ ଅସୁବିଧାକୁ ଉତ୍‌ଥାପନ କରିଥିଲେ । ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କରିବା ଭଳି ଯୋଗ୍ୟତା ବାପାଙ୍କର ନଥିଲା । ତଥାପି ପୁଅକୁ ପାଠ ପଢ଼ାପ୍ରତି ଆକର୍ଷିତ କରିବା ପାଇଁ ବିବେକ ପୂର୍ଣ୍ଣ ଉପଦେଶ ପ୍ରଦାନ କରି ସିଦ ମାଝି କହିଥିଲେ - 'ପ୍ରତିଦିନ ସ୍କୁଲକୁ ଗଲେ ଓଡିଆ ଭାଷା ଶିଖି ପାରିବୁ । ଶିଖିଲା ପରେ ବୁଝିବାରେ କୌଣସି ଅସୁବିଧା ରହିବ ନାହିଁ ।'

ଏହି କଥା ଶୁଣିଲା ପରେ ନିରୀହ ରଘୁନାଥ ବାରମ୍ବାର ବାପାଙ୍କ ମୁହଁକୁ ଚାହୁଁଥିଲେ । ସେତେବେଳେ ଅତି ମନ ଦୁଃଖରେ ସରଳ ଭାବରେ ସେ ବାପାଙ୍କୁ କହିଥିଲେ, 'ବାପା ମୋତେ ସାନ୍ତାଳ ସ୍କୁଲରେ ପାଠ ପଢ଼ାଅ ।' ସିଦମାଝି କ'ଣ ବା ଉତ୍ତର ଦେବେ ପୁଅର ଏମିତି ଏକ ଆଗ୍ରହ ପାଇଁ ? ନିମ୍ନ ପ୍ରାଥମିକ ଶିକ୍ଷା

ପାଇଁ ଯେଉଁଠି ଅବୋଧ ଶିଶୁମାନଙ୍କୁ ୩/୪ କି.ମି. ବାଟ ଚାଲିବାକୁ ହୁଏ, ସେଇଠି ସାନ୍ତାଳୀ ଭାଷାକୁ ପ୍ରାଧାନ୍ୟ ଦେବ ବା କିଏ ଯେ ସେମାନେ ସାନ୍ତାଳୀ ସ୍କୁଲରେ ପଢ଼ିବେ ? ତେଣୁ ରଘୁନାଥ ନୁଆ ସାର୍ଟ ପ୍ୟାଣ୍ଟ ସହିତ ସ୍କୁଲକୁ ଗଲେ ସେ ଯାହା ଚାହିଁବ ତାହା ତାକୁ ଦିଆଯିବ କହି ସିଦ ମାଝୀ ପୁଅକୁ ସ୍ୱାନ୍ତ୍ୱନା ଦେଉଥିଲେ ।

ନିଜ ଭାଷାକୁ ଛାଡି ଅନ୍ୟ ଏକ ଭାଷା ଶିକ୍ଷା ନକରି ସେଇ ଭାଷାରେ ଭାବର ଆଦାନ ପ୍ରଦାନ କରିବା ଯେ କେତେ କଷ୍ଟକର ତାହା କେବଳ ଅସୁବିଧାର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ହିଁ ହୃଦୟଙ୍ଗମ କରିପାରିବ । ପ୍ରତ୍ୟେକ ପିତାମାତା ଭଳି ସିଦ ମାଝି ମଧ୍ୟ 'ପାଠ ପଢ଼ିଲେ ସବୁ ଜାଣିବୁ' ନ୍ୟାୟରେ ପୁଅକୁ ଅଧିକରୁ ଅଧିକ ପଢ଼ିବା ପାଇଁ ଆତ୍ମବିଶ୍ୱାସ ତଥା ପ୍ରେରଣା ଦେଉଥିଲେ । ପିତାଙ୍କର ପ୍ରେରଣା ଓ ନିଜର ଆତ୍ମବିଶ୍ୱାସ ବଳରେ ରଘୁନାଥ ପରବର୍ତ୍ତୀ କାଳରେ ରଚନା କରିଥିଲେ 'ଅଲ୍ ଚେମେଦ୍' ପୁସ୍ତକ । ଏହି ପୁସ୍ତକଟିକୁ 'ଅକ୍ଷର ଶିକ୍ଷା' ବା 'ବର୍ଣ୍ଣବୋଧ' ଭାବରେ ଗ୍ରହଣ କରାଯାଇଛି । ତାଙ୍କ କୋମଳ ପ୍ରାଣର କଳ୍ପିତ ସ୍ୱପ୍ନ ସମୟାନୁକ୍ରମେ ବାସ୍ତବତାର ରୂପ ଗ୍ରହଣ କରିଛି । ଶିଶୁ ରଘୁନାଥ ଯେଉଁ ସୁବିଧାରୁ ବଞ୍ଚିତ ଥିଲେ ତାଙ୍କର ଉତ୍ତର ଦାୟାଦମାନେ ଆଜି ସେ ସୁଯୋଗ ପାଇଛନ୍ତି । ବର୍ତ୍ତମାନ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର ଏଲ.ପି. ସ୍କୁଲମାନଙ୍କରେ ସାନ୍ତାଳୀ ଶିଶୁମାନଙ୍କୁ ତାଙ୍କର ମାତୃଭାଷାରେ ଶିକ୍ଷା ପ୍ରଦାନ କରାଯାଉଅଛି ।

## ଉଚ୍ଚ ପ୍ରାଥମିକ ଶିକ୍ଷା

ରଘୁନାଥ ମୁର୍ମୁ ଗମ୍ଭାରିଆ ସ୍କୁଲରୁ ନିମ୍ନ ପ୍ରାଥମିକ ଶିକ୍ଷା ସମାପ୍ତ କରି ୧୯୧୪-୧୫ରେ ବହଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଲେ । ଏହା ତାଙ୍କ ଗ୍ରାମଠାରୁ ୧୧ କିଲୋମିଟର ଦୂରରେ ଥିବାରୁ ନିତିଦିନ ଯା'ଆସ କରିବା ସମ୍ଭବ ନଥିଲା । ସେଠାରେ ରହିବା ପାଇଁ କୌଣସି ଛାତ୍ରାବାସ ମଧ୍ୟ ନଥିଲା । ତେଣୁ, ରଘୁନାଥ ସାଙ୍ଗମାନଙ୍କ ସହିତ ବହଳଦା ନିକଟସ୍ଥ ବାନାଡୁଙ୍ଗୁରୀ ଗ୍ରାମର ସୀମାରେ ଗୋଟିଏ ସ୍ଥାନ ନିରୂପଣ କଲେ । ଉକ୍ତ ଜାଗାଟି ସେହି ଗ୍ରାମର ପୋଲିସ ଇନ୍ସପେକ୍ଟର ଅନନ୍ତ ମାଝୀଙ୍କର ଥିଲା । ତାଙ୍କ ପରାମର୍ଶକ୍ରମେ ରଘୁନାଥ ସାଙ୍ଗମାନଙ୍କ ସହିତ ମିଶି ନିଜ ହାତରେ ସେଠାରେ ଏକ ବସାଘର ନିର୍ମାଣ କରି ରହିଲେ । ରଘୁନାଥ ମନିଟର ଥିବାରୁ ସେହି ବସାଘରର ନାମ କ୍ରମଶଃ 'ଚୁନୁବସା' ନାମରେ ପରିଚିତ ହେଲା । ଏହି ବସାଘରୁ ହିଁ ରଘୁନାଥ ପାଠ ପଢ଼ାରେ ମନୋନିବେଶ କରିଥିଲେ ଏବଂ ଏହି ବିଦ୍ୟାଳୟରୁ ଉଚ୍ଚ ପ୍ରାଥମିକ ଏବଂ ମଧ୍ୟ ଇଂରାଜୀ ଶିକ୍ଷା ସମାପନ କରିଥିଲେ । ଚୁନୁବସାରେ ରହୁଥିବା ସମୟରେ ଜଣେ ମୁକ ରୋଷେଇଆକୁ ରଖିଥିଲେ । ତା'ର ଭାଷାକୁ କେବଳ ରଘୁନାଥ ହିଁ ବୁଝିପାରୁଥିଲେ । ଲିପି ଉଦ୍ଭାବନ ସମୟରେ ଏହି ବ୍ୟକ୍ତିର ଇଙ୍ଗିତ, ହାବଭାବ, ଅଙ୍ଗଭଙ୍ଗୀ ଆଦି ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଥିଲା ।

'ତୁଳସୀ ଦୁଇ ପତ୍ରରୁ ବାସିଲା' ପରି ଖୁବ୍ ଅଳ୍ପ ବୟସରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିଭାର ପରିପ୍ରକାଶ ଘଟିଥିଲା । ବହଳଦା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ବିଭିନ୍ନ ରକମର ଗାଡ଼ି ଏବଂ କଣ୍ଢେଇ ତିଆରି କରି ସେ ନିଜର କାରିଗରୀ କଳାକୌଶଳ ପ୍ରତିଭାର ପରିଚୟ ଦେଇଥିଲେ । ଖେଳଛୁଟି ସମୟରେ ସେ ସାଙ୍ଗମାନଙ୍କ ସହିତ ଖେଳୁ ନଥିଲେ । ଅବସର ସମୟରେ ଏକାକୀ ବସି

ଗୁଣୁଗୁଣୁ ହୋଇ ଓଡିଆରେ କିମ୍ବା ସାନ୍ତାଳୀ ଭାଷାରେ ଗୀତ ଗାଉଥିଲେ । ଅବସର ପାଇଲା ମାତ୍ରେ ଦାଣ୍ଡ ଧୂଳି ଉପରେ ହେଉ କିମ୍ବା ବାଲି ଉପରେ ହେଉ ଯେ କୌଣସି ସ୍ଥାନରେ ବସି ପଡ଼ି ଚିତ୍ର (ଲିପି) ଆଙ୍କୁଥିଲେ ।

ଥରେ ଖେଳ ଛୁଟିରେ ମାଟି ଓ କାଠି ସାହାଯ୍ୟରେ ଏକ ପିତୁଳା (କଣ୍ଢେଇ) ତିଆରି କରି ତା ଦେହରେ ସୂତା ଖଞ୍ଜି ଦେଇ ସୂତାକୁ ଟାଣି ନଚଉଥିଲେ । ଏହାକୁ ଦେଖି ମନେମନେ ସେ ଭାରି ଖୁସି ହୋଇଗଲେ । ସାଙ୍ଗମାନଙ୍କୁ ମଧ୍ୟ ଡାକି ଦେଖେଇଲେ । ସେମାନଙ୍କୁ ମଧ୍ୟ ଏଇ ପିତୁଳା ନାଚ ବେଶ୍ କୌତୁକ ପ୍ରଦାନ କଲା । ତାଙ୍କର ବରିଷ୍ଠ ସହପାଠୀମାନେ କହିଲେ 'ପିତା ଗୁଣେ ପୁତ୍ର' ହୋଇଛି । ତାଙ୍କ ବାପା ମଧ୍ୟ ଜଣେ କାରିଗର, ତାଙ୍କରି କଳାହିଁ ଆଣିଛି । ରଘୁନାଥ ବଡ଼ ହୋଇ ନିଶ୍ଚୟ କୁଶଳ କାରିଗର ହୋଇପାରିବ ।

ବହୁ ଲୋକଙ୍କ ହୃଦୟରେ ଯେଉଁ ବାଣୀ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ପ୍ରକୃତରେ ବଡ ହେଲାପରେ ନିଜର କାରିଗରୀ କଳା ନୈପୁଣ୍ୟକୁ ରଘୁନାଥ ପ୍ରଦର୍ଶନ କରି ପାରିଥିଲେ । ତାଙ୍କର ଉତ୍ତମ ଲୁଗାବୁଣା, କାଠ ନିର୍ମିତ ସାଇକେଲ ତଥା ନିଜ ହାତରେ ଅଲଚିକି ଲିପିର ଛାପାକଳ ତିଆରି କରିବା ବାସ୍ତବରେ ତାଙ୍କ କାରିଗରୀ କୌଶଳର ଉତ୍କୃଷ୍ଟ ପରିଚୟ ପ୍ରଦାନ କରିଥାଏ ।

ପିଲାଦିନେ ପଣ୍ଡିତ ରଘୁନାଥ ମୁର୍ମୁ ପାଠ ପଢ଼ାରେ ଖୁବ୍ ଦୁର୍ବଳ ଥିଲେ । ପିତାଙ୍କ ଅନୁରୋଧ କ୍ରମେ ସେହି ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକ ମଦନମୋହନ ସାର୍ ତାଙ୍କୁ ଟ୍ୟୁସନ ପଢ଼ାଉଥିଲେ । ଶିକ୍ଷକ ମହାଶୟ ପ୍ରତିଦିନ ସନ୍ଧ୍ୟା ବେଳେ ଆସି ରଘୁନାଥଙ୍କୁ ପଢ଼ାଇବା ସହିତ, ବସାର ଅନ୍ୟ ପିଲାମାନଙ୍କୁ ମଧ୍ୟ ପଢ଼ାଉଥିଲେ । ରଘୁନାଥ ଦିନେ ଇତିହାସ ପଢୁଥିଲେ । ସେଥିରେ ଆର୍ଯ୍ୟ ଓ ଅନାର୍ଯ୍ୟ ଜାତି ବିଷୟ ଲେଖା ହୋଇଥିଲା । ପଢୁ ପଢୁ ସେ ଅନାର୍ଯ୍ୟ ମାନଙ୍କର ଅସଭ୍ୟତା ବିଷୟ ପଢ଼ିଲେ । ଶିକ୍ଷକଙ୍କୁ ଅସଭ୍ୟତାର ଅର୍ଥ ବୁଝାଇବା ପାଇଁ ଆଗ୍ରହ ପ୍ରକାଶ କଲେ । ଶିକ୍ଷକ ମଧ୍ୟ ବୁଝାଇଦେଲେ । ରଘୁନାଥ ପୁଣି ପଢ଼ିବାକୁ ପାଇଲେ, 'ଆଜିକାଲି ଯେଉଁ କୋହ୍ଲ, କନ୍ଧ, ସାନ୍ତାଳ, ଜୁଆଙ୍ଗ ପ୍ରଭୃତି ଜାତିର ଲୋକଙ୍କୁ ଦେଖୁଅଛ ସେମାନେ ସମସ୍ତେ ସେମାନଙ୍କର ବଂଶଧର ଅଟନ୍ତି ।'

ଶିକ୍ଷକ ମଧ୍ୟ ପଢ଼ିଲେ ଏବଂ କହିଲେ, 'ହଁ, ତୁମେ କ'ଣ ବୁଝି ପାରୁନାହଁ ? ରଘୁନାଥ ପଚାରିଲେ 'ସାର ! ତେବେ ଆମେ ବି ଅସଭ୍ୟ ଜାତି ?' ସାର୍ କହିଲେ, 'ହଁ, ତୁମେ ବି ସେ ଜାତିର ଲୋକ ଯେ ×××' ଏହାପରେ ସାର୍ ଭାରତରେ ପ୍ରଚଳିତ ଜାତି ଭେଦ ବିଷୟ ବୁଝାଇ ଚାଲିଗଲେ । ସାନ୍ତାଳ ଜାତି ଯେ ଅନାର୍ଯ୍ୟ ଅସଭ୍ୟ ଏକଥା ରଘୁନାଥଙ୍କ ହୃଦୟକୁ ଗଭୀର ଭାବରେ ଆଘାତ କଲା । ମୁଖମଣ୍ଡଳ ତାଙ୍କର ମଳିନ ପଡ଼ିଗଲା, ସତେ ଯେପରି ପାଠ ପଢ଼ିବାର ସମସ୍ତ ଆଗ୍ରହ ତାଙ୍କର ସେଇଠି ଶେଷ ହୋଇ ଯାଇଥିଲା । ମନେ ମନେ ପ୍ରତିଜ୍ଞା କଲେ ନିଜ ଜାତିର ଟେକ ସେ ନିଶ୍ଚୟ ରଖିବେ । ସେହି ଦିନଠାରୁ ଚେଷ୍ଟା ଚଳାଇଥିଲେ ସାନ୍ତାଳୀ ଲିପି ଉଦ୍ଭାବନ ପାଇଁ । ପରିଶେଷରେ ରଘୁନାଥଙ୍କ ଚେଷ୍ଟା ଫଳବତୀ ହୋଇଥିଲା । ଅନାର୍ଯ୍ୟ, ଅସଭ୍ୟ ଜାତିକୁ ସେ ଶିକ୍ଷା ଓ ସଭ୍ୟତାର ମଶାଲ ଦେଇ ଯାଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ନିଜ ଜାତିକୁ ଜାତୀୟ ସ୍ତରରେ ପରିଚିତ କରାଇଛନ୍ତି ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ଦିଶମ ଗଲାମ୍ ସାଓନା ମୁର୍ମୁ ସହିତ ପୁନଃ ସାକ୍ଷାତ

ହାଇସ୍କୁଲରେ ପଢ଼ିବା ପାଇଁ ବାରିପଦା ସ୍ଥିତ ଏମ୍.କେ.ସି. ହାଇସ୍କୁଲରେ ରଘୁନାଥ ନାମ ଲେଖାଇଲେ । ଏଠାକୁ ଆସିଲାପରେ ସାଓ୍ୱନା ମୁର୍ମୁଙ୍କ ସହିତ ତାଙ୍କର ପୁନର୍ବାର ସାକ୍ଷାତ ହେଲା । ସାଓ୍ୱନା ମୁର୍ମୁ ସମ୍ପର୍କରେ ତାଙ୍କର ମାମୁଁ । ପୂର୍ବରୁ ଗମ୍ଭରିଆ ଏବଂ ବହଳଦା ଏମ୍.ଇ. ସ୍କୁଲରେ ମଧ୍ୟ ସେମାନେ ସାଙ୍ଗ ହୋଇ ରହୁଥିଲେ । ବୟସରେ ସେ ରଘୁନାଥଙ୍କ ଠାରୁ ଗୋଟିଏ ବର୍ଷ ବରିଷ୍ଠ ଥିଲେ । ରଘୁନାଥ ହାଇସ୍କୁଲରେ ପଢ଼ିବା ପାଇଁ ଆସିଲା ବେଳକୁ ସାଓ୍ୱନା ଶିକ୍ଷକ ତାଲିମ ପ୍ରାପ୍ତ କରିବା ପାଇଁ ବାରିପଦାରେ ଥିଲେ । ଉଭୟଙ୍କ ସାକ୍ଷାତରେ ମଣି କାଞ୍ଚନର ସଂଯୋଗ ହେଲା । ସାଓ୍ୱନା ମୁର୍ମୁ ଥିଲେ ତାଙ୍କର ସହଯୋଗୀ ଏବଂ ଶିଷ୍ୟ । ସେ ନିର୍ଭୀକ ଚିତ୍ତରେ ତାଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଆନ୍ତରିକ ସମର୍ଥନ ଦେଇ ଆସୁଥିଲେ । ଏମ.କେ.ସି ହାଇସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ହିଁ ରଘୁନାଥ ଅଲଚିକି ଲିପିର ଉଦ୍ଭାବନର ଶୁଭାରମ୍ଭ କରିଥିଲେ । ଲିପିକୁ ସମ୍ପୂର୍ଣ୍ଣ କରିବା ପାଇଁ ସାଓ୍ୱନା ମୁର୍ମୁ ବାରମ୍ବାର ତାଙ୍କୁ ସ୍ମରଣ କରାଇ ଉତ୍ସାହ ପ୍ରଦାନ କରୁଥିଲେ । ୧୯୨୪ ମସିହାରେ ସେ ମ୍ୟାଟ୍ରିକ ପାଶ କଲେ । ଏହାପରେ ପାଠ ପଢ଼ାରେ ଡୋରି ବାନ୍ଧିଲେ ।

## ବିବାହ ଓ ଚାକିରୀ

ମ୍ୟାଟ୍ରିକ ପାଶ କରିବା ପରେ ରଘୁନାଥଙ୍କ ହାତରେ କୌଣସି କାମ ନଥିଲା । ଜାତି ପାଇଁ, ଦେଶ ପାଇଁ ତାଙ୍କର ପ୍ରାଣ ସର୍ବଦା କାନ୍ଦୁଥିଲା । ତେଣୁ କିଛି ଗୋଟାଏ କରିବା ପାଇଁ ସେ ସଂକଳ୍ପବଦ୍ଧ ହେଲେ । ଏହି ସମୟରେ ପରିବାର ଲୋକେ ତାଙ୍କୁ ବିବାହ ବନ୍ଧନରେ ବାନ୍ଧିଦେଲେ । ଜାମଝକା କୁଚୁଙ୍ଗ୍ (ବିହାର)ର ନହା ବାସ୍କେ ତାଙ୍କର ଜୀବନ ସଙ୍ଗିନୀ ହେଲେ । ସାଂସାରିକ ଦାୟିତ୍ୱ କ୍ରମଶଃ ବଢ଼ିବାରୁ ଚାକିରୀ କରିବା ପାଇଁ ମନ ବଳାଇଲେ । ବାରିପଦା ପାଓ୍ୱାର ହାଉସରୁ ଆପ୍ରେନ୍‌ଟର୍ସିପ ତାଲିମ ପ୍ରାପ୍ତ କଲାପରେ ସେଠାକାର ଲୁଗା କାରଖାନାରେ ସେ ଯୋଗଦେଲେ । ତାଙ୍କର ବସ୍ତ୍ର ବୟନ କଳା ଚମତ୍କାର ଥିଲା । ତାଙ୍କ ବୁଣା ବସ୍ତ୍ରର ଚାହିଦା ମଧ୍ୟ ଭଲ ଥିଲା । ୧୯.୦୬.୧୯୩୦ ରୁ ୧୭.୦୬.୧୯୩୬ ପର୍ଯ୍ୟନ୍ତ ରଘୁନାଥ ସେଠାରେ କାର୍ଯ୍ୟ କରିଥିଲେ । ତାଙ୍କର କାର୍ଯ୍ୟକୁ ପର୍ଯ୍ୟାଲୋଚନା କରିବା ପାଇଁ ତତ୍‌କାଳୀନ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ନିଜର ଦେଓ୍ୱାନ ତଥା ଡାକ୍ତର ପି. କେ. ସେନଙ୍କୁ ପଠାଇଥିଲେ । ତାଙ୍କର ଶିଳ୍ପ କଳା ଉଚ୍ଚକୋଟୀର ଥିବାରୁ ତାଙ୍କୁ ଅଧିକ ଦକ୍ଷ କରିବା ଉଦ୍ଦେଶ୍ୟରେ ଶିଳ୍ପଗତ ତାଲିମ ପାଇଁ କଲିକତାର ଶ୍ରୀରାମପୁରକୁ ପଠାଯାଇଥିଲା । ସେଠାରୁ ଫେରିବା ପରେ ବାରିପଦାର ପୂର୍ଣ୍ଣଚନ୍ଦ୍ର ଶିଳ୍ପ ତାଲିମ ଅନୁଷ୍ଠାନରେ ରଘୁନାଥଙ୍କୁ ଉପଦେଷ୍ଟା ଭାବରେ ନିଯୁକ୍ତି ମିଳିଲା । ମାତ୍ର ସେଠାରେ ଚାକିରି କରିବାର ଛଅ ମାସ ଭିତରେ ପିତାଙ୍କର ଦେହାବସାନ ଘଟିଲା । ଏହି ଚାକିରି ପାଇଁ ତାଙ୍କର ପିତା ପାଞ୍ଚବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ ମଧ୍ୟ ଦୂରରେ ରହି ଚାକିରୀ କରିବା ରଘୁନାଥଙ୍କ ପକ୍ଷେ ଆଉ ସମ୍ଭବ ହୋଇ ପାରିଲା ନାହିଁ । ସେତେବେଳକୁ ପରିବାରର ସଭ୍ୟ ସଂଖ୍ୟା ମଧ୍ୟ ବଢ଼ିଯାଇଥିଲା । ତାଙ୍କର ଚାରିପୁଅ ସିଦ୍ଧଲାଲ, ଦଶରଥ, ଜିତ୍ ରାୟ ଏବଂ ବୈଦ୍ୟନାଥଙ୍କ ବ୍ୟତୀତ ଏକ ମାତ୍ର କନ୍ୟା 'ବାହାମାଇଁ' ମଧ୍ୟ ଜନ୍ମଗ୍ରହଣ କରିସାରିଥିଲେ । କନ୍ୟା ବାହାମାଇଁ ବିବାହର ଅଳ୍ପ ବର୍ଷ ପରେ ଶିଶୁ କନ୍ୟାକୁ ଛାଡି ସ୍ୱର୍ଗାରୋହଣ କରିଥିଲେ । ପାରିବାରିକ ସମସ୍ୟା ଜଟିଳ ଥିବାରୁ ଦେଓ୍ୱାନ

ସାହେବଙ୍କୁ ଅନୁରୋଧ କଲେ ତାଙ୍କ ଗ୍ରାମ ପାଖାପାଖି ଚାକିରିରେ ଥଇଥାନ କରିବାପାଇଁ । ଦେୱାନ ସାହେବ ରଘୁନାଥ ମୁର୍ମୁଙ୍କପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା ପୂର୍ବକ ରାଇରଙ୍ଗପୁର ନିକଟସ୍ଥ ବଡ଼ାମତଲିଆ ମଡେଲ ସ୍କୁଲକୁ ଶିଳ୍ପ ତାଲିମ ଶିକ୍ଷକ ଭାବରେ ପଠାଇଲେ । ସେଠାକାର ହେଡ୍ ପଣ୍ଡିତ ସୁରେନ୍ ପତି ପ୍ରମୋଶନ ପାଇ ଟ୍ରେନିଂରେ ଯିବାରୁ ରଘୁନାଥ ମୁର୍ମୁ ହିଁ ସେଠାରେ ଶିଳ୍ପ ତାଲିମ ଶିକ୍ଷକ ସହିତ ହେଡ୍ ପଣ୍ଡିତ ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କଲେ । ସେଠାର ଛାତ୍ରମାନଙ୍କୁ ଶିକ୍ଷା ଦେବାର ଅଳ୍ପ ସମୟ ମଧ୍ୟରେ ସେ ଛାତ୍ରମାନଙ୍କର ବେଶ୍ ପ୍ରିୟଭାଜନ ହୋଇପାରିଥିଲେ ।

୧୯୫୬ ମସିହାରେ ରଘୁନାଥ ମୁର୍ମୁଙ୍କର ପଦୋନ୍ନତି ହେବାରୁ ସେ ରାଇରଙ୍ଗପୁର ହାଇସ୍କୁଲକୁ ସ୍ଥାନାନ୍ତର ହୋଇଥିଲେ । ପାରିବାରିକ ଅସୁବିଧା ଯୋଗୁ ରାଇରଙ୍ଗପୁରରେ ମଧ୍ୟ ଚାକିରୀ କରିବା ତାଙ୍କ ପକ୍ଷେ ସମ୍ଭବ ହେଲାନାହିଁ । ଏପଟେ ସାନ୍ତାଳୀ ଭାଷାକୁ ଏକ ପୃଥକ ଲିପି ଦେବା ପାଇଁ ତାଙ୍କର ମନ ସର୍ବଦା ବ୍ୟାକୁଳ ହେଉଥିଲା । ଚାକିରୀରେ ଥାଇ ଏହି ସବୁ କାମ ହୋଇପାରୁ ନଥିବାରୁ ରଘୁନାଥ ମୁର୍ମୁ ଶେଷରେ ୧୯୫୬ ମସିହାରେ ସ୍ୱେଚ୍ଛାରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ ।

## ଅଲଚିକି ଲିପି ଉଦ୍ଭାବନ

ବାରିପଦାର ଏମ୍.କେ.ସି ହାଇସ୍କୁଲରେ ପଢୁଥିବା ସମୟରେ ହିଁ ସାନ୍ତାଳୀ ଲିପି 'ଅଲଚିକି'ର କେତୋଟି ବର୍ଣ୍ଣକୁ ରଘୁନାଥମୁର୍ମୁ ଉଦ୍ଭାବନ କରିଥିଲେ । କିନ୍ତୁ ସେତେବେଳେ ତାକୁ ସମ୍ପୂର୍ଣ୍ଣ କରିପାରିନଥିଲେ । ବଡାମ ତାଲିଆ ମଡ଼େଲ ଶିଳ୍ପ ତାଲିମ ଶିକ୍ଷକ ଭାବରେ ଯୋଗ ଦେଲା ବେଳକୁ ସେଠାରେ ପୁଣି ସାୱନା ମୁର୍ମୁଙ୍କୁ ସହକର୍ମୀ ଭାବରେ ପାଇଲେ । ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସାୱନା ମୁର୍ମୁ ତାଙ୍କୁ ସଚେ୍ତନ କରାଇ ଦେଲେ । ସାୱନା ମୁର୍ମୁ ସ୍କୁଲର ସମସ୍ତ ଦାୟିତ୍ୱ ନିଜେ ବହନ କରି ରଘୁନାଥଙ୍କୁ ଲେଖିବା ପାଇଁ ସୁଯୋଗ ଓ ଉତ୍ସାହ ପ୍ରଦାନ କଲେ । ବିନ୍ଦୁ ଚାନ୍ଦାନଙ୍କ ଆଶୀର୍ବାଦରୁ ରଘୁନାଥ ମୁର୍ମୁଙ୍କର ସ୍ୱପ୍ନ ସାକାର ହେଲା । ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଚେଷ୍ଟା ଶେଷରେ ସଫଳ ହେଲା । ଅଲଚିକି ଲିପିକୁ ସମ୍ପୂର୍ଣ୍ଣ କଲେ ।

୧୯୪୮ ମସିହାରେ ଆଦିବାସୀମାନଙ୍କର ଏକ ମହାସଭା 'ଖଳମ୍ ବେଡ଼ା'ଠାରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ସେଠାରେ ୧୪୪ ଧାରା ଜାରି ହେବାରୁ ବିଶୋଇଠାରେ ସଭା ଅନୁଷ୍ଠିତ ହୋଇଥିଲା । ସେଠାରେ ରଘୁନାଥ ମୁର୍ମୁଙ୍କୁ ପଚରାଯାଇଥିଲା, ସେ 'ଅଲଚିକି' କିପରି ଉଦ୍ଭାବନ କଲେ ? ରଘୁନାଥ ମୁର୍ମୁ ଉତ୍ତର ଦେଇଥିଲେ ଯେ ବିଦୁଚାନ୍ଦାନଙ୍କ ଆଶୀର୍ବାଦରୁ ଅଲଚିକି ଉଦ୍ଭାବନ କରିବାରେ ସଫଳ ହୋଇଥିଲେ । ବିଦିତ ଅଛି ଯେ, ବିଦୁଚାନ୍ଦାନ ସ୍ୱପ୍ନରେ ବାରମ୍ବାର ଆସି 'ଅଲଚିକି' କେବେ ଆରମ୍ଭ କରୁଛନ୍ତି' ବୋଲି ପଚାରୁଥିଲେ । ତେଣୁ ସେ ସ୍ୱୀକାର କରିଥିଲେ ଯେ ଦୈବୀ ପ୍ରେରଣାହିଁ ତାଙ୍କର ଅଧ୍ୟବସାୟ ମୂଳରେ ଥିଲା ।

୧୯୨୫ ମସିହାରେ ତାଙ୍କଦ୍ୱାରା ଉଦ୍ଭାବିତ ଲିପିକୁ ସେ ଲୋକଲୋଚନକୁ ଆଣିଲେ । ଲିପିକୁ ଚେମେଞ୍ଜୁଳି (ବିହାର)ର ଏକ ମହାସଭାରେ ପ୍ରଥମ କରି ପ୍ରଦର୍ଶିତ କଲେ କିନ୍ତୁ ଏଥିପ୍ରତି ଲୋକେ ବିଶେଷ ଆକୃଷ୍ଟ ହେଲେ ନାହିଁ । ତାଙ୍କର ଭାଲେଣି ପଡ଼ିଲା ଲିପି କିପରି ସମସ୍ତଙ୍କ ଦ୍ୱାରା ଆଦୃତ ହେବ । ଏତେ ବଡ଼ ସମସ୍ୟାର ସମାଧାନ ସେ କିପରି କରିବେ ସେହି ଚିନ୍ତା ଦିନରାତି ତାଙ୍କୁ ଘାରିଲା । ସତେବେଳେ

ସାନ୍ତାଳ ସମାଜର ଅତିକମ୍ ଲୋକ ଶିକ୍ଷାର ମହତ୍ତ୍ୱ ବୁଝି ପାରୁଥିଲେ । ତେଣୁ ଅଲଚିକି ଲିପିକୁ ଗ୍ରହଣ କରିବା ଏକ ଦୁରୂହ ବ୍ୟାପାର ଥିଲା ଏକ ଜନଜାଗରଣର ଆବଶ୍ୟକତା ଜରୁରୀ ହୋଇ ପଡିଥିଲା । ରଘୁନାଥ ମୁର୍ମୁ ସଦାବେଳେ ନିଜ ପାଖରେ ଏକ ନୋଟ୍‌ବୁକ୍ ଓ ପେନସିଲ ରଖୁଥିଲେ । ଯେତେବେଳେ ଯାହା ମନେ ପଡିଯାଏ ସଙ୍ଗେସଙ୍ଗେ ଟିପି ରଖୁଥିଲେ । ଦିନେ ଦିନେ ଭୋକ ଉପାସରେ ନୋଟ୍ ବୁକ୍‌ରେ ଟିପୁଥାନ୍ତି । ଏହିପରି ଅକ୍ଲାନ୍ତ ପରିଶ୍ରମ କରି ସାନ୍ତାଳମାନଙ୍କ ମଧ୍ୟରେ ଜନଜାଗରଣ ଆଣିବା ପାଇଁ ତାଙ୍କର ପ୍ରଥମ ନାଟକ 'ବିଦୁଚାନ୍ଦାନ' ରଚନା କଲେ ।

ଏହି ନାଟକରେ, ଅସାଧକୁ ଶିକ୍ଷା ମାଧ୍ୟମରେ କିପରି ସାଧ କରାଯାଇ ପାରିବ ତାହାହିଁ ଦର୍ଶାଯାଇଛି । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମିଳନର ସମସ୍ତ ପଥ ଅବରୁଦ୍ଧ ଥିବା ସତ୍ତ୍ୱେ ସେମାନେ ପରସ୍ପରକୁ ଭେଟୁଥିଲେ ଓ ଲିପି ସଙ୍କେତ ମାଧ୍ୟମରେ ଭାବର ବିନିମୟ କରୁଥିଲେ । ଲିପିଶିକ୍ଷା କରିଥିଲେ ସମସ୍ତଙ୍କ ଗୋଚରରେ ଜଣକର ଗୋପନ ଭାଷା ଆଉ ଜଣକ ନିକଟରେ କିପରି ପହଞ୍ଚିପାରେ ତାହାହିଁ ନାଟକ ଛଳରେ ସେ ଦର୍ଶାଇଛନ୍ତି । ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ସମସ୍ତଙ୍କ ହୃଦୟକୁ 'ଅଲଚିକି' ସ୍ପର୍ଶ କରୁ, ଏହାହିଁ ରଘୁନାଥଙ୍କ ମୂଖ୍ୟ ଉଦ୍ଦେଶ୍ୟ ଥିଲା ।

ସାନ୍ତାଳୀ ସମାଜରେ ଅଲଚିକିକୁ ଗ୍ରହଣ ଯୋଗ୍ୟ କରିବା ପାଇଁ ରଘୁନାଥ ମୁର୍ମୁ ନିଜ ଉଦ୍ୟମରେ ନିଜ ଗାଁରେ ସ୍କୁଲଟିଏ ଖୋଲିଲେ । ଦୁଇବର୍ଷ ଭିତରେ ନିଜ ଗ୍ରାମର ଲୋକମାନଙ୍କୁ ଶିକ୍ଷିତ କଲେ । ତାପରେ ସେ ଅନ୍ୟାନ୍ୟ ଜାଗା ବୁଲିଲେ । ବୁଲିବୁଲି ଶିକ୍ଷା ଦେବାପାଇଁ ରଘୁନାଥ ମୁର୍ମୁଙ୍କୁ ସହାୟତା କରିବାପାଇଁ ସାନ୍ତ୍ୱନା ମୁର୍ମୁଙ୍କର ଯଥେଷ୍ଟ ଅବଦାନ ରହିଛି ।

୧୯୩୮ ମସିହାରେ ରଘୁନାଥ ମୁର୍ମୁ ନିଜ ହାତରେ କାଠର ଏକ ଛାପାକଳ ତିଆରି କଲେ । ସେହବର୍ଷ ମାର୍ଚ୍ଚ ମାସରେ ସାନ୍ତ୍ୱନା ମୁର୍ମୁ ଏହାକୁ ବାରିପଦାରେ ଅନୁଷ୍ଠିତ ହୋଇଥିବା ପ୍ରଦର୍ଶନୀରେ ପ୍ରଦର୍ଶିତ କଲେ । ଇତି ମଧ୍ୟରେ ଦେଓ୍ୱାନ ସାହେବ ରଘୁନାଥ ମୁର୍ମୁଙ୍କର ଲିପି ସମ୍ପର୍କରେ ଶୁଣିବାକୁ ପାଇଲେ । ଏଥିପୂର୍ବରୁ ତାଙ୍କର 'ବିଦୁଚାନ୍ଦାନ' ନାଟକ ଗ୍ରାମାଞ୍ଚଳରେ ଉଚ୍ଚ ପ୍ରଶଂସିତ ହେବାର ଖବର ସେ ପାଇଥିଲେ । ତେଣୁ, ମୁଦ୍ରଣ ଯନ୍ତ୍ର ସହିତ ଲିପିର ପ୍ରଦର୍ଶନୀ ପ୍ରସଙ୍ଗକୁ ସେ ମହାରାଜାଙ୍କ ଦୃଷ୍ଟି ଗୋଚରକୁ ଆଣିଲେ । ସେତେବେଳେ ମୟୂରଭଞ୍ଜ ଜିଲ୍ଲା ଏକ ରାଜ୍ୟ ଥିଲା । ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ସେଠାରେ ରାଜତ୍ୱ କରୁଥିଲେ । ମହାରାଜା, ଦେଓ୍ୱାନ ଓ ଅନ୍ୟ ସାହେବ ମାନଙ୍କ ସହିତ ପ୍ରଦର୍ଶନୀ ବୁଲି ଦେଖିଲା ବେଳେ ସାନ୍ତ୍ୱନା ମୁର୍ମୁ ମହାରାଜାଙ୍କୁ ଅଲଚିକି ଲିପିରେ ହାତଛପା ଲେଖାଟିଏ ଦେଲେ । ସେଥିରେ ଲେଖାଥିଲା –

**ଜାନାମ ଆୟଦୟ ରେଙ୍ଗେଜ ରେହଁ**

**ଉନିଗେ ହାଃରାଆ**

**ଜାନାମ ରଲଦ ନିଧାନ ରେହଁ**

**ଅନାତେଗେ ସେଃଣାଆ**

**ସେଣାଃ ଏମ ମେନେଦ୍ ଖାନ୍**

**ପାରିସି ମାଣାଂ ସେଣାୟ ତାମ୍**

**ପାରିସି ସେଣାମ୍ ମେନେଦ୍ ଖାନ୍**

**ଆଲ ମାଣାଂ ସେଣାୟ ତାମ୍**

ଅର୍ଥାତ୍ ଜନନୀ ଯେତେ ଦରିଦ୍ର ହେଲେ ମଧ୍ୟ ସେ ଲାଳନ ପାଳନ କରି ଆମକୁ ବଢ଼ାଇଥାଏ । ସେହିପରି ମାତୃଭାଷା ଯେତେ ଅବହେଳିତ ହେଲେ ମଧ୍ୟ ତା'ରି ମିଷ୍ଟତା ହିଁ ଆମର ସାଥୀ । ଅନ୍ୟ ଭାଷାକୁ ଆୟତ୍ତ କରିବା ପାଇଁ ଯୋଗସୂତ୍ର ସ୍ଥାପନ କରେ। ତେଣୁ ନିଜକୁ ସଭ୍ୟ ତଥା ସୁଶିକ୍ଷିତ ରୂପେ ପରିଗଣିତ କରାଇବା ପାଇଁ ମାତୃଭାଷାକୁ ଶିକ୍ଷାକରିବା ନିହାତି ଆବଶ୍ୟକ।

ସାଓ୍ୱନା ମୁର୍ମୁ କଥା ପ୍ରସଙ୍ଗରେ ଅଲଚିକିକୁ ମାନ୍ୟତା ଦେବାପାଇଁ ମହାରାଜାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ, ଓଡିଆ ପରି ଗୋଟିଏ ବଳିଷ୍ଠ ଭାଷା ଏବଂ ଲିପି ପ୍ରଚଳିତ ଥିବା ସ୍ଥଳେ ଆଉ ଏକ ଭାଷାର ଲିପି ପ୍ରଚଳନ ପାଇଁ ମହାରାଜା ହଠାତ୍ ଏକମତ ହୋଇନଥିଲେ । ତାର୍କିକ ଯୁକ୍ତି ଛଳରେ ଲିପିର ଉପାଦେୟତା ପ୍ରତିପାଦନ କରିବା ପାଇଁ ସାଓ୍ୱନା ମୁର୍ମୁ ଅଲଚିକି ଲିପିର ବିଶିଷ୍ଟତା ବର୍ଣ୍ଣନା କରି ବୁଝାଇଥିଲେ । ଆଦିବାସୀ ଭାଷା ଏକ କ୍ଲିଷ୍ଟ ଭାଷା, ସେଥିରେ ଥିବା ଅଘୋଷ, ସଘୋଷ ଧ୍ୱନି ଆଦି ଭାରତର କୌଣସି ଲିପିରେ ଲେଖାଯାଇ ପାରିବ ନାହିଁ। ତେଣୁ ତା'ର ଉଚ୍ଚାରଣକୁ ଠିକ୍ ଭାବରେ ଲିପିବଦ୍ଧ କରିବା ପାଇଁ ଅଲଚିକିର ପ୍ରଚଳନ ଅତ୍ୟାବଶ୍ୟକ। **ᱫᱟᱞ** (ଦାଲ୍) ଅର୍ଥ (ପିଟିବା) **ᱫᱟᱹᱞ** (ଦାଲ୍) ଅର୍ଥ 'ଡାଳି' **ᱠᱟᱸᱴ** (କାନ୍ତ୍) ଅର୍ଥ 'କାନ୍ଥ' **ᱠᱟᱹᱸᱴ**(କାନ୍ତ୍) ଅର୍ଥ 'କାତି' ଆଦି ଶବ୍ଦ ଏକାପରି ହେଲେ ମଧ୍ୟ ଉଚ୍ଚାରଣରେ ଏହା ଭିନ୍ନ ଭିନ୍ନ। ଏଠାରେ 'ଡାଳି ' ପାଇଁ ବ୍ୟବହୃତ  ହେଉଥିବା 'ଦାଲ' ଏବଂ  'କାତି' ପାଇଁ ବ୍ୟବହୃତ 'କାନ୍ତ'କୁ କେବଳ ଅଲଚିକି ଲିପିରେ ହିଁ ଲେଖାଯାଇ ପାରିବ। ସେହିପରି **ᱡᱩᱜᱩᱡ**(ଝୁଗୁଜ୍) **ᱴᱟᱨᱩᱵ**(ଡାରୁବ୍), **ᱥᱩᱫᱩᱡ**(ସୁନ୍ଦୁଜ୍) ଆଦି ଶବ୍ଦକୁ ଅଲଚିକି ବ୍ୟତୀତ ଅନ୍ୟ କୌଣସି ଭାଷାରେ ଲେଖାଯାଇ ପାରିବ ନାହିଁ। ମହାରାଜା ସତ୍ୟାସତ୍ୟ ଉପଲବ୍ଧି କରି ତା'ର ପ୍ରସାର ପାଇଁ ଉତ୍ସାହିତ କରିଥିଲେ ଏବଂ ମୌଖିକ ସ୍ୱୀକୃତି ପ୍ରଦାନ କରିଥିଲେ ।

## ବିଭିନ୍ନ ଅନୁଷ୍ଠାନର ପ୍ରତିଷ୍ଠା:

୧୯୫୬ ମସିହାରେ ଚାକିରୀ ଛାଡିବା ପରେ ରଘୁନାଥ ମୁର୍ମୁ ସମ୍ପୂର୍ଣ୍ଣ ଭାବରେ ଅଲଚିକି ପାଇଁ ନିମଗ୍ନ ହେଲେ । ମୟୂରଭଞ୍ଜରେ, ସ୍ୱାଧୀନତାର ଠିକ୍ ପୂର୍ବରୁ ଏବଂ ସ୍ୱାଧୀନତାର ପରେ ପରେ ରାଜନୀତିକ ଗତିବିଧି ବଢ଼ି ଯାଇଥିଲା। ପ୍ରଦେଶଗୁଡିକୁ ମିଶାଇ ଗଣତନ୍ତ୍ର ଶାସନର ଆରମ୍ଭ କରିବା ପାଇଁ ରାଜା ମହାରାଜାମାନଙ୍କୁ ବହୁ ଭାବରେ ପରାମର୍ଶ କରାଯାଉଥିଲା । ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ସାନ୍ତାଳମାନଙ୍କ ମଧ୍ୟରେ ନିଜ ଭାଷା ପାଇଁ ନୂଆ ଚେତନା ଆଣିବାରେ ସେ ଅଣ୍ଟାଭିଡ଼ି ଲାଗି ପଡିଥିଲେ। ସ୍ୱାଧୀନତାର ଗତିବିଧି ଏବଂ ଅଲଚିକିର ପ୍ରସାର ସମୟ ଏକା ସାଙ୍ଗରେ ହେଉ ଥିବାରୁ ରଘୁନାଥ ମୁର୍ମୁଙ୍କର ଗତିବିଧିକୁ

ରାଜନୀତିକ ଗତିବିଧି ବୋଲି ସନ୍ଦେହ କରାଯାଉଥିଲା । ତେଣୁ ସେ ନିଜକୁ ରାଜନୀତିଠାରୁ ଦୂରେଇ ରଖୁଥିଲେ ।

ରଘୁନାଥ ମୁର୍ମୁ ଏହି କ୍ରମରେ ଭାଷାର ପ୍ରସାର ପାଇଁ ଚେଷ୍ଟା କରି ପ୍ରଥମେ ଜାମସେଦପୁରର 'ଖେରୱାଲ ଜାର୍ପାସମିତି' ସହିତ ନିଜକୁ ଜଡିତ ରଖିଥିଲେ । ସମିତିର ସଭ୍ୟମାନଙ୍କ ସହାୟତାରେ ଅଲଚିକିକୁ ସେ ଅତି ଅଳ୍ପ ସମୟ ମଧ୍ୟରେ ସାନ୍ତାଳୀ ଲୋକମାନଙ୍କ ପାଖକୁ ପହଞ୍ଚାଇ ପାରିଥିଲେ । ତାଙ୍କରି ଉଦ୍ୟମରେ ସେଠାରେ 'ଚାନ୍ଦନା ପ୍ରେସ' ମଧ୍ୟ ପ୍ରତିଷ୍ଠା କରାଗଲା । ଏହାପରେ ୧୯୫୭ ମସିହାରେ 'ଆଦିବାସୀ ଶିକ୍ଷା ସମିତି' ଏବଂ ୧୯୬୫ ମସିହାରେ ରାଇରଙ୍ଗପୁରରେ 'ଆଦିବାସୀ ସାଓଁତା ସେଚେଜ୍ ଲାକଚାର ସେମ୍‌ଲେଦ୍, ଓଡ଼ିଶା' ଗଠନ କରିଥିଲେ । ଏହା ମାଧ୍ୟମରେ ଆଦିବାସୀମାନଙ୍କର ଶିକ୍ଷା, ସଂସ୍କୃତି ତଥା ସାମାଜିକ ଉନ୍ନତି ସମ୍ପର୍କୀତ କାର୍ଯ୍ୟ ପନ୍ଥା ଗ୍ରହଣ କରାଗଲା । ୧୯୭୭ ମସିହା ଫେବୃଆରୀ ୧୦ ତାରିଖରେ ମେଦିନୀପୁର ଜିଲ୍ଲାର ଝାଳଗ୍ରାମ ନିକଟସ୍ଥ ବେତ୍‌କୁନ୍ଦୁରୀ ଗ୍ରାମରେ ସାନ୍ତାଳୀ ସ୍କୁଲ ପ୍ରତିଷ୍ଠା କଲେ । ରଘୁନାଥ ମୁର୍ମୁ ସବୁ କିଛି ତ୍ୟାଗ କରି ସାନ୍ତାଳ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା, ବିହାର, ବେଙ୍ଗଲର କୋଣ ଅନୁକୋଣରେ ଥିବା ପ୍ରତ୍ୟେକ ଗ୍ରାମକୁ ଯାଇ 'ଅଲଚିକି'ର ଗୁରୁତ୍ୱ ସମ୍ପର୍କରେ ବୁଝାଉଥିଲେ । ୧୯୭୪ ମସିହାରେ ASECA (Adivasi Socio-Education Cultural Association)କୁ ସରକାରୀ ପଞ୍ଜିକୃତ କରାଇଲେ । ଏହି ଢ଼ାଞ୍ଚାରେ ବିହାର ଓ ପଶ୍ଚିମ ବଙ୍ଗରେ ମଧ୍ୟ ASECA ପ୍ରତିଷ୍ଠିତ ହେଲା । ଟାଟାରୁ ଚାନ୍ଦାନ ପ୍ରେସକୁ ରାଇରଙ୍ଗପୁରକୁ ସ୍ଥାନାନ୍ତରିତ କରିବା ସହିତ ସେଠାରୁ ଅନେକ ପ୍ରକାରର ପୁସ୍ତକ ଛପାଗଲା । ତାପରେ ତାକୁ ସେମଲେଦ୍ ପ୍ରେସକୁ ନିଆଗଲା । ଆସାମରେ ମଧ୍ୟ ଏକ ମେସ୍‌ଲେଦ୍ ଗଠିତ ହେଲା । ଭାଷା ଆନ୍ଦୋଳନକୁ ତେଜିଆନ କରିବା ପାଇଁ କଲିକତାର 'ସ୍ୱଦେଶୀ ପ୍ରେସ'ରେ ୧୯୫୨ ମସିହାରେ 'ବିଦୁଚାନ୍ଦାନ' ଓ 'ଖେରୱାଲବୀର' ନାଟ୍ୟ ପୁସ୍ତକ ଛପାଇଲେ । ୧୯୭୧ ମସିହାରେ ତାଙ୍କର ଜ୍ୟେଷ୍ଠ ପୁତ୍ର ସିଦ୍ଧ ଲାଲ ମୁର୍ମୁ ମନ୍ତ୍ରୀ ହେବା ପରଠାରୁ ବାରିପଦାର କାଲକାପୁର ଠାରେ ଦୁଇଦିନ ପର୍ଯ୍ୟନ୍ତ ସ୍ୱେଚ୍ଛାରେ ବ୍ୟାକରଣ ଶିକ୍ଷା ଦେଇଥିଲେ । ସଂସ୍ଥାଗୁଡିକୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ଏବଂ ତା'ର ପଥ ପ୍ରଦର୍ଶନ ପାଇଁ ୧୯୭୮ ମସିହାରେ ଆଦିବାସୀ ସାନ୍ତାଳ ମାହାଲର ଭିତ୍ତି ପ୍ରସ୍ତର ମେଦିନୀପୁର ଜିଲ୍ଲା ଝାଳ ଗ୍ରାମ ବେକୁନ୍ଦରୀ ଡାହିରେ ସ୍ଥାପନ କଲେ । ୧୯୭୯ ମସିହାରେ ବାରିପଦାରେ ଏକ 'ସାନ୍ତାଳ ଦେଶ ମିଦୁନ' ଆହୂତ କରାହୋଇଥିଲା । ପଶ୍ଚିମ ବଙ୍ଗର ରାୟପୁରରୁ ଫେରିଆସି ସେ ସେଠାରେ ଯୋଗ ଦେଇଥିଲେ । ସେତେବେଳେ ସେ ଅତିକ୍ଳାନ୍ତ ଦେଖାଯାଉଥିଲେ । ଏହାପରେ ମୃତ୍ୟୁ ପର୍ଯ୍ୟନ୍ତ ସେ ଶଯ୍ୟାଶାୟୀ ଥିଲେ ।

## କୃତି:

କୌଣସି ଜାତିର ଭାଷାକୁ ବଞ୍ଚାଇ ରଖିବାକୁ ହେଲେ ସାହିତ୍ୟ ସର୍ଜନା ଅତ୍ୟାବଶ୍ୟକ । ଏହା ପଣ୍ଡିତ୍ ରଘୁନାଥ ମୁର୍ମୁ ଭଲ ଭାବରେ ହୃଦୟଙ୍ଗମ କରିଥିଲେ । ତେଣୁ ସାହିତ୍ୟ ସୃଷ୍ଟି ପାଇଁ ଲେଖକ ଲେଖିକାମାନଙ୍କୁ ପ୍ରେରଣା ଦେଉଥିଲେ । ନିଜେ ମଧ୍ୟ ଲେଖି ଚାଲିଲେ ଗୋଟିକ ପରେ ଗୋଟିଏ ପୁସ୍ତକ । ତାଙ୍କର ପ୍ରକାଶିତ ପ୍ରମୁଖ ପୁସ୍ତକଗୁଡିକ ହେଲା ।:-

୧. ହର ସେରେଞ୍ଜ
୨. ଜ୍ଞେଲଜଙ୍ ଲାଗିଦ୍ ଅଲ
୩. ବିଦୁଚାନ୍ଦାନ୍
୪. ଖେରଓ୍ଵାଲବୀର
୫. ଦାଲେକେଧନ
୬. ଅଲଚେମେଦ୍
୭. ଏଲଖା
୮. ହିତାଲ ୧ମ, ୨ୟ ଭାଗ
୯. ବାଖେଣ
୧୦. ରନଲ
୧୧. ପାରସି ପହା
୧୨. ଲାକଚାର ସେରେଞ୍ଜ
୧୩. ପାରି ଇତନ୍
୧୪. ଅଲ ଉପୁରୁମ୍
୧୫. ରାଃ ଆନ୍ଦଳ
୧୬. ପାରିସ ଅପାଦ୍
୧୭. ସିଦ୍ କାହ୍ନୀ

**ଅପ୍ରକାଶିତ ପୁସ୍ତକଗୁଡିକ ହେଲା :-**

୧) ସିଦ କାହ୍ନୁ
୨) ପାରସି ଗାଜାଲ
୩) ପାରସି ପାଞ୍ଜା
୪) ହିତାଲ (ତୃତୀୟ ଭାଗ)

ଏହିପରି ରଘୁନାଥ ମୁର୍ମୁ ଜଣେ ସ୍ରଷ୍ଟା ଭାବରେ ନାଟକ, ବ୍ୟାକରଣ, ଗଣିତ, କବିତା, ହିତବାଣୀ ପରି ସାହିତ୍ୟ ଅଧ୍ୟାୟକୁ ସ୍ପର୍ଶ କରିଥିଲେ । କେବଳ ତାଙ୍କରି କୃତିଗୁଡିକ ଶିଖିଲେ ମଧ ଜଣେ ମୁର୍ଖ ହୋଇ ଯେପରି ନରହେ ଏଥିପାଇଁ ଜୀବନ ଥିବା ପର୍ଯ୍ୟନ୍ତ ସେ ସଂଗ୍ରାମ କରିଥିଲେ ।

**କୃତିତ୍ୱ:**

ରଘୁନାଥ ମୁର୍ମୁଙ୍କର ଏମିତି ଏକ ମହାନ ସାଧନାକୁ କେବଳ ସାନ୍ତାଳମାନେ ନୁହନ୍ତି ଅନ୍ୟମାନେ ମଧ ସମ୍ମାନ ଦିଅନ୍ତି । ତାଙ୍କର ଜାତିପ୍ରେମ, ଭାଷା ପ୍ରୀତି ତଥା ମମତା ଦେଖି ଆଦିବାସୀ ମହାସଭା ତାଙ୍କୁ 'ଗୁରୁଗମକେ' ସମ୍ମାନରେ ସମ୍ମାନିତ କରିଥିଲା । Mr. M.D. Tigga ତାଙ୍କୁ 'Gryeat Inventor' 'ନାଟ୍ୟକାର' ରୂପେ ମାନ୍ୟତା ପ୍ରଦାନ କରିଥିଲେ । Dhumkaria Ranchi ତାଙ୍କୁ 'Doctorate in Litirature' ଉପାଧିରେ ଭୂଷିତ କରିଥିଲେ । 'The Santal' ପୁସ୍ତକର ପ୍ରଣେତା ତଥା ବିଶିଷ୍ଟ ନୃତତ୍ତ୍ୱବିତ୍ Dr. Prof. Martin Oram, California University, USA ତାଙ୍କୁ 'Spiritual Guru' ରୂପେ ଗ୍ରହଣ କରିଛନ୍ତି । Col. Jaipal Singh ତାଙ୍କୁ 'ପଣ୍ଡିତ୍' ଉପାଧି ଦେଇଥିଲେ । ନୃତତ୍ତ୍ୱବିତ୍ ଚାରୁଲାଲ ମୁଖାର୍ଜୀ ମଧ ପଣ୍ଡିତ ମୁର୍ମୁଙ୍କୁ 'Priest of the tribes' ଭାବରେ ନାମିତ କରିଥିଲେ । ଓଡିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗୀୟ ରଣଜିତ୍ ସିଂହ ବରିହା 'A Great orator with charming voice' ଏବଂ ଓଡିଆ ସାହିତ୍ୟ ଏକାଡେମୀ ୧୯୭୮ ମସିହାରେ 'Founder of Santali Language and Inventor of Olchiki' ସମ୍ମାନ ଦେଇଥିଲେ । ପଶ୍ଚିମବଙ୍ଗର ବାମପନ୍ଥୀ ସରକାର ମଧ ପୁରୁଲିଆ ଜିଲ୍ଲାର କେନ୍ଦବଳା ଗ୍ରାମରେ ଅନୁଷ୍ଠିତ ହୋଇଥିବା ଏକ ବିରାଟ ସଭାରେ ୧୪/

୧୧/୧୯୭୮ ତାରିଖ ଦିନ ତାଙ୍କୁ 'ଅଲଗୁରୁ' ରୂପେ ଏକ ତାମ୍ରଫଳକ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ସମ୍ମାନ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁଙ୍କଠାରୁ ଗ୍ରହଣ କରିଥିଲେ । ସେହି ସଭାରେ ପଶ୍ଚିମ ବଙ୍ଗର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଡଃ ଶମ୍ଭୁନାଥ ମାର୍ଣ୍ଡି ଏବଂ ମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ ।

## ତିରୋଧାନ:

ଏହି ମହାପୁରୁଷ, ମହାନ ସ୍ରଷ୍ଟାଙ୍କର ତିରୋଧାନ ୦୧.୦୨.୧୯୮୨ ଦିନ ତାଙ୍କ ଗ୍ରାମରେ ହିଁ ହୋଇଥିଲା। ଏହି ସମାଚାର ଖବର ପାଇବା ମାତ୍ରେ ଓଡ଼ିଶା, ବିହାର, ବେଙ୍ଗଲ ଓ ଆସାମର ପ୍ରାୟ ୬୦ ଲକ୍ଷ ସାନ୍ତାଳ ଦୁଃଖରେ ମ୍ରିୟମାଣ ହୋଇ ପଡିଥିଲେ । ଶେଷ କୃତ୍ୟ ପାଇଁ ଏସବୁ ରାଜ୍ୟରୁ ଯେତେସବୁ ଲୋକ ରୁଣ୍ଡ ହୋଇଥିଲେ, ଏମିତି ଲୋକ ଗହଳି କେବଳ ଦାଣ୍ଡ ବୋଷ ଗ୍ରାମରେ କାହିଁକି ସମଗ୍ର ମୟୂରଭଂଜ ଜିଲ୍ଲାରେ କେବେ ମଧ୍ୟ ହୋଇ ନଥିବ । ସେ ନିଜକୁ ଅଲଚିକି ପାଇଁ ଉତ୍ସର୍ଗ କରିଥିବାରୁ ଏବଂ ତାଙ୍କର କାର୍ଯ୍ୟକୁ ସୁଚାରୁରୂପେ ସମ୍ପୂର୍ଣ୍ଣ କରିଥିବାରୁ ତାଙ୍କର ଶେଷଯାତ୍ରା ବେଳେ ମାଦଳ, ଧୁମସା, ଭେରି ଆଦି ବାଜା ବଜାଇ ତାଙ୍କୁ ଶ୍ମଶାନକୁ ନିଆଯାଇଥିଲା । ଏମିତି ମନେ ହେଉଥିଲା  ସତେ ଯେମିତି ପଣ୍ଡିତ ମୁର୍ମୁଙ୍କର ତାହା ଥିଲା ଏକ ଜୟ ଯାତ୍ରା । ଜୀବନ ଦୀପ ତାଙ୍କର ଲିଭିଗଲା, କିନ୍ତୁ ତାଙ୍କର 'ଅଲଚିକି ଦୀପ'କୁ ଅମରଦୀପ ଭାବରେ ଛାଡି ଦେଇଗଲେ ସମଗ୍ର ଆଦିବାସୀଙ୍କୁ ।

ତାଙ୍କ ସମାଧିସ୍ଥଳ ବର୍ତ୍ତମାନ ସାନ୍ତାଳମାନଙ୍କର 'ଶାନ୍ତିକାନନ' ରୂପେ ପରିଚିତ । କାପିଡୁଙ୍ଗୁରୀ ନିକଟସ୍ଥ ପଦ୍ମପୂର୍ଣ୍ଣ ସରୋବର, ତାରି ନିକଟରେ ସାହିତ୍ୟ କୁଟୀର । ଉଭୟର  ମଧ୍ୟସ୍ଥଳୀରେ ଦୁଇଟି ସମାଧି । ଗୋଟିଏ ରଘୁନାଥଙ୍କର ଏବଂ ଅନ୍ୟଟି ତାଙ୍କ ଜୀବନ ସାଥୀ ନହା ମୁର୍ମୁଙ୍କର । ସେଇ ଶାନ୍ତ ସୁଶୀତଳ ସ୍ଥାନଟି ଦର୍ଶନୀୟ ସ୍ଥାନ ଅଟେ।

❑❑

# ଗୁରୁ ମଙ୍ଗେଇ ଗମାଙ୍ଗ



ଲେଖକ
ଅଶୋକ କୁମାର ଦାସବାବୁ

ସୋରାଙ୍ ସୋମ୍ପେଙ



## ପୂର୍ବାଭାସ

ଓଡିଶା ଏକ ଆଦିବାସୀ ଅଧ୍ୟୁଷିତ ରାଜ୍ୟ ଭାବରେ ପରିଚିତ। ଏଠାରେ ସମ୍ବିଧାନ ସ୍ୱୀକୃତ ୬୪ ପ୍ରକାର ଆଦିବାସୀ ଦେଖାଯାଆନ୍ତି। ଏହି ଆଦିବାସୀମାନେ ଏବେ ସୁଦ୍ଧା ସଭ୍ୟ ଜଗତ ଠାରୁ ବିଚ୍ଛିନ୍ନ ହୋଇ ନିଜସ୍ୱ ସାଂସ୍କୃତିକ ପରିମଣ୍ଡଳରେ ଅରଣ୍ୟାନୀର ସବୁଜିମା ମଧ୍ୟରେ, ଦୁର୍ଗମ ପାହାଡରେ ବସବାସ କରୁଅଛନ୍ତି। ପ୍ରକୃତିର ସନ୍ତାନ ଏମାନେ। ନିଜସ୍ୱ ରୀତିନୀତି, ଚାଲିଚଳଣ, ସଂସ୍କୃତି ଓ ଧର୍ମ ଧାରଣାକୁ ଆଦରି ନେଇ ସୁଖଦୁଃଖର ଜୀବନ ଅତିବାହିତ କରୁଅଛନ୍ତି । ସଉରା ଏହି ଆଦିବାସୀମାନଙ୍କ ମଧ୍ୟରେ ଅନ୍ୟତମ ବୃହତ୍ ଜନଜାତି। ୨୦୧୧ ମସିହା ଜନଗଣନା ଅନୁସାରେ ରାଜ୍ୟର ମୋଟ ଜନଜାତିଙ୍କ ସଂଖ୍ୟା ଥିଲା ୯୫,୯୦,୭୫୬ । ଏଥି ମଧ୍ୟରୁ ସଉରାମାନଙ୍କ ସଂଖ୍ୟା ୫,୩୪,୭୫୧ । ରାଜ୍ୟର ସବୁ ଜିଲ୍ଲାରେ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରୁଥିଲେ ମଧ୍ୟ ଗଜପତି ଜିଲ୍ଲା ଓ ରାୟଗଡା ଜିଲ୍ଲାରେ ସେମାନେ ବହୁ ପରିମାଣରେ ରହିଅଛନ୍ତି। ସଉରାମାନେ ନିଜକୁ 'ସୋରା' ବୋଲି କହନ୍ତି । ଅନ୍ୟମାନେ 'ସଉରା', 'ଶବର', 'ସହରା', 'ସହର' ଇତ୍ୟାଦି ନାମରେ ନାମିତ କରିଅଛନ୍ତି । ଏତଦ୍ ବ୍ୟତୀତ 'ସଗରିଜ' ଓ 'ଶବରଏ'ଶବ୍ଦ ଦୁଇଟିରୁ ଜଣାଯାଏ ଯେ ସେମାନେ କୁରାଢ଼ି ଓ ଶବ କାନ୍ଧେଇବା ଏକ ସଂପ୍ରଦାୟ ବିଶେଷ । ବର୍ତ୍ତମାନ ଅନେକ ଅଞ୍ଚଳରେ ଏମାନେ ଉଚ୍ଚ ଶିକ୍ଷିତ ଓ ଆର୍ଥିକ ମାନଦଣ୍ଡରେ ସ୍ୱାବଲମ୍ବୀ ହୋଇଥିଲେ ମଧ୍ୟ ଆଉ କେତେକ ଅଞ୍ଚଳରେ ପ୍ରାଚୀନ ଅବସ୍ଥାରେ ରହି ପ୍ରାଚୀନ କୃଷି ସଭ୍ୟତାର ଜ୍ଞାନକୌଶଳକୁ ନେଇ ନିଜର ଜୀବନଜୀବିକା ନିର୍ବାହ କରୁଅଛନ୍ତି ।

ସଉରା ସମାଜର ମୁଖିଆଙ୍କୁ ଗମାଙ୍ଗ କୁହାଯାଏ । ଏହି ଗମାଙ୍ଗଙ୍କ ଦ୍ୱାରା ସଉରା ଗ୍ରାମଟି ପରିଚାଳିତ ହୁଏ । ସମସ୍ତ ଧର୍ମକାର୍ଯ୍ୟ ପାଇଁ 'ବୁୟା'ଙ୍କୁ ନିଯୁକ୍ତ କରାଯାଇଥାଏ । ଗମାଙ୍ଗ ଅନୁପସ୍ଥିତ ଥିବାବେଳେ ବୁୟା ତାଙ୍କ ସ୍ଥାନରେ ବସିବାର ମଧ୍ୟ ଅଧିକାର ପାଇଥାଆନ୍ତି । ଏହାଛଡା ଜ୍ୟୋତିର୍ବିଦ୍ୟାରେ ଅଭିଜ୍ଞ ଥିବା ଜଣେ ଲୋକଙ୍କୁ ଦିସାରୀ ଭାବେ ନିର୍ବାଚିତ କରାଯାଇଥାଏ । ସମ୍ବାଦ ବାହକ ଭାବରେ ଜଣେ ବାରିକ ମଧ୍ୟ ନିଯୁକ୍ତ ହୋଇଥାଆନ୍ତି। ଏହି ପ୍ରକାର ସାମାଜିକ ବ୍ୟବସ୍ଥା ସଉରା ସମାଜର ଆଭିଜାତ୍ୟକୁ ପ୍ରଦର୍ଶନ କରେ। ବର୍ତ୍ତମାନ ଏହି ପ୍ରକାର ବ୍ୟବସ୍ଥା ଅନେକାଂଶରେ ଲୋପ ପାଇ ସରପଞ୍ଚ ନିର୍ବାଚିତ ହେଉଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ପାରମ୍ପରିକ ରାଜନୈତିକ ସଙ୍ଗଠନକୁ ବିଲୋପ କରିଦେଇଛି।

ସଉରାମାନେ ଖୁବ୍ ସରଳ ବିଶ୍ୱାସୀ ଓ ଅତିଥି ପରାୟଣ । ସଲପରସ ସେମାନଙ୍କର ଅତିପ୍ରିୟ ପାନୀୟ। ଦେଶୀ ମଦ ଓ ହାଣ୍ଡିଆ ମଧ୍ୟ ସେମାନେ ସେବନ କରନ୍ତି । ଯେ କୌଣସି ପର୍ବ ପର୍ବାଣିରେ ସଉରା ପୁରୁଷ ଓ ନାରୀ ମଦ୍ୟପାନ କରିଥାଆନ୍ତି । ଏହାଦ୍ୱାରା ସେମାନଙ୍କର ଚରିତ୍ର ଯେ କଳୁଷିତ ହୁଏ, ଏହା କୁହାଯାଇ ନପାରେ । ପୂଜାବିଧାନ ପାଇଁ ସଲପରସ, ମହୁଲି ମଦର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ । ସମାଜିକ କାର୍ଯ୍ୟରେ ମଧ୍ୟ ଏହା ସଉରା ସମାଜର ଏକ ଅପରିହାର୍ଯ୍ୟ ପାନୀୟ ।

ସଉରାମାନେ ଅତ୍ୟନ୍ତ ଧର୍ମବିଶ୍ୱାସୀ । ସେମାନଙ୍କର ଅନେକ ଦେବଦେବୀ ଅଛନ୍ତି । ସେମାନଙ୍କ

ମଧ୍ୟରୁ କେତେକ ହିତକାରକ ଏବଂ ଅନ୍ୟ କେତେକ ହାନିକାରକ ଅଟନ୍ତି । ଏମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳି ଓ ମଦ ଉତ୍ସର୍ଗ କରିଥାଆନ୍ତି । ସେମାନଙ୍କର ପିତୃପୁରୁଷମାନେ ପରଲୋକରେ ଥାଇ ମଧ୍ୟ ପରିବାରର ଭଲମନ୍ଦ ପ୍ରତି ଦୃଷ୍ଟି ଦେଇଥାନ୍ତି । ସେମାନଙ୍କୁ ଅବହେଳା କଲେ ବହୁ ରୋଗରେ ପୀଡିତ ହେବାକୁ ପଡେ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ସଉରାମାନେ ଏକ ସର୍ବଶକ୍ତିମାନ ଓ ସର୍ବ ବ୍ୟାପି ସତ୍ତାକୁ ବିଶ୍ୱାସ କରନ୍ତି। ଯାହାଙ୍କର ନାମ 'କିତୁଙ୍ଗ'। ଏହି 'କିତୁଙ୍ଗ' ହିଁ ସେମାନଙ୍କୁ ସୃଷ୍ଟି କରିଛନ୍ତି ବୋଲି ସେମାନେ କହନ୍ତି। ଏହାଛଡା ଚନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ବୃକ୍ଷ, ବସୁମାତା ଆଦିଙ୍କୁ ଦେବତା ରୂପରେ ସେମାନେ ଜ୍ଞାନ କରନ୍ତି ଓ ଦେବତାମାନଙ୍କୁ 'ସୁଂ' ଓ ପ୍ରେତାତ୍ମାକୁ 'ଡୁମ୍ବା' ବୋଲି କହନ୍ତି । ଏହି ସମ୍ପ୍ରଦାୟର ଧର୍ମଧାରା ପରମ୍ପରା ଅନୁଯାୟୀ ଗଠିତ । ଗ୍ରାମକୁ ରକ୍ଷା କରିବା ପାଇଁ ସେମାନେ ମାଣ୍ଡୁଆ ଘର ନିର୍ମାଣ କରନ୍ତି । ଯେଉଁଠାରେ ପୂଜା ଅର୍ଚ୍ଚନା କଲାବେଳେ ଦେବୀ ଉକ୍ତ ପୀଠରେ ବିଜେ କରିଥାଆନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି । ପ୍ରତ୍ୟେକ ଫସଲ ବା ପରିବା ନୂଆ କରି ଅମଳ ହେବା ବେଳେ ସେମାନେ ବିଭିନ୍ନ ପ୍ରକାର ଦେବଦେବୀଙ୍କୁ ଅର୍ପଣ କରିବା ସହିତ ନାନାପ୍ରକାର ପର୍ବ ମଧ୍ୟ ପାଳନ କରନ୍ତି ।

ସଉରା ଧର୍ମର ଗୋଟିଏ ବୈଶିଷ୍ଟ୍ୟ ଏହିକି ଯେ ସେମାନେ ରୋଗ ନିବାରଣ ପାଇଁ ଓ ଜମିର ଉର୍ବରତା ବଢାଇବା ପାଇଁ ମୃତ ବ୍ୟକ୍ତି ଓ ଦେବତାମାନଙ୍କ ଉଦ୍ଦେଶ୍ୟରେ ଘର ଭିତରେ ଚିତ୍ର ଅଙ୍କନ କରିଥାଆନ୍ତି । ପରିବାର ମଧ୍ୟରେ ସେହି ଚିତ୍ରକୁ ସେମାନେ ନିୟମାନୁଯାୟୀ ଅଙ୍କାଇ ବହୁବର୍ଷ ପର୍ଯ୍ୟନ୍ତ ରଖନ୍ତି। ଘରଦ୍ୱାର ଲିପାପୋଛା କଲେ ମଧ୍ୟ ଏହାକୁ ଲିଭାନ୍ତି ନାହିଁ । କାନ୍ଥରେ ନିର୍ମିତ ହୋଇଥିବା ଏହି ଚିତ୍ରକୁ ସେମାନେ 'ଇଡତାଲ' ବୋଲି କହନ୍ତି । 'ବୁୟା' ବ୍ୟତୀତ 'କୁଡାଙ୍ଗ' ନାମକ ଜଣେ ପୂଜକ ସଉରା ସମାଜରେ ଥାଆନ୍ତି । ଏହି କୁଡାଙ୍ଗ ଗୁଣି ଗାରେଡି ଦ୍ୱାରା ଝଡାଫୁଙ୍କା କରି ଲୋକମାନଙ୍କର ହିତ ସାଧନ କରନ୍ତି । ଏହି କୁଡାଙ୍ଗ ହିଁ ବିଧି ଅନୁଯାୟୀ ସେହି 'ଇଡିତାଲ' କୁ ତିଆରି କରନ୍ତି । ବଂଶାନୁକ୍ରମିକ ଭାବେ ଏହି କୁଡାଙ୍ଗମାନଙ୍କର ଏପରି ଚିତ୍ର ଆଙ୍କିବା ବିଧି ରହିଆସିଛି ।

ସଉରାମାନଙ୍କର ବେଶଭୂଷାରେ ବହୁ ବୈଚିତ୍ର୍ୟ ପରିଲକ୍ଷିତ ହୁଏ। ଲାଞ୍ଜିଆ ସଉରା ମାନଙ୍କର ଲୁଗାର ଆଗପଟ ଓ ପଛପଟ କୁଞ୍ଚ ହୋଇ ଲାଞ୍ଜ ପରି ଓହଳି ଥାଏ। ସାଧାରଣତଃ ପୁରୁଷମାନେ ଛୋଟ ଲୁଗା ବ୍ୟବହାର କରିଥାଆନ୍ତି । ଅନେକ ସ୍ଥାନରେ ପୁରୁଷମାନେ ମଧ୍ୟ ଅଳଙ୍କାର ପିନ୍ଧିଥାଆନ୍ତି ଓ ବେକରେ ପଥର ବା କାଠର ମାଳି ମଧ୍ୟ ପକାଇଥାଆନ୍ତି। ଅନ୍ୟ ଆଦିବାସୀ ରମଣୀମାନଙ୍କ ପରି ସଉରା ରମଣୀ ସେତେ ଅଳଙ୍କାର ପ୍ରିୟ ନୁହନ୍ତି । ତଥାପି କାନରେ ଫିର୍‌ଫିରା, ବେକରେ ତିନି ଚାରିସରି ମାଳି, ନାକରେ କୁଡୁମ୍ବୀ ଓ ହାତରେ ଖଡୁ ବ୍ୟବହାର କରନ୍ତି । କେତେକ ପୁରୁଣା ସଉରା ସ୍ତ୍ରୀଲୋକଙ୍କ କାନରେ ପିନ୍ଧିଥିବା ତୋନାଙ୍ଗ୍‌ରୁଲୁ ବଡ ଆକର୍ଷଣୀୟ । ଏହା କାଠର ଏକ ଚକିଟିଏ ଯାହାର ବ୍ୟାସ ଦୁଇ ଇଞ୍ଚରୁ ତିନି ଇଞ୍ଚ ମଧ୍ୟରେ ହୋଇଥାଏ ଏବଂ କାନର ତଳ ଅଂଶରେ ହୋଇଥିବା ଫୋଡ଼ ମଧ୍ୟରେ ଭର୍ତ୍ତି ହୋଇ ଓହଳି ଥାଏ। ଦୀର୍ଘଦିନ ବ୍ୟବହାର କରିବା ଫଳରେ କାନ ଦୁଇଟି କାନ୍ଧ ପର୍ଯ୍ୟନ୍ତ ଲମ୍ବି ଆସିଥାଏ । ବହୁ ସଉରା ରମଣୀ

ନିଜ ଦେହ ଓ ମୁହଁରେ ଚିତା କୁଟାଇଥାଆନ୍ତି। ଯଦିଓ ସେମାନଙ୍କର ମୁହଁ ଏହାକୁ ବିକୃତ କରାଇଦିଏ, ତଥାପି ସେଥିପ୍ରତି ସେମାନଙ୍କର ଦୃଷ୍ଟି ନଥାଏ । ପ୍ରକୃତି କୋଳରେ ବଢି ଆସିଥିବାରୁ ସେମାନେ ଲଜ୍ଜା କ'ଣ ଜାଣିନଥାଆନ୍ତି । ତେଣୁ ଶରୀରର ଉପର ଅଂଶକୁ ଆବରଣ କରି ରଖିବାର ଆବଶ୍ୟକତାକୁ ସେମାନେ ଉପଲବ୍ଧି କରିନଥାଆନ୍ତି । ବର୍ତ୍ତମାନ ସମତଳ ଅଞ୍ଚଳର ଲୋକମାନଙ୍କ ସଂସ୍ପର୍ଶରେ ଆସି ସେମାନେ ନିଜକୁ ନିଜ ବେଶଭୂଷା ଅଳଙ୍କରଣରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣି ସାରିଛନ୍ତି ।


**ମଙ୍ଗେଇ ଗମାଙ୍ଗ**

ଓଡିଶା ହେଉଛି ବସ୍ତୁତଃ ରତ୍ନଗର୍ଭା। ପ୍ରକୃତିର ବିପାକ ଏବଂ କାଳର ପ୍ରତୀପ ଆଚରଣ ହେତୁ କେତେ କଳାକର୍ମ ଦୃଷ୍ଟିର ଅନ୍ତରାଳରେ ରହିଯାଇଛି । ତଥାପି ଅନ୍ୱେଷଣର ନୂତନ ଅନିଷାରେ ତାହାର ପ୍ରତ୍ନୋଦ୍ଧାର ନିମିତ୍ତ ଏବେ ବି ଗବେଷକମାନେ ଶତତ ଚେଷ୍ଟିତ । କେତେ କବି, କେତେ ଶିଳ୍ପୀ, କେତେ ଦାର୍ଶନିକ, କେତେ ଜନସେବକ ଏହି ମାଟିରେ ଜନ୍ମଗ୍ରହଣ କରି ଇହଲୀଳା ସମ୍ବରଣ କରିଅଛନ୍ତି, ତା'ର ଇୟତ୍ତା ନାହିଁ। କିନ୍ତୁ ସେମାନଙ୍କର ସାଧନା, ଚନ୍ଦ୍ର ଓ ତାରାଙ୍କ ପରି ସ୍ୱଚ୍ଛ ତଥା ସୁନ୍ଦର ହୋଇ ପ୍ରତିଭାତ ହେଉଅଛି । ଏହିପରି ଅନେକ ପ୍ରତିଭାଧର ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସଉରା ଲିପିର ଉଦ୍ଭାବକ ଶବର ପଣ୍ଡିତ ମଙ୍ଗେଇ ଗମାଙ୍ଗ ଅନ୍ୟତମ।

୧୯୧୬ ମସିହା ଜୁନ୍ ମାସ ୧୬ ତାରିଖ ଦିନ କୋରାପୁଟ ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ମାରିଚଗୁଡା ଗ୍ରାମରେ ମଙ୍ଗେଇ ଗମାଙ୍ଗ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ପିତାମ୍ବର ଗମାଙ୍ଗ ସେତେବେଳର ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ସାରାବାଡିଗା ଗ୍ରାମରୁ ଆସି ପ୍ରଥମେ ପଦ୍ମପୁର ନିକଟସ୍ଥ ଲାଉଗୁଡା ଗ୍ରାମରେ ଅବସ୍ଥାନ କରିଥିଲେ । ପରେ ମାରିଚଗୁଡା ଗ୍ରାମକୁ ଚାଲିଆସିଥିଲେ । ପିତାମ୍ବରଙ୍କର ତିନୋଟି ସ୍ତ୍ରୀ ଥିଲେ । ବଂଶ ବୃକ୍ଷରେ ମଙ୍ଗେଇଙ୍କର ସ୍ଥାନ ଏହିପରି –

**ବିଦ୍ୟାରମ୍ଭ:**

କୋରାପୁଟ ଜିଲ୍ଲାର ବଣ ପାହାଡ ଘେରା ପ୍ରାକୃତିକ ପରିବେଷ୍ଟନୀ ସଉରାମାନଙ୍କର ବିଳାସ ଭୂମି । ଏମାନେ ପ୍ରକୃତି କୋଳରେ ପ୍ରତିପାଳିତ ହୋଇ ପ୍ରକୃତିର ବିବିଧ ପ୍ରକ୍ରିୟା ସହିତ ନିଜକୁ ସାମିଲ୍ କରି ଜୀବନକୁ ଅତି ହାଲୁକା ଭାବରେ ଦେଖନ୍ତି । ଅତି ଅଳ୍ପରେ ସନ୍ତୁଷ୍ଟ ହୁଅନ୍ତି । ନାଚ ଗୀତରେ ମସଗୁଲ ରହି ଜୀବନର ସମସ୍ତ ଜଞ୍ଜାଳକୁ ଏମାନେ ସଲପ ଓ ମହୁଲି ପାନୀୟର ନିଶା ଭିତରେ ହଜେଇ ଦିଅନ୍ତି । ଭଗବାନଙ୍କ ଉପରେ ବିଶ୍ୱାସ ରଖି ଏମାନେ ଏକ ରକମ ନିଜକୁ ଓ ନିଜର ଭବିଷ୍ୟତକୁ ଉତ୍ସର୍ଗ କରିଦିଅନ୍ତି। ସେମାନଙ୍କ ନିକଟରେ ବର୍ତ୍ତମାନ ହିଁ ସବୁଠାରୁ ମୂଲ୍ୟବାନ । ଭବିଷ୍ୟତ ଲାଗି ସେମାନେ କେବେ ହେଲେ ଚିନ୍ତା କରନ୍ତି ନାହିଁ । ତେଣୁ ଜୀବନର ଯୋଜନା ବା ଭବିଷ୍ୟତର ପରିକଳ୍ପନା ଏମାନଙ୍କୁ ଆକର୍ଷଣ କରିପାରେ ନାହିଁ । ସେମାନେ ଖୁବ୍ ଖୁସିବାସିର ମଣିଷ । ସଭ୍ୟ ସମାଜ ଠାରୁ ଦୂରରେ ରହି ଶାଳବଣର ଛାଇ, ମହୁଲର ନିର୍ଯାସ, ବଣମଲ୍ଲୀର ବାସ୍ନାରେ ବିମୋହିତ; କନ୍ଦମୂଳ ଝରଣାଜଳ, ସଲପରସ ଏବଂ




ପ୍ରାକୃତିକ ଆବହାଉଆରେ ପୁଷ୍ଟ ହୋଇ ଏମାନେ ବାହାର ଜଗତ ଠାରୁ ପ୍ରାୟ ବିଚ୍ଛିନ୍ନ । ତେଣୁ ଶିକ୍ଷା, ସଭ୍ୟତା ପ୍ରତି ସେମାନଙ୍କର ଉଦାସୀନତା ସ୍ପଷ୍ଟ ଭାବେ ଉପଲବ୍ଧି କରିହୁଏ ।

ମଙ୍ଗେଇ, ସଉରା ସମ୍ପ୍ରଦାୟରେ ଜନ୍ମଲାଭ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ମୂର୍ଖ ହୋଇ ରହିଯାଇ ନଥିଲେ । ମିଶନାରୀମାନେ ସେତେବେଳକୁ ଆସି ଦୁର୍ଗମ ଅଞ୍ଚଳମାନଙ୍କରେ ବସବାସ ଆରମ୍ଭ କରିଦେଲେଣି । ବାହାର ସମାଜ ଓ ସଭ୍ୟତା ସହିତ ସଉରାମାନଙ୍କୁ ପରିଚିତ କରାଇଦେବା ନିମିତ୍ତ ସେମାନଙ୍କୁ ବୁଝାଉଥାଆନ୍ତି । ସଭ୍ୟତାର ଆଲୋକରେ ଆଲୋକିତ କରିବା ପାଇଁ ସଉରାମାନଙ୍କ ମଧ୍ୟରେ ନୂଆ ଭାବନା ପ୍ରବେଶ କରାଉଥାଆନ୍ତି । ଏହି ନୂତନ ଶିକ୍ଷା ଓ ସଭ୍ୟତା ବେଶି ଭାଗ ସଉରା ଲୋକଙ୍କୁ ପ୍ରଭାବିତ କରିପାରିଲା ନାହିଁ । ଯୁଗଯୁଗ ଧରି ଜମାଟ ବାନ୍ଧି ରହିଥିବା ରକ୍ଷଣଶୀଳତା ଓ ଅନ୍ଧବିଶ୍ୱାସର କୁହେଳିକା ସେମାନଙ୍କୁ ଜାବୁଡି ଧରି ରଖିଲା । ସେମାନଙ୍କର ଆର୍ଥିକ ମାନଦଣ୍ଡ ଅତି ନିମ୍ନ ଧରଣର ହୋଇଥିବାରୁ ଅତି ଅଳ୍ପ ବୟସର ପିଲାମାନେ ମଧ୍ୟ ଜୀବିକା ଅର୍ଜନରେ ଲାଗିଥାଆନ୍ତି । ପାଠ ପଢିଲେ ପରିବାରର ଆର୍ଥିକ ଦିଗରେ ବ୍ୟାଘାତ ଘଟିବ ବୋଲି ମନେକରି ଅନେକ ଶିକ୍ଷାରୁ ବଞ୍ଚିତ ହେଲେ । ଯାହାହେଉ ବଣ ଜଙ୍ଗଲରେ ବୁଲି, ନାଚି ଗାଇ ସ୍ୱପ୍ନ ଦେଖି ଜୀବନକୁ ଉପଭୋଗ କରୁଥିବା ମଙ୍ଗେଇ ପିତାଙ୍କ ପ୍ରେରଣାରେ ବିଦ୍ୟା ଶିକ୍ଷା କରିବାରେ ଲାଗିଲେ । ସଉରା ସଂପ୍ରଦାୟର ଗତାନୁଗତିକ ଜୀବନଧାରାରୁ ବିଚ୍ଛିନ୍ନ ହୋଇ ସେ ଗୁଣୁପୁର ହାଇସ୍କୁଲରେ ନବମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ଗୁଣପୁରର ଲକ୍ଷ୍ମୀ-ନାରାୟଣ ମନ୍ଦିର ପରିସର ସ୍ଥିତ ଏକ କୋଠରୀରେ ରହି ମନ୍ଦିର ଭୋଗ ସେବନ କରି ସେ ଅଧ୍ୟୟନ କରୁଥିବାର ଜଣାଯାଏ ।

**ଆଦିଉସ୍ :**

ପାରିବାରିକ ପରିସ୍ଥିତିକୁ ନେଇ ମଙ୍ଗେଇ ଅଧ୍ୟୟନ ଛାଡି ଫେରିଆସିଲେ । ଚାଷବାସ କରିବାକୁ ଇଚ୍ଛାକଲେ । ସେଥିରେ ମନତୃପ୍ତ ହେଲା ନାହିଁ । ତେଣୁ ଗାଁର ଖୁବ୍ ନିକଟରେ ଖିଲାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ ରୂପେ ଯୋଗଦେଲେ । ଏହା ପ୍ରାୟ ୧୯୩୨ ମସିହାର କଥା । ସରକାରୀ

ଚାକିରୀ ପାଇଁ ଚାରିଆଡକୁ ଦରଖାସ୍ତ କରୁଥାଆନ୍ତି । ଶେଷକୁ କଟକରୁ କମ୍ପାଉଣ୍ଡର ଟ୍ରେନିଂ ପାଇଁ ସେ ମନୋନୀତ ହେଲେ । ଶିକ୍ଷକତାକୁ ଛାଡି କଟକ ଚାଲିଗଲେ । କଟକ ସହରର ଶିକ୍ଷା ସଭ୍ୟତାର ସଂସ୍ପର୍ଶରେ ଆସି ସେ ନିଜକୁ ସଜାଡି ନେଲେ । ଅନ୍ୟମାନଙ୍କ ଭଳି ପ୍ୟାଣ୍ଟ, ସାର୍ଟ, କୋଟ ପିନ୍ଧିଲେ । ଥରକର ଘଟଣା, ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ନିଜର ବାପା ପିତାମ୍ବର ଗମାଙ୍ଗ ଓ ମାମୁଁ ମାଳିଆ ଗମାଙ୍ଗ ପୁରୀ ଯାଇଥାଆନ୍ତି । କଟକରେ ମଙ୍ଗେଇ ରହୁଥିବାରୁ ସେ ଦୁହେଁ ଦେଖା କରିବାକୁ ଆସିଲେ । ମଙ୍ଗେଇଙ୍କ ସହିତ ଦେଖାହେଲା । ମାତ୍ର କେତେଜଣ ଟ୍ରେନିଂ ଛାତ୍ର ତାଙ୍କ ମାମୁଁ ଓ ବାପାଙ୍କୁ ଦେଖି ହସିଲେ, ସମାଲୋଚନା କଲେ । କାରଣ ଏ ଦୁହେଁ ନାକରେ ଖଡରାଗୁଣା ଓ କାନରେ ଫୁଲ ଆଦି ପିନ୍ଧି ଯାଇଥାଆନ୍ତି । ଛାତ୍ରମାନେ ଭାବିଲେ ଏ ଦୁହେଁ ମଙ୍ଗେଇଙ୍କ ଘରର ଚାକର ହୋଇଥିବେ । ଏହାକୁ ଶୁଣିବା ପରେ ମଙ୍ଗେଇଙ୍କ ମନରେ ଭାବାନ୍ତର ଆସିଲା । ବାପା ଓ ମାମୁଁ ମଧ୍ୟ ଏ କଥାକୁ ଶୁଣିଲେ । ହେଲେ କିଛି କହିପାରିଲେ ନାହିଁ । ମନକଥା ସମସ୍ତଙ୍କ ମନରେ ରହିଗଲା । ସେହିଦିନ ଠାରୁ ମଙ୍ଗେଇ ଚିନ୍ତାକଲେ, ମୁଁ ତ ଲୋକମାନଙ୍କ ଠାରୁ ସମ୍ମାନ ପାଉଅଛି । ମୋର ବାପା ଓ ମାମୁଁ ମୋ'ଠାରୁ ବେଶୀ ସମ୍ମାନ ପାଇବା କଥା, ହେଲେ ଏମିତି କାହିଁକି ହେଲା ? ଏହାର ଉତ୍ତର ପାଇଁ ସେ ନିଜକୁ ନିଜେ ପ୍ରଶ୍ନ କଲେ ।

## ମଣି କାଞ୍ଚନ ସଂଯୋଗ:

ବଂଶ ପ୍ରଥା ଅନୁସାରେ ଡିବିରି ସିଂ ଠାରେ ଅବସ୍ଥାନ କରୁଥିବା ନିଜର ମାମୁଁ ମାଳିଆ ଗମାଙ୍ଗଙ୍କର ଦ୍ୱିତୀୟ କନ୍ୟା ସୁନ୍ଦରମଣିଙ୍କୁ ମଙ୍ଗେଇ ବିବାହ କରିଥିଲେ । ସୁନ୍ଦରମଣି ଖୁବ୍ ସୁନ୍ଦରୀ ଥିଲେ । ନିଜ ସଉରା ସଂପ୍ରଦାୟ ମଧ୍ୟରେ ଏପରି ଏକ ଉଚ୍ଚ ଶିକ୍ଷିତ ଯୁବକକୁ ନିଜର ଜ୍ୱାଇଁ ଭାବରେ ପାଇ ମାଳିଆ ନିଜକୁ ଧନ୍ୟ ମନେକଲେ । ସଉରା ଜାତିର ଉନ୍ନତି ପାଇଁ ମାଳିଆ ଚିନ୍ତା କରୁଥାଆନ୍ତି । ସେତେବେଳକୁ ସଉରା ସମାଜ ମଧ୍ୟରେ ବଳି ପ୍ରଥା ଅତି ଉତ୍କଟ ଆକାର ଧାରଣ କରି ସାରିଥାଏ । ରକ୍ତ ତର୍ପଣ କରି ସେମାନେ ଦେବତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଥାଆନ୍ତି । ସମାଜର ସୁରକ୍ଷା, ଫସଲର ବୃଦ୍ଧି, ଜମିର ଉର୍ବରତା, ଗୃହପାଳିତ ପଶୁପକ୍ଷୀ ଓ ବୃକ୍ଷଲତା ଆଦି ସମସ୍ତ ସମ୍ପଦର ସୁରକ୍ଷା ନିମିତ୍ତ ସେମାନେ ପ୍ରତି ପଦକ୍ଷେପରେ ବଳିର ରକ୍ତକୁ ଅର୍ପଣ କରୁଥାଆନ୍ତି । ଏ ସମସ୍ତ କାର୍ଯ୍ୟକଳାପ ବିରୁଦ୍ଧରେ ମଙ୍ଗେଇ ସ୍ୱର ଉତ୍ତୋଳନ କଲେ । ନିଜ ଜ୍ୱାଇଁଙ୍କର ଏପରି ମନୋଭାବରେ ମାଳିଆ ଅତ୍ୟନ୍ତ ପ୍ରୀତ ହେଲେ । ନିଜ ସୋରା ଭାଇମାନେ କିପରି ଅନ୍ଧକାରର ଗହ୍ୱରରୁ ଆଲୋକକୁ ଆସିବେ ଏଥିପାଇଁ ସେ ଦୁହେଁ ବିଭିନ୍ନ ସିଦ୍ଧାନ୍ତ ନେବା ପାଇଁ ଆଲୋଚନା କଲେ ।

## ସ୍ରଷ୍ଟା ମାନସର ପ୍ରସ୍ତୁତି:

କଟକରେ କମ୍ପାଉଣ୍ଡର ଟ୍ରେନିଂ ନେଲା ବେଳେ ମଙ୍ଗେଇଙ୍କ ଜୀବନର ଧାରା ଧୀରେଧୀରେ ପରିବର୍ତ୍ତିତ ହେବାକୁ ଲାଗିଲା । ପ୍ରଥମେ ଯେତେବେଳେ ସେ ମଣିଷର ମୃତ ଦେହକୁ କାଟିବାକୁ ଲାଗିଲେ, ତାଙ୍କୁ ଘୃଣାଭାବ ଗ୍ରାସ କରିଥିଲା । ସେଥିପାଇଁ କିଛିଦିନ ସେ ମାଂସ ଖାଇପାରି ନଥିଲେ । ମୃତ ଦେହକୁ କାଟି ଖଣ୍ଡ

ଖଣ୍ଡ କରି ଯେତେବେଳେ ସେ ପରୀକ୍ଷା ନିରୀକ୍ଷା କରିବାକୁ ଆରମ୍ଭ କରନ୍ତି, ସେତେବେଳେ ତାଙ୍କ ମନ ମଧ୍ୟରେ ଅସୁମାରୀ ଚିନ୍ତାର ଉଦ୍ରେକ ହୁଏ । "ଏ ମଡ କାଟୁ କାଟୁ ସେ ଗୋଟେ ଜ୍ଞାନ ଉତ୍ପତ୍ତି କଲା । ଏ ମଡ ମୁଁ ଯେ ପ୍ରକାରର ରୂପରେଖ ସବୁଯାକ ସିଏ ମଧ୍ୟ ସେ ପ୍ରକାରର । କି ଜିନିଷ ନିଅଣ୍ଟ ଥିବାରୁ ମୁଁ ତା' ଉପରେ ଅଧିକାର କରିବସିଛି । ଏଠି ଧରିଲା ଇଏ ଗୋଟିଏ ଚିନ୍ତାଧାରା ସିଟୁ ଗୋଟେ ସେ ଗବେଷଣା ଆରମ୍ଭ କଲା । ଶେଷରେ ସିଦ୍ଧାନ୍ତରେ ପହଞ୍ଚିଲା କିଛି ନାହିଁ । ଗୋଟେ ଜିନିଷ ନିଅଣ୍ଟ ଅଛି । ଆମର ଭାଷା ଅଛି, ତା'ର ନାହିଁ । ଘଟଟା ଗୋଟେ ଜୀବନ ପେଡି । ଏଇ ଶବ୍ଦଟା ଗୋଟେ ପେଡି । ଘଟ ଉପରେ ଜୀବ । ଶବ୍ଦଟା ଉପରେ ଲିପି । କଥାଟା କହିଦେଲେ ଉଡିଯାଉଛି । ତାକୁ ଧରି ରଖିବାକୁ ହେବ ।" ଏହି କଥାକୁ ଧୀରେ ଧୀରେ ସେ ଅନୁଧ୍ୟାନ କରିବାକୁ ଲାଗିଲେ । ନିଜ ସୋରା ଜାତିର ଭାଷା ଅଛି, ହେଲେ ଲିପି ନଥିବାରୁ ତା' ଉପରେ ସମସ୍ତେ ଅଧିକାର କରି ବସୁଛନ୍ତି । ଏଇମିତି ଭାବୁ ଭାବୁ ଟ୍ରେନିଂ ସରି ଆସିଲା । ସେ ଫେରି ଆସିଲେ ନିଜ ଗାଁକୁ ।

## ଜୀବନ ବୋଧରେ ପରିବର୍ତ୍ତନ:

କମ୍ପାଉଣ୍ଡର ଟ୍ରେନିଂ ସାରି ଫେରୁଫେରୁ ଚାକିରୀରେ ଯୋଗ ଦେବା ପାଇଁ ପତ୍ର ଆସି ପହଞ୍ଚିଲା । ହଠାତ୍ ପରିକଳ୍ପିତ ଜୀବନ ବୋଧରେ ପରିବର୍ତ୍ତନ ଆସିଗଲା । ଚାକିରିରେ ଯୋଗ ଦେବେ ନାହିଁ ବୋଲି ସେ ମନସ୍ଥ କଲେ ।

ଯାହା ସେ ସବୁବେଳେ ଭାବି ହେଉଥିଲେ, ସେହି ସୋରା ଜାତିର ଉନ୍ନତି କଳ୍ପେ ଚାକିରିର ମୋହକୁ ପରିତ୍ୟାଗ କରିବାକୁ ସିଦ୍ଧାନ୍ତ ଗ୍ରହଣ କଲେ । ୧୯୩୪-୩୫ ମସିହାରେ ଆଦିବାସୀ ପରିବାର ମଧ୍ୟରେ ତାଙ୍କ ପରି ଶିକ୍ଷିତ ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ । ଚାକିରିରେ ଯୋଗ ଦେବା ପାଇଁ ତିନିଥର ଡାକରା ଆସିଲା । ଦୁଇଥର ସେ ଶୁଣିଲେ ନାହିଁ । ଶେଷଥର ଯାଇ ପହଞ୍ଚିଲେ ସର୍ଜନଙ୍କ ପାଖେ । ସର୍ଜନ ପଚାରିଲେ, "ଚାକିରି ପିତା ଲାଗୁଛିକି ? ତିନିଥର ଡାକରା ଗଲାଣି ଶୁଣିବାକୁ ନାହିଁ ?" ମଙ୍ଗେଇ ସର୍ଜନଙ୍କୁ କହିଲେ, "ମୋତେ ଯେଉଁ ପରକାରେ ସନମାନ ମିଳୁଛି, ମୋର ସବୁ ସୋରା ଭାଇମାନଙ୍କୁ ମିଳିବ କି ?" ଯାହାହେଉ ଶେଷରେ ସେ ସରକାରୀ କମ୍ପାଉଣ୍ଡର ଚାକିରି ଛାଡି ନୂଆ ଜୀବନ ଆରମ୍ଭ କଲେ ।

## ପ୍ରେରଣା :

ଅଶିକ୍ଷିତ, ଅନୁନ୍ନତ ସୋରା ଜାତି କିପରି ଉନ୍ନତି କରିପାରିବ, ସେଥି ନେଇ ମଙ୍ଗେଇ ଦିନରାତି ଚିନ୍ତା କରିବାରେ ଲାଗିଲେ । ତାଙ୍କର ଏ ପ୍ରକାର ମନୋବୃତ୍ତିକୁ ଆହୁରି ଜାଗରିତ କରାଇ ଦେଲେ ନିଜର ମାମୁଁ ତଥା ଶ୍ୱଶୁର ମାଳିଆ ଗମାଙ୍ଗ । ମାଳିଆ ଗମାଙ୍ଗ ମଧ୍ୟ ଜଣେ ପଣ୍ଡିତ ଥିଲେ ।

ସେ ମଧ୍ୟ ବହୁ ଗ୍ରନ୍ଥ ଅଧ୍ୟୟନ କରିଥିଲେ । ନିଜ ସୋରା ସମାଜର ଉନ୍ନତି ପାଇଁ ସେ ମଧ୍ୟ ଯଥାସାଧ୍ୟ ଚେଷ୍ଟା କରୁଥିଲେ । ନିଜ ଜ୍ୱାଇଁଙ୍କର ଏହି ପ୍ରକାର ମନୋବୃତ୍ତିରେ ସେ ଅତ୍ୟନ୍ତ ପ୍ରୀତ ହୋଇଯାଇଥିଲେ ।

ନିଜ ଭାଷାର ଲିପି କିପରି ଉଦ୍ଭାବିତ ହୋଇପାରିବ ଯଦ୍ୱାରା ଏହି ଭାଷା ବଞ୍ଚିବ, ଜାତି ବଞ୍ଚିବ, ସମାଜର ଉନ୍ନତି ସାଧିତ ହୋଇପାରିବ ସେ ନେଇ ବିଭିନ୍ନ ଭାବରେ ଚିନ୍ତା କରିବାକୁ ଲାଗିଲେ ।

**ଜୀବନ ଓ ଜଗତ ପ୍ରତି ସ୍ୱତନ୍ତ୍ର ଓ ବିଶିଷ୍ଟ ଦୃଷ୍ଟିଭଙ୍ଗୀ:**

ତାଙ୍କ ଆଦିବାସୀ ଜୀବନରେ ମଦ ହିଁ ଥିଲା ସବୁକିଛି । ଯଦିଓ ଆଦିବାସୀମାନଙ୍କ ପରି ଆର୍ଯ୍ୟମାନେ ସୋମରସ ଗ୍ରହଣ କରୁଥିଲେ, ତଥାପି ସେମାନେ ଉଦ୍ୟମ କରି ଅଗ୍ରଣୀ ଭାବରେ ଆଗେଇ ଆସିପାରିଲେ । ଆଦିବାସୀମାନେ ସଂଘର୍ଷ କରି ପରାସ୍ତ ହେଲେ । ଏଣୁ ବଣ ପାହାଡ଼ରେ ରହିଗଲେ ।

ସେମାନଙ୍କର ସମାଜ ଓ ସଂସ୍କୃତି ହେଲା ପରମ୍ପରା ଉପରେ ପର୍ଯ୍ୟବେସିତ ଥିଲା । ସେମାନଙ୍କର ଜୀବନ ଯାତ୍ରା ମୁଖ୍ୟତଃ ଧର୍ମଦ୍ୱାରା ନିୟନ୍ତ୍ରିତ ହେଉଥିଲା। ସେମାନେ ବହୁ ଦେବଦେବୀ ଓ ଭୂତପ୍ରେତ ମାନଙ୍କର ଉପାସକ ଥିଲେ । ସେମାନଙ୍କୁ ଶାନ୍ତ କରିବା ପାଇଁ ବଳି ଓ ମଦ ପ୍ରଥାର ପ୍ରଚଳନ କରିଥିଲେ। ଏହିପରି ଏକ ବିଶ୍ୱାସକୁ ନେଇ ସଉରାମାନେ ନିଜର ଜୀବନକୁ ଅତିବାହିତ କରୁଥାଆନ୍ତି । ମଙ୍ଗେଇଙ୍କ ମନରେ ଏହା ଖୁବ୍ ରେଖାପାତ କରୁଥାଏ। ଏମିତି ଅବସ୍ଥା ଲାଗି ରହିଲେ ଅଚିରେ ଯେ ସୋରା ଜାତିର ବିଲୟ ଘଟିବ, ଏଥିନେଇ ସେ ଚିନ୍ତିତ ହେଲେ । ଅନେକ ପଛରେ ପଡିଯାଇଥିବା ସଉରା ଜାତି କିପରି ନିଜସ୍ୱ ମୌଳିକତାକୁ ବଜାୟ ରଖିପାରିବ, ସବୁ ଜାତି ସମକ୍ଷରେ ଛିଡାହୋଇପାରିବ, ଏଥିନେଇ ମଙ୍ଗେଇ ଅସ୍ତବ୍ୟସ୍ତ ହୋଇପଡିଲେ । ସଉରା ଜନଜୀବନର ସ୍ୱତନ୍ତ୍ର ଧାରାକୁ ବ୍ୟକ୍ତ କରିବାକୁ ସେ ଆଗଭର ହୋଇ ବାହାରି ଆସିଲେ । ଏହି ଜୀବନ ତୁଚ୍ଛ ଜାଣି ସୁଦ୍ଧା ଜଗତରେ ଏମିତି ଏକ ଦୁଃସାଧ କାର୍ଯ୍ୟ କରିବାକୁ ସେ ଦୃଢ ସଂକଳ୍ପ ନେଲେ । ଗୋଟିଏ ଦିଗରେ ପାରମ୍ପରିକ ବ୍ୟବସ୍ଥା ଭିତରେ ଉବୁଟୁବୁ ହୋଇ କୂଳ କିନାରା ପାଉନଥିବା ସଉରା, ଅନ୍ୟପଟେ ଆର୍ଯ୍ୟ ସଂକ୍ରମଣ ଜନିତ ସଉରା ସମାଜ ବ୍ୟବସ୍ଥାରେ ସଂକଟ । ତୃତୀୟତଃ ସଉରା ସାମାଜିକ-ସାଂସ୍କୃତିକ ପ୍ରଥାକୁ ବିଲୋପକରି ଏକ ନୂତନ ସାମାଜିକ-ଧାର୍ମିକ-ଅର୍ଥନୈତିକ ବ୍ୟବସ୍ଥାକୁ ସଉରାମାନେ ଆଦରି ନେବା ଦ୍ୱାରା ସଉରା ଅସ୍ମିତା ପ୍ରତି ପ୍ରଶ୍ନବାଚୀ, ଯାହାକି ମଙ୍ଗେଇ ଗମାଙ୍ଗଙ୍କ ହୃଦୟକୁ ଆନ୍ଦୋଳିତ କରୁଥିଲା । ତାହା ତାଙ୍କୁ ଏକ ନୂତନ ମାର୍ଗ ଚିନ୍ତନର ପଥ ଫିଟାଉଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମିଶନାରୀମାନଙ୍କ ଆଗମନ ଜନିତ ସଉରା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା ଭୁଷୁଡ଼ି ପଡୁଥାଏ । ଅସଂଖ୍ୟ ସଉରା ଖ୍ରୀଷ୍ଟଧର୍ମରେ ଦିକ୍ଷୀତ ହୋଇ ପାରମ୍ପରିକ ବ୍ୟବସ୍ଥାରୁ ଦୂରେଇ ଯାଉଥାଆନ୍ତି । ସମାଜରେ ସାମଜିକ ବ୍ୟବସ୍ଥା ବିଶୃଙ୍ଖଳିତ ହେବାରେ ଲାଗିଥାଏ । ଏହା ମଙ୍ଗେଇ ଗମାଙ୍ଗଙ୍କ ହୃଦୟକୁ ଗଭୀର ଭାବରେ ଆଲୋଡିତ କରୁଥାଏ ।

ସଉରା ଜାତିର ସ୍ୱାଭିମାନ ହେଲା ତା'ର ଭାଷା ତା'ର ସଂସ୍କୃତି । ଭାଷା ଓ ସଂସ୍କୃତି ବଞ୍ଚିରହିଲେ ସଉରା ସଭ୍ୟତାର ଅସ୍ମିତା ରହିବ ଏହା ସେ ହୃଦବୋଧ କରିସାରିଥାଆନ୍ତି । ଧର୍ମାନ୍ତରଣ ଯୋଗୁଁ ରୋମାନ

ଲିପି ମାଧ୍ୟମରେ ସଉରାମାନଙ୍କର ବିଦେଶୀ ଅବବୋଧ ଜାତୀୟ ଭାବଧାରାରୁ ଦୂରେଇ ଯିବାର ମାନସିକତା ମଙ୍ଗେଇଙ୍କୁ ବ୍ୟଥିତ କରୁଥାଏ । ଏହି ଚିନ୍ତାକୁ ସେ ହୃଦବୋଧ କରି ନିଜ ଭାଷାର ଉତ୍ତମ ପ୍ରକାଶ ଓ ପ୍ରସାର କଳ୍ପେ ସଙ୍କଳ୍ପ ନେବାକୁ ସ୍ଥିର କଲେ ।

## ନୂତନ ଲିପିର ଆବଶ୍ୟକତା ଓ ଆବିଷ୍କାର

ଉତ୍କଳ ସମ୍ମିଳନୀର ଏକବିଂଶତି ଅଧିବେଶନରେ ସଉରାମାନଙ୍କର ଭାଷା ସମସ୍ୟା ନେଇ ଆଲୋଚନା ହୋଇଥିଲା । ଜୟପୁରର ରାଜା ବିକ୍ରମଦେବ ବର୍ମା ମାନ୍ଦ୍ରାଜ ଓଡିଆ ଓ ସାଇମନ କମିଶନ ନାମରେ ତା ୧୫.୦୧.୧୯୩୦ ତାରିଖ ଦିନ ପ୍ରତିବାଦ ଜଣାଇଥିଲେ । ସେ ସାଇମନ କମିଶନଙ୍କ ମତରେ ଅସଙ୍ଗତି ଦର୍ଶାଇ ଦେଢକୋଟି ଓଡିଆଙ୍କ ବିଷୟରେ ଯେ ଅବହେଳା ପ୍ରଦର୍ଶନ କରାଯାଇଅଛି, ତା'ର ପ୍ରମାଣ ଦେଇ ଥରକୁ ଥର କମିଶନ ବସାଇ ପ୍ରଦେଶ ଗଠନର ଆବଶ୍ୟକତାରେ ସନ୍ଦେହ ପ୍ରକାଶ କରାଯିବା ଅନୁଚିତ ବୋଲି ଦୃଢମତ ଦେଇଥିଲେ । କନ୍ଧ ଓ ସଉରାଲୋକଙ୍କୁ ନେଇ ଆନ୍ଧ୍ରପ୍ରଦେଶରେ ରଖିବା ଓ ଖାଣ୍ଟି ଓଡିଆ ମୂଳକ ଜୟପୁର ରାଜ୍ୟକୁ ଛାଡିଦେବା କିଭଳି ଅନ୍ୟାୟ ତଥା ଗୋଟିଏ ଜାତିର ଅସନ୍ତୋଷର କାରଣ ତାହା ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସେତେବେଳେ ସଉରା ଗୋଷ୍ଠୀର କିଛି ସଚେତନ ଗମାଙ୍ଗମାନଙ୍କ ମନରେ ଯେ ଏକ ସ୍ୱତନ୍ତ୍ର ଲିପି ତିଆରି କରିବା ପାଇଁ ଇଚ୍ଛା ହୋଇଥିବ, ଏଥିରେ ସନ୍ଦେହ ନାହିଁ ।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହେବା ସମୟରେ ଗଞ୍ଜାମ ଜିଲ୍ଲାକୁ ମାନ୍ଦ୍ରାଜ ପ୍ରେସିଡେନ୍‌ସିରୁ ହସ୍ତାନ୍ତରିତ କରିବା ପ୍ରସ୍ତାବକୁ ତେଲୁଗୁ ସମ୍ପ୍ରଦାୟର ଲୋକମାନେ ବିରୋଧ କରିଥିଲେ । ଓଡିଆ ଲୋକମାନେ ସଉରାମାନଙ୍କୁ ନିଜ ପକ୍ଷ ଭୁକ୍ତ କରିବାକୁ ଚେଷ୍ଟା କଲାବେଳେ ତେଲୁଗୁମାନେ ମଧ୍ୟ ସଉରାମାନଙ୍କୁ ନିଜ ପକ୍ଷକୁ ନେବାକୁ ଚେଷ୍ଟା କଲେ । ଏମିତି ଏକ ପରିସ୍ଥିତିରେ ତେଲୁଗୁ ପକ୍ଷର ଦୃଢ ସମର୍ଥକ ଜି.ଭି. ରାମମୂର୍ତ୍ତିଙ୍କ ଦ୍ୱାରା ସଙ୍କଳିତ ସୋରା ଅଭିଧାନ ପ୍ରକାଶନ ସଂକ୍ରାନ୍ତରେ ଏକ କୌତୁହଳ ଘଟଣା ମନକୁ ଆସେ । ଜି. ଭି. ରାମମୂର୍ତ୍ତି ଲେଖିଛନ୍ତି – "The Government of Madras sanctioned in 1927 the publication of the English-Sora and the Sora English Dictionaries and approved of my proposal to use the phonetic symbols to represent the sounds of the Sora language. The Agency Educational Officer (who is an Oriya) objected to the use of the phonetic symbols and urged the employment of the letters of the oriya alphabet. The Director of Public Instruction referred the question to the Agent to the Governor in Ganjam, who called on me to explain my reasons for adopting the phonetic symbols. Much time was lost during this

controversy; after some correspondence Mr. C. Henderson, who was Agent to the Governor, rejected the proposal of the Agency Educational Officer" G.V. Ramamurti, Sora-English Dictionary (Author's Preface), Mittal Publications, Delhi, 1986, P.V."

ଏହିପରି ଏକ ବାଦ ବିସମ୍ବାଦ ମଧ୍ୟରେ କିଛି ଶିକ୍ଷିତ ଓ ଆତ୍ମ ସଚେତନ ନେତୃ ସ୍ଥାନୀୟ ସଉରା ବ୍ୟକ୍ତି ଆତ୍ମ ନିର୍ଦ୍ଧାରଣ କରିବାର ବିଷମ ପରିସ୍ଥିତିର ସମ୍ମୁଖୀନ ହେଲେ ଓ ଲିପି ଗ୍ରହଣ ଛଳରେ ଅନ୍ୟର ପକ୍ଷଭୁକ୍ତ ହେବା ଅପେକ୍ଷା ନିଜର ଏକ ଲିପି ଉଦ୍ଭାବନ କରିବାକୁ କଲେ ।

ଏମିତି ପରିସ୍ଥିତିରେ ସଉରା ସଂପ୍ରଦାୟର ଶିକ୍ଷିତ ମଙ୍ଗେଇ ଗମାଙ୍ଗ ଧର୍ମାନୁଚିନ୍ତା ଓ ଜାତୀୟତା ବୋଧରେ ଅନୁପ୍ରାଣିତ ହୋଇ ସାଧନାରତ ହେଲେ । ୨୧ ଦିନ ପର୍ଯ୍ୟନ୍ତ ମରିଚଗୁଡା ଗ୍ରାମ ସନ୍ନିକଟ ଛୋଟ ଡଙ୍ଗରରେ ତପସ୍ୟା କରିବା ପରେ ୧୯୩୬ ମସିହା ଜୁନ୍ ମାସ ୧୮ ତାରିଖ ରାତି ଗୋଟାଏ ବେଳକୁ ସେ ସ୍ୱପ୍ନରେ ଏକ ଲିପି ଦେଖିଲେ । ତାଙ୍କ ଆଗରେ ଶବର ଜାତିର ଅଦୃଶ୍ୟ ଦେବତା ଦାରୁବ୍ରହ୍ମ ଅକ୍ଷର ବ୍ରହ୍ମ ରୂପରେ ଦେଖାଦେଲେ । ନିଜେ ମଙ୍ଗେଇ ଗମାଙ୍ଗ ଏ ସମ୍ପର୍କରେ ଭାଷାବିତ୍ ଡକ୍ଟର ଖଗେଶ୍ୱର ମହାପାତ୍ରଙ୍କୁ ବିବରଣୀ ଦେଇଥିଲେ ।

'ଶବର ଲୋକଯାକ ସମସ୍ତେ ଶ୍ରୀ ଦାରୁବ୍ରହ୍ମଙ୍କ ସେବା କରିଥିଲେ । ଦାରୁବ୍ରହ୍ମ ମୋତେ ସ୍ୱପ୍ନାଦେଶ କଲେ, "ଆଜି କେତେଦିନ ପରେ ଏ କଳି ଶେଷରେ ଦାରୁବ୍ରହ୍ମ ବଦଳରେ ଶ୍ରୀ ଅକ୍ଷର ବ୍ରହ୍ମ ସ୍ୱରୂପରେ ମୁଁ ଆସୁଛି ତମ ଘରକୁ, ମତେ ସେବା କର ।" ସେ ଅକ୍ଷର ବ୍ରହ୍ମ ଶ୍ରୀ ମଣ୍ଡାର ବନୌବଞ୍ଜାନ ପର୍ବତରେ ଦୃଶ୍ୟ ହେଲେ । ସେ "ଦେଖି ଯିବ" ବୋଲି ବୋଇଲେ । ଦେଖିଲା ବେଳକୁ ସେଇ ଚବିଶଟା ଅକ୍ଷର ମୋତେ ସେଇଠି ଦିଶିଲା, ସେ ଦିଶିବା କ୍ଷଣେ ଏକା ସେଇଠି ମନ୍ଦିର ବନ୍ଧା ହେଲା । ଆଉ ସେଇଠି ପୂଜା ହେଉଛନ୍ତି ଅକ୍ଷର ବ୍ରହ୍ମ ।"

ସେହି ଚାଞ୍ଚଡା ପଥର ଦେହରେ, ଯେଉଁଠି ଲିପି ଦୃଶ୍ୟ ହୋଇଥିଲା, ତାହା ତୀର୍ଥ କ୍ଷେତ୍ରରେ ପରିଣତ ହୋଇଗଲା । ଅକ୍ଷର ବ୍ରହ୍ମଙ୍କ ମୂର୍ତ୍ତି ଭିତରେ ୨୪ଟି ବର୍ଣ୍ଣ ଓ ୧୨ ପର୍ଯ୍ୟନ୍ତ ସଂଖ୍ୟା ଏବଂ ଏକ ସଙ୍କେତ ଶିକ୍ଷା ଓଡିଆ ଓଁ ଅକ୍ଷର ପରି ଏକ ଆକୃତି ଭିତରେ ପରିକଳ୍ପିତ ହୋଇଅଛି । ଅକ୍ଷର ସବୁକୁ ଛୋଟ ଏକ ସିମେଣ୍ଟରେ ନିର୍ମିତ ମନ୍ଦିର ଭିତରେ ଘୋଡାଇ ରଖାଯାଇଛି । ସେଥିରେ ଛୋଟଛୋଟ ତିନୋଟି ଦ୍ୱାର ଅଛି । ସୋରା ମାନେ କୁହନ୍ତି ଏହି ଦ୍ୱାର ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ନାମରେ ପରିକଳ୍ପନା କରାଯାଇଅଛି ।

ବିଜୁଳି ବେଗରେ ଯେତେବେଳେ ଏହି ଖବର ଚାରିଆଡକୁ ବ୍ୟାପିଗଲା ବଡବଡ ଗମାଙ୍ଗମାନେ କ୍ରୋଧାନ୍ୱିତ ହୋଇଉଠିଲେ । ଗୁଣୁପୁର ଠାରୁ ଗୁଡ଼ାରୀ ପର୍ଯ୍ୟନ୍ତ ଗମାଙ୍ଗମାନେ ମଙ୍ଗେଇଙ୍କୁ ବିଷ ଦେଇ ମାରିଦେବେ ବୋଲି ଚକ୍ରାନ୍ତ କଲେ ।

ଲିପି ଉଦ୍ଭାବିତ ହେବା ପରେ ମଙ୍ଗେଇ ଏକ ନୂତନ ଧର୍ମ ସମ୍ପ୍ରଦାୟ ପ୍ରତିଷ୍ଠା କଲେ, ଯାହାର ନାମ 'ମଡ଼ାର ବମ ଡମଡ୍ରି' ଅର୍ଥାତ 'ଆଖି ମେଲି ଚାହିବା, ପ୍ରବୁଦ୍ଧ ଓ ଭଲ ମଣିଷ ହେବାର ଧର୍ମ' । ଲୋକମାନେ ଯେତେବେଳେ ଧୀରେଧୀରେ ଏହାକୁ ଗ୍ରହଣ କରିଗଲେ ମଙ୍ଗେଇ ପ୍ରେସ ବସାଇ ପୁସ୍ତକ ଛପାଇବା ଓ ପୂର୍ଣ୍ଣାଙ୍ଗ ମନ୍ଦିରଟିଏ ନିର୍ମାଣ କରିବାର ଆଶା ପୋଷଣ କଲେ । ଆଶା ତାଙ୍କର ପୂର୍ଣ୍ଣ ହେଲା । ସେହି ଛୋଟ ଡଙ୍ଗର ଉପରେ ମନ୍ଦିରଟିଏ ନିର୍ମିତ ହେଲା। ଏହା ସଉରାମାନଙ୍କୁ ଭଲରାସ୍ତାକୁ ଯିବା ପାଇଁ ବାଟ କଢାଇ ନେଉଛି। ମନ୍ଦିରରେ ପ୍ରତ୍ୟେକ ଦିନ ଚାରିଆଡୁ ଭକ୍ତମାନଙ୍କର ସମାବେଶ ହେଉଅଛି । କଦଳୀ, ନଡିଆ, ଲିଆ, ଧୂପ ଚାଉଳ, ଦୂବ ଇତ୍ୟାଦି ପୂଜା ସାମଗ୍ରୀରେ ପୂଜା ହେଉଅଛି । ମନ୍ଦିରରେ ଜଣେ ପୂଜକ ଅଛନ୍ତି ।

କ୍ରମେ ଏହି ନୂତନ ଧର୍ମ ସମ୍ପ୍ରଦାୟର ଶାଖା ବିଭିନ୍ନ ସୋରା ଗ୍ରାମରେ ପ୍ରତିଷ୍ଠିତ ହେଲା । ପ୍ରତ୍ୟେକ ଗୁରୁବାର ଦିନ ସ୍ତ୍ରୀ ପୁରୁଷ ଛୋଟ ବଡ ନିର୍ବିଶେଷରେ ସମସ୍ତେ ସେହି ଶାଖା କେନ୍ଦ୍ରରେ ଉପସ୍ଥିତ ହୋଇ ଅକ୍ଷରବ୍ରହ୍ମଙ୍କୁ ଆରାଧନା କରନ୍ତି । ଫୁଲ, ଦୂବ, ଚାଉଳ, ଧୂପ ନେଇ ସେଠାରେ ପହଞ୍ଚନ୍ତି । ମଡ଼ାର ବମଙ୍କର ବନ୍ଦନା ଗୀତି ସମବେତ କଣ୍ଠରେ ଗାନ କରନ୍ତି । ବ୍ରହ୍ମଙ୍କୁ ନୈବେଦ୍ୟ ଅର୍ପଣ କରି କହନ୍ତି – "ଫୁଟି ଉଠେ ପ୍ରଭୁ ! ଆମକୁ ଜାଗ୍ରତ କରାଅ, ନିର୍ଭୀକ କରାଅ । ଆଲୋକର ପଥରେ ଆମେ ଯେପରି ଅଗ୍ରସର ହୋଇପାରିବୁ, ସେଥିପାଇଁ ସାହାଯ୍ୟ କର ।"

୧୯୫୨ ମସିହା ବେଳକୁ ମଙ୍ଗେଇ ନିଜେ ଛୋଟ ପକେଟ ଖାତାରେ ଲେଖି ଲିପିର ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ । ସବୁ ସୋରାମାନଙ୍କୁ ଏହିପରି ଲେଖି ଯୋଗାଇ ଦେବା ସମ୍ଭବପର ହେଲା ନାହିଁ । ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ସେ ଚେଷ୍ଟା କଲେ । ୧୯୬୫ ମସିହାରେ ସେ ଆନ୍ଧ୍ର ପ୍ରଦେଶର ବିଜୟୱାଡାକୁ ଯାତ୍ରା କଲେ । ସେଠାରେ ଇଣ୍ଟର ପ୍ରେସ୍ ସହ ଯୋଗାଯୋଗ କଲେ । ପଥରରେ ଖୋଦେଇ ହୋଇ ପ୍ରଥମେ ଅକ୍ଷର ସବୁ ଛାପା ହେଲା । କେବଳ ଅକ୍ଷର ଗୁଡିକ ପ୍ରକାଶିତ ହେଲା । ମାତ୍ର ସେଥିରେ କେତୋଟି ଅକ୍ଷରର ତ୍ରୁଟି ରହିଗଲା । ତେଣୁ ମଙ୍ଗେଇ ତାହାକୁ ବଦଳାଇବାକୁ ଚେଷ୍ଟା କଲେ । ଏହି ସମୟରେ ବିଜୟୱାଡାର ସ୍ୱତନ୍ତ୍ର ଆର୍ଟ ପ୍ରିଣ୍ଟର୍ସରୁ 'ସବ୍ରମ କ୍ଲାୟିନିମି' ନାମକ ସୋରା ଭାଷା ଶିକ୍ଷା ପୁସ୍ତକ ପ୍ରକାଶିତ ହେଲା ।

ବାହାରେ ପୁସ୍ତକ ପ୍ରକାଶନ କରିବା ଅପେକ୍ଷା ନିଜସ୍ୱ ପ୍ରେସଟିଏ ସ୍ଥାପନ କରି ପୁସ୍ତକ ପ୍ରକାଶନ କରିବାକୁ ମଙ୍ଗେଇଙ୍କର ଆଗ୍ରହ ଜାତ ହେଲା । ହେଲେ ଏତେଗୁଡିଏ ଟଙ୍କା ଆସିବ କେଉଁଠୁ ? ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ନିଜ ଜାତିର ଉନ୍ନତି ପାଇଁ ଯେଉଁ କେତେ ଜଣ ମଙ୍ଗେଇଙ୍କୁ ସାହାଯ୍ୟ କରିଥିଲେ, ସେମାନେ ହେଲେ ବିଶା ଶବର(ଏଦ୍‌ଲସା), ଶୁକୁ ଶବର (ବାମୁଣିଡଙ୍ଗର), ନୀଳାମ୍ବର ଶବର (ଘନାତ୍ରି), ନରସିଂହ ଶବର (ଡମ୍ବସରା) ଓ ପେଟାଂଶବର (ଡମ୍ବସରା)। ଏମାନଙ୍କ ଠାରୁ ଆର୍ଥିକ ସାହାଯ୍ୟ ଲାଭକରି ମଙ୍ଗେଇ ୧୯୬୬ମସିହାରେ ଶ୍ରୀକାକୁଳମ୍ ଯାଇ ପ୍ରେସ୍‌ଟିଏ ଯୋଗାଡ କରିବାକୁ ଲାଗିଲେ । ରାମା ପ୍ରେସ୍‌ର ପୁରୁଣା ପ୍ରେସ୍‌ଟିଏ କିଣା ହୋଇ ଆସି ଡମ୍ବସରାରେ ପହଞ୍ଚିଲା ।

ପ୍ରେସ୍ କିପରି ଜିନିଷ ଏବଂ ସେଥିରେ କିପରି କାର୍ଯ୍ୟଚଳେ, ଏ ସମସ୍ତ ବିଷୟ ସେତେବେଳେ ସଉରାମାନଙ୍କ ମଧ୍ୟରେ କାହାରିକୁ ଜଣା ନଥିଲା । ତେଣୁ ବାହାରୁ ପ୍ରେସ୍‌ମେନ ଅଣାଇ କାର୍ଯ୍ୟ ଚଳାଇବାକୁ ସେ ସିଦ୍ଧାନ୍ତ କଲେ । ଲାଇସେନ୍ସ ପାଇଁ ଗୁଣୁପୁର ଏସ୍.ଡି.ଓ ଅଫିସକୁ ଦୌଡିଲେ । ଅନୁମତି ନ ମିଳିବାରୁ ପ୍ରେସ କାର୍ଯ୍ୟ ବନ୍ଦ ହୋଇଗଲା। ତଥାପି ମଙ୍ଗେଇ ଭାଙ୍ଗି ପଡିଲେ ନାହିଁ। ଶେଷରେ ୧୯୭୨-୭୩ ମସିହାରେ ଲାଇସେନ୍ସ ମିଳିଲା । ଡମ୍ବସରାରେ ପ୍ରେସ ବସାଇବାକୁ ପେଟାଂ ଶବର ନିଜର ଜମିଟିଏ ଦାନ କଲେ । ସେଠାରେ ଘର ତିଆରି ହୋଇ ପ୍ରେସ ବସିଲା । ଅକ୍ଷର ସବୁ ଯୋଡା ଯାଇ ପ୍ରେସ ଭିତରେ ଥୁଆଗଲା।

ପ୍ରଥମେ ଅକ୍ଷର ସବୁ ଛାପା ହୋଇ ସଉରା ଲୋକମାନଙ୍କ ଭିତରେ ବିତରଣ କରାଗଲା । ତା'ପରେ ଛୋଟ ଛୋଟ ପୁସ୍ତକମାନ ପ୍ରକାଶ ପାଇଲା । ପ୍ରାଥମିକ ଶିକ୍ଷା ପୁସ୍ତକ ଠାରୁ ଆରମ୍ଭ କରି ବଡ ବଡ ପୁସ୍ତକ ସବୁ ପ୍ରକାଶ ପାଇଲା । ସବୁ ଗ୍ରନ୍ଥର ଲେଖକ ଥିଲେ ନିଜେ ମଙ୍ଗେଇ ଗମାଙ୍ଗ । ସେଠାରୁ ପ୍ରକାଶ ପାଇଥିବା ଗ୍ରନ୍ଥର ତାଲିକା ନିମ୍ନରେ ପ୍ରଦାନ କରାଗଲା ।

୧. କ୍ଲାୟିନିମି – (ପ୍ରଥମ ବହି)

୨. ଲେକିକମ୍ – (ଗଣିତ ଶିକ୍ଷା)

୩. ସୋରା ପ୍ରାଇମର – (ବର୍ଣ୍ଣବୋଧ)

୪. ଚାଚାନ୍ ମାନିକମ୍ – (ଚାଟଶାଳୀ ପାଠ)

୫. ଡୁଡେନିକମ୍ – (ଛବି ବହି)

୬. ପ୍ରାଇମାର ବିବିଲ ଜରାମରା- (ବର୍ଣ୍ଣବୋଧ, ୨ୟ ଭାଗ)

୭. ମାଗଲ୍ ସିଡି – (ଗଣିତ ଶାସ୍ତ୍ର)

୮. ଚାଚାନ୍ ଲାଙ୍ଡି – (ସାଧାରଣ ଜ୍ଞାନ)

୯. ଗୋପି କିନ୍ – (ଗୋପୀ ଭାଷା)

୧୦. ତାରସନ୍ ମାନିୟ (ତ୍ରିନାଥ ମେଳା)

୧୧. ପାନାମ୍ ତନୁଡି –(ଦେଉଳ ତୋଳା)

୧୨. ବିବିଲ ଜରାମାର –(ବ୍ୟାକରଣ)

୧୩. ଇସ୍ ତାରନ୍ –(ଇତିହାସ)

୧୪. ସୋରା ଜମ୍ ଜାତଡନ୍ –(ସୋରା ଜାତିର ଇତିହାସ)

୧୫. ଜାନାମ୍ ସୁରତମ୍ –(ଠାକୁରାଣୀ ପୂଜାବହି)

୧୬. ଏରଗତଃ ଲିଆରସ୍ –(ବିନା ଗୁରୁରେ ଅସ୍ତ୍ରଶସ୍ତ୍ର ଶିକ୍ଷା)

୧୭. ସାକ୍ଲୋଲ ଡମଡ୍ରି –(ସତ୍ୟ ଧର୍ମ କଥା)

୧୮. ତୈଇଂ ଡ୍ରମ –(କବଚ ମନ୍ତ୍ର ବହି)

୧୯. ମଭାର ବମ ବିଜ୍ଞାନ - (ସୋରା ୨ୟ ଭାଗ ପ୍ରଥମ ବହି)

୨୦. ମଭାର ବମ ମନ୍ତ୍ର –(ତୁଟୁକା ବହି)

୨୧. ଭାରତନ୍ ଇସତାରନ୍ –( ଭାରତ ଇତିହାସ)

୨୨. ମାନବିକଲ୍ ଡମଡ୍ରି –(ଧର୍ମ ପୁସ୍ତକ)

୨୩. ଡାତାରଡ୍ଂ ଜାରିଂନା –(ଗୁରୁବାର ପୂଜା ବହି)

**ପାରିବାରିକ ଜୀବନ :**

ନିଜ ପିତାଙ୍କ ପରି ମଙ୍ଗେଇ ମଧ୍ୟ ତିନୋଟି ପତ୍ନୀ ଗ୍ରହଣ କରିଥିଲେ । ନିଜ ମାମୁଁ ମାଳିଆ ଗମାଙ୍ଗଙ୍କ କନ୍ୟା ସୁନ୍ଦର ମଣି ଥିଲେ ତାଙ୍କର ପ୍ରଥମ ପତ୍ନୀ । ପ୍ରାୟ ୧୯୬୫ ମସିହାରେ ତାଙ୍କର ମୃତ୍ୟୁ ହେବାରୁ ସେ ଘନାଡ୍ରିରୁ ଶଶିଙ୍କୁ ବିବାହ କଲେ । ମାତ୍ର ପାରିବାରିକ ଗଣ୍ଡଗୋଳକୁ ନେଇ ଶଶି ନିଜ ବାପଘରକୁ ଫେରିଯାଇଥିଲେ । ଏକବର୍ଷ ଅପେକ୍ଷା କରିବା ପରେ ମଙ୍ଗେଇ ଏଦ୍‌ଲସାରୁ ସୂର୍ଯ୍ୟଙ୍କୁ ତୃତୀୟ ପତ୍ନୀ ହିସାବରେ ଗ୍ରହଣ କଲେ । ମଙ୍ଗେଇଙ୍କର ଏପରି ବ୍ୟବହାର ଦେଖି ଶଶି ବାଧ୍ୟ ହୋଇ ପୁଣି ମଙ୍ଗେଇଙ୍କ ନିକଟକୁ ଫେରି ଆସିଥିଲେ । ଦ୍ୱିତୀୟ ପତ୍ନୀଙ୍କ ଗର୍ଭରୁ ଦୁଇପୁଅ ଓ ଗୋଟିଏ ଝିଅ ଥିଲେ । ତୃତୀୟ ପତ୍ନୀଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମଲାଭ କଲେ । ମଙ୍ଗେଇଙ୍କ ପ୍ରଥମ ପତ୍ନୀଙ୍କ ଗର୍ଭରୁ ୩ଟି ଝିଅ ଓ ଗୋଟିଏ ପୁଅ ଜନ୍ମ ଲାଭ କରିଥିଲେ । ସେହି ବଡ଼ ପୁଅ ଓ୍ୱାର୍‌ନାଇବିକ ଗମାଙ୍ଗ ବର୍ତ୍ତମାନ ନିଜ ଜାତିର ଉନ୍ନତି ନିମିତ୍ତ ମଧ୍ୟ ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ଗାଁ ଗାଁ ବୁଲି ସୋରା ଲିପି ଓ ଭାଷାରେ ପ୍ରଚାର ଚଳାଇଛନ୍ତି । ସେ ମଧ୍ୟ 'ଜୁଗା ଗିଡାରତଂ' ନାମକ ପୁସ୍ତକ ରଚନା କରିଛନ୍ତି । ଯେଉଁଥିରେ ଲିପି ଉଦ୍ଭାବିତ ହେବା ପରେ ତାଙ୍କର ପୂଜା ବିଧି ସମ୍ପର୍କରେ ଲେଖାଯାଇଅଛି ।

ଜୀବନରେ ବହୁ ଘାତ ପ୍ରତିଘାତ ମଧ୍ୟ ଦେଇ ମଙ୍ଗେଇ ଗତି କରିଥିଲେ । ତାଙ୍କର ଅମର କୃତି ସଉରା ଲିପିର ଉଦ୍ଭାବନ ପାଇଁ ସେ ଜୟପୁରର ରାଜା ବିକ୍ରମ ଦେବଙ୍କର ଶ୍ରଦ୍ଧାର ପାତ୍ର ହୋଇଥିଲେ । ୧୯୭୬ ମସିହାରେ ମହୀଶୂର ସ୍ଥିତ ଭାରତୀୟ ଭାଷା କେନ୍ଦ୍ର ଆନୁକୁଲ୍ୟରେ ଅନୁଷ୍ଠିତ ସୋରା ପ୍ରାଥମିକ ଶିକ୍ଷା ପୁସ୍ତକ ପ୍ରସ୍ତୁତି କାର୍ଯ୍ୟକ୍ରମରେ ସେ ଅଂଶଗ୍ରହଣ କରିଥିଲେ । ୧୯୭୮ ମସିହାରେ ଗୁଣୁପୁର ବଂଶଧାରା ସଉରା

ସମାଜ ତାଙ୍କୁ ସମ୍ମାନିତ କରିଥିଲା । ୧୯୭୯ ମସିହାରେ ସେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ । ଶେଷରେ ୧୯୮୦ ମସିହା ଜୁଲାଇ ୧୯ ତାରିଖରେ ମାରିଚଗୁଡା ବାସଭବନରେ ସେ ଇହଲୀଳା ସମ୍ବରଣ କରିଥିଲେ ।

ଭାଷା ଓ ସଂସ୍କୃତିର ସଂରକ୍ଷଣ ତଥା ପରିପ୍ରସାରରେ ମଙ୍ଗେଇ ଗମାଙ୍ଗଙ୍କ ଉଦ୍ଭାବିତ ଲିପି ଏକ ସେତୁ ସଦୃଶ ଉଭା ହେବା ସହିତ ଏକ ମହାନ ସଂସ୍କୃତିର ସ୍ୱାଭିମାନକୁ ଜନମାନସରେ ପରିଚିତ କରାଇବାରେ ସକ୍ଷମ ହୋଇଛି । ସୋରାଙ୍ ସୋମପେଙ୍ର ସ୍ରଷ୍ଟା ମଙ୍ଗେଇ ଗମାଙ୍ଗ ଜଣେ ବିଶିଷ୍ଟ ଭାଷାବିତ୍ ଥିଲେ । ଗୋଟିଏ ସଉରା ପରିବାରରେ ଜନ୍ମଗ୍ରହଣ କରି ସେ ଯେଉଁ ଅମୂଲ୍ୟ ସମ୍ପଦ ନିଜ ଜାତି ପାଇଁ ଛାଡି ଯାଇଅଛନ୍ତି, ସେଥିପାଇଁ ସେ କାଳବକ୍ଷରେ ସଦା ସର୍ବଦା ସ୍ମରଣୀୟ ହୋଇ ରହିଥିବେ ।

❑❑

ପରିଶିଷ୍ଟ (କ)

# ଭାରତର ପ୍ରମୁଖ ଜନଜାତି ବିଦ୍ରୋହ
## (୧୭୭୮ - ୧୯୪୭)

| | | |
|---|---|---|
| ୧୭୭୮ | : | ବ୍ରିଟିଶ ସରକାରଙ୍କ ବିରୋଧରେ ବିହାରର ପାହାଡ଼ିଆ ସର୍ଦ୍ଦାରମାନଙ୍କ ବିଦ୍ରୋହ। |
| ୧୭୮୪-୮୫ | : | ଜବାହର ରାଣାଙ୍କ ନେତୃତ୍ୱରେ ମହାରାଷ୍ଟ୍ରରେ କୋଲି ବିଦ୍ରୋହ। |
| ୧୭୮୯/୧୭୯୪-୯୫ | : | ଛୋଟନାଗପୁରର ତାମର ବିଦ୍ରୋହ। |
| ୧୭୯୫-୧୮୦୦ | : | ବିହାରର ଚୌରି ବିଦ୍ରୋହ। |
| ୧୭୯୮ | : | ପାଂଚେଟ୍ ଜମିଦାରୀ ବିକ୍ରୟ ବିରୋଧୀ ଜନଜାତି ବିଦ୍ରୋହ (ବିହାର)। |
| ୧୮୦୧ | : | ବିହାରର ତାମର ବିଦ୍ରୋହ। |
| ୧୮୦୩ | : | ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀର ରମ୍ପା ଅଞ୍ଚଳର କୋୟା ବିଦ୍ରୋହ। |
| ୧୮୦୭-୦୮ | : | ଛୋଟନାଗପୁରର ଆଦିବାସୀ ବିଦ୍ରୋହ। |
| ୧୮୦୯-୨୮ | : | ଗୁଜୁରାଟର ଭୀଲ ବିଦ୍ରୋହ। |
| ୧୮୧୧/୧୭/୧୮/୨୦ | : | ବିହାରର ଜନଜାତି ରଇତ ବିଦ୍ରୋହ। |
| ୧୮୧୮ | : | ମହାରାଷ୍ଟ୍ରର କୋଲି ବିଦ୍ରୋହ। |
| ୧୮୧୬-୨୪ | : | ବର୍ମୀୟ ଶାସକଙ୍କ ବିରୋଧରେ ଆସାମର ଜନଜାତିଙ୍କ ସଂଗ୍ରାମ। |
| ୧୮୨୫, ୧୮୨୮ | : | ଆସାମର ସାଦିଆଠାରେ ବ୍ରିଟିଶ୍ ବିରୋଧରେ ସିଙ୍ଗଫୁ ମାନଙ୍କ ବିଦ୍ରୋହ। |
| ୧୮୨୮ | : | ଉଇଲିୟମ୍ସନ୍‌ଙ୍କୁ ମିସ୍‌ମୀ ଗୋଷ୍ଠୀର ଆଦିବାସୀମାନେ ହତ୍ୟା କରିବା ପରେ ବ୍ରିଟ୍ରିଶ୍ ବିରୋଧରେ ମିସ୍‌ମୀମାନଙ୍କ ବିଦ୍ରୋହ। |
| ୧୮୨୮ | : | ଗୋମ୍‌ଧର କନୱ୍ୱାରଙ୍କ ନେତୃତ୍ୱରେ ଆସାମର ଜନଜାତିଙ୍କ ବ୍ରିଟିଶ୍ ବିରୋଧରେ ବିଦ୍ରୋହ। |
| ୧୮୨୯-୧୮୩୩ | : | ଆସାମରେ ତିରୁଟ୍ ସିଂ ବ୍ରିଟିଶ ଜେନେରାଲ ଓ ସେମାନଙ୍କ ସିପାହୀମାନଙ୍କ ବିରୋଧରେ ସଂଗ୍ରାମ । ୧୮୩୩ ରେ ତିରୁଟ ସିଂ ଆତ୍ମ ସମର୍ପଣ କରିବାପରେ ୧୮୩୪ ରେ ତାଙ୍କୁ ହତ୍ୟା କରାଗଲା। |
| ୧୮୩୧-୩୨ | : | ଛୋଟନାଗପୁରରେ ବିନ୍ଦରାଇ ଓ ସିଂହରାଇଙ୍କ ନେତୃତ୍ୱରେ କୋହ୍ଲ ବିଦ୍ରୋହ। |
| ୧୮୨୦,୧୮୩୨,୧୮୬୭ | : | ବିହାରରେ ମୁଣ୍ଡାମାନଙ୍କର ବିଦ୍ରୋହ। |
| ୧୮୩୨-୩୩ | : | ବିହାରରେ ଭଗୀରଥ ମାଝୀଙ୍କ ନେତୃତ୍ୱରେ ଖେରୱ୍ୱାର ବିପ୍ଳବ । ଅନ୍ୟତମ ଖେରୱ୍ୱାର ନେତା ଡୁବିରେ ଗୋସାଇଁଙ୍କ ନେତୃତ୍ୱରେ ହଜାରିବାଗ୍ ବିପ୍ଳବ। |

| | | |
|---|---|---|
| ୧୮୩୪-୪୧ | : | ଆସାମର ଲୁସା ଜନଜାତିଙ୍କ ବ୍ରିଟିଶ ବିରୋଧରେ ବିଦ୍ରୋହ । |
| ୧୮୩୫ | : | ଆସାମର ବେଫା ଅଞ୍ଚଳର ଡାଫ୍ଲା ଗୋଷ୍ଠୀର ଜନଜାତି ବ୍ରିଟିଶ ଅଧିକୃତ ସମତଳ ଅଞ୍ଚଳ ଉପରେ ଆକ୍ରମଣ ଓ ବ୍ରିଟିଶ୍ ସୈନ୍ୟବାହିନୀର ପ୍ରତି ଆକ୍ରମଣ । |
| ୧୮୩୫ | : | ଆସାମର ଜୟନ୍ତିଆ ପାହାଡମାଳାର ରାଜାଙ୍କୁ ବ୍ରିଟିଶମାନେ ଗାଦିଚ୍ୟୁତ କରିବାରୁ ତା ବିରୋଧରେ ଜୟନ୍ତିଆରେ ବିଦ୍ରୋହ । |
| ୧୮୩୬ | : | ଆସାମର ମିସ୍‌ମି ଜନଜାତିଙ୍କ ଆନ୍ଦୋଳନ । ଉଦ୍ଭିଦ ବିଜ୍ଞାନୀ ଗ୍ରିଫିଥ୍‌ଙ୍କୁ ହତ୍ୟା କଲେ ବିଦ୍ରୋହୀ । |
| ୧୮୩୫-୪୬ | : | ନବଘନ କହଁରଙ୍କ ନେତୃତ୍ୱରେ ବୌଦ୍ଧରେ କନ୍ଧ ବିଦ୍ରୋହ । |
| ୧୮୩୯-୬୨ | : | ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଓଡିଶାର ପଶ୍ଚିମାଞ୍ଚଳରେ ଜନଜାତି ସଂଗ୍ରାମ । |
| ୧୮୩୫-୩୮ | : | ସର୍ଦ୍ଦାର ହେକାର ବାବୁଙ୍କ ନେତୃତ୍ୱରେ ସିଂହଭୂମିର ଲାଲ୍‌କା (କୋହ୍ଲ) ବିଦ୍ରୋହ । |
| ୧୮୩୮ | : | ଗୁଜୁରାଟର ନାୟକ ବିଦ୍ରୋହ । |
| ୧୮୩୯-୪୩ | : | ଆସାମର ଖାମ୍ପଟି ବିପ୍ଳବ । ଖାମ୍ପଟିମାନେ ବ୍ରିଟିଶ ଏଜେଣ୍ଟଙ୍କୁ ତଥା ୮୦ ଜଣ ସୈନ୍ୟଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ । ଫଳରେ ବ୍ରିଟିଶମାନେ ୧୮୪୨ ରେ ସାଦ୍ଧିୟା ଓ ମଟକ୍ ଅଞ୍ଚଳ ଉପରେ ଆକ୍ରମଣ କରି ଆସାମ ସହ ମିଶାଇ ଦେଇଥିଲେ । |
| ୧୮୩୯-୪୮ | : | ପ୍ରଥମ ତାମାଦୋରାଙ୍କ ନେତୃତ୍ୱରେ ମାଲକାନଗିରିରେ ଦ୍ୱିତୀୟ ରମ୍ପା ବିଦ୍ରୋହ । |
| ୧୮୪୨ | : | ମଧ୍ୟପ୍ରଦେଶର ଗଣ୍ଡ ବିଦ୍ରୋହ । କ୍ୟାପ୍‌ଟେନ୍ ବ୍ଲଣ୍ଟଙ୍କ ବାହିନୀର ପରାଜୟ । |
| ୧୮୪୨ | : | ଆସାମରେ ଅଧିକୃତ ଆରାକାନ୍ ଓ ସିଲ୍‌ହଟ ଆଦି ବ୍ରିଟିଶ ଅଞ୍ଚଳ ଉପରେ ଲୁସାଇ ଜନତାଙ୍କ ଆକ୍ରମଣ । |
| ୧୮୪୩ | : | ଆସାମରେ ବ୍ରିଟିଶ ସୈନ୍ୟବାହିନୀର ବାରାକ୍ ଉପରେ ସିଙ୍ଗଫୁଂ ଜନଜାତିଙ୍କ ଆକ୍ରମଣ । |
| ୧୮୪୪ | : | ବ୍ରିଟିଶ ଅଧିକୃତ ମଣିପୁରରେ ଲୁସାଇ ନେତା ଲାଲ୍ ଶୁକ୍ଳଙ୍କ ନେତୃତ୍ୱରେ ବିଦ୍ରୋହ । |
| ୧୮୪୬ | : | ଗୁଜୁରାଟରେ କୁଆଁଇ ଜଏ ଭାସ୍‌ଭୋଙ୍କ ନେତୃତ୍ୱରେ ବ୍ରିଟିଶ୍ ସାମ୍ରାଜ୍ୟ ବିରୋଧରେ ବିଦ୍ରୋହ । |
| ୧୮୪୯ | : | ଆସାମର ଇଂଗ୍ରେଜ ବସ୍ତି ଉପରେ କଦମ୍ ସିଙ୍ଗଫୁଂଙ୍କ ନେତୃତ୍ୱରେ ଜନଜାତି ବିଦ୍ରୋହ । |
| ୧୮୪୬-୫୬ | : | ଚକରା ବିଶୋୟୀଙ୍କ ନେତୃତ୍ୱରେ ଘୁମୁସର ଓ ମଧ୍ୟ ଓଡିଶାରେ ବ୍ରିଟିଶ ବିରୋଧରେ କନ୍ଧ ବିଦ୍ରୋହ । |
| ୧୮୫୩-୫୫ | : | ରିନ୍ଦୋ ମାଝୀଙ୍କ ନେତୃତ୍ୱରେ କଳାହାଣ୍ଡିରେ କନ୍ଧ ବିଦ୍ରୋହ । |

| | | |
|---|---|---|
| ୧୮୫୭ | : | ଆନନ୍ଦ ମାଝୀଙ୍କ ନେତୃତ୍ୱରେ ଉତ୍ତର ବାଲେଶ୍ୱରରେ ସାନ୍ତାଳ ବିଦ୍ରୋହ । |
| ୧୮୫୮ | : | ଆସାମର କଚାରୀ ଜନଜାତିଙ୍କ ବ୍ରିଟିଶ୍ ବିରୋଧରେ ବିଦ୍ରୋହ । |
| ୧୮୫୮ | : | ଗୁଜୁରାଟରେ ନାଇକ ଦାସ୍‌ଙ୍କ ବିଦ୍ରୋହ । |
| ୧୮୫୭-୫୮ | : | ଭଗୋଜୀ ନାଏକ ଓ କାଜର ସିଂଙ୍କ ନେତୃତ୍ୱରେ ଗୁଜୁରାଟରେ ଭିଲ୍‌ମାନଙ୍କ ବିଦ୍ରୋହ । |
| ୧୮୫୭ | : | ଆସାମରେ ସାରିଂ ରାଜା ଓ ମନିରାମ ଦେୱାନଙ୍କ ବିଦ୍ରୋହ । |
| ୧୮୬୦ | : | ତ୍ରିପୁରାରେ ବ୍ରିଟିଶଙ୍କ ଉପରେ ଲୁସାଇ ସର୍ଦ୍ଦାରମାନଙ୍କର ଆକ୍ରମଣ । |
| ୧୮୬୦-୬୨ | : | ବ୍ରିଟିଶ ବିରୋଧରେ ମେଘାଳୟର ଜୟନ୍ତିଆ ପର୍ବତରେ କିଆଙ୍ଗ ନୋଙ୍ଗବାଙ୍କ ନେତୃତ୍ୱରେ ଜନଜାତି ବିଦ୍ରୋହ । |
| ୧୮୬୧ | : | ଆସାମରେ ଜନଜାତି କୃଷକମାନଙ୍କର ଫୁଲାଗୁଡି ବିପ୍ଳବ । |
| ୧୮୬୭-୬୮ | : | ରତ୍ନା ନାୟକଙ୍କ ନେତୃତ୍ୱରେ କେନ୍ଦୁଝରରେ ଭୂୟାଁମେଳି । |
| ୧୮୭୦-୮୦ | : | (ଭୀମା) ତାମା ଦୋରାଙ୍କ ନେତୃତ୍ୱରେ ମାଲକାନଗିରିରେ କୋୟା ବିଦ୍ରୋହ । |
| ୧୮୬୭, ୧୮୮୩ | : | ଆଣ୍ଡାମାନର ସେଣ୍ଟିନାଲ୍ ଦ୍ୱୀପବାସୀମାନଙ୍କ ବିଦ୍ରୋହ । |
| ୧୮୬୮ | : | ଗୁଜୁରାଟରେ ଜୋରିଆ ରୂପ ସିଂ ଓ ଭଗତଙ୍କ ନେତୃତ୍ୱରେ ନାୟକ ବିଦ୍ରୋହ । |
| ୧୮୬୯ -୭୦ | : | ଟୁଣ୍ଡି ରାଜାଙ୍କ ବିରୋଧରେ ବିହାରରେ ସାନ୍ତାଳ ବିଦ୍ରୋହ । |
| ୧୮୭୨-୭୩ | : | ଆସାମର ନେଫା ଅଞ୍ଚଳରେ ଡାଫ୍ଲା ଆଦିବାସୀ ଗୋଷ୍ଠୀ ଓ ବ୍ରିଟିଶ ଶାସକଙ୍କ ମଧ୍ୟରେ ସଂଘର୍ଷ । |
| ୧୮୭୯ | : | ବ୍ରିଟିଶ୍ ଏକଛତ୍ରବାଦ ବିରୋଧରେ କୋହିମାରେ ନାଗା ବିଦ୍ରୋହ । |
| ୧୮୮୯ | : | ବ୍ରିଟିଶ ସରକାର ବିରୋଧରେ ବିହାରରେ ମୁଣ୍ଡାମାନଙ୍କର ସର୍ଦ୍ଦାରୀ ବିଦ୍ରୋହ । |
| ୧୮୯୧-୯୩ | : | ଧରଣୀଧର ଭୂୟାଁଙ୍କ ନେତୃତ୍ୱରେ କେନ୍ଦୁଝର ରାଜା ଓ ବ୍ରିଟିଶ ସରକାରଙ୍କ ବିରୋଧରେ ଭୂୟାଁ ମେଳି । |
| ୧୮୯୧ | : | ବ୍ରିଟିଶ ବିରୋଧରେ ଟୀକେନ୍ଦ୍ରଜିତ୍ ସିଂଙ୍କ ନେତୃତ୍ୱରେ ମଣିପୁରରେ ଜନଜାତି ବିଦ୍ରୋହ । |

| | | |
|---|---|---|
| ୧୮୯୨ | : | ଆସାମ ପୂର୍ବାଞ୍ଚଳରେ ବ୍ରିଟିଶ୍ ବିରୋଧରେ ଲୁସାଇ ଗୋଷ୍ଠୀର ବିଦ୍ରୋହ । |
| ୧୮୯୨-୯୫ | : | ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ମଧ୍ୟ ଭାରତରେ ମୁଣ୍ଡା ବିଦ୍ରୋହ । |
| ୧୯୧୧ | : | ବ୍ରିଟିଶ ରାଜ ଏବଂ ଗଡଜାତ ରାଜାଙ୍କ ବିରୋଧରେ ଗୁଣ୍ଡା ଧୁରଙ୍କ ନେତୃତ୍ୱରେ ବସ୍ତରରେ ଜନଜାତି ବିଦ୍ରୋହ । |
| ୧୯୧୩-୨୧ | : | ବିହାରରେ ତାନା ଭଗତ୍‌ଙ୍କ ନେତୃତ୍ୱରେ ଭଗତ ବିଦ୍ରୋହ । |
| ୧୯୨୨-୨୪ | : | ସନ୍ନ୍ୟାସୀ, ଆଲୁରି ସୀତାରାମେୟା ରାଜୁଙ୍କ ନେତୃତ୍ୱରେ ରମ୍ପା–ମାଲକାନଗିରି ଅଞ୍ଚଳରେ ବିଖ୍ୟାତ କୋୟା ବିଦ୍ରୋହ । ଏଥିରେ କୋଣ୍ଡାଦୋରା, କୋଣ୍ଡାରେଡି ଓ ଭତରା ସମ୍ପ୍ରଦାୟର ଜନଜାତି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । |
| ୧୯୩୨ | : | ରାଣୀ ଗୁଇଡାଲୋଙ୍କ ନେତୃତ୍ୱରେ ଆସାମରେ ନାଗା ବିଦ୍ରୋହ । |
| ୧୯୪୧ | : | କୋମରାମ ଭୀମଙ୍କ ନେତୃତ୍ୱରେ ଆନ୍ଧ୍ର ପ୍ରଦେଶର ଆଦିଲାବାଦ ଜିଲ୍ଲାରେ ଗଣ୍ଡ ଓ କୋଲାମ୍ ବିଦ୍ରୋହ । |
| ୧୯୩୬-୪୨ | : | ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ମାଲକାନଗିରିରେ ସ୍ୱାଧୀନତା ଆନ୍ଦୋଳନ । |
| ୧୯୪୬-୪୮ | : | ମହାରାଷ୍ଟ୍ରର ୱର୍ଲି ବିଦ୍ରୋହ । |
| ୧୯୪୬-୫୧ | : | ହାଇଦ୍ରାବାଦର ନିଜାମଙ୍କ ବିରୋଧରେ ତେଲେଙ୍ଗାନାର ଜନଜାତି ଓ ଅଣଆଦିବାସୀ କୃଷକଙ୍କ ସଶସ୍ତ୍ର ସଂଗ୍ରାମ । |

(ଭି.ରାଘବେୟା, ଯଦୁନାଥ ଜେନା, ସମୀର ଶତପଥୀ, ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ଦାଶ ଏବଂ ବିଜୟ ଉପାଧ୍ୟାୟ ଇତ୍ୟାଦିଙ୍କ ଦ୍ୱାରା ସଂଗୃହୀତ ତଥ୍ୟର ଭିତ୍ତିରେ ପ୍ରସ୍ତୁତ)

**ପରିଶିଷ୍ଟ (ଖ)**

# ଲେଖକ ପରିଚୟ

## ଡ. ପରମାନନ୍ଦ ପଟେଲ



ଡ଼ ପରମାନନ୍ଦ ପଟେଲ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଏବଂ ଆଦିବାସୀ ମୁଣ୍ଡାରୀ ଭାଷାର ରୂପତାତ୍ତ୍ୱିକ ଅଧ୍ୟୟନ ଉପରେ Ph. D କରିବା ସହ ଜନଜାତି ଭାଷା ଓ ଲୋକସଂସ୍କୃତି ଉପରେ କାର୍ଯ୍ୟ କରି ଆସୁଛନ୍ତି । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀରୁ ବରିଷ୍ଠ ଗବେଷଣା ଅଧିକାରୀ ହିସାବରେ ଦୀର୍ଘ ଦିନ କାର୍ଯ୍ୟ କରିବା ପରେ ସଂପ୍ରତି ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ରାଜ୍ୟ ଜନଜାତି ଭାଷା ସଂଯୋଜକ ହିସାବରେ କାର୍ଯ୍ୟରତ । ଆଦିବାସୀ ଭାଷାର ପ୍ରସାର ଓ ସଂରକ୍ଷଣ ଦିଗରେ ତାଙ୍କ ଅବଦାନ ସୁସ୍ପଷ୍ଟ । ତାଙ୍କ ଦ୍ୱାରା ପ୍ରସ୍ତୁତ ସଉରା, କୋୟା, ବଣ୍ଡା, ହୋ, ମୁଣ୍ଡାରୀ, ସାଦ୍‌ରୀ ଭାଷାର ବ୍ୟାକରଣ ଓ ଶବ୍ଦକୋଷ ସମନ୍ୱିତ ପୁସ୍ତକ ଗୁଡିକ ଖୁବ୍ ଆଦୃତି ଲାଭ କରିଛି । ଏହା ବ୍ୟତୀତ ୨୧ ଗୋଟି ଜନଜାତି ଭାଷାରେ ଦ୍ୱିଭାଷୀକ ଶବ୍ଦକୋଷ ସଂକଳନ ପୂର୍ବକ ବହୁଭାଷୀ ଶିକ୍ଷା ପ୍ରଚଳନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ସଉରା, ଡିଡାୟୀ, ବିନ୍‌ଝାଲ୍, ଭୁଞ୍ଜିଆ, ଖଡ଼ିଆ, ଜୁଆଙ୍ଗ, କୋୟା, ଓରାଓଁ, କୁଭି, ସାଦ୍‌ରୀ, ମୁଣ୍ଡା, ଭାଷାରେ ସଂକଳିତ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକାବଳୀ ଆଦିବାସୀ ଭାଷା ଓ ସଂସ୍କୃତିର ପ୍ରସାର କ୍ଷେତ୍ରରେ ଉପାଦେୟ ହୋଇପାରିଛି । ଜନଜାତି ସଂପର୍କିତ ତାଙ୍କର ବିବିଧ ପ୍ରବନ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ସେ ରାଜ୍ୟ ଓ ଜାତୀୟସ୍ତରୀୟ ସଂପାନରେ ଅନେକ ପ୍ରବନ୍ଧ ପାଠ କରି ଜନଜାତି ଭାଷା ଓ ସଂସ୍କୃତିର ପ୍ରସାର କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ବହୁଭାଷୀ ଶିକ୍ଷା କ୍ଷେତ୍ରରେ ୨୧ ଗୋଟି ଭାଷାର ଜନଜାତି ପ୍ରାଥମିକ ପାଠ୍ୟପୁସ୍ତକ, ଅତିରିକ୍ତ ପଠନ ପୁସ୍ତିକା ସଂପାଦନାରେ କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ।

## ଶ୍ରୀଯୁକ୍ତ ବିଜୟ କୁମାର ଉପାଧ୍ୟାୟ



ଶ୍ରୀଯୁକ୍ତ ବିଜୟ କୁମାର ଉପାଧ୍ୟୟ ୧୯୫୦ ମସିହା ମାର୍ଚ୍ଚ ୩୧ ତାରିଖରେ ବାଲେଶ୍ୱର ଜିଲ୍ଲା, ବସ୍ତା ଥାନା ଅନ୍ତର୍ଗତ ବେଣାପୁରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଏକାଧାରାରେ ଜଣେ ପ୍ରଗତିଶୀଳ କବି, ପ୍ରାବନ୍ଧିକ, ଗବେଷକ ତଥା ସାମାଜିକ କର୍ମୀ ଭାବରେ ପରିଚିତ । ତାଙ୍କ ପ୍ରକାଶିତ କବିତା ସଂକଳନ ମଧ୍ୟରେ ବସୁନ୍ଧରା ମାଟି, ଭଲପାଇବାର ପଦାବଳୀ, ଆହାଃ ଶାନ୍ତି ଏବଂ ଦିଦାଂ ଦାଦନ୍ ଦିଦାଂ ଇତ୍ୟାଦି ଖୁବ୍ ଜନାଦୃତ । ତାଙ୍କ ରଚିତ ପ୍ରବନ୍ଧଗୁଡିକ ଅନ୍ଧାରି ମୂଳକ, ବିପ୍ଳବୀ ତାମାଦୋରା, ଜୀବନ୍ତ ସଭ୍ୟତା ମଧ୍ୟ ଲୋକପ୍ରିୟ ହୋଇପାରିଛି ।

ତାଙ୍କ ସଂପାଦନାରେ  ବିପ୍ଳବୀ ମନମୋହନ ସ୍ମୃତି ସଂଚୟନ, ରଘୁନାଥ ପରିକ୍ରମା, ଇନ୍ଦୁ ଭୂଷଣ ମିଶ୍ର, ସାରସ୍ୱତ ସାଧକ ରଘୁନାଥ ରଥ, ଦେଶିଆ ଜ୍ଞାନକୋଷ, ଜୀବନ ଓ ସଂଗ୍ରାମ, ଓଡ଼ିଶାର ଜନ ଆନ୍ଦୋଳନ, ଓଡ଼ିଶାର ଗଣତାନ୍ତ୍ରିକ ଆନ୍ଦୋଳନ,  ଓଡ଼ିଶାର ପ୍ରଗତିଶୀଳ ସାହିତ୍ୟ ଓ ଆନ୍ଦୋଳନର ସାହିତ୍ୟ, ଓଡ଼ିଶାର ଶ୍ରମିକ ଆନ୍ଦୋଳିତ ସ୍ୱରାଜ, ଓଡ଼ିଶାର ସମାଜ ସଂସ୍କାର ଆନ୍ଦୋଳନ ଇତ୍ୟାଦି  ଗ୍ରନ୍ଥ ଗୁଡିକ ପ୍ରକାଶିତ ହୋଇଛି । ସଂକଳିତ କବିତା ଗ୍ରନ୍ଥ ଗୁଡିକ ମଧ୍ୟରେ ଗଣସଂଗୀତ, ସ୍ୱରାଜ ଖେମୁଣ୍ଡୁଙ୍କ ନିର୍ବାଚିତ କବିତା, ଚନ୍ଦ୍ରଭାଗା ଇତ୍ୟାଦି ପ୍ରକାଶିତ। 'ନବ୍ୟ ଉଦାରବାଦୀ ଶାସନରେ ଭାରତର କୃଷକ' ପୁସ୍ତକଟି ଦ୍ୱାରା ଅନୁବାଦ ହୋଇଛି। ଏତଦବ୍ୟତୀତ ଆଦିବାସୀ ଓ ଦଳିତ ଜୀବନ, ସଂସ୍କୃତି ଏବଂ ସାଂପ୍ରତିକ ସମସ୍ୟା ଆଧାରିତ ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ପ୍ରବନ୍ଧ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ପ୍ରକାଶିତ ହୋଇଛି  ।

## ଶ୍ରୀ ଗଙ୍ଗାଧର ମାଝୀ



ଶ୍ରୀ ଗଙ୍ଗାଧର ମାଝୀ ୧୯୪୨ମସିହା, ଜୁନ୍ ମାସ ୧୪ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ଝୁମ୍ପୁରା ଗ୍ରାମର ଏକ ସାଧାରଣ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଶ୍ରୀ ରଘୁନାଥ ମାଝୀ ଏବଂ ମାତାଙ୍କ ନାମ ଶ୍ରୀମତୀ ବୁଦ୍ଧିନୀ ମାଝୀ । ସେ ନିଜ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସମାପ୍ତ କରି ସୁନ୍ଦରଗଡ଼ସ୍ଥିତ ବି.ଏ.ଏସ୍. ହାଇସ୍କୁଲ୍‌ରେ  ଶିକ୍ଷା ପ୍ରାପ୍ତ କରିଥିଲେ ଏବଂ ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁରରୁ ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ କରିଥିଲେ । ପରବର୍ତ୍ତୀ ସମୟରେ କିଛି ବର୍ଷ ଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ରାଜନୀତିରେ  ଯୋଗ ଦେଇ ୧୯୭୧ ରୁ ୧୯୭୫ ମସିହା ପର୍ଯ୍ୟନ୍ତ ଲୋକସଭାର ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୦ ରୁ ୨୦୦୬ ମସିହା ପର୍ଯ୍ୟନ୍ତ ଲଗାତାର ସେ ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ଜନସାଧାରଣଙ୍କ ସେବା କରିଥିଲେ। ତାଙ୍କ ରାଜନୀତି ଜୀବନର କାର୍ଯ୍ୟକାଳ ମଧ୍ୟରେ ସେ ୧୯୮୯ ରୁ ୧୯୯୦ ମସିହାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଓଡ଼ିଶା ସରକାରଙ୍କର ମନ୍ତ୍ରୀ ପଦବୀ ଅଳଙ୍କୃତ କରିଥିଲେ । ପୁନଶ୍ଚ ସେ ୧୯୯୬ ରୁ ୧୯୯୯ ପର୍ଯ୍ୟନ୍ତ କ୍ରୀଡାମନ୍ତ୍ରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ସେ ଏକାଧାରରେ ଜଣେ ସଫଳ ରାଜନୀତିଜ୍ଞ, ସମାଜସେବକ ଏବଂ ଉଦାରବାଦୀ ସାହିତ୍ୟିକ ଥିଲେ। ଜଣେ ସମାଜସେବକ ହିସାବରେ ସେ ଜନଜାତିମାନଙ୍କ ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟକରିଛନ୍ତି। ଓଡିଶାର କୃତୀ ଆଦିବାସୀ ସନ୍ତାନ ବିପ୍ଳବୀ ମାଦ୍ରୀ କାଲୋଙ୍କ ଉପରେ ସେ ରଚନା କରିଥିବା ପୁସ୍ତକ ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ ଦ୍ୱାରା ୧୯୯୮ ମସିହାରେ ପ୍ରକାଶିତ ହୋଇଅଛି। ୨୦୦୬ ମସିହା ମଇ ମାସ ୨୦ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ।

## ଡକ୍ଟର ଅନନ୍ତ ଚରଣ ସାହୁ



ଡ଼ ଅନନ୍ତ ଚରଣ ସାହୁ ୧୯୯୪ ମସିହା ନଭେମ୍ବର ୧୦ ତାରିଖ ଠାରୁ ୧୯୯୫ ମସିହା ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ନିର୍ଦ୍ଦେଶକ ତଥା ସଦସ୍ୟ ସଚିବ ଭାବରେ କାର୍ଯ୍ୟରତ ଥିଲେ। ପୁନର୍ବାର ୨୦୦୩ ମସିହା ଫେବୃୟାରୀ ମାସ ୧୯ ତାରିଖ ଠାରୁ ୨୦୦୮ ମସିହା ଫେବୃୟାରୀ ମାସ ୧୭ ତାରିଖ ପର୍ଯ୍ୟନ୍ତ ଉକ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଜଣେ ସାହିତ୍ୟ ପ୍ରେମୀ ଅଧିକାରୀ ଥିଲେ । ତାଙ୍କ ନିର୍ଦ୍ଦେଶନାରେ ଏକାଡ଼େମୀ ପକ୍ଷରୁ "ସର୍ଦ୍ଦାର ରେଣ୍ଡୋ ମାଝୀ" ପୁସ୍ତକଟି ପ୍ରକାଶିତ ହୋଇଥିଲା। ଜନଜାତି କଳା, କଳା ବସ୍ତୁ ସଂଗ୍ରହ ଓ ତାର ପ୍ରସାର ନିମନ୍ତେ ସେ ବିଶେଷ ଉଦ୍ୟମ କରିଥିଲେ । ଜଣେ ନୃତତ୍ତ୍ୱ ପ୍ରେମୀ, ଗବେଷକ ଭାବରେ ସେ ସୁପରିଚିତ।

## ପ୍ରଫେସର ଜଗନ୍ନାଥ ପଟ୍ଟନାୟକ



ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଦେଶର ଜଣେ ପ୍ରତିଷ୍ଠିତ ଐତିହାସିକ ଭାବେ ସୁବିଦିତ। ୧୯୫୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ପରୀକ୍ଷାରେ ପ୍ରଥମ ସ୍ଥାନ ପାଇ ସେହି ବର୍ଷ ରେଭେନ୍ସା ମହାବିଦ୍ୟାଳୟରେ ଇତିହାସ ବିଭାଗର ଅଧ୍ୟାପକ ରୂପେ ଯୋଗ ଦେଇଥିଲେ। ୧୯୯୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଜଣେ ପାଠ୍ୟପୁସ୍ତକ ରଚୟିତା ଭାବେ ସେ ଓଡ଼ିଶାର ଛାତ୍ର ମହଲରେ ସୁପରିଚିତ। ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ତାଙ୍କ ରଚିତ ୪୦ ଖଣ୍ଡ ପାଠ୍ୟପୁସ୍ତକ ମଧ୍ୟରୁ ୧୯୬୦ ମସିହାରେ ଲିଖିତ 'ପୃଥିବୀ ଇତିହାସ' (World History) ର ୪୦ରୁ ଉର୍ଦ୍ଧ୍ୱ ସଂସ୍କରଣ ମୁଦ୍ରିତ ହୋଇସାରିଛି । ଅନ୍ୟ ଦୁଇଟି ପାଠ୍ୟପୁସ୍ତକ History of England ଓ British Rule in India ଓଡ଼ିଶା ତଥା ଓଡ଼ିଶା ବାହାରେ ସମପରିମାଣରେ ପ୍ରଶଂସା ଲାଭ କରିଛି। ତାଙ୍କର ରଚିତ ପାଠ୍ୟପୁସ୍ତକଗୁଡିକ ମଧ୍ୟରେ ଭାରତ ଇତିହାସ, ପୃଥିବୀ ଇତିହାସ, ଇଉରୋପ ଇତିହାସ ଓ ଇଂଲଣ୍ଡ ଇତିହାସ ଛାତ୍ରଛାତ୍ରୀ, ଶିକ୍ଷକ ଓ ଗବେଷକମାନଙ୍କ ଦ୍ୱାରା ବହୁଳ ଭାବେ ଆଦୃତ ହୋଇଛି । ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଗବେଷଣାଭିତ୍ତିକ ୧୦ଟି ପୁସ୍ତକ ଓ ଶତାଧିକ ପ୍ରବନ୍ଧର ରଚୟିତା। ଗବେଷଣାତ୍ମକ ପୁସ୍ତକ Feudatory States of Orissa (2 vols), ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଓ ରକ୍ତତୀର୍ଥ ଇରମ ଆଦି ତାଙ୍କର ଗୋଟିଏ ଗୋଟିଏ ଅକ୍ଷୟ କୀର୍ତ୍ତି ।

## ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ



ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଚାଳିଶ ବର୍ଷରୁ ଉର୍ଦ୍ଧ ସମୟ ଧରି ଓଡ଼ିଶା ସରକାରରେ ବହୁବିଧ ଦାୟିତ୍ୱ ନିର୍ବାହ କରିଛନ୍ତି । ମୁଖ୍ୟତଃ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ, ରାଜ୍ୟ ପ୍ରବରଣ ମଣ୍ଡଳୀର ସଭାପତି ତଥା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟନିର୍ବାହ କରିଥିଲେ। ଏତଦ୍ ବ୍ୟତୀତ ସେ କଳିଙ୍ଗ ଇନଷ୍ଟିଚ୍ୟୁଟସ୍ ଅଫ ସୋସିଆଲ ସାଇନ୍ସେସ୍‌ର ପ୍ରୋ-ଭାଇସଚାନ୍ସେଲର ମଧ୍ୟ ଥିଲେ । ଇଂରାଜୀ ଓ ଓଡ଼ିଆ ଭାଷାରେ ପ୍ରାୟ ୫୦ ଖଣ୍ଡ ପୁସ୍ତକର ସେ ରଚୟିତା । ତନ୍ମଧ୍ୟରୁ ୧୨ଟି ମୌଳିକ ଗବେଷଣାଧର୍ମୀ ପୁସ୍ତକ ହେଉଛି Social History of 19th Century Orissa, History and Culture of Khond Tribes, Comprehensive History of Modern Orissa, Hidden Treasures of Tribal Patriotism, Revitalized Orissa : Identity, Integration, Independence, Lakshman Naik: A Study in Tribal Patriotism, Manmath Nath Das : A Multifaceted Personality, Lakshman Naik : Gandhi of Malkangiri, ବିପ୍ଳବୀ ନିର୍ମଳ ମୁଣ୍ଡା, ବିପ୍ଳବୀ ଲକ୍ଷ୍ମଣ ନାୟକ, ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଆଦିବାସୀ ଓ ଲକ୍ଷ୍ମଣ ନାୟକ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ । ଏତଦ୍ ବ୍ୟତୀତ ତାଙ୍କ ସମ୍ପାଦିତ ପୁସ୍ତକ ଗୁଡ଼ିକ ମଧ୍ୟରେ Economic History of Orissa, Religious History of Orissa, Freedom Struggle in Orissa, Glimpses of Orissa Culture, Exploring Orissa History, Sources of Indian History, Glory of Indian Tribes ଓ Hindu Temples of Odisha । ପାଠ୍ୟପୁସ୍ତକ ହିସାବରେ ପୃଥିବୀ ଇତିହାସ, ଇଉରୋପ ଇତିହାସ ଓ ଭାରତ ଇତିହାସ ଉପରେ ଉଭୟ ଇଂରେଜ ଓ ଓଡ଼ିଆ ଭାଷାରେ ଯୁଗ୍ମଭାବେ ପ୍ରାୟ ତିରିଶଟି ପୁସ୍ତକ ରଚନା କରିଛନ୍ତି ।

## ପଦ୍ମଶ୍ରୀ ପ୍ରଫେସର ଡକ୍ଟର ଦମୟନ୍ତୀ ବେଶ୍ରା



ଓଡ଼ିଆ ଭାଷା ସାହିତ୍ୟର ପ୍ରଫେସର ହିସାବରେ ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ସେବା ନିବୃତ୍ତ ପଦ୍ମଶ୍ରୀ ପ୍ରଫେସର ଡଃ ଦମୟନ୍ତୀ ବେଶ୍ରା ଜଣେ ଜନଜାତି ଗବେଷିକା, ଲେଖିକା, ସମାଲୋଚିକା, ଅନୁବାଦିକା ତଥା ଶିଶୁ ସାହିତ୍ୟିକା। ସେ ଉଭୟ ଓଡ଼ିଆ ଏବଂ ସାନ୍ତାଳୀ ଭାଷାରେ ଲେଖନ୍ତି। ଏପର୍ଯ୍ୟନ୍ତ ତାଙ୍କର ସାନ୍ତାଳୀ ଭାଷାରେ ପଚିଶଟି, ଓଡ଼ିଆରେ ନଅଟି, ବିଭିନ୍ନ ଭାଷାରୁ ସାନ୍ତାଳୀ ଭାଷାକୁ ଦଶଟି ଅନୁବାଦ

ପୁସ୍ତକ ଓ ପାଞ୍ଚଟି ସମ୍ପାଦନା ପୁସ୍ତକ ପ୍ରକାଶିତ ହୋଇଛି । ସେ 'କାରାମ ଡାର' (ସାନ୍ତାଳୀ ନାରୀ ପତ୍ରିକା)ର ସମ୍ପାଦିକା । ପ୍ରଫେସର ବେଶ୍ରା ଅଧୁନା ଜନଜାତିଙ୍କ ଉପରେ ଗବେଷଣା ଓ ସମାଜ ସେବାରେ ନିଜକୁ ନିୟୋଜିତ କରିଛନ୍ତି । ୨୦୦୯ ମସିହାରେ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ତାଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି ।

## ଡକ୍ଟର ଅଶୋକ କୁମାର ଦାସବାବୁ



ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ସବ୍‌ଡିଭିଜନ ଅନ୍ତର୍ଗତ ନୁଦଡିହା ଗ୍ରାମରେ ୧୯୬୧ ମସିହା ଅଗଷ୍ଟ ୧୨ ତାରିଖରେ ଜନ୍ମ ଗ୍ରହଣ କରିଥିବା ଡକ୍ଟର ଅଶୋକ କୁମାର ଦାସବାବୁ ଉଚ୍ଚଶିକ୍ଷା ନିମନ୍ତେ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ୧୯୮୩ ମସିହାରେ ଓଡ଼ିଆରେ ସ୍ନାତକୋତ୍ତର ଉପାଧି ହାସଲ କରିବା ପରେ ପ୍ରାବନ୍ଧିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଶୀର୍ଷକ ନିବନ୍ଧ ଲେଖି ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୯୦ ମସିହାରେ ପିଏଚ୍. ଡି. ଡିଗ୍ରୀ ହାସଲ କରିଥିଲେ । ସେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀରେ କିଛି କାଳ ଗବେଷଣା ସହଯୋଗୀ ରୂପେ କାର୍ଯ୍ୟ କରିଥିଲେ । ସୁନ୍ଦରଗଡ ଜିଲ୍ଲାର ଖଡିଆ ସଂପ୍ରଦାୟ ଉପରେ ତାଙ୍କର ଏକ ଭାଷାତାତ୍ତ୍ୱିକ ପୁସ୍ତକ ପ୍ରକାଶିତ ହୋଇଛି । ପରବର୍ତ୍ତୀ ସମୟରେ ସେ ସୌରା ଲିପିର ଉତ୍ପତ୍ତି ସଂପର୍କରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଅଧୀନରେ ଗବେଷଣା କରିଥିଲେ । ୧୯୯୦ ମସିହା ଠାରୁ ନବରଙ୍ଗପୁର ଜିଲ୍ଲାର ଇନ୍ଦ୍ରାବତୀ ପ୍ରକଳ୍ପ ମହାବିଦ୍ୟାଳୟରେ ଅଧାପନା କରି ୨୦୨୧ ମସିହା ଅଗଷ୍ଟ ମାସରେ ସେ ଅବସର ଗ୍ରହଣ କରିଛନ୍ତି । ଶଶିଭୂଷଣ ରାୟଙ୍କ ନିର୍ବାଚିତ ପ୍ରବନ୍ଧ ଶୀର୍ଷକ ଏକ ସଂକଳନ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ । ତାଙ୍କର ବହୁ ସାହିତ୍ୟ ସମାଲୋଚନା ପ୍ରବନ୍ଧ ଓଡ଼ିଶାର ବହୁ ପତ୍ରପତ୍ରିକାରେ ପ୍ରକାଶିତ । ସଂପ୍ରତି ସେ ପୁରୀରେ ଅବସ୍ଥାନ କରୁଛନ୍ତି ।

